ଫେବୃଆରୀ ୨୦୨୧ • ୫୦ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



## ପ୍ରସଙ୍ଗ:
## ଜନଜାତି



New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

## ରେବତୀ
### ଆମ ମାଟିର ସ୍ୱର

ତୃତୀୟ ବର୍ଷ : ୪ର୍ଥ ସଂଖ୍ୟା, ଫେବୃଆରୀ ୨୦୨୧ ■ Vol-3, Issue : 4, February 2021



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**ସମ୍ପାଦକୀୟ କାର୍ଯ୍ୟାଳୟ | Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*
: *rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

# ରେବତୀର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ: ସମ୍ପାଦିକା, 'ରେବତୀ',
ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com
: rebati.edit2020@gmail.com

# ମାଟିର ଜୀବନ - କୃଷକର ସମ୍ମାନ



## ଚାଷୀଭାଇମାନଙ୍କୁ 'ଇଫ୍‌କୋ'ର ଆନ୍ତରିକ ଅଭିନନ୍ଦନ

## ପ୍ରତ୍ୟେକ ଚାଷୀଭାଇର ପ୍ରଥମ ଆବଶ୍ୟକତା




## ଇଫ୍‌କୋ ସାର ଅଧିକ ଅମଳ

## ସୁଷମ ସାର ଲାଭ ପ୍ରଚୁର

IFFCO
Wholly owned by Cooperatives

ଇଣ୍ଡିଆନ୍ ଫାରମର୍ସ୍ ଫର୍ଟିଲାଇଜର୍ କୋଅପରେଟିଭ୍ ଲିମିଟେଡ୍
ପାରାଦ୍ୱୀପ ୟୁନିଟ୍, (ଓଡିଶା)

ଚାଷୀର ନିଜସ୍ୱ ସମବାୟ ସଂସ୍ଥା- **ଇଫ୍‌କୋ**

**ଅଧିକ ଅମଳ ପାଇଁ ଇଫ୍‌କୋ ଏନ୍.ପି.କେ ୧୦ : ୨୬ : ୨୬, ଡି.ଏ.ପି. ୧୮ : ୪୬ ଏବଂ ୟୁରିଆ ସାର ସର୍ବୋତ୍କୃଷ୍ଟ ଅଟେ ।**

ସୂ ଚୀ ପ ତ୍ର

୩ୟ ବର୍ଷ  ୪ର୍ଥ ସଂଖ୍ୟା । ଫେବୃଆରୀ ୨୦୨୧ ।

ଲୋକରଙ୍ଗ
ଆମ ମାଟିର ସ୍ୱର

୧୧ ସମ୍ପାଦକୀୟ : ନାରୀ ଜୀବନର... : ସୁବାସିନୀ ଜେନା









୧୬
ମାନନୀୟେଷୁ : ଭୂପେନ୍‌ଙ୍କ ଭାବଭୂମୀ :
ଅଙ୍ଗୁରବାଳା ପରିଡ଼ା

୨୦
କଳାସଂସ୍କୃତି-୧ : କାନ୍ଥକଳାର କୁହୁକ :
ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

୨୪
ଭ୍ରମଣ କାହାଣୀ-୧ : ପରଜାର... :
ରବି ପଣ୍ଡା

୨୮
ଅବଲୋକନ : ପୁୟୂର ପୃଥିବୀ:
ମଣୀନ୍ଦ୍ର କୁମାର ମେହେର


୩୩
ପର୍ବପର୍ବାଣି-୧ : ବଲାଣିର ବୈଚିତ୍ର୍ୟ :
ରୂପେଶ କୁମାର ସାହୁ

୩୮
ପ୍ରଥାପରମ୍ପରା-୧ :ଭତରା ସମାଜର ...:
ପ୍ରଦୀପ କୁମାର ମିଶ୍ର

୪୩
ପର୍ବପର୍ବାଣି-୨ : ମଣ୍ଡେଇର ମହକ:
କେଦାରେଶ୍ୱର ପଟ୍ଟନାୟକ

୪୮ କଳାସଂସ୍କୃତି-୨ : କ୍ଷେତ୍ରବାସୀ ନାଏକ
୫୩ ଆଇନକାନୁନ : ସ୍ନିଗ୍ଧା ତ୍ରିପାଠୀ
୫୪ ଦ୍ୱି-ପ୍ରଚ୍ଛଦ : କଲ୍‌କୀ କୃଷ୍ଣ
୫୬ ସମକାଳ କବିତା : ବିମଳ ଜେନା
୫୭ : ଧନଞ୍ଜୟ ସ୍ୱାଇଁ
: ନର୍ମଦା ନୀଳୋତ୍ପଳା
୫୮ : ଅଭୟ ଦାସ
: ପ୍ରବାସିନୀ ମହାକୁଡ଼
୫୯ : ତପନ ମାଝୀ
: ପ୍ରଶାନ୍ତ ଦାସ
୬୦ : ପ୍ରଭାତ ନଳିନୀ ମହାପାତ୍ର
: ତନ୍ମୟୀ ପଣ୍ଡା
୬୧ : ପ୍ରୀତିଲେଖା ଦାସ
: ସୁଜାତା ମହାପାତ୍ର
୬୨ : ପିନାକୀ ମିଶ୍ର
୬୩ : ଶ୍ରୀହରି ଧଳ
: ନୃସିଂହ ତରାଇ
















୬୪ କଥା-କାହାଣୀ : ସ୍ୱପ୍ନା ମିଶ୍ର

୭୧ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୭୭ ବ୍ୟକ୍ତିତ୍ୱ : ଡକ୍ଟର କବିତା ବାରିକ

୮୨ ଭ୍ରମଣ କାହାଣୀ-୨ : ସ୍ୱାଗତିକା ସେଠୀ

୮୮ ପର୍ବପର୍ବାଣି-୩ : ରଞ୍ଜନ ପ୍ରଧାନ

୯୪ ପ୍ରଥାପରମ୍ପରା-୨ : ଦ୍ୱିତୀଚନ୍ଦ୍ର ସାହୁ





## ନିୟମିତ ବିଭାଗ


୧୦୩ ରୋଷେଇଶାଳ : ଗୀତାମଣି ସିଂ









୧୦୫ ଶେଷପୃଷ୍ଠା : ଲେଖକର ବାର୍‌କୋଡ୍ : କୃଷ୍ଣ କୁମାର ମହାନ୍ତି





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ଏଲିନା ସିଂ,** ବାରିପଦା
ଉଚ୍ଚତା : **୫ ଫୁଟ୍ ୨ ଇଞ୍ଚ୍**
ଶିକ୍ଷା : **କମ୍ପ୍ୟୁଟର୍ ବିଜ୍ଞାନରେ ସ୍ନାତକ ଶେଷବର୍ଷ ଛାତ୍ରୀ**
ବୃତ୍ତି : **ଅଭିନୟ**
ପ୍ରଚ୍ଛଦ ଫଟୋଗ୍ରାଫି : **ସୁବ୍ରତ କୁମାର,** ବାରିପଦା
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ,** ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର
ମେକ୍‌ଅପ୍ : **ଦୀପକ ଦାସ,** କଷ୍ଟ୍ୟୁମ୍ : **ଗୀତାରାଣୀ ସିଂ**
ସ୍ଥାନ : **ସୀତାକୁଣ୍ଡ, ମୟୂରଭଞ୍ଜ**

**ମଲାଟ କଥା :** ଗୋଟିଏ ସମୟ ଥିଲା ଯେତେବେଳେ ମୁଣ୍ଡରେ ଅବା କାଖରେ ଜଳଭରା କଳସୀ ନେଇ ଘରକୁ ଆସୁଥିଲେ ଆମର କୁଳବଧୂମାନେ । ସେଇ ଜଳ କେଉଁ ଦୂର କୂଅ କିମ୍ବା ବାଲିଚୁଆର ଝରରୁ ସଂଗୃହୀତ ହେଉଥିଲା । ସେଥିରେ ଘରର ସବୁପ୍ରାଣୀଙ୍କ ଶୋଷ ମେଣ୍ଟୁଥିଲା ତ ରୋଷେଇ ବି ହେଉଥିଲା । ଆଜିର ସମୟରେ ଘରେ ଘରେ ପାଇପ୍ ଯୋଗେ ଜଳ ପହଞ୍ଚି ଯାଉଛି । ତଥାପି କେଉଁ ଦୂର ପାହାଡ଼ଜଙ୍ଗଲ ଘେରା ଅଞ୍ଚଳରେ ରହୁଥିବା ଆମ ଜନଜାତିର ଝିଅଟିଏ ବା ବଧୂଟିଏ ପାଣି ନେଇ ଫେରୁଥିବାର ଦୃଶ୍ୟ ଏବେ ବି ଦେଖାଯାଏ । ସେପରି ଏକ ଦୃଶ୍ୟ ଏଥର ଆମ ପ୍ରଚ୍ଛଦ । ପ୍ରଥମଥର ପାଇଁ ଜଣେ ଜନଜାତିର ଝିଅ ଆମର କଭର୍ ମଡ଼େଲ୍ ହୋଇଛନ୍ତି ।






## କବିତା ଓ କାହାଣୀର ଅଙ୍ଗସଜ୍ଜା ଚମତ୍କାର

● ଦୁଇଦିନ ଲାଗିଲା ସମ୍ପୂର୍ଣ୍ଣ ପଢ଼ି ସାରିବାକୁ ନୂଆବର୍ଷର ନୂଆମୁହଁ ଭରା 'ରେବତୀ'। ପ୍ରତିଭାମାନଙ୍କୁ ସଜାଡ଼ି ସାଇତି ସୁନ୍ଦର ଭାବରେ ଧରି ରଖିଛି ପ୍ରତିଟି ପୃଷ୍ଠା। ଓଡ଼ିଶାର ଭିନ୍ନ ଭିନ୍ନ କ୍ଷେତ୍ରରୁ ଭିନ୍ନ ଭିନ୍ନ ପ୍ରତିଭାମାନଙ୍କୁ ସେମାନଙ୍କ ମାର୍ଗଦର୍ଶକଙ୍କ ଦ୍ୱାରା ଯେପରି ଉପସ୍ଥାପିତ କରାଯାଇଛି, ସେ ପାଇଁ ସମ୍ପାଦକଙ୍କୁ ଅନେକ ଶୁଭକାମନା। କବିତା, କାହାଣୀ ବିଭାଗର ଚିତ୍ରାୟନ ଏବଂ ଅଙ୍ଗସଜ୍ଜା ମଧ୍ୟ ଥିମ୍‌କୁ ଆହୁରି ଗଭୀର କରିଛି। ପତ୍ରିକାଟିକୁ ପଢ଼ିବା ଭିତରେ ଏମିତି ଗୋଟିଏ ପୃଷ୍ଠା ନାହିଁ ଯେଉଁଠି ଆଗ୍ରହ କମିବ। ଏମିତି ନୂଆ ନୂଆ ଶୈଳୀ ଏବଂ ପରିବେଷଣକୁ ନେଇ 'ରେବତୀ' ଆହୁରି ସମୃଦ୍ଧ ହେଉ। ଏକ ସ୍ୱତନ୍ତ୍ର ଧନ୍ୟବାଦ ଚିତ୍ରକର 'ଫିର୍ଦୌସୀ ତବସୁମ୍'ଙ୍କ ପାଇଁ, ଯିଏ ମୋ ଗଳ୍ପ 'ଦୃଷ୍ଟି ଦଂଶନ'କୁ ଏକ ନୂଆ ରୂପ ଦେଇଛନ୍ତି ତାଙ୍କ ଚିତ୍ର ମାଧ୍ୟମରେ। କାହାଣୀର ଥିମ୍‌କୁ ଚିତ୍ର ଆହୁରି ମଜବୁତ କରି ଗଢ଼ି ତୋଳିଛି। ହୃଦୟରୁ ଅନେକ ଧନ୍ୟବାଦ।

**ଜ୍ୟୋତିପୁଷ୍ପା ଦାସ,**
ବାଲେଶ୍ୱର

### ଭ୍ରମ ସଂଶୋଧନ



ଜାନୁଆରୀ-୨୦୨୧ ସଂଖ୍ୟାରେ ନଅ ନୂଆମୁହଁ କ୍ରମରେ ମାନମୟୀ ରଥଙ୍କ ଉପସ୍ଥାପନା ପ୍ରକାଶିତ ହୋଇଥିଲା। ଏଥିରେ ଚିତ୍ରଶିଳ୍ପୀ ସମରେନ୍ଦ୍ର ବେହେରାଙ୍କ ଉପରୋକ୍ତ ଚିତ୍ରଟି ବିଶ୍ୱଜିତ ଗିରିଙ୍କ ଆଲେଖ୍ୟ ସହ ଭୁଲବଶତଃ ମୁଦ୍ରିତ ହୋଇଛି। ଏଠାରେ ଆମେ ତାଙ୍କର ଚିତ୍ରଟିକୁ ପ୍ରକାଶ କରିବା ସହ ଏ ଅନିଚ୍ଛାକୃତ ତ୍ରୁଟି ପାଇଁ ଦୁଃଖ ପ୍ରକାଶ କରୁଛୁ।




## ଶ୍ରଦ୍ଧା, ବିଶ୍ୱାସ ଓ ଅଙ୍ଗୀକାରର ପ୍ରତିବିମ୍ବ : ରେବତୀ

● 'ରେବତୀ' ଜାନୁଆରୀ ୨୦୨୧ ନୂଆବର୍ଷ ସଂଖ୍ୟା ଆଜି ମୋର ହସ୍ତଗତ ହୋଇଛି। ଚଳିତ ସଂଖ୍ୟାରେ ନୂଆ ଚେହେରାକୁ ଘେନି ଶ୍ରଦ୍ଧା, ବିଶ୍ୱାସ ଓ ଅଙ୍ଗୀକାରର ଯେଉଁ ଆଇନାଟିଏ ତିଆରି କରିବାରେ ସମର୍ଥ ହୋଇପାରିଛନ୍ତି, ସେଥିପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ ଓ ସାଧୁବାଦ ଜଣାଉଛି। ପରମ୍ପରା ଓ ଆଧୁନିକତାର ସମନ୍ୱୟ ବି ଝଲସି ଉଠିଛି। ମୁଁ ସର୍ବାଧିକ ଖୁସି ଏଥିପାଇଁ ଯେ ତଥାକଥିତ ଅଧ୍ୟାପକୀୟ ଓ ସମାଲୋଚକୀୟ ଧାରାରେ ଆମର ନବପ୍ରତିଭା ଏବଂ ସମ୍ଭାବନାମାନଙ୍କର ଚିହ୍ନଟ ତଥା ମୂଲ୍ୟାୟନ ହୋଇନାହିଁ। ସମକାଳ ସୃଜନଶୀଳ ସ୍ରଷ୍ଟାମାନେ ଉଚ୍ଛ୍ୱସିତ ଆକଳନ କରିଛନ୍ତି। ଏହା ଏମାନଙ୍କୁ ଆଗକୁ ଯିବା ଏବଂ ଅଧିକ ସୃଜନମନସ୍କ ହେବାରେ ନିଶ୍ଚୟ ପ୍ରେରଣା ଯୋଗାଇବ। ପ୍ରସିଦ୍ଧ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପରେ ରଞ୍ଜନ କୁମାର ପ୍ରଧାନଙ୍କ ଆଲେଖ୍ୟ-ସାକ୍ଷାତକାର 'ଶତାବ୍ଦୀର ସୂର୍ଯ୍ୟ ଶାନ୍ତନୁ କୁମାର ଆଚାର୍ଯ୍ୟ' ପତ୍ରିକାଟିର ମୂଲ୍ୟବାନ ବିଭବ। ହେଲେ ଅଧିକ ଉପାଦେୟ ମନେହେଲା 'ନୂଆମୁହଁ' ପ୍ରସଙ୍ଗରେ ସାହିତ୍ୟ ବ୍ୟତିରେକ ଚିତ୍ରକଳା, ସାମ୍ବାଦିକତା, ସମ୍ପାଦନା ଓ ସେବା କ୍ଷେତ୍ରରେ ପ୍ରତିଭାଙ୍କୁ ଅନାବରଣ କରାଯାଇଛି। ପ୍ରିୟ ପବିତ୍ର ମୋହନ ଦାଶଙ୍କ ରଚିତ ଉପନ୍ୟାସ 'ଦାସେ ଆପଣେ' ତ ପାଠକୀୟ ପ୍ରତୀକ୍ଷାର ଆସନ ନେଇ ସାରିଛି। ବଡ଼ଭାଇ ବିରଜା ବଳ ଯୀଶୁକ୍ରୀଷ୍ଟ ଦାସ ଏବଂ ଅନୁଜ ସୁଜିତ ପଣ୍ଡା ଡିଲେଶ୍ୱର ରଣାଙ୍କୁ ସ୍ୱତନ୍ତ୍ର ଭାବେ ଚିହ୍ନଟ କରିଛନ୍ତି, ହୃଦୟର ପରିଭାଷା ନିଗାଡ଼ିଛନ୍ତି। ଖୁବ ଭଲକଥା। ଡିଲେ ଓ ଯୀଶୁ ବେଶି ଫୁଲି ଯିବନିରେ! ନିନ୍ଦା-ପ୍ରଶଂସା ଉର୍ଦ୍ଧ୍ୱରେ ନିଜର ସୃଜନବଳୟକୁ ଫର୍ଚ୍ଚା ଓ ପରିସ୍ଫୁଟନ କରିବ (ପରାମର୍ଶ, ଉପଦେଶ କି ଆଦେଶ ନୁହେଁ)। ଶ୍ୱେତା ରାଉତଙ୍କ 'ପୁଷ୍ପ ବିତାନ' କ୍ରମରେ 'ଦୁଦୁରା' ସମ୍ପର୍କିତ ଆଲେଖ୍ୟରୁ ଅନେକ କଥା ଜାଣିହେଲା। ଋତୁକାଳୀନ ଫଳ ଉପରେ ମଧ୍ୟ ପରିଚର୍ଯ୍ୟା କରାଯାଇପାରେ।

ସମ୍ପାଦକୀୟରେ ଆପଣ ଲେଖକର ନୂଆପଣ ସମ୍ପର୍କରେ ତରଙ୍ଗାୟିତ ଚିନ୍ତନର ବୀଜ ବୁଣି ଦାୟବଦ୍ଧତାର ପରିଚୟ ଦେଇଛନ୍ତି। କୌଣସି ଏକ ସଂଖ୍ୟାରେ ନୂଆପିଢ଼ିର ସାହିତ୍ୟିକଙ୍କ ନୂଆପଣ ଓ ନିଜପଣକୁ ପ୍ରସଙ୍ଗ କରାଯାଇପାରେ। ହଁ, ଏଠାରେ ଗୋଟଏ କଥା ନ କହିଲେ ରହିପାରୁ ନାହିଁ। ତାହାହେଲା , 'ରେବତୀ' ପତ୍ରିକା ପ୍ରକାଶ ପାଇବା ଦିନଠୁ ମୁଁସୌଖୀନ ଭାବେ ଆଗ୍ରହର ସହିତ ଆଜି ପର୍ଯ୍ୟନ୍ତ କ୍ରୟ କରି ଆସୁଥିଲି। ଏଥର ସଂଖ୍ୟା ଦେଖିବା ପରେ ବାର୍ଷିକ ଗ୍ରାହକ ହେବି ନିଶ୍ଚୟ। ପତ୍ରିକାଟିକୁ ସର୍ବାଙ୍ଗସୁନ୍ଦର କରିବାରେ ଆପଣଙ୍କ ପ୍ରୟାସ ପ୍ରେରଣାପ୍ରଦ ଓ ଅନୁକରଣୀୟ। ନିହାତି ସଂଗ୍ରହଣୀୟ ହୋଇପାରିଛି।

**ମନୋଜ କୁମାର ମେହେର,** 'ସମାଜ' ଅଫିସ, ଗୋପବନ୍ଧୁ ଭବନ, କଟକ

## ନେତାଜୀ ଅଭିନନ୍ଦନଙ୍କ ଲେଖା ହୃଦୟସ୍ପର୍ଶୀ ହୋଇ ପାରିଛି

● 'ରେବତୀ'ର ଜାନୁଆରୀ-୨୦୨୧ସଂଖ୍ୟାରେ ନେତାଜୀ ଅଭିନନ୍ଦନଙ୍କ ଲିଖିତ 'ମନ୍ଦିର ଆଗରେ ମୁଣ୍ଡ ନୁଆଁଇଲେ ମୋଗଲ' ହୃଦୟସ୍ପର୍ଶୀ ହୋଇଛି। ଏଥିପାଇଁ ଲେଖକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଲେଖାଟିର ଐତିହାସିକ ପୃଷ୍ଠଭୂମି ଥିବାରୁ ନିମ୍ନଲିଖିତ ତଥ୍ୟ ସନ୍ନିବେଶିତ ହୋଇଥିଲେ ଅଧିକ ସୁନ୍ଦର ହୋଇଥାଆନ୍ତା ବୋଲି ମୋର ତୁଚ୍ଛ ମତ। ଯେପରିକି- ଏକ: ରାମଚନ୍ଦ୍ର ଦେବ ଦ୍ୱିତୀୟ ଓରଫ ହାଫିଜ କାଦାରଙ୍କ ସମୟରେ ଜଗନ୍ନାଥ ପତିତପାବନ ରୂପ ଧାରଣ କରିଥିଲେ। (ତଥ୍ୟ ସୌଜନ୍ୟ: ଚକ୍ରଧର ମହାପାତ୍ରଙ୍କ 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ')

ଦୁଇ: ରାମଚନ୍ଦ୍ର ଦେବ ଦ୍ୱିତୀୟଙ୍କ ପରେ ତାଙ୍କର ପୁତ୍ର ଭାଗିରଥି କୁମାର ବୀରକିଶୋର ଦେବ ନାମ ଧାରଣ କରି ୧୭୩୬=୧୭୯୩ ଯାଏଁ ଖୁରୁଧା ସିଂହାସନରେ ବସିଥିଲେ। ଅବଶ୍ୟ ଏ ସମୟ ଭିତରେ ଚକ୍ରାନ୍ତ କରି ପଟିଆ ରାଜା ପଦ୍ମନାଭ ଦେବ ସାମୟିକ ଭାବେ ଖୁରୁଧା ସିଂହାସନ ୧୭୩୬-୧୭୩୯ଯାଏଁ ଆରୋହଣ କରିଥିଲେ। (ତଥ୍ୟ ସୌଜନ୍ୟ: ମାଦଳାପାଞ୍ଜି ଓ ଚକ୍ରଧର ମହାପାତ୍ରଙ୍କ 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ')

ତିନି: ରାମଚନ୍ଦ୍ର ଦେବ ଦ୍ୱିତୀୟ ନିଜର ଯବନୀ ପତ୍ନୀ ସୂର୍ଯ୍ୟମଣି ମହାଦେଈ ଓରଫ ରିଜିଆ ବେଗମଙ୍କ ସହ ନରସିଂହପୁରରେ ଆତ୍ମହତ୍ୟା କରିଥିଲେ। ରାଜଦମ୍ପତିଙ୍କ ଅନ୍ତିମ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଶ୍ମଶାନକୁ ମହାଶ୍ମଶାନ କୁହାଯାଏ। (ତଥ୍ୟ ସୌଜନ୍ୟ: ଚକ୍ରଧର ମହାପାତ୍ରଙ୍କ 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ')

**ଅରବିନ୍ଦ ପଟ୍ଟନାୟକ,** ଭୁବନେଶ୍ୱର

**ଆମ ଉତ୍ତର :** ଆପଣଙ୍କର ମତାମତ ପାଇଁ ଆପଣଙ୍କୁ ଧନ୍ୟବାଦ ଜଣାଇବା ସହ ଏତଦ୍ୱାରା ଆମେ ଲେଖକ ନେତାଜୀ ଅଭିନନ୍ଦନଙ୍କୁ ସୂଚନା ଦେବାକୁ ଚାହିଁବୁ କି ସେ ଆପଣଙ୍କ ତଥ୍ୟ ସମ୍ପର୍କରେ ତାଙ୍କର ନିଜସ୍ୱ ମତ ରଖିବେ।

## ଧାନକୁ ନେଇ ଏଥରର ସ୍ୱତନ୍ତ୍ର ପ୍ରସଙ୍ଗ ବେଶ୍ ଉପଭୋଗ୍ୟ

● ଡିସେମ୍ବର 'ରେବତୀ'ର ପ୍ରଚ୍ଛଦ କହୁଛି ଆମ ମାଟିର କଥା, ସଂସ୍କୃତିର କଥା । ଏକ ସୁନ୍ଦର ଥିମ୍‌କୁ ଆଧାର କରି ଯଦିଓ 'ରେବତୀ'ର ପ୍ରଚ୍ଛଦପଟ ଆମକୁ ଆହୁରି ସଂସ୍କୃତିପ୍ରାଣ ହୋଇ ଉଠିବାକୁ ପ୍ରେରଣା ଦେଉଛି, ତଥାପି ମୋତେ କେଜାଣି କାହିଁକି ଲାଗିଲା ଯେତେ ମାତ୍ରାରେ ଝୋଟି ପ୍ରତି ଆକର୍ଷିତ କରିବା କଥା ତାହା କରିପାରି ନାହିଁ । ଝୋଟି ଆଙ୍କୁଥିବା ବେଳର ଚିତ୍ର ହୁଏତ ଅଧିକ ସୁନ୍ଦର ଲାଗିଥାନ୍ତା । କିନ୍ତୁ ଏଠି ଅଧିକ ଫୋକସ୍ ମୁହଁକୁ କରାଯାଇଛି । ସବୁଥର ପରି ସୁବାସିନୀ ଜେନା ମାମ୍‌ଙ୍କ ସମ୍ପାଦକୀୟ ଏକ ସୁନ୍ଦର ବାର୍ତ୍ତା ବହନ କରିଛି । ନାରୀର ମାତୃତ୍ୱର ମହନୀୟତା, ତାର ସହନଶୀଳତାର ଅସୀମତା ସତରେ ନାରୀକୁ ପୂଜନୀୟା କରିଛି । କୃଷି ମହାବିଦ୍ୟାଳୟର ଛାତ୍ର ଭାବେ ମୁଁ ସବୁଠୁ ଅଧିକ ଉପଭୋଗ କଲି ଏଥର ଧାନକୁ ନେଇ ସ୍ୱତନ୍ତ୍ର ଫିଚର୍ ସବୁ । ଧାନ ବିନା ଅନ୍ନ କାହିଁ, ଅନ୍ନ ବିନା ଜୀବନ ଯେ କାହିଁ । ସେଇ ଜୀବନର କଥାକୁ ଉଭୟ ଗବେଷଣାତ୍ମକ ଓ କଳାତ୍ମକ ଢଙ୍ଗରେ ଉପସ୍ଥାପନ କରିଛି ଏଥର 'ରେବତୀ' ତାର ରଙ୍ଗୀନ ପୃଷ୍ଠାରେ । 'ଧାନଚାଷର ଗହନ କଥା' ଓ 'ଧାନ ମଣିଷ'– ଏ ଦୁଇଟି ମୋ ମତରେ ଆମ ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ର ପଢ଼ିବା ଆବଶ୍ୟକ । ମୋର ଆଗ୍ରନୋମି (କ୍ଷେତ୍ରବିଜ୍ଞାନ)ରେ ପିଏଚ୍‌ଡି କରୁଥିବା ଜଣେ ବନ୍ଧୁଙ୍କ ମଧ୍ୟ ପଢ଼ାଇଛି ଏ ଫିଚର୍ । ଖୁବ୍ ଉପାଦେୟ ମନେ ହୋଇଛି ତାଙ୍କୁ ଏ ଫିଚର୍ ଦୁଇଟି । ଧାନକୁ ନେଇ ପୁଣି ଆମ ଓଡ଼ିଆ ସାହିତ୍ୟରେ କେତେ କବିତା– ତାକୁ ନେଇ ଦିଲ୍ଲୀପ ସାର୍‌ଙ୍କ ସ୍ୱତନ୍ତ୍ର ଆଲେଖ୍ୟ 'ଧାନ ହିଁ ଜୀବନ' । ସେ ଓଡ଼ିଆ ସାହିତ୍ୟର କାବ୍ୟଭଣ୍ଡାର ଭିତରେ ଧାନରୁ ଖୋଜିଛନ୍ତି ମହୁ, ଲହୁ, ଭୋକ, ଶୋଷ, କେତେକେତେ ଆଶାର ଉଦୟ–ଅସ୍ତ ସବୁକିଛି । ଆଃ ! ଏମିତି ଏକ ଆଲେଖ୍ୟ ସବୁଦିନ ପାଇଁ ମନେ ରହିବ । କବି ନିତ୍ୟାନନ୍ଦ ନାୟକଙ୍କ ବହି ନିକଟରେ ପଢ଼ିଥିଲି । ତାଙ୍କ ଉପରେ ଏତେ ସୁନ୍ଦର ଫିଚର୍ କରିଥିବାରୁ ବିଶ୍ୱରଞ୍ଜନ ଦାସ ଭାଇଙ୍କୁ ହୃଦୟର ନିଭୃତ ଇଲାକାରୁ ଧନ୍ୟବାଦ ଅର୍ପଣ କରୁଛି । କବିତା ଆରମ୍ଭ କଲି ସ୍ୱପ୍ନା ମିଶ୍ରଙ୍କ ଠୁଁ ସାରିଲି ସ୍ନେହାଶିଷଙ୍କ ପାଖେ । ସବୁଠୁ ବଡ଼ କଥା 'ରେବତୀ' ବରିଷ୍ଠଙ୍କୁ ସୁଯୋଗ ଦେବା ସହ କନିଷ୍ଠଙ୍କ ଲେଖାକୁ ମଧ୍ୟ ସ୍ୱାଗତ କରେ । 'କ ରୁ କୃଷକ', 'ଚାଷୀଗୀତ', 'ଉପମୃତ୍ୟୁ', 'ଧାନର ଆତ୍ମକାହାଣୀ', 'ଆକାଂକ୍ଷା', 'ଫେରିପାରେ', 'କାଉ', 'ଭାତହାଣ୍ଡି' ଶୀର୍ଷକ ପ୍ରତ୍ୟେକଟି କବିତା ଅନ୍ତରର ସୂକ୍ଷ୍ମାତିସୂକ୍ଷ୍ମ ଇଲାକାକୁ ସ୍ପର୍ଶ କଲା । କିଛି କବିତାରେ ସଂଯୋଜିତ ରୂପାୟନ ମୋତେ ଠିକ୍ ଲାଗିଲା ନାହିଁ । ଯେମିତି 'କ ରୁ କୃଷକ'ରେ ସେ ରୂପାୟନ ସ୍ଥାନରେ ହୁଏତ କେଉଁ କୃଷକର ଫଟୋ ସଂଯୋଜିତ କରିଥିଲେ ଭଲ ଲାଗିଥାନ୍ତା । ସେଠି ଏ ରୂପାୟନ ମୋତେ ଯଥାର୍ଥ ଲାଗିଲା ନାହିଁ ଜମା । 'ସୁନାଖଳା' ଓ 'ଧାନର ଆତ୍ମକାହାଣୀ' ପାଇଁ ସମାନ କଥା ହିଁ କହିବି । ସଦାବିହାରୀ ଫୁଲର ଅନେକ ଔଷଧୀୟ ଗୁଣ ଅଛି ଓ ତାକୁ ଆମେ ପଢୁଚୁ ଆମେ ଆମ ପାଠ୍ୟକ୍ରମରେ । ତାକୁ ଓଡ଼ିଆରେ ସୁନ୍ଦର ରୂପେ ତୋଳି ଧରିଛନ୍ତି ଶ୍ୱେତା ରାଉତ ମାଡାମ୍ । ତେବେ ଏହାର ବୈଜ୍ଞାନିକ ନାଁ ketharenthous ନୁହଁ catharanthus ହେବ । ସଦାବିହାରୀରେ ଭିନ୍ନ ବ୍ଲାଷ୍ଟିନ୍ ଓ ଭିନ୍ନ କ୍ରାଷ୍ଟିନ୍ ଥାଏ । ସେ ଦୁଇଟିର ନାଁ ବୋଧେ ଭୁଲ୍ ଲେଖା ହୋଇଛି, ଧ୍ୟାନ ଦେବାକୁ ଅନୁରୋଧ । 'ଜାମୁର ଜୀବନ'ରେ ଜାମୁର ଉପକାରିତା ବିଷୟରେ ପଢ଼ି ମଧ୍ୟ ଖୁବ୍ ଭଲ ଲାଗିଲା । ଏଥର 'ରେବତୀ' ପଢ଼ି ମୋତେ ଲାଗିଲା ମୁଁ ଯେମିତି ଫେରି ଯାଉଛି ମୋ ୟୁଜି ଲାଇଫ୍‌କୁ, ଯେଉଁ ସମୟରେ ଆମେ ପଢୁ ସବୁକିଛି ପାଠ, କ୍ଷେତ୍ରବିଜ୍ଞାନରେ ଧାନ, ଗହମ ପରି ଶସ୍ୟର କଥା, ଫଳ ବିଜ୍ଞାନରେ କେତେକେତେ ଫଳର କଥା, ଉଦ୍ଭିଦ ପ୍ରଜନନ ବିଜ୍ଞାନ ବା breedingରେ ନୂଆ କିସମର ଆବିଷ୍କାରର କଥା ଆଉ ଫୁଲବିଜ୍ଞାନରେ ଫୁଲମାନଙ୍କ କଥା । ଶେଷରେ 'ଲେଖକର ସତ୍‌ସଙ୍ଗ' ପଢ଼ି କିଛି ଶିଖିଲି ।

**ସୁବ୍ରତ କୁମାର ସେନାପତି,** ଓୟୁଏଟି, ଭୁବନେଶ୍ୱର

**ଆମ ଉତ୍ତର :** ଆପଣଙ୍କର ବିଶ୍ଳେଷଣାତ୍ମକ ସବିଶେଷ ମତାମତ ଆମ ପାଇଁ ପଥ ପ୍ରଦର୍ଶକ ନିଶ୍ଚୟ । ଆପଣଙ୍କୁ 'ରେବତୀ'ର ନିର୍ଦ୍ଦିଷ୍ଟ କେତୋଟି ପ୍ରସଙ୍ଗ ବିଶେଷ ଭାବେ ଭଲ ଲାଗେ, ତାହା ଆମେ ଲକ୍ଷ୍ୟ କରିଛୁ । ସେଥିପାଇଁ ଆପଣଙ୍କୁ ଆମର ହାର୍ଦ୍ଦିକ କୃତଜ୍ଞତା । ଆପଣଙ୍କୁ ଠିକ୍ ଲାଗି ନଥିବା ଦୁଇଟି କଥା ଉପରେ ଆମେ କେବଳ ଏତିକି ସୂଚେଇ ଦେବାକୁ ଚାହୁଁ ଯେ, ପ୍ରଚ୍ଛଦ ପାଇଁ ଫଟୋସୁଟ୍ କରିବା ଏକ କଷ୍ଟସାଧ୍ୟ କାର୍ଯ୍ୟ । ତେଣୁ ଅନେକ ସମୟରେ ଆମେ ଆଶା କରୁଥିବା କଥାଟି ଘଟେନା । ତାଛଡ଼ା ପ୍ରଚ୍ଛଦ ଏକ ପ୍ରତୀକାତ୍ମକ ଢଙ୍ଗରେ ଆମର ପରମ୍ପରାକୁ ଇସାରା କରେ ଯାହା । ମୁଖ୍ୟ ଫୋକସ୍ ତ ମୁହଁ ଉପରେ ହିଁ ରହିବ । ଯେମିତି 'ରେବତୀ'ର ମୁହଁ ଅର୍ଥାତ ପ୍ରଚ୍ଛଦ ଉପରେ ଏବେ ଆପଣଙ୍କ ଆଖି, ସେମିତି ଆମର ବି ପ୍ରଚ୍ଛଦ-କନ୍ୟାର ମୁହଁ ଉପରେ ମନ ଥାଏ । ଆମେ ଆପଣମାନଙ୍କୁ ସୁନ୍ଦରତମ ପରିପ୍ରକାଶ ଦେବାକୁ ଚାହୁଁ ସବୁବେଳେ । ରୂପାୟନ କଥାରେ ଏତିକି କହିବୁ, ସବୁବେଳେ ଯେ କବିତାର ଥିମ୍ ସହ ସମ୍ବନ୍ଧିତ ଚିତ୍ର ବା ଫଟୋ ରହିବ ଏମିତି ତ ନିୟମ ନାହିଁ । ଆମକୁ ଟିକେ ନୂଆ କରିବାକୁ ଦିଅନ୍ତୁତ ! ଆଶା ଆପଣ ଆମର ବ୍ୟବସ୍ଥାକୁ ସାଦରେ ଗ୍ରହଣ କରିବେ ।



ପାଠକ ସୁବ୍ରତ କୁମାର ସେନାପତି

## 'ମୋ ଶିକ୍ଷକ' ଆଲେଖ୍ୟଟି ଆନନ୍ଦ ଦେଇଛି

● ସେ ଏକଦା ଥିଲେ ମୋ ଶ୍ରେଣୀ ଗୃହର ଶିକ୍ଷକ । ଇଂରାଜୀ ପଢ଼ାଉଥିଲେ । କିନ୍ତୁ ସେ ଜଣେ ବିଶିଷ୍ଟ ଓଡ଼ିଆ କବି ବୋଲି ଜାଣିବା ପରେ ତାଙ୍କ ପ୍ରତି ମୋର ସମ୍ମାନ ଓ ଅନୁରାଗ ବଢ଼ି ଯାଇଥିଲା । ଆଜି ଏତେଦିନ ପରେ ତାଙ୍କ ଉପରେ ଆଲେଖ୍ୟ ଲେଖିବା ପାଇଁ ବଡ଼ଭାଇ କୃଷ୍ଣ କୁମାର ମହାନ୍ତିଙ୍କ ପ୍ରେରଣା ଓ ତାହାକୁ ଯତ୍ନ ସହକାରେ 'ରେବତୀ' ଡିସେମ୍ବର ସଂଖ୍ୟାରେ ବିମଣ୍ଡିତ କରିବାର ପ୍ରୟାସ ଆମ ଉଭୟ ଗୁରୁ-ଶିଷ୍ୟଙ୍କୁ ଆନନ୍ଦିତ କରିଛି । ଲେଖାଟିକୁ ସମାନ୍ତରାଳ ଭାବେ ଦୁଇଟି ପର୍ଯ୍ୟାୟ (ବ୍ୟକ୍ତିଗତ ଓ ତାତ୍ତ୍ୱିକ)ରେ ବିଭାଜିତ କରି ସେ ଯେପରି ଏହାର ଅଗ୍ରଗତି କରାଇଛନ୍ତି, ତାହା ରୁଚିପୂର୍ଣ୍ଣ ପାଠକୀୟତା ପ୍ରଦାନ କରିବାରେ ସମର୍ଥ ହୋଇପାରିଛି ବୋଲି ମନେହୁଏ । ସାମଗ୍ରିକ ଭାବେ ଉଭୟ କବିଙ୍କୁ ଓ ତାଙ୍କ କବିତାକୁ ଜାଣିବା ଲାଗି ଏହା ଉତ୍ତମ ପରିସର ସୃଷ୍ଟି କରିଛି । ସୁଦୃଶ୍ୟ ପାତ୍ରୋପଯୋଗୀ ଚିତ୍ର-ସଂଯୋଜନା, ଏହାର ଅନ୍ୟତମ ସଫଳ ଦିଗ । ଏଣୁ 'ରେବତୀ' ପରିବାର ଠାରେ କୃତଜ୍ଞତା ଜ୍ଞାପନ ପୂର୍ବକ ଏହାର ଚିରସ୍ଥାୟିତ୍ୱ କାମନା କରୁଛି ।

**ବିଶ୍ୱରଂଜନ ଦାସ,** ବିଭାଗୀୟ ମୁଖ୍ୟ ଅଧ୍ୟାପକ, ବିଏନ୍‌ଏମ୍‌ଏ କଲେଜ, ପାଳିଆବିନ୍ଧା, ଭଦ୍ରକ

## ଚମ୍ପାଫୁଲ ସଂପର୍କରେ ଉପାଦେୟ ଲେଖା

● ଲେଖାଟିକୁ ଶ୍ୱେତା ରାଉତ ବହୁ ଆନ୍ତରିକତାର ସହ ଲେଖିଛନ୍ତି । ଚମ୍ପାର ଭୌଗୋଳିକ ଅବସ୍ଥିତି, ଐତିହାସିକ, ଧାର୍ମିକ ପୃଷ୍ଠଭୂମିର ଧାରଣା ଦିଆ ହେବା ସହ ବିଭିନ୍ନ ପ୍ରଜାତି, ବୈଜ୍ଞାନିକ ନାମକରଣ ପଦ୍ଧତି, ସ୍ଥାନୀୟ ନାମ, ଔଷଧୀୟ ଗୁଣ ତଥା ଉଦ୍ଭିଦ ବିଜ୍ଞାନରେ ଚମ୍ପା ଗଛ ଓ ଫୁଲ ସଂପର୍କୀତ ତଥ୍ୟ ପାଠକଙ୍କ ପାଇଁ ଉପାଦେୟ ହୋଇ ପାରିଛି । ବଟାନି ଛାତ୍ର ହେଇଥିଲେ ବି ଅନେକ ନୂଆ ତଥ୍ୟ ଜାଣିଲି । ଭାରତରେ ଚମ୍ପା ଓ ଓଡ଼ିଶାର ଚମ୍ପା ବିଷୟରେ ସୂଚନା ଅଛି । ଚମ୍ପକବରଣୀ କେନ୍ଦୁଝର ସଂପର୍କରେ ଜାଣି ଖୁସି ହେଲି । ନବରଙ୍ଗପୁରର ପାପଡ଼ାହାଣ୍ଡି ମଧ୍ୟ ଚମ୍ପକବନ ଲାଗି ପ୍ରସିଦ୍ଧ ଥିଲା । ଏବେ ମନ୍ଦିର ପ୍ରାଙ୍ଗଣମାନଙ୍କରେ ଦେଖିବାକୁ ମିଳେ । ୨୦ବର୍ଷ ଆଗରୁ ଦେଖିଛି ପାପଡ଼ାହାଣ୍ଡି ଛକରେ ଶାଳପତ୍ର ଠୋଲାରେ ଚମ୍ପାଫୁଲ ବିକୁଥିଲେ । ଏହି ସୁନ୍ଦର ସୁରଭିତ ଅଲୌକିକ ପୁଷ୍ପ ମନରେ ସୃଷ୍ଟି କରେ ପୁଲକ ଶ୍ରଦ୍ଧା ଓ ଦିବ୍ୟଭାବନା ।

**ସୁଶୀଳ କୁମାର ପାଣିଗ୍ରାହୀ,** ସମ୍ବଲପୁର

## ପ୍ରଥମ ଥର 'ରେବତୀ' ସହ ମିଳନର ଅନୁଭୂତି ଅବର୍ଣ୍ଣନୀୟ

● କିମ୍ବଦନ୍ତୀ ପୁରୁଷ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଯୁଗାନ୍ତକାରୀ ଲେଖନୀର ନାୟିକା 'ରେବତୀ'! ରେବତୀ, ଆମ ମାଟିର ସ୍ୱର, ଆମ ଓଡ଼ିଆଙ୍କର ଗର୍ବ ଓ ଗୌରବ। ଗତବର୍ଷ ଫେବୃଆରୀ ମାସରୁ 'ରେବତୀ'କୁ ଜାଣିଥିଲେ ବି, ଏତେ ପାଖରୁ ଦେଖି ନଥିଲି। ପ୍ରଥମଥର ପାଇଁ 'ରେବତୀ'କୁ ହାତରେ ଧରି ଖୁବ୍ ବିଭୋର ହେଲି। 'ରେବତୀ'କୁ ହାତରେ ଧରିବାର ଅନୁଭୂତି ଖୁବ୍ ନିଆରା ଥିଲା। 'ରେବତୀ' ରଙ୍ଗ, ରୂପ, ଗୁଣ, ସାଜସଜ୍ଜା ସବୁଥିରେ ଖୁବ ସୁନ୍ଦର, ମାର୍ଜିତ, ସ୍ୱତନ୍ତ୍ର ଓ ଭିନ୍ନ। ଏପରି ଏକ ସ୍ୱୟଂସଂପୂର୍ଣ୍ଣ ପାରିବାରିକ ପତ୍ରିକାଟି ପଢ଼ିବାକୁ ସୁଯୋଗ ଦେଇଥିବାରୁ ସମ୍ପାଦିକା ମହୋଦୟା ସୁବାସିନୀ ମାଡାମ୍ ଓ ସହହୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଓ ଅଶେଷ କୃତଜ୍ଞତା। 'ରେବତୀ : ଆମ ମାଟିର ସ୍ୱର'ର ଜାନୁଆରୀ ସଂସ୍କରଣ ଇଂରାଜୀ ନବବର୍ଷ ସହ ଅନେକ ନୂତନତା ବାର୍ତ୍ତା ଆଣି ଆସିଛି। ଆରମ୍ଭରୁ ସମ୍ପାଦକୀୟ 'ନାରୀର ନୂଆପଣ'ରୁ ଶେଷପୃଷ୍ଠାର 'ଲେଖକର ନୂଆପଣ', ଗଳ୍ପ, କବିତା, ଚିତ୍ରକଳା, ସାମ୍ବାଦିକତାରେ 'ନୂଆମୁହଁ', ସବୁଥିରୁ ନୂତନତ୍ୱର ବାସ୍ନା ଭୁରୁ ଭୁରୁ ହୋଇ ବାରି ହୋଇ ଯାଉଛି। ନୂଆ ମୁହଁମାନଙ୍କ ସହ ଅଳ୍ପ ବହୁତ ଫେସ୍‌ବୁକ୍‌ରେ ମିଶିଥିଲେ ବି, ଅତି ଅନ୍ତରଙ୍ଗ ଭାବେ 'ରେବତୀ' ଏଥର ପରିଚିତ କରାଇଛି। ଏ ଉତ୍ତମ ପ୍ରୟାସକୁ ମୋର ଶତ ଶତ ପ୍ରଣାମ। ଅଗ୍ରପୂଜ୍ୟ ବରିଷ୍ଠ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ମହୋଦୟ (ମୋ ନନା ମଧ୍ୟ ସାର୍‌ଙ୍କ ଲେଖାର ଭୂୟସୀ ପ୍ରଶଂସା କରନ୍ତି, ନନା ବିଜେବି କଲେଜ୍‌ରେ ପଢ଼ିବା ବେଳେ ଶାନ୍ତନୁ ସାର୍ ତାଙ୍କୁ କେମେଷ୍ଟ୍ରି ପଢ଼ାଉଥିଲେ)ଙ୍କ ଜୀବନକୁ 'ଶତାବ୍ଦୀର ସୂର୍ଯ୍ୟ' ଲେଖା ସୁନ୍ଦର ଭାବରେ ଚିତ୍ରିତ କରିଛନ୍ତି। ନେତାଜୀ ଅଭିନନ୍ଦନଙ୍କ ଉଚ୍ଚକୋଟୀର ଲେଖାର ପ୍ରଶଂସା ଅନେକ ଶୁଣିଥିଲି, ତାଙ୍କୁ 'ପଚ୍ଛଝର୍କା' ଫର୍ଦ୍ଦର 'ମନ୍ଦିର ଆଗରେ ମୁଣ୍ଡ ନୁଆଁଇଲେ ମୋଗଲ' ଲେଖାରେ ପଢ଼ି ମୁଗ୍ଧ ହେଲି। ସମକାଳ କବିତାଗୁଡ଼ିକ ଖୁବ୍ ହୃଦୟସ୍ପର୍ଶୀ, ମୁଁ ଅନେକ ଶିଖିଲି। 'ପୁଷ୍ପବିତାନ'ରେ ଦେବପୁଷ୍ପ ଦୁଦୁରାର ସ୍ୱାସ୍ଥ୍ୟ ଉପଯୋଗୀତା ମୋ ପାଇଁ ବିଶେଷ ଆକର୍ଷଣର ବିଷୟ ଥିଲା। ଲେଖିକା ଶ୍ୱେତା ରାଉତଙ୍କୁ ମୋର ଅଶେଷ ଧନ୍ୟବାଦ। ଏହାଛଡ଼ା 'ଘଟଣା ଚରିତ୍ର' ଓ ଗଳ୍ପ ଦୁଇଟି ଅତି ମନଛୁଆଁ। ଆଗ ଧାଡ଼ିର ଲୋକପ୍ରିୟ ଲେଖକ ପବିତ୍ର ମୋହନ ଦାଶଙ୍କ କାଳଜୟୀ ଉପନ୍ୟାସ 'ଦାସେ ଆପଣେ' ସବୁଥର ପରି ମନଜିଣା। 'ବୋଆ' ବିଷୟରେ ନିଜର ଲେଖା ମଧ୍ୟରେ ଅବଗତ କରାଇଥିବାରୁ ସୁଲେଖିକା କମଳା ଶତପଥୀଙ୍କୁ ମୋର ଅନେକ ଅନେକ ଧନ୍ୟବାଦ। ଡକ୍ଟର ହରପ୍ରସନ୍ନ ଦାସଙ୍କ ସମାଧାନର ସୂତ୍ର ଖୁବ୍ ଶିକ୍ଷଣୀୟ। ଏହାଛଡ଼ା 'ଛାୟାଚିତ୍ର'ରେ ସୁନୟନା ସୂର୍ଯ୍ୟମୟୀ ଓ ପ୍ରଚ୍ଛଦ ନାୟିକାଙ୍କ ହସ ମନଲୋଭା।

**ଅନସୂୟା ପଣ୍ଡା**, କାର୍ଡ଼ଗୁଡ଼ି, ବାଙ୍ଗାଲୋର


'ରେବତୀ'ର ମାର୍ଗଦର୍ଶକ ଇଂ ରବୀନ୍ଦ୍ର କୁମାର ଜେନାଙ୍କ ଠାରୁ 'ବାଲେଶ୍ୱର ଗୌରବ ସମ୍ମାନ' ଗ୍ରହଣ କରୁଛନ୍ତି ଅଶୋକ ପୁହାଣ(୨୦୧୫)

## ଗୌତମବୁଦ୍ଧ ଦାସ ଓ ଜ୍ୟୋତିପୁଷ୍ପା ଦାସଙ୍କ ଗଳ୍ପ ଦୁଇଟି ବେଶ୍ ସଫଳ ଓ ଉତ୍ତୀର୍ଣ୍ଣ

● ନୂଆବର୍ଷରେ ସବୁକିଛି ନୂଆକୁ ନେଇ 'ରେବତୀ'ର ଜାନୁଆରୀ ସଂଖ୍ୟା (ପ୍ରଚ୍ଛଦ ଠୁ ନେଇ ଶେଷପୃଷ୍ଠା ପର୍ଯ୍ୟନ୍ତ) ଖୁବ୍ ଆନନ୍ଦ ଦେଲା। ନାରୀର ନୂଆପଣକୁ ନେଇ ସମ୍ପାଦିକାଙ୍କର ସମ୍ପାଦକୀୟ ଓ ଶେଷପୃଷ୍ଠାରେ ସହଯୋଗୀ ସମ୍ପାଦକଙ୍କର 'ଲେଖକର ନୂଆପଣ' ଦୁଇଟି ସୁନ୍ଦର ଆଲୋଚନା। ଏକଥା ସତ ଯେ ପାଠକର ଚାହିଦା ବଦଳୁଛି ଓ ସାଂପ୍ରତିକ ସମୟରେ ଏ ଚାହିଦାରେ ଦ୍ରୁତ ପରିବର୍ତ୍ତନ ହେଉଛି। ତେଣୁ, ଲେଖକଙ୍କୁ ଏ ଦିଗଟି ପ୍ରତି ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ। 'ନରକିନ୍ନରର ନାୟକ'ଙ୍କୁ ନେଇ ରଞ୍ଜନ ପ୍ରଧାନଙ୍କର ଆଲେଖ୍ୟଟିରୁ ପ୍ରିୟ କଥାକାରଙ୍କ ବିଷୟରେ ବହୁତ କଥା ଜାଣିଲି। ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ରେଖାଚିତ୍ର' ଜଗନ୍ନାଥ ଇତିହାସର ବହୁ ଅନାଲୋଚିତ ଦିଗ ଉପରେ ଆଲୋକପାତ କରୁଛି। ପୁଷ୍ପ ଜଗତ ବିଷୟରେ ଶ୍ୱେତା ରାଉତଙ୍କର ଗଭୀର ଜ୍ଞାନ ମୋତେ ଚମତ୍କୃତ କରିଛି। 'ଦାସେ ଆପେଣେ'ରେ ପବିତ୍ର ମୋହନ ଦାଶ ପାଠକର ଚରମ ଉତ୍କଣ୍ଠାକୁ ବଜାୟ ରଖିବାରେ ସମର୍ଥ ହୋଇପାରିଛନ୍ତି। କବି ଅଶୋକ ପୁହାଣଙ୍କୁ ନେଇ ଅଜୟ ସ୍ୱାଇଁଙ୍କର 'ଲକ୍ଷେ ଜହ୍ନରାତିର ମହାଜନ' ପଠନାନ୍ତେ ଲକ୍ଷେ ଜହ୍ନରାତିର ସୁଖ ମିଳିଗଲା। ଗୌତମବୁଦ୍ଧ ଦାସଙ୍କ 'ନିରୁଦ୍ଦିଷ୍ଟ' ଓ ଜ୍ୟୋତିପୁଷ୍ପା ଦାସଙ୍କ 'ଦୃଷ୍ଟି ଦଂଶନ' ଦୁଇଟି ସଫଳ ଗଳ୍ପ। ବୋଆ ଓ ଉତ୍କର୍ଷା ସମ୍ପର୍କରେ କମଳା ଶତପଥୀଙ୍କର ଆଲେଖ୍ୟ ପଢ଼ିଲା ପରେ ବୋଆକୁ ନେଇ ଗର୍ବିତ ହେଲି। ସମକାଳ କବିତା ପୃଷ୍ଠାର କବିତା ସବୁ ମନଛୁଆଁ। ମୁଖ୍ୟ ପ୍ରସଙ୍ଗ ନୂଆବର୍ଷରେ ନୂଆମୁହଁ: ଏଭଳି ଏକ ନିଆରା ବିଷୟକୁ ନେଇ 'ରେବତୀ' ଟିମ୍‌ର ଏ ଅଭିନବ ପ୍ରୟାସ ପାଇଁ ଅଜସ୍ର ସାଧୁବାଦ। କବିତା ଓ ଗଳ୍ପ ବିଭାଗରେ ଯେଉଁ ପ୍ରତିଭାମାନଙ୍କ ବିଷୟରେ ଆଲୋଚନା କରାଯାଇଛି, ତାଙ୍କ ଭିତରୁ ଅଧିକାଂଶଙ୍କୁ ମୁଁ ପଢ଼ିଛି। ଏମାନଙ୍କ ହାତରେ ଆମ ସାହିତ୍ୟ ବେଶ୍ ସୁରକ୍ଷିତ।

**ପ୍ରତ୍ୟୁଷ ପଣ୍ଡା**, ୪ଡି/୧୪୬୯, ସେକ୍ଟର-୯, ସିଡ଼ିଏ, କଟକ

## 'ରେବତୀ'ର ମାର୍ଗଦର୍ଶକ ଇଂ ରବୀନ୍ଦ୍ରକୁମାର ଜେନାଙ୍କ ଓଡ଼ିଆ ଭାଷାସାହିତ୍ୟ ପ୍ରୀତିକୁ ବୁଝିଲି

● 'ରେବତୀ' ପରିବାରକୁ ଅନେକ ଶୁଭେଚ୍ଛା ଓ ଶୁଭକାମନା ହୃଦୟରୁ। ଓଡ଼ିଆ ଭାଷା ଓ ସାହିତ୍ୟରେ ରୁଚି ରଖୁଥିବା ପାଠକମାନଙ୍କ ପାଇଁ ଏହା ଏକ ସୁନ୍ଦର ପ୍ରୟାସ। ସମ୍ପାଦିକା ସୁବାସିନୀ ଜେନା, ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତି ଓ ବିଶେଷ କରି 'ରେବତୀ'ର ନାମାଙ୍କନ କରିଥିବା ଶିଳ୍ପୀ ଶଶିକାନ୍ତ ରାଉତଙ୍କୁ ମୋର ସମ୍ମାନ ଓ ପ୍ରଣାମ। ମୋର ଗୁରୁ କବି ଗାଳ୍ପିକ ଔପନ୍ୟାସିକ କଥାକାର ଡକ୍ଟର ଅଜୟ ସ୍ୱାଇଁ ମୋ ସମ୍ବନ୍ଧରେ ଲେଖିଥିବା ଆଲେଖ୍ୟ 'ଲକ୍ଷେ ଜହ୍ନରାତିର ମହାଜନ କବି ଅଶୋକ ପୁହାଣ' ପଢ଼ି ମୁଁ ମୁଗ୍ଧ। ଛଳଛଳ ଆଖି ଆଉ ଛଳଛଳ ହୃଦୟ। ଆଜି ଭାରି ଅନ୍ୟମନସ୍କ ମୁଁ। ସାର୍ ଆପଣଙ୍କୁ କୋଟି ପ୍ରଣାମ। ଆପଣ ସବୁବେଳେ କୁହନ୍ତି– ଅଶୋକ! ଜୀବନ କୋଉ ହଜାର ବର୍ଷର ନୁହେଁ ଶବ୍ଦ ଯୁଗଯୁଗର ତାକୁ ଯୋଡ଼ି ପାରିବାର, ଗଢ଼ିପାରିବାର କୌଶଳ ଯିଏ ଜାଣେ ସେ ହିଁ ଶବ୍ଦର ସାଧବ। ସେ ହିଁ କବି। ଏକଥା ଏବେ ବି ସାଇତା ଅଛି ମୋ ଜୀବନ ସହ ମୋ ସ୍ୱପ୍ନ ସହ ମୋ ସମ୍ଭାବନା ସହ। 'ନୂଆବର୍ଷର ନୂଆମୁହଁ' ପାଇଁ ଅନୁଜ କବି ଚିତ୍ତରଂଜନ ନାୟକ, କବି ସରୋଜ ବଳ ଓ କବି ମାନମୟୀ ରଥଙ୍କୁ ଶୁଭେଚ୍ଛା। ଏଭଳି ଖୋଜା ଜାରି ରହୁ ଓଡ଼ିଆ ଭାଷା ଓ ସାହିତ୍ୟ ସମୃଦ୍ଧ ହେଉ। ସବୁ ନୂଆମୁହଁଙ୍କୁ ଶ୍ରଦ୍ଧା ଓ ଭଲପାଇବା। ଶେଷରେ 'ରେବତୀ'ର ମାର୍ଗଦର୍ଶକ ଇଂ ରବୀନ୍ଦ୍ର କୁମାର ଜେନା (ରବୀନ୍ଦ୍ର ଭାଇ)ଙ୍କୁ ପ୍ରଣାମ ଜଣାଉଛି ଏଭଳି ଏକ ଉଚ୍ଚକୋଟୀର ପତ୍ରିକା ପ୍ରକାଶନରେ ତାଙ୍କର ଭୂମିକା ପାଇଁ ଓ ମୁଁ ବ୍ୟକ୍ତିଗତ ଭାବେ ତାଙ୍କୁ ଏଥିପାଇଁ ମୋର ସମ୍ମାନ ଜଣାଉଛି ଯେ ୨୦୧୫ରେ ବାଲେଶ୍ୱର ସ୍ୟାଣ୍ଡ୍‌ଫେଷ୍ଟ୍‌ରେ କୌଣସି ଏକ ଜରୁରୀ କାମ ପାଇଁ ତାଙ୍କର ଦିଲ୍ଲୀ ଯିବା କାର୍ଯ୍ୟକ୍ରମକୁ ବିଳମ୍ବ କରି ସେ ଆସିଥିଲେ ଓ ମୋତେ 'ବାଲେଶ୍ୱର ଗୌରବ ସମ୍ମାନ' ପ୍ରଦାନ କରିଥିଲେ। ଏବେ ଏ ପତ୍ରିକା ଦେଖିବା ପରେ ତାଙ୍କ ଭିତରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଥିବା ଭଲପାଇବାକୁ ମୁଁ ବୁଝି ପାରୁଛି। ସେଦିନର ସେ ଫଟୋ ମୋ ପାଖରେ ଏବେ ବି ସାଇତା ଅଛି। ଜାନୁଆରୀ ୨୦୨୧ ସଂଖ୍ୟା ଖୁବ୍ ଆଦରଣୀୟ ହୋଇପାରିଛି।

**ଅଶୋକ କୁମାର ପୁହାଣ**, ସ୍ୱପ୍ନନୀଡ଼, ଘସିପୁରା, କେନ୍ଦୁଝର

# ନାରୀ ଜୀବନର କଷ୍ଟକର କ୍ଷଣ

ଘରେ ଝିଅଟିଏ ଜନ୍ମହେବାର ସୁଖଦ ଅନୁଭବରୁ ଆରମ୍ଭ ହୁଏ ଗୋଟେ ନାରୀର ଜୀବନ । ଆଜିର ସମୟ ନାରୀକୁ ଯଥେଷ୍ଟ ମର୍ଯ୍ୟାଦା ଦେଉଥିବାର କଥା ଆମେ ସମସ୍ତେ ଜାଣୁ । ନାରୀ ଏକଦା ଯେଉଁପରି ଭାବେ ଘରର ଚୌହଦୀ ଭିତରେ ବନ୍ଦିନୀ ହୋଇ ଏକ କଷ୍ଟକର ଜୀବନ ଅତିବାହିତ କରୁଥିଲା, ଆଜିର ସମୟ ସେ ଚିତ୍ରକୁ ଆଶ୍ଚର୍ଯ୍ୟଜନକ ଭାବେ ବଦଳାଇ ଦେଇଛି । ଗୋଟିଏ ପରିବାରରେ ଝିଅଟିଏକୁ ଶିକ୍ଷାଦୀକ୍ଷା ଓ କୁଳସଂସ୍କାର ଇତ୍ୟାଦି ଶିଖାଇ ଯେଉଁପରି ଭାବରେ ସ୍ୱଚ୍ଛନ୍ଦ ଜୀବନଯାପନର ଏକ ଚାବିକାଠି ଧରେଇ ଦିଆଯାଉଛି, ତାହା ଏକଦା ଥିଲା ସ୍ୱପ୍ନାତୀତ । ଝିଅକୁ ଶକ୍ଷାଳୟ ପଠାଇବା ବା ଉଚ୍ଚଶିକ୍ଷିତ କରାଇବା କଥାଟି ସମାଜରେ ଥିଲା ନିଷିଦ୍ଧ । ଝିଅ ପାଠ ପଢ଼ିଲେ ଅବାଟକୁ ଚାଲିଯିବାର ଏକ ଅନ୍ଧବିଶ୍ୱାସ ଭିତରେ ସମାଜ ଚାଲୁଥିଲା । ଫକୀରମୋହନଙ୍କ 'ରେବତୀ' ଚରିତ୍ରଟି ଏ କଥାର ଏକ ବଳିଷ୍ଠ ଉଦାହରଣ । ପ୍ରେମ ତ ଦୂରର କଥା, ପାଠପଢ଼ିବା ପାଇଁ ଥିଲା ବାରଣ । ଏପରି ଏକ ସମାଜର ଚଳଣି ଓ ବିଶ୍ୱାସକୁ ଅତିକ୍ରମ କରି ଆଜିର ସମାଜ ବହୁଭାବରେ ନାରୀ-ଅନୁକୂଳ (ୱିମେନ୍-ଫ୍ରେଣ୍ଡଲି) ହୋଇପାରିଛି । ଏହା ନିଶ୍ଚିତ ଭାବରେ ଏକ ଶୁଭଙ୍କର ସୂଚନା ।

ପରିବାର ଭିତରେ ପୁଅଟିଏର ଆଗମନକୁ ଆଜି ବି ଅନେକ କ୍ଷେତ୍ରରେ ଅନେଇ ବସିଥାନ୍ତି ବାପାମାଆ । କିନ୍ତୁ ଏହାର ମାତ୍ରା ବେଶ୍ କମିଛି । ଆଜି ଏମିତି ଅନେକ ପରିବାର ଅଛନ୍ତି, ଯେଉଁଠି କେବଳ ଝିଅଟିଏର ଜନ୍ମକୁ ଉତ୍ସବ ଭାବେ ପାଳିଥାନ୍ତି ଆତ୍ମୀୟସ୍ୱଜନ । ପୁଅ ଓ ଝିଅ ଭିତରେ ତାରତମ୍ୟ ନଥିବା କଥା ବୁଝିପାରିଥିବା ଆଜିର ମଣିଷ ଆଉ ଦୁଃଖୀ ହେଉନାହାନ୍ତି ଘରେ ଝିଅଟିଏର କୁଆଁ କୁଆଁ ଶୁଭିଲେ ! ବରଂ ଝିଅର ଆଗମନରେ ସେଇ ସମାନ ଆନନ୍ଦ ଲାଭ କରୁଛନ୍ତି, ଯେମିତି ପୁଅଟିଏ ଜନ୍ମ ହୋଇଥିଲେ ସେମାନେ ଆନନ୍ଦିତ ହୋଇଥାନ୍ତେ । ନାରୀ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ ବଦଳିବାର ଏହାଠୁ ବଡ଼ ଲକ୍ଷଣ ଆଉ କ'ଣ ହୋଇପାରେ !

ଜନ୍ମ ପର ଠାରୁ ବିବାହଯୋଗ୍ୟା ହେବା ପର୍ଯ୍ୟନ୍ତ ଗୋଟିଏ ଝିଅ ନିଜ ବାପାମାଆଙ୍କ ଘରେ ବଡ଼ ହୋଇଥାଏ । ବାପାମାଆଙ୍କ ପାଖରୁ ସେ ଶିଖିଥାଏ ଅନେକ କଥା, ଯାହା ପରବର୍ତ୍ତୀ ଜୀବନରେ ତାକୁ ସହାୟ ହୁଏ । ତେବେ ବାପାମାଆଙ୍କ ପାଖରୁ ବିଦାୟ ନେଇ ସେ ଯେତେବେଳେ ଆଉ ଏକ ନୂଆ ଦୁନିଆକୁ ଯାଏ, ନୂଆକରି ଜୀବନ ଜିଇଁବାକୁ, ସେତେବେଳେ ସେ ସବୁଠୁ ବଡ଼ ପରୀକ୍ଷାର ସମ୍ମୁଖୀନ ହୁଏ । ବୟସ ଗତ ଅଭିଜ୍ଞତା ବେଶି ନଥିବା ସତ୍ତ୍ୱେ ଜୀବନର ଆଉ ଏକ ବଡ଼ ଅଧ୍ୟାୟକୁ ଆପଣେଇବାର ଯେଉଁ ସାମାଜିକ ବିଧିକୁ ସେ ଗ୍ରହଣ କରିନିଏ ବିନା ଦ୍ୱିଧାରେ, ସେ କ'ଣ ଜାଣିଥାଏ ତା' ପାଦତଳର ମାଟି ସୁନା ପାଲଟିବ ନା କଣ୍ଟାରେ ପରିପୂର୍ଣ୍ଣ ହେବ ! ସମ୍ପୂର୍ଣ୍ଣ ଅଜ୍ଞାତ ଏକ ଦୁନିଆ ଭିତରକୁ ଅଚିରେ ପ୍ରବେଶ କରିଯିବାର ଏ ଯେଉଁ ସାହସ ଥାଏ ଝିଅଟି ଭିତରେ, ତାହା ହିଁ ନାରୀର ଶକ୍ତି । ସେ ଶକ୍ତିକୁ ପାଥେୟ କରି ଜୀବନର ଏକ ମାଙ୍ଗଳିକ ଧାରାରେ ଅବତୀର୍ଣ୍ଣ ହୁଏ ସେ, 'ବିବାହିତା' ରୂପରେ ।

ହଁ ବିବାହ । ନାରୀଟିଏ ପାଇଁ ସବୁଠାରୁ କଷ୍ଟକର କ୍ଷଣ ହେଉଛି ଏଇ ବିବାହ । ଆନନ୍ଦ ଗୋଟିଏ ଆଖିରେ ତ ଆର ଆଖିରେ ଲୁହ- ଏମିତି ଏକ ମୁସ୍କିଲ୍ ମୁହୂର୍ତ୍ତକୁ ସାମ୍ନା କରୁଥାଏ ପ୍ରତିଟି ବିବାହ-ବୟସ୍କା ଝିଅ । ଅନ୍ଧାରରେ ବାଡ଼ି ବୁଲାଇବା ସଦୃଶ ଏ ଏକ ବିଚିତ୍ର ଖେଳ । ଅଥଚ ଅନିବାର୍ଯ୍ୟ । ବିବାହ ପରି ଏକ ପବିତ୍ର ବନ୍ଧନରେ ଆବଦ୍ଧ ହୋଇ ବଂଶରକ୍ଷାର ଯେଉଁ ସୂତ୍ରଟିକୁ ନାରୀ ଅବିଚ୍ଛିନ୍ନ କରି ରଖେ, ସେଥିପାଇଁ ଅନେକ ତ୍ୟାଗ, ଅନେକ କଷଣ, ଅନେକ ଯାତନା ସହିବାକୁ ସେ ପଣ କରି ସାରିଥାଏ । ବନ୍ଧନ ସବୁବେଳେ ମଧୁର ହୁଏନା । ବନ୍ଧନ ବେଳେ ବେଳେ ଜୀବନକୁ ନାରଖାର କରିଦିଏ । ଏପରି ଏକ ଚ୍ୟାଲେଞ୍ଜ୍‌କୁ ନିର୍ଦ୍ୱନ୍ଦ୍ୱରେ ଗ୍ରହଣ କରୁଥିବା ନାରୀଟିଏ ପ୍ରତି ସମାଜର କୋମଳ ଭାବ ହିଁ ଏକମାତ୍ର ସମାଧାନ ।

ଏବେ ଯଦିଓ ସମୟ ବଦଳିଛି । ଝିଅଟିଏ ସେସବୁ କାମ କରିପାରୁଛି, ଯେଉଁସବୁ କାମ ଦିନେ କେବଳ ପୁଅମାନେ ହିଁ କରୁଥିଲେ । ଆଜିର ସମୟ ଝିଅ ଓ ପୁଅର ବିଭେଦକୁ ଏକାକାର କରିଦେଇଛି । କେବଳ ଶାରୀରିକ ଗଠନ ବ୍ୟତୀତ ଝିଅମାନେ ଆଜି ଆଉ କୌଣସି କାମରେ ପଛରେ ନାହାନ୍ତି । ଶିକ୍ଷାଦୀକ୍ଷାରେ ଯଥେଷ୍ଟ ଆଗକୁ ଯାଇପାରିଥିବା ଆମର ଝିଅମାନେ ଆଜି ସେମାନଙ୍କ ନିଜସ୍ୱ ସ୍ୱପ୍ନ, ଆକାଂକ୍ଷା, ଇଚ୍ଛାଅନିଚ୍ଛା ଭିତରେ ବେଫିକର୍ ଚଳପ୍ରଚଳ ହୋଇ ପାରୁଛନ୍ତି । ପ୍ରଥମତଃ, ଏ ଦିଗରେ ସେମାନଙ୍କୁ ଏକ ପାରିବାରିକ ସମର୍ଥନ ଓ ସହାନୁଭୂତି ମିଳୁଛି । ଦ୍ୱିତୀୟରେ ଆଜିର ସମାଜ ମଧ୍ୟ ଝିଅଟିଏକୁ ସବୁସ୍ତରରେ ସଫଳ ଦେଖିବା ପାଇଁ ନିଜକୁ ପ୍ରସ୍ତୁତ କରିସାରିଛି । ହଁ, କେଉଁଠି କେଉଁଠି ତ ଏହାର ବ୍ୟତିକ୍ରମ ଥିବ । କିନ୍ତୁ ତାହାର ମାତ୍ରା ସେତେ ବେଶି ନୁହଁ । ଯାହା ଏକଦା ଥିଲା । ଆମକୁ ସକରାତ୍ମକ ଭାବନାରେ ଏସବୁକୁ ଗ୍ରହଣ କରିବାକୁ ହେବ । ସମାଜର ଭାବନା ହିଁ ଏହାଦ୍ୱାରା ବଦଳିବ ।

ବିବାହ ଭଳି ଏକ ସାମାଜିକ ଦାୟିତ୍ୱବୋଧକୁ ମୁଣ୍ଡକୁ ନେବାବେଳେ ପ୍ରତିଟି ଝିଅର ମନରେ ଥାଏ କିନ୍ତୁ ଅସୁମାରୀ ସ୍ୱପ୍ନ ଓ ଆକାଂକ୍ଷା । ଯେହେତୁ ଝିଅଟିଏ ବାପାମାଆଙ୍କ ଘରେ ଏକ ସ୍ୱଚ୍ଛନ୍ଦ ଓ ମୁକ୍ତ ଜୀବନ ଅତିବାହିତ କରୁଥାଏ, ତା'ର ପ୍ରତିଟି ଅଳିଅର୍ଦ୍ଦଳିକୁ ବାପାମାଆ, ସ୍ଥଳ ବିଶେଷରେ ଭାଇଟିଏ କି ଭଉଣୀଟିଏ ପୂରଣ କରିଦେଉଥାନ୍ତି, ସୁତରାଂ ବିବାହ ପରେ ଏକ ଯୁଗ୍ମ ଜୀବନରେ ପାଦ ଦେବାବେଳେ ଏସବୁର ଏପାଖସେପାଖ ହେବା କିଛି ବିଚିତ୍ର କଥା ନୁହଁ । କିନ୍ତୁ ଏ ଦିଗରେ ଆମେ ଯଦି ସାମାନ୍ୟ କୋହଳ ଓ ଉଦାର ହେଇପାରନ୍ତେ, ତେବେ ଝିଅଟିଏ ବିବାହ ପରେ ଭୋଗୁଥିବା କଷ୍ଟ ଲାଘବ ହୁଅନ୍ତା । ଏକାକୀ ଜୀବନରୁ ଜୀବନ ସାଥୀ ଭାବେ ଜଣେ ପୁଅକୁ ଗ୍ରହଣ କରି ଏକ ନୂଆ ଯୁଗଳଜୀବନ ଆରମ୍ଭ କରୁଥିବା ଝିଅଟିଏ ସାମ୍ନାରେ ସେତେବେଳେ ଅନେକ ପ୍ରଶ୍ନବାଚୀ ଥାଏ । ଏସବୁକୁ ସେଇ ଘରର ମଣିଷମାନେ, ଯେଉଁ ଘରକୁ ସେ କୁଳବଧୂ ରୂପେ ଯାଇଥାଏ, ସେମାନେ ନଜରଅନ୍ଦାଜ୍ କରିବା ଅନୁଚିତ । ଭାଗୀଦାରୀ ଜୀବନର ସୂତ୍ର ଜଣାନଥିବା ଜଣେ ଝିଅ କେବଳ ବୋହୂ ହୋଇଗଲେ ସବୁ ଜାଣି ଯାଏନି । ଆମକୁ ଶିଖାଇବାକୁ ପଡ଼ିବ ତା' ହାତ ଧରି, ଯେପରି ତା' ବାପାମାଆ, ଭାଇଭଉଣୀ ଶିଖାଇଥିଲେ ତାକୁ ଚାଲିବା । ଏ ଏକ ବୁଝାମଣାର କଥା । ଏଥିରେ ଆମ ସମସ୍ତଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ।

କନ୍ୟା ସୁରକ୍ଷା ଦିବସ ପାଳନ କରୁଥିବା ଆମ ସମାଜର ପ୍ରତିଟି ମଣିଷ ଏ କନ୍ୟାଙ୍କୁ 'ରତ୍ନ' ପରି ଭଲପାଇବାର ଆବଶ୍ୟକତା ରହିଛି । କନ୍ୟାରତ୍ନର ଆଗମନରେ ଆମେ ଉତ୍ସବମୁଖର ହେବା ସହ ସେଇ କନ୍ୟାଟି ମୁହଁରେ ହସ ଓ ଖୁସିର ଫୁଲଟିଏ ଫୁଟାଇ ପାରିଲେ ଆମେ ଉତ୍ତମ ସମାଜର ପ୍ରକୃତ ଦାୟାଦ ବୋଲି ଗର୍ବ କରିପାରିବା ।

ସମ୍ପାଦିକା




ମାନନୀୟେଷୁ
ଭୂପେନ୍‌ଙ୍କ ଭାବଭୂମୀ

# ସର୍ଜନାର ସେତୁବନ୍ଧ
# ଭୂପେନ ମହାପାତ୍ର


**ଅଙ୍ଗୁରବାଳା ପରିଡ଼ା**

କ୍ୱାର୍ଟର ନମ୍ବର - ବି/୧୨, ସେକ୍ଟର- ୧୮

ରାଉରକେଲା-୭୬୯୦୦୩

ଫୋନ : ୯୪୩୮୦୫୭୫୭୮


ଫଟୋ ସୌଜନ୍ୟ : ଲେଖିକା



▶ଲେଖିକା ଅଙ୍ଗୁରବାଳା ପରିଡ଼ା

"ସାଲିସ୍ କରିବା ଜୀବନରେ ଜାଣିନାହିଁ । ଏପରିକି ଈଶ୍ୱରଙ୍କ ସହିତ ମଧ୍ୟ ନୁହେଁ । ଦାରିଦ୍ର୍ୟରେ ପେଶି ହେଇଚି, ଯନ୍ତ୍ରଣା ଜର୍ଜରିତ ମୁହଁରେ ବି ଦିନେ ଈଶ୍ୱରଙ୍କୁ କିଛି ମାଗିନାହିଁ ।"

ଏତିକି କହିବା ବେଳେ ଯେମିତି ତାଙ୍କ ଭିତରର ଅଖଣ୍ଡ ସ୍ୱାଭିମାନ ଉଜ୍ଜ୍ୱଳି ଉଠୁଥିଲା ମୁହଁରେ । 'ଆପଣା ହାତ ଜଗନ୍ନାଥ' ଭାବି କଲମ ଓ ଆଙ୍ଗୁଳିର ଆପୋସ ବୁଝାମଣାରେ ଏଇ ଏଇ ବିତିଗଲା ପଞ୍ଚାଅଶୀ ବର୍ଷ । ଟିକିଏ ବି ମଳିନ ପଡ଼ିନି ସେ ସ୍ମର୍ଦ୍ଧିତ ଚେହେରା । ସମକାଳୀନ ସାହିତ୍ୟରୁ କକ୍ଷଚ୍ୟୁତ ହୋଇନି ତାଙ୍କ ଲେଖକୀୟ ଧାରା । ସେ କହନ୍ତି, "ଶରୀର ଓ ମନର ସହଯୋଗ ଥିବାଯାଏଁ ମୃତ୍ୟୁ ବି ପାଖ ମାଡ଼ି ପାରେନା ମଣିଷର ।" ହଁ, ସଦା ପ୍ରଫୁଲ୍ଲ, ସଦା ହସହସ, ସଦର ସଫେଦ୍ ପରିଧାନ ସହ ଦୃଶ୍ୟମାନ ହେଉଥିବା,ଯ ମଣିଷ : **ଶ୍ରୀଯୁକ୍ତ ଭୂପେନ ମହାପାତ୍ର** । ଭୂପେନ ଏକ ସଂସ୍କୃତ ଶବ୍ଦ । ଭୂପ+ଇନ । 'ଭୂପ' ମାନେ ରାଜା, 'ଇନ' ମାନେ ପ୍ରଭୁ । ଅର୍ଥାତ 'ଭୂବନର ଈଶ୍ୱର' ବା king of the world । ହଁ, ସେ ରାଜା । ସେ ସମ୍ରାଟ । ଅଗଣିତ ପ୍ରିୟ ପାଠକଙ୍କ ଶ୍ରଦ୍ଧାର ମୁକୁଟ ଯାହାଙ୍କ ସୌର୍ଯ୍ୟ ମଣ୍ଡନ କରେ, ସେ ରାଜା ନୁହଁନ୍ତି ତ ଆଉ କଣ ! କାହାରି ଦାନସୂତ୍ରରେ ପାଇଥିବା ଭୂଖଣ୍ଡର ଅଧୀଶ୍ୱର ନୁହଁନ୍ତି । ସେ ନିଜେ ନିଜ ପାଇଁ ତିଆରିଥିବା ଭୂଖଣ୍ଡର ଚକ୍ରବର୍ତ୍ତୀ ସମ୍ରାଟ୍ । ସାହିତ୍ୟର ସମସ୍ତ ବିଭାଗରେ ତରବାରୀ ଚାଳନା କରି ପାରୁଥିବା ସେଜଣେ କୁଶଳୀ ଯୋଦ୍ଧା । କବିତା ହେଉ କି ଗଳ୍ପ, ଉପନ୍ୟାସ ହେଉ କି ଆଲୋଚନା, ପ୍ରବନ୍ଧ ହେଉ ବା ସ୍ତମ୍ଭ, ଅନୁବାଦ ହେଉ କି ଭ୍ରମଣ କାହାଣୀ, ଜୀବନୀ ଅବା ଆତ୍ମଜୀବନୀ, ଏମିତିକି ସମ୍ପାଦନା- ଏ ସମସ୍ତ କ୍ଷେତ୍ରରେ ସେ କିଛି କମ୍ ନୁହଁନ୍ତି ।

୩ ଅଗଷ୍ଟ ୧୯୩୫ । ଉତ୍ତର ବାଲେଶ୍ୱରର ଜଳେଶ୍ୱର ଥାନା ଅନ୍ତର୍ଗତ କୋଟସାହି ଗ୍ରାମରେ ଜନ୍ମ ତାଙ୍କର । ପିତା ସ୍ୱର୍ଗତ କୃତିବାସ ଦାସ ମହାପାତ୍ର ଓ ମାଆ କ୍ଷେମଙ୍କରୀ ଦେବୀଙ୍କର ତିନି ପୁଅଝିଅଙ୍କ ଭିତରେ ଦ୍ୱିତୀୟ ସନ୍ତାନ ସେ । ନିପଟ ଗାଁ । ତା'ପୁଣି ସୀମାନ୍ତ । ସବୁ ସୀମାନ୍ତ ଅଞ୍ଚଳ ପରି ତାଙ୍କ ଗାଁରେ ବି ମିଶ୍ର ସଂସ୍କୃତିର ପ୍ରଭାବ । ଘରେ ମା' ବସି ପଢ଼ନ୍ତି ବଙ୍ଗଳା ମହାଭାରତ । ସେଇଠୁ ଅକ୍ଷର ସହିତ ତାଙ୍କର ପରିଚୟ ହେଲା । ଗାଁ ଚାଟଶାଳୀରେ ପ୍ରାରମ୍ଭିକ ପାଠ । ପ୍ରାକ୍ ସ୍ୱାଧୀନତା ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ । ସାରା ଦେଶରେ ଅଭାବ, ଅନଟନର ପ୍ରଭାବ । ଚାଉଳ, ଡାଲି ଠାରୁ ତେଲ, ଲୁଣ, ଲୁଗାପଟା ପ୍ରତ୍ୟେକଟି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶଛୁଆଁ । ଖଣ୍ଡେ ପ୍ୟାଣ୍ଟ, ସାର୍ଟରେ ବହୁ କଷ୍ଟରେ ହାଇସ୍କୁଲ୍ ଶିକ୍ଷା ସମାପ୍ତ ପରେ ଅନ୍ନଚିନ୍ତା ଘାରେ ଭୂପେନଙ୍କୁ । ଜଣେ ଧନାଢ଼୍ୟ ବ୍ୟକ୍ତିଙ୍କ ଘରେ ଆରମ୍ଭ ହୁଏ ଟିଉସନ ପଢାଇବା । ସାହାଯ୍ୟ ମିଳିଯାଏ ପରିବାର ପାଇଁ । ସୀମା ଆନ୍ଦୋଳନ ଲାଗି ଛାତ୍ର ଆନ୍ଦୋଳନକୁ ଡେଇଁ ପଡ଼ିଥିବାରୁ ଏମିତି ବିପ୍ଳବୀକୁ ଚାକିରୀ ବା କିଏ ଦବ ? ତଥାପି ସଂଗ୍ରାମ ଜାରି ଥାଏ । ଫୁଟ୍‌ବଲ୍ ଖେଳ ପ୍ରତି ଥାଏ ଅହେତୁକ ଆକର୍ଷଣ । ସେଇ ଖେଳ ହିଁ ଶେଷରେ ସାହାଯ୍ୟ କଲା । ସୁନ୍ଦର ଆକର୍ଷଣୀୟ ସ୍ପୋର୍ଟସ୍ ଚେହେରା । ଖେଳୁଖେଳୁ ପଶିଗଲେ ପୋଲିସ୍‌ରେ । ନୂଆକରି ଖୋଲିଥିବା କଟକର ବାରବାଟୀ ଷ୍ଟାଡ଼ିୟମରେ ଖେଳିବାର ସୁଯୋଗ ମିଳେ ।

ବାସ୍ । ବୁଲିଲେ ସାରା ଓଡ଼ିଶା । କିନ୍ତୁ ଚାକିରୀ ତାଙ୍କୁ ସନ୍ତୋଷ ଦେଲାନି । ଛାଡ଼ିଦେଲେ । କଥାରେ ଅଛି- 'ହେଲା ତ ହେଲା, ନହେଲେ ଚାଲ ରାଉରକେଲା ।' ଜୀବନ ଓ ଜୀବିକାର ଅନ୍ୱେଷଣ ତାଙ୍କୁ ଆଣି ପହଞ୍ଚାଇଲା ରାଉରକେଲାରେ । ରାଉରକେଲା ଶିଳ୍ପ ସହର । ସ୍ୱପ୍ନର ସହର । ସ୍ୱପ୍ନକୁ ସାଫଲ୍ୟ କରିବାର ସହର । ସତେ ଅବା ନୂଆ ଦିଶା ମିଳିଗଲା ଭୂପେନଙ୍କୁ । ସାହିତ୍ୟ ଓ ସମାଜସେବା ହୋଇ ଉଠିଲା ତାଙ୍କ ଜୀବନର ବ୍ରତ । ମନୋପଯୋଗୀ ପରିବେଶଟିଏ ମିଳିଲା ତାଙ୍କୁ ।


୧୯୬୦ ମସିହାର କଥା । ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟର ସିକ୍ୟୁରିଟି ଫୋର୍ସ ଡିପାର୍ଟମେଣ୍ଟରେ ପାଇଲେ ଚାକିରୀ । ଚାକିରୀ ସହ ରାଉରକେଲା ସାରସ୍ୱତ ସାଧନାର ଯୁଗଳ ସମନ୍ୱୟରେ ତାଙ୍କୁ ମିଳିଲା ଅଫୁରନ୍ତ ଆନନ୍ଦ । ସବୁ ସର୍ଜନଶୀଳ ସ୍ରଷ୍ଟାଙ୍କ ପରି କବିତାରୁ ହିଁ ଆରମ୍ଭ ହୋଇଥିଲା ତାଙ୍କର ଯାତ୍ରା । ଷଷ୍ଠ, ସପ୍ତମ ଶ୍ରେଣୀରେ ପଢ଼ିଲା ବେଳେ କବିତା ଲେଖାର ଆରମ୍ଭ । ମାତ୍ର କବିତାର ସୀମିତ କଳେବର

# ମହାସମୁଦ୍ର ଭିତରେ ମୁଁ ସାମାନ୍ୟ ପାଲଟଣା ନୌକାଟିଏ : ଭୂପେନ ମହାପାତ୍ର

**▲ସୁନ୍ଦରଗଡ଼ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସମ୍ପାଦକ, ପଞ୍ଚାଅଶୀ ବର୍ଷ ବୟସରେ ବି ସୃଜନଶୀଳ ରଚନା ସହିତ ସଂଗଠନ ସୁପରିଚାଳନାର ଦକ୍ଷତା ରଖିଥାନ୍ତି । କୋଉଠୁ ପାଆନ୍ତି ଏତେ ଶକ୍ତି ?**

▲ସୃଜନାତ୍ମକ କାର୍ଯ୍ୟରେ ଜଣେ ଯେତେବ୍ୟସ୍ତ ରହିବ ତାର ସ୍ୱାସ୍ଥ୍ୟ ସେତେ ଭଲ ରହିବ । ଏହା ପଣ୍ଡିତଙ୍କ ମତ ।

**▲ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଗଳ୍ପରେ ଆପଣଙ୍କ ସ୍ଥିତି ବିଷୟରେ କେବେ ଅବଗତ ହୋଇଛନ୍ତି ?**



▲ମହା ସମୁଦ୍ର ଭିତରେ ମୁଁ ସାମାନ୍ୟ ପାଲଟଣା ନୌକାଟିଏ । କେମିତି କହିବି ସମୁଦ୍ରର ବିସ୍ତୃତି କଥା । ଏତିକି କହିବି- ସ୍ୱାଧୀନତା ପରେ ସାହିତ୍ୟରେ ଯେଉଁ ବିରାଟ ପରିବର୍ତ୍ତନ ଆସିଛି, ସେଥିରେ ମୁଁ ନିଜକୁ ସାମିଲ୍ କରିଛି ।

**▲ଆପଣଙ୍କ ଗଳ୍ପ, ଉପନ୍ୟାସର ସ୍ୱର ଓ ସ୍ୱାକ୍ଷର ବିଶେଷତଃ ଗୋଟେ ଅବଦମିତ ବିଦ୍ରୋହର ଶାଣିତ ସ୍ୱରୂପ, ଏଥିରେ କେତେ ମେଣ୍ଟିଛି ପାଠକୀୟ ଭୋକ ?**

▲ମୋ ଗଳ୍ପ, ଉପନ୍ୟାସର ସ୍ୱଳ୍ପତା ଭିତରେ ବ୍ୟବସ୍ଥାର ବିରାଟ ପାହାଡ଼କୁ ଧକ୍କାଟିଏ ମାତ୍ର ଦେଇଛି । ସ୍ୱର ଉଠେଇଛି । ଉଠାଉଛି ମଧ୍ୟ । ସାହିତ୍ୟର ଢେଉ, ପାଣିର ଢେଉ ନୁହେଁ ଯେ ଅଳ୍ପଦୂରରେ ଲୀନ ହୋଇଯିବ ! ସେ ସ୍ୱର ଯୁଗଯୁଗକୁ ଶୁଭୁଥାଏ । ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଚେଷ୍ଟା ଚାଲିଛି ଓ ଚାଲିଥିବ । ସେ ଚେଷ୍ଟାର ଅନ୍ୟନାମ ଯଦି 'ଭୋକ' ତାହା ଅସରନ୍ତି ।

**▲ସଫଳ ପୁରୁଷଟିଏ ପଛରେ ନାରୀଟିଏର ହାତ ଥାଏ । ଆପଣଙ୍କ ସଫଳତା ପଛର ସେଇ ହାତ (ହାତ ଗୁଡ଼ିକ ମଧ୍ୟ) କିଏ ?**

▲ହଁ, ମୋର କେତୋଟି ଚର୍ଚ୍ଚିତ ଗଳ୍ପକୁ ଅନୁବାଦ କରି ମତେ ଓଡ଼ିଶା ବାହାରେ ପରିଚୟ ଦବାରେ ଦୁଇ ସାହିତ୍ୟିକା ସୁପରିଚିତା ଡକ୍ଟର ବାସନ୍ତୀ ରଥ ଓ ଡକ୍ଟର ଲିପିପୁଷ୍ପା ନାୟକଙ୍କ ପ୍ରତି ମୁଁ କୃତଜ୍ଞ ।

**▲ପ୍ରେମହୀନ ଜୀବନ ପଶୁତୁଲ୍ୟ ପ୍ରେମ ସଂପର୍କରେ ଆପଣଙ୍କର ସୃଜନ ଅଭିବ୍ୟକ୍ତି କ'ଣ ?**

▲ପ୍ରେମ ମଣିଷ ମନକୁ ଅଜ୍ଞାତରେ ଆସେ ନା ଧସେଇ ପଶେ ! ସତ କହିବାକୁ ଗଲେ ସୌନ୍ଦର୍ଯ୍ୟବୋଧରୁ ହିଁ ସାହିତ୍ୟର ସୃଷ୍ଟି । ଯେଉଁଠି ସୌନ୍ଦର୍ଯ୍ୟ, ସେଇଠି ହୃଦୟର ଉଦ୍‌ବେଳନ । ଏ ସମ୍ପର୍କରେ ମୋର ଗୋଟେ ସ୍ୱତନ୍ତ୍ର ପ୍ରେମ ସଂକଳନ ଅଛି । ତାର ନାଁ : 'ମୋ ବହିର ପ୍ରଥମ କେତୋଟି ପୃଷ୍ଠା ।'

**▲କେବେ ମନରେ ଆସିନି, କଟକ-ଭୁବନେଶ୍ୱର ପରି ପ୍ରଚାରମୁଖୀ ସହରରେ ଥିଲେ ମୋର ପରିବ୍ୟାପ୍ତି ଆଉଟିକେ ପାଠକାଦୃତ ହୋଇ**

ଭିତରେ ଚରିତ୍ରମାନଙ୍କୁ ଯଥେଷ୍ଟ ସ୍ୱାଧୀନତା ନମିଳିବା କାରଣରୁ ଲେଖିଲେ ଗଳ୍ପ । ଜୀବନର ପ୍ରଥମ ଗଳ୍ପଲେଖାର ଅନୁଭୂତି ସମ୍ପର୍କରେ ସାର୍ କହନ୍ତି- "ଦଶମ ଶ୍ରେଣୀରେ ପଢୁଥାଏ, ସ୍କୁଲ୍ ମାଗାଜିନ୍ ପାଇଁ ଆହ୍ୱାନ କରାଗଲା ଲେଖା । ସ୍ଥାନୀୟ ଏମ୍.ଏଲ୍.ଏଙ୍କ ଦୁର୍ନୀତିକୁ ନେଇ ମୁଁ ଲେଖିଲି ଗଳ୍ପ 'ବିଚାରାଳୟ' । ଏଥିରେ ସ୍କୁଲ କର୍ତ୍ତୃପକ୍ଷ ମୋତେ ସ୍କୁଲ୍‌ରୁ ବହିଷ୍କାର ପାଇଁ ଆଦେଶ ଦେଲେ । ସୌଭାଗ୍ୟବଶତଃ ପ୍ରଧାନଶିକ୍ଷକଙ୍କ ଯୋଗୁଁ ବଞ୍ଚିଲି । ଘଣ୍ଟ ଘୋଡ଼େଇଥିଲେ ପ୍ରଧାନଶିକ୍ଷକ: ପିଲାଟି ଭଲ ପାଠପଢୁଛି ଆଜ୍ଞା, ଭଲ ଖେଳୁଛି ମଧ୍ୟ । ଚପଳ ବାଳକବୁଦ୍ଧି, କ'ଣ ଏମିତି ଲେଖି ଦେଇଛି, ଛାଡ଼ନ୍ତୁ ଆଜ୍ଞା । ପିଲାଟିକୁ ସ୍କୁଲ୍‌ରୁ ବହିଷ୍କାର କରିଦେଲେ କ୍ୟାରିଅର୍ ନଷ୍ଟ ହୋଇଯିବ । ମୁଁ ବର୍ତ୍ତିଗଲି ।"

ସେଦିନ ପରେ ଆଉ ପଛକୁ ଚାହିଁ ନାହାନ୍ତି ସେ । ସ୍କୁଲ୍‌ରେ ଗଢ଼ିଲେ 'ମୀନାମଣ୍ଡଳୀ' । ମୀନାମଣ୍ଡଳୀର ପ୍ରଧାନବକ୍ତା ଭାବେ ଦେଲେ ଓଜୋସ୍ୱିନୀ ଭାଷଣ । ମୁଗ୍ଧ ହେଲେ ସହପାଠୀ । 'ମୀନାମଣ୍ଡଳୀ'ରୁ 'ପ୍ରଜାତନ୍ତ୍ର' । ପରେ 'ଝଙ୍କାର' । ଡକ୍ଟର ମହତାବ ଓ ମହାପାତ୍ର ନୀଳମଣି ସାହୁଙ୍କର ପ୍ରିୟପାତ୍ର ହେଇ ଉଠିଲେ ସେ । ରାଉରକେଲାରେ ଗଢ଼ିଲେ ପ୍ରଥମ ସାହିତ୍ୟାନୁଷ୍ଠାନ 'କଲ୍‌ଚରାଲ୍ ଏକାଡ଼େମୀ' । ପ୍ରକାଶ ପାଇଲା 'ନବପତ୍ର' । 'ନବପତ୍ର' ଏଯାବତ୍ ତାର ନିୟମିତତା ବଜାୟ ରଖିଛି । ପରିଚୟ ସୃଷ୍ଟି ହେଲା ସାରା ଓଡ଼ିଶାରେ । ସବୁ ପତ୍ରପତ୍ରିକାରେ ଏଯାବତ୍ ସହସ୍ରରୁ ଉର୍ଦ୍ଧ୍ୱ ଗଳ୍ପ ପ୍ରକାଶିତ



**ପାରିଥାନ୍ତା ?**

▲ହଁ, ଈର୍ଷା ମଣିଷର ସହଜାତ ପ୍ରବୃତ୍ତି । ମୁଁ ସର୍ବଦା ପ୍ରଚାର ବିମୁଖ । ନିଜର ଢୋଲ ନିଜେ ପିଟି ପାରେ ନାହିଁ । କିନ୍ତୁ ଭଲ ଲେଖାଟିଏ ପୁରସ୍କାର ପାଇଲା ନାହିଁ ବୋଲି ଦୁଃଖ କରେ ଅବଶ୍ୟ ।

**▲ସମକାଳୀନ ଗଳ୍ପର ସ୍ୱରରେ କେଉଁ ତ୍ରୁଟି-ବିଚ୍ୟୁତି ଲକ୍ଷ୍ୟ କରୁଛନ୍ତି ? ନୂଆପିଢ଼ିଙ୍କ ନବ ଚିନ୍ତନର କେଉଁ ଦିଗଟି ଉପରେ ଆପଣ ଆଶାବାଦୀ ?**

▲ଠିକ୍ ଭାବେ ତ୍ରୁଟି-ବିଚ୍ୟୁତି ବୋଲି କହି ହବନି । ସମୟର ପରିବର୍ତ୍ତନ ସାହିତ୍ୟରେ ଆସିବ । ସାହିତ୍ୟ ସମାଜ ସଂପର୍କିତ । ତେଣୁ ସାହିତ୍ୟରେ ବାସ୍ତବତାର ସ୍ପର୍ଶ ଦେଲାବେଳେ ଯଥେଷ୍ଟ କଳାତ୍ମକ ପରିପ୍ରକାଶ ଆବଶ୍ୟକ । ମୁଁ ଏବେ ଗତ ଦଶବର୍ଷ ହେଲା ମୋ ପତ୍ରିକା (ତ୍ରୟମାସିକ ସାହିତ୍ୟ ପତ୍ରିକା 'ନାଗରା') ମାଧ୍ୟମରେ ଯୁବପିଢ଼ିଙ୍କ ସହିତ ଅଛି । ତାଙ୍କ ଉପରେ ନିଶ୍ଚିତ ଆଶା ରଖା ଯାଇପାରେ, ଏତିକି କହିବି ସମୟ, ସମାଜ ଓ ସାହିତ୍ୟ ଏମାନେ ଗୋଟିଏ ରେଳ ଧାରଣାରେ ରହିବା ଆବଶ୍ୟକ । ବିଶ୍ୱସାହିତ୍ୟରେ ଆମେ ତାହା ହିଁ ଦେଖୁଁ ।

**▲ଆପଣଙ୍କ ବ୍ୟକ୍ତିସତ୍ତା ଓ ସୃଜନସତ୍ତା ଭିତରେ ଥିବା ସର୍ବନମ୍ନ ଦୂରତା କେତେ ? କେମିତି ଉଭୟ ସତ୍ତାରେ ଜିଉଁଥିବା ଜୀବନ ଗାଡ଼ିକୁ ଡ୍ରାଇଭ୍ କରନ୍ତି ? ଲାଇନ୍‌ଚ୍ୟୁତ ହୋଇନି ଟକ ?**

▲ଦୁଇ ସତ୍ତାକୁ ଏକାଙ୍ଗ କରି ଡ୍ରାଇଭ୍ କରିଛି । ସେଥିପାଇଁ ସୁରୁଖୁରୁରେ ଜୀବନ ଗାଡ଼ି ଗତିଶୀଳ ।

**▲କୋଉ ବିଷୟବସ୍ତୁକୁ ଗଳ୍ପ, ଉପନ୍ୟାସରେ ଏଯାଏଁ ରୂପ ଦେଇ ପାରି ନାହାନ୍ତି ବୋଲି ଅବସୋସ ଅଛି ? ସେସବୁ ନିଶ୍ଚୟ ପୁରା କରିବାର ଅଭିଳାଷ ବି ?**

▲ଓଡ଼ିଶାର ଘଞ୍ଚ ବଣ ଜଙ୍ଗଲରେ ଜୀବନ ଜିଉଁଥିବା ମଣିଷମାନଙ୍କୁ ଯେତିକି ମୋ ଲେଖାରେ ଆଣିବାକୁ ଚାହିଁଥିଲି, ଆଣି ପାରିନି । ତା'ପାଇଁ ଯେଉଁ ଅଧ୍ୟୟନ ଓ ଅଧ୍ୟବସାୟ ଦରକାର ପାଇ ପାରି ନଥିଲି । 'ତଲାକ୍' ଉପରେ ସରକାର ଏବେ ଆଇନ୍ କଲେ । ଦଶ ବର୍ଷ ଆଗରୁ ଏହା ଏକ ମାନବିକତା ବିରୋଧୀ କାର୍ଯ୍ୟ ବୋଲି ଗଳ୍ପ ମାଧ୍ୟମରେ ମୁଁ କହିଛି । ମୁଁ ଈଶ୍ୱର ଓ ଅନ୍ଧବିଶ୍ୱାସର ବିରୋଧୀ । ଏସବୁ ବ୍ୟବସ୍ଥା ବିରୁଦ୍ଧରେ ଲେଖାମାନ ଆହୁରି ଶାଣିତ ହେବ ବୋଲି ଆଶା ।

**▲ସବୁବେଳେ ଆପଣ ଧଳା ପୋଷାକ ପରିଧାନର ରହସ୍ୟ କ'ଣ ?**

▲ସେମିତି କିଛି କାରଣ ନାହିଁ । ବାସ୍ ଗୋଟେ ଆକର୍ଷଣ । କେବଳ ପୋଷାକ ନୁହେଁ, ମୋ ଘରର ପରଦା, ବେଡ୍‌ସିଟ୍, ସୋଫା କଭର୍ ସବୁ ଧଳା ।

**▲ଆପଣଙ୍କ ପିଲାମାନଙ୍କର ସାହିତ୍ୟ ପ୍ରତି ରୁଚି କେତେ ?**

▲ (ହସିଲେ । ପିଲାମାନଙ୍କ ସାହିତ୍ୟ ରୁଚି କଥାରୁ ସାନଝିଅର କଥା କହିଲେ ।) ଝିଅ କଲେଜ୍‌ରେ ପଢୁଥାଏ, କଲେଜ୍ ମାଗାଜିନ ପାଇଁ ଲେଖା ମାଗିଥିଲେ । ମାଗାଜିନ ବାହାରିଲା ପରେ ଘରେ ଆଣି ମୋ ଦେଖିବା ଭଳି ଜାଗାରେ ପକେଇ ଦେଇଥିଲା । ସୂଚୀପତ୍ରରୁ ଝିଅର ନାଁ ଦେଖି ଖୁସି ହୋଇଗଲି । ଆରେ ବାଃ ମୋ ଝିଅ କେବେଠୁ ଲେଖାଲେଖି କଲାଣି ! ଝିଅକୁ ପାଖକୁ ଡାକି ପଚାରିଲି, ତୁ କେବେଠୁ ଚୋରି କରିବା ଶିଖିଗଲୁଣି ? ଝିଅ ନିର୍ଭୟରେ କହିଲା- ଚୋରି କ'ଣ ? ବାପର ସବୁ ସମ୍ପତ୍ତି ଉପରେ ନ୍ୟାୟତଃ ପିଲାମାନଙ୍କର ଅଧିକାର ଅଛି । ଯୋଉଟା ତମ ଲେଖା, ସେଇଟା ମୋର । ବାସ୍ । ଆଖି ନଚେଇ ଚୁଟି ବୁଲେଇ ଚାଲିଗଲା । ଆମେ ସମସ୍ତେ ମିଳିତ ଭାବେ ହସି ଉଠିଲୁ ।

ଏଇ ସମୟରେ ସାର୍‌ଙ୍କ ଘରେ ରୋଷେଇ କରୁଥିବା ଝିଅଟି ଆମ ପାଇଁ କିଛି ବିସ୍କୁଟ୍ ଓ କଫି କପ୍ ଧରି ପହଞ୍ଚିଲା । ଆମ ହସ ଦେଖି ତା' ମୁହଁରେ ବି ଆଙ୍କି ହୋଇଯାଇଥିଲା ଖଣ୍ଡେ ଆନନ୍ଦର ରେଖା । କଫି ପି' ସାରି ଫେରିବା ବେଳକୁ ମୋ ମୋବାଇଲ୍‌ରେ ସାର୍‌ଙ୍କ ସହ କେଇଟି ଫଟୋ ନେଲି । ସାର୍ ମତେ ବଳେଇ ଦେବା ପାଇଁ ଉପରୁ ମୋ ସହିତ ଗପସପ କରି ଶିଢ଼ିରେ ତଳଯାଏଁ ମୋ କାର୍ ପର୍ଯ୍ୟନ୍ତ ଆସିଲେ । ହସିହସି କହିଲେ, "ଆରେ ଅଙ୍ଗୁର, ତମକୁ ଚକ୍‌ଲେଟ୍‌ଟିଏ ଦେଇ ପାରିଲିନି ।" କହିଲି, "ଏ ଲେଖାଟି 'ରେବତୀ'ରେ ଆସି ସାରିବା ପରେ ଦେବେ । ବାକି ରହିଲା ।" ନମସ୍କାର କରି ଫେରି ଆସିଲା ବେଳେ ସାର୍‌ଙ୍କ ଆଶୀର୍ବାଦର ହାତଟି ମୋ ମୁଣ୍ଡ ଉପରେ ସେମିତି ଟେକି ହୋଇଥାଏ ଓ ମୁହଁରେ ଖେଳୁଥାଏ ଅନାବିଳ ଚେନାଏ ହସ ।

ହେଲାଣି । କବିତା ପ୍ରବନ୍ଧ, ସ୍ତମ୍ଭ, ଆଲୋଚନା ଅଗଣତି ।

୧୯୭୧ ମସିହାରେ ଆର୍‌ଏସ୍‌ପି ସିକ୍ୟୁରିଟି ଫୋର୍ସ ଡିପାର୍ଟମେଣ୍ଟ୍ ହେଲା ସିଆଇଏସ୍‌ଏଫ୍ । ବୁଲିଲେ ସାରା ଭାରତବର୍ଷ । ପ୍ରତି ସାଢ଼େ ତିନି ବର୍ଷ ଅନ୍ତରରେ ହେଲା ବଦଳି । ରାଞ୍ଚି, ଶ୍ରୀହରିକୋଟା, ମାଡ୍ରାସ ପୋର୍ଟ, ପାଟନା, ପାରାଦ୍ୱୀପ, ନାଲ୍‌କୋ, ଆସାମ ଦେଇ ବଲାନୀ ମାଇନ୍‌ସ୍ । ଶେଷରେ ଡେପୁଟୀ କମାଣ୍ଡେଣ୍ଟ୍ ହୋଇ ଅବସର ନେଲେ ୧୯୯୩ ମସିହାରେ । ସାହିତ୍ୟ ଓ ସଂସ୍କୃତିର ମୁକ୍ତ ରଂଗମଂଚ ଇସ୍ପାତ ସହର ରାଉରକେଲାରେ ସବୁଦିନ ପାଇଁ ଅଟକି ଯିବାର ଇଚ୍ଛା ନେଇ ଯୋଗାଡ଼ି ସାରିଥିଲେ ଖଣ୍ଡେ ମାଟି । ଯୋଉ ମାଟି ଉପରେ ଠିଆ କରେଇଲେ ସ୍ୱପ୍ନର 'କଥାଘର'- ତାଙ୍କ ନିଜଘରର ନାଁ ।





## ଲେଖକଙ୍କ ପ୍ରିୟ

ପ୍ରିୟ କବି : **ସଚ୍ଚି ରାଉତରାୟ**
ପ୍ରିୟ ଗାଳ୍ପିକ : **ଅଖିଳ ମୋହନ ପଟ୍ଟନାୟକ, ବିଭୂତି ପଟ୍ଟନାୟକ**
ପ୍ରିୟ ଲେଖକ : **ସୁରେନ୍ଦ୍ର ମହାନ୍ତି**
ପ୍ରିୟ ମଣିଷ : **ଗାନ୍ଧୀ, ନେହେରୁ**
ପ୍ରିୟ ସ୍ଥାନ : **ମୋ ଗାଁ, ରାଉରକେଲା**
ପ୍ରିୟ ରଙ୍ଗ : **ଧଳା (ଦୁଧ-ଧଳା)**
ପ୍ରିୟ ଖାଦ୍ୟ : **ଘରରନ୍ଧା ଖାଦ୍ୟ**
ପ୍ରିୟ ବହି : **୧. ସଂସ୍କାର- ୟୁ. ଆର୍. ଅନନ୍ତମୂର୍ତ୍ତୀ**
**୨. କେତେ ପାକିସ୍ଥାନ (ଓଡ଼ିଆ) କମଲେଶ୍ୱର**
ଅନୁବାଦ : **ଶ୍ରୀନିବାସ ଉଦ୍‌ଗାତା**
: **ଡ. ବିଭୂତି ପଟ୍ଟନାୟକ, ଯୁଗଳ କିଶୋର ଦତ୍ତ**
କେଉଁ ବହି ପଢ଼ିବାର ଇଚ୍ଛା ଏଯାଏଁ ସଫଳ ହୋଇନି:
**୧. The wonder that was India by A. L. Bhusan**
**୨. ଭାଗବତ- ଜଗନ୍ନାଥ ଦାସ**
**୩. ସେଇ ସମୟ (ବଙ୍ଗଳା) ୧ମ ଓ ୨ୟ ଭାଗ**

ସେ ଘରେ ଚଳପ୍ରଚଳ ହୁଏ ତାଙ୍କ କଥା ଭଣ୍ଡାରର ନାନାସ୍ମୃତି ।  ଚାକିରିକାଳ ଭିତରେ ଭାରତବର୍ଷର ବହୁ ରାଜ୍ୟ ବୁଲିଛନ୍ତି । ସେମାନଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପାଖରୁ ଭେଟିଛନ୍ତି । ସେ ସମସ୍ତ ଅନୁଭବକୁ ଗଳ୍ପର ଫ୍ରେମ୍ ଭିତରେ ବାନ୍ଧି ଫିଙ୍ଗି ଦେଇଛନ୍ତି । ଯୁଆଡ଼େ ଯୁଆଡ଼େ ଯାଇଛନ୍ତି ସେଠି ସେଠି  ଛାଡ଼ି ଆସିଛନ୍ତି ତାଙ୍କ ସାଂଗଠନିକ ଦକ୍ଷତା ଓ ସୃଜନଶୀଳ ଇସ୍ତାହାରର ସ୍ୱାକ୍ଷର । ସାହିତ୍ୟ ଓ ସମାଜ ସେବା ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ବହୁ ଭାବେ ସେ ପ୍ରଶଂସିତ । ଜାତୀୟ ଓ ଆନ୍ତର୍ଜାତିକ ସେମିନାର୍‌ରେ ଅଂଶ ଗ୍ରହଣ ସହିତ ଓଡ଼ିଶା ଓ ଓଡ଼ିଶା ବାହାରୁ ସମ୍ମାନିତ ଓ ପୁରସ୍କୃତ ମଧ୍ୟ । ରକ୍ତଦାନ ଓ ଶବଦାହ ପରି  ସମାଜସେବା କାର୍ଯ୍ୟ କରି ଅନ୍ୟମାନଙ୍କର ଖୁବ୍ ପ୍ରିୟଭାଜନ । ରାଞ୍ଚିରେ ଥିଲା ବେଳେ ଗୋଟିଏ ହରିଜନ ସ୍ତ୍ରୀଲୋକକୁ ରକ୍ତଦାନ କରି ବ୍ରାହ୍ମଣବାଦୀମାନଙ୍କ ରୋଷର ଶିକାର ହୋଇଥିଲେ ବି । ଏମିତି ବହୁ ପ୍ରଶଂସନୀୟ କାର୍ଯ୍ୟ ପାଇଁ ସେ ସ୍ମରଣୀୟ ।

କରୋନାର କୋକୁଆଭୟ ସତ୍ତ୍ୱେ ଯେତେବେଳେ ତାଙ୍କୁ ଫୋନ୍ କଲି ଓ କହିଲି, "ସାର୍ ଆଜି ଆପଣଙ୍କ ଘରେ ପହଞ୍ଚିବି । ଏକତ୍ର ଚା' ପିଇବା ।" ସବୁଥର ପରି ସାର୍ ଖୁସି ହୋଇଗଲେ । "ହଁ ଅଙ୍ଗୁର, ୟୁ ଆର୍ ମୋଷ୍ଟ୍ ୱେଲ୍‌କମ୍ । କେତେବେଳେ ଆସିବ ?" ସେ ପଚାରିଲେ । କହିଲି, "ଏଗାରଟା ବେଳକୁ ।" ସାର୍ ସବୁବେଳେ ଖୁବ୍ ସମୟାନୁବର୍ତ୍ତୀ ।

## ଭୂପେନ୍ ମହାପାତ୍ରଙ୍କ କିଛି ପ୍ରକାଶିତ ପୁସ୍ତକ

୧. ପୃଥିବୀ ଓ ପୃଥିବୀ: ଓଡ଼ିଶା ବୁକ୍‌ୟଷ୍ଟୋର, କଟକ - ୧୯୮୬
୨. ଗୋଟିଏ ମେଣ୍ଢାପଲ: ପାରିଜାତ ପ୍ରେସ, ରାଉରକେଲା -୧୯୯୧
୩. ପ୍ରମିଳା: ନିଜସ୍ୱ, ରାଉରକେଲକ -୧୯୯୪
୪. ଭାରତ ଭାଗ୍ୟ ବିଧାତା: ସ୍ୱସ୍ତି ପ୍ରକାଶନୀ, ରାଉରକେଲା -୧୯୯୭
୫. ଚନ୍ଦ୍ରସେଣାର ଚନ୍ଦ୍ରାଲୋକ: ସ୍ୱସ୍ତି ପ୍ରକାଶନୀ, ରାଉରକେଲା -୨୦୦୦
୬. ଖୋଳ: ଓଡ଼ିଶା ଲେଖକ ସମବାୟ ସମିତି, ଭୁବନେଶ୍ୱର -୨୦୦୧
୭. ଏବେ ବି ରେବତୀ ଓ ଅନ୍ୟାନ୍ୟ ଗଳ୍ପ: ସୁବର୍ଣ୍ଣରେଖା, ଭୁବନେଶ୍ୱର-୨୦୦୨
୮. ହାତୀର ହିଷ୍ଟ୍ରି: ଆର୍ଯ୍ୟ ପ୍ରକଶଶନ, କଟକ -୨୦୦୨
୯. ସୂର୍ଯ୍ୟ ଉଠିନାହିଁ : ଆକାଂକ୍ଷା ପ୍ରକାଶନ, କଟକ -୨୦୦୩
୧୦. ମୁଁ ଈଶ୍ୱରଙ୍କୁ ଖୋଜୁଛି: ସ୍ୱସ୍ତିକ (ପଶ୍ଚିମା), ଭୁବନେଶ୍ୱର-୨୦୦୬



ସହଧର୍ମିଣୀଙ୍କ ସହ ଭୂପେନ ମହାପାତ୍ର

ତାହା ସମସ୍ତେ ଜାଣନ୍ତି । ମର୍ଣ୍ଣିଂଓ୍ୱାକ୍ ସହ ବ୍ରେକ୍‌ଫାଷ୍ଟ, ଲଞ୍ଚ, ଡିନର୍ ଏବଂ ପଢ଼ିବା, ଲେଖିବା, ଶୋଇବା ସବୁଥିରେ ସମୟାନୁବର୍ତ୍ତୀ । ମୁଁ ଅଧଘଣ୍ଟେ ଡେରିରେ ପହଞ୍ଚିଲି । ସୋଫା ଉପରେ ମତେ ଅପେକ୍ଷା କରି ବସିଥିଲେ ସାର୍ । ଦେଖୁ





ଦେଖୁ ପାଛୋଟି ନେଲେ ଭିତରକୁ । ମ୍ୟାଡ଼ମ୍ (ତାଙ୍କ ପତ୍ନୀ) ଭଲରେ ଚାଲିପାରୁ ନଥାନ୍ତି । କଷ୍ଟେମଷ୍ଟେ ଧୀରେ ଧୀରେ ଆସିଲେ । ଓଠରେ ସେଇ ଚିରାଚରିତ ହସ । ସୋଫାର ଆଉ ଗୋଟେ ସିଟ୍‌ରେ ବସିଲେ । ମୁହଁରେ ମାସ୍କ ଲଗେଇଥିଲି ବୋଲି ମ୍ୟାଡ଼ମ୍ ଦୋଦୋଚିହ୍ନା ହଉଥିଲେ । ଟିକେ ମାସ୍କ ଖସେଇ ଦେଲି । ମ୍ୟାଡ଼ମ୍ ହସିଦେଲେ । ହସରୁ ଏତିକି ବୁଝିଲି: ଚିହ୍ନିବାରେ ଆଉ ଅସୁବିଧା ନାହିଁ । ତାପରେ ଆମେ ଅନେକ କଥା ଗପିଲୁ । ସାହିତ୍ୟ, ରାଜନୀତି, ଚାକିରୀ ଜୀବନକୁ ନେଇ ଅନେକ ସ୍ମୃତି ।

ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଭୂପେନ ମହାପାତ୍ରଙ୍କ ଉଦ୍ୟମ ପ୍ରାତଃସ୍ମରଣୀୟ । ୧୯୮୧ ମସିହା କଥା । ମାଡ୍ରାସ୍‌ପୋର୍ଟରେ ପୋଷ୍ଟିଂ ଥାଏ ତାଙ୍କର । ଓଡ଼ିଆ ସମ୍ବାଦପତ୍ରଟିଏ ପାଇଁ, ଓଡ଼ିଆ ପତ୍ରପତ୍ରିକାଟିଏ ପାଇଁ ହୃଦୟ ବ୍ୟାକୁଳ ହେଉଥାଏ । ମିଳୁନଥାଏ । ଏମିତିକି ଓଡ଼ିଆ ଭାଷାରେ ପଦେ କଥା ହବାକୁ ସାଥୀଟିଏର ବି ଅଭାବ । ମୁଣ୍ଡରେ ପଶିଲା, ଓଡ଼ିଶା ବାହାରେ ଓଡ଼ିଆଙ୍କୁ ଏକାଠି କରିବାକୁ ହେଲେ ବିନା ଜଗନ୍ନାଥରେ ସମ୍ଭବ ନୁହେଁ । ଗଢ଼ିଲେ ଆସୋସିଏସନ୍, ଆସୋସିଏସନ୍‌ର ପ୍ରେସିଡେଣ୍ଟ୍ ହେଲେ ସେଠିକାର ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର କବିମିଶ୍ର । ଚିଫ୍‌ଗେଷ୍ଟ୍ ହୋଇ ଡକା ହେଲେ ସୁସାହିତ୍ୟିକ ମନୋଜ ଦାସ । ଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତିକୁ ନେଇ ଗଢ଼ା ହୋଇଥିବା ଏଇ ସଂଗଠନର ନାଁ ରହିଲା 'ମାଦ୍ରାଜ-ଉତ୍କଳ ଆସୋସିଏସନ' । ଆଜି ବି ସେ ଅନୁଷ୍ଠାନ ଭୂପେନ ମହାପାତ୍ରଙ୍କ ଅବଦାନକୁ ଝୁରେ । ଦୁଇବର୍ଷ ପରେ ବଦଳି ହେଲା ମାଦ୍ରାଜରୁ ପାଟ୍‌ନା । ସେଠି ବି ସେଇ ଏକାକଥା । ସମ୍ବାଦପତ୍ର ବା ଓଡ଼ିଆର ପତ୍ରପତ୍ରିକାଟିଏର ଘୋର ଅଭାବ । ଗଢ଼ିଲେ ଓଡ଼ିଆ ସଂଗଠନ । ସାହିତ୍ୟ କରୁଥିବାରୁ ସୁସଂପର୍କଟିଏ ଥାଏ ସୁସାହିତ୍ୟିକା ମନୋରମା ମହାପାତ୍ରଙ୍କ ସହ । ଫୋନ୍ କଲେ 'ସମାଜ' ଅଫିସ୍‌କୁ । ପାଟ୍‌ନାରେ ପହଞ୍ଚିଲା ଦୈନିକ ଖବରକାଗଜ 'ସମାଜ' । ନିଜ ପକେଟରୁ ପଇସା ଦେଇ ସବୁ କିଣିଲେ । ଘର ଘର ବୁଲି ନିଜେ ବାଣ୍ଟିଲେ । ଆଃ, କି ଓଡ଼ିଆ ପ୍ରୀତି ! ଓଡ଼ିଆ ଭାଷାର ପ୍ରସାର ପାଇଁ ମୂଳଦୁଆଟେ ଥାପି, ଗଢ଼ିଥିବା ସଂଗଠନକୁ ସେଇଠି ଛାଡ଼ି ବଦଳି ହୋଇଗଲେ ଶ୍ରୀହରିକୋଟା । ୧୯୮୯ ମସିହାରେ ପ୍ରମୋସନ ପାଇ ବଦଳି ହୋଇ ଗଲେ ଆସାମ । ସେତେବେଳେ ସ୍ୱତନ୍ତ୍ର ରାଜ୍ୟ ଦାବିରେ ବୋଡ଼ୋମାନଙ୍କ ଦ୍ୱାରା ବିଦ୍ରୋହର ନିଆଁରେ ଜଳୁଥିଲା ଆସାମ । ଠା'ଠାରେ ବମ୍‌ବ୍ଲାଷ୍ଟ୍ । ଏ ସ୍ଥିତିରେ ବି ନିଜ ଖର୍ଚ୍ଚରେ ଦୁଇ ସବର୍ଣ୍ଣ-ଅସବର୍ଣ୍ଣଙ୍କ ବିବାହ କରେଇ ମହତ ଜନସେବାର ଉଦାହରଣଟିଏ ରଖିଲେ ସେ । ଏମିତି ଅନେକ ସ୍ମୃତି ଅନୁଭୂତିର କଥା ଗପିଲା ବେଳେ ଉଜ୍ଜ୍ୱଳି ଉଠୁଥିଲା ସାର୍‌ଙ୍କ ମୁଖମଣ୍ଡଳ ।

ତାଙ୍କର ଗୋଟିଏ ଗଳ୍ପ ଏମ୍.କେ. ଗାନ୍ଧୀ, 'ଇଣ୍ଡିଆନ୍ ଲିଟରେଚର୍'ରେ ସମ୍ପାଦକ N.K.Bhattacharyaଙ୍କ ସ୍ୱତନ୍ତ୍ର ମନ୍ତବ୍ୟ ସହିତ ପ୍ରକାଶ ପାଇବା ପରେ ଭାରତର ବହୁ ଭାଷାରେ ଅନୂଦିତ ହେବା ପାଇଁ ଅନୁମତି ମଗାଗଲା । ପରବର୍ତ୍ତୀ ସମୟରେ ତାହା ମହାରାଷ୍ଟ୍ରର ଜଲ୍‌ଗାଁଓ ବିଶ୍ୱବିଦ୍ୟାଳୟର B.A.(English)ପାଠ୍ୟକ୍ରମରେ ମଧ୍ୟ ସ୍ଥାନ ପାଇଲା ।



କଥାରେ କଥାରେ ଏତେ କଥା ଭିତରକୁ ପଶି ଯାଇଥିଲୁ ଯେ ଭୁଲି ଯାଇଥିଲି ସାର୍‌ଙ୍କ ପାଇଁ ଘରୁ କିଛି ଜିଜ୍ଞାସାର ପୁଟୁଳିଟେ ମନରେ ନେଇ ଆସିଥିଲି ।ତାଙ୍କ ଠୁ ଉତ୍ତର ସବୁ ନେଇ ଫେରିବା ବେଳକୁ ସାର୍ ବଳେଇ ଦେବାକୁ ଆସିଲେ ଦ୍ୱାର ପର୍ଯ୍ୟନ୍ତ ତ ମୁଁ ପ୍ରଣାମ କରି ଫେରିଲି । ଆଉଥରେ ଫେରି ଅନେଇଲି 'କଥାଘର'କୁ, ସାର୍‌ଙ୍କ ମୁହଁରେ ଲହରାଉଥିଲା ଉଦିତ ସୂର୍ଯ୍ୟର ଆଭା ।


B.K. Mom`s Bakery
Kachery Road, Balasore
Deals in : CAKE, DRY FOOD & ICE CREAM
Prop : INTEKHAB ALI KHAN
Mob : 9437087860, 7978240113



# ଆମ ଜନଜାତି ଆଦିମ ଅଧିବାସୀ

ଓଡ଼ିଶା ହେଉଛି ବିଭିନ୍ନ ଜନଜାତିଙ୍କ ଭୂସର୍ଗ । ପ୍ରାୟ ୬୨ ପ୍ରକାର ଜନଜାତି ବସବାସ କରନ୍ତି ଓଡ଼ିଶାରେ । ତନ୍ମଧ୍ୟରୁ ୧୩ ପ୍ରକାର ଆଦିମ ଜନଜାତି ଅଛନ୍ତି । ବଣ୍ଡା, କନ୍ଧ, ସଉରା, ଜୁଆଙ୍ଗ, ଲୋଧା, ମାଙ୍କିଡ଼ିଆ, ଡଙ୍ଗରିଆ ଭଳି ନାନା ପ୍ରକାର ଜନଜାତିର ବାସସ୍ଥଳି ଓଡ଼ିଶା । ସେମାନଙ୍କ ଜୀବନଶୈଳୀର ନାନା ଦିଗକୁ ନେଇ 'ରେବତୀ'ର ଏ ସ୍ୱତନ୍ତ୍ର ସଂଖ୍ୟା । ବହୁ ଉପାଦେୟ ଲେଖା ସ୍ଥାନାଭାବରୁ ପ୍ରକାଶ ପାଇପାରିନାହିଁ । ସେସବୁ ଆସନ୍ତା ସଂଖ୍ୟାରେ ପ୍ରକାଶ ପାଇବ ।

ପରିକଳ୍ପନା : କୃଷ୍ଣ କୁମାର ମହାନ୍ତି

କାଲିଗ୍ରାଫି : ସମରେନ୍ଦ୍ର ବେହେରା

ଚିତ୍ର: ନିତ୍ୟାନନ୍ଦ ସାହୁ




**ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର**
ଉପାଧ୍ୟକ୍ଷ: ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ତିରିଂ,
ମୟୂରଭଞ୍ଜ-୭୫୭୦୫୩
ଫୋନ : ୭୮୭୩୭୧୯୧୬୩

ଫଟୋ ସୌଜନ୍ୟ: ଲେଖକ

# ସାନ୍ତାଳଙ୍କ 'ଅଲାଃ' : ଘର ନୁହେଁ ଚିତ୍ରଶାଳା


▶ଲେଖକ ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର

ଆଦିମ ଯୁଗରେ ଗୁମ୍ଫାରେ ବସବାସ କରୁଥିବା ମଣିଷ କେବେ ଓ କାହିଁକି ଘର ନିର୍ମାଣ କଲା ଏହା ଏକ ଅସମାହିତ ପ୍ରଶ୍ନ । ଅନ୍ୟ ପକ୍ଷରେ ଏହା ସ୍ୱୀକାର୍ଯ୍ୟ ଯେ ଖାଦ୍ୟ,ବସ୍ତ୍ର ପରି ଘର ହେଉଛି ମଣିଷର ଏକ ମୌଳିକ ଆବଶ୍ୟକତା । ଘର କେବଳ ଏକ ବାସସ୍ଥାନ ନୁହେଁ ଏହା ସହ ମଣିଷର ସ୍ୱପ୍ନ ଓ ଆବେଗ ଜଡିତ । ମଣିଷ ଯେଉଁଠି କି ଯାଉପଛେ ଯେତେବେଳେ ନିଜ ଘରକୁ ଫେରିଆସେ ଆଶ୍ୱସ୍ତ ହୁଏ ଓ ନିଜକୁ ନିରାପଦ ମନେ କରେ । ମଣିଷ ପାଇଁ ଘର ଏକ ସୁଖର ବଳୟ । ତେଣୁ ତ କୁହାଯାଏ 'ଘର ମୋର ସ୍ୱର୍ଗ' । ମଣିଷ ନିଜ ସାମର୍ଥ୍ୟ ଓ ସମ୍ବଳ ଅନୁଯାୟୀ ଘର ତିଆରି କରେ । ସେଇ ଘରେ ରହି ନିଜ ସ୍ୱପ୍ନର ଡେଣାକୁ ବିସ୍ତାର କରେ । ନିଜ ରୁଚିରେ ଘରକୁ ଗଢେ ଓ ସଜାଏ । ସାମର୍ଥ୍ୟ ବଢିଲେ ଛୋଟ ଘରକୁ ବଡ଼ କରେ । ମାଟିଘରକୁ ଅଟ୍ଟାଳିକା କରେ । ଏତେସବୁ ବିବର୍ତନ ଭିତରେ ଘରକୁ ନେଇ ତାର ଆବେଗ ଓ ସ୍ୱପ୍ନର କେବେ ମୃତ୍ୟୁ ହୁଏନା । ଘର ସବୁମଣିଷର ପ୍ରାଣସ୍ପନ୍ଦନ, ଏକ ଅଭିଳଷିତ ସମ୍ପଦ ।

ଖରା, ବର୍ଷା,ଶୀତରୁ ରକ୍ଷା ପାଇବା ପାଇଁ ପ୍ରଥମେ ମଣିଷ ତିଆରି କରିଥିବା ତାଳପତ୍ରର କୁଡିଆ ହେଉଛି ଘରର ଆଦି ରୂପ । ନିଓଲିଥିକ୍ ଯୁଗରେ ମଣିଷ ସ୍ଥାୟୀ ଘର କରି ବସବାସ କରିବା ଓ

ବ୍ରୋଞ୍ଜ୍ ଯୁଗରେ ଘର ତିଆରି ଉପାଦାନର ଆବିଷ୍କାର ଓ ଉପଯୋଗ କରିଥିବା କଥା ଆମେ ଜାଣୁ । ଘର ନିର୍ମାଣ ପଦ୍ଧତିର ବିକାଶ ସହ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଘର ନିର୍ମାଣ ଶୈଳୀ ଭିନ୍ନ ଓ ଏଥିରେ ଗଠନଗତ ବିବିଧତା ଦେଖିବାକୁ ମିଳେ ।

ଭାରତୀୟ ସ୍ଥାପତ୍ୟର ବିକାଶ ଇତିହାସ ପର୍ଯ୍ୟାବଲୋକନ କାଳରେ ସିନ୍ଧୁ ସଭ୍ୟତାର ଘର ନିର୍ମାଣ କୌଶଳକୁ ମୂଳତଃ ଆଲୋଚନା କରାଯାଏ । ସିନ୍ଧୁ ସଭ୍ୟତାର ବହୁତଳ ପ୍ରାସାଦ, ଜଳ ନିଷ୍କାସନ ଓ ବାୟୁ ନିର୍ଗମନ ବ୍ୟବସ୍ଥା ଆଧୁନିକ ଯୁଗର ଘର ନିର୍ମାଣ ପଦ୍ଧତି ସହ ସମକକ୍ଷ । ଅନ୍ୟ ଦେଶ ଓ ମହାଦେଶ ଭଳି ଭାରତରେ ଆଜି ବି ଘର ନିର୍ମାଣରେ ସ୍ଥାନୀୟ ସ୍ଥାପତ୍ୟ କଳା କୌଶଳ ଦେଖିବାକୁ ମିଳେ । ଆଜି ବି ଜୈବିକ ଉପାଦାନକୁ ବ୍ୟବହାର କରି ସ୍ଥାନୀୟ କାରିଗରୀ କୌଶଳରେ ଘର ତିଆରି ଚାଲିଛି । ମହାରାଷ୍ଟ୍ରର ଠକର ଘର, ପଶ୍ଚିମବଙ୍ଗର ଦୋ ଚାଲ ବାରି,ଚଚଲା ବାରି, ସ୍ଥାନୀୟ ଘର ନିର୍ମାଣ ପଦ୍ଧତିର ଉଦାହରଣ ।

ଭାରତର ଗ୍ରାମାଂଚଳରେ ଦେଖାଯାଉଥିବା ଘର ସ୍ଥାନୀୟ ଅଂଚଳର ପରିବେଶ, ଗୃହସ୍ୱାମୀଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଦ୍ୱାରା ପ୍ରଭାବିତ । ଏହି ସୂତ୍ରରେ ଦେଶର ବିଭିନ୍ନ ଭାଗର ଗ୍ରାମାଂଚଳରେ ସାଧାରଣତଃ କଚା,ପକ୍କା ଓ ଅର୍ଧ ପକ୍କା ଘର ଦେଖିବାକୁ ମିଳିଥାଏ । ଘରର ଏତେ ସବୁ ପ୍ରରୂପ ଭିତରେ ମାଟି ବା କଚା ଘର ଆଜି ବି ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖିଛି । ମାଟି ଘର ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମାଣ ହୋଇଥାଏ । ଏହି ଜ୍ଞାନ କୌଶଳ ଗୋଟିଏ ପିଢିରୁ ଆଉ ଗୋଟେ ପିଢି ହାତକୁ ଆସିଛି । ଯାହାକି ବିଦ୍ଧିବଦ୍ଧ ପ୍ରଶିକ୍ଷଣ ନୁହେଁ ସଂପୂର୍ଣ୍ଣ ଅନୁଭୂତି ପ୍ରସୂତ । ସାନ୍ତାଳ ଜନଜାତିଙ୍କ ଦ୍ୱାରା ତିଆରି ଘର ଏହି ଧାରାର ଏକ ଅଂଶବିଶେଷ ।

ସାନ୍ତାଳ ମାନେ ଭାରତର ଏକ ବିଶାଳ ଜନଜାତି ସମୁଦାୟ । ଯେଉଁମାନେ ପୂର୍ବ ଭାରତର ଆସାମ,ବିହାର,ଝାଡ଼ଖଣ୍ଡ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଅଧିକ ସଂଖ୍ୟାରେ ବସବାସ କରନ୍ତି । ଆମ ରାଜ୍ୟ କଥା ଯଦି ବିଚାର କରାଯାଏ ତାମଧ୍ୟରେ ମୟୂରଭଞ୍ଜ ଜିଲ୍ଲା ହେଉଛି ଅଧିକ ସାନ୍ତାଳପ୍ରବଣ । ଏମାନେ ମୂଳତଃ ପାହାଡ଼ ଜଙ୍ଗଲ ଘେରା ଗାଁର ଅଧିବାସୀ ଓ କୃଷି ଉପରେ ନିର୍ଭରଶୀଳ । ଏମାନଙ୍କ ଘର ହେଉଛି ସେମାନଙ୍କର ପରିଚୟ । ସ୍ଥାନୀୟ ଅଂଚଳରେ ମିଳୁଥିବା ଉପାଦାନକୁ ବିନିଯୋଗ କରି ପାରମ୍ପରିକ କୌଶଳରେ ଏମାନେ ନିଜ ଘର ତିଆରି ଜାଣନ୍ତି । ଘରକୁ ନେଇ ସେମାନଙ୍କ ଅଦଭୁତ କାରିଗରୀ ଓ ସାଜସଜ୍ଜା ପାଇଁ ଏମାନେ ବେଶ ଜଣାଶୁଣା । କୌଣସି ବିଧିବଦ୍ଧ ପ୍ରଶିକ୍ଷଣ ବିନା ନିଜସ୍ୱ ଅଭିଜ୍ଞତାରୁ ଏମାନେ ସୁନ୍ଦର ଘର ନିର୍ମାଣର କୌଶଳ ଶିଖିଛନ୍ତି । ଘର ନିର୍ମାଣର ସ୍ୱତନ୍ତ୍ରତା ପାଇଁ ଏମାନେ ଅନ୍ୟ ଜନଜାତି ସମ୍ପ୍ରଦାୟ ମଧ୍ୟରେ ବାରି ହୋଇ ପଡନ୍ତି । ଆର୍କିଟେକ୍‌ଚର୍ ବା ସ୍ଥାପତ୍ୟ ଭାଷାରେ ସାନ୍ତାଳଙ୍କ ଏହି ସ୍ୱତନ୍ତ୍ର ଘର ନିର୍ମାଣ କୌଶଳକୁ ଭର୍ଣ୍ଣାକୁଲାର୍ ଆର୍କିଟେକ୍‌ଚର୍ ବା ସ୍ଥାନୀୟ ବାସ୍ତୁକଳା ଆଖ୍ୟା ଦିଆଯାଇଛି ।

ସାନ୍ତାଳୀ ଭାଷାରେ ଘରକୁ 'ଅଳାଃ' କୁହାଯାଏ । ଏହି 'ଅଳାଃ' ମୁଖ୍ୟତଃ ତିନିପ୍ରକାର । ଯଥା: ଛାତୋମ୍ ଅଳାଃ (ଯାହାର ଚାଳ ଦେଖିବାକୁ ଛତା ଆକାରର), କୋଠ ଅଳାଃ (ବର୍ତ୍ତମାନର ପ୍ରଚଳିତ ସାନ୍ତାଳୀ ଘର), ବଙ୍ଗଳା ଅଳାଃ (ବଂଲୋ ଭଳି ଘର ଯେଉଁଥିରେ ଝରକା, ବାରଣ୍ଡା ଓ ପାରାପେଟ ଥାଏ) ।

ସାନ୍ତାଳଙ୍କ ଘରର ରୂପରେ ଯେଉଁ ସବୁ ପରିବର୍ତ୍ତନ ଆମେ ଦେଖୁ ତାହା ଗତ ତିରିଶ୍ ବର୍ଷର । ପ୍ରଥମେ ଥିବା ଏକଟିକିଆ ଗଡାଣିଆ ଚାଳ ପରେ ପରେ ଦୁଇଟିକିଆ ଗଡାଣିଆ ଚାଳରେ ରୂପାନ୍ତରିତ ହୋଇଛି । ସାନ୍ତାଳଙ୍କ ଘର ବା 'ଅଳାଃ'ର କାନ୍ଥ ମୋରମ (ମୋରମାସା) ଓ ମାଟି କାଦୁଅ ମିଶ୍ରଣରେ ତିଆରି । ଏହି କାଦୁଅରେ ବଣୁଆ ଶୁଖିଲା ଘାସ ଗୁଣ୍ଡ, ଧାନ ଅଗାଡ଼ି, ଛଣ ମିଶା ଯାଇଥାଏ । ଫଳରେ କାନ୍ଥ ଅଧିକ ମଜଭୁତ ହୋଇଥାଏ । ସମୟକ୍ରମେ ଏହା ଇଟା ଓ ମାଟି ପ୍ଲାଷ୍ଟର୍ କାନ୍ଥରେ ରୂପାନ୍ତରିତ ହୋଇଛି । ଦୁଇ ଚାଳିଆ ଘରରୁ ଦୁଇପାଦ ଆଗକୁ ଯାଇ ସାନ୍ତାଳମାନେ ଚାରିଚାଳ, ଆଠଚାଳ ବାଲା ଘର ବି ତିଆରି କରିଛନ୍ତି । ଘରର ଚାଳ ପ୍ରଥମେ ଛଣରେ ଛପର ହେଉଥିଲା । ଏବେ କିନ୍ତୁ ସବୁଘରର ଚାଳ ଖପର ନହେଲେ ମାଟି ଟାଇଲ୍‌ରେ ଛପର ହୋଇଥିବା ଦେଖିବାକୁ ମିଳେ । ଖପର ଛାତ କରିବା ପଛର କାରଣ ଘରପୋଡି ଭଳି ବିପଦକୁ ଟାଳିବା ଓ ପ୍ରତିବର୍ଷ ଛଣ ଛପରରୁ ମୁକ୍ତ ହେବା ।

ଘରର ନିଅଁ ପଡିବା ସହ ଘର କେମିତି ହେବ ସେ ନେଇ ସାହିଭାଇଙ୍କୁ ଡାକି ସେମାନେ ପ୍ରଥମେ ଏକ ନକ୍‌ସା ପ୍ରସ୍ତୁତ କରନ୍ତି । ଘର ନିର୍ମାଣ ବେଳେ ବାସ୍ତୁ ପ୍ରତି ସେମାନେ ବିଶେଷ ଧ୍ୟାନ ଦେଇଥାନ୍ତି । ଘରର ଉତ୍ତର ଭାଗକୁ ସାନ୍ତାଳୀ ଭାଷାରେ କୁହାଯାଏ ଜୋନମ୍, ଯାହାର ଅର୍ଥ ଜନ୍ମ ଅଂଶ । ଘରର ଦକ୍ଷିଣ ଭାଗକୁ କୁହାଯାଏ ମୋରେନ୍ ଯାହାର ଅର୍ଥ ମୃତ୍ୟୁ ଅଂଶ । ଘରର ପୂର୍ବ





ଭାଗକୁ କୁହାଯାଏ ସିନାଚାନ୍ଦୋ, ଯାହାର ଅର୍ଥ ସୂର୍ଯ୍ୟ ଅଂଶ । ଘରର ପଶ୍ଚିମ ଭାଗକୁ କୁହାଯାଏ ନିଦାଚାନ୍ଦୋ, ଯାହାର ଅର୍ଥ ଚନ୍ଦ୍ର ଅଂଶ ।

ସାନ୍ତାଳଙ୍କ 'ଅଲାଃ'ର ଲମ୍ବ ସାଧାରଣତଃ ୭ ହାତ(୧୦ ଫୁଟ), ୯ହାତ (୧୩ ଫୁଟ) କିମ୍ବା ୧୧ ହାତ ହୋଇଥାଏ । ଓସାର ସାଧାରଣତଃ ୫ ହାତ, ୭ ହାତ କିମ୍ବା ୯ ହାତ ହୋଇଥାଏ । ଘରଗୁଡ଼ିକର ଆକାର ସବୁବେଳେ ଆୟତାକାର ଆକୃତିର ହୋଇଥାଏ । ଅଧିକାଂଶ ଘରରେ ଝରକା ନଥାଏ, ଯେଉଁଠି ବି ଝରକା ଥାଏ ତାହା ଅତି ଛୋଟ ଆକାରର । ସେମାନଙ୍କର ବିଶ୍ୱାସ ଝରକା ବାଟ ଦେଇ ଘର ଭିତରକୁ ଦୁଷ୍ଟ ଶକ୍ତିର ଦୃଷ୍ଟି ପଡିବ । ଫଳରେ ଘରେ ସବୁବେଳେ ଅଭାବ ଓ ସମସ୍ୟା ସୃଷ୍ଟି ହେବ । ଘରର ଆକାର ପ୍ରକାର ମୂଳରେ ସେମାନଙ୍କ ଧାର୍ମିକ ଓ ସାଂସ୍କୃତିକ ଭାବଧାରା ନିହିତ । ମୋଟ ଘର ମୁଖ୍ୟତଃ ଚାରିଟି ଅଂଶରେ ବିଭକ୍ତ ହୋଇଥାଏ । ଯଥା: ବୋଙ୍ଗା ଅଲାଃ (ପୂଜା ବା ଉପାସନା ସ୍ଥାନ), ଗିତିଚ ଅଲାଃ (ଶୋଇବା ଘର), ଗାରୋ ଅଲାଃ (ଗୁହାଳ), ଡାକା ଅଲାଃ (ରୋଷେଇ ଘର) ।

କାନ୍ଥରେ ବ୍ୟବହୃତ ରଙ୍ଗମାଟିକୁ ସେମାନେ 'ଲିପୁ' କହିଥାଆନ୍ତି । ଯାହାକି ସେମାନେ ସ୍ଥାନୀୟ ସାପ୍ତାହିକ ହାଟରୁ କିଣିଥାଆନ୍ତି ଆଉ କେହି କେହି ନିଜେ ପ୍ରସ୍ତୁତ କରିଥାଆନ୍ତି । ଖଣି ଖାଦାନରେ ମିଳୁଥିବା ନାଲି ମହରମକୁ (ମୋରମାସା) ଚାଲୁଣିରେ ଚଲେଇ ନାଲି ରଙ୍ଗର ମାଟି ପ୍ରସ୍ତୁତ କରାଯାଏ । ହଳଦିଆ କେଲୁଅ ମାଟିକୁ ଶୁଖେଇ ତାକୁ ଚାଲୁଣିରେ ଚଲେଇ ହଳଦି ରଙ୍ଗର ମାଟି ପ୍ରସ୍ତୁତ କରାଯାଏ । ଚୂନ ପଥରକୁ ଗୁଣ୍ଡ କରି ଧଳା ରଙ୍ଗ ପ୍ରସ୍ତୁତ କରନ୍ତି ଓ ଛଣ ଜଳେଇବା ପରେ ସେଥିରୁ ବାହାରୁଥିବା ପାଉଁଶରୁ କଳାରଙ୍ଗ ପ୍ରସ୍ତୁତ କରନ୍ତି ।

ଘରକୁ ଲିପାପୋଛା କରି ପରିଚ୍ଛନ୍ନ ରଖିବା ସାନ୍ତାଳୀ ମହିଳାମାନଙ୍କର ଏକ ବିଶେଷ ଗୁଣ । ନିୟମିତ ଭାବେ ଗୋବର ଓ ମାଟିରେ ଏମାନେ ଚଟାଣ ଓ କାନ୍ଥକୁ ଲିପାପୋଛା କରିଥାଆନ୍ତି । କାନ୍ଥଗୁଡିକୁ ନାଲି,ହଳଦିଆ, କଳା ଓ ଧଳା ରଙ୍ଗର ମାଟିରେ ସେମାନେ ରଙ୍ଗାୟିତ କରିଥାଆନ୍ତି । ଯାହାକି ଏକ ବର୍ଣ୍ଣିଳ ସୌନ୍ଦର୍ଯ୍ୟ ସୃଷ୍ଟି କରିଥାଏ । ରଙ୍ଗ କାନ୍ଥ ଉପରେ ବିଭିନ୍ନ ରେଖାଚିତ୍ର କରି ଏହାକୁ ଆହୁରି ଆକର୍ଷିତ କରି ତୋଳନ୍ତି । ପଶୁପକ୍ଷୀ, ଗଛଲତା, ଫୁଲ, ସୂର୍ଯ୍ୟ, ଚନ୍ଦ୍ର ଇତ୍ୟାଦି ଚିତ୍ର ଓ ବିଭିନ୍ନ ଜ୍ୟାମିତିକ ରୂପ ରଙ୍ଗୀନ କାନ୍ଥର ଶୋଭାବର୍ଦ୍ଧନ କରିଥାଏ । କେଉଁଠି କେଉଁଠି କାନ୍ଥରେ ଚିତ୍ରରେ ଚିତ୍ରରେ ସାନ୍ତାଳୀ ଲୋକକଥା ଓ ଲୋକଗୀତକୁ ଉପସ୍ଥାପିତ କରାଯାଇଥାଏ ।

ଘରର ସ୍ଥାପତ୍ୟ, ବ୍ୟବସ୍ଥା, ରଙ୍ଗର ବୈଚିତ୍ର୍ୟ ଓ ଗଠନ ରୀତିରୁ ସାନ୍ତାଳଙ୍କ ଜୀବନଶୈଳୀ ପ୍ରତିଫଳିତ ହୋଇଥାଏ । ଘର ତିଆରି ସମୟରେ ସ୍ଥାନ ପରିଚାଳନା, ଜଳ ନିଷ୍କାସନ ବ୍ୟବସ୍ଥା ପ୍ରତି ସେମାନେ ବିଶେଷ ଦୃଷ୍ଟି ଦେଇ ଥାଆନ୍ତି । ସାନ୍ତାଳଙ୍କ 'ଅଲାଃ' ହେଉଛି ସବୁବେଳେ ରଙ୍ଗ ଓ ଚିତ୍ରର ସମ୍ଭାର । ଯେଉଁଥିରେ ଜୈବିକ ରଙ୍ଗ ଓ ରେଖାଚିତ୍ର  ସୁବ୍ୟବସ୍ଥିତ ଢଙ୍ଗରେ ପ୍ରୟୋଗ ହୋଇଥାଏ । ଘର କାନ୍ଥରେ ଧଡ଼ି, ରଙ୍ଗ ଓ ଚିତ୍ର ସାନ୍ତାଳୀ ସଂସ୍କୃତିକୁ ପ୍ରତିନିଧିତ୍ୱ କରିଥାଏ । ଯାହାକୁ ସେମାନେ ଭିତିଚିତ୍ର କହିଥାଆନ୍ତି ।

ସାନ୍ତାଳମାନେ ଗୋଷ୍ଠୀବଦ୍ଧ ଭାବେ ରହିବାକୁ ପସନ୍ଦ କରନ୍ତି । ସାଧାରଣତଃ ସାନ୍ତାଳ ଗାଁ ଗୁଡ଼ିକରେ ମଝିରେ ପ୍ରଶସ୍ତ ରାସ୍ତା ଓ ଦୁଇ ପାର୍ଶ୍ୱରେ ଘର ଦେଖିବାକୁ ମିଳେ । ଗୋଷ୍ଠୀବଦ୍ଧ ଜୀବନକୁ ପସନ୍ଦ କରୁଥିବା ସାନ୍ତାଳମାନେ ଛାଡି ଛାଡି ଘର କରିବା ପରିବର୍ତ୍ତେ ଲାଗି ଲାଗି ପରସ୍ପରର ଘର ତିଆରି କରିଥାଆନ୍ତି । ନୂଆ ବସତି ସ୍ଥାପନ ପାଇଁ ଜାଗା ନିର୍ଣ୍ଣୟ ବେଳେ ମାଝୀ (ଗାଁ ମୁଖିଆ) ଓ  ଗାଁର ତିନିରୁ ଚାରିଜଣ ବୟସ୍କ ଲୋକ ପ୍ରଥମେ ଯାଇ ସେ ଜାଗାର ଅନୁଧ୍ୟାନ କରନ୍ତି । କୌଣସି ବନ୍ୟଜନ୍ତୁର ପାଦଚିହ୍ନ ସେ ଜାଗାରେ ପଡିଥିଲେ ଏହା ସେମାନଙ୍କ ପାଇଁ ସୌଭାଗ୍ୟଶାଳୀ ବୋଲି ସେମାନେ ବିବେଚନା କରିଥାନ୍ତି । ସେମାନଙ୍କ ବିଶ୍ୱାସ ସେଭଳି ଜାଗାରେ ବସତି ସ୍ଥାପନ କଲେ ଭବିଷ୍ୟତରେ ତାହା ସେମାନଙ୍କ ଜୀବନକୁ ଶୌର୍ଯ୍ୟଶାଳୀ କରିବ । ପରଦିନ ସେଇ ଜାଗାକୁ ଯାଇ ମାଝୀ ସିନ୍ଦୂରରେ

ପାଞ୍ଚଟି ଚିହ୍ନ ଆଙ୍କେ । ସିନ୍ଦୂର ଚିହ୍ନର ଅଳ୍ପ ଦୂରରେ କିଛି ଚାଉଳ ପକାଇ ଏକ ଜଳଭାଣ୍ଡ ଥୋଇ ଦେଇ ଆସେ । ଚାଉଳ ପଡ଼ିଥିବାର ଅନତି ଦୂରରେ ଧାଡି କରି ଗୋଟିଏ ରଙ୍ଗୀନ କୁକୁଡା ଓ ଦୁଇଟି ଧଳା କୁକୁଡା ବାନ୍ଧି ଦେଇଯାଏ । ପରଦିନ ସକାଳେ ମାଝୀ ଓ ତାର ସହଯୋଗୀ ସେଇ ଜାଗାକୁ ଅନୁଧ୍ୟାନ କରିବାକୁ ଯାଆନ୍ତି । ଯଦି କୁକୁଡାଙ୍କ ଦେହରୁ ବଡ଼ ପର ଖସି ଥାଏ ତାହେଲେ କିଛିଦିନ ମଧ୍ୟରେ କେହି ବୟସ୍କ ଲୋକର ମୃତ୍ୟୁ ହେବ, ଯଦି ସାନ ପର ଖସିଥାଏ କୌଣସି ଛୁଆର ମୃତ୍ୟୁ ହେବ ବୋଲି ସେମାନେ ବିଶ୍ୱାସ କରନ୍ତି । ଯଦି କୁକୁଡାଙ୍କ ଦେହରୁ କୌଣସି ପର ଖସି ନଥାଏ ଏହାକୁ ଶୁଭ ବିଚାର କରି ପରଦିନ ମାଝୀ ପାଇଁ ସେମାନେ ସେ ଜାଗାରେ ଏକ ଘର ତିଆରି କରନ୍ତି । ସେଠାରେ ରହିବା ପରେ ମାଝୀ ଗାଁବାଲାଙ୍କ ପାଇଁ ଘରଡିହ ଓ ଚାଷଜମି ଭାଗବାଣ୍ଟ କରିଥାଏ । ଏହାପରେ ସେମାନେ ସେଠାରେ ନିଜ ଘର ତିଆରି କରନ୍ତି, ଘର ତିଆରିରେ ପରସ୍ପରକୁ ସାହାଯ୍ୟ କରନ୍ତି ।




ଭୂଇଁରେ ତିନି ଧାଡ଼ିରେ ୯ ଟି ଖୁମ୍ବ ପୋତି ଘର ତିଆରି କରିବା ସେମାନଙ୍କର ନିୟମ । ଘରର ଚାଳକୁ ମଜଭୁତ ରଖିବାକୁ ମଝିଅଂଶରେ ମେରି ଖମ୍ବ ବାଦ୍ ଆଉ ଦୁଇଟି ସରୁ ଖୁମ୍ବ ପୋତା ଯାଇଥାଏ । ଘର ତିଆରି ବେଳେ ଏହି ମୂଳ ଖମ୍ବ ପାଖରେ କୁକୁଡା ବଳି ଦେବାର ପରମ୍ପରା ରହିଛି । ଶାଳକାଠର ଫାଳିରେ ଛପରର ଛାଂଚ କରାଯାଏ । ଏହା ଉପରେ ଖପର ବା ଟାଇଲ୍ ଛାଉଣି କରାଯାଏ । ମାଟି କାନ୍ଥରେ ଚମକ ଆଣିବାକୁ ଧଳା,ହଳଦିଆ, ନାଲି, କଳା ରଙ୍ଗ ମାଟିର ପ୍ରଲେପ ଦିଆଯାଏ । ଚାଳ ଅନୁଯାୟୀ ସାନ୍ତାଳଙ୍କ ଘର ଦୁଇ ପ୍ରକାର ହୋଇଥାଏ । ସେମାନେ ଦୁଇଚାଳିଆ ଘରକୁ 'ବାଙ୍ଗଲାଓରକ' (ଆୟତାକାର ଘର) ଓ ଚାରିପାର୍ଶ୍ୱ ଚାଳିଆ ଘରକୁ 'କାଟୋମୋରକ' କହନ୍ତି । ସବୁ ପ୍ରକାର ସାନ୍ତାଳି ଘରର ଭିତର ସାଜ ପ୍ରାୟ ସମାନ ହୋଇଥାଏ । ପ୍ରତ୍ୟେକଙ୍କ ଘରେ ଅତି କମ୍‌ରେ ଦୁଇଟି କୋଠରୀ ଥାଏ । ଭିତର କୋଠରୀକୁ 'ଚିତର' କୁହାଯାଏ । ଏହି ଭିତର ଘରେ ଏକ ଅଧକାନ୍ଥି ଥାଏ । ଅଧକାନ୍ଥି ଦିଆଯାଇ ଏକ ଛୋଟ କୋଣ ଜାଗା ରଖା ଯାଇଥାଏ । ଏହି ଜାଗାରେ ସେମାନଙ୍କ ପୂର୍ବପୁରୁଷ ବା 'ଓରାକବୋଙ୍ଗା' ପୂଜା ପାଆନ୍ତି । ପରିବାର ଲୋକଙ୍କ ବ୍ୟତୀତ ବାହାର ଲୋକଙ୍କୁ ଏ ଜାଗାକୁ ଯିବା ବାରଣ ଥାଏ ।



ଅଧିକାଂଶ ଘରର ଦାଣ୍ଡପଟ କାନ୍ଥକୁ ଲାଗି ଏକ ପିଣ୍ଡା ଛଡା ଯାଇଥାଏ । କେହି କେହି ଘରର ଚାରି ପାର୍ଶ୍ୱରେ ପିଣ୍ଡା ଛାଡିଥାଆନ୍ତି । ଏହି ପିଣ୍ଡାଗୁଡିକ ମୁଖ୍ୟତଃ ବାହାର ଲୋକଙ୍କ ବସାଉଠା ଓ ତାସ୍ ଖେଳ ପାଇଁ ଉଦ୍ଦିଷ୍ଟ । ଶୋଇବା କୋଠରୀ, ରୋଷେଇ ଶାଳକୁ ଛାଡି ଗୋଟିଏ ଅମାର ଘର ଓ ଗୁହାଳ ପ୍ରତ୍ୟେକ ସାନ୍ତାଳଙ୍କ ଘରେ ଦେଖିବାକୁ ମିଳେ । ବିବିଧ ବ୍ୟବହାର ପାଇଁ ଘରର ଭିତର ପାର୍ଶ୍ୱକୁ ଲାଗି ଏକ ଅଗଣା ଥାଏ । ଅଗଣାରେ ଖଟିଆ ପଡିଥାଏ, ଉଠା ଚୂଲି ଥାଏ । ଚାଷକାମରେ ନିୟୋଜିତ ଜିନିଷପତ୍ର ଥାଏ । ଏଠାରେ ସେମାନେ ରୋଷେଇ ଠାରୁ ଆରମ୍ଭ କରି ବିଶ୍ରାମ, ଗପସପ, ହାଣ୍ଡିଆ ସେବନ ଆଦି ଯାବତୀୟ କାମ କରିଥାନ୍ତି ।

ସାନ୍ତାଳଙ୍କ ଘର ବା 'ଅଲାଃ' ଆମ ଗ୍ରାମାଞ୍ଚଳରେ ଦେଖା ଯାଉଥିବା ତଥାକଥିତ ମାଟିଘର ନୁହେଁ, ଏହା କାହିଁ କେତେ ଗୁଣରେ ସ୍ୱତନ୍ତ୍ର । ନିଜର ବିଶେଷତ୍ୱ ପାଇଁ ସାନ୍ତାଳୀ 'ଅଲାଃ' ଆଜିର ଦିନରେ ଭର୍ଣ୍ଣାକୁଲାର୍ ଆର୍କିଟେକ୍‌ଚରାଲ୍ ଷ୍ଟଡିଜ୍‌ରେ ବିଦ୍ୟାର୍ଥୀଙ୍କ ପାଇଁ ଏକ ଆକର୍ଷକ ଅଧ୍ୟୟନ ବିଷୟ ପାଲଟିଛି । 'ଅଲାଃ'କୁ ବାଦ୍ ଦେଇ ସାନ୍ତାଳ ଜନଜାତିଙ୍କ ସମ୍ପର୍କରେ ଆଲୋଚନା ସବୁବେଳେ ଅସମ୍ପୂର୍ଣ୍ଣ । କଳାତ୍ମକ ଘରର ବିଶେଷତ୍ୱ ପାଇଁ ସାନ୍ତାଳମାନେ ଅନ୍ୟ ଜନଜାତି ଠାରୁ ଭିନ୍ନ ଭାବେ ବାରି ହୋଇ ପଡନ୍ତି, ପ୍ରକାରାନ୍ତରେ ଏହି ଘର ହିଁ ସେମାନଙ୍କର ବଡ଼ ପରିଚୟ ।

# ପରଜାର ପାଦଦେଶେ



# ଶରଶୁପଦର
## ଏକ ସଂକ୍ଷିପ୍ତ ସ୍ମୃତି


**ରବି ପଣ୍ଡା**

ପ୍ଲଟ୍ ନଂ- ୩୫୩୪, କପିଳପ୍ରସାଦ,
ଭୁବନେଶ୍ୱର-୭୫୧୦୦୨
ଫୋନ : ୯୪୩୭୨ ୭୫୮୦୮


ଫଟୋ ସୌଜନ୍ୟ : ଲେଖକ



▶ଲେଖକ ରବି ପଣ୍ଡା

ଲକ୍ଷ୍ମୀପୁର ଷ୍ଟେସନ୍‌ରେ ହୀରାଖଣ୍ଡ ଏକ୍ସପ୍ରେସ୍ ପହଂଚିଲା ବେଳକୁ ସମୟ ହୁଏତ ଆଠଟା, କିନ୍ତୁ ଡ଼ିସେମ୍ବରର ଶୀତୁଆ ସକାଳେ କୁହୁଡ଼ିର ଘନ ଆସ୍ତରଣ ଭିତରେ ଥାଇ କହୁଥିବ ରାତି ପାହା ପାହା ହେଉଚ଼ି । କୁହୁଡ଼ିର ଛାୟାଘେରରେ ନିଜର ଅସ୍ତିତ୍ୱକୁ ଜାହିର୍ କରୁଥିବ ଦୂର ଅଦୂରର ପାହାଡ଼ର ରେଖାଚିତ୍ର ପୂର୍ବଘାଟ ପର୍ବତମାଳାର ପ୍ରଲମ୍ବିତ ବିସ୍ତୃତି ଭିତରେ । ସମୁଦ୍ର ପତନ ଠାରୁ ୪୨୭ ମିଟର ଉଚ୍ଚତାରେ ଅବସ୍ଥିତ ଏହି ଲକ୍ଷ୍ମୀପୁର ଷ୍ଟେସନ୍ । କୋରାପୁଟ ଜିଲ୍ଲାର ମୁଖଶାଳା ।

ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଲକ୍ଷ୍ମୀପୁର କଲେଜ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ଗଳ୍ପ କର୍ମଶାଳା ଅବସରରେ ଆମେ କେତେଜଣ ଲେଖକଙ୍କ ଉପସ୍ଥିତି ଏବେ ଷ୍ଟେସନ୍‌ରେ । ହୀରାଖଣ୍ଡ ଆମକୁ ଏଠାରେ ଓହ୍ଲାଇ ଦେବାର ଦାୟିତ୍ୱ ନିର୍ବାହ କରିସାରି ଜଗ୍‌ଦଲ୍‌ପୁରରେ ପହଂଚିବାର ଲକ୍ଷ୍ୟ ନେଇ ହଜିଗଲାଣି କୁହୁଡ଼ି ବକ୍ଷରେ କେତେବେଳୁ ।

ଆୟୋଜକମାନେ ଅତ୍ୟନ୍ତ ଶ୍ରଦ୍ଧା ଓ ଆନ୍ତରିକତାର ସହ ଆମକୁ ଗନ୍ତବ୍ୟ ସ୍ଥଳରେ ପହଂଚାଇବା ଆୟୋଜନରେ ବ୍ୟସ୍ତ । ଅନ୍ତତଃ ଚା' କପେ  କପେ ତ ନିହାତି ଦରକାର ଏ ଶୀତାର୍ତ୍ତ ସକାଳେ । କିନ୍ତୁ ତାହା ମିଳିବ ଲକ୍ଷ୍ମୀପୁର ବଜାରରେ । ଷ୍ଟେସନ୍‌ର ଅଳସ ନିଦ ତ ତଥାପି ଭାଂଗିନାହିଁ, ଏବେ ଏଠି ଚା' ଆସିବ କୁଆଡ଼ୁ !

ଉପକୂଳ ଅଂଚଳର ମଣିଷମାନେ ପାହାଡ଼ପର୍ବତ ଦେଖିଲେ ପାଗଳ । ପ୍ରଗଳ୍‌ଭ । ସ୍ୱାଭାବିକ, ଯେମିତି ସମୁଦ୍ର ଦେଖିଲେ ହୁଅନ୍ତି ଦେଶ ଅଭ୍ୟନ୍ତରର ଅଧିବାସୀମାନେ ।

ଏବେ କୁହୁଡ଼ିର ଆସ୍ତରଣ ହଟୁଥିଲା ଆସ୍ତେ ଆସ୍ତେ । କୁଣ୍ଠିତ ସୂର୍ଯ୍ୟର କିରଣ ପାଟେଳି ରଂଗ ବୁଣୁଥିଲା ପାହାଡ଼ର ଅଗ୍ରଭାଗରେ । ଶାନ୍ତ, ନୀରବ ବନସ୍ପତି ବି ଅପୂର୍ବ ଶୋଭାଧାରଣ କରୁଥିଲା ସେ ଲୋହିତ ଆଭାରେ ।

ଲକ୍ଷ୍ମୀପୁର । ସାଧାରଣ ଲୋକଙ୍କ ପାଇଁ ଗୋଟେ ବ୍ଲକ୍ ହେଡ୍‌କ୍ୱାର୍ଟର୍ । ଏକ ନିର୍ବାଚନ ମଣ୍ଡଳୀ । ସଡ଼କ ପଥରେ କୋରାପୁଟ୍‌କୁ ପ୍ରବେଶ ଦ୍ୱାର କି କୋଡ଼ିଙ୍ଗାମାଳି ପର୍ବତରୁ ଉତ୍ତୋଳିତ ହେଉଥିବା ବକ୍ସାଇଟ୍ ଅଂଚଳ ବା ଜଂଗଲଜାତ ପଦାର୍ଥମାନଙ୍କର ଏକ ପେଣ୍ଠସ୍ଥଳୀ । କିନ୍ତୁ ସାହିତ୍ୟର ସହଯାତ୍ରୀମାନେ ଲକ୍ଷ୍ମୀପୁରରେ ପହଂଚିଗଲେ ମନେପକେଇ ବି ନିଅନ୍ତି ଏଇ କେତୋଟି କଥା: "କୋରାପୁଟ୍‌ରୁ ଲକ୍ଷ୍ମୀପୁର ଯିବା ରାସ୍ତାରେ ଲକ୍ଷ୍ମୀପୁର ମୋଟେ ଦେଢ଼କୋଶ ଥାଇ ଯେଉଁ ଭୟଙ୍କର 'ଧର୍ମଦୁଆର' ଘାଟି ପଡ଼େ, ଏପାଖୁ ଚାଳିଶ ସେପାଖୁ ପଚାଶ ପାହାଡ଼ ଠେଲାଠେଲି ଧକ୍‌କା ଧକ୍‌କି ହୋଇ ମୁହାଁମୁହିଁ ହୋଇ ଠିଆ ହୋଇଥାନ୍ତି, ସେହି ଧର୍ମଦୁଆର ଘାଟି ଠୁ ଉତ୍ତରକୁ କୋଶେ ଦୂରରେ ପଡ଼େ ଗୋଟେ ଛୋଟ ଗାଁ, ଶରଶୁପଦର ତା ନାଁ । ଗୋଟେ ପାହାଡ଼ର ଢ଼ାଲୁରେ ଠିକ୍ ଅଣ୍ଟା ପାଖେ ଠିଆ ଏ ଗାଁ ।"

ପାଖ ପାଖ ହୋଇ ତିନିଜାତି ଲୋକଙ୍କ ବସତି, ତିନିମେଂଚି କୁଡ଼ିଆ ଘର, 'ଡ଼ମ୍ବ ସାହି', 'ଗାଦବା ସାହି' ଓ 'ପରଜା ସାହି', ଧାଡ଼ି ଧାଡ଼ି ଘର । ଚଣିଅଁ ଝାଟିର ଜାଲିବାଡ଼ ଭିତରେ ସାବୁଜା ସାବୁଜା 'ଜୋଣା' (ମକା) କ୍ଷେତ, ଲଙ୍କାମରିଚ କ୍ଷେତ, ଧୂଆଁପତ୍ର କ୍ଷେତ ତା' ବାହାରେ ମାଣ୍ଡିଆ, ଅଳସି, ଜଡ଼ା, କାନ୍ଦୁଲ, ବଡ଼ହରଡ଼ ।

ମୋଟେ କୋଡ଼ିଏ ଦୁଇ ଘରର ବାସ ।  ଏହି ଗାଁର ପରଜାସାହିର ଶୁକୁଜାନି... (ପରଜା, ଗୋପୀନାଥ ମହାନ୍ତି) ଏତକ ହିଁ ମନେ ପଡ଼ିଗଲେ ଜିଇଁ ଉଠେ ଶୁକୁଜାନି ।

ଗୋଟେ ଲେଖକ ଗୋଟେ ବ୍ୟକ୍ତିକୁ / ଚ଼ରିତ୍ରକୁ ଅମର କରିଦିଏ, ଗୋଟିଏ ସ୍ଥାନକୁ ମହନୀୟ, ସ୍ମରଣୀୟ କରିଦିଏ । ଗୋପୀନାଥ ମହାନ୍ତି 'ପରଜା' ଲେଖିଥିଲେ ୧୯୪୩ରେ (ବହି ଲେଖା ସରିଥିଲା ୨୨.୦୭.୧୯୪୩ ରାତି ୧୧.୧୫ମିନିଟ୍ କୋରାପୁଟ ଠାରେ) । ଆଜିକୁ ୭୮ ବର୍ଷ ତଳେ । ସେତେବେଳେ ତାଙ୍କ ବୟସ ୨୯ ପୂରି ୩ ମାସ ୨ ଦିନ । ଏହା ଭିତରେ ସମୟ, ସଭ୍ୟତା, ପ୍ରକୃତି ଓ ମଣିଷ ସମସ୍ତେ କେତେ ବଦଳି ଗଲେଣି । ଗୋପୀବାବୁ ବି ୩୦ ବର୍ଷ ତଳୁ ଇହଧାମ ତ୍ୟାଗ କଲେଣି । ୨୦୧୪କୁ ତାଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହେଇ ସାରିଛି । କିନ୍ତୁ ଶୁକୁଜାନିକୁ ଏବେ ବି ଖୋଜା ଚାଲିଛି । ଖୋଜା ଚାଲିଛି ବି ତା'ର ବଂଶଧରକୁ । ଯଦିଓ ଶୁକୁଜାନି ଏକ କାଳ୍ପନିକ ଚରିତ୍ର ।

୧୯୪୦-୪୧ରେ ଗୋପୀବାବୁ କୋରାପୁଟ ତାଲୁକର ମାଜିଷ୍ଟ୍ରେଟ୍ ଥିଲେ ଓ ଲକ୍ଷ୍ମୀପୁର ଥାନା ତାଙ୍କ କର୍ମ ପରିସର ଅନ୍ତର୍ଭୁକ୍ତ ଥିଲା । ସେ ଏ କଥାଟି ଶୁଣିଥିଲେ । 'ପରଜାଟିଏ

ଜଂଗଲ ହଣା କେଶ୍‌ରେ ଜେଲ୍ ଗଲା' ।

ଏ କଥା ଶୁଣି ଗୋପୀବାବୁ ଅଭିଭୂତ ହେଲେ ଓ ସାଂଗେ ସାଂଗେ ଗୋଟେ ଗପ ଲେଖିବାକୁ ଆରମ୍ଭ କଲେ । କିନ୍ତୁ 'ପରଜା' ଉପନ୍ୟାସ ସଂପର୍କରେ ଗୋପୀବାବୁ ସ୍ୱୀକାରୋକ୍ତି ରଖନ୍ତି: ଯହୁଁ ଯହୁଁ ଚାଲିଚାଲି କୋରାପୁଟ ତାଲୁକର ଅନ୍ଧିସନ୍ଧି ଭିତରଟା ଯାକ ବୁଲିଲି, ଲୋକଙ୍କୁ ଚିହ୍ନିଲି, ତାଙ୍କ ଭାଷା ଶିଖିଲି x x x ତହୁଁ ମୋର ଧାରଣା ହେଲା ଯେ, ଏହି ସଂକ୍ଷିପ୍ତ କାହାଣୀ ଭିତରେ ନାନା କଥା ରହି ପାରିବ ଓ ତା' ପରେ ଆରମ୍ଭ ହେଇଗଲା 'ପରଜା' ଉପନ୍ୟାସ ଲେଖିବା । ପରଜା ଉପନ୍ୟାସର ପରିଣତି ଯାହା ଥିଲା ତାହା ଥିଲା ସେ ପରଜାଟିର ଜୀବନର କଥା ।

ସୁତରାଂ ଏହା ସ୍ପଷ୍ଟ ଯେ, ଶୁକ୍ରୁଜାନି ଗୋଟେ କାଳ୍ପନିକ ଚରିତ୍ର । କିନ୍ତୁ ଗୋପୀବାବୁ ପରଜାରେ ଯେଉଁ ପୁଂଜିବାଦ ଓ ଶୋଷଣ ବିଶେଷ କରି ଆଦିବାସୀ ଚାଷୀକୁ ଶୋଷଣର ଯେଉଁ ମାର୍ମିକ ଓ ପ୍ରାଂଜଳ ଚିତ୍ର ସହିତ ପ୍ରାକୃତିକ ପରିବେଶ, ଆତଯାତ ଚ଼ରିତ୍ର ନିର୍ମାଣ କରିଛନ୍ତି, ତାହା ଶତ ପ୍ରତିଶତ ସତ ମନେହୁଏ । ସେଇଥିପାଇଁ ତ ତାହା ଶୁକ୍ରୁଜାନିକୁ ଏକ ଜୀବନ୍ତ କିମ୍ବଦନ୍ତୀରେ ପରିଣତ କରିଦେଇଛି । ଶରଶୁପଦର ଗାଁ ହେଇ ଯାଇଛି ଏକ ତୀର୍ଥସ୍ଥଳ ।

ଏ କଥା ଏଠାରେ ଉଲ୍ଲେଖନୀୟ, ଓଡ଼ିଶାରେ ଯେତେ ସଂଖ୍ୟକ ପରଜା ବାସ କରନ୍ତି ତା'ର ଶତକଡ଼ା ୯୧ ପ୍ରତିଶତ ପରଜାଙ୍କ ବାସସ୍ଥାନ କୋରାପୁଟ । ସୁତରାଂ କୋରାପୁଟକୁ ପରଜାଙ୍କ ରାଜ୍ୟ କୁହାଯାଇପାରେ । ପରଜା ଆଦିବାସୀ ମାନେ ଘଂଚ ଜଙ୍ଗଲ ଭିତରେ ପାହାଡ଼ର ଶୀର୍ଷ ଭାଗରେ ବା ପାଦଦେଶରେ ଛୋଟ ଛୋଟ ବସତି ସ୍ଥାପନ କରି ଗୋଷ୍ଠୀଗତ ଜୀବନଯାପନ କରନ୍ତି । ଶରଶୁପଦର ସେହିଭଳି ଏକ ଛୋଟ ବସତି । ତାହା ହିଁ ଗୋପୀବାବୁଙ୍କ 'ପରଜା' ଉପନ୍ୟାସର ଚିତ୍ରଶାଳା । ସେ କୋରାପୁଟ ସହରରେ ସିନା ଉପନ୍ୟାସ ଲେଖିଥିଲେ କିନ୍ତୁ ତାଙ୍କର ଚରିତ୍ରମାନଙ୍କୁ ନେଇଥିଲେ ଏହି ଶରଶୁପଦର ଓ ରାଇଶିଳ ନିକଟ ଥେଟାଗୁଡ଼ା ଗାଁରୁ ।

ଏହି ସବୁ ଘଟଣା ଆମକୁ ଆକ୍ରାନ୍ତ କରିବା ସ୍ୱାଭାବିକ ଓ ପୁଣି ଧର୍ମଦୁଆର ଘାଟି ଓ ଶରଶୁପଦର ଗାଁଟି ଯେହେତୁ ପରଜାର ପୃଷ୍ଠଭୂମି । ଆମକୁ ଆକୃଷ୍ଟ କରିବା ଆହୁରି ପ୍ରାସଙ୍ଗିକ ।

ତାହା ହିଁ ହେଲା । ସାହିତ୍ୟ ଏକାଡ଼େମୀ କାର୍ଯ୍ୟକ୍ରମ ଉଦ୍‌ଯାପନ ଉପରାନ୍ତେ ହାତରେ ସମୟ ରଖି ଆମର ଯାତ୍ରା ଆରମ୍ଭ ହେଲା ଶରଶୁପଦରକୁ । ମନରେ ଅଦମ୍ୟ ଆଗ୍ରହ ଯେହେତୁ ପାହାଡ଼ ଜଂଗଲ ଭିତରେ ଆଦିବାସୀ ଗାଁଟି ଦେଖିବା ଆମ ପାଇଁ ଦୁଷ୍ପ୍ରାପ୍ୟ ଓ ଦୁର୍ଲଭ ଅନୁଭବର ଅପେକ୍ଷା ରଖେ ।

ଲକ୍ଷ୍ମୀପୁର ବଜାର ଠାରୁ ୨ କି.ମି. ଗଲେ ପଡ଼େ ଧର୍ମଦୁଆର ଘାଟି । ପାହାଡ଼ କଡ଼େ କଡ଼େ ବହୁ ବକ୍ରତା ଦେଇ ଉଚ୍ଚ ଖାଲ ହେଇ ଲମ୍ବି ଯାଇଛି ଚକ୍ ଚକ୍ ପିଚୁ ସଡ଼କ । ଠିକ୍ ଧର୍ମଦୁଆର ଠାରୁ ବାମକୁ ଏକ ଭୟଙ୍କର ବାଙ୍କ ଦେଇ ରାସ୍ତା ଡ଼ାଲୁ ହେଇ ହେଇ ତଳକୁ ଲମ୍ବି ଯାଇଛି । ଠିକ୍ ସେହି କୋଣ ମୁଣ୍ଡରେ ନିର୍ମିତ ହେଇଛି ଏକ ଓ୍ୱାଚ୍ ଟାୱାର୍ । ତା' ଉପରେ ଚଢ଼ିଗଲେ ଚତୁର୍ଦ୍ଦିଗସ୍ଥ ପାହାଡ଼ ମୁଣ୍ଡମାନେ ସ୍ପଷ୍ଟ ହୋଇ ଉଠନ୍ତି । ଲାଗେ ଯେମିତି ପାହାଡ଼ଗୁଡ଼ିକର ମଧ୍ୟସ୍ଥଳରେ ଆମେ ଠିଆ ହୋଇଛୁ ।

ସେଠାରୁ ପ୍ରାୟ ୧ କି.ମି. ତଳକୁ କୋରାପୁଟ ରାସ୍ତାରେ ଗଲେ ତୋୟାପୁଟ ଛକ । ସେ ଛକରୁ ବାମ ଆଡ଼କୁ ପାହାଡ଼ ଧାରେ ଧାରେ ସର୍ପିଳ ଗତିରେ ଲମ୍ବି ଯାଇଛି ରାସ୍ତା । ଦି'ପଟରେ ପାହାଡ଼ ଜଂଗଲ, ଜାତିଜାତିକା ଗଛ, ଗହୀର, ଦିଗନ୍ତର ଚିହ୍ନବର୍ଣ୍ଣ ନଥାଏ, ବଡ଼ ରୋମାଂଚକ ରାସ୍ତା । ଏମିତି ୪ କି.ମି. ଗଲା ପରେ ପ୍ରଥମେ ପଡ଼େ ଆଦିବାସୀ ବସତି ଦିଆସିଲି ଆଉ ତା'ପରେ ପରେ ଗୋଟିଏ ପାହାଡ଼ର ଡ଼ାଲୁରେ ଠିକ୍ ଅଂଟା ପାଖେ ତଳକୁ ଶରଶୁପଦର ଗାଁ ।





ପାହାଡ଼ ମୂଳେ କେତୋଟି ଘର । ଆଶ୍ରମ ସ୍କୁଲ୍ । ଛାତ୍ରୀ ନିବାସ । ଠିକ୍ ତା' ସାମ୍ନାକୁ ବହୁତ ତଳ ଗଡ଼ାଣି, ଗହିର ଲମ୍ବା ଗୋହିରୀ ଭିତରେ ପୁଣି ପ୍ରାୟ ଶହେ ଫୁଟ୍ ଉପରକୁ ଉଠିଲେ ପାହାଡ଼ ଢ଼ାଲୁ କଡ଼ରେ ଶରଶୁପଦର ଗାଁ । ବାମ ପଟକୁ 'ଭାଲୁଗାଡ଼' ଝୋଲା । ଭାଲୁଗାଡ଼ ଝୋଲା ଏବେ ତଳଆଡ଼କୁ ଶୁଖିଗଲା ପରେ ସେଠାରେ ପକ୍କା ରାସ୍ତା ତିଆରି ହେଉଛି ଗାଁକୁ । ଦି'କଡ଼ରେ ଛୋଟ ଛୋଟ କିଆରୀ ଚିତ୍ର କଲା ପରି ଆଉ ଗାଁ ଚାରିପାଖରେ ଲଣ୍ଡା ଓ ଗୋଜା ପାହାଡ଼ ।

ଗାଁ ମଝିରେ କିଛି ଚଟା ପଥର ଓ କିଛି ଗୋଜା ପଥର ସଜା ହୋଇ ରଖା ଯାଇଛି । ସେମାନେ ସବୁ ଡୁମା । ପୂର୍ବପୁରୁଷମାନଙ୍କ ପ୍ରତୀକ । ଚଟାପଥର ଗୁଡ଼ିକ ସ୍ତ୍ରୀଲୋକଙ୍କର ଓ ଗୋଜା ପଥରଗୁଡ଼ିକ ପୁରୁଷଙ୍କର । ସେଇଠି ବସି ଗାଁର ନିଶାପ, ପଂଚାୟତ ସବୁ ହୁଏ । ସବୁ ଇତିହାସର ସାକ୍ଷୀ ହେଇ ରହେ ଏଇ ପଥର ସବୁ । ଗାଁ ଘେରି ରହିଛି ସୁନ୍ଦର ପୋଡୁ ଜମି ।

ଏବେ ଆଉ ମୋଟେ 'କୋଡ଼ିଏ ଦୁଇ ଘର'ର ବାସ ନାହିଁ କି ଜଂଗଲ ଆଚ୍ଛାଦନରେ ଗାଁ ବୁଡ଼ି ଯାଉନି । ଜଂଗଲ କଟା ହୋଇ ପତଳା । ପାହାଡ଼ ନଣ୍ଡା । ଏବେ ବିଭିନ୍ନ ସରକାରୀ ଯୋଜନାରେ ପକ୍କା ଘର, ଆଜ୍‌ବେଷ୍ଟସ୍ ଛାତ ତଥାପି ପାରମ୍ପରିକ ଖପରିଲି ଘର କେତୋଟି ଥାଏ । ଗାଁରେ ଜଳିଲାଣି ବିଜୁଳିବତୀ । ଯୋଗା ଯାଇଛି ପାଣି । ଗାଁକୁ ଘେରି ରହିଛି ତେନ୍ତୁଳି, ପଣସ, ନଡ଼ିଆ, ଖଜୁରି ଗଛ । ସମସ୍ତଙ୍କ ବାଡ଼ିରେ ପ୍ରାୟ ସଲପ ଗଛ ।

ଆଜିକୁ ୭୮ ବର୍ଷ ତଳେ କେତେ ଦୁର୍ଗମ, ଅଗମ୍ୟ ଥିବ ଏ ଗାଁ । ଶ୍ୱାପଦ ସଂକୁଳ ଥିବ ଏ ଗାଁ । ତା' ସତ୍ତ୍ୱେ ଏ ଅପହଂଚ ଇଲାକାକୁ ଆସି, ଏ ଗାଁରେ ରହି, ଏ ଲୋକମାନଙ୍କ ସହ ମିଶି ସେମାନଙ୍କର ଜୀବନ ଯାତ୍ରା ଓ ଯନ୍ତ୍ରଣା ଜଂଜାଳ ସଂଘର୍ଷର ଯେଉଁ ଚିତ୍ର ସେ ଫୁଟାଇଛନ୍ତି 'ପରଜା'ରେ, ସେଠାରେ ଠିଆ ହେଇ ଘଡ଼ିଏ ବିସ୍ମିତ ହେବାକୁ ପଡୁଥିଲା ଆମକୁ ।

ମାଳ ମାଳ ପାହାଡ଼, ଘଂଚ ଅରଣ୍ୟକୁ ସରକାରୀ ଅଧିକାରୀମାନେ ସେତେବେଳେ କାଉଡ଼ି (ବାହୁଙ୍ଗି) ସାହାଯ୍ୟରେ ପରଜା ପିଠିରେ ଭାର ହେଇ କୋଶେ ଗଲେ ପଇସାଏ ପାଉଣାରେ ବୁହା ହେଉଥିଲେ କିମ୍ବା ସରୁ ପାଦଚଲା ରାସ୍ତାରେ ଯାଉଥିଲେ ଦଳଖିଆ ଘୋଡ଼ା ଉପରେ ବସି । ଅକଳ୍ପନୀୟ ଲାଗେ ଭାବିଲେ ।

ଆମେ ପରଜା ମନସ୍କ ହେଇ ଶରଶୁପଦର ଗାଁଟି ଭିତରୁ 'ଏଇଠି ଶୁକ୍ରୁଜାନିର ଘର', 'ଏଇଠି ତା' ମରିଚ୍ କ୍ଷେତ' ବୋଲି ଭାବୁଥିଲୁ ଓ ଖୋଜୁଥିଲୁ ମାଣ୍ଡିଆ ଜାନିକୁ, ଜିଲି ବିଲି, କାଉ ପରଜା କି କାଜୋଡ଼ି ବା ରାମ ବିଶେଇକୁ । ଖୋଜୁଥିଲୁ ଧାଂଡ଼ାବସା କି ଧାଂଡ଼ିବସା । କୋଉଠୁ ହୁଏତ ଶୁଭି ଯାଉଥିଲା – 'ତୋଇ ସଲାଓଲି ମୋ ଗଁନ୍ଦା ଓଲି କଇଁ କେଲୁବେ ବଇଁ କେଲୁବେ ।'

କିଛି ପରଜା ଯୁବକ ବସିଛନ୍ତି ସ୍କୁଲ୍ ପିଣ୍ଡାରେ । ସ୍ତ୍ରୀଲୋକମାନେ କାମରେ ମାତିଛନ୍ତି । କୁକୁଡ଼ା, ଘୁଷୁରି, କୁକୁର ନିଜ ନିଜ ମତ୍‌ଲବ୍‌ରେ ବ୍ୟସ୍ତ । ଧାଂଡ଼ିମାନେ ତର୍କି ଚାହୁଁଛନ୍ତି । ଏବେ ଏମାନେ ହୁଏତ ଅଭ୍ୟସ୍ତ ହେଇଯିବେଣି । ଭାବୁଥିବେ, କୋରାପୁଟ୍‌ରେ ଏତେ ପରଜା ଗାଁ ଥିଲାବେଳେ କେଉଁମାନେ ଏହି ଗାଁକୁ ଏତେ ଧାଉଁଛନ୍ତି ! କ'ଣ ଅଛିକି ଏ ଗାଁରେ ।

ହାୟ ... "ସେ କି ଜାଣେ ଖଣ୍ଡିଏ ବହି ସେ ଗାଁକୁ ଓଡ଼ିଆ ସାହିତ୍ୟର ତୀର୍ଥସ୍ଥଳ କରିଦେଇଛି ବୋଲି ।"

ଦେଖିଲୁ ଜଂଗଲ ଭିତରୁ ବାହାରି ଆସୁଛି ଲୋକଟିଏ । କାନ୍ଧରେ ଗୋଟିଏ ଫାଉଡ଼ା, ଗୋଟିଏ କୁରାଢ଼ି, ଧରିଛି ଖଣ୍ଡେ ବାଡ଼ି । ପିନ୍ଧିଛି ଖଣ୍ଡେ ଢ଼ିଲା ନାଲି ଜାମା । ଛାତି ବୋତାମ ସବୁ ଖୋଲା । ଧୂଳିଧୂସରିତ ପାଦ । ଲେଙ୍ଗୁଡ଼ିଟାଏ ମାରିଛି । ଏଇତ ଶୁକ୍ରୁଜାନି ! ବା ଇଏ ହୁଏତ ହେଇଥିବ ତା'ର ବଂଶଧର । ଏଇ ଆନନ୍ଦ କଳରବ ଯେମିତି ବିସ୍ମିତ କରୁଛି ଲୋକଟିକୁ । ସେ ଏହା ଭିତରେ କେତେଲୋକଙ୍କ ଠାରୁ ଶୁଣି ସାରିଥିବ ତମେ ଶୁକ୍ରୁଜାନି ବା' ତା'ର ବଂଶଧର ବୋଲି । ଆମେ ବି ଘେରିଗଲୁ ପ୍ରବଳ ଉତ୍ସୁକତାରେ ।

ସେଦିନ 'ପରଜା'ର ଶୁକ୍ରୁଜାନି ନିଜ ଦୁଇପୁଅଙ୍କ ସହିତ ତ 'ଆମେ ମଣିଷ ମାରିଛୁ କହି ଜେଲ୍ ଯାଇଛି, ଫେରିଛି କି ନାଇଁ କିଏ କହିବ' ? ଯଦି ଯେ' ହେଇଥିବ, ହେଇଥିବ ଜିଲି କି ବିଲି ବଂଶର କି ବିମର୍ଷ ଉତ୍ତରାଧିକାରୀ... ତାହା ବି ଖାଲି ଲେଖକମାନଙ୍କର ଏକ କଳ୍ପନାର କଥା ଓ ଚାରିତ୍ରିକ ବିଶ୍ଳେଷଣ ।

ଢ଼େଉଢ଼େଉକା ମାଳିଦମ ପର୍ବତ ସନ୍ଧିରେ ସୂର୍ଯ୍ୟ ଢ଼ଳି ଢ଼ଳି ଯାଉଥିଲେ ତା'ର ଶେଷ ରଶ୍ମି ଟିକକ ବିଂଚି ଦେଇ ସେଇ ଘଂଚ ବନାନୀର ଶୀର୍ଷ ଦେଶରେ । ଯଦିଓ ସଂଜ ନଇଁବାକୁ ଆହୁରି ବେଶ୍ ଡ଼େରି ଥିଲା । ଆମେ କିନ୍ତୁ ଫେରିଲୁ । ଆମକୁ ଯିବାକୁ ହେବ 'ଅମୃତର ସନ୍ତାନ ପାଖକୁ' । ମିଣିଆପାୟୁ (ମିନାପାଇ), ଯୋଉଠି ଭେଟ ହେବ ସରବୁ ସାଓଁତା ସହିତ ।





# ପୁପୁର ପୃଥିବୀ


# ‘ଅମୃତର ସନ୍ତାନ’ର ନାୟିକା

**ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର୍ ଓ ବିଭାଗୀୟ ମୁଖ୍ୟ,
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବ୍ୟାସବିହାର, ବାଲେଶ୍ୱର-୭୫୬୦୮୯

ଫଟୋ ସୌଜନ୍ୟ : ଗୁଗୁଲ୍
ଚିତ୍ର : ଶିଳ୍ପୀ ସମରେନ୍ଦ୍ର ବେହେରା

**ଆଦିବାସୀ ଜନଜୀବନକୁ ଭଲପାଉଥିବା ଲେଖକ ଗୋପୀନାଥ ମହାନ୍ତିଙ୍କ ପ୍ରାଣବନ୍ତ ଉପନ୍ୟାସ ‘ଅମୃତର ସନ୍ତାନ’ର ନାୟିକାର ହେଲେ ଆଦିବାସୀ ଲଳନା ପୁୟୁ । ଜୀବନକୁ ଏକ ସକରାତ୍ମକ ଢଙ୍ଗରେ ବଞ୍ଚିବା ପାଇଁ ଲେଖକ ଗୋପୀନାଥ ମହାନ୍ତି ପୁୟୁ ପରି ଚରିତ୍ର ମାଧ୍ୟମରେ କିପରି ଏକ ମହାନ ବାର୍ତ୍ତା ଦେଇ ଯାଇଛନ୍ତି ତାହା ଏଇ ଆଦିବାସୀ ନାରୀ ଚରିତ୍ରଟିକୁ ବିଶ୍ଳେଷଣ କଲେ ବେଶ୍ ବୁଝିହୁଏ । ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ ରକ୍ଷା କରି ପୁୟୁ ଚରିତ୍ରର ଏକ ବିରଳ ବିଶ୍ଳେଷଣ କରିଛନ୍ତି, ଖାସ୍ ‘ରେବତୀ’ର ପାଠକମାନଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ।**


ଲେଖକ ମଣୀନ୍ଦ୍ର କୁମାର ମେହେର


ସ୍ରଷ୍ଟା ଲେଖକ ଗୋପୀନାଥ ମହାନ୍ତି

ଓଡ଼ିଆ ସାହିତ୍ୟର ମହାନ କଥାଶିଳ୍ପୀ ଗୋପୀନାଥ ମହାନ୍ତି ନିଜ ହାତରେ ଯେତେବେଳେ କଲମ ଧରିଛନ୍ତି, ସେତେବେଳେ ସେଇ ଚରିତ୍ରମାନେ ତାଙ୍କ ମାଧ୍ୟମରେ କଥା କହିଛନ୍ତି, ଯେଉଁମାନଙ୍କ ହୃଦୟ ସହିତ ନିଜକୁ ସମ୍ମିଳିତ କରି ଦେଇଥିଲେ ସେ । ଓଡ଼ିଶାର ଗୋପୀନାଥ-ପ୍ରେମୀ ଓ ଆଦିବାସୀ-ପ୍ରେମୀ କେଉଁ ସଚେତନ ପାଠକ ବା ପଢ଼ିନାହିଁ ‘ଅମୃତର ସନ୍ତାନ’ ! ସମସ୍ତେ ଜାଣନ୍ତି ଏହା ଏକ ଗଦ୍ୟ ମହାକାବ୍ୟ ବା ପ୍ରୋଜ୍-ଏପିକ୍ । ଗୋପୀନାଥଙ୍କ ଶବ୍ଦରେ ଝରେ ବଣ ଝରଣା ଝର୍ଝର ନାଦରେ । ତାଙ୍କ ଶବ୍ଦରେ ଫୁଟେ ଜଙ୍ଗଲୀ ଫୁଲ । ଦିଶିଯାଏ ସୁନୀଳ ଆକାଶ । ଶ୍ୟାମଳ ପର୍ବତମାଳା । ପୁଣି ଦୃଶ୍ୟମାନ ହୁଏ ଆଦିବାସୀ ପଲ୍ଲୀର କେତେ ଭାବୋଚ୍ଛ୍ୱାସ ଭରା ମଣିଷଙ୍କ ମୁଖମଣ୍ଡଳ ।

ସତକୁ ସତ ଆଦିବାସୀ ଜୀବନକୁ ଭଲପାଇ ନଥିଲେ ଗୋପୀନାଥ ମହାନ୍ତି କଦାପି ଲେଖିପାରି ନଥାନ୍ତେ ଏପରି ପ୍ରାଣବନ୍ତ ଉପନ୍ୟାସ । ଅକ୍ଲାନ୍ତ ଭାବରେ ଅବିରାମ ଗତିରେ ତାଙ୍କ ଲେଖନୀ ଯେପରି ରୂପାୟିତ କରିଚାଲିଛି ଗୋଟିକ ପରେ ଗୋଟିଏ ଦୃଶ୍ୟକୁ, ତାହା ଚଳଚ୍ଚିତ୍ର ଠାରୁ ଆହୁରି ପ୍ରଗାଢ଼ ପ୍ରଭାବରେ ପାଠକର ଆତ୍ମାକୁ ବିଗଳିତ କରିଦିଏ । ତାଙ୍କ ଚିତ୍ରିତ କେଉଁ ଚରିତ୍ରକୁ ବା ଅଣଦେଖା କରାଯାଇ ପାରିବ ? ପ୍ରତ୍ୟେକଙ୍କ ମନୋଃବିଶ୍ଳେଷଣ କଲେ ତାହାର ଆକାର ହେବ ସୁଦୀର୍ଘ । ଏ ପ୍ରସଙ୍ଗରେ ‘ଅମୃତର ସନ୍ତାନ’ ଉପନ୍ୟାସର ନାୟିକା ‘ପୁୟୁ’ ଚରିତ୍ର ଉପରେ ଆଲୋକପାତ କରିବା ଆସନ୍ତୁ ଓ ଦେଖିବା ‘ପୁୟୁ’ର ହୃଦୟ ମଧ୍ୟସ୍ଥ ନିବିଡ଼ ଦୃଶ୍ୟସବୁକୁ ।

ଯେଉଁମାନେ ଏ ପୃଥିବୀର ମହାନ ସାହିତ୍ୟଶିଳ୍ପୀ ସେମାନେ ହତାଶାର, ପରାଜୟର, ନୈରାଶ୍ୟଜର୍ଜରିତ ଚିତ୍ର ଅଙ୍କନ କରିଦେଇ କେବେହେଲେ ତୃପ୍ତ ହୋଇପାରନ୍ତି ନାହାନ୍ତି । ଜୀବନରେ ଦୁଃଖ ତ ଚରମ ସତ୍ୟ । ଏହାକୁ କିଏ ବା ଅସ୍ୱୀକାର କରିପାରେ ? ମଣିଷ ଆଖିର ଅଶ୍ରୁବିନ୍ଦୁ ଯେଉଁ ଶବ୍ଦରେ ଝଟକି ଉଠେ ନାହିଁ, ତାହା କ’ଣ ଗଣନା କରାଯାଏ ସାହିତ୍ୟ ଭିତରେ ? ଅଶ୍ରୁ ଓ ଆବେଗକୁ ଲେଖିବାରେ ହିଁ କୃତାର୍ଥ ହୋଇଯାଏ ଲେଖକର ଜୀବନ । ଯେଉଁମାନେ ଏ ପୃଥିବୀରେ ନିରସ୍ତ୍ର, ଅସହାୟ, ଉପେକ୍ଷିତ, ଯନ୍ତ୍ରଣାଜର୍ଜରିତ ସେମାନଙ୍କ ହୃତ୍ସ୍ପନ୍ଦନ ସହିତ ଏକାତ୍ମ ହୋଇ ସ୍ୱୟଂ ଲେଖକ ଯେତେବେଳେ କରେ କ୍ରନ୍ଦନ, ସେତେବେଳେ ଉପନ୍ୟାସର ପ୍ରତିଟି ବାକ୍ୟ ହୋଇଯାଏ ଉଷ୍ମ ଅଶ୍ରୁ ପରି ପ୍ରାଣବାନ ଓ ଅନ୍ତର୍ଭେଦୀ । ଗୋପୀନାଥ ଠିକ୍ ସେହି ସ୍ୱଚ୍ଛ ଆନ୍ତରିକତା ନେଇ ଆଦିବାସୀ ଜୀବନ ଓ ଚରିତ୍ରକୁ ଭଲପାଇଛନ୍ତି ଓ ନିଜେ ଗୋଟାପଣେ ଆଦିବାସୀ ଚରିତ୍ରରେ ରୂପାନ୍ତରିତ ହେଇଯାଇଛନ୍ତି ବୋଲି ତାଙ୍କ ଗଦ୍ୟ-ମହାକାବ୍ୟ ମଧ୍ୟରେ ଶୁଣାଯାଏ ନିଗଞ୍ଜ ବଣମୁଲକର ବଂଶୀଧ୍ୱନି । ପ୍ରତିଟି ମଣିଷ ଆଶା ଟିକିଏ ପାଇଁ, ସ୍ୱପ୍ନ ଟିକିଏ ପାଇଁ କି ବ୍ୟାକୁଳ ସତେ ! ସେଇଥିପାଇଁ ତ ପାଠକଟିଏ ବହିର ପୃଷ୍ଠା ଓଲଟାଏ କାଳେ ସେଥିରେ ରହିଥିବ ଜୀବନୀ-ଶକ୍ତିର କ୍ଷୁଦ୍ରକ୍ଷୁଦ୍ର ଅଥଚ ଅମୃତମୟ କାକରବିନ୍ଦୁ । ଯେଉଁମାନେ ପାଠ କରିଛନ୍ତି



▲ ସ୍ରଷ୍ଟା ଓ ଦ୍ରଷ୍ଟା ଗୋପୀନାଥ ମହାନ୍ତି

'ଅମୃତର ସନ୍ତାନ' ସେମାନେ ଜାଣନ୍ତି ପୁୟୁ ଜୀବନର ଅବର୍ଣ୍ଣନୀୟ ବେଦାନକୁ । ଏଠାରେ ତେଣୁ ଏ ଲେଖକ ପୁସ୍ତକ ବର୍ଣ୍ଣିତ କାହାଣୀ କହିବାକୁ ଯାଉନାହିଁ ଆଦୌ । ତା'ର ଦୃଷ୍ଟି ନିବଦ୍ଧ ହୋଇଛି 'ପୁୟୁ' ଚରିତ୍ର ଉପରେ ଓ ତାହାର ବେଦନା-ଗର୍ଭିତ ଅନ୍ତରାତ୍ମା ମଧ୍ୟରେ ।

'ଅମୃତର ସନ୍ତାନ' ନାମକରଣରେ ବ୍ୟଞ୍ଜିତ ହୋଇଉଠିଛି ଯେଉଁ ଜୀବନ-ସଂପ୍ରୀତି ତାହା ତ ଅସାଧାରଣ ନିଶ୍ଚୟ । ସରବୁ ସାଉଁତା ର ଛୋଟ ପରିବାର । ଅଶୀ ବର୍ଷର ବୁଢ଼ା କନ୍ଧ ଆଖି ବୁଜିନିଏ ଏଇ ଆଶାନେଇ ଯେ, ପୁଣି ତ ଫେରିବାକୁ ହେବ ଏ ପୃଥିବୀକୁ । ତା'ର ପୁଅ ଦିଉଡୁ ଆଉ ଦିଉଡୁର ସ୍ତ୍ରୀ ହେଉଛି ଏହି ଚର୍ଚ୍ଚାକେନ୍ଦ୍ରର ନାୟିକା 'ପୁୟୁ' । କାହିଁକି କିପରି ଦାମ୍ପତ୍ୟ ଜୀବନରେ ଆସେ ଅଶାନ୍ତି ଓ ଅଶ୍ୱସ୍ତି ତାହାର ରହସ୍ୟ ଭେଦ କରିପାରିବ ବା କିଏ ? ପୁୟୁକୁ କେତେ ଭଲପାଉ ନଥିଲା ଦିଉଡୁ ! ଯେତେବେଳେ ପୁଅ ହାଙ୍କିନା ଜନ୍ମ ନେଲା ନନ୍ଦନବନର ପାରିଜାତ ପରି ସେତେବେଳେ ଦିଉଡୁ ଓ ପୁୟୁର ଆନନ୍ଦ ଅସରନ୍ତି । କେତେ ସ୍ୱପ୍ନ ଉଭୟେ ଦେଖିଥିଲେ ଏକତ୍ରିତ ହୋଇ । ଅଥଚ ଏପରି ପ୍ରୀତିପୂର୍ଣ୍ଣ ଜୀବନ ପୁଣି ବିଷାଦଗ୍ରସ୍ତ ହୁଏ କାହିଁକି ? ଜଣେ ମଣିଷ ପ୍ରତି ଥିବା ପ୍ରେମ ଫିକା ପଡ଼ିଯାଏ କେଉଁ କାରଣରୁ ? ବନ୍ଦିକାର ଗାଁର ପିଓଟି ପ୍ରତି ଦିଉଡୁ ଆସକ୍ତ ହୋଇଯାଏ ଗଭୀର ଭାବରେ । ସଂସାରର ବୈରାଗ୍ୟ ଏବଂ ଅନିତ୍ୟତା ଦିନେ ସିଦ୍ଧାର୍ଥକୁ ଅପସୃତ କରିଦେଇଥିଲା ପରିବାର ପରିଜନଙ୍କ ଠାରୁ । ଆଉ ଏଇଠି ଦିଉଡୁ ଗଭୀର ରାତ୍ରିରେ ନିଜ ସ୍ତ୍ରୀ ଆଉ ପୁଅକୁ ଛାଡ଼ିଦେଇ ଲୁଚି ଲୁଚି ପଳାୟନ କରେ ବନ୍ଦିକାର ଗାଁକୁ ଯେଉଁଠି ରହେ ତା'ର ପ୍ରେମିକା ପିଓଟି । ଆଦିବାସୀ ସମାଜରେ ଥିବା ପ୍ରଥା ଅନୁସାରେ ପିଓଟିକୁ ଉଦୁଲିଆ ବିବାହ କରି ସାଙ୍ଗରେ ଘେନି ଆସେ ଘରକୁ । ମଣିପାୟୁ ଗାଁ ଭିତରେ ନିଃସଙ୍ଗିନୀ ନାୟିକା ପୁୟୁ ଦିଉଡୁକୁ ନଦେଖି ହୋଇଯାଏ ବିବ୍ରତ । ଯେଉଁ ମଣିଷଟି ତାକୁ ଏତେ ଭଲପାଉଥିଲା, ସେ ଛାଡ଼ି ଚାଲିଯିବ ଘରଦ୍ୱାର, ସ୍ତ୍ରୀପୁତ୍ର- ଏକଥା ଆଶଙ୍କା କରିବ ବା କିପରି ପୁୟୁ ? ଅନେକ ସମୟରେ ପୁୟୁକୁ ଚକିତ କରିଦେବା ପାଇଁ ଦିଉଡୁ ଆକସ୍ମିକ ଭାବରେ ଅଦୃଶ୍ୟ ହୋଇଯାଏ, ସେକଥା ଜାଣେ ପୁୟୁ । ପୁଣି ତାକୁ ଆଶ୍ଚର୍ଯ୍ୟ କରିଦେଇ ଲେଉଟି ଆସେ ସମସ୍ତ ଆଶଙ୍କାରେ ତୃପ୍ତିଦାୟକ ପୂର୍ଣ୍ଣଚ୍ଛେଦ ପକାଇ ।

କିନ୍ତୁ ଏବେ ଯେଉଁ ଘଟଣା ଘଟିଗଲା ତା'ର ଜୀବନରେ ସେହି ନିଷ୍ଠୁର ବାସ୍ତବତାକୁ ସେ କିପରି ବା ଅସ୍ୱୀକାର କରିବ ? ଦ୍ୱିତୀୟ ପତ୍ନୀର ଗୌରବ ବହନ କରି ଯେଉଁ ପିଓଟି ଅସୁମାରୀ ସ୍ୱପ୍ନରେ ହେଉଥାଏ ବିଭୋର, ସେଇଠି ପୁୟୁର ଦୁଇ ଆଖିରୁ ଝରି ଆସୁଥାଏ କେରାକେରା ଲୁହ । ହାକିନାକୁ ଚାହିଁଦେବା ମାତ୍ରକେ ତା' ହୃଦୟରେ ଯେଉଁ କାରୁଣ୍ୟଭରା ଉଚ୍ଛ୍ୱାସ ଶୂନ୍ୟତାର ରାଗିଣୀ ତୋଳେ ତାହା ତାକୁ କରିଦିଏ ଭାବଗମ୍ଭୀର । ସେ ଜାଣେ ତା' ପୁଅ ହାକିନା ଦିନେ ବଡ଼ ହେବ । ତା' ମନରେ ଭରିଯିବ ଅବାରିତ ଆବେଗ । ସୁଖଦୁଃଖର ଘରକରଣାରେ ଯେଉଁ ଘର ପୁୟୁର ଥିଲା ଏକାନ୍ତ ପ୍ରିୟ, ସେହି ଘର ସତେ ଯେମିତି ଭାଙ୍ଗି ଯାଉଛି- ଏଇ ଦୁଃଖରେ ମର୍ମାହତ ସେ । ଜୀବନର ଏହି ଦୁଃସ୍ଥିତିରେ ସେ କ'ଣ ପରାଜିତ ହୋଇଯିବ ? ସେ ନିଃସହାୟା । ଏହି ଅବସ୍ଥା ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତି ମାତ୍ର । ପୁୟୁ ବିପର୍ଯ୍ୟସ୍ତ ଓ ବିଫଳତାଯୁକ୍ତ ଜୀବନର ଏକ କରୁଣ ପ୍ରତିଧ୍ୱନି । ଏ ପୃଥିବୀରେ ଏହିପରି ଗଢ଼ିଉଠେ ଘରସଂସାର, ମନ ଭିତରେ କଅଁଳି ଉଠେ କେତେ ସବୁଜ ରଙ୍ଗର ଅସଂଖ୍ୟ ପତ୍ର, ପୁଣି ସବୁକିଛି ଉଜୁଡ଼ି ଯାଏ କେମିତି ତାହା କିଏ ବା ସମାଧାନ କରିପାରିବ ? ଯେପରି ହେର୍‌ମାନ୍ ହେସ୍ ସ୍ୱରଚିତ 'ସିଦ୍ଧାର୍ଥ' ଉପନ୍ୟାସରେ ପ୍ରତିପାଦନ କରିଦେଇଛନ୍ତି ଯେ, ପ୍ରତ୍ୟେକ ମଣିଷକୁ ତା' ନିଜ ପାଇଁ ନିଜେ ରାସ୍ତା ତିଆରି କରିବାକୁ ପଡ଼ିବ । ଏ ଧରାପୃଷ୍ଠରେ କେହି କାହା ପାଇଁ ଜୀବନପଥକୁ ପୁଷ୍ପିତ କରିଦେଇ ପାରିବେ ନାହିଁ । କେହି ମଧ୍ୟ ସମସ୍ୟାର ସମାଧାନ କରିପାରିବେ ନାହିଁ । ଦିଉଡୁର ହୃଦୟ ଭିତରେ ପୂର୍ବର ଅପୂର୍ବ ମମତା ପୁୟୁ ପ୍ରତି କିଏ ବା ସଞ୍ଚାର କରିବାରେ ସମର୍ଥ ହୋଇଥାନ୍ତା ? ପ୍ରେମ ମଉଳିଯିବା ଓ ଅନ୍ୟ କାହା ପ୍ରତି ତାହା ପୁଣି ଉଜ୍ଜୀବିତ



ହୋଇ ଉଠିବାର କାରଣ ନିର୍ଦ୍ଧାରଣ କ'ଣ ଏତେ ସହଜ ?


କନ୍ଧଦେଶରେ ଏପରି ଚଳଣି ଅଛି ସ୍ୱାମୀ ଅନ୍ୟ ଗାଁକୁ ବୁଲିପାରେ, ତା'ର ପଛେ ପଛେ ସ୍ତ୍ରୀ ବି ଯାଏ । କିନ୍ତୁ ପୁୟୂର ଦୁର୍ଦ୍ଦଶା ନିଆରା । ସତେ ଯେମିତି ସ୍ତ୍ରୀର ଆଦର ସୋହାଗରେ ପଡ଼ି ଯାଉଛି ଯବନିକା । ଦିଉଡୁ ସାଙ୍ଗରେ ସେ ହାଟକୁ ଗଲେ ଦିଉଡୁ ତାହା ସହିବ ନାହିଁ, ଏକଥା ଜାଣେ ସେ । ହାକିନାର ଜନ୍ମ ପରେ ପୁୟୂ ଦୁର୍ବଳ ଆଉ ସୁଖାଶାଖି ଦିଶି ଯାଏ । ତା'ମନରେ ନଥାଏ ହସଖୁସି । ବୁଲା ନାହିଁ, ଗୀତ ନାହିଁ, ସଉକ ନାହିଁ, ମୁଣ୍ଡ ବି ଜଟା ହେଲାଣି ଅଥଚ ତା'ର ଅନ୍ତର୍ଦାହ କେହି ବୁଝି ପାରନ୍ତି ନାହିଁ । ନାରୀମନର ସବୁଠୁ ସୁଗଭୀର କଷ୍ଟ ହେଉଛି ଯାହା, ତାହା ହିଁ ଫୁଟି ଉଠିଛି ପୁୟୂର ଚରିତ୍ର ମଧ୍ୟ ଦେଇ । ଆଦିବାସୀ ଜଗତର ଚାଲିବାର ରାସ୍ତାଟିର ବର୍ଣ୍ଣନା ଯେକୌଣସି କେତୋଟି ବାକ୍ୟରୁ ଉଠାଇ ଅଣା ଯାଇପାରେ । ଗୋପୀନାଥ କହନ୍ତି- "ବାଟ ଭଲ ଲାଗୁଥାଏ, କି ସୁନ୍ଦର ଶୀତଳ ଛାଇଛାଇଆ । ତା' ଉପରେ ତା' ଉପରେ ହୋଇ ପାହାଡ଼ ଉପରେ ପାହାଡ଼ ଅରାଏ ଅରାଏ ବଣକଦଳୀର ବଣ ଦିଶୁଛି । ନିଘଞ୍ଚ ଜଙ୍ଗଲରେ ପାହାଡ଼ ଢାଲୁରେ ତା'ର ବସା । ଝିରିଝିରି ହୋଇ ବୁଢ଼ା ପାହାଡ଼ର ଫଟା ଓଠ ବାଟେ ପାଣି ନିଗୁଡୁଥାଏ, ସେଠି ଫୁଲର ବଣ । ଉପରେ ଉପରେ ଆମ୍ବବଉଳ, ପଣସ ଫୁଲ ତଳେ ମଲାପତ୍ର ଆଉ ମଲାବଉଳର ତାତି, ଚାରିଆଡ଼େ ମହୁମାଛି ଆଉ ତାଙ୍କର ଅବିରାମ ଗୁଣୁଗୁଣୁ, ସ୍ଥାନେ ସ୍ଥାନେ ଅଜଣା ବଣୁଆ ନଈ ସାଇଁସାଇଁ । ଏ ବର୍ଣ୍ଣନା ଯେକୌଣସି ପ୍ରସଙ୍ଗରେ ହୋଇଥାଉ ନା କାହିଁକି, ଏହା ହିଁ ତ ଆଦିବାସୀ ଚରିତ୍ରମାନଙ୍କର ଚଳପ୍ରଚଳ ହେବାର ପଥ । ଗୋପୀନାଥ ଏହିଭଳି ଚିତ୍ର ସଂସ୍ଥାପନ ଦ୍ୱାରା ଜାଙ୍ଗଲିକ ସୁଷମାକୁ ଅବିକଳ ସିଦ୍ଧ ଶିଳ୍ପୀ ଭଳି ଅଙ୍କନ କରି ଚାଲିଛନ୍ତି ଅନାୟାସରେ । ଅନେକ ପ୍ରକାରର ଚରିତ୍ରଙ୍କ ସମ୍ମେଳନ ଉପନ୍ୟାସଟିରେ ଯଦିଓ ଦେଖିଦେଖି ପାଠକ ଅଧିକରୁ ଅଧିକ ଅଧୀର ହୋଇଉଠେ, ପୁୟୂ ଚରିତ୍ରର ଲୁହଭରା ନୟନ ଦେଖିବା ପରେ ସମାଧାନର ସୂତ୍ର ଆବିଷ୍କାର କରିବା, ତା'ଦ୍ୱାରା ସମ୍ଭବ ହୁଏ ନାହିଁ । ଏକ ବିପୁଳ ଭାବାବେଗର ଦୈବୀଶକ୍ତି ଉଚ୍ଛନ୍ନ କରି ରଖିଥିଲା ଗୋପୀନାଥଙ୍କୁ, ଯାହା ଫଳରେ ଚରିତ୍ରମାନଙ୍କୁ ସେ ଅତ୍ୟନ୍ତ ଆବେଗନିଷ୍ଠ କରିଦେଇ ପାରିଛନ୍ତି । ପବିତ୍ରିକୃତ ଆଦିମ ମଣିଷର କମ୍ର ସ୍ପର୍ଶ ସେ ଲାଭ କରିଛନ୍ତି ବୋଲି ନିଜକୁ ସେମାନଙ୍କ ମଧ୍ୟରେ ସର୍ବଦା କରିଦେଉଛନ୍ତି ଏକ ଓ ଅଭିନ୍ନ ।

ପୁୟୂର ଚରିତ୍ରଟିକୁ ମୂଳରୁ ଶେଷ ପର୍ଯ୍ୟନ୍ତ ଲେଖକ ନିଡ଼ୋକ କରି ଗଢ଼ି ଦେଇଛନ୍ତି । ପୁୟୂ ନିଜ ଶ୍ୱଶୁରକୁ ବାପ ଠୁ ବଳି ଭଲପାଉଥିଲା । ସାଉଁତା କେତେ ଗେହ୍ଲା କରି ପୁୟୂକୁ ଡାକୁଥିଲା- "ପୁୟୂ, ମୋର ଫୁଲର ରାଣୀ, କୁଆଡ଼େ ଗଲୁ ପୁୟୂ ।" ଆଉ ଏ ଡାକ ଶୁଣିବାର ଭାଗ୍ୟ ତା'ର ନାହିଁ । ଏହି ଜଙ୍ଗଲ ଭିତରେ କୁହୁଡ଼ି ଯେତେବେଳେ ପତଳା ହୋଇ ଆସେ, ପୁୟୂ ଶିଆଳି ଫଳ ତୋଳେ, ଶିଆଳି ପତ୍ର ବି ତୋଳେ । କଅଁଳ କଅଁଳ ବାଉଁଶ କରଡ଼ି ଭାଙ୍ଗି ଭାଙ୍ଗି ଏକାଠି କରେ । ସେତେବେଳେ ପେଟ ଭିତରେ ଥାଏ ହାକିନା । ମନେମନେ  କଥା ହୁଏ ତା' ସହିତ ପୁୟୂ । କଳ୍ପନାରେ ଗଢୁଥାଏ ଭବିଷ୍ୟତର ଦୁନିଆଁ । ହାକିନାର ଜନ୍ମ ପାଇ ସେ ଦେଖିଥିଲା ନିର୍ମଳ ସକାଳର ସୂର୍ଯ୍ୟ ପରି ପୁଅର ମିଟିମିଟି ଦୁଇଟି ଆଖି । ଚାରିହଜାର ଫୁଟ୍ ଉଚ୍ଚପର୍ବତ ଉପରେ ଜନ୍ମ ନେଇଥିଲା ହାକିନା । ପୁୟୂ ନିଜେ ପିଲାର ନାହି କାଟିଥିଲା । କଟା ଜାଗାରେ ଔଷଧ ଗଛର ପତ୍ରରୁ ରସ ବାହାର କରି ଲେପନ କରିଥିଲା । ନିଜେ ବି ସେହି ଗଛର ଚେର ଖାଇଥିଲା । ତା'ପୁଅ ମୁହଁରେ ବି ପତ୍ରର ରସ ଚଟେଇ ଥିଲା । ଆପଣାର ପାରିପାର୍ଶ୍ୱିକ ପରିବେଶରେ କନ୍ଧଦେଶରେ ରହିଥାଏ ଔଷଧୀୟ ବୃକ୍ଷଲତା । ସେ ସବୁକଥା କ'ଣ କେବେ ଭୁଲିପାରିବ ପୁୟୂ ? କନ୍ଧଜାତିର ରୀତିନୀତିକୁ ଲେଖକ ଯେପରି ଚରିତ୍ରମାନଙ୍କ ଗତିଶୀଳତା ମଧ୍ୟରେ ରୂପାୟିତ କରିଦେଇଛନ୍ତି, ଆଉ ସେମାନଙ୍କ ଭାଷାର ମାଧୁର୍ଯ୍ୟକୁ ମଧ୍ୟ ଯେଉଁପରି ଦେଇଛନ୍ତି ସୃଷ୍ଟିର ଗୌରବ ତାହା ଅଭିଭୂତ କରିଦିଏ ପାଠକ ମନକୁ ।

ଗୋପୀନାଥ ଏକଥା ଦର୍ଶାଇ ଦେଇଛନ୍ତି ଯେ, କନ୍ଧ ଭଲପାଏ ଯୌବନକୁ ଜୀବନକୁ । ସଂପୂର୍ଣ୍ଣ ବିବସ୍ତ୍ର ହୋଇ ଝୋଲାରେ କନ୍ଧ-ଲଳନା ଯେପରି ସ୍ନାନ କରେ ତାହା ପ୍ରତିପାଦନ କରିଦିଏ ଯେ, ପ୍ରକୃତି ସହିତ ସେ କେତେ ଏକାତ୍ମ । ପୃଷ୍ଠା ପରେ ପୃଷ୍ଠା ଆବେଗ-ସିକ୍ତ ହୋଇ ପାଠକ ପଢ଼ିଯାଏ ନିରବଚ୍ଛିନ୍ନ ଭାବରେ । ଆଉ ଯେତେବେଳେ ଦେଖାଦିଏ ପୁୟୂ ସେତେବେଳେ ତା'ର ନିଃଶ୍ୱାସ ପ୍ରଶ୍ୱାସର ଶବ୍ଦ ଶୁଭେ ଗୋପୀନାଥଙ୍କ ବାକ୍ୟଗୁଡ଼ିକରେ । ଯେତେବେଳେ ଦିଉଡୁ ସ୍ତ୍ରୀ ଉପରେ କୌଣସି ଅତ୍ୟାଚାର ବି କରେନାହିଁ, ତାହା ତା'ର ବଦଳି ଯିବାର ଚିହ୍ନ ବୋଲି ଜାଣିପାରେ ପୁୟୂ । ଲେଖକଙ୍କ ଭାଷାରେ- "ସ୍ତ୍ରୀର ମନ କୁକୁରର ନାକ ଠୁ ବେଶୀ ବାରିପାରେ, ଖାଲି ବାରିନେଇ ବୁଝେ ତା'ର ସ୍ୱାମୀର ମନ ଭାସି ଚାଲିଲା ଆଉ ଗୋଟାଏ ଝୋଲାରେ ।"

ହାକିନା ମା' ଛାତିର କ୍ଷୀର ଖାଏ । ଅନାଇ ରହେ ମା' ମୁହଁକୁ ସ୍ୱଚ୍ଛ ପବିତ୍ର ଦୃଷ୍ଟି ନେଇ । ହାକିନାକୁ ସ୍ନେହରେ ଆଉଁସିଦିଏ ପୁୟୂ । ସେ କ'ଣ ଜାଣିଥିଲା ଯେ, ତା' ଜୀବନରେ ଆସିବ ସଉତୁଣୀଟିଏ ବୋଲି ? ଜାଣିଥିଲା କି ନିଜ ପିତା ଥାଉଁ ଥାଉଁ ହାକିନାକୁ ଅନାଥ ଭଳି ବଞ୍ଚିବାକୁ ପଡ଼ିବ ବୋଲି ? ମଣିଷ କୌଣସି କଥା ଚିନ୍ତା କରିପାରି ନଥାଏ । ଭବିଷ୍ୟତକୁ ଦେଖିବ ଏପରି ଶକ୍ତି ସତରେ କାହାର ଅଛି ? ଦୁଃଖର ଦିନ କିନ୍ତୁ ଓହ୍ଲାଇ ଆସେ ମଣିଷ ଜୀବନକୁ । ଏ ଦୁଃଖ ନଥିଲେ ତ ସାହିତ୍ୟ ନଥାନ୍ତା । ସେଥିପାଇଁ ପରା ଇଂରାଜୀ କବି ସେଲୀ କହିଥିଲେ, ଆମର ମଧୁରତମ ସଙ୍ଗୀତ ହେଉଛି ତାହା ଯାହା କାରୁଣ୍ୟ ଜର୍ଜରିତ । କିଏ କ'ଣ ସୁଖର ସାଥୀ ଖୋଜିବା ପାଇଁ ଉପନ୍ୟାସ ପଢ଼େ ? ଦରଦୀ ପାଠକଟିଏ ଖୋଜୁଥାଏ ଦୁଃଖାକ୍ରାନ୍ତ ସାଥୀଟିଏକୁ । ସେଇଥିରେ ତା'ର ସାନ୍ତ୍ୱନା ପୁଣି

ସେଇଥିରେ ହିଁ ତା'ର ସହାନୁଭୂତିର ପରିପୂର୍ଣ୍ଣତା । ପୁୟୁକୁ ଦେଖିବା ପରେ, ତା'ର ଅନ୍ତର୍ଦହନକୁ ଅନୁଭବ କରିବା ପରେ କେଉଁ ପାଠକ ବା ତା'ପ୍ରତି ସମ୍ବେଦନଶୀଳ ହୋଇ ନଉଠେ ! ଏହା ହିଁ ତ ଚରିତ୍ର ସହିତ ଏକାତ୍ମବୋଧର ନିବିଡ଼ତମ ଅନୁଭୂତି । ସେଥିପାଇଁ ଆମ ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗାଳ୍ପିକ ଓ ଆଲୋଚକ ବାମାଚରଣ ମିତ୍ର ତାଙ୍କ ରଚିତ 'ଜୀବନ, ସାହିତ୍ୟ ଓ କଳା' ପୁସ୍ତକରେ ଦର୍ଶାଇ ଦେଇଛନ୍ତି ଯେ, ସିମ୍ପାଥି (Sympathy) ନୁହେଁ ତା'ଠାରୁ ଅଧିକ ଅର୍ଥପୂର୍ଣ୍ଣ ହେଉଛି ଇମ୍ପାଥି (Empathy) । ଅର୍ଥାତ୍ ସମାନୁଭୂତି । ପୁୟୂର ନିଃସଙ୍ଗତା, ଦୁଃଖ, ଅସହାୟତା ସହିତ ଯେତେବେଳେ ପ୍ରାଣସତ୍ତା ପାଠକର ସଂଯୁକ୍ତ ହୋଇଯାଏ ସେତେବେଳେ ଏହି ସମାନୁଭୂତିର ବେଦନାରେ ତା' ଆଖି ମଧ୍ୟ ଜକେଇ ଆସେ । ପୁୟୂ ଧୀରେ ଧୀରେ ହାଡୁଆ ରୋଗିଣା ମଣିଷଟିଏରେ ପରିଣତ ହୋଇଯାଇଛି । ଆଖିର ଉଜ୍ଜ୍ୱଳତା ତା'ର ହ୍ରାସ ହୋଇଛି । ମୁହଁରେ ମହୁଲରପାଣି ଉତୁରି ଯାଇଛି । ଦିରତୁ ସେଇଥିପାଇଁ ତା'ପ୍ରତି ଆଉ ଆକର୍ଷଣ ଅନୁଭବ କରି ପାରେ ନାହିଁ । ପୁୟୂ ଜାଣିଥିଲା ଏକଥା । ଅନେକ ସମୟରେ ସେ ଯେପରି କାଠଖଣ୍ଡିଏରେ ପରିଣତ ହୋଇଯାଏ । ପ୍ରତିଦିନର ଅନୁଭୂତି ଆଉ ଅଭିଜ୍ଞତାକୁ ରୂପ ଦେବାରେ ଗୋପୀନାଥ ତ ହେଉଛନ୍ତି ଜଣେ ସିଦ୍ଧ ସାଧକ । କନ୍ଧ ଆଦିବାସୀଙ୍କ ମେଳରେ ଜୀବନ ଅତିବାହିତ କରିଥିବାର ମହାର୍ଘ ଉପଲବ୍ଧି ସେ ସାଉଁଟି ରଖିଛନ୍ତି ହୃଦୟ ଭିତରେ । ପ୍ରତିଟି ଚରିତ୍ରକୁ ଦେଇଛନ୍ତି ନିଜର ରକ୍ତମାଂସ ଆଉ ତାକୁ କରିଦେଇ ପାରିଛନ୍ତି ପ୍ରାଣବନ୍ତ । ପୁୟୂ ଭଳି ନାୟିକା ନିମନ୍ତେ ଗୋପୀନାଥଙ୍କ ହୃଦୟରେ ସାଇତା ହୋଇ ରହିଥିଲା ଅସରନ୍ତି ଆପଣାପଣ । ଏହି ଚରିତ୍ରଟିର ବର୍ଣ୍ଣନା ଦେବା ବେଳେ ତା' ଭିତରେ ଉକୁଟି ଉଠିଛି ଗୋପୀନାଥଙ୍କ ବ୍ୟକ୍ତିତ୍ୱର ଅପୂର୍ବ ବ୍ୟଥାଭରା ତରଙ୍ଗ ।




ପୁୟୂର କ୍ରନ୍ଦନ ଡିସାରିର ଆସ୍ଥାନକୁ ପ୍ରକମ୍ପିତ କରିଦିଏ । ଡିସାରି ସାନ୍ତ୍ୱନା ଦିଏ ପୁୟୂକୁ । ନେଇଯାଏ ଆପଣା ଘରଦୁଆରକୁ । ବୁଢ଼ୀକୁ ପୁୟୂ ସହିତ ସାକ୍ଷାତ କରାଇ ଦିଏ । ପୁୟୂ ସଂସାରୀ ମଣିଷଙ୍କ ଉପଦେଶ ଶୁଣେ । ସମସ୍ତେ ଧୈର୍ଯ୍ୟ ଧରିବା ପାଇଁ ତାକୁ ଦିଅନ୍ତି ଦମ୍ଭ । ସେହି ସାଧାରଣ ସାନ୍ତ୍ୱନା ଭିତରେ କଣ ଥାଏ ଯାହାକୁ ନେଇ ବଞ୍ଚି ରହିବାର ପ୍ରେରଣାରେ ଉଜ୍ଜ୍ୱଳ ହୋଇଉଠିବ ତା'ର ମୁଖମଣ୍ଡଳ ? ସାନ୍ତ୍ୱନାର ବାଣୀ ଶିଥିଳ ହୋଇଯାଏ । ଆକାଶରେ ମିଟିମିଟି ତାରାର ଆଲୁଅକୁ ଦେଖେ ପୁୟୂ । ପୁୟୂର ଅସହାୟତା ଦେଖି ଡିସାରି କହେ– "ସରବୁ ସାଉଁତା ସରବୁ ସାଉଁତା ଏ କ'ଣ ହେଲା !"

ଯେଉଁମାନେ ପ୍ରକୃତ ଜୀବନଶିଳ୍ପୀ ସେମନେ କେବେହେଲେ ଏହି ଅସହାୟତାର ଚିତ୍ର ଓ ଚରିତ୍ର ପ୍ରଦର୍ଶନ କରିଦେଇ ପରିତୃପ୍ତି ଲାଭ କରନ୍ତି ନାହିଁ ବୋଲି ପୂର୍ବରୁ ବୋଧହୁଏ ଏ ଲେଖକ ଥରେ କହି ସାରିଛି । ପୁୟୂର ଭାବନା ଭିତରକୁ ପ୍ରବେଶ କରି ଚକିତ ହୋଇଯାଏ ପାଠକର ଆତ୍ମା । ପୁୟୁ ଭାବେ ଟିକି ଚଢ଼େଇର ବସା ଅଛି, ପିମ୍ପୁଡ଼ିର ଅଛି ଆଧାର ଆଉ ତା'ର ରହିବା ପାଇଁ ସ୍ଥାନ କ'ଣ ଏ ପୃଥିବୀରେ ଅଭାବ ? ନିଜ ବାପଘର ଭୁସୁଡ଼ି ପଡ଼ିଛି । କେତେ ପୁରୁଣା ଲୋକ ସ୍ୱର୍ଗାରୋହଣ କରିସାରିଛନ୍ତି ତଥାପି ମହାବଳୀ ପର୍ବତ ଅବିଚଳିତ । ଚମ୍ପାଝରଣା ପୂର୍ବପରି ଅରଣ୍ୟ ମଧ୍ୟରେ ନିତ୍ୟ ଅନୁରଣିତ । ଯେମିତି ପ୍ରଥମରୁ ସରବୁ ସାଉଁତା ଭାବିଥିଲା ଯେ, ମୃତ୍ୟୁ ପରେ ପୁନଶ୍ଚ ତାକୁ ଫେରି ଆସିବାକୁ ପଡ଼ିବ ଠିକ୍ ସେହିପରି ଅନୁଭବ ଭିତ୍ତିରେ ପୁୟୂ ଭାବିଛି ଯେ, ଏ ଜନ୍ମ ତ ଦି'ଦିନର । ପୁଣି ହେବ ପରିବର୍ତ୍ତନ । ଡିସାରି କହିଥିବା ଶବ୍ଦ ପ୍ରତିଧ୍ୱନିତ ହୁଏ ତା'ର ହୃଦୟରେ– "ମରଣ ନାହିଁ, ଦୁଃଖ ନାହିଁ ।" ପୁୟୂ ସେଥିପାଇଁ କ୍ରନ୍ଦନରୋଳ ଭିତରେ କମ୍ପିତ ଓଠ ନେଇ ଥରି ଉଠୁଥିବା ପାଦକୁ ଭରସା କରି ତଥାପି ଉଦୀୟମାନ ସୂର୍ଯ୍ୟକୁ ଚାହିଁ ମନେମନେ କହିଛି: "ଜୀବନରେ ସୁଆଦ ଅଛି, ମରଣ ନାହିଁ, ଦୁଃଖ ନାହିଁ ।"

ଏଇଠି ଉପନ୍ୟାସର ପରିସମାପ୍ତି । ଜୀବନ ଦୁଃଖପୂର୍ଣ୍ଣ, ତଥାପି ଏଥିରେ ରହିଛି ଅମୃତର ଆହ୍ୱାନ ? ସେହି ଅନ୍ତର୍ଧ୍ୱନି ଶୁଣିବାରେ ସକ୍ଷମ ହୁଅନ୍ତି ପୁୟୁମାନେ ଆଉ ସେପରି ଚରିତ୍ରକୁ ଅଙ୍କନ କରୁଥିବା ଜୀବନ-ଶିଳ୍ପୀ ଗୋପୀନାଥମାନେ । ଏ ଲେଖକ ସ୍ମରଣ କରୁଛି ତସ୍‌ଲିମା ନସ୍‌ରିନ୍‌ଙ୍କର ଏକ ଲେଖାକୁ । ସେଥିରେ ଆତ୍ମହତ୍ୟା କରିଥିବା ଜଣେ ଅଭିନେତ୍ରୀଙ୍କୁ ଧିକ୍କାର କରିଛନ୍ତି ତସ୍‌ଲିମା । କହିଛନ୍ତି ଯେ – ଯଦି ତୁମ ପରି କଳା-ସାଧିକା ଏପରି ମୃତ୍ୟୁବରଣ କରିବେ, ତା'ହେଲେ ଜୀବନର ଜୟଗାନ କରିବ କି ? କାହିଁକି ସେ ଅଭିନେତ୍ରୀ ଆତ୍ମହତ୍ୟାର ନିଷ୍ଠୁର ନିଷ୍ପତ୍ତି ନେଲେ ? କାରଣ ତାଙ୍କ ସ୍ୱାମୀ ତାଙ୍କୁ ଦେଉଥିଲେ ଛାଡ଼ପତ୍ର । ତସ୍‌ଲିମା ବିସ୍ମୟ ପ୍ରକାଶ କରି ନିଜ ଲେଖାରେ କହିଛନ୍ତି ଯେ, ଏଇଟା ହିଁ କ'ଣ ଏକ ବିରାଟ ସମସ୍ୟା ବା କାରଣ ଜଣେ ମଣିଷର ଆତ୍ମାହୁତି ପାଇଁ ? ଆମ 'ପୁୟୂ' ସେହି ପଥ ଅନୁସରଣ କରିନାହିଁ । ଆଖିରୁ କେରାକେରା ଲୁହ ବହି ଯାଉଥିବା ସତ୍ତ୍ୱେ ସୂର୍ଯ୍ୟୋଦୟର ସୌନ୍ଦର୍ଯ୍ୟରେ ସେ ନିଷ୍ପତ୍ତି ନେଇଛି ବଞ୍ଚିରହିବା ପାଇଁ । କାରଣ ଏ ଜୀବନରେ ରହିଛି ସୁଆଦ, ରହିଛି ଅନନ୍ୟ ଆକର୍ଷଣ ଆଉ ପୁଣି ଶେଷ ପ୍ରତ୍ୟାବର୍ତ୍ତନ ପରେ ପୁନଶ୍ଚ ପୃଥିବୀରେ ଅବତରଣ କରିବାର ଗଭୀର ପ୍ରତ୍ୟାଶା । ପୁୟୂର ପୃଥିବୀ ତେଣୁ କି ପରିବ୍ୟାପ୍ତ ! କି ଅସୀମ ! କି କଳ୍ପନାତୀତ ! ଏହି ଅପୂର୍ବ ସ୍ୱାଦ ସୁଗନ୍ଧଭରା ପୃଥିବୀକୁ ଭଲପାଇବା ପାଇଁ ପାଠକମାନଙ୍କୁ ଆନ୍ତରିକ ଆମନ୍ତ୍ରଣ ଜଣାଉଛି ଏ ଅକିଞ୍ଚନ ଲେଖକ ।

▼ଚିତ୍ର : ସମରେନ୍ଦ୍ର ବେହେରା





# ବଲାଣୀର ବୈଚିତ୍ର୍ୟ

# ଆଦିବାସୀ କନ୍ଧ ଜନଜାତିର ନିଆରା ପର୍ବ: ଆୟା ବହଲଁ (ଠାକୁରାଣୀ ପୂଜା)


**ରୂପେଶ କୁମାର ସାହୁ**
ରାଧାକୃଷ୍ଣ ନଗର, ପଦ୍ମପୁର, ରାୟଗଡ଼ା-୭୬୫୦୨
ଫୋନ:୯୩୩୭୨୨୩୫୪୭


ଫଟୋ ସୌଜନ୍ୟ : ଲେଖକ

## କନ୍ଧ ଜନଜାତିର ଇତିହାସ ଓ ସାମାଜିକ ପୃଷ୍ଠଭୂମି

ଇତିହାସର ଅନ୍ଧାରୀ ଏନ୍ତୁଡ଼ିଶାଳର ମୂକସାକ୍ଷୀ ଭାବେ ଏଯାବତ୍ ପୃଥିବୀରେ ନିଜକୁ ସୁରକ୍ଷିତ ରଖି ଆସିଥିବା ଜନଜାତିମାନଙ୍କ ଭିତରୁ କନ୍ଧ ଜନଜାତି ଖୁବ୍ ଗୁରୁତ୍ୱ ବହନ କରେ । ଓଡ଼ିଶାର କୋରାପୁଟ, ରାୟଗଡ଼ା, ଫୁଲବାଣୀ, କଳାହାଣ୍ଡି ଜିଲ୍ଲାରେ ପ୍ରାୟତଃ ଦେଖାଯାଉଥିବା ଏହି ଜନଜାତି ଖୁବ ଆଦିମ ବୋଲି ପ୍ରମାଣ ସହ ସରକାରୀ ତଥ୍ୟ ମଧ୍ୟ ରହିଛି । 'କନ୍ଧ' ଶବ୍ଦର ଅର୍ଥ ପାହାଡ଼ିଆ ଅଞ୍ଚଳରେ ରହୁଥିବା ଅଧିବାସୀମାନଙ୍କୁ ବୁଝାଏ । ଯଦିଓ ତେଲୁଗୁ ଏବଂ ସଂସ୍କୃତରେ ଏହି ଶବ୍ଦର ଅର୍ଥରେ ସାମାନ୍ୟ ପାର୍ଥକ୍ୟ ଆସେ, ତଥାପି ପାହାଡ଼ ଉପରେ ରହୁଥିବା ଆଦିମ ଅଧିବାସୀଙ୍କୁ କନ୍ଧ କୁହାଯାଏ । କନ୍ଧ ଜନଜାତିର ଲୋକମାନେ ଦୁଇ ପ୍ରକାର ଭାଷା ବ୍ୟବହାର କରୁଥିବାର ଲକ୍ଷ୍ୟ କରାଯାଏ, ଯଥା: କୁଭି ଓ କୁଇ । କୁଭିରୁ କୁଇ ଶବ୍ଦଟି ଅପଭ୍ରଂଶ ହୋଇ ଆସିଥିବାର ଦାବି ଉଠେ । ଏହି କନ୍ଧମାନଙ୍କର ଜୀବନଯାପନ ଶୈଳୀ ଯେତିକି ରହସ୍ୟମୟ ସେତିକି ମଜାଦାର । ସେମାନଙ୍କ ଭଗବତ ବିଶ୍ୱାସ ଖୁବ୍ ଅନନ୍ୟ । ସେମାନେ ପ୍ରକୃତିର ମଣିଷ, ତେଣୁ ପ୍ରକୃତି ପୂଜା ସେମାନଙ୍କ ପାରମ୍ପରିକ ମୁଖ୍ୟ ପର୍ବ । ଏହି ବୈଚିତ୍ର୍ୟମୟ ପୃଥିବୀକୁ କନ୍ଧମାନେ ଯେତିକି ବୁଝନ୍ତି ସେସବୁ କେବଳ ଦୁଇଟି ଦେବତାଙ୍କ ଦାନ, ଆକାଶରେ ଥିବା ଧର୍ମ ଦେବତା ଆଉ ଧରଣୀରେ ଥିବା ଧର୍ତ୍ତୀ ଦେବୀ । ଏକଦା ଏଇ ଭାରତର ମହାନ ଦାର୍ଶନିକ ମହର୍ଷି କଣାଦ୍ କହିଥିଲେ ପ୍ରକୃତିର ପ୍ରତିଟି ଉପାଦାନ ପଞ୍ଚଭୂତ (ଆକାଶ, ମାଟି, ଜଳ, ବାୟୁ, ଅଗ୍ନି)ରେ ତିଆରି । ଯଦିଓ ଏମାନଙ୍କ ଭିତରେ କେହି ଦାର୍ଶନିକତା ଭଳି ଭାରି ଭାରି ଗୂଢ଼ ତତ୍ତ୍ୱର ପ୍ରତିନିଧିତ୍ୱ କରନ୍ତି ନାହିଁ ତଥାପି ସେଇ ତତ୍ତ୍ୱ ଆଦିମ ଯୁଗରୁ ସେମାନଙ୍କ ପରମ୍ପରାରେ ଅଛି । ମାଟି ପୂଜା ସହ ଅନେକ ଦେବାଦେବୀ ଯେଉଁମାନେ ପ୍ରାକୃତିକ ପ୍ରକ୍ରିୟାକରଣରେ ସାମିଲ ବୋଲି କନ୍ଧମାନେ ବିଶ୍ୱାସ କରନ୍ତି ସେମାନେ ସେହି ଠାକୁରାଣୀଙ୍କ ପୂଜା ମଧ୍ୟ କରନ୍ତି ।



▶ ଲେଖକ ରୂପେଶ କୁମାର ସାହୁ

ଆଧ୍ୟାତ୍ମିକ ବିଶ୍ୱାସ ପ୍ରତ୍ୟେକଟି ମଣିଷକୁ ସଠିକ୍ ଦିଗରେ ପରିଚାଳିତ ହେବାକୁ ବାଟ ଦେଖାଏ । ଯେକୌଣସି ଜାତିର ଗଭୀରତା ବୁଝିବାକୁ ହେଲେ ଆମକୁ ଉକ୍ତ ଜାତିର ସଂସ୍କୃତି, ପରମ୍ପରା ଓ ଧାର୍ମିକ ବିଶ୍ୱାସକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାକୁ ହେବ । କନ୍ଧମାନଙ୍କ ସଂସ୍କୃତି, ଧାର୍ମିକ ବିଶ୍ୱାସ ଓ ପରମ୍ପରା ଖୁବ୍ ନିଆରା ନିଶ୍ଚୟ । ଗୁଣି ଗାରେଡ଼ି ମଧ୍ୟ ସେମାନଙ୍କ ବିଶ୍ୱାସର ଅନ୍ୟ ଏକ ଦିଗ । ଏହି ଜନଜାତିର ପ୍ରଧାନ ଜୀବିକା ପୋଡୁ ଚାଷ, ହଳଦୀ ଚାଷ ଏବଂ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ । ଏମାନଙ୍କ ସାଧାରଣ ଜୀବନରେ ମହିଳାମାନେ କୃଷି, ଗୃହପାଳିତ ପଶୁଙ୍କ ରକ୍ଷଣାବେକ୍ଷଣ ସମେତ ଅର୍ଥ ଆୟ କ୍ଷେତ୍ରରେ ମଧ୍ୟ ପରିବାରକୁ ସହଯୋଗ କରନ୍ତି । ଆତ୍ମନିର୍ଭରଶୀଳତାରେ ପ୍ରତିଟି କନ୍ଧ ଭାଇ ଭଉଣୀ ନିପୁଣ । ଏମାନଙ୍କର ଗାଁରେ 'ଜାନୀ (ଗାଁର ମୁରବୀ / ପୂଜକ), ଦିଶାରୀ (ପୂଜକ / ଜ୍ୟୋତିଷବିଦ୍ୟା ଜାଣିଥିବା ଲୋକ)ଙ୍କୁ ଏମାନେ ଖୁବ୍ ବିଶ୍ୱାସ କରନ୍ତି । ସାଂସ୍କୃତିକ ଭାବେ ଖୁବ୍ ଚମତ୍କାର ଏମାନଙ୍କ ଜୀବନଶୈଳୀ । ଉତ୍ସବ ପ୍ରିୟ ଭାରତୀୟ ଚିନ୍ତା ଚେତନାକୁ ସକ୍ରିୟ ରଖିବା ଭଳି ସାରା ବର୍ଷ ଏହି ଜନଜାତି ବିଭିନ୍ନ ପର୍ବ ପାଳନ କରିଥାଏ । ବର୍ଷ ତମାମ୍‌ର କ୍ଳାନ୍ତି ମେଣ୍ଟେଇବା ପାଇଁ ପର୍ବକୁ ନାଚଗୀତ ମାଧ୍ୟମରେ ପାଳନ କରନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସମସ୍ତ ପର୍ବ ପ୍ରକୃତି ସହ ଜଡ଼ିତ ହୋଇଥାଏ । ଏମାନଙ୍କର ମୁଖ୍ୟ ଦେବୀ 'ଜାକିରୀ ପେନୁ' (ଧରଣୀ ଦେବୀ)ଙ୍କୁ ଖୁବ୍ ମାନିବା ସହ ଆଦର ସହକାରେ ପୂଜା କରନ୍ତି । ପୃଥିବୀକୁ ସର୍ବଶ୍ରେଷ୍ଠ ଦେବୀମନେ କରନ୍ତି । ଏହି ଜନଜାତିର ଧର୍ମରେ ମୁଖ୍ୟତଃ ପର୍ବ ସବୁ କୃଷି ଭିତ୍ତିକ ହୋଇଥାଏ । କୃଷି କର୍ମର ବାଧାବିଘ୍ନ ଘଟିଲେ କିମ୍ବା ଫସଲ କମ୍ ଉତ୍ପାଦନ ହେଲେ ଏମାନେ ତାହାକୁ ଧରଣୀ ଦେବୀଙ୍କ କୋପ ବୋଲି ଗ୍ରହଣ କରନ୍ତି । ଯଦିଓ ଶାସ୍ତ୍ରରେ ମନ୍ତ୍ରପୂଜା ଓ ତନ୍ତ୍ରପୂଜାର ଉଲ୍ଲେଖ ରହିଛି, ଏହି ଜନଜାତି ଶାସ୍ତ୍ର ବାବଦରେ ନଜାଣି ସୁଦ୍ଧା ଉଭୟ ମନ୍ତ୍ର ଓ ତନ୍ତ୍ର ପ୍ରଥାରେ ବିଶ୍ୱାସ କରନ୍ତି । ତନ୍ତ୍ର ପ୍ରଥାରେ ଥିବା ବଳି ପ୍ରଥା ଏମାନଙ୍କ ପରମ୍ପରା ଭିତରକୁ କେମିତି ପଶି ଆସିଛି ଯଦିଓ ଗବେଷଣା ସାପେକ୍ଷ କିନ୍ତୁ ତାରି ଭିତରେ ଉତ୍କଟ ଉଦାରତା ମଧ୍ୟ ଦେଖିବାକୁ ମିଳେ । ଯେତେବେଳେ ଏହି କନ୍ଧମାନେ ମେରିଆ ପର୍ବରେ ମେରିଆ ବଳୀ ଦିଅନ୍ତି ସେତେବେଳେ କିଛି ଶ୍ଳୋକ ଉଚ୍ଚାରଣ କରନ୍ତି, 'ଆବାରେ ମଣବେ, ବାଲାରେ ମଣବେ' (ସମସ୍ତେ ସୁଖରେ ଥାଆନ୍ତୁ ଶାନ୍ତିରେ ଥାଆନ୍ତୁ) 'ପୂର୍ତ୍ତ ସୁସ୍ଥା ପଦି, ରାଜି ସୁସ୍ଥା ପଦି' (ପୃଥିବୀ ଓ ରାଜ୍ୟ ସୁଖରେ ଥାଉ)

## ଈଶ୍ୱର ବିଶ୍ୱାସ ଓ ଦେବାଦେବୀ

କନ୍ଧ ଜନଜାତିର ଈଶ୍ୱର ବିଶ୍ୱାସ, ସରଳପଣ, ନିଆରା ଜୀବନଶୈଳୀ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଉପସ୍ଥାପିତ କରିଥାଏ । ପ୍ରକୃତି ପୂଜା ମୁଖ୍ୟ ହେଲେ ହେଁ ତାରି ଭିତରେ ଅନେକ ଦେବାଦେବୀଙ୍କୁ ସେମାନେ ପୂଜା କରୁଥିବାର ଲକ୍ଷ୍ୟ କରାଯାଏ । ମୁଖ୍ୟତଃ ଜାକିରୀ ପେନୁ (ଧରଣୀ ମା'), ସୁନୁଲି ପେନୁ (ମୁଖ୍ୟ ଦେବତା), ଇଲୁ ପେନକା (ଇଷ୍ଟଦେବୀ), ନିଶଣିମୁଣ୍ଡା, ହୋରୁ ପେନୁ (ଡଙ୍ଗର ଦେବତା), ଲଦାନ ପେନକା (ଜଙ୍ଗଲ ଦେବତା), ନେଲା ପେନୁ (ଚାଷ ଜମିର ଦେବତା), ହୁଆ ପେନୁ (ଜଳ ଦେବତା) ଇତ୍ୟାଦିଙ୍କୁ ସେମାନେ ପୂଜାର୍ଚ୍ଚନା କରିଥାନ୍ତି । ଜାକିରୀ ପେନୁ ସେମାନଙ୍କ ଆଦି ଦେବୀ ଯାହାଙ୍କ ଠାରୁ ଏ ସଂସାର ସୃଷ୍ଟି ବୋଲି କନ୍ଧମାନଙ୍କର ବିଶ୍ୱାସ ରହିଛି । ପ୍ରତିଟି କନ୍ଧ ଗାଁରେ, ଗାଁ ଠାରୁ ଟିକେ ଦୂରରେ ଏହି ପୀଠ ରହିଥାଏ । ଲଦାନ ପେନକା, ଗୃହପାଳିତ ପଶୁମାନଙ୍କର ରକ୍ଷାକର୍ତ୍ତା ଭାବରେ ପୂଜିତ ହୁଅନ୍ତି । ରୋଗବ୍ୟାଧି ଏବଂ ବନ୍ୟଜନ୍ତୁମାନଙ୍କ କବଳରୁ ଗୃହପାଳିତ ପଶୁଙ୍କୁ ସେ ରକ୍ଷା କରନ୍ତି ବୋଲି କନ୍ଧଙ୍କ ବିଶ୍ୱାସ ରହିଛି । ନେଲା ପେନକା, ଚାଷର ଦେବତା ଭାବେ ପୂଜା ପାଆନ୍ତି, ମାଣ୍ଡିଆ ରାଣୀ, କୁଲି ମାରୁମୁ, କାହାଡ଼ା ମାରୁମୁ ଆଦି ନାମରେ ଉତ୍ତମର ଫସଲ ପାଇଁ ତାଙ୍କୁ ଭିନ୍ନ ଭିନ୍ନ ସମୟରେ ପୂଜା କରାଯାଏ । ଓଡ଼ିଆ ପରମ୍ପରାରେ ମାଆ ଲକ୍ଷ୍ମୀଙ୍କୁ ପୂଜା କରିବା ଭଳି କନ୍ଧ ଜନଜାତି ସୀତା ପେନୁଙ୍କୁ ପୂଜା କରନ୍ତି । ଏହି ଦେବୀ ରୋଗ ଠାରୁ, କୀଟ ପତଙ୍ଗ ଠାରୁ ଫସଲର ରକ୍ଷା କରନ୍ତି ବୋଲି ବିଶ୍ୱାସ ରହିଛି । ଭୀମ ରାଜାଙ୍କୁ ବର୍ଷାର ଦେବତା ଭାବେ, ଆୟାବୁଢ଼ିଙ୍କୁ ବସନ୍ତ ଓ ହାଡ଼ଫୁଟି ଭଳି ବଡ଼ ରୋଗର ଦେବତା ବୋଲି ପୂଜାର୍ଚ୍ଚନା କରାଯାଏ । ଅନ୍ୟ ଧର୍ମରେ ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ଓ ବିଶ୍ୱାସ ରହିଥିବା ବେଳେ ଘରର ଇଷ୍ଟ ଦେବତାଙ୍କ ନିକଟରେ ସେମାନେ ରୁହନ୍ତି ବୋଲି ଯେଉଁ ବିଶ୍ୱାସ ଅଛି ତାହା କନ୍ଧ ଜନଜାତିରେ ମଧ୍ୟ ଦେଖିବାକୁ ମିଳେ । ସେମାନଙ୍କ ବିଶ୍ୱାସ ଯେ, ପ୍ରତିଦିନ ରାତିରେ ପୂର୍ବ ପୁରୁଷମାନେ ନିଜର ଅପୂର୍ଣ୍ଣ ଇଚ୍ଛାକୁ ପୂରଣ ପାଇଁ ସେମାନଙ୍କ ଘରକୁ ଆସନ୍ତି । ଭବିଷ୍ୟତରେ ଆସିବାକୁ ଥିବା ବିପଦରୁ ମଧ୍ୟ ରକ୍ଷା କରନ୍ତି । ବେଳେବେଳେ ସେମାନେ ସ୍ୱପ୍ନରେ ଆସି ନିଜ ଅପୂର୍ଣ୍ଣ ଇଚ୍ଛା ଜଣାନ୍ତି, ସେସବୁକୁ ପୂରଣ କରିବାକୁ ନିଜ ବଂଶଧରଙ୍କୁ ନିର୍ଦ୍ଦେଶ ଦିଅନ୍ତି । ଯଦି ସେସବୁ ପୂରଣ ନକରାଯାଏ ତେବେ ଦଣ୍ଡ ସ୍ୱରୂପ ଗୃହକର୍ତ୍ତା କିମ୍ବା ଘରର ଯେକୌଣସି ଲୋକକୁ ମହନି ନିମ୍ପିରି (ଜ୍ୱର)ହୁଏ । କନ୍ଧ ଜନଜାତି ଗୁଣି ଗାରେଡ଼ି, ଭୂତ ପ୍ରେତରେ ବିଶ୍ୱାସ କରେ । ଅପ୍ରାକୃତିକ ଭାବେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ସେମାନଙ୍କ ଘର ନିକଟସ୍ଥ ଗଛ କିମ୍ବା ଅପରିଷ୍କାର ଜାଗାରେ ସନ୍ଧିରେ ରୁହନ୍ତି ବୋଲି ତାଙ୍କର ବିଶ୍ୱାସ କରେ । ଅପ୍ରାକୃତିକ ଭାବେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ସେମାନଙ୍କ ଘର ନିକଟସ୍ଥ ଗଛ କିମ୍ବା ଅପରିଷ୍କାର ଜାଗାରେ ସନ୍ଧିରେ ରୁହନ୍ତି ବୋଲି ତାଙ୍କର ବିଶ୍ୱାସ ରହିଛି । ସେମାନେ ଉଭୟ ଭୂତ ଓ ଡାହାଣୀ ଥିବାର ମାନନ୍ତି । ଯଦିଓ ହେଇପାରେ ଏହା ତାଙ୍କ ଅନ୍ଧବିଶ୍ୱାସ କିନ୍ତୁ ଅପରିଷ୍କାର ଜାଗାରେ ଭୂତାଣୁ





ରହିଥିବା କଥାଟି ସତ । ତେଣୁ ବିଜ୍ଞାନ ଠାରୁ ଯଥେଷ୍ଟ ଦୂରରେ ନିଜ ସରଳ ପଣରେ ଏହି ଜନଜାତି ପରିଷ୍କାର ପରିଚ୍ଛନ୍ନତା ବାବଦରେ ଯେ ବେଶ୍ ସଚେତନ ତାହା ସ୍ପଷ୍ଟ । ମୃତ୍ୟୁ ବାବଦରେ ସେମାନଙ୍କର ରହିଥିବା ବିଶ୍ୱାସ ସବୁ ଏକ ଗୁରୁତ୍ୱପୂର୍ଣ୍ଣ ରୋଚକ ବିଷୟ ଯାହା ପରବର୍ତ୍ତୀ ସମୟରେ ଆଲୋଚନା କରା ଯାଇପାରେ ।

## ପରମ୍ପରା ଓ ପର୍ବପର୍ବାଣି

ବର୍ଷ ତମାମ୍ କନ୍ଧମାନଙ୍କର ପର୍ବପର୍ବାଣି ଲାଗି ରହିଥାଏ । ପୋଡୁ ଚାଷ ଆପଣେଇଥିବା ଏହି ନିଆରା ଜନଜାତି ପ୍ରକୃତିକୁ ପୂଜା କରିବା ଓ କୃତଜ୍ଞତା ଜଣେଇବା କେବେ ଭୁଲି ନଥାଏ । ସେମାନଙ୍କ ବର୍ଷ ଆରମ୍ଭ ହୁଏ ଚୈତ୍ର (ମାର୍ଚ୍ଚ-ଏପ୍ରିଲ) ମାସରୁ । ପାହାଡ଼ ଉପରେ ଉପୁଜେଇଥିବା ଫସଲକୁ କାଟି ଘରକୁ ଆଣନ୍ତି ଏବଂ ହସ ଖୁସିରେ ପର୍ବ ପାଳନ୍ତି । ଏହା ପରେ ବୈଶାଖ ମାସରେ ସେଡ୍ରା ପର୍ବ (ଆମ୍ବଖିଆ ପର୍ବ) ପାଳନ କରନ୍ତି । ପୂଜା ପାଇ ଦିଶାରୀ ସମୟ ଓ ତିଥି ନିର୍ଦ୍ଧାରଣ କରିଥାଏ ଏବଂ ଉକ୍ତ ଦିନ ହିଁ ଗାଁର ସମସ୍ତେ ପୂଜାର୍ଚ୍ଚନା କରନ୍ତି ।

କନ୍ଧମାନେ ପୂଜାପର୍ବାଣିର ଦିନେ ଦି'ଦିନ ଆଗରୁ ଘରକୁ ଭଲ ଭାବେ ସଫା କରି ଗେରୁଆ ମାଟି ଓ ମାଇ ଗୋବରରେ ଲିପି ଦିଅନ୍ତି । ଏହାଦ୍ୱାରା ତାଙ୍କ ମାଟି ଘର ସଫା ଓ ରୋଗ ଜୀବାଣୁ ମୁକ୍ତ ରୁହ । ପୂଜା ସ୍ଥାନକୁ ମଧ୍ୟ ଗୋବରରେ ସଫା କରି ମହାନ ଗଞ୍ଜନ (ଆମ୍ବ ଡାଳ) ତାଡ଼ିଆକା (କଦଳୀ ପତ୍ର), ହିଙ୍ଗା ଗୁଣ୍ଡ, ହିନ୍ଦୁରୁ (ସିନ୍ଦୁର), ପୁଙ୍ଗା (ଫୁଲ) ବଡ଼ତି (ଦୀପ) ଆଦି ରଖି ସାଜସଜ୍ଜା କରି ପୂଜାର୍ଚ୍ଚନା କରନ୍ତି ।

ସେମାନଙ୍କ ପର୍ବପର୍ବାଣି ଭିତରେ ମୁଖ୍ୟତଃ ଜାକିରୀ ପେନୁ ପୂଜା, ସେଡ୍ରା ପର୍ବ (ଏପ୍ରିଲ୍ ମାସ) ବାଲିଯାତ୍ରା (ମେ'ମାସ), ବାଗାରାଜା (ଜୁନ ମାସ), ବିଚ୍ଛା ପୂଜା (ଜୁନ ମାସ), ମାଣ୍ଡିଆ ରାଣୀ (ଜୁଲାଇ ମାସ), କାହାଡ଼ା ମାରୁମୁ ପର୍ବ (ସେପ୍ଟେମ୍ବର ମାସ), କୁଲିମାରୁମୁ ପର୍ବ (ଅକ୍ଟୋବର ମାସ), ଦାଶାରା ପୂଜା (ଅକ୍ଟୋବର ମାସ), ଦିଉଡ଼ି ପର୍ବ (ନଭେମ୍ବର ମାସ), ପୁଷୁ ପର୍ବ (ଜାନୁଆରୀ ମାସ), ଜାକିରୀ ପୂଜା (ଫେବୃଆରୀ ମାସ), ମହାନ ଦେନି (ମାର୍ଚ୍ଚ ମାସ)ରେ ପାଳିତ ହୁଏ । ଏହିପରି ଭାବରେ ବର୍ଷ ତମାମ୍ କନ୍ଧ ଗାଁ ମାଟି, ଦେବାଦେବୀ ପୀଠ ଉତ୍ସବମୁଖର ଥାଏ । କନ୍ଧମାନେ ପ୍ରତିଟି ଉତ୍ସବକୁ ପ୍ରକୃତିର ଉତ୍ସବ ଭାବେ



ମହା ହର୍ଷ ଉଲ୍ଲାସରେ ପାଳନ କରନ୍ତି, ବିଭୋର ହୋଇ ପାରମ୍ପରିକ ନାଚ ଗୀତ କରନ୍ତି, ଭାଇଚାରା ବାଣ୍ଟି ନିଜ ନିଜ ଜନଜାତୀୟ ସମାଜକୁ ସୁଦୃଢ଼ କରନ୍ତି । ତେବେ ଏତେ ସବୁ ପର୍ବ ଭିତରେ ପ୍ରତିଟି ପର୍ବରେ କିଛି ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ । ଏଇଥର ଆମେ ଜାଣିବା ଏହି ଆଦିମ ଆଦିବାସୀଙ୍କର ସଦ୍ୟ ସଦ୍ୟ ପାଳନ ହୋଇଥିବା ଗୋଟିଏ ନିଆରା ପର୍ବ ପୁଷ୍ପୁ ପର୍ବ ବା ପୌଷ ପର୍ବ ବିଷୟରେ ।




## ପୌଷ ପର୍ବ

ଅନାଦି କାଳରୁ ଗୋଷ୍ଠୀଗତ ଭାବେ ରହୁଥିବା ଏହି ଜନଜାତି ସବୁ ପର୍ବପର୍ବାଣି ମଧ୍ୟ ଗୋଷ୍ଠୀରେ ପାଳନ କରେ । କନ୍ଧ ଆଦିବାସୀଙ୍କ ଏହି ପର୍ବଟି ପୁଷ୍ପୁ ଲେଞ୍ଜୁରେ ପୌଷମାସରେ ପାଳିତ ହୁଏ । ସାଧାରଣତଃ ନିଜ ଗ୍ରାମବାସୀ ସମେତ ମଣିଷ ସମାଜ, ପଶୁପକ୍ଷୀ, ବୃକ୍ଷଲତାର ମଙ୍ଗଳ ଓ ସମଗ୍ର ବିଶ୍ୱରୁ ରୋଗ ବ୍ୟାଧି ଦୂରେଇ କଲ୍ୟାଣ ନିମନ୍ତେ ଏହି ପୂଜା କରାଯାଇଥାଏ । ଏହି ପୂଜାକୁ ଆୟା ବହଲଁ / ବଲାଣି ବା ଠାକୁରାଣୀ ପୂଜା ବୋଲି ମଧ୍ୟ କୁହାଯାଏ ।  ପୂଜ ଆୟୋଜନ ପାଇଁ ଗାଁର ଜାନି, ଦିଶାରୀ ସମେତ, ରୟତି, ବାରିକ ସମେତ ସମସ୍ତ ଗ୍ରାମବାସୀ ଗୋଟିଏ ଜାଗାରେ ରୁଣ୍ଡ ହୋଇ ବୈଠକ କରନ୍ତି । ଦିଶାରୀ ଦ୍ୱାରା ତିଥି ନିର୍ଦ୍ଧାରଣ ହୁଏ । ପ୍ରତିଟି ଘରୁ ଚାନ୍ଦା ଆଦାୟ ହୁଏ । ଚାନ୍ଦା ଆଦାୟ ଦାୟିତ୍ୱଟି ବାରିକ ଉପରେ ନ୍ୟସ୍ତ ଥାଏ ।  ବାରିକ ଅଲଗା ଜାତିର ଲୋକ ନୁହଁ ବରଂ ସେଇମାନଙ୍କ ଭିତରୁ ହିଁ ଜଣେ ଯାହା ଉପରେ ପର୍ବର ଦାୟିତ୍ୱ ନ୍ୟସ୍ତ ଥାଏ । ମଜାଦାର କଥା ଏଇୟା ଯେ, ଅନ୍ୟ ସମ୍ପ୍ରଦାୟର ଲୋକ ମଧ୍ୟ ଏହି ପର୍ବରେ ସାମିଲ୍ ହୁଅନ୍ତି । ଏହା ଆଦିବାସୀ ସମାଜର ଭାଇଚାରାର ଏକ ଅନନ୍ୟ ନିଦର୍ଶନ ।

ଆଦିବାସୀ ମାନେ ସାପ୍ତାହିକ ହାଟ ଉପରେ ନିର୍ଭର କରି ଚଳନ୍ତି । ସପ୍ତାହଟି ପାଇଁ ଆବଶ୍ୟକୀୟ ଦ୍ରବ୍ୟ କିଣି ନିଅନ୍ତି । ତେଣୁ ନିର୍ଦ୍ଧାରିତ ତିଥିରେ କିଛି ଦିନ ପୂର୍ବରୁ ଗ୍ରାମବାସୀମାନେ ଏକତ୍ରିତ ହୋଇ ହାଟକୁ ଯାଇ ଆବଶ୍ୟକୀୟ ପୂଜା ଦ୍ରବ୍ୟ କିଣି ଆଣନ୍ତି । କିଛି ପୂଜା ସାମଗ୍ରୀ ନିଜ ଘରେ ମଧ୍ୟ ପ୍ରସ୍ତୁତ କରନ୍ତି ।

## ପୂଜା ସାମଗ୍ରୀ

ଆଦିବାସ ସମାଜରେ ବଳି ପ୍ରଥା ଏକ ପରମ୍ପରା ଭାବେ ପ୍ରଚଳିତ ହୋଇ ଆସିଛି । ପ୍ରତିଟି ପୂଜାରେ ପ୍ରାୟତଃ ପଶୁ ବଳି ଦିଆଯାଏ । ତେଣୁ ଏହି ପୂଜା ପାଇଁ ମଧ୍ୟ ତିନୋଟି ଛେଳି (ଯାତ୍ରାକୁଡ଼ି ପାଇଁ ଦୁଇଟି ଓ ଅନ୍ୟଟି ବହଲଂ ପାଇଁ) ଗୋଟିଏ ଲେଖାଏଁ ଗାଈ ଓ ଘୁଷୁରୀ ସମେତ ମହନିଂ ବା ପୂର୍ବ  ପୁରୁଷମାନଙ୍କ ପାଇଁ ବାରଟି କୁକୁଡ଼ା, ଗେଟିଏ ପାରା, ପାଞ୍ଚଟି ନଡ଼ିଆ, କଦଳୀ, ଦୀପ, ନୂଆ ମାଟି ହାଣ୍ଡି ଇତ୍ୟାଦି ଆବଶ୍ୟକ ହୋଇଥାଏ ।  ପୂଜା ପାଇ ଆବଶ୍ୟକ କିଛି ଦ୍ରବ୍ୟ ସେମାନେ ନିଜେ ପ୍ରସ୍ତୁତ କରନ୍ତି । ବାଉଁଶରେ ତିଆରି ଛତା (କତ୍ରାଂ), ଶିମିଳି କାଠରେ ତିଆରି ଖଣ୍ଡା, କାତି, ଟାଙ୍ଗିଆ ଓ ବେତ ବାଡ଼ି ଇତ୍ୟାଦି ପୂଜା ପାଇଁ ଘରେ ପ୍ରସ୍ତୁତ କରାଯାଏ ।

## ପୂଜା ବିଧି

ଏହି ପୂଜା ଦୁଇଦିନ ଧରି ଚାଲେ । ସୋମବାର ଠାରୁ ବେଜୁଣି ବା ଜାନି ନିଜ ଘର ଅଗଣାରେ ମୁଠାଏ ଚାଉଳ ରଖି ଆରମ୍ଭ କରିଥାଏ । ଗ୍ରାମର ଅନ୍ୟ ମହିଳାମାନେ ନିଜ ଘରୁ ଆଞ୍ଜୁଳାଏ ଲେଖାଏଁ ଚାଉଳ ବାଉଁଶ କୁଲାରେ ଆଣି ବେଜୁଣି ନିକଟକୁ ଆସନ୍ତି । ଏହି ଦିନ ବେଜୁଣି ହାଟରୁ କିଣା ଯାଇଥିବା ମାଟିହାଣ୍ଡିକୁ ହଳଦୀ, କଜ୍ଜଳ, ସିନ୍ଦୂରରେ ଓ ବିଭିନ୍ନ ରଙ୍ଗରେ ସଜ୍ଜିତ କରି  ହାଣ୍ଡି ଭିତରେ ମୁଠାଏ ଚାଉଳ, ଗୁଡ଼, ଲିଆ, ଟଙ୍କାଟିଏ ରଖି ତାକୁ ଘୋଡ଼େଇ ଦିଅନ୍ତି । ମାନସିକଧାରୀମାନେ ମଧ୍ୟ ନିଜ ନିଜ ହାଣ୍ଡିକୁ ବେଜୁଣିକୁ ଦେଇ ଏଭଳି ସଜ୍ଜିତ କରାନ୍ତି । ପର୍ବ ବେଳେ ବେଜୁଣୀମାନେ ଉକ୍ତ ହାଣ୍ଡିମାନଙ୍କୁ ଧରି ନାଚନ୍ତି ।

## ମଙ୍ଗଳବାର

ମଙ୍ଗଳବାର ଦିନ ସକାଳ ଠାରୁ ମୁଖ୍ୟ ପୂଜା ଆରମ୍ଭ ହୁଏ । ବେଜୁଣିମାନେ 'ଯାତ୍ରା କୁଡ଼ି' (ଯେଉଁଠି ଠାକୁରାଣୀଙ୍କୁ ଅବସ୍ଥାପିତ କରାଯାଇଥାଏ) ନିକଟକୁ ଯାଇ ପାରମ୍ପରିକ ମନ୍ତ୍ରପାଠ କରି ନାଚ କରିଥାନ୍ତି । ନାଚ କରୁଥିବା ସମୟରେ ସେମାନଙ୍କୁ କାଳିସି ଲାଗିଥାଏ । ଗ୍ରାମବାସୀଙ୍କ ମଙ୍ଗଳ ସହ ଗୃହପାଳିତ ପଶୁପକ୍ଷୀ ବିଶ୍ୱବାସୀଙ୍କ ମଙ୍ଗଳ ନିମନ୍ତେ ପ୍ରାର୍ଥନା କରି ନଡ଼ିଆ ଭଙ୍ଗା ଯାଇଥାଏ, ଛେଳି ଓ କୁକୁରକୁ ବଳି ଦିଆ ଯାଇଥାଏ । ଦିଶାରୀ ଦ୍ୱାରା ନିର୍ଦ୍ଧାରିତ ସମୟରେ ଜାନି ଘରେ ରୋଷେଇ ହୋଇଥିବା ଭାତ ବା ଭୋଗକୁ ଯାତ୍ରା କୁଡ଼ିକୁ ନିଆଯାଏ । ସେଇଠି ବେଜୁଣି ବିଶ୍ୱବାସୀଙ୍କ କଲ୍ୟାଣ କାମନା କରିବା ସହିତ ପୂର୍ବପୁରୁଷଙ୍କ ନାମ ସ୍ମରଣ କରି ଭୋଗ ଓ ମଦ ଢାଳିଥାଏ । ଏହାପରେ ବେଜୁଣି ଉକ୍ତ ସ୍ଥାନ ପରିତ୍ୟାଗ କରି ଜାନିଙ୍କ ଘରକୁ ଆସେ, କୁଟୁମ୍ବର ମାଟିହାଣ୍ଡିକୁ ବହଲଁ / ବଲାଣି ସ୍ଥାନକୁ ନିଏ । ଅନ୍ୟ ମାନସିକଧାରୀ ଯୁବତୀମାନେ ମଧ୍ୟ ନିଜନିଜ ସୁସଜ୍ଜିତ ମାଟିହାଣ୍ଡିକୁ ମୁଣ୍ଡରେ ରଖି ବହଲଁ / ବଲାଣି ସ୍ଥାନକୁ ନେଇଥାନ୍ତି । ଅନ୍ୟାନ୍ୟ ବେଜୁଣିମାନେ ବେତବାଡ଼ି ଧରି ଗାଁରେ ଥିବା ଅନିଷ୍ଟକାରୀ ପେନକାମାନଙ୍କୁ ଘୋଡ଼େଇଥାନ୍ତି । ପୂଜା ସମୟରେ ପ୍ରସ୍ତୁତ ହୋଇଥିବା ଆମ୍ବ ପାଣିକୁ କନ୍ଧମାନେ ନିଜ ଶରୀରରେ ଆମ୍ବ ପତ୍ର ମାଧ୍ୟମରେ ଛିଞ୍ଚି ହୁଅନ୍ତି । ଏହା ଏକପ୍ରକାର ବାଧ୍ୟତାମୂଳକ ଭାବେ ଛିଞ୍ଚାଯାଏ । ଯେଉଁଲୋକ ଘରେ ଅନୁପସ୍ଥିତ ଥିବ ତା'ରି ପାଇଁ ମଧ୍ୟ ଘରଲୋକଙ୍କ ଦ୍ୱାରା ଏହି ଆମ୍ବ ପାଣି ସଂଗ୍ରହ କରି ରଖାଯାଏ । ଏହି ପାଣି ଛିଞ୍ଚିବା ଦ୍ୱାରା ଗାଁରେ ବ୍ୟାପିଥିବା ବସନ୍ତ ରୋଗ, ଅନ୍ୟାନ୍ୟ ସଂକ୍ରାମକ ରୋଗ ଦୂରେଇ ଯାଏ ବୋଲି କନ୍ଧଙ୍କର ବିଶ୍ୱାସ ରହିଛି । ଏହାପରେ ବେଜୁଣି ଠାକୁରାଣୀ ହାଣ୍ଡି ଶଗଡ଼ରେ ଧରି ବହଲଁ / ବଲାଣି ସ୍ଥାନକୁ ନେବା ସମୟରେ ବାଟରେ ଗ୍ରାମର ଲୋକମାନେ ଶୋଇଥାନ୍ତି । ବେଜୁଣି ନାଚିନାଚି ସେମାନଙ୍କ ପିଠି ଉପରେ ଡେଇଁ ଡେଇଁ ଯାଇଥାଏ । ସେହି ସମୟରେ ମଧ୍ୟ ବେଜୁଣୀକୁ କାଳିସି ଲାଗିଥାଏ । ଏପରି ଡେଇଁ ଡେଇଁ ଯିବା ଦ୍ୱାରା ଲୋକେ ଦୀର୍ଘାୟୁ ହୁଅନ୍ତି ବୋଲି ବିଶ୍ୱାସ ରହିଛି । (ତର୍କି ଗୁମୁ) ଗାଁ ଶେଷମୁଣ୍ଡରେ ଘରର ପୂର୍ବ ପୁରୁଷଙ୍କ ଶ୍ରାଦ୍ଧ ପାଇଁ ବେଜୁଣୀକୁ ନୂଆ ଲୁଗା, ପିଠା, ଲିଆ ଦେଇ ପୂର୍ବ ପୁରୁଷଙ୍କ ନାମ ସ୍ମରଣ କରି ମଦ ଢାଳି ପୂର୍ବପୁରୁଷଙ୍କୁ ସନ୍ତୁଷ୍ଟ କରାଯାଏ । ଏପରି କରିବା ଦ୍ୱାରା ପୂର୍ବପୁରୁଷଙ୍କ ଶ୍ରାଦ୍ଧ ପାଇଁ ବେଜୁଣିକୁ ନୂଆ ନୂଆ ଲୁଗା, ପିଠା, ଲିଆ ଦେଇ ପୂର୍ବପୁରୁଷଙ୍କ ନାମ ସ୍ମରଣ କରି ମଦ ଢାଳି ପୂର୍ବପୁରୁଷଙ୍କୁ



ସନ୍ତୁଷ୍ଟ କରାଯାଏ । ଏପରି କରିବା ଦ୍ୱାରା ପୂର୍ବପୁରୁଷଙ୍କ ଅତୃପ୍ତ ଆତ୍ମା ମୁକ୍ତି ପାଇ ସ୍ୱର୍ଗପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି । ପୂର୍ବରୁ କୁଟୁମ୍ବ ବା ଗାଁ ଲୋକଙ୍କ ଦ୍ୱାରା ଜାମୁ ଡାଳରେ ଛାମୁଣ୍ଡିଆ ତିଆରି ହୋଇଥାଏ । ବେଜୁଣି ଓ ମାନସିକଧାରୀ ଯୁବତୀମାନେ ହାଣ୍ଡି ଧରି ଛାମୁଣ୍ଡିଆ ଚାରିପଟେ ତିନିଥର ବୁଲିଥାନ୍ତି । ଏହାପରେ ବେଜୁଣି ପାରମ୍ପରିକ ବାଜାରେ ନାଚିନାଚି ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜାନି ଘର ଓ ପ୍ରତି ଘରେ ରୋଷେଇ ହୋଇଥିବା ଭୋଗକୁ ଏକାଠି ରଖି ଦେବାଦେବୀ ଓ ପୂର୍ବପୁରୁଷଙ୍କ ନାମ ଉଚ୍ଚାରଣ ପୂର୍ବକ ଭୋଗ ଢାଳେ । କଦଳୀ, ସିନ୍ଦୂର ଦେଇ, ଧୂପ, ଦୀପଜାଳି, ନଡ଼ିଆ ଭାଙ୍ଗି, ପ୍ରତିଘରୁ ଆସିଥିବା କୁକୁଡ଼ା ଗାଁ ଲୋକ ବା କୁଟୁମ୍ବ ଦ୍ୱାରା କିଣା ଯାଇଥିବା ଏବଂ ମାନସିକ ହେଇଥିବା ଗାଈ, ଛେଳି, ମେଣ୍ଢା, ଘୁଷୁରୀ ଇତ୍ୟାଦି ଠାକୁରାଣୀଙ୍କ ନିକଟରେ ବଳୀ ଦେଇଥାଏ ।

## ପୂର୍ବପୁରୁଷଙ୍କୁ ପୂଜା

ପୂର୍ବପୁରୁଷମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ କେନ୍ଦୁ ଡାଳକୁ ମାଟିରେ ପୋତି ତା ନିକଟରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଭୋଗ, ଧୂପ, ଦୀପ, ମଦ ଢାଳି ସେଠାରେ ଘୁଷୁରୀ ବଳି ଦିଆଯାଏ । ଏହି ପୂଜାଟି ଶେଷ ହେଲେ ଲୋକମାନେ ନିଜ ନିଜ ଘରକୁ ଫେରିଥାନ୍ତି । ଯେଉଁମାନେ ମାନସିକ କରିଥାନ୍ତି ସେହିମାନେ ହିଁ ବହଳଁ / ବଲାଣି ସ୍ଥାନରେ ରହିଥାନ୍ତି । ସେମାନେ ନିଜେ ତିଆରି କରିଥିବା ଜାମୁ ଗଛ ଡାଳର ଛାମୁଣ୍ଡିଆରେ ପୂଜା ଆୟୋଜନ କରନ୍ତି । ଉକ୍ତ ପୂଜାରେ ଆବଶ୍ୟକ ସାମଗ୍ରୀ ଭବେ ନୂଆ ମାଟିହାଣ୍ଡି, ବାଉଁଶ ତିଆରି ଛତା, ଟାଙ୍ଗିଆ, ଆମ୍ବଡାଳ, ବେଲପତ୍ର, ଫୁଲ, କଦଳୀ, ନଡ଼ିଆ, କଜ୍ଜଳ, ଶଙ୍ଖା, ସିନ୍ଦୂର, ଦର୍ପଣ, ଧଳା ଲୁଗା, କୁକୁଡ଼ା, ପାରା ଇତ୍ୟାଦି ବ୍ୟବହାର କରା ଯାଇଥାଏ । ବେଜୁଣି ପାରମ୍ପରିକ ବଜାର ତାଳରେ ନାଚିନାଚି ପୂଜା ସାମଗ୍ରୀ ସବୁକୁ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାଏ । ପୂଜା ଶେଷରେ ମାନସିକଧାରୀ ବ୍ୟକ୍ତି ପଛକୁ ନଚାହିଁ ଆଗକୁ ଯାଇଥାନ୍ତି, ଅଧା ବାଟରେ ତାଙ୍କ ପାଇଁ ରଖା ଯାଇଥିବା ମାଟି ହାଣ୍ଡିର ପାଣିରେ ଗାଧୋଇଥାନ୍ତି । ପୂଜା ସମୟର ନୂତନ ବସ୍ତ୍ରକୁ ବେଜୁଣି ନିଜେ ନେବା ସହିତ ଅଧା ବାଟରେ ମାନସିକଧାରୀଙ୍କ ବାଟ ଓଗାଳେ, ଫଳରେ ମାନସିକଧାରୀ ମୁକୁଳିବା ପାଇଁ କିଛି ଟଙ୍କା ଦେଇ ଘରକୁ ଫେରନ୍ତି । ଏହାଦ୍ୱାରା ମାନସିକ ପୂର୍ଣ୍ଣ ହୁଏ ବୋଲି କନ୍ଧ ଜନଜାତିର ବିଶ୍ୱାସ ରହିଛି । ଏହି ପୂଜା ସମୟରେ ବେଜୁଣିକୁ ସନ୍ତୁଷ୍ଟ କରିବାକୁ କନ୍ଧମାନେ କୌଣସି ବି ଉପାୟ ହାତଛଡ଼ା କରନ୍ତି ନାହିଁ ।

## ବୁଧବାର ଶେଷଦିନ

ବୁଧବାର ଦିନ ସକାଳେ ମାନସିକଧାରୀ ମାନେ ମାନସିକ ପୂରଣ ହୋଇଛି କି ନାହିଁ ଜାଣିବା ପାଇଁ ନିଜ ନିଜ ଛାମୁଣ୍ଡିଆ ନିକଟକୁ ଆସନ୍ତି । ଯଦି ଛାମୁଣ୍ଡିଆ ଠିକ୍ ଅଛି ତେବେ ମାନସିକ ପୂରଣ ହୋଇଛି, ଯଦି ଭାଙ୍ଗି ଯାଇଛି ତେବେ ତା'ର ପୂଜା ଠାକୁରାଣୀ ଗ୍ରହଣ କରି ନାହାଁନ୍ତି ଏବଂ ତାର ମାନସିକ ପୂରଣ ହୋଇନାହିଁ ବୋଲି ବିଶ୍ୱାସ ରହିଛି । ଏହି ବୁଧବାର ଦିନ ଗ୍ରାମର ପୁରୁଷଲୋକେ ଏକାଠି ହୋଇ ମାଂସକୁ ରୋଷେଇ କରି ଠାକୁରାଣୀଙ୍କ ପ୍ରସାଦ ଭାବେ ଏକପ୍ରକାର ଜଳୀୟ ଖାଦ୍ୟ (ଡ୍ରିଭି) ସେଦିନ କରିଥାନ୍ତି । ପୂଜା ସାମଗ୍ରୀ କିଣିବା ପରେ ବଳକା ଟଙ୍କାରେ ଭୋଜି କରି ମହୁଲି, ସଲପ ପିଇ ପାରମ୍ପରିକ ନୃତ୍ୟ କରିଥାନ୍ତି । ଏହି ପର୍ବଟି କନ୍ଧ ସଂସ୍କୃତିରେ ଥିବା ତନ୍ତ୍ରାଚାର ବିଶ୍ୱାସର ଏକ ନିଦର୍ଶନ । ଏହିପରି ଭାବରେ ଆୟା ବହଳଁ ପର୍ବ ଶେଷ ହୁଏ ।

ଏତାଦୃଶ ଅନେକ ନିଆରା ପର୍ବ ଆଦିବାସୀ କନ୍ଧ ଜନଜାତି ପାଳନ କରନ୍ତି । ସମାଜର ପରିବର୍ତ୍ତିତ ପରିସ୍ଥିତି ଓ ଆଧୁନିକତାର ସ୍ପର୍ଶରେ ମଧ୍ୟ ସେମାନେ ନିଜ ପରମ୍ପରାକୁ ନେଇ ବେଶ୍ ସଚେତନ । ଡଙ୍ଗର ମାଟିକୁ ଭଲ ପାଉଥିବା ଏହି ପ୍ରକୃତିର ମଣିଷ ପ୍ରକୃତିକୁ ନିଜର ହର୍ତ୍ତାକର୍ତ୍ତା ଦୈବ ବିଧାତା ମନେ କରି ଜୀବନ ଜୀଏଁ, ବଡ଼ଲୋକ ହେବାର ସ୍ୱପ୍ନରେ ନୁହଁ ବରଂ ନିଜ ବଡ଼ପଣରେ ସମାଜର ମଙ୍ଗଳ ଉଦ୍ଦେଶ୍ୟରେ, ସ୍ଥାବରଜଙ୍ଗମ କୀଟପତଙ୍ଗ ସମସ୍ତଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ପ୍ରାର୍ଥନା କରେ । ସେମାନେ ଅଶିକ୍ଷିତ ହେଲେ ସୁଦ୍ଧା ପାରମ୍ପରିକ ମନ୍ତ୍ରପାଠ ଓ ପୂଜାବିଧି ପାଳନରେ ଆଦୌ ଭୁଲ୍ ଭଟ୍‌କା ଦେଖିବାକୁ ମିଳେନାହିଁ । ରୋଚକ କଥା ହେଲା ଏଯାବତ୍ ସେମାନଙ୍କର କୌଣସି ଲିପି ନାହିଁ ଅଥଚ ପରମ୍ପରା ଓ କଥାବସ୍ତୁ ଗୁଡ଼ିକୁ ଶ୍ରୁତି ଆକାରରେ ଶୁଣିଶୁଣି ସୋମନେ ମନେ ରଖନ୍ତି । ଏହି ଆଦିମ ଜନଜାତି ବିଷୟରେ ଗଭୀର ଅନୁଶୀଳନ କଲେ ଜଣାଯାଏ ଯେ, ଆଜିର ଯୁଗର ଯେଉଁ ନାରୀ ସଶକ୍ତିକରଣ, ଆତ୍ମନିର୍ଭରଶୀଳତା, ଜାତୀୟତା ଇତ୍ୟାଦି ଗୋଟେ ଦେଶ ବା ସମାଜର ଧ୍ୱନି ସର୍ବସ୍ୱ ଏହା ସେହି ଜନଜାତିର ପରମ୍ପରା ଓ ଅସ୍ଥି ମଜ୍ଜାଗତ । ଏ ଜାତି ଏକ ସ୍ୱାଭିମାନୀ ଜାତି, ଏକ ସ୍ୱୟଂସମ୍ପୂର୍ଣ୍ଣ ଜାତି ଯେ ବୁଝେ ପ୍ରକୃତି ହିଁ ସବୁକିଛି ଆଉ ପ୍ରକୃତିର ସୁରକ୍ଷାରେ ସାରା ମାନବ ସମାଜର କଲ୍ୟାଣ ନିହିତ । ଭୟଙ୍କର କରୋନା ମହାମାରୀ ପରେ ସାରା ସମାଜ ପୃଥିବୀର ସୁରକ୍ଷା ପାଇଁ ସଚେତନ ହେବାରେ ଲାଗିଛି, ଭବିଷ୍ୟତର ପୃଥିବୀକୁ ସୁସ୍ଥସୁନ୍ଦର କରି ଗଢ଼ିବାକୁ ପ୍ରୟାସ କରୁଛି ଅଥଚ ଆମେ ଭୁଲିଯିବା ଉଚିତ ନୁହେଁ ଏଇ କନ୍ଧ ଜନଜାତି କେଉଁ ଅନାଦି କାଳରୁ ପ୍ରକୃତି ସୁରକ୍ଷାରେ ନିଜକୁ ସମର୍ପିତ କରି ଦେଇଛି । ଶେଷରେ ଏତିକି କୁହାଯାଇପାରେ ହୁଏତ ଏଯାବତ୍ ଅନ୍ଧବିଶ୍ୱାସର ଅନ୍ଧଗଳିରୁ ଏହି ଆଦିମ ଜନଜାତି ମୁକୁଳି ପାରିନାହିଁ, ତଥାପି ଧାଁଦୌଡ଼ର ଜୀବନ ଜିଉଁଥିବା, ସ୍ୱାର୍ଥ ପାଇଁ ପ୍ରକୃତିକୁ ଖେଳନା ଭଳି ନଷ୍ଟ କରି ଚାଲିଥିବା ସମାଜ ପାଇଁ ଏ ଜାତି ରଖିଛି ଅମାପ ଶିକ୍ଷା, ଅଜସ୍ର ବାର୍ତ୍ତା । ଆଶା ଅନାଦି କାଳରୁ ନିଜକୁ ସୁରକ୍ଷିତ ଭାବେ ପୃଥିବୀରେ ଅବସ୍ଥାପିତ କରିଥିବା ଏ ଜାତି ଠାରୁ ଆଧୁନିକ ମଣିଷ କିଛି ଶିଖିବ ଏବଂ ପୃଥିବୀକୁ ଧ୍ୱଂସ ମୁଖରୁ ବଞ୍ଚେଇବାର ପ୍ରୟାସ କରିବ ।



# ଭତ୍ରା ବିବାହର ବିବିଧତା

## ଭତରା ସମାଜର ବିବାହ ବ୍ୟବସ୍ଥା

**ଡକ୍ଟର ପ୍ରଦୀପ କୁମାର ମିଶ୍ର**
ଆଇ.ବି.ରୋଡ୍, ପାୱାର୍ ହାଉସ୍ କଲୋନୀ, ଜୟପୁର,
କୋରାପୁଟ-୭୬୪୦୦୧
ଫୋନ:୯୪୩୭୫୭୫୭୫୧୦୫

ତଥ୍ୟ ସହାୟତା : ସାଇମନ ବିଡ଼ିକା,
ସୁବାସ ଚନ୍ଦ୍ର ମିଶ୍ର, ରାଜମନ ଭତରା
ଫଟୋ ସୌଜନ୍ୟ : ରଞ୍ଜନ ପ୍ରଧାନ ଓ ଲେଖକ



▶ଲେଖକ ପ୍ରଦୀପ କୁମାର ମିଶ୍ର

ଓଡ଼ିଶା ବିଭିନ୍ନ ଜନଜାତିଙ୍କର ଭୂସ୍ୱର୍ଗ । ପ୍ରାୟ ୬୨ ପ୍ରକାର ଜନଜାତି ଓଡ଼ିଶାରେ ବସବାସ କରନ୍ତି । ମହାରାଷ୍ଟ୍ର ଓ ଅବିଭକ୍ତ ମଧ୍ୟପ୍ରଦେଶକୁ ବାଦ୍ ଦେଲେ ଓଡ଼ିଶା ହେଉଛି ସଂଖ୍ୟାଧିକ ବନବାସୀଙ୍କ ନିବାସ ସ୍ଥଳ । ଏଣୁ ଓଡ଼ିଶାକୁ ବନବାସୀଙ୍କର ହୃଦୟସ୍ଥଳ (Tribal Heart Land) କୁହାଯାଏ । ଅବିଭକ୍ତ କୋରାପୁଟ ବିଭିନ୍ନ ଜନଜାତିଙ୍କର ଆଦିଭୂମି । ଆଦିମ ଅଧିବାସୀ ବଣ୍ଡା, ଡଙ୍ଗରିଆ କନ୍ଧ, ପରଜା, ସଉରା, ଗଣ୍ଡ, ଗଦବା, ଭତରା, ଭୂମିଆ, କୋୟା ପ୍ରଭୃତି ଜନଜାତି ଏଠାରେ ବାସ କରନ୍ତି । ଓଡ଼ିଶାର ୧୩ଟି ଆଦିମ ଜନଜାତି ମଧ୍ୟରୁ ୫ଟି ଆଦିମ ଜନଜାତି ଅବିଭକ୍ତ କୋରାପୁଟରେ ବାସ କରନ୍ତି । ବଣ୍ଡା, ଡିଡାଇ, କୁଞ୍ଜାକବ, ଡଙ୍ଗରିଆ କନ୍ଧ ଏବଂ ଲାଞ୍ଜିଆ ସଉରା ଏ ମାଟିର ଆଦିମ ଅଧିବାସୀ । ୧୯୯୨ ମସିହା ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀରେ ଅବିଭକ୍ତ ବିଭାଜିତ ହୋଇ ୪ଟି ନୂତନ ରାଜସ୍ୱ ଜିଲ୍ଲାରେ ପରିଣତ ହେବା ପରେ ବିକାଶର ଆଲୋକ ଧିରେ ଧିରେ ବନବାସୀଙ୍କ ପାଖରେ ପହଞ୍ଚିବାରେ ଲାଗିଛି । ଅବିଭକ୍ତ କୋରାପୁଟର ଜନଜାତିଙ୍କ ମଧ୍ୟରେ 'ଭତରା' ଜନଜାତି ବିକାଶ ଧାରାରେ ଆଜି ବେଶ୍ ଅଗ୍ରଣୀ । ଭତରାମାନେ ନବରଙ୍ଗପୁର, ଛତିଶଗଡ଼ର ବସ୍ତର, ନୂଆପଡ଼ା, କଳାହାଣ୍ଡି ଓ କିଛି କୋରାପୁଟ ଜିଲ୍ଲାରେ ବାସ କରନ୍ତି । କୁହାଯାଏ ୨୩ ପିଢ଼ି ପୂର୍ବରୁ ସେମାନେ ବସ୍ତର ପ୍ରଥମରାଜାଙ୍କ ସହ ଦକ୍ଷିଣ ୱାରଙ୍ଗଲ୍‌ରୁ ବସ୍ତରକୁ ଆସିଥିଲେ ସେମାନଙ୍କର ଏକ ଶାଖା କ୍ରମେ ଓଡ଼ିଶାର ଛତିଶଗଡ଼ ସଂଲଗ୍ନ ନବରଙ୍ଗପୁର ଅଂଚଳରେ ବସବାସ କଲେ । ସଂପ୍ରତି ଜିଲ୍ଲାର ୭ଟି ବ୍ଲକ୍‌ରେ ଭତରା ଜନଜାତିଙ୍କ ସଂଖ୍ୟା ବେଶ୍ ଅଧିକ । କୋଷାଗୁମୁଡ଼ା ବ୍ଲକ୍ ଓ ଉମରକୋଟ୍ ବ୍ଲକ୍‌ରେ ସେମାନଙ୍କ ସଂଖ୍ୟା ଯଥାକ୍ରମେ ୭୪,୯୦୭ ଏବଂ ୯୩, ୨୫୭ (୧୯୯୧ ଜନଗଣନା ତଥ୍ୟ) । ଭତରା ଜନଜାତିଙ୍କ ଭାଷାକୁ 'ଭତ୍ରୀ' ଭାଷା କୁହାଯାଏ, ଯାହା ଓଡ଼ିଆ ଭାଷାର ଅପଭ୍ରଂଶ ରୂପ (Corrupt form oriya) ବୋଲି ବିଶିଷ୍ଟ ପାଶ୍ଚାତ୍ୟ ବନବାସୀ ଗବେଷକ ଭେରିୟର୍ ଲ୍ୱିନ୍ କହିଥିଲେ । (Tribal myths of Orissa page-26) ହିନ୍ଦୁଧର୍ମର ଆଚାର ଓ ଉପାସନା ସହ ଏମାନଙ୍କ ଆଚାର ଓ ଉପାସନା ପଦ୍ଧତିର ବେଶ୍ ସାମଞ୍ଜସ୍ୟ ରହିଛି । ଗୋତ୍ର, ପରଂପରା, ବିବାହ ଓ

ପର୍ବପର୍ବାଣିରେ ଏହା ଲକ୍ଷ୍ୟ କରାଯାଏ । ଏହିମାନେ ୩ ପ୍ରକାର: ୧. ଆମନାଟ୍ୟ ବା ବଡ଼ ଭତରା, ୨. ସାନଭତରା ବା ମୁରିଆ ଭତରା, ୩. ପିତା ଭତରା । ଭତରା ମାନେ କୃଷିକାର୍ଯ୍ୟରେ ବେଶ୍ ଦକ୍ଷ ଓ ମାଛ ଧରିବାରେ ବି କୁଶଳୀ । ଅଧିକାଂଶ ଭତ୍ରା ପଇତା ପିନ୍ଧନ୍ତି । ବିଭିନ୍ନ ପର୍ବପର୍ବାଣିକୁ ବେଶ୍ ଧୂମ୍‌ଧାମ୍‌ରେ ପାଳନ କରନ୍ତି । ଭତରା ସମାଜର ଗୃହନିର୍ମାଣ ଶୈଳୀ, ବିବାହ ପ୍ରଥା, ସମାଜ ବ୍ୟବସ୍ଥା ବେଶ୍ ଉନ୍ନତ ଓ ଶୃଙ୍ଖଳିତ । ଭତରା ସମାଜର ସପ୍ତ ମହାରଥୀ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁନ୍ଦର ପରିଚାୟକ । ଏହି ସପ୍ତରଥି ହେଲେ ୧. ନାୟକ, ୨. ପୂଜାରୀ, ୩. ଭାତ ନାୟକ, ୪. ଗାଣ୍ଡା, ୫. ଚାଲାଣ, ୬. ଡିଶାରୀ, ୭. ଶିରା / ଗୁରୁମାଇ ।

ଭତ୍ରା ସମାଜର ସାମାଜିକ ଜୀବନରେ ଜନ୍ମ, ବିବାହ ଓ ମୃତ୍ୟୁ ସଂସ୍କାର ବେଶ୍ ଅର୍ଥଦ୍ୟୋତକ ଓ ଶିକ୍ଷଣୀୟ । ବିବାହ ଜୀବନରେ କେତେ ଗୁରୁତ୍ୱପୂର୍ଣ୍ଣ ଏକଥା ଆମେ ଜାଣୁ । ଶିକ୍ଷିତ ସଂପ୍ରଦାୟ ବିବାହ ବେଳେ ଯେଉଁ ରୀତିନୀତି ଆପଣେଇଥାନ୍ତି ଭତ୍ରା ସମାଜରେ ବି ରହିଛି ଅନୁରୂପ ନୀତିନିୟମ । କିନ୍ତୁ ସେ ସବୁ ବେଶ୍ ନମନୀୟ ଓ ସଂହତି ପୂର୍ଣ୍ଣ । ଭତ୍ରାମାନଙ୍କ ବିଭିନ୍ନ ଗୋତ୍ର ପଶୁପକ୍ଷୀଙ୍କ ନାମାନୁସାରେ ହୋଇଛି । ଯଥା: କଇଁଛ, ବାଘ, ନାଗ, ମାଙ୍କଡ଼, ଗୋଇ, କୁକୁର, କୁକୁଡ଼ା ଇତ୍ୟାଦି ଫଳରେ ଏହି ଗୋତ୍ରର ଭତରାମାନେ ସମଗୋତ୍ରରେ ବିବାହ କରିନଥାନ୍ତି । ଏମାନେ ମଧ୍ୟ ଉପରୋକ୍ତ ପଶୁପକ୍ଷୀଙ୍କୁ ନିଜ ଗୋତ୍ରର ରକ୍ଷକ ଭାବେ ସମ୍ମାନ ଦିଅନ୍ତି ଓ ଏମାନଙ୍କ ମାଂସ ଖାଆନ୍ତି ନାହିଁ । ଫଳରେ ଜୈବ ବିବିଧତା (Conservation of Biodiversity) ଆପେ ଆପେ ହୋଇଥାଏ । ସମକୁଳରେ ବିବାହ ଓ ବିଭିନ୍ନ ଗୋତ୍ରରେ ବିବାହ କେତେ ବିଜ୍ଞାନସମ୍ମତ ଆଜି ଏହାକୁ ଆମେ ବୁଝି ପାରିଛୁ । ଗୋତ୍ର ସମାନ ହେଲେ ସ୍ୱାମୀସ୍ତ୍ରୀଙ୍କ ରକ୍ତ (Blood Group) ଏକା ହେବାର ସମ୍ଭାବନା ଅଧିକ; ଫଳରେ ସନ୍ତାନ ଉତ୍ପାଦନରେ ସମସ୍ୟା ସୃଷ୍ଟି ହୋଇପାରେ । ଏଣୁ ଭତ୍ରା ସମାଜରେ ସଗୋତ୍ର ବିବାହ ନିଷିଦ୍ଧ । ପୁନଶ୍ଚ ବନ୍ଧୁ ସମ୍ପର୍କ ହେବା ଭଲ; ଏଣୁ ବଡ଼ଭତ୍ରା, ସାନଭତ୍ରା ବା ପିତାଭତ୍ରାଙ୍କ ଘରେ ବନ୍ଧୁ ବାନ୍ଧନ୍ତି ନାହିଁ । ଏହା ତାଙ୍କ ସାମାଜିକ ଜୀବନର ଏକ ବିଶେଷ ଶୃଙ୍ଖଳା ଅଟେ ।

ଭତରା ସମାଜରେ ଚାରି ପ୍ରକାର ବିବାହ ପ୍ରଥା ରହିଛି । (୧) ବଡ଼ବିଭା ବା ବଡ଼ ମାହାଲା (Arranged Marriage), (୨) ଉଦ୍‌ଲିଆ ବା ପାନିବସାନି ବିଭା (Love Marriage), (୩) ପଇସା ମୁଣ୍ଡି ବା ଠେଙ୍ଗା ଭତ୍ରାନି ବିଭା (One Side Love Marriage), (୪) ଘର ଜୋଇଁଆ ବିଭା (Love-cum-arranged Marriage as an adopted son)

ଏହି ସମସ୍ତ ବିବାହ ପ୍ରଥା ଓ ପରମ୍ପରାରେ ଝିଅର ଗୁରୁତ୍ୱ ଭତରା ସମାଜରେ ବେଶ୍ ସ୍ୱୀକୃତ । ପ୍ରତ୍ୟେକ ବିବାହ ପ୍ରଥାର ସାମାଜିକ ସ୍ୱୀକୃତି ପାଇଁ ଯେଉଁ ନିୟମ ସବୁ ରହିଛି ସେସବୁକୁ ଉଭୟ ପରିବାର ମାନିବା ପାଇଁ ବାଧ୍ୟ, ଅନ୍ୟଥା ଭତରା ସମାଜରେ ମଧ୍ୟ ସାମାଜିକ ବାସନ୍ଦ ରହିଛି ।

## ବଡ଼ବିଭା ବା ବଡ଼ ମାହାଲା

ଏହା ଏକ ସ୍ଥିରୀକୃତ ବା ବ୍ୟବସ୍ଥିତ ବିବାହ ପଦ୍ଧତି । ଉଭୟ କନ୍ୟା ଓ ବରପକ୍ଷର ସମ୍ମତିରେ ସ୍ଥିର ହୋଇଥାଏ । ବରପିତା ଜ୍ଞାତିକୁଟୁମ୍ବଙ୍କ ସହ କିଛି ଉପହାର ଭାବେ ଚାଉଳ, ନଡ଼ିଆ, କଦଳୀ ଓ ମଦ ଦେଇ କନ୍ୟାଘରେ ପହଞ୍ଚନ୍ତି । ପୂର୍ବରୁ ୧୨ଥର



'ମାହାଲା' ଯିବା ପରଂପରା ଥିଲା, ସଂପ୍ରତି ତାହା ଭତରା ସମାଜର ନିଷ୍ପତ୍ତି କ୍ରମେ ଥରକରେ ସଂପନ୍ନ କରାଯାଉଛି । ଯଦି ବରପକ୍ଷର ଉପହାରକୁ କନ୍ୟାପକ୍ଷ ସାଦର ଗ୍ରହଣ କରନ୍ତି, ତେବେ କାମ ଆରମ୍ଭ ହୁଏ । ଉଭୟ ଗାଁର ବୟସ୍କ ବୁଢ଼ା (ସିଆନ୍)ଙ୍କ ଉପସ୍ଥିତିରେ 'କନ୍ୟାଝୋଲା'(କନ୍ୟା ପାଇଁ ଯୌତୁକ) ସ୍ଥିର କରାଯାଏ । ପ୍ରାୟ ବନବାସୀ ସମାଜରେ 'କନ୍ୟାସୁନା' ଅଟନ୍ତି । କନ୍ୟା ପାଇଁ ପିତାମାତା ବେଶ୍ ଗର୍ବ ଅନୁଭବ କରନ୍ତି । ଭ୍ରୁଣ ହତ୍ୟା ବା କନ୍ୟାସନ୍ତାନର ଅବହେଳା ବନବାସୀ ସମାଜରେ ବରଦାସ୍ତ କରାଯାଏ ନାହିଁ । ପରେ ପରେ 'ମାହାଲା କାରିଆ', 'ଦିନ୍‌କାରିଆ' ବା 'ଲଗନକାରିଆ' ବିବାହର ସମୟ, ଦିନ ଓ ଲଗ୍ନ ସ୍ଥିର କରିଥାନ୍ତି । ଭତରା ବିବାହ ବ୍ୟବସ୍ଥାରେ 'ଭଣ୍ଡାର ସାଲିଆ' ଓ 'ମାଟି ପୂଜାରୀ'ର ଭୂମିକା ମଧ୍ୟ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଆସନ୍ତୁ ସେମାନଙ୍କ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରିବା ।

**(୧) ମାହାଲା କାରିଆ:** ବରଘର କନ୍ୟାଘର ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ ଯାହାକୁ ଆମେ ଘଟକ କହିଥାଉ, ଭୋଜିଭାତ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ତଦାରଖ କରିଥାଏ । ଭୋଜିଭାତ ସମୟରେ ତାକୁ ଚିହ୍ନିବାରେ ଯେପରି ଅସୁବିଧା ନହେବ ସେଥିପାଇଁ ସେ ଅଣ୍ଟାରେ ସିନ୍ଧିଡାଳ (ଖଜୁରୀ ଡାଳ) ଝୁଲାଇଥାଏ ।



**(୨) ଦିନକାରିଆ / ଲଗନ୍‌କାରିଆ:** ଏଇମାନେ ଜ୍ୟୋତିଷର କାମ ତୁଲାଇଥାନ୍ତି । ସେମାନଙ୍କର ନିଜର ପାଞ୍ଜି ଦେଖି ଯୋଗାଯୋଗ ବାହାର କରି ଦିନ ସ୍ଥିର କରିବା ଠୁ ଛାମୁଣ୍ଡିଆ ତିଆରି କରିବା ବା କରାଇବା / ଦେବା ପାଇଁ ଜିନିଷ ଯୋଗାଡ଼ କରିବା, ବରକନ୍ୟା ପାଇଁ ମୁକୁଟ ତିଆରି କରିବା, ହୋମଯଜ୍ଞ କରି ବରକନ୍ୟାର ହସ୍ତଗଣ୍ଠି ପକାଇବା, ସୁପାରୀ ଭାଙ୍ଗି (ଗୁଆ) ବରକନ୍ୟାକୁ ଖୁଆଇବା, ଅଭିମନ୍ତ୍ରିତ ସାଉଁଟି ଚାଉଳକୁ ଗଣି ଉଭୟଙ୍କ ଭବିଷ୍ୟତ ଆକଳନ କରିବା ଇତ୍ୟାଦି କାମ ଦିନ କାରିଆ / ଲଗନ କାରିଆ କରିଥାନ୍ତି ।

**ଭଣ୍ଡାର ସାଲିଆ:** ଭୋଜିର ଭଣ୍ଡାର ଦାୟିତ୍ୱରେ ରହେ । ଡାଲି, ଚାଉଳ, ମଦ, ଖଲିଦନା ପରିବା ଟଙ୍କା ପଇସା ଆଦିର ତଦାରଖ କରିଥାଏ । ତାର ଅଗଚୋରରେ

କୌଣସି ଜିନିଷ ବ୍ୟବହାର ହୁଏନାହିଁ ।

**ମାଟି ପୂଜାରୀ:** ମାଟି ପୂଜାରୀ ମହୁଲ ଡାଳ ଆଣି ବେଦୀ ମଣ୍ଡପରେ ପୋତେ । ପରମ୍ପରା ଅନୁସାରେ ମାଟିପୂଜାରୀ ଘରୁ ତେଲ ଆଣି ବିବାହ ସମୟରେ ବରକନ୍ୟାଙ୍କୁ ଲଗାଯାଏ, ଯାହାକୁ 'ତେଲ ଚଗାନି' କୁହାଯାଏ ।

ଏ ସମ୍ପର୍କରେ ଗୀତଟିଏ ଅଛି: "ଏ ତେଲ୍ ଏ ତେଲ୍ କାର ଏ ତେଲ୍ ପୂଜାରୀ ବାବୁ ଘର ତେଲ୍, ଦୁଲାଦୁଲି ମୁଣ୍ଡେ ବାଲ୍ ।"

## ବିବାହ ସ୍ଥିର ହେବାର ଚାରୋଟି ପର୍ଯ୍ୟାୟ

**ଘର ସୋର:** ଘରେ ପ୍ରଥମେ କନ୍ୟା ଓ କନ୍ୟା ଘର ସଂପର୍କରେ ଆଲୋଚନା ପରେ ବରର ବାପା ଜଣେ ଭଦ୍ର ଲୋକଙ୍କୁ ଧରି କନ୍ୟାଘରକୁ ଯାଇ ନିଜ ଉଦ୍ଦେଶ୍ୟ ଜଣାଏ; ଯଦି କନ୍ୟାପିତା ସକରାତ୍ମକ ବ୍ୟବହାର ପ୍ରଦର୍ଶନ କରେ, ତେବେ ବରପିତା ଓ ଭଦ୍ରବ୍ୟକ୍ତି ତାଙ୍କ ଘରେ ଖିଆପିଆ କରି ଫେରନ୍ତି । ଏହା ପ୍ରଥମ ପର୍ଯ୍ୟାୟ । ଏହାକୁ ଆମେ 'ପ୍ରସ୍ତାବ ପକାଇବା' କହିପାରିବା ।

**ବୁଝାବାନ୍ଧନୀ:** ଏହା ଦ୍ୱିତୀୟ ପର୍ଯ୍ୟାୟ । ଏହି ପର୍ଯ୍ୟାୟରେ ବରଘର ଲୋକେ ଚୂଡ଼ା, ଗୁଡ଼, ପିଠା, ଖଜା ଆଦି ଧରି କନ୍ୟାଘରେ ପହଞ୍ଚନ୍ତି । କନ୍ୟାଘର ବନ୍ଧୁବାନ୍ଧବ ମଧ୍ୟ ଉପସ୍ଥିତ ରହନ୍ତି । ଏହାଛଡ଼ା ଦିନକାରିଆ, ଲଗନକାରିଆଙ୍କ ଉପସ୍ଥିତି ଏ ପର୍ଯ୍ୟାୟରେ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଉଭୟ ପକ୍ଷଙ୍କ ଉପସ୍ଥିତିରେ 'ଜାତକ ମେଳ' ବା 'ଗୋତ୍ରକଥା'ର ବି ଆଲୋଚନା ହୁଏ । ଯଦି ଗୋତ୍ର ଭିନ୍ନ ହୁଏ ତେବେ ଜାତକମେଳ ମଧ୍ୟ ହୋଇଯାଏ । ଦିନକାରିଆର ସବୁଜ ସଂକେତ ପରେ 'ବଡ଼ମାହାଲା' ଯାହାକୁ ଆମ ଶିକ୍ଷିତ ସମାଜରେ 'ନିର୍ବନ୍ଧ' କୁହାଯାଏ, ସେଥିପାଇଁ ଦିନଧାର୍ଯ୍ୟ ହୁଏ ।

## ବଡ଼ମାହାଲା

ଆମ ଶିକ୍ଷିତ ସମାଜର ନିର୍ବନ୍ଧ ଭଳି । ଏହି ଦିନ ବରପକ୍ଷ ନିଜ ଆତ୍ମୀୟସ୍ୱଜନ ବନ୍ଧୁବାନ୍ଧବଙ୍କ ସହିତ ଝିଅ ପାଇଁ ଶାଢ଼ି, ଚୂଡ଼ି, ଦର୍ପଣ ପାନିଆ ତେଲ ଅଳତା ଏବଂ ଭୋଜିଭାତ ପାଇଁ ଡାଲି, ଚାଉଳ, ପରିବାପତ୍ର, ଖଲି, ଲିଆ ଧରି କନ୍ୟାଘରେ ପହଞ୍ଚି ଯାଆନ୍ତି । ଉଭୟପକ୍ଷର ବୟସ୍କ ବ୍ୟକ୍ତି, ମାହାଲାକାରିଆ, ବନକାରିଆ / ଲଗନକାରିଆ, ଭଣ୍ଡାର ସାଲିଆ ଓ ମାଟି ପୂଜାରୀ ବସି ବିବାହର ଦିନଲଗ୍ନ ସ୍ଥିର କରନ୍ତି । ପରେ ସମସ୍ତେ ଖିଆପିଆ ସାରି ଆନନ୍ଦରେ ବିଦାୟ ନିଅନ୍ତି ।



**ଗିରା ଭଙ୍ଗାନି:** ବିବାହର ତିନିଚାରିଦିନ ପୂର୍ବରୁ ପୁଅଘର ଲୋକ ଝିଅ ଘରକୁ ଯାଇ ତାଙ୍କ ଭାବି ପୁତ୍ରବଧୂକୁ ସାଙ୍ଗରେ ନେଇ ଆସନ୍ତି । ଝିଅଟି ଯଦି ଆଗ୍ରହରେ ଆସିଲା ତେବେ ଭବିଷ୍ୟତରେ ସେ ସୁଖର ସଂସାର କରିବ ବୋଲି ସୂଚନା ମିଳେ; ଯଦି ବାଧ୍ୟବାଧକତାରେ ଆସେ ତେବେ ତାଙ୍କ ସଂସାରର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠେ ।

ଏହି ସମୟରେ ପୁଅଘର ଲୋକ ଝିଅର ଦୋଷାଦୋଷ ଓ ରିଷ୍ଟ ଖଣ୍ଡନ ସଂସ୍କାର ପାଇଁ ପ୍ରତ୍ୟୁଷରୁ ଝିଅକୁ ନିକଟସ୍ଥ ଜଳାଶୟକୁ ନେଇ ଗ୍ରାମର ଶିରା (ଗୁଣିଆ / ପୂଜକ) ଦ୍ୱାରା ରିଷ୍ଟ ଖଣ୍ଡନ ପୂଜା କରିଥାନ୍ତି ଏ ସମୟରେ କେବଳ ସ୍ତ୍ରୀଲୋକମାନେ ହିଁ ଭାବି ପୁତ୍ରବଧୂ ସହିତ ରହିଥାନ୍ତି । ମାତ୍ର ଦୁଇଦିନ ରହଣି ପରେ ପୁନଶ୍ଚ ସସମ୍ମାନରେ ଝିଅକୁ ନେଇ ବାପଘରେ ଛାଡ଼ି ଦିଆଯାଏ ।

## ବିବାହ ପ୍ରକ୍ରିୟା

ବିବାହ ଆଗରୁ ବରଘର ପ୍ରସ୍ତୁତି ବଢେ; ବିବାହ ପାଇଁ ବିଭିନ୍ନ ଦ୍ରବ୍ୟ ପ୍ରସ୍ତୁତି ହୁଏ । କନ୍ୟାଘର ଦେଇଥିବା ଗୁଆକୁ ବରଘର ପକ୍ଷରୁ ସମସ୍ତ ବନ୍ଧୁ ପରିଜନଙ୍କୁ ଦିଆଯାଏ, ଯାହା ଆମ ସଂପ୍ରଦାୟର ଗୁଆଦିଆ ପରମ୍ପରା ପରି ।



ଏଣେ କନ୍ୟାଘରେ ମାଟିମଣ୍ଡପ ତିଆରି କରି ତା'ର ଅପୂର୍ବ ସାଜସଜ୍ଜା ତାଳପତ୍ରରେ କରା ଯାଇଥାଏ । ବେଦୀର ମଝିରେ ପବିତ୍ର ମହୁଲ ଡାଳ ପୋତିବା ପାଇଁ ଗାତ କରାଯାଏ । ଛାମୁଣ୍ଡିଆ ଉପରେ ଜାମୁକୋଳି ଡାଳ ପକାଯାଏ । ଚାରିକୋଣରେ ଖୁଣ୍ଟି ସହିତ ଚାରୋଟି ଦୀପ ବନ୍ଧାଯାଏ ଯାହା ଭତ୍ରୀ ଭାଷାରେ 'ଦିଏ ବାନ୍ଧବାଏ' କୁହାଯାଏ । ମଣ୍ଡପର ଚାରିକଡ଼ରେ ଆଠଟି ଶାଳଗଛର ଖୁଣ୍ଟି ପୋତାଯାଏ ।



ବିବାହ ପୂର୍ବଦିନ ବରଘର ତରଫରୁ ଭୋଜି ପାଇଁ ଆବଶ୍ୟକ ସାମଗ୍ରୀ, ବେଦୀ ପାଇଁ ସମସ୍ତ ଉପକରଣ ଧରି ବାଦ୍ୟବାଜଣା ସହିତ କନ୍ୟାଘର ଗାଁକୁ ଆସନ୍ତି । ବର ସାଙ୍ଗସାଥୀଙ୍କ ସହିତ ଆଗରେ ଚାଲେ । ଗାଁ ସୀମାରେ ଉଭୟ ପକ୍ଷର 'ଜୁହାରଭେଟ' ହୁଏ । ବରଘର ଲୋକଙ୍କୁ କନ୍ୟାଘର ପକ୍ଷରୁ ଥଟ୍ଟା ପରିହାସ କରି ଗୀତ ଗାଇ ନାଚନ୍ତି, ଯାହା ବେଶ୍ ହୃଦ୍ୟ ମନେହୁଏ ।

"ଝୁମିଯା ଝୁମିଯା ଚନ୍ଦନ ବନେ / ଘୁଁଚା ଘୁଁଚା ନାଇଁ କେନେ / ତମେ କୋଲିଆ କେ ଆମେ କୋଲିଆ / ଭୂମି ମାଟି ଇଲେ ଲିଆ / ତମେ ଆମେ କିନା ଏକା ଜୁଲିଆ / ପରାଉଁଦେ ଉଦୁଲିଆ ।"

ଏହି ଗୀତରେ ପରସ୍ପରକୁ ଭଲପାଇବା, ଆପଣେଇବା, ଉଦୁଲିଆ ଯିବା କଥା ବର୍ଣ୍ଣିତ ହୋଇଛି । ପରେପରେ ବରଘରକୁ ସଂଖୋଳି ଅଲଗା ଘରେ ରହିବାର ବନ୍ଦୋବସ୍ତ କରନ୍ତି । ଏହା ଆମ ସମାଜରେ ମଧ୍ୟ ଅନୁରୂପ ଲକ୍ଷ୍ୟ କରାଯାଏ । ବ୍ୟତିକ୍ରମ କେବଳ ଆମ ବରଘରର ଔଦ୍ଧତ୍ୟ ଓ ଅହଂକାର ବନବାସୀ ସମାଜରେ ପରିଦୃଷ୍ଟ ହୁଏ ନାହିଁ । ତା' ପରଦିନ ପ୍ରତ୍ୟୁଷରେ କନ୍ୟା ମା' ଓ ବରମା' ଗାଁର ସ୍ତ୍ରୀମାନଙ୍କ ସହ ନୂଆ ମାଠିଆ ଧରି ଗାଁ ନିକଟସ୍ଥ ଜଳାଶୟକୁ ପାଣି ଆଣିବାକୁ ଯାଆନ୍ତି । ଏହି ସମୟରେ ସ୍ତ୍ରୀଲୋକମାନେ କଟନି ଗୀତ ଗାଇଥାନ୍ତି, ଯଥା:

"କଟନି କଟନି ଫୁଲ ତିନି ଚାରିବାନି
ଏକଇ କଟନି ମାରିବିରେ ମୋର ମିତେ ଝୋଲ ଝୋଲି
କାରି ଭତରାଣି ମୋର ବନ୍ଧ ଚମକିଲାରେ ।"

## ହଳଦୀଲଗାନି

ଏହି ପ୍ରକ୍ରିୟରେ କନ୍ୟାକୁ ସାଙ୍ଗରେ ଧରି ସ୍ତ୍ରୀଲୋକମାନେ ନିକଟସ୍ଥ ନଈ/ ପୋଖରୀକୁ ଯାଇଥାନ୍ତି । ତା' ପୂର୍ବରୁ ଘରେ କନ୍ୟା ଦେହରେ ତେଲ, ଅର୍କା, ହଳଦୀବଟା ଲଗାଇଥାନ୍ତି । ଏ ସମୟରେ ଖୁବ୍ ଆନନ୍ଦ ଉଲ୍ଲାସରେ କନ୍ୟାମାନେ ଗୀତ ଗାଇଥାନ୍ତି । ଯଥା:

"ହଳଦୀ ବାଟିଲୁ ସିଲେରେ ନବୀନା / ହଳଦୀ ବାଟିଲୁ ସିଲେ /ବାଟିଲା ହଳଦୀ କାକୁ ଦେଲୁରେ ନବିନା /ବାଟିଲା ହଳଦୀ ସୁନାରି ଦେଲାରେ ନବିନା / ସୁନାମୁଦି କରବାର ପାଇଁରେ ନବିନା ।"



ଏଠାରେ ନବୀନା (ନବବଧୂ ସାଜୁଥିବା) କନ୍ୟାକୁ ସମ୍ବୋଧନ କରି ଝିଅମାନେ ଗୀତ ଗାଇଥାନ୍ତି । ଏହି ହଳଦୀ ଉତ୍ସବ ହିନ୍ଦୁ ବିବାହ ପରଂପରାରେ ମଧ୍ୟ ଅନୁସୃତ ହୁଏ ।

## ଧରମ ପାଣି

କନ୍ୟା ମା', ବର ମା' ଝିଅକୁ ଗାଧୋଇ ଦେଇ ଅନ୍ୟ ସ୍ତ୍ରୀଲୋକଙ୍କ ସହ ତାକୁ ନୂଆ ହଳଦିଆ ଲୁଗା ପିନ୍ଧାଇ ମାଟି ମାଠିଆରେ ପାଣିଧରି ଜଳ ତୁଠରୁ ଫେରନ୍ତି । ଏହି ମାଠିଆକୁ ବେଦୀରେ ଶିକାରେ ଝୁଲାଇ ଦିଆଯାଏ । ସ୍ତ୍ରୀ ଲୋକମାନେ ଏହି ସମୟରେ କଟନି ଗୀତ ଗାଇଥାନ୍ତି ।

## ବେଦୀକର୍ମ

ଶୁଭ ବିବାହ ଆରମ୍ଭରେ ମହୁରୀ, ନାଗରା, ତାପ, ଝିଡ଼ିବିଡ଼ି, ମନ୍ଦିର ଆଦି ମଙ୍ଗଳାବାଦ୍ୟ ବାଜେ । ବିଭିନ୍ନ ବିବାହ କର୍ମ ପାଇଁ ଭିନ୍ନ ଭିନ୍ନ ତାଳ ଓ ଲୟରେ ବାଦ୍ୟକାରମାନେ ବାଜା ବଜାଇଥାନ୍ତି । ମଣ୍ଡପର ଅନତି ଦୂରରେ ଝିଅମାନେ ଗୀତ ଗାଇ ଗାଇ ନାଚନ୍ତି । ମାଟି ପୂଜାରୀ ଠିକ୍ ଲଗ୍ନରେ ମହୁଲ ଖେଳା (ଡାଳ) ଆଣି ବେଦୀ ମଝିରେ ପୋତିଦିଏ । ଶୁଦ୍ଧ ପାଣିରେ ଧୋଇ ଡାଳରେ ହଳଦିଆ କନା ବାନ୍ଧି ଦିଆଯାଏ । ଲୋକବିଶ୍ୱାସରେ ଏହି ଡାଳରେ ଭୀମାଦେବତା ବାସ କରନ୍ତି । ବନବାସୀ ସମାଜରେ ମହୁଲ ଡାଳ ତାଙ୍କ ଅର୍ଥନୀତି ଓ ସାଂସ୍କୃତିକ ଜୀବନର ପବିତ୍ର ପ୍ରତୀକ । ଏଣୁ ଆଦିବାସୀ ଅଂଚଳରେ ମହୁଲ ଗଛକୁ କଟାଯାଏ



ନାହିଁ । ବିବାହ ଆରମ୍ଭ ଆଗରୁ ମାଟି ଦେବତାକୁ ଖୁସି କରିବା ପାଇଁ ମଦକୁ ମାଟିରେ ଥିପା (ଟୋପା ଟୋପା କରି) ପକାଯାଏ । ଫଳରେ ମାଟିମାଆ ଖୁସି ହୁଅନ୍ତି । ପରେ କନ୍ୟା ମା' ବର ମା' ନୂଆଲୁଗା ପିନ୍ଧି ବେଦୀ ଚାରିପଟେ ନଅ ଥର ପରିକ୍ରମା କରିବା ସନାତନ ଧର୍ମର 'ନବଧା' ଭକ୍ତିର ସୂଚକ ନୁହେଁକି ? ଏହାପରେ ବରକନ୍ୟାକୁ ବେଦୀକୁ ଆଣିବା ଆଗରୁ ବେଦୀ ମଝିରେ ନୂଆ ଲୁଗାଟିଏ ଟାଙ୍ଗି ଦିଆଯାଏ । ବରକନ୍ୟାକୁ ଆଣି ଲୁଗାର ଉଭୟ ପାର୍ଶ୍ୱରେ ଠିଆ କରାଯାଏ । ଯେମିତିକି କିଏ କାହାକୁ ଦେଖି ପାରନ୍ତି ନାହିଁ । ହାତଗଣ୍ଠିର ଲଗ୍ନ ପୂର୍ବରୁ ଝିଅମାନେ ବରକନ୍ୟାଙ୍କୁ ଘରକୁ ଆଣି ତେଲ ଲଗାଇ ଗୀତ ଗାଇଥାନ୍ତି, ଯାହାକୁ 'ତେଲ୍ ଚଗାନି' କୁହାଯାଏ ।

ହସଖୁସି ଭିତରେ ଲଗ୍ନ ଆସିଯାଏ । ଲଗନ କାରିଆ ଉଭୟ ବରକନ୍ୟାଙ୍କ ଲୁଗାକୁ ଧୁଆ ଓଦା ଚାଉଳ ଓ ଫୁଲରେ ମନ୍ତ୍ରପଢ଼ି ବାନ୍ଧିଦିଏ । ପରେ ବାଦ୍ୟବାଜଣା ହୁଳହୁଳି ଓ ମହୁରୀ ଧ୍ୱନି ଓ ଝିଅଙ୍କ ଗୀତ ଭିତରେ ଉଭୟଙ୍କ ସୁଖୀ ଦାମ୍ପତ୍ୟ ଜୀବନ କାମନା କରି ମହୁଲ ଡାଳ ଚାରିପଟେ ସାତଥର ବୁଲା ଯାଇଥାଏ,

ଯାହା ହୁଏତ 'ସାତଜନ୍ମ ପାଇଁ' ପବିତ୍ର ବନ୍ଧନର ସୂଚକ ହୋଇପାରେ । ଏହାକୁ 'ମାଣ୍ଡିକିନ୍ଦିରା' କୁହାଯାଏ । ପରେ ବେଦୀରେ ଆଗରୁ ରଖା ଯାଇଥିବା ଧରମ ପାଣିକୁ ଉଭୟଙ୍କର ଉପରେ ଢାଳି ଦିଆଯାଏ । ଶେଷରେ ଲଗନ୍ କାରିଆ କନ୍ୟାର ଡାହାଣ ହାତର କାଣି ଆଙ୍ଗୁଠିକୁ ବରହାତରେ ଧରାଇ ଦେଇ ହସ୍ତଗଣ୍ଠି ପକାଇଥାଏ । ବରକନ୍ୟାକୁ ଆଣି ବେଦୀ ମଣ୍ଡପରେ ଠିଆ ହୋଇଥିବା ସମୟରେ 'ମାଣ୍ଡଜଗିଆ' ହୁଏ । ଏହି ସମୟରେ 'ରେଲାଗୀତ' ଓ 'ଫନ୍ଦୀଗୀତ' ବୋଲା ଯାଇଥାଏ ।



ଭତରା ସମାଜର ବିବାହ ସଂସ୍କାର ବେଳେ ତିନି ପ୍ରକାର ମଉଁଡ଼ (ମୁକୁଟ) ଉଭୟଙ୍କୁ ପିନ୍ଧାଯାଏ । 'ତେଲ୍ ଚେଗାନି' ବେଳେ କଅଁଳ ଆମ୍ବପତ୍ର ତିଆରି ମୁକୁଟ ପିନ୍ଧାଯାଏ; ଲଗ୍ନ ସମୟରେ ଲୁଗାଗଣ୍ଠି ପକାଇ ହାତ ଧରାଇବା ସମୟରେ ସିନ୍ଧି (ଖଜୁରୀ) ମଉଁଡ଼ (ମୁକୁଟ) ପିନ୍ଧାଯାଏ, ଯାହାକୁ 'ଲଗନି ମଉଁଡ' କୁହାଯାଏ ଏବଂ ବିବାହ ସରିବା ପରେ ଗଉନ୍ (ଟିକା) ଦେଲାବେଳେ ଖଜୁରୀ ଡାଳ ତିଆରି ମୁକୁଟ ପିନ୍ଧାଯାଏ, ଯାହାକୁ 'ଗଉନ୍ ମଉଁଡ଼' କୁହାଯାଏ ।

## ଚିକଲ ଲଣ୍ଡି

ବିବାହ କାର୍ଯ୍ୟ ଶେଷରେ ଉଭୟ ବରକନ୍ୟା ପକ୍ଷରୁ ଉଭୟ ହଳଦୀ କାଦୁଅ ବୋଳାବୋଳି ହୋଇ ବାଦ୍ୟର ତାଳେ ତାଳେ ଗଡ଼ାଗଡ଼ି ହୋଇ ଖେଳନ୍ତି । ଏହି ସମୟରେ ଆନନ୍ଦ ଉଲ୍ଲାସରେ ସୁନ୍ଦର ଗୀତ ସବୁ ଗାଇଥାନ୍ତି । ଯେମିତି-

"ପିପଡ଼ି ପତର ପିପଡ଼ି ପାପଡ଼ି / ସରାଗେ ଲାଗିଲା ଧୂଳି / ବିଲର କାକଡ଼ା ଜାଲର ମାରଲା / ବେଙ୍ଗ ଦେଲା ହୁଳହୁଳି ।"

## କନ୍ୟାବିଦା

ଏହା ଏକ କରୁଣ ମୁହୂର୍ତ୍ତ କନ୍ୟାପକ୍ଷ ପାଇଁ । ମା', ମାଉସୀ, ମାଈଁ, ବଡ଼ ଭଉଣୀ ଦୁଃଖରେ ଲୋତକାପ୍ଲୁତ ହେଉଥିବା ବେଳେ କନ୍ୟାକୁ ନେଇ ଯାଉଥିବା ବରପକ୍ଷର ଯୁବକମାନେ କନ୍ୟାପକ୍ଷର ଯୁବତୀମାନଙ୍କ ଉଦ୍ଦେଶ୍ୟରେ ଥଟ୍ଟା ପରିହାସ କରି ରସସିକ୍ତ ଗୀତ ଗାଇଥାନ୍ତି-

"ନବରଂଗପୁରର ରଙ୍ଗତେଲାନି / ଜୟପୁରର ଗିନା / ଧଡ଼ରା କାରିଆ ଆସ୍‌ଲୁ ଆଚେ / ମୁଦି ମୋଟେ ଦିଆ ଚିନା... ।"

ବେଶ୍ ଆନନ୍ଦ ଉତ୍ସବରେ ମାହାଲା ବିଭାକାର୍ଯ୍ୟ ସଂପନ୍ନ ହୋଇଥାଏ । ଏହା ପରେ ବରପକ୍ଷ କନ୍ୟାକୁ ନିଜ ଗାଁକୁ ଆଣି ଭୋଜି, ଭାତ, ମଦପାଣିରେ ବନ୍ଧୁ, ବାନ୍ଧବ, ସାହି, ପଡ଼ିଶା ସମସ୍ତଙ୍କୁ ଅପ୍ୟାୟିତ କରିଥାନ୍ତି । ଏହା ଆଗରୁ ଦୁଇ ରାତି ତିନିଦିନ ପାଳନ କରାଯାଉଥିବା ବେଳେ ସଂପ୍ରତି ଗୋଟିଏ ଦିନ ଓ ଗୋଟିଏ ରାତିରେ ସଂପନ୍ନ କରାଯାଉଛି । ମାହାଲା ବିଭା ବା ବଡ଼ ବିଭା (Arranged Marriage) ବ୍ୟୟବହୁଳ ଓ ସମୟ ସାପେକ୍ଷ ହେଲେ ହେଁ ଭତରା ସମାଜରେ ଏହା ସାମୂହିକ ଆନନ୍ଦ ଓ ଉଲ୍ଲାସ କାରଣରୁ ସ୍ୱୀକୃତ ଓ ଅନୁମୋଦିତ । ଏହି ବିବାହ ଆମ ବିବାହ ପରଂପରା ସହିତ ବେଶ୍ ସାମଞ୍ଜସ୍ୟ ବହନ କରେ । ଦାକ୍ଷିଣାତ୍ୟ ଦ୍ରାବିଡ଼ ସଂସ୍କୃତିର ପ୍ରଭାବ ହେତୁ ଭତରା ସମାଜରେ ମାମୁଁ ଝିଅକୁ ବି କେତେକାଂଶରେ ବିବାହ କରିବାର ପରମ୍ପରା ରହିଛି ।

## ଉଦ୍‌ଲିଆ ବା ପାନିବସାନି ବିଭା (Love Marriage)

ଏହା ପ୍ରେମ ବିବାହ ବା ଗାନ୍ଧର୍ବ ବିବାହ ପରି । ପ୍ରଥମେ ପୁଅ ଝିଅ ପରସ୍ପରକୁ ନଇତୁଠ ପାଣିଘାଟ, ହାଟ, ଯାନିଯାତ୍ରା, ଦଶହରା, ମଣ୍ଡେଇ କି ଗାଁ ନାଟରେ ଭେଟିବା ପରେ ଯଦି ପରସ୍ପର ପ୍ରତି ଆକର୍ଷିତ ହୁଅନ୍ତି ତେବେ କିଛିଦିନ ଧରି ଏହି ପ୍ରକ୍ରିୟା ଚାଲେ । ବନ୍ଧୁବାନ୍ଧବ କିମ୍ବା ବାନ୍ଧବୀଙ୍କ ସାହଚର୍ଯ୍ୟରେ ତଙ୍କର ମିଳନ ଅଧିକ ସୁଦୃଢ଼ ହୁଏ । କିଛିଦିନ ପରେ ପୁଅ ଝିଅକୁ ଉଦୁଲିଆ (ଫେରାର୍) ହେବା ପାଇଁ ପ୍ରସ୍ତାବ ଦିଏ ଏବଂ ଝିଅ ରାଜି ହୋଇଗଲେ; ବାପା ମା'ଙ୍କ ବିନାନୁମତିରେ ସେମାନେ ଗାଁଛାଡ଼ି କୌଣସି ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନିଅନ୍ତି । ଏହା ହିଁ ଉଦ୍‌ଲିଆ ବିବାହ । ପରେ (ପୁଅ, ଝିଅର) ବାପା, ମା କିଛି ସମୟ ପରସ୍ପରକୁ ଆରୋପ ଦୋଷାରୋପ କଲାପରେ ମାହାଲା କାରିଆ ଦ୍ୱାରା ପ୍ରସ୍ତାବ ପଠାଇ ବିବାହର ଆୟୋଜନ ହୁଏ ଏବଂ ସେମାନଙ୍କ ପୂର୍ବମିଳନକୁ ସ୍ୱୀକୃତି ଦିଆଯାଏ ।

## ପଇସା ମୁଣ୍ଡି ବା ଠେଙ୍ଗା ଭତ୍‌ରାନି ବିଭା (One Side Love Marriage)

ଏହା ଏକ ତରଫା ପ୍ରେମର ମଧୁର ପରିଣତି । ଯଦି କୌଣସି ଝିଅ ପୁଅକୁ ବିବାହ କରିବାକୁ ମନ କରେ, ତେବେ ସେ ବିଭିନ୍ନ ସମୟରେ ପୁଅକୁ ଇଙ୍ଗିତ ଦେବ । ପୁଅ ଯଦି ଝିଅ କଥାରେ ରାଜି ହୋଇଯାଏ, ତେବେ ବାପା ମା'ଙ୍କ ବିନାନୁମତିରେ ଝିଅ ପୁଅଘରକୁ ଚାଲିଯିବ । ପୁଅଘରର ସ୍ୱୀକୃତି ପାଇବା ଯାଏଁ ସେଠାରେ ଶାଶୁ ନଣନ୍ଦର ଗାଳି, ଗଞ୍ଜଣା ସହି ଧୈର୍ଯ୍ୟର ସହିତ ଅପେକ୍ଷା କରିବା ପରେ ଉଭୟ ପକ୍ଷର ବାପାମା' ଆପୋଷ କଥାବାର୍ତ୍ତା କରି ଉଭୟଙ୍କ ମଧ୍ୟରେ ବିବାହ କାର୍ଯ୍ୟ ସମ୍ପନ୍ନ କରିବେ । ଏ ସମୟରେ କନ୍ୟାଘର ପକ୍ଷରୁ ବରଘରକୁ ଧମକଚମକ ଦେବା ନଜିର୍ ରହିଛି । ଏପରିକି ଠେଙ୍ଗାବାଡ଼ି ଧରି ବରଘର ଯାଏଁ ସେମାନେ ଆସନ୍ତି । ଏଣୁ ଏହାକୁ ଠେଙ୍ଗା ଭତ୍‌ରାନି ବିଭା କୁହାଯାଏ ।

## ଘର ଜୋଇଁଆ ବିଭା (Love-cum-Arrange Marriage)

ଏକ ଗରିବ ଭଲପୁଅକୁ ଯଦି କୌଣସି ସଂପନ୍ନ ପରିବାରର ଝିଅ ବିବାହ କରିବାକୁ ଚାହେଁ ତାହେଲେ ସେ ପୁଅକୁ ରାଜି କରାଇବା ପରେ ପୁଅ ଦ୍ୱାରା ବାପାର ଅନୁମତି କ୍ରମେ ନିଜ ଘରକୁ ଡାକିବ । ଏବେ ପୁଅଟି ଘରେ ସମସ୍ତଙ୍କ ମନ ଜିଣିବା ପାଇଁ ଘରର ଯାବତୀୟ କାମ, ବିଲବାଡ଼ି, ହଳବଳଦ ହାନିଲାଭ ସବୁକଥା ପୁଅ ପରି ବୁଝିବ । ନିଜ ଆଚାର ବ୍ୟବହାର ପରିଶ୍ରମ ଦ୍ୱାରା ଝିଅ ଏବଂ ତା' ବାପା ମା'ଙ୍କ ମନ ଓ ହୃଦୟକୁ ଜିଣିବ । ଏହାର ବର୍ଷେ ଦୁଇବର୍ଷ ପରେ ପାରମ୍ପରିକ ରୀତିରେ ଝିଅର ବାପା ପୁଅ ସହ ତାର ବିବାହ କରିବେ । ଏହାକୁ 'ଘରଜୋଇଁଆ' ବିବାହ କୁହାଯାଏ । ପୁଅ ନଥିବା ପରିବାରରେ ଝିଅ ଏଭଳି ଭାବେ ବର ଚୟନ ପ୍ରକ୍ରିୟା ନିଜେ କରିଥାଏ ।

ଉପରୋକ୍ତ ଚାରିପ୍ରକାର ବିବାହ ପଦ୍ଧତି ଭତ୍ରା ସମାଜରେ ଅନୁସୃତ ହୁଏ । ବିବାହ ପ୍ରଥା ଭତରା ସମାଜରେ ଯେତିକି ନମନୀୟ ଛାଡ଼ପତ୍ର ବ୍ୟବସ୍ଥା, ବି ସେତିକି ସ୍ୱୀକୃତ । ଯଦି ଦାମ୍ପତ୍ୟ ଜୀବନରେ ଶାନ୍ତି ଓ ସ୍ଥିରତା ନରହେ, ସ୍ୱାମୀ ଯଦି ମଦ୍ୟପ କିମ୍ବା ଲମ୍ପଟ ହୁଏ, ତେବେ ସ୍ତ୍ରୀ ଅନ୍ୟ ବର ପାଖକୁ ଯାଇପାରିବ । ବିଧବା ବିବାହ ବି ଭତରା ସମାଜରେ ସ୍ୱୀକୃତ ଥିବାର ନାରୀ ସଶକ୍ତିକରଣ (Woman Empowerment) କଥାଟି ଭତରା ସମାଜ ପାଇଁ ବେଶ୍ ପ୍ରଯୁଜ୍ୟ ।

ସଂପ୍ରତି ଏହି ବିବାହ ସଂସ୍କାର ଉପରେ ତଥାକଥିତ ସଭ୍ୟ ସମାଜର ପ୍ରଭାବ, ପରିବେଶର ଅବକ୍ଷୟ ଓ ବିକାଶଧାରା କାରଣରୁ ଭତରା ସମାଜର ପୁରୁଣା ପ୍ରଥା ଓ ପରମ୍ପରା ଅନେକ ମାତ୍ରାରେ ବଦଳିଲାଣି । 'ସିନ୍ଧିମୁକୁଟ' ଜାଗାରେ ଜରି ମୁକୁଟ ବେଦୀରେ ରଙ୍ଗୀନ ଆଲୋକମାଳାରେ ସାଜସଜ୍ଜା, କଟନୀଗୀତ, ଫନ୍ଦିଗୀତ, ବଦଳରେ ବଜାରୀ ଫିଲ୍ମଗୀତକୁ ଆଜି ସେମାନେ ଆପଣେଇ ସାରିଲେଣି । ସେମାନଙ୍କ ବିବାହ ସଂସ୍କାରର ଉଚ୍ଚ ମୂଲ୍ୟବୋଧଯୁକ୍ତ ଲୋକଗୀତ ବିଲୁପ୍ତ ହେବାକୁ ବସିଲାଣି । ଭୋଜିଭାତରେ ସହରୀ ଛାପ କାରଣରୁ ପରମ୍ପରା କ୍ରମେ ବଦଳି ଯାଉଥିବା ହେତୁ ସେମାନଙ୍କ ମଧ୍ୟରେ ଥିବା ଉଚ୍ଚତର ସାମାଜିକ ମୂଲ୍ୟବୋଧ ହ୍ରାସ ପାଇବା ଏକ ବନବାସୀ ମାନବୀୟ ସଙ୍କଟ ଭାବେ ଆଜି ଆମ ଆଗରେ ଅନେକ ପ୍ରଶ୍ନ ଛିଡ଼ା କରିଛି । ଏସବୁର ସୁରକ୍ଷା, ସଂପ୍ରସାରଣ ଓ ସମ୍ବର୍ଦ୍ଧନ ଆମ ନୈତିକ ଦାୟିତ୍ୱ ନୁହେଁ କି ?



# ମଣ୍ଡେଇର ମହକ

## ଆଦିବାସୀ ଜନଜୀବନର ଯାନିଯାତ୍ରା

# ମଣ୍ଡେଇ

**କେଦାରେଶ୍ୱର ପଟ୍ଟନାୟକ**

ଗ୍ରାମ/ପୋଷ୍ଟ: ଧୋଡ୍ରା, ମାଧ୍ୟମ : ଉମରକୋଟ, ଜିଲ୍ଲା: ନବରଙ୍ଗପୁର
ଫୋନ : ୮୪୫୮୦୭୪୪୬୬

ଫଟୋ ସୌଜନ୍ୟ : ଲେଖକ



▶ଲେଖକ କେଦାରେଶ୍ୱର ପଟ୍ଟନାୟକ

ପ୍ରାକୃତିକ ଶୋଭାରେ ସୁଶୋଭିତ ଏ ବସୁନ୍ଧରା । ମାନବ ପ୍ରକୃତି ଦ୍ୱାରା ଆକର୍ଷିତ ହେଉଥିବା ବେଳେ ପ୍ରକୃତିର ସୃଷ୍ଟି, ସ୍ଥିତି ଓ ଲୟ ମାନବ ଦ୍ୱାରା ସାଧିତ ହୋଇଥାଏ । ଏଣୁ ପ୍ରକୃତି ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମଣିଷ ପ୍ରକୃତିର ସନ୍ତାନ । ପ୍ରକୃତି ଯୁଗେ ଯୁଗେ ମାନବ ଗୋଷ୍ଠୀର ସଭ୍ୟତା ଓ ସଂସ୍କୃତିର ପ୍ରାଣକେନ୍ଦ୍ର । ଯଥାର୍ଥରେ କହିଲେ ଅତ୍ୟୁକ୍ତି ହେବନାହିଁ ଯେ, ପ୍ରକୃତି ମନୁଷ୍ୟର ଗୁରୁ, ସହୋଦର ଓ ବନ୍ଧୁଭାବରେ ତା'ର ଗୌରବମୟ ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିଛି, ଲାଳନ ପାଳନ କରି ଆସିଛି । ମାନବ ଜୀବନ ବିକାଶରେ ପ୍ରକୃତିର ଅବଦାନ କେବେ ଅସ୍ୱୀକାର କରିହେବ ନାହିଁ । ପ୍ରକୃତି ଆବାହମାନ କାଳରୁ ଆମର ଶିକ୍ଷା, ଦୀକ୍ଷା,

ସଭ୍ୟତା, ସଂସ୍କୃତି, ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ଜୀବନ ସ୍ତର ଉପରେ ଏପରି ପରିବ୍ୟାପ୍ତ ଭାବରେ ପ୍ରଭାବ ବିସ୍ତାର କରିଆସିଛି ଯେ, ଆମେ ତାକୁ ଏଯାଏଁ ଛାଡ଼ି ପାରିନାହୁଁ ଓ ଛାଡ଼ିବା ଅର୍ଥ ଜୀବନ ମୂଲ୍ୟହୀନ ଓ ଆତ୍ମସତ୍ତା ବିପର୍ଯ୍ୟସ୍ତ ହେବା ସୁନିଶ୍ଚିତ । ପ୍ରକୃତି ଓ ପରିବେଶ ଚମତ୍କାରିତା ବଣ ଅରଣ୍ୟର ଚାରୁ ପ୍ରକୃତି, ଉପଜାତିର ସ୍ୱଭାବ, ସୁଲଭ ଆଚରଣ ପ୍ରାଚୀନ ଯୁଗର ବୃକ୍ଷପୂଜା, ଦ୍ରାବିଡ଼ ଯୁଗର ଶାବରୀ ସଭ୍ୟତା ଓ ଆର୍ଯ୍ୟ ଯୁଗର ପ୍ରକୃତି ଉପାସନା ଗୋଟିଏ ଗୋଟିଏ ମନୋରମ ସ୍ତବକ ଭାବରେ ଜନ୍ମ ନେଇଛି । ଏହାଠାରୁ ଗୌରବମୟ ପରମ୍ପରା ଆଉ ବା କ'ଣ ହୋଇପାରେ ?

ପ୍ରାଚୀନ ପରମ୍ପରାକୁ ରୋମନ୍ଥନ କଲେ ଜଣାଯାଏ ଯେ, ଯୁଗେ ଯୁଗେ ଆରଣ୍ୟକ ଋଷିମାନଙ୍କ ସ୍ମୃତି ଭାରତୀୟ ପ୍ରାଣରେ ଗର୍ବ ଏବଂ ଗୌରବ ଜନ୍ମାଇ ଥିଲା । ସେହି ଅରଣ୍ୟ ହିଁ ସେମାନଙ୍କର ଅଧିଷ୍ଠାନ ଓ ସାଧନାର ପୀଠ ଥିଲା । ଆମର କାବ୍ୟ, ନାଟକ, ପୁରାଣ ଓ ଇତିହାସରେ ଅରଣ୍ୟ ସଂସ୍କୃତିର ଗୌରବ ଆଜିପର୍ଯ୍ୟନ୍ତ ବିଶେଷ ଭାବରେ ପ୍ରକଟିତ ହୋଇଆସିଛି ।

ପ୍ରକୃତିର ନୈସର୍ଗିକ ସୁଷମା କେବଳ ମୁନିଋଷିମାନଙ୍କର ନୟାନକୁ ଆକର୍ଷିତ କରିନଥିଲା, ବରଂ ଯୁଗେ ଯୁଗେ ପ୍ରକୃତି ଓ ପରିବେଶର ଚମତ୍କାରିତା ମଣିଷ ଦୈବୀଗୁଣ ଭୂଷିତ କରିବା ସଙ୍ଗେ ସଙ୍ଗେ ଜୀବନକୁ ରସାଳ ଓ ପୁଷ୍ପିତ କରିଛି । ତା'ର ଆବେଗମୟ ମୂହୁର୍ତ୍ତକୁ କରିଛି ରସପ୍ଲାବିତ ଓ ମଧୁମୟ । ପରମ୍ପରାଗତ ଆମ ସଂସ୍କୃତି ତା'ର ନିର୍ମୋକ ପରିତ୍ୟାଗ କରି ଚାଲିଥିଲେ ହେଁ ଅତୀତକୁ ସମ୍ପୂର୍ଣ୍ଣ ଭୁଲିପାରି ନାହିଁ । ଏସବୁ ଦୃଷ୍ଟିରୁ ଆମ ଉତ୍କଳୀୟ ସଂସ୍କୃତି ଅନେକ ସଂସ୍କୃତିର ସମନ୍ୱୟ ଏକ ମହାସଂସ୍କୃତିର ପୀଠସ୍ଥଳୀ । ଆଦିବାସୀ ସଂସ୍କୃତି ଉକ୍ତ ସଂସ୍କୃତିର ଭିତ୍ତିଭୂମି ଭାବେ ଗ୍ରହଣୀୟ କାରଣ ଏହି ସଂସ୍କୃତି ଆଦିମ ଅରଣ୍ୟ ପୀଠରୁ ସୃଷ୍ଟି ଓ ଆଦିମ ଅଧିବାସୀ ହିଁ ଏ ଉତ୍କଳୀୟ ପରମ୍ପରାର ମୌଳିକ ଉପାଦାନ ଭାବେ ସର୍ବବିଦିତ ତଥା ଗ୍ରହଣୀୟ ।

ଉତ୍କଳ ପ୍ରଦେଶର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ ଏମିତି ଏକ ସଂସ୍କୃତିର ଅନନ୍ୟ ସାଂସ୍କୃତିକ ପୀଠ କୋରାପୁଟ । ତା'ର ମସ୍ତକ ଦେଶରେ ସୁଶୋଭିତ ଉଚ୍ଚତମ ଶୃଙ୍ଗ ଦେଓମାଳୀ । ବକ୍ଷ ଦେଶରେ ଶ୍ୟାମାୟମାନ ନିଘଞ୍ଚ ବନାନୀ, ସବୁଜ ପ୍ରାନ୍ତର । ପାଦ ଦେଶରେ ସରିତ-ସରଣୀର ଲାସ୍ୟମୟୀ ବେଣୀ । ବଂଶଧାରା, ଇନ୍ଦ୍ରାବତୀ, କୋଲାବ, ଶାବରୀ, ନାଗାବଳୀ, ମାଛକୁଣ୍ଡ, ସିଲେରୁ ଆଦି ସୁନାବ୍ୟା ନଦୀ । ନଦୀତଟ ଶସ୍ୟ ଶ୍ୟାମଳା । ଶସ୍ୟକ୍ଷେତ୍ର ଜୁଆର ଓ ରତ୍ନଗର୍ଭା । ଉତ୍କଳର ପ୍ରକୃଷ୍ଟ ପରିଚୟ ବହନ କରିଛି ତା'ର ପ୍ରାଚୀନ ଅଧିବାସୀ ଆଦିବାସୀ ଗୋଷ୍ଠୀ । ସର୍ବୋପରି ଗାଦବା, ଭୂମିଆଁ, କୋୟା, ବଣ୍ଡା, ଗଣ୍ଡ, ପରଜା, ଶବର ଓ ଭତରା ଇତ୍ୟାଦିଙ୍କୁ ନେଇ ଏ ଜିଲ୍ଲାର ସଂସ୍କୃତି ପ୍ରାକ୍ ଐତିହାସିକ କାଳରୁ ଅପରିବର୍ତ୍ତନୀୟ ଓ ଅବିଦିତ । ଏମାନଙ୍କର ସଂସ୍କୃତି ଏକ ବଳୀଷ୍ଠ ପରମ୍ପରା ଉପରେ ପ୍ରତିଷ୍ଠିତ ।

ଆଦିବାସୀମାନଙ୍କର ଜୀବନଯାପନ ପ୍ରଣାଳୀ ଅତି ସାଧାରଣ ଓ ସରଳ ପ୍ରକୃତି ହିଁ ତାଙ୍କର ବସନ, ଭୂଷଣ । ବିଶେଷ କରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ଯେଉଁ ଆଦିବାସୀ ଗୋଷ୍ଠୀ ବସବାସ କରନ୍ତି, ସେମାନେ ପ୍ରକୃତିର ବିଭିନ୍ନ ବସ୍ତୁକୁ ପୂଜା କରିବାର ଲକ୍ଷ୍ୟ କରାଯାଏ । ବିଶେଷତଃ ଆଦିବାସୀମାନଙ୍କର ବିଶ୍ୱାସ ଯେ, ଆଦ୍ୟାଶକ୍ତି ହିଁ ଏସବୁର ସୃଷ୍ଟି କର୍ତ୍ତୀ । ଏଣୁ ସେମାନେ ଦେବୀଙ୍କ ଆରାଧନାକୁ ପ୍ରଭୁତ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ପ୍ରାକୃତିକ ବସ୍ତୁ ଓ ଦେବୀଙ୍କୁ କେନ୍ଦ୍ର କରି ସେମାନଙ୍କ ପର୍ବପର୍ବାଣି ପାଳନ କରିବାର ଲକ୍ଷ୍ୟ କରାଯାଏ । ପର୍ବପର୍ବାଣୀ ମୁଖ୍ୟତଃ ନୃତ୍ୟ ଗୀତ ମାଧ୍ୟମରେ ଉତ୍ସର୍ଗୀକୃତ ହୋଇଥାଏ । ପୂଜା ପାର୍ବଣରେ ମୁଖ୍ୟ ଲକ୍ଷ୍ୟ ମଧ୍ୟରେ ଭକ୍ତିଭରା ହୃଦୟରେ ସେମାନେ ବିନମ୍ର ଭାବରେ ମନାସିଥାନ୍ତି- ସମସ୍ତେ ସୁଖରେ ରୁହନ୍ତୁ, ଫସଲ ଭଲ ହେଉ, ବର୍ଷା ହେଉ, ପଶୁ ସମ୍ପଦ ରୋଗମୁକ୍ତ ହୁଅନ୍ତୁ ଇତ୍ୟାଦି ଇତ୍ୟାଦି ।

ଆଦିବାସୀମାନଙ୍କର ବାରମାସ ଅର୍ଥାତ୍ ବୈଶାକ୍ (ବୈଶାଖ), ଲାଣ୍ଡି (ଜ୍ୟେଷ୍ଠ), ଅଷାଡ଼୍ (ଆଷାଢ଼), ଅମୁସ (ଶ୍ରାବଣ), ଭଦୋ (ଭାଦ୍ରବ), ଦଶରା (ଆଶ୍ୱିନ), ଦିଆଳୀ (କାର୍ତ୍ତିକ), ପଣ୍ଡ୍ (ମାର୍ଗଶୀର), ପୁଷ୍ (ପଉଷ), ମାଁଘ୍ (ମାଘ), ଫଗୁନ୍ (ଫଗୁଣ), ଚଇତ୍ (ଚଇତ୍ର)ରେ ଯେଉଁସବୁ ପର୍ବପର୍ବାଣି ପାଳନ କରାଯାଏ, ସେ ସବୁଗୁଡ଼ିକ ମୁଖ୍ୟତଃ କୃଷିଭିତ୍ତିକ ପର୍ବ । ବର୍ତ୍ତମାନର ନବରଙ୍ଗପୁର ଅଞ୍ଚଳ କୋରାପୁଟର ଏକ ମୁଖ୍ୟ ଅଂଶ, ଯାହା ବର୍ତ୍ତମାନ ଜିଲ୍ଲାର ମାନ୍ୟତା ପାଇସାରିଛି । ସେହି ଅଞ୍ଚଳର ଆଦିବାସୀମାନେ ଯେଉଁ କେତେକ ପର୍ବପର୍ବାଣି ପାଳନ କରିଥାନ୍ତି, ତନ୍ମଧ୍ୟରୁ କେତେକ ପର୍ବ ଯଥା- ଛେର୍ଛେରା, ନାହାନ୍, ଆମାଖାପାନୀ, ଚରୁପରବ, ମଣ୍ଡେଇ ପରବ, ବଅଁଳାଣୀ ପରବ, କଳସୀ ପରବ, ମାଟି ପରବ, ଭୀମା ପରବ, ଭଣ୍ଡାରନୀ ଭରବ, ଧାରଣୀ ପରବ, ଡାଣ୍ଡଯାତ୍ରା, କମାରଣୀ ପରବ, ମହପା ପରବ, ଢ଼େଲା ପିଟାଣୀ ପରବ,





ଅମୁସ ପରବ, ନୂଆଁଖାଇ ପରବ, ବାରୁ ଯାତରା, ଦିଆଲୀ ପରବ୍ ଇତ୍ୟାଦି ସେମାନଙ୍କ ସମାଜରେ ଦେଖା ଯାଇଥାଏ । ତନ୍ମଧ୍ୟରୁ 'ମଣ୍ଡେଇ ଯାତ୍ରା' ଏ ଅଞ୍ଚଳର ଏକ ମୁଖ୍ୟ ପର୍ବ ଭାବେ ଗ୍ରହଣ କରାଯାଏ ।

## ବିଧିବିଧାନ

ମଣ୍ଡେଇ ଯାତ୍ରା ଫାଲଗୁନ ମାସର ଆନନ୍ଦମୁଖରେ ଉତ୍କଳୀୟ ହୋଲି ଉତ୍ସବ ପାଳନର ପରବର୍ତ୍ତୀ ଶନିବାର ଦିନ (ଯାହାକି ଏ ଅଞ୍ଚଳର ଏକ ହାଟ ବାର) ହାଟପଦାରେ ମଣ୍ଡେଇ ଲାଠି ଟେକିବା ସ୍ଥାନ ଏକ ବୃକ୍ଷମୂଳେ ସେ ଅଞ୍ଚଳର ପୂଜାରୀ, ମାଝୀ, ଗାଉଣ୍ଟିଆ, ଶିରା, ଗାଣ୍ଡା, ଚଲାଣ, ରାଉତ ଏବଂ ଗ୍ରାମର ମୁଖିଆମାନଙ୍କର ଏକ ବୈଠକ ଆନୁଷ୍ଠାନିକ ଭାବରେ ବସେ । ସେ ଅଞ୍ଚଳର ଆରାଧ୍ୟା ଦେବୀ ଓ ଦେବତାଙ୍କ ଉଦ୍ଦେଶ୍ୟରେ ଶୁକ୍ଳଭୋଗ ଏବଂ ଧୂପ ପ୍ରଦାନ କରିବା ପରେ ମଣ୍ଡେଇ ସଂପର୍କରେ ଆଲୋଚନା କରାଯାଏ । ପରମ୍ପରା ପ୍ରକାରେ ତା'ର ପରବର୍ତ୍ତୀ ଶନିବାର ଦିନ ମଣ୍ଡେଇ ହେବା ନିଷ୍ପତ୍ତି କରି ମଣ୍ଡେଇ ଘୋଷଣା କରାଯାଏ । ପାରମ୍ପରିକ 'ଗାଣ୍ଡା' ଉକ୍ତ ଆଦେଶ ପାଇଲା ପରେ ମଣ୍ଡେଇ ହେବା ସମ୍ପର୍କରେ ହାଟରେ ଘୋଷଣା କରେ । ସାମାଜିକ ଓ ସାଂସ୍କୃତିକ ପରମ୍ପରା ବଜାୟ ରଖି ମଣ୍ଡେଇରେ ଯୋଗଦେବା ପାଇଁ ଆଖ ପାଖ ଗ୍ରାମର ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଏ । ଦେବାଦେବୀଙ୍କ ପାଦଧୂଳୀରେ ଗାଁଦାଣ୍ଡ ପବିତ୍ର ହେବା ସଙ୍ଗେ ସଙ୍ଗେ, ଅଞ୍ଚଳ ପବିତ୍ର ହୁଏ ବୋଲି ଲୋକଙ୍କର ବିଶ୍ୱାସ ।

ପୂର୍ବ ନିର୍ଦ୍ଧାରିତ ବିଧି ପ୍ରକାରେ ବିଭିନ୍ନ ଗାଁରୁ ନିମନ୍ତ୍ରିତ ଦେବାଦେବୀଙ୍କ ପ୍ରତୀକ ଲାଠି, ପାଲିଙ୍କି ମଣ୍ଡେଇ ଦିନ ସକାଳ ସୁଦ୍ଧା ମଣ୍ଡେଇ ଯାତ୍ରା କରାଯାଉଥିବା ଅଞ୍ଚଳର ମୁଖ୍ୟ ପୂଜାରୀ ଘରେ ପହଞ୍ଚିଥାଏ । ସେଠାରେ କିଛି ସମୟ ବିଶ୍ରାମ କରିବା ପରେ ଦିନ ଦ୍ୱିପହର ବେଳକୁ ମଣ୍ଡେଇ ଯାତ୍ରାର ଦେବୀ ମନ୍ଦିରକୁ ସମସ୍ତେ ଯାଆନ୍ତି । ସେଠାରେ ଧୂପ, ଦୀପ, ଫୁଲ, ସିନ୍ଦୂର ଦେଇ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ଦେବୀଙ୍କ ପ୍ରତୀକ ପାଲିଙ୍କି ଓ ଦେବୀଙ୍କ ଭାଇ ଠାକୁର (ଅଞ୍ଚଳ ବିଶେଷରେ ଭିନ୍ନ ଭିନ୍ନ ନାମକରଣ କରାଯାଇଥାଏ ।) ଭୀମା, ମହପା ଇତ୍ୟାଦି ଦେବୀଙ୍କ ପାଲିଙ୍କି ସହ ପୂଜାରୀ ଘରକୁ ଆସନ୍ତି । ପୂଜାରୀ ଘରେ ସମସ୍ତ ଗାଁଆରୁ ଆସିଥିବା ଲାଠି ଓ ପାଲିଙ୍କିର ଏକ ମିଳନ ହୁଏ ଏବଂ ମଣ୍ଡେଇ ବସିଥିବା ସ୍ଥାନକୁ ଯାଏ । ମଣ୍ଡେଇ ସ୍ଥାନରେ ଉକ୍ତ ଠାକୁରଙ୍କ ପାଇଁ ନିର୍ଦ୍ଧାରିତ ପଡ଼ିଆରେ ପାରମ୍ପରିକ ପଦ୍ଧତିରେ ପୂଜାର୍ଚ୍ଚନା କରାଯାଏ ଏବଂ ଦେବଦେବୀଙ୍କ ପୂଜକମାନେ ସେମାନଙ୍କର ବିଭିନ୍ନ ରଙ୍ଗର ପାରମ୍ପରିକ ପୋଷାକ, ଅଳଙ୍କାର ଓ ହାତହତିଆର ଆଦି ସାହାଯ୍ୟରେ ବିଭିନ୍ନ ଅଲୌକିକ ଶକ୍ତି ପ୍ରଦର୍ଶନ କରିଥାନ୍ତି । ଯେମିତିକି, କଣ୍ଟା ପାଲିଙ୍କିରେ ବସିବା, କଣ୍ଟା ଦଉଡ଼ିରେ ଶରୀରକୁ ପିଟିବା, ନିଜ ଜିହ୍ୱାକୁ ଲୁହାକଣ୍ଟା ଦ୍ୱାରା କଣା କରିବା ଏବଂ ଜୀବନ୍ତ ହଂସ, କୁକୁଡ଼ା, ପାରା ଇତ୍ୟାଦିକୁ ଖାଇବା ଆଦି ସେଠାରେ ପ୍ରଦର୍ଶିତ କରି ସମସ୍ତ ଲାଠି ପାଲିଙ୍କି ପୁଣିଥରେ ପୂଜାରୀଙ୍କ ଘରକୁ ଫେରି ଯାଆନ୍ତି ଏବଂ ଦେବାଦେବୀ ସେଠାରେ ରାତ୍ରୀ ଯାପନ କରନ୍ତି । ତା ପରଦିନ ପୂଜାରୀ ଘରେ ଦେବାଦେବୀଙ୍କ କଚେରୀ (ବିଚାରାଳୟ) ବସେ । ସେଠାରେ ବିଭିନ୍ନ ଗ୍ରାମର ସମସ୍ୟା ଯଥା- ରୋଗବ୍ୟାଧୀ, ଗୋରୁଗାଈଙ୍କ ସ୍ୱାସ୍ଥ୍ୟ ଏବଂ ଅପଦେବତାମାନଙ୍କର କ୍ରୁରଦୃଷ୍ଟି ଯୋଗୁଁ ଘଟୁଥିବା ଅଘଟଣ ସମ୍ପର୍କରେ ଆଲୋଚନା ହୁଏ ଏବଂ ତା'ର ଆସୁ ପ୍ରତିକାର ପାଇଁ ବିଭିନ୍ନ ଉପାୟ ମୁଖ୍ୟ ଦେବତାଙ୍କ ଆଦେଶକ୍ରମେ ତାହା ପାଳନ କରିବାର ପ୍ରତିଶ୍ରୁତି ଗ୍ରହଣ କରି କଚେରୀ ସମାପନ କରାଯାଏ । ତା ପରିଦିନ ଦେବାଦେବୀଙ୍କର ଘର ବାହୁଡ଼ା ହୁଏ ।

## ଶୋଭାଯାତ୍ରା

ମଣ୍ଡେଇ ଶୋଭାଯାତ୍ରାରେ ଦେବଦେବୀଙ୍କ ପ୍ରତୀକ ଭାବେ ଅଂଶଗ୍ରହଣ କରୁଥିବା ଲାଠି, ପାଲିଙ୍କିଗୁଡ଼ିକର ରୂପସଜ୍ଜା ଖୁବ୍ ଆକର୍ଷଣୀୟ ଏବଂ ଦର୍ଶକଙ୍କ ପାଇଁ ଏକ ଦର୍ଶନୀୟ ଉପାଦାନ ହୋଇଥାଏ । ପ୍ରତ୍ୟେକ ଲାଠି, ପାଲିଙ୍କି ସମାଜର ପ୍ରଚଳିତ ପରମ୍ପରା ଓ ବିଧି ପ୍ରକାରେ ପ୍ରତିଷ୍ଠିତ ହୋଇଥାନ୍ତି । ସେହି ପରମ୍ପରା ବିଧି ବା ପ୍ରକ୍ରିୟା କାର୍ଯ୍ୟ ଆଜିକାଲିର ଶିକ୍ଷିତ ସମାଜର ମନ୍ଦିର କିମ୍ବା ଦେବାଦେବୀ ପ୍ରତିଷ୍ଠା ଠାରୁ କୌଣସି ଗୁଣରେ ନ୍ୟୂନ ନୁହେଁ । ପାଲିଙ୍କି ଯାହାକି, ବେଲକାଠରେ ନିର୍ମିତ ହୋଇଥାଏ, ଏକ ଚଉକି ଆକୃତିର ଦେଖା ଯାଇଥାଏ । ଏହି ପାଲିଙ୍କିରେ ବିଭିନ୍ନ ପ୍ରକାରର ଧାତୁ ମୁଦ୍ରା, ପ୍ରାଚୀନ ତମ୍ବା ଓ ରୁପାର ମୁଦ୍ରା, ପାଲିଙ୍କିର ଚତୁପାର୍ଶ୍ୱରେ କଣ୍ଟା ଦ୍ୱାରା ଖଞ୍ଜି ଦିଆଯାଇଥାଏ । ପାଲିଙ୍କିକୁ ଯଥାରୀତି ମାର୍ଜଣ କରାଗଲା ପରେ ଗୁଆଘିଅର ପ୍ରଲେପ ଦିଆ ଯାଇଥାଏ । ଏହାଛଡ଼ା ନାଲି ଓ କଳା କନା, ପିତଳ ଘଣ୍ଟି, ଘୁଙ୍ଗୁର ଏବଂ ସୁନାରୂପା ମୁଦ୍ରାରେ ତିଆରି ମାଳରେ ସଜାଇ ଦେଲା ପରେ ଫୁଲ, ଚନ୍ଦନ, ସିନ୍ଦୂର ଦେଇ ବିଧିପୂର୍ବକ ପ୍ରତିଷ୍ଠା କରାଯାଏ । ପ୍ରତିଷ୍ଠା ପରେ ପାଲିଙ୍କି ଦେବୀଙ୍କ ପ୍ରତୀକ ରୂପେ ପୂଜା ପାଇଥାଏ । 'ଲାଠି' କହିଲେ ଏକ ଉଚ୍ଚତମ କଣ୍ଟା ବାଉଁଶ, ଯେଉଁଥିରେ କି ପିତଳ ଛତ୍ରୀ ଖଞ୍ଜା ଯାଇଥାଏ ଏବଂ କଳା ଓ ନାଲି କନାରେ ସମଗ୍ର ଲାଠିକୁ ଗୁଡ଼ା ଯାଇଥାଏ । ଏହା ମଧ୍ୟ ଦେବୀଙ୍କ ପ୍ରତୀକ ରୂପେ ମାନି ଥାଆନ୍ତି । ଲାଠି ପାଲିଙ୍କି ମଣ୍ଡେଇ ଦିନ ପୂଜାରୀ ଘରୁ ଗ୍ରାମଦେବୀଙ୍କ ମନ୍ଦିର ଏବଂ ମନ୍ଦିରରୁ ପୂଜାରୀ ଘରକୁ ପରେ ପରେ ମଣ୍ଡେଇ ସ୍ଥାନରେ ଏକତ୍ରିତ ପାଇଁ ଯିବା ଏବଂ ପୁଣି ମଣ୍ଡେଇ ସ୍ଥାନରୁ ପୂଜାରୀ ଘରକୁ ଯିବା ପ୍ରକ୍ରିୟା ତଥା ଶୋଭାଯାତ୍ରା ଅତି ମନମୁଗ୍ଧକର ଓ ଦର୍ଶନୀୟ । ଘଣ୍ଟଘଣ୍ଟାର ନିନାଦ, ଧୁମ୍ପସା, ଟାମକ ଓ ମହୁରୀର ଝଙ୍କାର ପରିବେଶକୁ ମୁଖରିତ କରିଦିଏ । ବିଭିନ୍ନ ବାଦ୍ୟର ତାଳେ ତାଳେ ପୂଜାରୀମାନେ ନିଜ ଶରୀରରେ ଦେବୀମାନଙ୍କୁ ସବାର କରି ଦୋହଲି ଦୋହଲି ଯାଉଥିବାର ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ ଲାଗେ । ଶିରା, ପୂଜାରୀ, ମାଝୀ, ଗାଉଣ୍ଟିଆ, ଚଲାଣ ଏବଂ ଭକ୍ତଙ୍କ ସହ ଗ୍ରାମବାସୀଙ୍କର ଶୋଭାଯାତ୍ରା ମଣ୍ଡେଇ ଯାତ୍ରାର ଶୋଭା ବର୍ଦ୍ଧନ କରେ ।

## ପୂଜାବିଧିର ସେବକ

ଦେବଦେବୀଙ୍କ ପୂଜାବିଧି ନିମନ୍ତେ ଶିରା, ପୂଜାରୀ, ଗାଣ୍ଡା, ଚଲାଣ, ଫୁଲୱାରୀ, ମାଝୀ, ଗାଉଣ୍ଟିଆ, ରାଉତ ଆଦି ଅନେକ ସେବକ ନିୟୋଜିତ ହୋଇଥାନ୍ତି । ପ୍ରତ୍ୟେକ ସେବକ ପରମ୍ପରା ଅନୁଯାୟୀ ପୂତ ପବିତ୍ର ମନରେ ନିଜ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଥାନ୍ତି ।

**ଶିରା:** ଦେବଦେବୀ ଶିରାଙ୍କ ଉପରେ ସବାର ହୁଅନ୍ତି । ମାଝୀ ଗାଉଣ୍ଟିଆ ଠାରୁ ଶିରା, ଅଞ୍ଚଳର ଭଲମନ୍ଦ, ହାନିଲାଭ, ବାତ୍ୟା ମରୁଡ଼ି, ସଂକ୍ରାମକ ରୋଗର ପ୍ରକୋପ ସଂପର୍କରେ ପଚାରି ବୁଝିବା ସଙ୍ଗେ ସଙ୍ଗେ ପ୍ରତିକାର ପାଇଁ ପରାମର୍ଶ ମଧ୍ୟ ଦେଇଥାନ୍ତି । ନିମନ୍ତ୍ରିତ ଦେବାଦେବୀଙ୍କ ଉପସ୍ଥିତି ପଚାରି ବୁଝି ସାରିବା

ପରେ ଦେବଦେବୀଙ୍କ ଆସ୍ଥାନକୁ ନିର୍ମଳ ଜଳରେ ଧୋଇଦେବା ପରେ ଅରୁଆ ଚାଉଳକୁ ପାଣିରେ ଧୋଇ ପିଣ୍ଡ ବସାଯାଏ । ଦେବଦେବୀଙ୍କ ମଥାରେ ଫୁଲ ଆଉ ସିନ୍ଦୂର ଟୀକା ଦେବା ପରେ ଧୂପଦୀପ ଦିଆଯାଏ । ବିଭିନ୍ନ ଫଳ ଏବଂ ନଡ଼ିଆ କଦଳୀ ଆଦି ଶୁକ୍ଳଭୋଗ କରାଯାଏ । ଧୂପଦୀପ ଓ ଭୋଗଲାଗି ସମୟରେ ଶିରା ସମଗ୍ର ଅଞ୍ଚଳର ଜନସାଧାରଣଙ୍କର ସୁଖ ସମୃଦ୍ଧି ଲାଗି ଗୁହାରୀ କରେ । ସେଠାରେ ଦେବଦେବୀଙ୍କ ନିକଟରେ ଗୁହାରି ପଡ଼ିଥାନ୍ତି । କେହି କେହି ଭକ୍ତ ଦେବଦେବୀଙ୍କୁ କଦଳୀ, ଗୁଆ, ନଡ଼ିଆ ମଧ୍ୟ ଅର୍ପଣ କରିଥାନ୍ତି ।

**ରାଉତ:** ପୂଜା ଅର୍ଚ୍ଚନା ପାଇଁ ସମସ୍ତ ପୂଜା ସାମଗ୍ରୀ ଯୋଗାଡ଼ କରିବା ସଙ୍ଗେ ସଙ୍ଗେ ପୂଜାରୀକୁ ସହଯୋଗ କରିବାର ଦାୟିତ୍ୱରେ ଥାଏ ।

**ଫୁଲଓ୍ୱାରୀ:** ପୂଜା ଉପଲକ୍ଷେ ଆବଶ୍ୟକ ଫୁଲ ଏବଂ ବିଭିନ୍ନ ପୂଜାଲାଗି ଫଳ ଯଥା- ବେଲ, ପଇଡ଼ ଏବଂ ବିଭିନ୍ନ ଡାଳ, ଯଥା- ମହୁଲ, ବେଲପତ୍ର ଇତ୍ୟାଦି ଯୋଗାଡ଼ କରିବା ଦାୟିତ୍ୱରେ ଥାଆନ୍ତି ।

**ଚଲାଣ:** ପୂଜା ସମୟରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପୂଜାରୀ ଏବଂ ପୂଜକ ଗୋଷ୍ଠୀଙ୍କୁ ସତ୍କାର କରିବାର ଦାୟିତ୍ୱରେ ଥାଆନ୍ତି ।

**ମାଝୀ ଓ ଗାଉଣ୍ଟିଆ:** ସମଗ୍ର ବର୍ଷର ଗାଁ ହାଟ, ମଣ୍ଡେଇର ଶାନ୍ତିଶୃଙ୍ଖଳା ତଥା ଅଞ୍ଚଳର ପ୍ରାକୃତିକ ବିପର୍ଯ୍ୟୟ ଓ ସଂକ୍ରାମକ ରୋଗର ପ୍ରକୋପ ପାଇଁ ଦେବୀଙ୍କୁ ସୂଚନା ଦେବାର ଦାୟିତ୍ୱରେ ଥାଆନ୍ତି ।

**ପୂଜାରୀ:** ପାରମ୍ପରିକ ବିଧି ପ୍ରକାରେ ଦେବାଦେବୀମାନଙ୍କର ପୂଜାର୍ଚ୍ଚନା କ୍ରିୟାକର୍ମର ଦାୟିତ୍ୱରେ ରହିଥାନ୍ତି ।

**ଗାଣ୍ଡା:** ପୂଜା ସ୍ଥାନର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସଙ୍ଗେ ସଙ୍ଗେ ପ୍ରଚାର ପ୍ରସାର, ଡକାହକା ଆଦି କାର୍ଯ୍ୟ ସଂପାଦନ କରିବା ପାଇଁ ଥାଏ ।

## ମଣ୍ଡେଇ ନାମକରଣ

ହିନ୍ଦୀ ଶବ୍ଦ 'ମଣ୍ଡି'ରୁ 'ମଣ୍ଡେଇ' ଶବ୍ଦର ସୃଷ୍ଟି ହୋଇଥିବା ଅନୁମାନ କରାଯାଏ । କାରଣ ମଣ୍ଡି ଶବ୍ଦର ଅର୍ଥ ବଜାର ବା ମେଳା । ୧୯୩୬ ମସିହା ଏପ୍ରିଲ୍ ମାସ ୧ ତାରିଖରେ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ହେବା ପରେ ନବରଙ୍ଗପୁର ଅଞ୍ଚଳ ହୋଇଛି ଓଡ଼ିଶାର ଉପାନ୍ତ ଅଞ୍ଚଳ । ହିନ୍ଦୀ ଭାଷାଭାଷୀ ରାଜ୍ୟ ମଧ୍ୟପ୍ରଦେଶର ବସ୍ତର ଜିଲ୍ଲା ସୀମା ସହ ଏହା ସଂଯୁକ୍ତ । ସୀମାର ଉଭୟ ପାର୍ଶ୍ୱରେ ବସବାସ କରି ରହିଥିବା ଲୋକଙ୍କର ପରମ୍ପରାଗତ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଏହି ପଡ଼ୋଶୀ ଦେଶର ପ୍ରଭାବ ପରିଲକ୍ଷିତ ହୋଇଥାଏ । ଏହି ଅଞ୍ଚଳରେ ବସବାସ କରି ରହୁଥିବା ମୂଳ ଅଧିବାସୀଙ୍କର ପୂର୍ବ ପରିଚୟ ସମ୍ପର୍କରେ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏ ଅଞ୍ଚଳର ଅଧିବାସୀମାନେ ମଧ୍ୟପ୍ରଦେଶ ବସ୍ତର ଜିଲ୍ଲାର ଦନ୍ତେଓ୍ୱାଡା ନିକଟସ୍ଥ ଭରତଗଡ଼ରୁ ବିସ୍ତରିତ ହୋଇ ଏଠାରେ ଆସି ବସତି ସ୍ଥାପନ କରି ରହୁଛନ୍ତି । ଏମାନେ ବସ୍ତରରୁ ଆସିଥିବାରୁ ଏମାନଙ୍କୁ ବସ୍ତରିଆ ମଧ୍ୟ କୁହା ଯାଉଥିଲା । ଏମାନେ ହଲବୀ, ହିନ୍ଦୀ ଓ ଆଦିବାସୀ ଉପଭାଷାର ମିଶ୍ରଣର ଏକପ୍ରକାର ଭାଷା କହନ୍ତି । ଯାହାର ନାମ 'ଭତ୍ରୀ' । ଏମାନେ ମୁଖ୍ୟତଃ 'ଭତରା' ଜନଜାତିର ଅଟନ୍ତି । ସେହି ଭତରା ଜନଜାତିର ଅନ୍ୟ ଏକ ଗୋଷ୍ଠୀ ମଧ୍ୟପ୍ରଦେଶ ବସ୍ତର ଜିଲ୍ଲାର ସୋରଗାଁଓ ଅଞ୍ଚଳରୁ ଆସି ପ୍ରଥମେ ଏ ଅଞ୍ଚଳରେ ବସବାସ କରି ରହିଲେ । ହରିଜନ, ପନକା ସମ୍ପ୍ରଦାୟର ଏକ ଗୋଷ୍ଠୀ ମଧ୍ୟ ବସ୍ତର ଜିଲ୍ଲାର ନଙ୍ଗରନାଇ ନିକଟସ୍ଥ ଓରଙ୍ଗାଲ୍, କଠଗଡ଼ ମହୁଲୀ ଏବଂ ଇଂଲାଜିନ୍ ଗଡ଼ ଅଞ୍ଚଳରୁ ଆସି ଏଠାରେ ବସବାସ କରୁଥିବା ଶୁଣାଯାଏ । ସେହିଭଳି ସବର୍ଣ୍ଣ କଲାର ସମ୍ପ୍ରଦାୟର ଲୋକେ ବସ୍ତର ଜିଲ୍ଲାର ବେଲୁତ୍‌ଗଡ଼ ଅଞ୍ଚଳରୁ ଏଠାକୁ ଆସିଥିବା ଜଣାଯାଏ । ସମସ୍ତ ତଥ୍ୟରୁ ପ୍ରମାଣିତ ଯେ, ହିନ୍ଦୀବହୁଳ ବସ୍ତରିଆମାନଙ୍କ ପ୍ରଭାବ ଏ ଅଞ୍ଚଳରେ ଖୁବ୍ ବେଶୀ । ସେମାନଙ୍କ ଭାଷା ଶୁଦ୍ଧ ହେଉ ବା ଅପଭ୍ରଂଶ ଭାବେ ହେଉ, ଏ ଅଞ୍ଚଳରେ ପ୍ରଚଳିତ ହୋଇ ଆସୁଛି । ଏଣୁ ହିନ୍ଦୀ ଶବ୍ଦ ମଣ୍ଡିରୁ ମଣ୍ଡେଇ ହୋଇଥିବା ବିଶ୍ୱାସଯୋଗ୍ୟ ।

ନବରଙ୍ଗପୁର ଅଞ୍ଚଳର ପୋଡ଼ାଗଡ଼, କଣ୍ଟାଗାଁ, ଗୁମୁଣ୍ଡା, ଘୋଡ଼ାଖୁଣ୍ଟା, ଡାବୁଗାଁ ଆଦି ସ୍ଥାନମାନଙ୍କରେ ଛୋଟବଡ଼ ମଣ୍ଡେଇ ପୀଠ ରହିଥିଲେ ମଧ୍ୟ ଉମରକୋଟ ନିକଟସ୍ଥ ଧୋଡ୍ରା ଅଞ୍ଚଳର ମଣ୍ଡେଇ ସର୍ବବୃହତ୍ ଓ ସର୍ବଜନ ବିଦିତ ।

**ଧୋଡ୍ରା ମଣ୍ଡେଇର ଦେବାଦେବୀ:** ମାତା ଇଂଲାଜିନ୍ ମଧ୍ୟପ୍ରଦେଶ ବସ୍ତର ଜିଲ୍ଲା ଇଂଲାଜିନ୍ ଗଡ଼ ନିକଟ ଓରଙ୍ଗାଲ ଗ୍ରାମର ଆସି ଧୋଡ୍ରା ଅଞ୍ଚଳରେ ବସତି ସ୍ଥାପନ କରି ରହିଛନ୍ତି । ହରିଜନ ସମ୍ପ୍ରଦାୟର ପନକା ଗୋଷ୍ଠୀ ସେହି ଗୋଷ୍ଠୀର ଲାମୁ ପନକା ରାତିରେ ସ୍ୱପ୍ନ ଦେଖିଲେ ଦେବୀଙ୍କୁ । ଦେବୀ ସ୍ୱପ୍ନାଦେଶ ଦେଲେ, ନିଜର ପ୍ରକଟ ସ୍ଥାନ ଚିହ୍ନଟ କରି ସର୍ବ ସାଧାରଣରେ ପ୍ରକାଶ କରିବା ପାଇଁ । ସ୍ୱପ୍ନାଦେଶ ପ୍ରକାରେ ଲାମୁ ତହିଁ ପରଦିନ ସକାଳେ ଦେବୀଙ୍କ ପ୍ରକଟ ସ୍ଥାନ ଚିହ୍ନଟ କରି ଦେବୀଙ୍କ ବିଗ୍ରହ ଦେଖିବାକୁ ପାଇଲେ । ସ୍ୱପ୍ନାଦେଶ ଓ ବିଗ୍ରହ ସମ୍ପର୍କରେ ସେ ଲୋକଙ୍କୁ ଜଣାଇଲେ । ସ୍ୱପ୍ନରେ ଦେବୀଙ୍କ ରୂପ ଇଂଲାଜିନ୍ ଗଡ଼ର ଦେବୀ ସହ ସମାନ ଥିବାରୁ ଲାମୁ ପନକା ଦେବୀଙ୍କୁ ଇଂଲାଜିନ୍ ମାତା ବୋଲି ବର୍ଣ୍ଣନା କଲେ । ସେହିଦିନ ଠାରୁ ସେ ମାତାଙ୍କ ଶିରାଭାବେ କାର୍ଯ୍ୟ କଲେ । ଲାମୁ ପରେ ସୋମୁ, ସୋମୁ ପରେ ଧର୍ମୁ ଓ ଧର୍ମୁ ପରେ ଧରମ ଦାସ



ବର୍ତ୍ତମାନ ଦେବୀଙ୍କ ଶିରା ଭାବେ ପରିଚିତ । ଦେବୀଙ୍କ ଶିଳା ବିଗ୍ରହ କିଛି ଅଂଶ କ୍ଷତ ଅବସ୍ଥାରେ ରହି ପୂଜା ପାଉଛନ୍ତି । ଦେବୀଙ୍କ ମନ୍ଦିର ଧୋଡ୍ରା ଗ୍ରାମର ପୂର୍ବ ଦିଗରେ ଅବସ୍ଥିତ । ଦେବୀଙ୍କ ପ୍ରତୀକ ପାଲିଙ୍କି । ଏହା ବେଲ କାଠରେ ନିର୍ମିତ ହୋଇଥାଏ । ଦେବୀଙ୍କ ପୂଜାରୀ ଓ ମାଝୀମାନଙ୍କ ମଧ୍ୟରେ କୌଣସି ମନାନ୍ତର ହେବାରୁ ପୂଜାରୀମାନେ ଗାଁ ଛାଡ଼ି ବସ୍ତରର ବେଡ଼ା ଗାଁ ଚାଲିଯିବା ପରେ ଦେବୀଙ୍କ ପୂଜାବିଧି ପାଇଁ ଝରିଗାଁ ନିକଟ ବେଲଗାଁରୁ ପୂଜାରୀମାନଙ୍କୁ ଅଣାଗଲା । ଗଟି ପୂଜାରୀ, ଯଦୁ ପୂଜାରୀ, ଜଳଧର ପୂଜାରୀ ଇତ୍ୟାଦିଙ୍କ ପରେ ଦିନବନ୍ଧୁ ପୂଜାରୀ ଓ ବର୍ତ୍ତମାନ ତାଙ୍କପୁତ୍ର ସଦା ପୂଜାରୀ ଦେବୀଙ୍କ ପୂଜା କାର୍ଯ୍ୟରେ ନିୟୋଜିତ ଅଛନ୍ତି ।



## ବର୍ତ୍ତମାନର ମଣ୍ଡେଇ ଯାତ୍ରା

ନବରଙ୍ଗପୁର ଜିଲ୍ଲାର ଉମରକୋଟ୍ ନିକଟସ୍ଥ ଧୋଡ୍ରା ଠାରୁ ଶିଙ୍ଗିଶାରୀ ଯିବା ରାସ୍ତାରେ ମଣ୍ଡେଇ ପଡ଼ିଆ ଲୋକମାନଙ୍କ ଦ୍ୱାରା ସ୍ଥାପିତ କରାଯାଇଛି । ମଣ୍ଡେଇ ଦିନ ସମୟ ଗଡ଼ିଚାଲେ, ଜନଗହଳି ବଢ଼ିଚାଲେ । ମଣ୍ଡେଇ ବସିଥିବା ସ୍ଥାନର ଉଭୟ ପାର୍ଶ୍ୱ ଦେଇ ଯାଉଥିବା ଗାଡ଼ିମଟର ଜନଗହଳି ଦୃଷ୍ଟିରୁ ଦିଗ ବଦଳାଇ ଦିଆଯାଏ । ମଣ୍ଡେଇକୁ ସଂଯୋଗ କରୁଥିବା ଶେଷଭାଗ ରାସ୍ତାର ପାର୍ଶ୍ୱ ପଡ଼ିଆମାନଙ୍କରେ ଅସ୍ଥାୟିଭାବେ ଗାଡ଼ିମଟର ରହନ୍ତି । ଦିନରେ ମଣ୍ଡେଇର ଗହଳି ବଢ଼ି ଯାଇଥାଏ । ଦର୍ଶକମାନଙ୍କର ଗହଳି ପୂଜାର୍ଚ୍ଚନା, ଶୋଭାଯାତ୍ରା, ଲୁହାକଣ୍ଟା ଉପରେ ଶିରାମାନଙ୍କର କୌଶଳ ପ୍ରଦର୍ଶନ, ଲୁହା ଶିଙ୍କୁଳିରେ ନିଜକୁ ମାରପିଟ୍ କରୁଥିବାର ଦୃଶ୍ୟ ମନରେ ଶିହରଣ ସୃଷ୍ଟିକରେ । ଆଜିକାଲି ବିଭିନ୍ନ ଆଧୁନିକ ଦୋଳି, ସର୍କସ, ଦୋକାନ ବଜାର ବସି ଯାତ୍ରାର କଳେବରକୁ ବୃଦ୍ଧି କରିଛି ।

## ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଦିଗ

୧ ସାମାଜିକ ଚଳଣିରେ ମଣ୍ଡେଇର ପ୍ରଭାବ ଖୁବ୍ ବେଶୀ । ସେମାନଙ୍କ ଜୀବନରେ ଏକତ୍ୱ ପରିବର୍ତ୍ତେ ସାମାଜିକ ଗୋଷ୍ଠୀ ବନ୍ଧନର ଯେଉଁ ଅଙ୍ଗୀକାର ବଦ୍ଧତା ରହିଛି ତା'ର ଜ୍ୱଳନ୍ତ ପ୍ରମାଣ ମିଳେ ମଣ୍ଡେଇ ଦିନର ଲାଠି, ପାଲିଙ୍କି, ପୂଜାବିଧି ଓ ଶୋଭାଯାତ୍ରାରୁ । କୌଣସି କାମ ସ୍ୱଇଚ୍ଛାରେ କରାଯାଏ ନାହିଁ । ଯାହାକିଛି କରାଯାଏ ସମାଜର ପରମ୍ପରା ଓ ନିଷ୍ପତ୍ତି ପ୍ରକାରେ । ମଣ୍ଡେଇରେ ଆତ୍ମୀୟସ୍ୱଜନଙ୍କ ସହ ଭେଟଘାଟ ହୁଏ । କୁଣିଆ ମଇତ୍ରର ଚର୍ଚ୍ଚା କରାଯାଏ । ଦୁଃଖ ସୁଖ ହେବାର ସୁଯୋଗ ମିଳେ ।



ମଣ୍ଡେଇ ସଂସ୍କୃତି ଆଦିବାସୀ ଜନଜୀବନରେ ପ୍ରତିଫଳିତ ରଙ୍ଗବେରଙ୍ଗର ଶାଢ଼ୀ, କାନ୍ଧ ଉପରେ ଗଣ୍ଠିକରି ପିନ୍ଧି ମୁଣ୍ଡରେ ଜଡ଼ାତେଲ ବୋଳି ଖୋସାରେ ଫୁଲ ଖୋସି ଧାଙ୍ଗଡ଼ୀ (ଯୁବତୀ) ଦଳବାନ୍ଧି ମଣ୍ଡେଇ ଦେଖିବାକୁ ଯାଆନ୍ତି । ମଣ୍ଡେଇର ଖଇର ଦିଆ ପାନର ରଙ୍ଗରେ ରଙ୍ଗାୟିତ ହୋଇଥାଏ ଧାଙ୍ଗଡ଼ୀର ଓଠ । ଉଦ୍ଦାମ ଯୌବନରେ ଭରା ଯୁବତୀମାନେ ମଣ୍ଡେଇରେ ବୁଲୁଥିବା ବେଳେ ଆଖପାଖ ଗ୍ରାମର ଚିହ୍ନା ଅଚିହ୍ନା ଧାଙ୍ଗଡ଼ା (ଯୁବକ)ମାନେ ତାଙ୍କୁ ଅନୁସରଣ କରୁଥାନ୍ତି । ସମୟ ସୁଯୋଗ ମିଳିଲେ, ମନ ପସନ୍ଦର ଧାଙ୍ଗଡ଼ୀକୁ ମନର କଥାପଦେ କହିବେ, ଟିକେ ଛୁଇଁ ଦେବାରେ ଆନନ୍ଦ ପାଇବେ, ତା'ରି ଭିତରେ ମନର ଦିଆନିଆ ଯଦି ହୋଇଯାଏ, ତେବେ ଧାଙ୍ଗଡ଼ା ଧାଙ୍ଗଡ଼ୀ ଦଳରୁ ବିଚ୍ୟୁତ ହୋଇ ଅନ୍ଧାର ରାତିରେ ହଜି ଯାଆନ୍ତି ଅଭିସାର ରଚିବା ଉଦ୍ଦେଶ୍ୟରେ । ରାତି ପାହିଲେ କିନ୍ତୁ ଅଜଣା ଅଚିହ୍ନା ହୋଇଯାଆନ୍ତି ପୂର୍ବପରି । କେତେକ କ୍ଷେତ୍ରରେ ଦେଖାଯାଏ, ମଣ୍ଡେଇରୁ ମନ ପସନ୍ଦର ଧାଙ୍ଗଡ଼ା ଧାଙ୍ଗଡ଼ୀ ଉଦୁଲିଆ (ଏକ ପ୍ରକାର ମନରାଜି ବିବାହ) ଚାଲି ଯାଆନ୍ତି । ମଣ୍ଡେଇରୁ ଉଦୁଲିଆ ଯିବା ଧାଙ୍ଗଡ଼ା ଧାଙ୍ଗଡ଼ୀମାନଙ୍କର ଘରସଂସାର ପରବର୍ତ୍ତୀ ସମୟରେ ସ୍ଥାୟୀ ଘରସଂସାରରେ ପରିଣତ ହୁଏ । କିନ୍ତୁ କେତେକ କ୍ଷେତ୍ରରେ ଘରସଂସାର ଅଳ୍ପଦିନ ପରେ ମନ ନମିଶିଲେ ଭାଙ୍ଗି ମଧ୍ୟ ଯାଏ ।

## ଗୀତ୍‌କୁଡ଼ିଆ ଗୀତ୍‌କୁଡ଼ିଆଣୀଙ୍କର ଆସର

ମଣ୍ଡେଇ ଯାତ୍ରା ସମୟରେ ଗୀତ୍‌କୁଡ଼ିଆ (ଆଦିବାସୀ ଆସୁକବି), ଗୀତ୍‌କୁଡ଼ିଆଣୀ (ଆଦିବାସୀ ଆସୁ ନାରୀକବି)ଙ୍କର ଆସର ବସିଥାଏ । ଗୀତ୍‌କୁଡ଼ିଆ ଧାଙ୍ଗଡ଼ାମାନଙ୍କର ମନକଥାକୁ ନେଇ ଗୀତ୍‌କୁଡ଼ିଆଣୀ ସହିତ ଯୁକ୍ତି କରେ ଏବଂ ଗୀତକୁଡ଼ିଆଣୀ ଧାଙ୍ଗଡ଼ୀମାନଙ୍କର ସପକ୍ଷରେ ଯୁକ୍ତି ବାଢ଼େ । ଏହାକୁ ସମର୍ଥନ କରିବା ପାଇଁ ଧାଙ୍ଗଡ଼ା ଧାଙ୍ଗଡ଼ୀଙ୍କର ଭିଡ଼ ଜମେ । ହାର୍‌ଜିତ୍ ମଧ୍ୟ ହୁଏ । ସେମାନେ ଯେଉଁସବୁ କଥା କହିଥାନ୍ତି, ତାହା ସେମାନେ ମନକୁ ମନ ଗାଇ ଯାଆନ୍ତି, ଯାହାକି ସେମାନଙ୍କର ପ୍ରତିଭାର ପରିଚୟ ପ୍ରଦାନ କରେ । ଏମାନଙ୍କର ଗୀତ ମୁଖ୍ୟତଃ ଶୃଙ୍ଗାରଚେତୀ ଗୀତ ହୋଇଥାଏ । ଯାହାକି ବିଶେଷ ଆକର୍ଷଣୀୟ ହୋଇଥାଏ । ଗୀତ୍‌କୁଡ଼ିଆ ଗୀତକୁଡ଼ିଆଣୀକୁ ଗୀତରେ ଗୀତରେ ପ୍ରଶ୍ନ ପଚାରେ ତାହା ଏହିପରି–

*କୁରେଇ ଫୁଲର ବାସ ମହକିଲା / ଉଡ଼ିଗଲେ ଶୁଆଶାରୀ /କାଇ ନାମ୍ ତୁମର / କୋନ୍ ଗାଁ ଠାନୁ / ଆସଲା ଆଚାସ୍ ସୁନାଗୋରୀ ।*

ଗୀତକୁଡ଼ିଆର ପ୍ରଶ୍ନର ଜବାବରେ ଗୀତକୁଡ଼ିଆଣୀ ମଧ୍ୟ କହିଥାଏ–

*ଶିରି ପରବତେ ଝାଲିଆ ମଞ୍ଜୁର / ଟେକେ ଟେକେଇଲା / ଗାଁ ଗଣ୍ଡାକଥା ଛାଡ଼ା ଗୀତ୍‌କୁଡ଼ିଆ / ତୁମର ଆମର ପୀରତି ଆଜି / ଦଇବ ଭେଟେଇଲା ।*

ମଣ୍ଡେଇ ପର୍ବ ନବରଙ୍ଗପୁର ଅଞ୍ଚଳ ଲୋକମାନଙ୍କର ଏକ ମୁଖ୍ୟ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେଣୁ ଏହି ପର୍ବ ପାଇଁ ପ୍ରତିବର୍ଷ ଆଦିବାସୀ ଗାଆଁ ମାନଙ୍କରେ ସମସ୍ତେ ଉତ୍କଣ୍ଠାର ସହ ଏହି ପର୍ବକୁ ଅପେକ୍ଷା କରିଥାନ୍ତି । ଏହା ଏକ ମିଳନ ପର୍ବ ଭାବେ ଏ ଅଞ୍ଚଳର ଗୌରବ ବୃଦ୍ଧି କରିପାରିଛି ।



# ଡାଲଖାଇର ଜୀବନ



▶ ଲେଖକ କ୍ଷେତ୍ରବାସୀ ନାଏକ

ଦଶହରା ଆସିଲେ ପଶ୍ଚିମ ଓଡ଼ିଶାର ଆଦିବାସୀବହୁଳ ଗାଁମାନଙ୍କରେ ଶୁଭୁଥିଲା ଡାଲ୍‌ଖାଇ ଗୀତର ସ୍ୱର । ସଂସ୍କୃତିର ବିଘଟନ ଓ ବଜାରୀକରଣ, ଆଧୁନିକତାର ବହଳ ପ୍ରଲେପ ତଥା ମଂଚ-ସଂସ୍କୃତିର ପ୍ରାବଲ୍ୟ ଭିତରେ ମୂଳ ଡାଲ୍‌ଖାଇ ଏବେ ଲୁପ୍ତପ୍ରାୟ । ତଥାପି ବେନକେରା, କନ୍ଦାଗାଡ଼, ବରିହାପାଲି ଆଦି ଗାଁରେ ଏବେ ମଧ୍ୟ ବଂଚିରହିଛି ଡାଲ୍‌ଖାଇ କୁଠି, ଗୀତ ଏବଂ ନୃତ୍ୟ । ଅଭାବର ଅରଣ୍ୟ ଭିତରେ ଥାଇ ଭାବର ନୃତ୍ୟରେ ଜୀବନ ଜିଉଥିଲେ ଇନ୍ଦିରା ଗାନ୍ଧୀଙ୍କୁ ନଚାଇଥିବା ଗୁରୁବାରୀ ମିର୍ଦ୍ଧାଙ୍କ ଭଳି ଯଶସ୍ୱିନୀ ଡାଲ୍‌ଖାଇ ଶିଳ୍ପୀ । ବେଟିଖାଇ, ସବିତା, ସରସ୍ୱତୀ ଆଦି କଳାକାର ଡାଲ୍‌ଖାଇକୁ ବଂଚାଇ ରଖିବାର ଉଦ୍ୟମରେ ଅପରାହତ ।



# ଡାଲ୍‌ଖାଇରେ...


## କ୍ଷେତ୍ରବାସୀ ନାଏକ

ଠିକଣା :ସାନଟିକା, ନଅଗାଁ(ଖ), ବଲାଙ୍ଗୀର-୭୬୭୦୨୦
ଫୋନ: ୯୪୩୭୩୩୦୯୯୨
ଫଟୋ ସୌଜନ୍ୟ : ଲେଖକ


**ଆସିଲା ଦଶରା ବାଜିଲା ଢୋଲ,**
**ଟୁକେଲ୍‌ମାନକର ବଡ଼ା ଆଶ,**
**ମାଟିର୍ ପୁତୁଲା ବୁହି, ନାଚୁଥିବେ ଲୁହିଁ ଲୁହିଁ,**
**ଆଡ୍ ପନ୍ତି ଦେଇ...**
**ମା ବୁଆ ଦେଖୁଥିବେ ଟୁକେଲ୍‌ମାନେ**
**ମୁହେଁ ଲାଜ୍ ନାଇଁ କାଏଁ.... ଡାଲ୍‌ଖାଇରେ.....**

ପଶ୍ଚିମ ଓଡ଼ିଶାର ଏକ ଲୋକପ୍ରିୟ ଲୋକସଂସ୍କୃତି ହେଉଛି ଡାଲ୍‌ଖାଇ । ବିଂଝାଲ୍ ଜନଜାତି ଏହି ସଂସ୍କୃତିର ଉଦ୍ୟୋକ୍ତା ବୋଲି କୁହାଯାଏ । ଏହି ପୁରାତନ ସାଂସ୍କୃତିକ ପରମ୍ପରାରେ ଭରି ହୋଇ ରହିଛି ପ୍ରକୃତି ଉପାସନା, ଦେବୀପୂଜା ଏବଂ ଲୋକଗୀତ-ସଙ୍ଗୀତ-ନୃତ୍ୟ । ଏହାର ମାଧୁର୍ଯ୍ୟ ଏବଂ ଆକର୍ଷଣୀୟ ସଙ୍ଗୀତ ଯୋଗୁ ଦେଶବିଦେଶର ମଂଚମାନଙ୍କରେ ପରିବେଷିତ ହେଉଛି, କିନ୍ତୁ ତାହା ପ୍ରଦର୍ଶନ ମାତ୍ର ।

ଗବେଷକ ସୁଧୀର କୁମାର ସାହୁଙ୍କ ମତ ଅନୁସାରେ ଡାଲ୍‌ଖାଇ ଉତ୍ସବ ଆଶ୍ୱିନ (ଦଶହରା) ଶୁକ୍ଳପକ୍ଷ ଅଷ୍ଟମୀ ଦିନ ଆରମ୍ଭ ହୋଇ ତିନି ଦିନ ଯାଏଁ ଚାଲେ । ଡାଲ୍‌ଖାଇ ଗୀତ ଓ ନୃତ୍ୟ ଏହି ଉତ୍ସବ ବ୍ୟତିରେକେ ଅନ୍ୟାନ୍ୟ ଉତ୍ସବ, ବିବାହ ଓ ପର୍ବମାନଙ୍କରେ ମଧ୍ୟ ପରିବେଷଣ କରାଯାଇଥାଏ । ଡାଲ୍‌ଖାଇ ଦେବୀଙ୍କୁ ଭାଏଜିଁଆ କୁଠି (କୋଠରୀ)ରେ ପୂଜା କରାଯାଇଥାଏ । ନାଚଗୀତର କାର୍ଯ୍ୟକ୍ରମ ନଈକୂଳ, ମନ୍ଦିର ପ୍ରାଙ୍ଗଣ ବା ଗାଁର ଏକ ଖୋଲା ସ୍ଥାନରେ ଅନୁଷ୍ଠିତ ହୋଇଥାଏ । କେତେକ ସ୍ଥାନରେ ରାସ୍ତାକୁ ଯାଇ ମଧ୍ୟ ଡାଲଖାଇ ନୃତ୍ୟ କରିଥାନ୍ତି । ମୁଖ୍ୟତଃ ଆଦିବାସୀବହୁଳ ଗାଁମାନଙ୍କରେ ହିଁ ଡାଲଖାଇ ପରମ୍ପରା ଦେଖାଯାଇଥାଏ । ଅବିବାହିତ ଆଦିବାସୀ ତରୁଣୀମାନେ ଡାଲଖାଇ ଗୀତ ଗାଇ ଗାଇ ନୃତ୍ୟ କରିଥାନ୍ତି । ଡାଲଖାଇ ଗୀତ ବାଦ୍ୟ ଆଶ୍ରିତ ହୋଇଥିବାରୁ ଗଣ୍ଡାବଜା କଳାକାରମାନେ ବାଦ୍ୟ ବାଦନ କରିଥାନ୍ତି । ଡାଲଖାଇ ଗୀତର ମୁଖ୍ୟ ଆଧାର ହେଉଛି ପ୍ରକୃତି, ପ୍ରେମ, ଜନଜୀବନ । ଅଧିକାଂଶ ଗୀତ ଶୃଙ୍ଗାର ରସରେ ରସୋତୀର୍ଣ୍ଣ । ଏଥିରେ ଅନେକ ମଜାଳିଆ ଗୀତ ମଧ୍ୟ ରହିଥାଏ । ପ୍ରକୃତିର ଦାନ, ସ୍ଥାନୀୟ ଅଞ୍ଚଳର ଲୋକ ସମସ୍ୟା, ଟଙ୍କାଲୋଭୀ ମହାଜନ, ଜମିଦାର କିମ୍ବା ଗଉଁତିଆରର ଭଲ ଗୁଣ ଓ ଅବିଗୁଣ, ପରକୀୟା ପ୍ରେମ ଆଦି ପ୍ରସଙ୍ଗକୁ ଲୋକଶିଳ୍ପୀମାନେ ନିଜ ନିଜ ଶବ୍ଦରେ ପରିପ୍ରକାଶ କରିଥାନ୍ତି । ଛୋଟ ଛୋଟ ପଦରେ ଗୀତ ଗାୟନ ହୁଏ । ପ୍ରତି ପଦ ଶେଷରେ ଡାଲ୍‌ଖାଇରେ... ଡାଲ୍‌ଖାଇରେ... ରହିଥାଏ ।

ଗବେଷକମାନଙ୍କ ମତରେ ଡାଲ୍‌ଖାଇ ଯାତ୍ରା ମୂଳତଃ ଚାରି ପ୍ରକାରର । ସେଗୁଡ଼ିକ ହେଉଛି ମଡ଼ୋ ଡାଲ୍‌ଖାଇ, ଡାହି ଡାଲ୍‌ଖାଇ, କୁଠି ଡାଲ୍‌ଖାଇ ଏବଂ ପଥେଇ ଡାଲ୍‌ଖାଇ । ଭାଇମାନଙ୍କ ମଙ୍ଗଳକାମନା କରି ଆଶ୍ୱିନ ମାସର ଅଷ୍ଟମୀ ତିଥିରେ ଝିଅମାନେ ଡାଲ୍‌ଖାଇ ଓଷା କରିଥାନ୍ତି । ଗାଁ ପୋଖରୀ ବା ନଈରେ ପୂଜା କରି ଫେରିବା ବାଟରେ ସେମାନେ ଡାଲ୍‌ଖାଇ ଗୀତ ଗାଇବାର ପରମ୍ପରା ରହିଛି । ରାସ୍ତାରେ ଡାଲ୍‌ଖାଇ ଗୀତ ଗାଇ ଲୋକଙ୍କୁ ଟଙ୍କା ମାଗୁଥିବାର ମଧ୍ୟ କେତେକ ସ୍ଥାନରେ ଦେଖାଯାଏ ।

### ଡାଲ୍‌ଖାଇର ଗାଁ ବେନ୍‌କେରା

ବଲାଙ୍ଗୀର ଜିଲ୍ଲା ଖପରାଖୋଲ ବ୍ଲକ୍ ଅନ୍ତର୍ଗତ ବେନ୍‌କେରା ଗାଁ ହେଉଛି ଡାଲ୍‌ଖାଇ ପରମ୍ପରାର ଏକ ଆଦିପୀଠ । ଏହି ଗାଁର ଲୋକେ କହନ୍ତି, ମା' ଦୁର୍ଗାଙ୍କୁ ଡାଳ ସହିତ ଫଳମୂଳ ଅର୍ପଣ କରାଯାଇ ପୂଜା କରାଯାଉଥିବାରୁ ଡାଲଖାଇ ବୋଲି କୁହାଯାଇଥାଏ । ଅବଶ୍ୟ ଡାଲ୍‌ଖାଇ ନାମକରଣକୁ ନେଇ ଗବେଷକମାନେ ଭିନ୍ନ ମତ ମଧ୍ୟ ଦିଅନ୍ତି । ବେନ୍‌କେରା ଗାଁର ଅଧିକାଂଶ ଅଧିବାସୀ ବରିହା ସାଙ୍ଗିଆଧାରୀ ଆଦିବାସୀ । ଏଠିକାର ଡାଲ୍‌ଖାଇ ପରମ୍ପରାରେ ଦଶହରା ସପ୍ତମୀ ତିଥିରେ ରାତିରୁ ପୂଜା ଆରମ୍ଭ ହୋଇଥାଏ । ପ୍ରାୟ ରାତି ଦଶଟାରେ କୁଠି ସାଲରେ (ଦେବୀଙ୍କ ଆସ୍ଥାନ) ଷୋହଳ ପୂଜା କରାଯାଇଥାଏ । ଏହାକୁ ବାରବଏଠା ବୋଲି କୁହାଯାଇଥାଏ । ଅଷ୍ଟମୀ ଦିନ ସକାଳୁ ଉପବାସରେ ଥିବା ସମସ୍ତ ଝିଅ ବାଲି କାଢ଼ିବାକୁ ନଦୀକୁ ଯାଇଥାନ୍ତି । ସେଠାରେ ସାତଟି ଟୋକେଇରେ ବାଲି କଢ଼ାଯାଇ ତହିଁରେ ଧାନ, ମୁଗ, ବିରି ଆଦି ଚାଷ କରାଯାଇଥାଏ । ଟୋକେଇରେ ହଳଦୀ ଗଣ୍ଠି ସହିତ ବିଭିନ୍ନ ଡାଳ ମଧ୍ୟ ରଖାଯାଏ । ସେହି ଟୋକେଇ ଧରି ଗାଁ ରାସ୍ତାରେ ଯାଉଥିବା ବେଳେ ଲୋକେ ତାହା ଦର୍ଶନ କରନ୍ତି । ପାରମ୍ପରିକ ଗଣ୍ଡାବଜାର ତାଳେ ତାଳେ ଗୀତ ଗାଇ ଗାଇ ଝିଅମାନେ ନୃତ୍ୟ କରିଥାନ୍ତି । ମୁଖରିତ ହୋଇଥାଏ ଗାଁ ଢୋଲ, ନିସାନ, ତାସା ବାଦ୍ୟରେ ।



ତାପରେ ଦୁଇଟି ଝିଅଙ୍କୁ ଯୁଗିଯୁଗେନ୍ ବାହାର କରି ସାତଟି ଘରକୁ ବୁଲାଯାଏ । ଦିନ ବାରଟାରେ ଦେବୀଙ୍କୁ ମଏଧାନି ବଏଠା ଦିଆଯାଏ । ଏହାପରେ ସମସ୍ତେ ନଦୀଘାଟକୁ ଗାଧୋଇବାକୁ ଯାଇଥାନ୍ତି । ସେଠି ବାଲିରେ ବେଦୀ ସ୍ଥାପନ କରି ଦେବୀ ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରାଯାଏ । ପୂଜାରେ କାକୁଡ଼ା ଚକି ଓ ଅପମାର୍ଗ କାଠି ଲାଗିଥାଏ । ଏହି ପୂଜା ପରେ ସମସ୍ତେ ଏକମୁହାଁ ହୋଇ ଘରକୁ ଫେରିଥାନ୍ତି । ସାତଟି ଝିଅ ମାଟି ଆଣି ଗାଁର ଝାଙ୍କର ବୁଢ଼ାକୁ ଦେଇଥାନ୍ତି ଯେଉଁଥିରେ କି ସାତଟି ମୂର୍ତ୍ତି ତିଆରି କରାଯାଏ । ରାତିରେ ଝିଅମାନେ ନୂଆ କପଡ଼ା ପିନ୍ଧି ଜୁଗାର, ଫଳମୂଳ ଓ ଧୂପଦୀପ ନେଇ କୁଠି ସାଲକୁ ଯାଇଥାନ୍ତି । ବାଜା ସହିତ ମାଟିରେ ନିର୍ମିତ ଦୁର୍ଗା, ଶିବ, ପାର୍ବତୀ ଆଦି ଦେବଦେବୀଙ୍କ ପୁତ୍ତଳିକାକୁ କୁଠିକୁ ଅଣାଯାଏ । ଝାଙ୍କର ଷୋହଳ ଜୁଗାର ଏବଂ ଷୋହଳ ଦୀପ ଦେଇ ପୂଜାର୍ଚ୍ଚନା କଲାପରେ ଦେବୀ ଦୁର୍ଗା ସବାର ହୋଇଥାନ୍ତି । ସମସ୍ତେ ସେଠି ମାନସିକ କରିଥାନ୍ତି ।

ପରଦିନ ସକାଳେ ପୁଣି ଝିଅମାନେ ନଦୀକୁ ଯାଇ ମଙ୍ଗଳା ପୂଜା କରିଥାନ୍ତି । ସେଇଠୁ ଫେରି ଭଉଣୀମାନେ ଘରେ ନିଜ ନିଜ ଭାଇଙ୍କୁ ଜିଉଁତିଆ ବାନ୍ଧିଥାନ୍ତି । ଝିଅମାନେ ଏକତ୍ରିତ ହୋଇ ମାଁ ଦୁର୍ଗାଙ୍କୁ ଗାଁରେ ବୁଲାଇଥାନ୍ତି । ଏହି ସମୟରେ ପାରମ୍ପରିକ ବାଦ୍ୟ ସହିତ ନାଚଗୀତ ହୋଇଥାଏ । ଡାଲଖାଇ ପୂଜା ଆରମ୍ଭରେ ଧୁନକେଲ (ଏକ ପାରମ୍ପରିକ ବାଦ୍ୟ) ବଜାଇ ବନ୍ଦନା କରାଯିବାର ପରମ୍ପରା ମଧ୍ୟ ରହିଛି ।

ଡାଲ୍‌ଖାଇ ଗୀତ ଜନମୁଖରୁ ପିଢ଼ି ପରେ ପିଢ଼ି ଗଡ଼ିଆସୁଛି । ଏଥିପାଇଁ କୌଣସି ଲିଖିତ ଗୀତ ନାହିଁ । ଝିଅମାନଙ୍କ ପାଟିକୁ ଆପେ ଆପେ ଶହ ଶହ ଗୀତ ଆସିଥାଏ । ପରିବେଶ ଓ ଦେଖଣାହାରୀକୁ ଦେଖି ମଧ୍ୟ ସେମାନେ ସଙ୍ଗେସଙ୍ଗେ ଗୀତ ତିଆରିଥାନ୍ତି ।

ବେନ୍‌କେରା ଗାଁରେ ଡାଲଖାଇ ମହୋତ୍ସବ ନାଁରେ ମଂଚରେ ହେଉଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି । ଏଥିରେ ଡାଲ୍‌ଖାଇ ବ୍ୟତୀତ ଅନ୍ୟାନ୍ୟ ଲୁପ୍ତପ୍ରାୟ କଳାର ପ୍ରଚାର ପ୍ରସାର କରାଯାଉଛି । ବେନ୍‌କେରାର ପୁରୁଖା ଡାଲ୍‌ଖାଇ କଳାକାର ନୃତ୍ୟଶିଳ୍ପୀମାନଙ୍କ ମଧ୍ୟରେ ରହିଛନ୍ତି ଜାମା ସେଠ୍, ତୁଳସା ବରିହା, ଜମୋ ଶବର, ରୁପେଇ ପୁଟେଲ ଏବଂ କୁନ୍ତଳା ବିଶ୍ୱାଳ । ଏମାନଙ୍କ ମଧ୍ୟରୁ ତୁଳସା ବରିହା ହେଉଛନ୍ତି ଡାଲଖାଇ ଗୀତର ଏକ ଗନ୍ତାଘର । ସେହିପରି ସାବିତ୍ରୀ ଶବର, ଜାମା ବରିହା, ଦଳନା କୁଅଁର, ପାର୍ବତୀ ଭୁଏ, ଧନମତି ବରିହା, ଧୀରା ଭୁଏ, ଅଙ୍ଗରା ଭୁଏ ମଧ୍ୟ ବହୁ ବର୍ଷରୁ ଡାଲଖାଇ ନାଚି ଆସୁଛନ୍ତି । ଦଶହରା ସମୟରେ ଏହି ଗାଁର ଦୁଇ ଶହରୁ ଅଧିକ ଝିଅ ଡାଲ୍‌ଖାଇ ନୃତ୍ୟରେ ସାମିଲ ହୋଇଥାନ୍ତି ।

ଡାଲ୍‌ଖାଇରେ ମୁଖ୍ୟ ହେଉଛି ଗୀତ ସାଙ୍ଗକୁ ତାହାର ଆକର୍ଷଣୀୟ ବାଦ୍ୟ । ସମସ୍ତଙ୍କ ମନ ମୋହିନେଇଥାଏ ଢୋଲ, ନିସାନ୍, ତାସା ଓ ମହୁରିର ମିଳିତ ସଙ୍ଗୀତ । ବେନ୍‌କେରାର ବାଦ୍ୟ ଦଳରେ ଅଛନ୍ତି କଳାକାର ମକାରୁ ସୁନା, ବିସମ ସୁନା, ଟୁଟୁ ମୁହୁରିଆ, ଭଗବାନ ସୁନା, ଡମ୍ବରୁ ସୁନା, ବିଷ୍ଣୁ ସୁନା, ରଙ୍ଗୀ ସୁନା ଏବଂ ଜଗନ୍ନାଥ କୁମ୍ଭାର । ଏମାନେ ସମସ୍ତେ ଦଳିତ ତଥା ଗରିବ ବର୍ଗର ଲୋକ । ତାଙ୍କର ବାଦ୍ୟକଳାର ଚତୁରୀ ଏବଂ ଲୋକକଳା ପ୍ରତି ସମର୍ପିତ ମନୋଭାବ ବିରଳ ।

## ଡାଲ୍‌ଖାଇରେ ବାଇ

ଡାଲ୍‌ଖାଇର ମାୟାରେ ସେମାନେ ବାଇ । ଭୁଲିଗଲେ ଘରସଂସାର କରିବାକୁ । ଲୋକଗୀତର ଭଣ୍ଡାର ଭିତରେ ସଂସ୍କୃତିର ପାଦଚିହ୍ନ ଖୋଜୁଖୋଜୁ ବିତେଇ ଦେଲେଣି ବହୁ ବର୍ଷ । ବରଗଡ଼ ଜିଲ୍ଲା କନ୍ଦାଗାଡ଼ ଗାଁର ବେଟିଖାଇ ବରିହା ଏବଂ ସାଥୀ ପାରମ୍ପରିକ ଡାଲଖାଇ ନୃତ୍ୟକୁ ଏପର୍ଯ୍ୟନ୍ତ ନିଷ୍ଠାର ସହିତ

ବଂଚାଇ ରଖିଛନ୍ତି । ୭୦ ବର୍ଷ ବୟସ୍କ ବେଟିଖାଇଙ୍କ ସହିତ ସରସ୍ୱତୀ ବରିହା (୬୫), ବୃନ୍ଦାବତୀ ବରିହା (୬୫) ଏବଂ ସୁରୁଚି ବାରିକ (୫୨) ଅବିବାହିତ ରହି ଲୋକକଳାରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପି ଦେଇଛନ୍ତି । ଶହ ଶହ ଗୀତ ମୁଖସ୍ଥ କରିଥିବା ପାଖ ଗାଁର ସବିତା ମାଝୀ ମଧ୍ୟ ଏମାନଙ୍କ ସହିତ ମିଶି ଡାଲଖାଇ ନୃତ୍ୟ ପରିବେଷଣ କରନ୍ତି ।

ବେଟିଖାଇଙ୍କ ମତରେ, କନ୍ଦାଗାଡ଼ ଗାଁରେ ଦଶହରା ସମୟରେ ପାରମ୍ପରିକ ରୀତିରେ ଷୋହଳ କୋଠିରେ ଦେବୀ ଦୁର୍ଗାଙ୍କର ଡାଲଖାଇ ପୂଜା ହୁଏ । ପୂଜା ସହିତ ନାଚ ଗୀତ ମଧ୍ୟ କରାଯାଏ । ଏ ଭିତରେ ଡାଲଖାଇ କଳାକାରମାନେ ଦେବୀଙ୍କ ବନ୍ଦନା, ହଳିଆ ଗୀତ ଏବଂ ବିଭିନ୍ନ ରସରସକିଆ ଗୀତ ଗାଇଥାନ୍ତି । ଡାଲଖାଇରେ ବାର ମାସକୁ ନେଇ ବାରଟି ଗୀତ ରହିଛି, ଯେମିତିକି:

"ପୁଷେ ଚନ୍ଦ୍ରାବତୀ ତପରେ ବସି,
ହସ୍ତେ ଜପମାଳା ସ୍କନ୍ଧେ ତୁଳସୀ,
ସେ ଜନ୍ମେ ପାଇଛ ଗୋବିନ୍ଦ ବର,
କୃଷ୍ଣ କଥା ଗୋଟି ମା ଦୁର୍ଗା, ମନେ ସୁମର,
କୁଲେ ଘାଏ ଧର କାଏଁ ଡାଲଖାଇରେ ।"

ସାତବହନି ଦେବୀଙ୍କୁ ଲକ୍ଷ୍ୟ କରି ସାତ ଜଣ ଝିଅ ସାତ ପଦ ଗୀତ ଗାଇବାର ରୀତି ରହିଛି ।

ବେଟିଖାଇ ଛୋଟ ସମୟରୁ ଗାଁରେ ହେଉଥିବା ନାଚଗୀତ ପ୍ରତି ଆକର୍ଷିତ ହୋଇଥିଲେ । ପନ୍ଦର ବର୍ଷ ବୟସ ବେଳକୁ ସେ ଡାଲଖାଇ ନୃତ୍ୟ ଆରମ୍ଭ କରିଥିଲେ । ଆଜି ପର୍ଯ୍ୟନ୍ତ ନିରନ୍ତର ଡାଲଖାଇ ପ୍ରଦର୍ଶନ ସହିତ ତାହାର ପ୍ରଚାର ପାଇଁ ମଧ୍ୟ ଉଦ୍ୟମ କରୁଛନ୍ତି । ରାଜ୍ୟର ବିଭିନ୍ନ ଅଂଚଳରେ ହେଉଥିବା ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବରେ ଯୋଗଦେଇ ମଂଚ ଉପରେ ପାରମ୍ପରିକ ଡାଲଖାଇ ପରିବେଷଣ କରୁଛନ୍ତି ବେଟିଖାଇ ଏବଂ ତାଙ୍କ ସାଥୀ । ବାଦ୍ୟଯନ୍ତ୍ରରେ ତାଙ୍କୁ ସହଯୋଗ କରନ୍ତି କନ୍ଦାଗାଡ଼ ଗାଁର ବୁଦ୍ଧ କୁମ୍ଭାର ଏବଂ ଅନ୍ୟମାନେ । ଡାଲଖାଇ ନୃତ୍ୟ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟର, କିନ୍ତୁ କନ୍ଦାଗାଡ଼ରେ ବ୍ରାହ୍ମଣ ପରିବାର ବ୍ୟତୀତ ଅନ୍ୟ ସବୁ ଜାତିର ଝିଅମାନେ ଡାଲଖାଇ ନାଚୁଥିଲେ ।

ସ୍ୱର୍ଗତ ଗୁରୁବାରୀ ମିର୍ଦ୍ଧା ଥିଲେ ବେଟିଖାଇଙ୍କ ପାଇଁ ପ୍ରେରଣା । ବେଟିଖାଇଙ୍କ ଦୃଢ଼ ଉକ୍ତି ହେଲା ଯେ ଶରୀରରେ ଜୀବନ ଥିବା ପର୍ଯ୍ୟନ୍ତ ସେ ଡାଲଖାଇ ଗାଉଥିବେ ଏବଂ ନୃତ୍ୟ କରୁଥିବେ । ଏବେ ସେ ଗାଁର କିଛି ଛୋଟ ପିଲାଙ୍କୁ ଡାଲଖାଇ ଶିଖାଉଛନ୍ତି । ଏହାଦ୍ୱାରା ପରମ୍ପରା ଓ ଲୋକକଳା ବଞ୍ଚିରହିବ ବୋଲି ତାଙ୍କର ଗଭୀର ବିଶ୍ୱାସ ରହିଛି ।

ଆପଣ ପ୍ରାଇମେରୀ ସ୍କୁଲ୍‌ରୁ ପାଠ ଛାଡ଼ି ଦେଇଛନ୍ତି, ସବୁପ୍ରକାର ଗୀତ କେମିତି ମନେ ରଖିପାରନ୍ତି ? ହଠାତ୍ କେମିତି ନୂଆ ନୂଆ ଗୀତ ସୃଷ୍ଟି କରନ୍ତି ? ଏଭଳି ପ୍ରଶ୍ନର ଉତ୍ତରରେ ବେଟିଖାଇ କହନ୍ତି, ଡାଲଖାଇ ଗୀତ ନଦୀ, ନାଳ, ପାହାଡ଼, ପର୍ବତ, ଜଙ୍ଗଲ, ଗଛଲତା, ଫୁଲଫଳରୁ ଝରି ଆସିଥାଏ । ଦେବୀଙ୍କ କରୁଣାରୁ ତାହା ଆମ କଣ୍ଠ ଦେଇ ସ୍ୱର ପାଏ । ଗୀତ ପଦେ ବାନ୍ଧିବା ପାଇଁ କୌଣସି କଷ୍ଟ କରିବାକୁ ପଡ଼େନାହିଁ । ତାହା ଆପେ ଆପେ ଗାଇ ହୋଇଯାଏ । ଢୋଲ ମହୁରୀ ବାଜିଗଲେ ପାଟିରୁ ପଦ ବାହାରି ଆସେ ଆଉ ପାଦ ନାଚି ଉଠେ । ସେସବୁ ଗୀତର ଅର୍ଥ ରହିଛି । ପ୍ରକୃତିର ଉପାସନା ଏବଂ ପ୍ରୀତିବନ୍ଧନରେ ସମାଜକୁ ବାନ୍ଧି ରଖିବା ହେଉଛି ଆମ ପରମ୍ପରାର ମୁଖ୍ୟ ଲକ୍ଷ୍ୟ ।

ବେଟିଖାଇଙ୍କ ସହିତ ପାଖ ଗାଁ ବରିହାପାଲିର ଆଉ ଜଣେ ପୁରୁଖା କଳାକାର ଯୋଗ ଦେଇଥାନ୍ତି । ତାଙ୍କ ନାଁ ସବିତା ମାଝୀ । ସେ ମଧ୍ୟ ଡାଲଖାଇରେ ବାଇ ହୋଇ ଆଉ ଘରସଂସାର କରିନାହାନ୍ତି । ସବିତାଙ୍କ ଓଠରେ ରହିଛି ଶହ ଶହ ଲୋକଗୀତ । ଆଖପାଖ ଅଂଚଳରେ ତାଙ୍କୁ ସମସ୍ତେ ମାଝୀ ନାନୀ ବୋଲି ଡାକନ୍ତି । ଆଉ କେତେକ ଗୀତ ଗାଇ ଗାଇ ସେ ପାଗଳୀ ହୋଇଗଲାଣି ବୋଲି ମଧ୍ୟ ପରିହାସ କରିଥାନ୍ତି । କାହାରି କଥାକୁ ଭ୍ରୁକ୍ଷେପ ନ କରି ଏବେ ମଧ୍ୟ ବିଭିନ୍ନ ପର୍ବପର୍ବାଣୀ, ଯାନିଯାତ୍ରା, ମହୋତ୍ସବମାନଙ୍କରେ ଯୋଗଦେଇ ଲୋକଗୀତ ପରିବେଷଣ କରୁଛନ୍ତି । ଏଥିରୁ କ'ଣ ଲାଭ ମିଳେ ବୋଲି ପଚାରିବାରୁ ସେ କହନ୍ତି, 'ମୋର ମାଆ, ଦାଦି, ବାପଅଜା ଅମଳର ଗୀତ ବଂଚେଇ ରଖି ପାରୁଛେଁ ଆଉ ଲୋକମାନକର ମନ ବି ଖୁସି କରିପାରୁଛେ, ଇତାରନୁ ଆର ବଡ଼ ଲାଭ କାଣା ଅଛେ ?' ଗୀତ ଗାଇବା ସହିତ ସେ ନିଜେ ନୃତ୍ୟ କରିଥାନ୍ତି ।

ଲୋକନୃତ୍ୟର ପ୍ରସାର ପାଇଁ ୨୦୦୦ ମସିହାରୁ ସେ ମଂଚମାନଙ୍କରେ ନୃତ୍ୟ ପରିବେଷଣ କରୁଛନ୍ତି । ସେ କହିବା ଅନୁସାରେ ଏଭଳି ଲୋକକଳାର ଗବେଷଣା ପାଇଁ ବିଦେଶରୁ ମଧ୍ୟ କିଛି ଗବେଷକ ତାଙ୍କ ଅଂଚଳକୁ ଆସିଛନ୍ତି । କିଛି ଗୀତ ଉପସ୍ଥିତ ଦର୍ଶକ ଓ ପରିବେଶକୁ ଦେଖି ଆପେଆପେ ମନ ଭିତରେ ସୃଷ୍ଟି ହେଉଥିବା ବେଳେ ଅଧିକାଂଶ ଗୀତ ଆଗରୁ ମନେ ରହିଥାଏ ବୋଲି ସବିତାଙ୍କ ମତ । ନିଜ ଗାଁର ପୁରୁଖା କଳାକାର ଏବଂ ଡାଲଖାଇ ନୃତ୍ୟ କରୁଥିବା ମହିଳାଙ୍କ ଠାରୁ ସେ ଗୀତ ଓ ନୃତ୍ୟ ଶିଖିଛନ୍ତି ।

ଡାଲଖାଇ ପାଇଁ ଦେବଦାସୀ : ଖଣ୍ଡଗଡ଼ର ବେଟିଖାଇ, ସୁରୁଚି ବାରିକ, ସରସ୍ୱତୀ ବରିହା, ବୃନ୍ଦାବତୀ ବରିହା



## ନାଚିନାଚି ଚାଲିଗଲେ ଗୁରୁବାରୀ

ବରଗଡ଼ ଜିଲ୍ଲା ଲରମ୍ଭା ଗାଁରେ ଜନ୍ମ ହୋଇଥିଲେ ଡାଲଖାଇ ନୃତ୍ୟର ପ୍ରସିଦ୍ଧ ଶିଳ୍ପୀ ଗୁରୁବାରୀ ମିର୍ଦ୍ଧା । ଗୁରୁବାର ଦିନ ଜନ୍ମ ହୋଇଥିଲେ ବୋଲି ବାପା ମା ନାଁ ଦେଇଥିଲେ ଗୁରୁବାରୀ । ଛୁଆ ଦିନରୁ ଢୋଲ୍, ନିସାନ୍, ତାସା ବାଜିଲେ ତାଙ୍କ ଶରୀରରେ ସୃଷ୍ଟି ହେଉଥିଲା ଶିହରଣ । ପାଦ ଆଗପଛ ହେଉଥିଲା, ଅଣ୍ଟା ହଲିଯାଉଥିଲା । ଆଖିରେ ଭରି



ଯାଉଥିଲା ଭିନ୍ନ ଚହାଣି । ଲୋକନୃତ୍ୟ ପ୍ରତି ଆକର୍ଷିତ ହୋଇ ନାଚ ଶିଖିଲେ । ତାଙ୍କୁ ଷୋହଳ ବର୍ଷ ହେଉଥିଲା ବେଳକୁ ସୁଯୋଗ ପାଇଲେ ଦିଲ୍ଲୀ ଯିବାକୁ । ୧୯୬୮ରେ ଗଣତନ୍ତ୍ର ଦିବସ ଉପଲକ୍ଷେ ଲୋକନୃତ୍ୟ ପ୍ରଦର୍ଶନ କରିବା ପାଇଁ ଗୁରୁବାରୀଙ୍କ ସମେତ ଷୋହଳ ଜଣ ଝିଅ ଦିଲ୍ଲୀ ଯାଇଥିଲେ । ସେଠାରେ ଡାଲ୍‌ଖାଇ ନୃତ୍ୟ ପରିବେଷଣ କରି ସେମାନେ ଉଚ୍ଚ ପ୍ରଶଂସିତ ହୋଇଥିଲେ । ଗୁରୁବାରୀଙ୍କ ନାଚ ଦେଖି ସେ ସମୟର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ନିଜକୁ ଅଟକେଇ ପାରିନଥିଲେ । ଖୁବ୍ ଆନନ୍ଦିତ ହୋଇ ଇନ୍ଦିରା ଗୁରୁବାରୀଙ୍କ ହାତ ଧରି ନାଚିଥିଲେ ବେଶ୍ କିଛି ମୁହୂର୍ତ୍ତ । ଓଡ଼ିଶାର ଝିଅମାନଙ୍କ ସହ ମନଖୋଲି କଥା ହେବା ସହିତ ଫଟୋ ଉଠାଇଥିଲେ ।

ଗୁରୁବାରୀ ଇନ୍ଦିରାଙ୍କ ହାତର ପରଶ ପାଇ ପାଲଟିଗଲେ ଉନ୍ମାଦିନୀ, କେବଳ ଲୋକନୃତ୍ୟ ପାଇଁ । ତାପରେ ଦୂରଦର୍ଶନରେ ବହୁବାର ତାଙ୍କ ନୃତ୍ୟ ପ୍ରସାରିତ ହେଲା । ରାଜ୍ୟର ବିଭିନ୍ନ ମଂଚରେ ଡାଲ୍‌ଖାଇ ପରିବେଷଣ ପାଇଁ ଡକାଗଲା ଗୁରୁବାରୀଙ୍କୁ । ସେ ମନପ୍ରାଣ ଦେଇ ଡାଲ୍‌ଖାଇର ପ୍ରଚାର ପ୍ରସାରରେ ଲାଗି ପଡ଼ିଲେ । ତାଙ୍କୁ ଦେଖି ଅନେକ ଝିଅ ଲୋକନୃତ୍ୟ ଶିଖିବାକୁ ଆଗ୍ରହ ପ୍ରକାଶ କରିଥିଲେ । ୨୦୦୨ରେ ତାଙ୍କୁ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ ଆଦିବାସୀ ଭାଷା ସଂସ୍କୃତି ଏକାଡ଼େମୀ, ମଠଖାଇ ମହୋତ୍ସବ ବଲାଙ୍ଗୀର, ଲୋକ ମହୋତ୍ସବ ସମ୍ବଲପୁର, ପର୍ଏଁରୀ ସୁବର୍ଣ୍ଣପୁର, ବରଗଡ଼ ଲୋକ ମହୋତ୍ସବ ତରଫରୁ ସମ୍ବର୍ଦ୍ଧିତ ହୋଇଥିଲେ ଗୁରୁବାରୀ ।

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ ଅନ୍ତର୍ଗତ ଏମ୍ ଗଣ୍ଡପାଲି ଗାଁର ହର୍ଷ ମିର୍ଦ୍ଧାଙ୍କୁ ସେ ବାହା ହୋଇ ସେଠି ରହୁଥିଲେ । ତାଙ୍କର ଛୁଆପିଲା ନ ଥିବାରୁ ଝିଅଟିଏକୁ ପାଖରେ ରଖିଥିଲେ । ପରିବାରର ଆର୍ଥିକ ସ୍ଥିତି ବହୁତ ଖରାପ ଥିଲା । ତଥାପି କଷ୍ଟେମଷ୍ଟେ ଗୁଜୁରାଣ ମେଣ୍ଟଉଥିଲେ । ଏଭଳି ଅବସ୍ଥାରେ ମଧ୍ୟ ଢୋଲ୍ ନିସାନ୍‌ର ଡାଲଖାଇ ପାର୍ ଶୁଣି ନାଚି ଉଠୁଥିଲେ । ଧୀରେ ଧୀରେ ସ୍ୱାମୀ ସ୍ତ୍ରୀ ଉଭୟଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାକୁ ଲାଗିଲା । ସ୍ୱାମୀଙ୍କ ଗୋଡ଼ ଭାଙ୍ଗିଯିବାରୁ ଅବସ୍ଥା ଶୋଚନୀୟ ହୋଇଥିଲା । ଏପରିକି ଘରେ ଚୂଲି ଜଳିବା ବନ୍ଦ ହେବା ଉପରେ । ଏ ସମୟରେ ଏମ୍ ଗଣ୍ଡପାଲି ଗାଁର ଲୋକେ ଉଭୟଙ୍କ ଖାଇବା ପିଇବାରେ ସାହାଯ୍ୟ କରିଥିଲେ । ସରକାରଙ୍କ ଠାରୁ ପାଉଥିବା ପାଂଚ ଶହ ଟଙ୍କାର ଭତ୍ତା ଥରେ ଥରେ ଚରି ପାଂଚ ମାସ ପର୍ଯ୍ୟନ୍ତ ନ ମିଳୁଥିବାରୁ ଔଷଧ କିଣିବାକୁ ସେମାନଙ୍କୁ ହାତ ପତାଇବାକୁ ପଡୁଥିଲା । ଏ ଖବର ପାଇ ସମ୍ବଲପୁର ସହରର କିଛି ସଂସ୍କୃତି ପ୍ରେମୀ ବୁଦ୍ଧିଜୀବୀ ଗୁରୁବାରୀଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଏ ମଧ୍ୟରେ ତାଙ୍କୁ ଇନ୍ଦିରା ଆବାସ ଯୋଜନାରେ ଘର ଖଣ୍ଡେ ମିଳିଥିଲା । ଯେଉଁ ଇନ୍ଦିରାଙ୍କୁ ଦିନେ ଗୁରୁବାରୀ ନଚେଇଥିଲେ ସେ ଇନ୍ଦିରାଙ୍କ ନାଁରେ ନାମିତ ଯୋଜନାରେ ହିତାଧିକାରୀ ହୋଇ ନିଜକୁ ସେ ଧନ୍ୟ ମନେ କରିଥିଲେ । କିନ୍ତୁ ଭାଗ୍ୟର ବିଡ଼ମ୍ବନା ସେହି ଘର ଅଧାରେ ରହିଗଲା, ଆଉ ଗୁରୁବାରୀ ଚଲିଗଲେ, ଠିକ୍ ଗୁରୁବାର ଦିନରେ । ୨୦୧୬ ଅକ୍ଟୋବର ମାସର ୨୦ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଥିଲା । ମରିବା ଯାଏଁ ତାଙ୍କରି ରକ୍ତରେ ପ୍ରବାହିତ ହେଉଥିଲା ଡାଲ୍‌ଖାଇ । ଅଧାଗଢ଼ା ଇନ୍ଦିରା ଆବାସରେ ଶଯ୍ୟାଶାୟୀ ହୋଇ ମଧ୍ୟ ନାଚୁଥିଲେ ସେ ମନ ଭିତରେ । ସତେ ଯେମିତି ସେ ନାଚିନାଚି ଚଲିଗଲେ ଆରପାରିକୁ । ଗୁରୁବାରୀ ସବୁବେଳେ କହୁଥିଲେ, 'ମୁଇଁ ସିନା ମରିଯିମି, ଡାଲ୍‌ଖାଇ ନାଚ କେଭେ ନାଇଁ ମରୁ, ଉନ୍‌ଝା ଗୁରୁବାରୀମାନକୁ ସରକାର୍ ଟିକେ ଧିଆନ ଦେଉନ୍ ।'





ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।

## ଆଇନ ପରାମର୍ଶ - ୯

# ଆଇନ୍‌ରେ ଆତ୍ମରକ୍ଷା ବା ସେଲ୍ଫ ଡିଫେନ୍ସ



**ଆଡ଼୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**
ଭୁବନେଶ୍ୱର ବାର୍ ଏସୋସିଏସନ୍
ଫୋନ : ୯୩୦୯୧୧୯୬୨୫

ଆପଣମାନେ 'ସେଲ୍ଫ ଡିଫେନ୍ସ' ବା 'ଆତ୍ମରକ୍ଷା' ବୋଲି ଶବ୍ଦ ପ୍ରାୟ ଶୁଣିଥିବେ । କ'ଣ ଏ ସେଲ୍ଫ ଡିଫେନ୍ସ ? ଆପଣଙ୍କ ଦ୍ୱାରା ଯଦି ହତ୍ୟାକାଣ୍ଡ ହୋଇଥାଏ ଓ ଆପଣଙ୍କୁ ଦଣ୍ଡ ମିଳିନଥାଏ, ଏପରି ସ୍ଥଳେ ଏ 'ସେଲ୍ଫ ଡିଫେନ୍ସ' ବା 'ଆତ୍ମରକ୍ଷା' କାନୁନ୍ କାର୍ଯ୍ୟ କରିବ କି ? ଆସନ୍ତୁ ଜାଣିବା ଏହା କଣ ।

କୁହାଯାଏ 'ସେଲ୍ଫ ଡିଫେନ୍ସ' ବା 'ଆତ୍ମରକ୍ଷା' ବେଳେ କାହାର ଯଦି ହତ୍ୟା ହୋଇଯାଏ, ତାହେଲେ ସେହି ବ୍ୟକ୍ତି ଉପରେ ହତ୍ୟାକାରୀ ପରି ମୋକଦ୍ଦମା ଲାଗିବ ନାହିଁ । ବହୁତ ପରିସ୍ଥିତିର ତନାଘନା କରି ପରିଶେଷରେ ସ୍ଥିର କରାଯାଏ ତାକୁ କେଉଁ ଦଣ୍ଡ ମିଳିବା ଉଚିତ୍ କି ନାହିଁ ।



### କାନୁନ୍ ଦୃଷ୍ଟିରେ ସେଲ୍ଫ ଡିଫେନ୍ସ ବା ଆତ୍ମରକ୍ଷା କ'ଣ ?

ଧରାଯାଉ କୌଣସି ବ୍ୟକ୍ତିର ଜୀବନ ବିପଦରେ ଅଛି ଏବଂ ତାକୁ ଲାଗୁଛି ଯେ ଅନ୍ୟ ଜଣେ ବ୍ୟକ୍ତି ତାକୁ ଜୀବନରୁ ମାରିଦେବ, କି ଜୀବନରୁ ମାରି ଦେବାକୁ ଆସିଛି ଏବଂ ସେ ଲୋକ ପାଖରେ ହତିଆର ଅଛି । ଏପରି ସ୍ଥଳରେ ସେ ସେହି ବ୍ୟକ୍ତି ପାଖରୁ ବଂଚିବା ପାଇଁ ହତିଆରରେ ଯଦି ଆକ୍ରମଣ କରୁଛି, ତେବେ ତାହାକୁ ସେଲ୍ଫ ଡିଫେନ୍ସ ବା ଆତ୍ମରକ୍ଷା ଭାବେ ଗ୍ରହଣ କରାଯିବ । ସାମ୍ନା ବ୍ୟକ୍ତି ଯଦି ଅଧିକ ଶକ୍ତିଶାଳୀ ଏବଂ ନିଜକୁ ବଞ୍ଚାଇବା ପାଇଁ ଲଢ଼ିବା ବେଳେ ହତିଆର୍‌ର ପ୍ରୟୋଗ କରୁଛି, ତେବେ ଏହାକୁ ମଧ୍ୟ ଆତ୍ମରକ୍ଷା କୁହାଯିବ ।

ଭାରତୀୟ ଦଣ୍ଡ ସଂହିତା ବା ଆଇପିସି ଧାରା ୯୬ ରୁ ୧୦୬ରେ ସମସ୍ତ ବ୍ୟକ୍ତିଙ୍କୁ ସେଲ୍ଫ ଡିଫେନ୍ସ ବା ଆତ୍ମରକ୍ଷାର ଅଧିକାର ଦିଆ ହୋଇଛି । ଏହି ଧାରାରେ ବ୍ୟକ୍ତି ନିଜ ଜୀବନକୁ ରକ୍ଷା କରିବା ବା ଅନ୍ୟ ବ୍ୟକ୍ତିର ଜୀବନ ରକ୍ଷା କରିବା ସମୟରେ ଯଦି କୌଣସି ଅପରାଧ ହୋଇଯାଏ, ତେବେ ଏହି ମାମଲା ସେଲ୍ଫ ଡିଫେନ୍ସର ଆସିଥାଏ ।

▶ ଅନ୍ୟର ସମ୍ପତ୍ତି ବଞ୍ଚାଇବା ମାମଲାରେ ଏହି ନିୟମ ଲାଗୁ ହୋଇ ନଥାଏ ।

▶ ଆତ୍ମରକ୍ଷା କାନୁନ୍‌ର ଲାଭ ସେ ପର୍ଯ୍ୟନ୍ତ ମିଳିନଥାଏ, ଘଟାଇଥିବା ଅପରାଧ ନିଜକୁ ବଞ୍ଚାଇବା ପାଇଁ ବ୍ୟକ୍ତି କରିଛି ବୋଲି ଯେପର୍ଯ୍ୟନ୍ତ ସାବ୍ୟସ୍ତ କରି ନଥାଏ ।

▶ ଯଦି କୌଣସି ମାନସିକ ବିକୃତ ବା ପାଗଳ ବ୍ୟକ୍ତି ହାତରେ କୌଣସି ଅପରାଧ ହେଉଛି, ତାହା ବି ସେଲ୍ଫ ଡିଫେନ୍ସ ମଧ୍ୟରେ ଯାଉଛି ।

▶ ସେଲ୍ଫ ଡିଫେନ୍ସରେ ଦଣ୍ଡ କୋହଳ କରାଯାଏ ନଚେତ୍ କ୍ଷମା ମଧ୍ୟ କରାଯାଏ ।

▶ ଆତ୍ମରକ୍ଷାକୁ ପ୍ରମାଣ କରିବାର କାର୍ଯ୍ୟ ସର୍ବଦା ଅଭିଯୁକ୍ତଙ୍କ ଉପରେ ନ୍ୟସ୍ତ ଥାଏ, ସମସ୍ତ ତଥ୍ୟ ଏବଂ ଘଟଣାକୁ ଆଧାର କରି ପ୍ରମାଣ କରିବାକୁ ହୋଇଥାଏ ।

▶ ଅଭିଯୁକ୍ତ ଦେହରେ ଖଣ୍ଡିଆଖାବରାର ଦାଗ ଆତ୍ମରକ୍ଷାକୁ ସାବ୍ୟସ୍ତ କରିଥାଏ ।

▶ ଯଦି ଅଭିଯୁକ୍ତର ଶରୀରରେ କୌଣସି କ୍ଷତଚିହ୍ନ ନଥାଇ ତା'ହାତରେ ବ୍ୟକ୍ତିର ମୃତ୍ୟୁ ଘଟୁଛି ତେବେ ଏପରି ସ୍ଥଳରେ ପ୍ରଶ୍ନ ଉଠୁଛି ଏହା ସେଲ୍ଫ ଡିଫେନ୍ସରେ ଗ୍ରହଣ କରାଯିବ କି ନାହିଁ ।

ଉଦାହରଣ ସ୍ୱରୂପ ରେପ୍ ହେଲେ, ଯଦି ଜଣେ ମହିଳା ହାତରେ ରେପିଷ୍ଟର ମୃତ୍ୟୁ ଘଟୁଛି କିନ୍ତୁ ମହିଳାଙ୍କ ଶରୀରରେ କୌଣସି ଦାଗ ନାହିଁ ତେବେ ଏପରି ସ୍ଥଳେ ମହିଳାଙ୍କୁ ଆତ୍ମରକ୍ଷା କାନୁନରେ ଦଣ୍ଡକୁ କ୍ଷମା କରାଯିବାର ସୁଯୋଗ ମିଳେ ।

– ଯଦି ଜଣେ କାହା ଘରକୁ ଯାଇ ତାକୁ ମାରି ଆତ୍ମରକ୍ଷାର ନାମ ଦିଏ ତେବେ ତାହା ଗ୍ରହଣୀୟ ହେବ ନାହିଁ । କାରଣ କୋର୍ଟ ସମସ୍ତ ପ୍ରମାଣ, ତଥ୍ୟ ଓ ଘଟଣାକୁ ପରଖିବା ପରେ ଶୁଣାଣି କରିଥାଏ ।




ଆମ ମାଟିର ସ୍ୱର
ମଡେଲ୍ : କଲ୍‌କୀ କୃଷ୍ଣ ଓ ସାଥୀ କୁହୁ ପଟ୍ଟନାୟକ
ଫଟୋଗ୍ରାଫି: ମାନସ ଘଡ଼େଇ
ଉଚ୍ଚତା : ୫ ଫୁଟ୍ ୨ ଇଞ୍ଚ୍
ଶିକ୍ଷା : ମିଡ଼ିଆ ଏଣ୍ଡ୍ ମାସ୍ କମ୍ୟୁନିକେସନ୍‌ରେ ପିଏଚ୍‌ଡ଼ି
ବୃତ୍ତି : ଗବେଷଣା
କଷ୍ଟ୍ୟୁମ୍ ଓ ମେକ୍‌ଅପ୍ : କଲ୍‌କୀ କୃଷ୍ଣ
ସ୍ଥାନ : ଚିଡ଼ିଆପୋଲ, ବାଲେଶ୍ୱର

ଲେଣ୍ଡର

# ଫେବୃଆରୀ-୨୦୨୧

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | | | | | | |

୦୪/୦୨/୨୦୨୧ : ସ୍ୱାମୀ ବିବେକାନନ୍ଦ ଜୟନ୍ତୀ
୧୬/୦୨/୨୦୨୧ : ଶ୍ରୀପଞ୍ଚମୀ (ସରସ୍ୱତୀ ପୂଜା)
୧୯/୦୨/୨୦୨୧ : କୋଣାର୍କ (ଚନ୍ଦ୍ରଭାଗା)ସ୍ନାନ
୨୬/୦୨/୨୦୨୧ : ଅଗ୍ନିଉତ୍ସବ

**ଜାନୁଆରୀ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

**ଫେବୃଆରୀ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | | | | | | |

**ମାର୍ଚ୍ଚ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

**ଅପ୍ରେଲ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

**ମଇ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

**ଜୁନ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

**ଜୁଲାଇ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

**ଅଗଷ୍ଟ**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

**ସେପ୍ଟେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

**ଅକ୍ଟୋବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

**ନଭେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

**ଡିସେମ୍ବର**

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

# ପ୍ରେମ

## ବିମଳ ଜେନା

ପ୍ରେମିକ ହେବା ମୋ କପାଳ ଲିଖନ- ଏ କଥା ଜାଣିଲା ପରେ
ଡର ନାହିଁ ମୋର ତୋଳିବାକୁ ଘର ଆକାଶ କି ବତାସରେ ।୧।
ମଳୟ ପବନ ବଳୟ ଭିତରେ ପ୍ରେମକୁ ରଖିବା ପାଇଁ
ସାରା ଜୀବନ ମୁଁ କଟେଇ ଦେଇଚି ଖରାର ଖଟରେ ଶୋଇ ।୨।
'ପ୍ରେମ' ଏମିତିକା ପକ୍ଷୀ, ଯାହାର କାକଳି ହିଁ ବେଦପାଠ
'ପ୍ରେମ' ବି ଏମିତି ନଦୀଟିଏ ଯା'ର ତୀର୍ଥ ପ୍ରତିଟି ଘାଟ ।୩।
ପ୍ରେମପଥ କେବେ ପାନିପଥ ପୁଣି କେତେବେଳେ ଫୁଲପଥ
ପ୍ରେମ ଗୀତ କେବେ ସମର ସଂଗୀତ କେବେ ଭ୍ରମରର ଗୀତ ।୪।
ପ୍ରେମିକ ଏମିତି ସମ୍ରାଟ ଯା'ର ରାଜବାଟୀ ଗଛମୂଳ
'କଳଙ୍କ' ତାର ମଥାର ମୁକୁଟ ଲୋତକ ସୈନ୍ୟବଳ ।୫।
ଆତତାୟୀକୁ ସେ ଅତର ବିକଇ ଅନୁରାଗ, ଆବେଗର
ଯାଯାବର ପାଇଁ ତୋଳିଦେଇ ପାରେ ସ୍ନେହ ମମତାର ଘର ।୬।
ଅଡୁଆ ସୂତାର ଆକାଶ-ଛତାରେ 'ପ୍ରେମ' ହିଁ ପାରଇ ଉଡ଼ି
ଭଲପାଇବାର ଗଣ୍ଡୁଷେ ଜଳରେ ପାହାଡ଼ ବି ଯାଏ ବୁଡ଼ି ।୭।
'ପ୍ରେମ'ର ମୋହରେ ପଥର ଦେହରେ ଶହେ ଶିହରଣ ଜାଗେ
ଯୋଗୀ ପରି ଭୋଗୀ ଚାହିଁବା ପଣର ଚାଉଳ ମୁଠାଏ ମାଗେ ।୮।
ପ୍ରେମର ପଥରେ ଶ୍ରାବଣ ସତରେ ଫଗୁଣ ଫଗୁଣ ବାସେ
ଆଇନାରେ ନିଜ ମୁହଁକୁ ଦେଖିଲେ ଆଉ କାହା ମୁହଁ ଦିଶେ ।୯।
ପାମର ଭାବଇ ଭ୍ରମର ନିଜକୁ ପ୍ରେମ ଏମିତିକା 'ନାମ'
ମରୁଭୂଇଁ ହୁଏ ଉଜାଣି-ଯମୁନା କୁହୁଡ଼ି ବି କୁଞ୍ଜବନ ।୧୦।

♥ 'ଲୁମ୍ବିନୀ'
ଦେଓ୍ୱାନି ପାଟଣା, ସୁନହଟ,
ବାଲେଶ୍ୱର -୭୫୬୦୦୨
ଫୋନ: ୯୪୩୭୧ ୭୩୪୪୪


▶ ଫଟୋ ବିମଳ ଜେନା


▶ ଉପସ୍ଥାପନ : ସୋମାଲିସା ପଟ୍ଟନାୟକ



ଫଟୋ ଧନଞ୍ଜୟ ସ୍ୱାଇଁ

# ପିଲାଦିନ : ମୁଠିଚାଉଳର ଗାଁ

## ଧନଞ୍ଜୟ ସ୍ୱାଇଁ

ଦେଇକି ପାରିବ କିଶୋରୀ ପ୍ରିୟାର ଅଳତା ମଖା ସେ ପାଦର ଚାଲି ?
ଦେଇ ପାରିବ ତା' ହାତଲେଖା ଚିଠି ପଢ଼ିଥିଲି ଯାହା ଲୁଚେଇକରି !
ଦେଇ ପାରିବ ମୋ' ଖଟାକଇଁଆର ଖରାବେଳ ଆଉ ମାଟିସିଲଟର ମୋ' ଛକିଶୂନ୍ ?
ଦେଇ କି ପାରିବ କୁହୁଡ଼ି ସକାଳ ଉଠାଚୁଲି ଚାହା, ପ୍ରଥମ ପ୍ରେମର ସେ ଶିହରଣ ।

ଦେଖେଇ ପାରିବ ଡେଙ୍ଗା ତାଳଗଛ ଚହଲା ଛାଇରେ ହସୁଥିବା ଗାଁ, ଗହୀରବିଲ !
ଦେଖେଇପାରିବ କଳମଲଟାର ପୋଖରୀହୁଡ଼ାରେ ପରଝଡ଼ା ସେଇ ମାଟିଆଚିଲ !
ଦେଖେଇ ପାରିବ ହସବାଣ୍ଟୁଥିବା ହଳଦୀବସନ୍ତ, ଦି'ପହର ଡାଳମାଙ୍କୁଡ଼ି ଖେଳ !
ଦେଖେଇ ପାରିବ ମୁଠିଚାଉଳର ଗାଁ, ଯୋଗୀପୁଅ କେନ୍ଦେରା ଥାଳ !

ଫେରେଇ ଦିଅ ମୋ' ବାଟର ମୂଳ ମାଟିଘୋଡ଼ା ଆଉ ଖପରାଡିଆଁର ଖେଳ
ଫେରେଇ ଦିଅ ମୋ' ଖଣ୍ଡିଆ ଭୂତର ଖରା, ମାଇସଞ୍ଜ ମଧୁରବେଳ
ଫେରେଇ ଦିଅ ମୋ' ଖରାଛୁଟିର ସେ ମାମୁଘର ଗାଁ, କଷିକରମଙ୍ଗା, ଭଇଁଚକୋଳି
ଫେରେଇ ଦିଅ ମୋ' ତୁଠଗାଧୁଆରୁ ଫେରୁଥିବା ସେଇ କଳସୀକାଖର ଅଳସ ଚାଲି ।

ଫେରେଇବି ନାହିଁ ପ୍ରେମର ପରାସ, ଥିଲେ ଥାଉ ପଛେ ହୃଦୟ ତଳେ
ଫେରେଇବି ନାହିଁ ପିଲାଦିନ ଯିଏ କାଗଜଡଙ୍ଗାର ସ୍ମୃତିଟିଏ ମୋର ମରମ ତଳେ ।

♥ ଅତିରିକ୍ତ ଶାସନ ସଚିବ,
ଶକ୍ତି ବିଭାଗ, ଖାରବେଳ ଭବନ,
ଭୁବନେଶ୍ୱର-୭୫୧୦୦୧
ଫୋନ:୯୪୩୭୦୦୦୬୩୬



ମଡେଲ : ଅର୍ପିତା ପ୍ରିୟଦର୍ଶିନୀ

# ବେଙ୍ଗ

## ନର୍ମଦା ନୀଳୋତ୍ପଳା

ଗୋଟିଏ ଛାତି ଅଛି
ସାରୁଗଛ ତଳେ ସାଇତା ହୋଇ ।
ସ୍ଥାୟୀ ଧୈର୍ଯ୍ୟ ବି ଅଛି ସେଠାରେ ।

ମାଆ ବେଙ୍ଗ ପରି ଫାଟିଗଲେ ପେଟ
ସ୍ୱଚ୍ଛ ଅହଂକାରଟିଏ ବି ଅଛି
ପ୍ରଚାର ଓ ପ୍ରସାର ଅପେକ୍ଷାରେ ।

ଛାତିରେ ଆଉ ଉଦାରତା କାହିଁ ?

ଜହ୍ନ ରାତି ପରି
ସ୍ୱଚ୍ଛ ଛାତିଟିଏ କାହିଁ ?

ସେ ଛାତିରେ ନଥାଏ ନାରିକେଳର ସ୍ନେହ
ଥାଏ ନର୍ଦ୍ଦମାର ଜଳ
ବର୍ଷାର ନୂପୁର ନଥାଏ
ଥାଏ ବହୁଳ ବିବାଦ ।
ବହୁବର୍ଣ୍ଣା ରଂଗୋଳି ନଥାଏ,
ଥାଏ ବୁନ୍ଦା ବୁନ୍ଦା ରକ୍ତ
ଯଜ୍ଞର ଆଶିଷ ନଥାଏ
ଥାଏ ଅଶାନ୍ତ ଯୁଦ୍ଧ ।

ସାରା ପୃଥିବୀକୁ ସାରୁପତ୍ର ମନେକରି
ମୁଣ୍ଡେଇ ବୁଲୁଛି ବୋଲି ନଥିବ ମନରେ ଆସ୍ପର୍ଦ୍ଧା ।
ଯାହା ବିଷ ପରି ଲୁଚିଥିବ ଛାତିରେ
ତାହା କେବେ ଅଛପା ରହେନାହିଁ
ଉଦାରତା ପାଖରେ ।

ଯେଉଁ ଛାତିରେ ଉଦାରତା ଅଛି
ବରଫ ତରଳି ଯିବା କଥା
ସେ ଭଲଭାବେ ଜାଣିପାରିଛି ।
ଯିଏ ପେଟକୁ ବୁଝିପାରିଛି
ସେ ଭୋକ କ'ଣ ଜାଣିପାରିଛି ।
ଯିଏପେଟକୁ ବୁଝିପାରିଛି
ସେ ଭୋକ କଣ ଜାଣି ପାରିଛି ।

♥ 'ସାଇସର୍ଜନା', ବାଲିକୁଦା
କଟକ-୭୫୩୦୧୧
ଫୋନ:୮୭୬୩୧୯୧୯୬୮



ଫଟୋ ନର୍ମଦା ନୀଳୋତ୍ପଳା

# ଛେଉଣ୍ଡ

## ଅଭୟ ଦାସ

ଅନେକ ବର୍ଷ ପରେ
କାଲିରାତିରେ ଆସିଥିଲେ ମାଆ ।

କାନ୍ଦ କାନ୍ଦ ହୋଇ କହିଲେ,
କେତେ ଶୁଖିଗଲୁଣିରେ ପୁଅ
ଆଖି ପଶି ଗଲାଣି ଇଞ୍ଚେ
କଳାକାଠ ପଡ଼ିଗଲାଣି ଦିହମୁହଁ
ଦିହହାତରେ ଦିଶିଲାଣି ଶିରା ।

ଘଡ଼ିଏ ମୋତେ ଅନେଇ
ମୁହଁ ବୁଲେଇ ନେଲେ;
ଯେମିତି ଆଉ ଦେଖି ପାରିଲେନି ।
ଲୁଚେଇ ଲୁଚେଇ ଲୁଗାକାନିରେ
ପୋଛୁଥିଲେ ଆଖି ।

ପାଖକୁ ଭିଡ଼ି ଆସି ପୁଣି ଥରେ ପଚାରିଲେ,
ଏତେ ସରି କାହିଁକି ହେଲୁ ଯେ ?
ଆମେ ଦିହେଁ ଗଲାପରେ ଏଡ଼େବଡ଼ ସଂସାରରେ
ଏକ୍ଲା ହେଇ ଯାଇଚୁ କି ?

ମୁଁ ଏଥର ମୁହଁ ଖୋଲିଲି,
ନା, ସେମିତି କିଛି ନୁହେଁ;
ଖାଲି ଯାହା ଭିଡ଼ ଭିତରେ
ଟିକେ ଅଣନିଃଶ୍ୱାସୀ ହୋଇପଡ଼ିଛି ।
ବାରଦୁଆର ଶୁଣ୍ଢିପିଣ୍ଡା ହୋଇ
ଟିକେ ଥକ୍କା ମାରୁଥିଲି ତ
ତୁମକୁ ସେମିତି ଦିଶୁଥିବ ।
ଅବଶ୍ୟ କୋଲୋଷ୍ଟ୍ରଲ୍ ଟିକେ ବଢ଼ିକି ଅଛି
ସୁଗାର୍ ବି ତିନିଶ'
ଋଣ ବଢ଼ି ହେଲାଣି ତିରିଶି;
ତଥାପି ତ ଚାଲିଛି ଗାଡ଼ି
ସଂସାର କଲେ ଆଉ
ଏମିତି ହୁଅନ୍ତାନି କି ?

ଆଉ ଶୁଣି ପାରିଲେନି ମାଆ
କାନ୍ଧରେ ଟିକେ ହାତ ପକାଇ
ଥଙ୍ଗ ଥଙ୍ଗ ହୋଇ ଚାଲିଗଲେ ।

ଯିବା ବେଳେ କହିଗଲେ,
କେହି କାହାର ନୁହେଁରେ ପୁଅ
ତୁ ନିଜକୁ ନିଜେ ଦେଖୁଥା' ।
ଆମେ ଦିହେଁ ଏତେ ଦୂରରେ ରହିଲେ ଯେ
କିଛି ବି ବୁଝିପାରିବାନି ତୋ କଥା
ଖାଲି ଯାହା ମଝିରେ ମଝିରେ ଏମିତି
ସ୍ୱପ୍ନରେ ଆସି ତୋ ମୁଣ୍ଡ ସାଉଁଳେଇ ଦେଉଥିବା ।

'ବହିଘର', ଆଳିମାବାଦ
ବାଲେଶ୍ୱର-୭୫୬୦୦୧
ଫୋନ:୮୩୨୮୯୦୯୦୩୦


ଫଟୋ ଅଭୟ ଦାସ


ଫଟୋ ପ୍ରଭାସିନୀ ମହାକୁଡ଼

# କବିତାର ଭାରିପଣ

## ପ୍ରଭାସିନୀ ମହାକୁଡ଼

ଆଶା ଆଉ ନିରାଶାର
ଏକ ମଧ୍ୟବର୍ତ୍ତୀ ଇଲାକାରେ ଶୋଇଥାଏ
ଏଇ ମୋର କବିତା ।

କେବେ କବିତା ଭାରି ହେଇଯାଏ
ତ କେବେ ମୁଁ ଭାରି ହେଇଯାଏ
କବିତାର ଏ ଭାରିପଣ ମୋତେ ଭଲଲାଗେ
କିମ୍ବା ମୁଁ ତାକୁ ଭଲପାଏ ।

କାରଣ ଏ ଭାରିପଣରେ ଥାଏ
ପୃଥିବୀର ସବୁତକ ଜଞ୍ଜାଳର କଥା ଯନ୍ତ୍ରଣାର କଥା
ମଣିଷ ଜୀବନର କଥା
ବିରୋଧର କଥା
ସୁଖଦୁଃଖର କଥା
ଜନ୍ମମୃତ୍ୟୁର କଥା
କବିତା ଥାଏ ବେଶ୍ ସହଜ ଓ ସ୍ୱାଭାବିକ
ଭୋକ ପରି ଶୋଷ ପରି ନିଦ ପରି
ଦୟା କ୍ଷମା କରୁଣା ପରି
ପ୍ରେମକୁ ଚାହିଁବା ପରି
ପ୍ରେମକୁ ନ ଚାହିଁବା ପରି ବି
ମୁଁ ଯେତେବେଳେ ଭାରି ହେଇଯାଏ ତ
ମୋ ଭିତରେ କିଛି ଗୋଟେ
ଫାଟିଯାଏ ନୀରବରେ
ସିଏ କ'ଣ ମୋ ଆବଶ୍ୟକତା ?
ମୋ କିୟା ପ୍ରତିକ୍ରିୟାର ମିଶାମିଶି ଭାବ ?
ଗତି ପ୍ରଗତିର ବନ୍ଧୁର ମସୃଣ ରାସ୍ତା ?

ମୋ ଭାରିପଣ ନେଇ ମୁଁ ଯାଏ
ଅଦୃଶ୍ୟ ଏକ କ୍ଷତର ଉପଶମ ପାଇଁ
ଗୋଟେ ଅଧୁରା ଯାତ୍ରାରେ
ଯେଉଁ ଯାତ୍ରା କେବେ ବି ସରେନି
ଯେଉଁ ରାସ୍ତାର ନିର୍ଜନତା ମୋ ସହ ଥାଏ
ସେଇ ଦୂର ବତୀଖୁଣ୍ଟର ଆଲୋକଯାଏଁ
ମୋ ଭାରିପଣ ମୋ ଉପରେ
ବେଳେ ବେଳେ ଏମିତି ଭାରି ପଡ଼ିଯାଏ ।

ଷ୍ଟେସନବଜାର, ଢେଙ୍କାନାଳ
ଫୋନ:୭୦୦୮୩୧୦୨୬୮

## ଚନ୍ଦ୍ରଶିଳାର ରାତି

**ତପନ ମାଝୀ**

ମୁଁ କୋଣାର୍କ ସୁନ୍ଦରୀ
ଚାରୁ ଚନ୍ଦ୍ରଶିଳା,
ନା ଗମ୍ଭୀରା ରଜନୀର
ପ୍ରଣୟ ଅଭିସାରିକା ।

ନିତି ସକାଳକୁ
ଚନ୍ଦନ ମନରେ ଦେହ ପଖାଳିଲେ
ସତରେ କି ପେଟ ପାଇଁ
ଦେହ ଦାହର ଚ୍ରିତଲିପି
ଲୁପ୍ତପ୍ରାୟ ହେବ
ସକାଳର ସନ୍ଦେହୀ ଖରାରେ ।

ଏଠି ତ ଦେହକୁ ନେଇ
ପଥହୁଡ଼ା ପଥିକର
ଋତୁ ବଦଳିଲା ପରି
ରାତିକୁ ରତିରେ ପଖାଳିବା
ରାତିର ରତିଖେଳ

ନା ବିଶ୍ୱାସର...
ନା ଅବିଶ୍ୱାସର...
ନା ପାପପୁଣ୍ୟର...
ନା ପ୍ରାପ୍ତିଶାସ୍ତିର....
ଲୋଡ଼ା ପଡ଼େ ଲମ୍ବା ଇସ୍ତାହାର ।

କେହି ବୁଝିଲେନି ଏଠି
ଚମ୍ପା କି ଚନ୍ଦନ ବନର ମନ,
ପ୍ରେମ ପ୍ରଣୟଭରା
ପୁଷ୍ପ ନୈବେଦ୍ୟର ଭାବ
ସବୁରି ମନରେ ତ ଖାଲି

ଦେହ ପଖାଳି ସାରିଲେ
ହିସାବ ଚାଲେ କେତେ
ମୋ ଦେହ ଦେଉଳର
କଉଡି ମୂଲ ।

କୋଟି ଜନ୍ମର ଋତୁଚକ୍ର ପରେ
ଭିନ୍ନ ମାନବୀ ହୋଇ
ମୁଁ ତ ଜନ୍ମ ନେଇଛି
ପ୍ରେମିକର ନବପଲ୍ଲବ ମନରେ
ହସିବ ମୋ ନିରାଭରଣା ତନୁତୀର୍ଥ ।

ସତେ ଧୋଇଦେବ ତା ପାପ
ମୋ ଗଙ୍ଗା ଗଣ୍ଡର ଜଳ ।
ଆଉ ସେ ହେବ ପୁଣ୍ୟ ପୁରୁଷ
ଲୁଚିଯିବ ଅତନ୍ଦ୍ର ରାତ୍ରୀର
ଦେହ କାଙ୍ଗାଳର ପାପ
ଏ ପ୍ରବାସୀ ପୁରୁଷର
ଦୀପ୍ତ ସଂଭ୍ରାନ୍ତ ଠାଣିରେ
ସକାଳ ବଢ଼ିଲା ବେଳକୁ ।

♥ ଅଭଣା, ବାଲେଶ୍ୱର-୭୫୬୦୫୧
ଫୋନ୍ : ୭୨୦୫୪ ୭୦୦୭୦



## ଲାଉଡ଼ଙ୍କ

**ପ୍ରଶାନ୍ତ ଦାସ**

ଚାଳ କଣ ଜାଣିଥିଲା ଏମିତି ହୁଏ !

ମାଟିରେ ପୋତା ହୋଇଥିବା
ଛୋଟ ମଞ୍ଜିଟିଏ ଦିନେ ତାକୁ
ପିନ୍ଧାଇଦେବ ମୁଖା
ବିଛେଇ ଦେବ ଦେହ ସାରା
ଅକ୍ଟୋପାସ୍‌ର ପଞ୍ଝା
ନିଃଶ୍ୱାସପ୍ରଶ୍ୱାସ ପାଇଁ
ତହଳବିକଳ ହୋଇ
ଖୋଜିବ ସେ ଟିକିଏ ପବନ ।

ଲାଉଡ଼ଙ୍କମାନେ ଚିରକାଳ ଏମିତି
ଟିକିଏ ସୁଯୋଗ ପାଇଲେ
ମାଡ଼ି ବସନ୍ତି ସବୁ
ପିଇ ଯାଆନ୍ତି ଅସ୍ଥିମଜ୍ଜାରୁ ରକ୍ତ
ଆକାଶକୁ ଉପହାସ କରି
ଘୋଡ଼ି ପଡ଼ନ୍ତି ସବୁଜ ଚାଦର ।

ଅସ୍ତିତ୍ୱ ନଥାଇ
କେବେ କେବେ ନୀଳବର୍ଣ୍ଣ ଶୃଗାଳମାନେ
ହୁଅନ୍ତି ସିଂହ
ମିଛ ପିଠିରେ ଭାର ଦେଇ
ଅହଂକାର ଆମ୍ବଡ଼ିମା
ଜୟଯାତ୍ରା ପଟୁଆର ଖୋଳପାରେ
ଢାଙ୍କି ପକାନ୍ତି ନିଜର ସମସ୍ତ
ଦୁର୍ବଳତା ଓ ମୌଳିକତା ।

ମାଡ଼ିଯିବାର କୌଶଳ
ଲାଉଡ଼ଙ୍କଙ୍କୁ ଜଣା ବୋଲି ତ
କମର ଶକ୍ତ ସଳଖ ନଥାଇ ବି
ଜୟ କରିପାରେ ସେ ସମଗ୍ର ରାଜ୍ୟ
ଲୁଣ୍ଠନ କରିପାରେ ସମସ୍ତ ସମ୍ବଳ ।

ଏବେ ଯେଉଁଠିକି ଦେଖିଲେ
ଲାଉଡ଼ଙ୍କମାନଙ୍କର ଭିଡ଼
ମଥାନ ମାଟି ମଞ୍ଚା
ସିଂହାସନ ଠୁ ଦରବାର ଓ
ଜୀବନ ଠୁ ମୃତ୍ୟୁ ।

ଏବେ ମଞ୍ଜି ନୁହଁ
ଡଙ୍କରୁ ଡଙ୍କ ହୋଇ
ଲାଉଡ଼ଙ୍କ ମାନେ
ଆଶା ଆସକ୍ତି ସ୍ୱପ୍ନ ସହ
ମୁଣ୍ଡ ଟେକିଲେଣି
ନିଅଣ୍ଟ ମାଟିକୁ ଛାଡ଼ି
ଜିଣିବେ ଆକାଶ ।

♥ ବାଗ୍ ବୃନ୍ଦାବନ,
ବାଲେଶ୍ୱର-୭୫୬୦୦୧
ଫୋନ: ୯୮୫୩୧୫୫୬୦୧



# କଣ ବା ସାଉଁଟିଲ

## ପ୍ରଭାତ ନଳିନୀ ମହାପାତ୍ର

ତୁମେ ସଂସାରରେ ଥାଅ
ବା ଯାଅ ସନ୍ନ୍ୟାସରେ,
ବାଟ ଖୋଜି ପାଅ
ବା ହୁଅ ବାଟବଣା,
ସବୁବେଳେ କିନ୍ତୁ ସାଂଗରେ ଥିବ
ତୁମ ଏକାନ୍ତ ନିଃସଂଗତା,
ତୁମର ଅମାପ ଦୁଃଖ,
କିଛି ଲୁହ ଆଉ କିଛି
ଅନ୍ତରଂଗ ଦୀର୍ଘଶ୍ୱାସ ।

ତୁମେ ବୁଝି ବି ଅବୁଝା
ସବୁବେଳେ ଏମିତି
ଚାଲିବ ଏକୁଟିଆ,
ଏଇ ନିଃସଂଗ ବାଟରେ
ବେଳେ ବେଳେ ମିଳିବେ ସାଂଗସାଥୀ
କିଛି ବାଂଟିବ ସୁଖଦୁଃଖ
ଅଥଚ ସେମାନେ ଚାଲିଯିବେ ପୁଣି
ନିଜ ନିଜର ବାଟ ଖୋଜି ।

ଏଇ ବାଟ ଖୋଜିବାରେ
ବିତିଯିବ ତୁମ ତମାମ୍ ଜୀବନ
କିଛି ଜମାପୁଞ୍ଜି ସାଉଁଟୁ ସାଉଁଟୁ
ବିତିଯିବ ଫୁଲଫୁଟା ବେଳ,
ବାଟ ଶେଷରେ
ଖାଲି ଥିବ ନିର୍ମମ ସୂର୍ଯ୍ୟାସ୍ତ ।

ଫେରି ଚାହିଁ ତୁମେ ଭାବିବ
କେବେ ଦେଖିଥିଲ କି ଇନ୍ଦ୍ରଧନୁ !
ମୟୂରୀର ନାଚ !
ଶୁଣିଥିଲ କି ପକ୍ଷୀମାନଙ୍କ କଥା,
ଚାରିଆଡ଼େ ଖୋଲାମେଲା ବେଳେ
ତମ ମନ ତ ଥିଲା ନିବୁଜ ଦୁର୍ଗଟିଏ ।

କଣ ଗଢ଼ିଲ କଣ ଭାଂଗିଲ
ଭାବିବା ବେଳକୁ
ସରିବା ସରିବା ହେଉଥିବ
ଦୀପରୁ ତେଲ,
ସତ କହ କେତେ କଣ ସାଉଁଟିଲ ସାଗର ବେଳାରୁ ?

♥ ଅବସରପ୍ରାପ୍ତ ପ୍ରାଧ୍ୟାପିକା
ସାମରାଇପୁର, ଭଦ୍ରକ
ଫୋନ: ୯୪୩୭୧୯୩୯୪୦


▲କବି ପ୍ରଭାତ ନଳିନୀ ମହାପାତ୍ର


▼କବି ତନ୍ମୟୀ ପଣ୍ଡା

# ଭୋକ

## ତନ୍ମୟୀ ପଣ୍ଡା

ପ୍ରତି ରାତି
ମୁଁ ତୋତେ ଭୋଗେ
ଅବଶ୍ୟମ୍ଭାବୀ ମୃତ୍ୟୁକୁ ଭୋଗିଲା ଭଳି
ଛଟପଟ ହୁଏ ତୋ ପାଇଁ
ତୋ ଚାପୁଡ଼ା ଗୋଇଠା ଖାଉଥାଏ
ତମାମ୍ ରାତି ଯାକ ।

ତୁ ଖୋଜୁ ଖଣ୍ଡେ ରୋଟି
ଟିକେ ଗୁଡ଼ର ଟୁକୁରା
ଏ ହଳେ ହାତ, ହଳେ ପାଦ
ଯଥେଷ୍ଟ ନଥାଏ ଯୋଗେଇବାକୁ ସେତିକ ।

ତୁ ଯା' ଚାଲିଯା' ମୋ ଠୁ
ତୋତେ ଆଉ ମୁଁ ଭୋଗିବାକୁ ଚାହୁଁନି
ହୁଁ ! ତୁ ବା କ'ଣ ଯିବୁ
ତୁ ପା' ସେ ଯାଏଁ ଥିବୁ
ଯେ ଯାଏଁ ଏ ପିଣ୍ଡରୁ ପ୍ରାଣଟା ଯାଇନି !

♥ କନିକା ଛକ, କେଉଁଝର କଲୋନୀ,
କଟକ-୭୫୩୦୦୮
ଫୋନ: ୮୯୧୭୩୯୨୨୪୭


▲ରୂପାୟନ : ଶୁଭଶ୍ରୀ ମହାପାତ୍ର

# ତୁମେ ଚିହ୍ନିଥିବା ନାରୀ ଜଣକ ମୁଁ ନୁହେଁ

ପ୍ରୀତିଲେଖା ଦାସ

ସେ, ମୁଁ ନୁହଁ,
ଯାହାକୁ ଗିଳିଦେବ
ତୁମ ଅହଙ୍କାରୀ ଭୋକ ।

ସେ, ମୁଁ ନୁହଁ,
ଛାତି ବୋଇଲେ
ଦିନେ ଥିଲା ଯା'ର
ପବନରେ ଫାଟି ଦରାଦରା ହୋଇଯାଇଥିବା
ଚାଖଣ୍ଡେ କଦଳୀ ପତର
ଯାହାକୁ ଲକ୍ଷ୍ୟ କରି
ବର୍ଚ୍ଛା ଫିଙ୍ଗିବା ଆଳରେ ତୁମେ ସ୍ପର୍ଦ୍ଧା
ସାମ୍ନାରେ ତା'ର ଛିଡ଼ା ହୋଇ ଯାଉଥିଲା
ଅତୀତରେ ଅନେକଥର ।

ଦୁର୍ବଳତାର ଘେରିବନ୍ଧ ଭାଙ୍ଗି
ଶୀକାର କରିବାକୁ
ତା'ର ଯାବତୀୟ ନିରୀହତା
ଜନନୀ, ଭଗିନୀ, ଜାୟା
ଯାଚି ଦେଉଥିଲ କେବେକେବେ ପୁଣି ତାକୁ
ଦେବୀର ଆସନ ।

ସେ, ମୁଁ ନୁହଁ ।
ଭକ୍ତିରେ ପାଦ ଛୁଅଁ
ଅବା, କାମୁକତାରେ ଓଠ
ନିଜ ଭିତରେ ଖପରା ବନି
ଉପରକୁ ଦିଶୁଥିବି
ମୁଁ ଗୋଟା ମାଟିଘଟ ।

ସେ, ମୁଁ ନୁହଁ ।
କାନ୍ଧରେ ପକାଇ ନିଜ ଶବ
ନେହୁରା ହେବି
ସମୟର ଚୌମଥାରେ ଗଢ଼ିଦେବାକୁ
ତୁମ ନିହାଣ ମୁନରେ
ମୋର ଲହୁ-ଲୁହର ସ୍ଥାପତ୍ୟ ।

♥ ଭୋଇସାହି, ବାଲେଶ୍ୱର-୭୫୬୦୦୧
ଫୋନ: ୯୮୫୩୩୪୪୬୮୮



# ମୁଠେ ପାଉଁଶ

ସୁଜାତା ମହାପାତ୍ର

ଧୂସର ଶୀତରାତିର ଜଙ୍ଗଲୀ ନିଆଁ
ତୋ ଦେହର ପ୍ରତିଟି ଶିରାରେ
ଲହ ଲହ କେନା ତାର ଛୁଇଁଯାଏ
ମୋ ଯାବତୀୟ ଇଚ୍ଛା ଅନିଚ୍ଛାରେ
ଜଳିଯାଏ, ଜାଳିଦିଏ ସ୍ୱଧର୍ମରେ ।

ସକାଳକୁ ଗଦାଏ ପାଉଁଶ ହିଁ ତାର ପ୍ରାପ୍ତି !

ନିତି ନିତି ସଂଜ ହେଲେ ସେ ଜଳେ
ଫଟା ଓଠ, ଫଟା ମୁହଁର ଦାୟରେ ।
ଜଳେ, ଭସ୍ମ ହୁଏ, ହଜେ
ପୁଣି ଜୀବନ୍ନ୍ୟାସ ପାଏ ମୁଠେ
ପାହାନ୍ତିଆ ରୂପା କାକର ଛୁଆଁରେ ।

ପାପୁଲିଏ କିରଣ ଓ
ମୁଠେ ମେଘର ଲୋଭରେ !

ଶାଗୁଆ ପତ୍ରମାନେ ରଙ୍ଗ ବଦଳାନ୍ତି,
ଧୂସର ପଥର ଗୁଣ୍ଡକୁ ପିଠିରେ ବୋହି
ଲଢୁଥାନ୍ତି ଜୀବନ ଓ ମୃତ୍ୟୁର ସଂଗ୍ରାମ,
ସାବ୍‌ଜା ପାହାଡ଼ ମାଖିହୁଏ ମାଟିରଙ୍ଗ
ତୁ କିନ୍ତୁ ନିରୁତ୍ତର, ହୁଏତ ଅଭିମାନରେ ।

ଠିକ୍ ବେଳେ ସୂର୍ଯ୍ୟ ଉଏଁ
ଶୋଷିନିଏ ରାତିର ଜହ୍ନ
ପ୍ରେମ ପଖଳା ଚିହ୍ନମାନଙ୍କରେ
ଭରିଦିଏ ବିଷ ଓ ଅମୃତ
ସବୁ କିଛି ସ୍ୱଅନୁପାତରେ

ତୁ କିନ୍ତୁ ନିର୍ବାକ୍, ନିଶ୍ଚଳ !

ପ୍ରକୃତି ଓ ପୁରୁଷ
କେବେ ପ୍ରେମରେ
କେବେ ଆବଶ୍ୟକତାରେ
ଲୁଟୁଥାନ୍ତି ପରସ୍ପର
ନିଜ ନିଜ ବେଖାତିର୍‌ପଣରେ
ବଢୁଥାଏ ତାପ,
କେବେ ଦେହରେ, କେବେ ବାୟୁରେ !

ତଥାପି ବି ନିରବ ତୁ !

ମର୍ଯ୍ୟାଦାର ସୀମାରେ ଆବଦ୍ଧ ତୋର
ଏହି ଭୟଙ୍କର ନିଃଶବ୍ଦତା ଆଉ କେତେଦିନ ?

ସୁଦୀର୍ଘ ରାତିଟିଏ ପରେ ମୁଁ ଏବେ
ପୂର୍ଣ୍ଣ ମୁଠେ ପାଉଁଶ ପାଲଟିବାର ପୂର୍ବ ପ୍ରସ୍ତୁତିରେ !

♥ ଶିବାନୀ ଏନ୍‌କ୍ଲେଭ୍, ବମୀଖାଲ କେନାଲ
ରୋଡ଼, ଭୁବନେଶ୍ୱର-୭୫୧୦୧୦
ଫୋନ:୯୪୩୭୩୬୦୯୬୪



# ଝିଅ ପାଇଁ କବିତା

## ପିନାକୀ ମିଶ୍ର

ଯଉବନ ତ
ଚବଚବ ଚହଲା ପାଣିର ଢେଉ
ଟିକିଏ ପବନଛୁଆଁରେ
ବାଟ ହୁଡ଼ିବାର ଶଂକା ଅଛି,
ଯେତେ ସଳଖେଇ ଚାଲ୍
ବା'ବତାସ, ହାହୁତାସ
ରଂଗ ତୋର ଫିକା ପଡ଼ିଯିବ
ଅଦିନଅସ୍ତ ଘନେଇବ ।

ଗମ୍ଭୀର ଥା'ରେ ଝିଅ
ମୁକୁଳା ହବୁନି, ଲଟେଇବୁନି
ଲୁଚେଇ ଦେ ହଳଦୀମଖା ଦେହ,
ଏକୁଟିଆ ଯା'ନା ନଈକୁ, ମୁହଁସଂଜ ତୋଟାକୁ
ନିଆଁକୁ, ପାଚେରୀତଳ ଛଦ୍ମହସକୁ
ଯା'ନା ବିଲକୁ, ବଣକୁ, ବଜାରକୁ
ପରତେ ଯା'ନାରେ କାହାକୁ
କି ଯୁବା, କି ବୁଢ଼ା କାମାନ୍ଧର ବୟସ ନଥାଏ ।

ସ୍ୱାଧୀନତା, ସ୍ୱାଧୀକାର ଯାଉ ମ ଚୂଲିକୁ
ଏ ସମାଜ ଚଳଣିର ନାଁ ନାହିଁ କି ବର୍ଣ୍ଣ ନାହିଁରେ,
ଜାନ୍ତବକ୍ଷୁଧା ଏବେ ପ୍ରବଳତର
ଜନ୍ତୁ ହଜିଲେଣି ମଣିଷର ଭିଡ଼,
ସବୁ ପାରିଦେବୁ ବୋଲି ମନ କରନା ଧନରେ
ଆଗେ ସଜିଲ କର ତୋ ନୟନପିତୁଳା ଦେହ
ଗୋଟେ ଅଜଣା ଦ୍ରୋହରେ ଅସ୍ତ୍ର ବନିଯା' !

ଯୁବତୀ ବୟସ ତୋର
ସାତ ସପନ ତେର ଉଡ଼ାଣ ନେଇ ବଢୁଛୁ,
ଆଗେ ପରଖିଲୁଣି ନା ଅଶିଣ ମାଘ
ଜାଣିଲୁଣି ନା ଏକମୁହାଁ ଚଳିବାର ବାଗ ( ! )
ଏଠି ସେଠି ଓହ୍ଲେଇ ପଡ଼ିବୁନି
ଖରାଫୁଲ ପଡ଼ିଥିବ ବନ୍ଧ ତଳେ
ଘାରି ହେଉଥିବ ମାଟି
କପାଳ ପିଟୁଥିବ ବାପ
ଗର୍ଭ ଅଣ୍ଡାଳୁଥିବ ମାଆ ।

ଝିଅରେ ଟିକେ ଟାଣ୍ ହ,
ବିଶ୍ୱାସ ରଖିଥା' ନିଜ ଛାତିରେ
ତଳେ ପଡ଼ିଲେ ନବଖଣ୍ଡ
ସବୁ ପାରିଦେବୁ ଯେ
ଆଗେ ଅସ୍ତ୍ର ବନିଯା'
ଛେଦି ପାରିବୁ ପାଂଶୁଳ ହାତ ।

ତୋ ଲାଗି ବାପ ସବୁଥିକୁ ତୟାର୍
ନଈ କ'ଣ ସମୁଦ୍ର ବି ଡେଇଁବ
ତୋ ଲାଗି ଥନ ଭାଙ୍ଗିଛି ମାଆ
କାଳିଜାଇ ମେଘ ଆସିବନି ତ !

ଝିଅରେ
ଭରଷା ଭାଙ୍ଗିବୁନି
ନ ହେଲେ ଦାଣ୍ଡ କଅଁଳଖରାକୁ କି ଉତ୍ତର ଦେବି !
ପୂବେଇପବନ ତୋ ଠିକଣା ମାଗିବ
ଏ ଘର, ଗାଁଦାଣ୍ଡ ମୋତେ ମଶାଣି ସରି ଗାଂଜୁଥିବ ରେ ।

♥ ଚର୍ଚ୍ଚ ପାଖ, ଜେଲରୋଡ଼, କେନ୍ଦୁଝର-୧
ଫୋନ:୯୪୩୮୧୧୮୩୯୭



ଉପସ୍ଥାପନ : ଶାଶ୍ୱତୀ ପଣ୍ଡା

ପିନାକୀ ମିଶ୍ର



# ବୋଧହୁଏ ସେ ଥିଲା ଜଣେ କବି !

**ଶ୍ରୀହରି ଧଳ**

ଯେଉଁ ରକ୍ତ ଟୋପାକରେ
ଧୋଇ ଆସିଲୁ ହାତ,
ମେଣ୍ଟେଇଲୁ ଶୋଷ ।
ବୁଝିଲୁ କି
ସେ ରକ୍ତର ଲାଲ୍ ରଙ୍ଗ ହିଁ
ପକ୍ଷୀର ପ୍ରେମିକ ପଣ ।

ଯିଏ ସଜେଇଥିଲା
ପ୍ରବାଳ ରଙ୍ଗରେ ସୂର୍ଯ୍ୟଙ୍କୁ
ଲାଲ୍ ରଂଗରେ ଫୁଲକୁ ।

ଆମେ ଚୁପ୍ କରି ସାରିଥିଲୁ
ଗୀତ ଗାଉଥିବା ପକ୍ଷୀକୁ ।
ଗୀତରୁ ଓହ୍ଲେଇ ଦେଇଥିଲୁ
ଲାଳିତ୍ୟ ।

ଗୋଟେ କରୁଣ ଆଖିରେ..
ନିର୍ବାକ୍ ବିଳାପ ଆମ ଅସ୍ତ୍ର ଠୁ
ବେଶୀ ଦାଢ଼ ନଥିଲା ବୋଧହୁଏ
ବିଦ୍ଧ କରିବାକୁ ଛାତି ।

ଆମେ ପାଶବିକ ହେଣ୍ଟାଳରେ
ଥରେଇ ଦେଲା ବେଳକୁ
ସାରା ଜଙ୍ଗଲ
ବୋଧହୁଏ ଏକାନ୍ତରେ
କାନ୍ଦୁଥିଲା କେହି !



◀ ଫଟୋ ଶ୍ରୀହରି ଧଳ

ବୁଝୁଥିଲା ଫଟା ଛାତିର
ବେହାଗ
କରୁଣ ଆଖିର ନିର୍ବାକ୍
ଭାଷା ।
ବୋଧହୁଏ
ସେ ଥିଲା ଜଣେ କବି
ଯିଏ ହୁଙ୍କା ପେଟରୁ
ଫେରୁଥିଲା
ଝିନ ଜହ୍ନ ଆଲୁଅରେ
ଶବ୍ଦ ଶୀକାରକୁ

ସେ ହିଁ ଗଢୁଥିଲା
ନିକାଂଚନରେ
ଶୋକରୁ ଶ୍ଲୋକ
ତୋଳୁଥିଲା
କଷ୍ଟର କଣ୍ଟା
କୋଳରୁ
କବିତାର ସଜଫୁଲ ।

♥ ତାଉଁତରା, କପାସି,
ଚିତାଳୋ, ଯାଜପୁର
ଫୋନ:୯୪୩୮୪୩୭୦୯୨

# ଝର୍କା ସେ ପାଖର ମୁହଁ

**ନୃସିଂହ ତରାଇ**

ଝର୍କା ଖୋଲିଲେ
ଶିର୍‌ଶିର୍ ପବନର
ବିଭୋର ବିତାନ,
ଦିଶିଯାଏ ଦୂର ଦିଗ୍‌ବଳୟ ।


ଆକାଶର ରଙ୍ଗ ହୁଏ
ରତିମଗ୍ନା
ଛୁଏଁ ମାଟି, ଆଖି ଆଉ
ହୃଦୟର ଧାର
ଝର୍କା ଆରପାଖେ
ଦିଶେ କେଉଁ ଅଲିଅଳି
ରାଜଜେମା ମୁହଁ ପରି
ଉଦିତ ଅରୁଣ ।

ଫୁଲଫୁଟେ ଅସୁମାରୀ
ବାସ୍ନାସବୁ ଛୁଏଁ
ଓଠ ଓ ନିତମ୍ବ
ନିବିଡ ବଂଧନ ପରି
ବୋଳିହୁଏ ଚେତନାର ଚଉପାଶେ
ରଙ୍ଗ ବୁଣିବୁଣି ।

ଝର୍କାର ଝରଣା ଡେଇଁ
ଖରା ଛୁଏଁ, ଦେବଦାରୁ ଗଛ
ଅଟ୍ଟାଳିକା ଶୀର୍ଷ ଏବଂ
ସମୁଦ୍ର ସୈକତ,
ଗୋଧୂଳୀର ଅବକାଶ ପରେ
ତାରାମାନେ ତଲ୍ଲୀନ ହୁଅନ୍ତି
ଜହ୍ନ ଆଲୁଅରେ ।

ଡେଙ୍ଗା ଗଛ, ପାହାଡ ଓ
ବତୀଖୁଣ୍ଟ ଲଂଘି
କିଏ ଯାଏ ପଥ ଖୋଜି,
ପ୍ରେମ ଖୋଜି
ଖୋଜି ଖୋଜି ଅସରନ୍ତି ସ୍ୱପ୍ନ
ମୋ ଆଖିର ପରଦାରେ
ଲୁଚକାଳି ଖେଳେ
ଝର୍କା ସେପାରିର
ଦୃଶ୍ୟ ଅନୁପମ ।

♥ ପୂର୍ବତଟ ରେଳପଥ,
ଭୁବନେଶ୍ୱର
ଫୋନ : ୭୯୭୮୩୮୧୨୧୩



◀ ଫଟୋ ନୃସିଂହ ତରାଇ





# ଦ୍‌ବାସ୍ତୁ


## ସ୍ୱପ୍ନା ମିଶ୍ର

୧୨୦୩/ସି, ନୀଳକଣ୍ଠନଗର,
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଫୋନ: ୮୨୪୯୭୭୫୫୬୧


ଚିତ୍ର ଅଳଂକରଣ : ମାନମୟୀ ରଥ



**କାହାଣୀ ପଛର କାହାଣୀ**

ପାହାଡ଼ରେ ରହୁଥିବା ମଣିଷମାନଙ୍କୁ ମୁଁ ଦେଖିଛି । ସେମାନଙ୍କ ଜୀବନଧାରା ଓ ଚଳଣି ଆଦିକୁ ଭଲ ଭାବରେ ଜାଣିଛି । ଯେତେବେଳେ ଏ ଘଟଣାଟି ମୁଁ ଶୁଣିଲି ଓ ତାର ଭିଡ଼ିଓ ଚିତ୍ରଟି ଦେଖିଲି ସେତେବେଳେ ସେ ଲୋକମାନଙ୍କର ଅସହାୟ ଓ ଅନିଶ୍ଚିତ ଜୀବନ ମତେ ଜଳଜଳ ଦିଶିଗଲା । ଘଟଣା ବିଷୟରେ ମୁଁ ସବିଶେଷ ଖବର ନେବା ପରେ ତାକୁ ଗଳ୍ପରୂପ ଦେବାକୁ ଚେଷ୍ଟା କଲି । ଗଳ୍ପଟି ସଂପୂର୍ଣ୍ଣ ସତ୍ୟ ଘଟଣା ଉପରେ ଆଧାରିତ । ମୁଁ ଏଥିରେ ଆଦୌ କାଳ୍ପନିକତାର ପ୍ରୟୋଗ କରିନାହିଁ ।

ସ୍ୱପ୍ନା ମିଶ୍ର

ଦୂରରୁ ଦେଖିଲେ ଲାଗିବ ଆକାଶକୁ ଛୁଉଁଥିବା ପାହାଡ଼ଟାଏ । ନହେଲେ ଥାକଥାକ ନୀଳିମାରେ ସଜ୍ଜା ନୃତ୍ୟରତା ପ୍ରକୃତି । ବର୍ଷା ଝୋଝୋ କୁଟୁଥିବା ବେଳେ ଦିଶୁଥିବ ଇନ୍ଦ୍ରଭୁବନ ପରି ଆଉ ଝକଝକ ଖରାରେ ଯେମିତି ସୁନାସୂରୁଜର ଦେଶ ।

ଗୋଟିଏ ପାଖରେ ବହି ଯାଉଛି ଦରପନି ଝରଣା । ଏତେ ସଫା ପାଣି ଯେ ଦର୍ପଣରେ ମୁହଁ ଦିଶିଲା ପରି ସଫା ପାଣିରେ ତାର ମୁହଁ ଦିଶିଯାଏ । ସେଇ ଝରଣାକୁ କାଟି ଚାଷଜମି ଯାଏ ବୁହେଇ ନେଇଚନ୍ତି ଲୋକେ । କେତେ ନା କେତେ ପିଢ଼ି ଧରି ସେଇ ପାହାଡ଼ ଘେରରେ

ବହି ଚାଲିଥିଲା ଜୀବନର ସୁଅ କିଏ ବା କହିବ ସେକଥା ?

କଣ ବା ନାହିଁ ଯେ ଏଠି ! ପ୍ରକୃତି ଯେମିତି ପାହାଡ଼ର ଥାକମାନଙ୍କରେ ଭରି ଦେଇଚି ସମ୍ପଦ ମଣିଷମାନଙ୍କ ଲାଗି । କୋଉ ଥାକରେ ଜମି ଚାଷ କରିବା ପାଇଁ, କୋଉ ଥାକରେ ଜଙ୍ଗଲ ଗାଈଗୋରୁ ଚରେଇବା ପାଇଁ, କୋଉଥାକରେ ଝରଣା ତ ଆଉ କୋଉ ଥାକ ଟିକେ ସମତଳିଆ ଘରଦୁଆର ବସେଇ ରହିବା ପାଇଁ ।

ବାଟଘାଟ ନାହିଁ ସିନା, ଚାଲୁଚାଲୁ ବାଟଖଣ୍ଡେ ଫିଟି ଯାଇଚି ଯୁଗସାଇପାଟଣା ଯାଏଁ । ମଣିଷର ପାଦ ତ ! ଯୋଉ ବାଟରେ ଚାଲିଲା ସେଇଟା ତା ପାଇଁ ବାଟ ହେଇଗଲା । ମଣିଷ ଚାଲିବ ଆଉ ମାଟି ତାକୁ ବାଟ ଛାଡ଼ିବନି, ସେମିତି ହୁଏନି ଏ ଜଙ୍ଗଲ ରାଇଜରେ । ବାଟ ଜଗିଲେ ଜଗନ୍ତି ପୋଲିସ୍, ସରକାରୀ ଲୋକ । ନହେଲେ ଜନ୍ତୁଜୁନ୍ତା ବି ବାଟ ଜଗନ୍ତିନି ଏଠି କାହାର । ଜନ୍ତୁ ଜୁନ୍ତାଏ ତାଙ୍କ ବାଟରେ ଯାଆନ୍ତି, ମଣିଷ ଯାଏ ତା ବାଟରେ ।

ମହୁଲ ଗଛ ତଳେ ବସି ଦେଖୁଥାଏ କିନିରି । ଆକାଶ ଉପରେ ଥାଇ ଡାକୁଚି ଆ, ଆ । ଏଇ ଉଡ଼ନ୍ତା ଚଢ଼େଇମାନଙ୍କ ପରି ଉଡ଼ି ଉଡ଼ିଆ ଲୋ ପରୀ । ଉଡ଼ିଲେ ଜାଣିବୁ ଉଡ଼ାଣରେ କେତେ ଉଲ୍ଲାସ । ସବୁବେଳେ ସେଇ ମହୁଲ ଗଣ୍ଡିକୁ ଆଉଜି ବସି କଣ କରୁଚୁ ଯେ ! ଆ, ମୁଁ ନୀଳ ବୋଳିଦେବି ଦେହରେ ତୋର । ସୂରୁଜ ଠୁ ସୁନାରଙ୍ଗ ଆଣି ଗଢ଼ିଦେବି ଗଡ଼ଣା । ଇନ୍ଦ୍ରଧନୁର ରଙ୍ଗରେ ଚିତା କୁଟେଇ ଦେବି । ଦେବି ଫୁଲର ହାର । ନାକକୁ ଦେବି ସୁନାର ବାଙ୍କୀ ।

ଏଣେ ସବୁଜ ଜଙ୍ଗଲ କହେ, ଫୁଲମାନଙ୍କ ଭିତରେ ତୁ ବି ଫୁଲଟେ ପରି ଦିଶୁଚୁ ଲୋ କିନିରି । ଦେଖ୍ କେତେ ପ୍ରଜାପତି ଏଠି । ଦେଖ୍ ତାଙ୍କ ପିଠିରେ ଠା’ କୁ ଠା’ କେତେ ଚିତ୍ର ବିଚିତ୍ର । ଘାସ ଉପରେ ଡେଇଁ ବୁଲୁଥିବା ଝିଣ୍ଟିକାମାନଙ୍କ ପରି ତୁ ଯେବେ ମୋ କୋଳରେ ଡେଇଁ ଡେଇଁ ଯାଉ ମୋର କଣ ମନେହୁଏ ଜାଣିଚୁ ? ତତେ ଚାପି ଧରନ୍ତି ମୋ ଛାତିରେ । ଏଇ ପ୍ରଜାପତି ଫୁଲକୁ ଚୁମିଲା ପରି ଚୁମି ପକାନ୍ତି ତୋ ଗାଲ । ତୁ କେତେ ସୁନ୍ଦର ଲୋ କିନିରି । ଦେଖ୍ ଗୁଣ୍ଡୁଚିମୂଷା ମାନେ କେମିତି ଏ ଡ଼ାଳ ସେ ଡାଳ ହେଉଚନ୍ତି । କେମିତି ଧାଇଁଯାଇ ଗଛ ଉପରେ ଚଢ଼ି ଯାଉଚନ୍ତି । କୁରେଇ ଫୁଲ ପବନରେ ପହଁରି କେମିତି ତୋ ସହ ସାଙ୍ଗ ହବ ବୋଲି ଡାକୁଚି ଦେଖ୍ । ଦେଖ୍ ଦେଖ୍ ସେ ଗଛଡାଳକୁ । ସେ ଚଢ଼େଇ ତା ଛୁଆଙ୍କୁ ଜଗି କେମିତି ବସିଚି ଚୁପ୍‌ଚାପ୍ ସେ ଗଛ ଡାଳରେ । ହଲ୍‌ଚଲ୍ ନାହିଁ । ତା ଅଣ୍ଡିରା ଯାଇଚି ତା ପାଇଁ ଖାଦ୍ୟ ଆଣିବାକୁ । ବୁଢ଼ିଆଣୀକୁ ଦେଖୁନୁ ଜାଲିଜାଲି ସୂତାରେ ଲୁଗା ବୁଣି ଲାଗିଚି । ଚାରିଆଡ଼େ କଅଁଳ ଖରା ଲୋ କିନିରି । ଆ, ଖରାରେ ତତେ ଗାଧୋଇ ଦେବି ।

କିନିରି ହସେ ମନେମନେ । ମହୁଲଗଛ ଉପରୁ ପାଚିଲା ପତରଟିଏ ପଡ଼େ ତା ପାଖରେ । ତା ହସରେ କଅଁଳ ଶୀତଳ ପବନ ଧାରେ ବହିଯାଏ ତା ଦେହକୁ ଛୁଇଁ ଦେଇ ।

ସାମ୍‌ନାକୁ ଚାହେଁ କିନିରି । ସାମ୍‌ନାପଟ ଥାକରେ ତା ଘର । ଡାବୁ ଛଣରେ ତିଆରି । ଦାଣ୍ଡ ଓ ବାରି ପଟକୁ ଅଧିକ ଟିକେ ଲମ୍ବି ରହିଥାଏ ଛାଉଣି । ଘରର କାନ୍ଥମାନଙ୍କୁ ନାଲି ଆଉ ଧଳା ରଙ୍ଗର ମାଟିରେ ଲିପି ଝୋଟି ଆଉ କେତେ କଣ ଚିତ୍ରରେ ସଜେଇଚି ସେ ମା’ ସହିତ । ତା ଗାଁରେ ଘରମାନଙ୍କ ଭିତରେ ଫାଙ୍କ ନାହିଁ । ସବୁ ଘର ଲଗାଲଗି । ଯେମିତି ଗୋଟିଏ ଛାତ ତଳେ ରହିଚନ୍ତି ପୁରା ଗାଁ ଯାକର ଲୋକ । ଥାକର ଏ ପାଖେ ଧାଡ଼ିଏ ଘର ସେପାଖେ ଧାଡ଼ିଏ ଘର ।

ଏଁ ଏ କୋଉ କଥା ଭାବୁଚି ସେ ! ଏଇ ତାରି ଆଗରେ ଗାଁଲୋକ ସଭିଙ୍କ ମୁହଁରେ ତ ପୋଲିସ୍‌ବାବୁ ସରକାରବାବୁ କହିଦେଇ ଗଲେ ଏଠି ଘର କରି ପାରିବେନି ସେମାନେ ।

କୁଆଡ଼େ ଯିବେ ତେବେ ? ମେଘରାତି ପରି ଦୁଲୁଦୁଲୁ କରି ଉଠେ ଛାତି । ସୁନାକର ସାଙ୍ଗରେ କଣ ଆଉ.... । ଏଇ ଟାଙ୍ଗୀଗୁଡ଼ା ତାର ସେ ପାହାଡ଼ ଥାକର ଗାଁ ନୁହଁ । ଏ ଗାଁ ପ୍ରକୃତି ମା’ ରଖିନଥିଲା ତା’ପାଇଁ । ସେମାନେ ଗଢ଼ିଛନ୍ତି ଏ ଗାଁକୁ । ଯୁଗସାଇପାଟଣାରୁ ଛଅ କିଲୋମିଟର ଶଗଡ଼ାରୁ ନଅ କିଲୋମିଟର ଦୂର ଏ ଜମି ଖଣ୍ଡକୁ ଖୋଜି ଖୋଜି ଗାଁ ଯାକର ଶହେ ଚଉଷଠି ଲୋକ ଆସି ପହଞ୍ଚିଥିଲେ ଏଠି ।

ମାଁ ତାର ଚୁଲିରେ ଜାଳ ଭରୁ ଭରୁ କହେ, କିଏ ଚାହେଁ ପୁରୁଷ ପୁରୁଷର ଗାଁ ଘର ଛାଡ଼ି ଆସି ଜଙ୍ଗଲ ପଦାରେ ଘର କରି ରହିବ ବୋଲି ଯେ ! ପ୍ରକୃତି ଦାଉ ସାଧିନଥିଲେ ସେମାନେ ତ ସେଇଠି ଥାନ୍ତେ ତାଙ୍କ ପାହାଡ଼ି ଗାଁରେ । ଜମି ଚଷି, ଗୋରୁଛେଳି ଚରେଇ ଯାହିତାହି ଚଳି ଯାଉଥାନ୍ତେ । ଆଜିର ଏ ହଟହଟା ଗୁଲୁଗୁଲା ଦିନ କାହିଁ ବା ଦେଖିଥାନ୍ତେ ?

ହେଲେ ସବୁଦିନ କି ସମାନ ଯାଏ ! ଦୈବ ଚଡ଼କକୁ କାହାର ବା ହାତ । ମାଆ କାନ୍ଦୁଣୁମାନ୍ଦୁଣୁ ହେଇଯାଏ ।

ହେଲେ ବାପା ତାର ବୁଝେଇଲା ପରି କହେ, ଏତେ କାଳ ଯୋଉ ମୋ ବାପଦାଦି ତା ବାପଦାଦି ସେ ଗାଁରେ ରହି ସେଇ ଜମିର ମାଟିପାଣି ଖାଇ ଆମକୁ ଉପୁଜେଇଲେ, କାଳକାଳ ଧରି ଆମକୁ ଯିଏ ବଞ୍ଚେଇ ରଖିଲା ନିନ୍ଦିବୁନି ତାକୁ ବୁଢ଼ୀ ମାଆ । ପାପ ହେବ । ସଂସାରରେ କୋଉ ଜିନିଷଟା ଥାଇଚି ହେଇଚି ଯେ ପାହାଡ଼ଟା ରହିଥାନ୍ତା ! ଏବେ ବି ଆମ ଦିହର ମାଂସ ରକ୍ତରେ ତାରି ମାଟି ପାଣି । କହୁନୁ ସୂରୁଜ ସକାଳେ ଆସି ସଞ୍ଜକୁ ଯାଉଚି ନା ସେନ୍ତି ଆକାଶରେ ରହିଛି ? କହୁନୁ ଗଛଟାଏ ଛୋଟରୁ ବଡ଼ ହେଇ ଦିନେ ବୁଢ଼ା ହେଇ ମରୁଚି ନା ଯୁଗଯୁଗ ଧରି ସେଇନ୍ତି ରହିଚି । ତମେ ଆମେ ମଣିଷମାନେ ବି ତ ସେୟା । ଜନମ ହେଇଚେ ଦିନେ ପୁଣି ମରିବା । ଆଉ ପାହାଡ଼ କଥା କଣ କହୁଚୁ !

ଦେଖୁନୁ କି କୁଆଡୁ କୁଆଡୁ ସରକାର ପହଁଚି କମ୍ପାନୀ ଲୋକଙ୍କୁ ଯେ ରାକ୍ଷସ ପରି ଗୋଟା ଗୋଟା ପାହାଡ଼ ତାଡ଼ି ଖୋଳି ଖିନ୍‌ଭିନ୍ କରି ଦଉଚନ୍ତି । ଖଣି ଖୋଳି ପାହାଡ଼ ପେଟରୁ ରାମ୍ପି ବିଦାରି ଯାହା ପାଉଚନ୍ତି ନେଇ ଯାଉଚନ୍ତି ।

ହେଲେ ଆମେ ଧର୍ମୁ, କଟିଙ୍ଗିରି ଦୟାରୁ ସେ ଲୋକେ ଆମ ପାହାଡ଼କୁ ଭାଙ୍ଗି ନାହାନ୍ତି । ବିଧାତା ଦେଇଥିଲା, ବିଧାତା ଦେଇଚି । ସେଥିଲାଗି ଦୁଃଖ କରିବୁନି । ଲୁହ ଗଡ଼େଇବୁନି ଅଶାନ୍ତି ହବ ଧର୍ମୁ ।



ମା’ ଆଖିରୁ ଲୁହ ପୋଛି ଝିଙ୍ଗାସି ଉଠେ ବାପାକୁ । ଏଇ ବରଷା ଶୀତରେ ଛୁଆପିଲା ଧରି କୋଉଠି ରହିବୁ ଆମେ ? ଧର୍ମୁ ତ କାଇଁ ଦେଖେଇଲାନି । ଭାତ ମୁଠାଏ ରାନ୍ଧି ଦେଇପାରୁନି ଓପାସିଆ ପିଲାଗୁଡ଼ାଙ୍କୁ । ଜଙ୍ଗଲରୁ କାଠ ଖୁଣ୍ଟି ଆଣି ତାଟି ବାନ୍ଧି ମାଟିଲିପି ଘର ବଖୁରାଏ କରିଥିଲି ଯେ ବାଗ୍‌ଧରାମାନେ ଆସି ଭାଙ୍ଗି ଦେଇଗଲେ ।

କହିଲା ବେଳକୁ ଲାଗେ ମା’ ଛାତିରୁ ମାଉଁସ ଖଣ୍ଡ ଖସି ପଡୁଚି ପରା ।

ବାପ ଆଉ ଶୁଣି ପାରେନି ବୋଧେ । ତା ଅନ୍ତରକୁ ଘାଣ୍ଟି ଚକଟି ପକାଏ ମା’ର କଥା । ବରଷା ଦିନେ ଗୋରୁ ଖୁରାରେ ଯେମିତି ଦଲ୍‌ଦଲି ଯାଏ ଗାଁର ରାସ୍ତା ସେମିତି ବାପର ଛାତି ଭିତରଟା ବୋଧେ ଦଲ୍‌ଦଲି ଯାଏ । ସେ ବସିଲା ଜାଗାରୁ ଉଠି ମା’ ଆଡ଼କୁ ଉହୁଁକି ଆସେ ।


– ତୋର ବୋପା ପାହାଡ଼ ଗଢ଼ିଥିଲା କ’ଣ ?

– ତୋର ବୋପା ତୋର ଭାଇ ଚାଷଜମିରୁ କାଠ ଖୁଣ୍ଟା ତାଡ଼ି ସଜାଡ଼ିଥିଲେ କାଏଁ ?

ବେଶୀ ବକବକ କରିବୁ ତ ହାଁ କହି ଦଉଚି ଆନ୍ଧ୍ରା ପଳେଇବି ଆର ମାସରେ । କୋଠା କାମ କରିବି ସେଠି । ତୁ ବସିଥିବୁ ଏଠି ପିଲାଛୁଆ ଧରି ।

ହଁ । ରେ, ଶହେଥର କହୁଚି ଯା ହଉଚି ୩୨ ଘର ଲୋକ ଶହେ ଚଉଷଠି ଜଣଙ୍କ ଲାଗି ସମାନ ହଉଚି । ସଭେଁ ସହୁଚନ୍ତି ନା ନାଇଁ ! ଆଉ କା’ ଘର ମାଇଜି ତ ଏମିତି ତୋ ଲେଖା ରାଉରାଉ ସାଉଁ ସାଉଁ ହଉନି । ସତେ ଯେମିତି ଇଏ ସଜଡ଼େଇ ଦବ ସବୁ ଅସୁବିଧାକୁ । ଗଲୁନି ଆଜି ସେ ତହସିଲଦାର ବାବୁକୁ କହିଥିତୁ । ପୋଲିସ୍ ବାବୁକୁ ଦେଖେଇଥିତୁ ରିପୋର୍ଟ ଯେ ସଜାଡ଼ି ଦେଇଥାନ୍ତା ସେ ତୋ ଘର । ଛେଃ !

ବାପା ଉଠିଯାଇ ଗାଁ ଲୋକେ ଯୋଉ ପଥର ପାଖରେ ବସିଥାନ୍ତି ସେଇଠି ବସେ । ଲୋକଙ୍କ ଭିତରେ ସବୁସଞ୍ଜୀରେ ସେଠି ଆଲୋଚନା ହୁଏ କଣ କରିଲେ କାହାକୁ କହିଲେ ସେମାନେ ଘର ବାନ୍ଧି ରହି ପାରିବେ ସେଠି ।



ଖାଇବାକୁ ଡାକିଲେ ବି ବାପା ପଥର ପାଖରୁ ଆସେନି ।

ପବନ ମାଡ଼ରେ ଧକେଇ ଧକେଇ ଜଳୁଥିବା ଚୁଲିରୁ ଦରଶିଝା ଚାଉଳର ଭାତକୁ ମା ଗାଳେ । ସେଥିରେ ପକେଇଥାଏ ସାରୁ କି ଆଳୁ ଦି’ଟା ।

ଏମିତି ତ ଏବେ ଦିନ ଯାଏ । ରାତିରେ ସେଇ ଗଛତଳେ ଚଟେଇ ପାରି ଶୋଇ ପଡ଼ନ୍ତି ସମସ୍ତେ ।

ସକାଳ ହେଲେ ଆଉ କୁକୁଡ଼ା ଡାକେନି ଏଠି । କୁକୁଡ଼ା, ଗାଈ, ଛେଳି ସବୁ ବିକିଦେଇ ଆସିଚନ୍ତି ସେମାନେ ପାହାଡ଼ ଗାଁ ପାଖରେ । ନିଜ ରକ୍ଷଣ ଯୋଉଠି ଅସମ୍ଭବ ସେମାନଙ୍କୁ ପୁଣି ଆଣି କୋଉଠି ରଖିଥାନ୍ତେ !

ଏମିତି ବରଷା ହେଲା ଚାରି ବରଷ ତଳେ ଯେ ତା ଜନମ ବେଳୁ କିନିରି ଦେଖି ନଥିଲା ସେ ବରଷା । ଘରୁ ପଦାକୁ ବାହାରିବ କଣ ତାଟି ଆଡ଼େଇଲେ ବର୍ଷାମାଡ଼ ଆସି ତାଟି ସହ ପେଲି ଦଉଥିଲା ଭିତରକୁ । ଦିନଦିନ ଧରି ଲାଗିଥାଏ ବରଷା ।

ଦିନେ ରାତିରେ ଖୁବ୍ ଜୋର୍ ଶବଦ ହେଲା । ନା, ଘଡ଼ଘଡ଼ି ଚଡ଼ଚଡ଼ିର ଶବଦ ସେଟା ନୁହେଁ । କି ଗୋଟାଏ ଅଭୁତ ଗର୍ଜନ । ସତେ ଯେମିତି ଶହଶହ ବାଘ ସିଂହ, ଭୂତପ୍ରେତ ଏକା ସାଙ୍ଗରେ ଗର୍ଜନ କରି ଥରେଇ ଦଉଚନ୍ତି ପାହାଡ଼କୁ । ସତେ ଯେମିତି ଭୀମା, ଝାଙ୍କିରି, ମାଇଲି, ହାଡ଼ଖାଇ, ଏନ୍ଦାପେନୁ, କାଙ୍ଗାପେନୁ ସମସ୍ତେ ମିଶି ଯୁଦ୍ଧ ଲାଗିଚନ୍ତି । ପାହାଡ଼ଟା ସେଇଥିପାଇଁ ଥରି ଉଠୁଚି । ଆଉ ଶବଦ ଯେ କାନ ଅତଡ଼ା ପଡ଼ିଯାଉଚି । ଦୁମ୍, ଭୁଷ୍, ସଁ ସଁ, ଘୁ...ଘୁ... ।

କଣ ହେଲା, କଣ ହେଲା ବୋଲି ସକାଳୁ ଦେଖିଲା ବେଳକୁ ଚାଷଜମି ଥିବା ପାହାଡ଼ ଥାକଟା ଭୁଷୁଡ଼ି ପଡ଼ିଚି । ତା ଉପରୁ ବି ବଡ଼ବଡ଼ ପଥର ଖଣ୍ଡ ଗଡ଼ି ଗଡ଼ି ଆସି ମାଡ଼ି ବସିଚି ଜମିରେ ।

ଦେଖି ହାଲୁକ ଶୁଖିଗଲା ଲୋକଙ୍କର । ଜଙ୍ଗଲ ଜମିରୁ ଝାଟି କାଟି ମାଟି ତାଡ଼ି କେତେ କଷ୍ଟରେ କୋଶଳା, ମାଣ୍ଡିଆ କି ସୁଆଁ ଫଳଉଥିଲେ । ସେତକ ବି କୋଉ ସବୁ ବେଳେ ଘରକୁ ଆଣି ପାରୁଥିଲେ ଯେ ! କେତେବେଳେ ଭାଲୁ କେତେବେଳେ ବାର୍‌ହା ଜମିରେ ପଶି ଭାଗ ବସଉଥିଲେ ଫସଲରେ । ହଁ, ସେମାନେ ବି ଖାଇବେ ରହିବେ ଜଙ୍ଗଲରେ, ନହେଲେ ଆଉ ଯିବେ କୁଆଡ଼େ ଏୟା ଭାବି ସହି ହେଇଯାଉଥିଲା ସେ କ୍ଷତିକୁ ।

ହେଲେ ଏବେ ଆଉ ଜମିକୁ ସଜାଡ଼ି କଣ ଚାଷ କରିହେବ ?

ସବୁରି ମନରେ ସେଇ ଗୋଟିଏ କଥା । ଗୋଟିଏ ଚିନ୍ତା । ନହେଲେ ପୁଣି କୋଉଠି ଚାଷ କରିବେ ଯେ ! ଚାଷ ନହେଲେ ଖାଇବେ କଣ ?

ଜଙ୍ଗଲରୁ ସିନା ଛତୁ, ଶାଗ, କୁନ୍ଦୁରୁ, ଫଳ, ମୂଳ, ଅଁଳା, ତେନ୍ତୁଳି, ଆମ କି ଶିମ ଆଣି ନିଅଣ୍ଟିଆ ଦିନକୁ ଅଣ୍ଟେଇ ହେବ ହେଲେ ମୂଳରୁ ଚାଷ ନହେଲେ କୋଉଠୁ କଣ କରି ପେଟ ପୋଷି ହେବ ଯେ ! ଜୀବନ ତ ଥିତିରିବିତିରି ହୋଇଯିବ ।

ହେଲେ ଡାଙ୍ଗଡାଙ୍ଗ ପରି ଦିଶୁଥିବା ହାତ ଗୋଡ଼ରେ କୋଉଠି ବିଧାତା ରଖିଥିଲା ବଳ କେଜାଣି ସେମାନେ ଗାଁ ଯାକର ଲୋକ ପିଲା, ବୁଢ଼ା, ମାଇଜି, ମରଦ ସଭେଁ ପୁଣି ଲାଗି ପଡ଼ିଲେ ଉଜୁଡ଼ା

କ୍ଷେତରେ । ଚାହୁଁଚାହୁଁ କେତୁଟା ମାସରେ ମଲାମଣିଷ ଦେହରେ ଜୀବନ ପଶିଲା ପରି ଉଜୁଡ଼ା କ୍ଷେତ ସଜାଡ଼ି ହେଇଗଲା ଆଗ ଭଳି । ଖୁସି ଯେ ଖୁସି କାଇଁରେ କଣ । ପୁଣି ଜୀବନ ଦିଶିଲା ସହଜ । ଗାଁରେ ଚାଲିଲା ପରବ, ପୂଜାପାଠ ।

ହଁ ହଁ ମନେଅଛି ସେଦିନ ବି କାନିରିର ବାପ କହିଥିଲା– ଆରେ ଏତେ ଗୋଟେ ଡର କଣମ ଜୀବନକୁ ! କିଛି ବୋଲି କିଛି ପରୁଓ୍ୱା ନାଇଁମ ! ପ୍ରକୃତି ତା'ଠୁ ଆମକୁ ଅଲଗା କରି କୋଉ ସୁଖରେ ରହିଚି ନା ରହିବ । ନହେଲେ ଦେଖୁନ ଆମେ ଲଗେଇ ଦେଲେ ଯେ ସେ ହସି ଉଠିଲା କେମିତି । କେମିତି ତା ଗରଭକୁ ସଜାଡ଼ି ଦେଲା ଆମଲାଗି ଦାନା ଉପୁଜେଇବ ବୋଲି ।

ହଁ ସେଦିନ ଜଳଜଳ ଦିଶି ଯାଉଚି କିନିରି ଆଖିରେ ।

କିନ୍ତୁ କେତେଦିନ ରହିଲା ବାପର କଥା । ପାଖୁଡ଼ା ପାଖୁଡ଼ା ଫୁଲ ଡାଳରୁ ଖସି ତଳେ ଭୂଇଁରେ ପଡ଼ିବା ପରି ଫେର୍ ତା ଆର ବରଷ ବି ପାହାଡ଼ ଧସିଲା । ଗୋଟାଏ ଋତୁର ଫସଲ ଘରକୁ ଆଣି ଆର ଋତୁ ପାଇଁ ଜମିକୁ ପାଗ କଲାବେଳକୁ ଏ ଫେର୍ ଘଟିଲା ବିପ୍ରାତ । ଯେମିତି ଛେଳି ଉପରକୁ ବାଘ ଝାମ୍ପିପଡ଼ି ଖିନ୍ନଭିନ୍ନ କରିଦିଏ ଜମି ଉପରେ ପାହାଡ଼ ଧସି ପଡ଼ି ସେମିତି ଅଦରବା କରିଦେଲା ଜମିକୁ ।

ଆହା, ଜମି ଶେଷରେ ସେ ଉପୁଡ଼ି ପଡ଼ିଥିବା ବଡ଼ ଆମ୍ବଗଛ ପାଖରେ ବସି କଥାହେଲେ ଗାଁଟା ଯାକର ଲୋକେ । କିଏ କହିଲା ଏଇଠି ରହିବା । ଆରସନ ପରି ଜମିକୁ ଫେର ସଜାଡ଼ିବା । ତ ଆଉ କିଏ କହିଲା ନା ଆଉ ହବନି । ଏ ଜମିକୁ ସଜାଡ଼ି ଆଉ ଚାଷ କରିବା ମୋଟେ ସମ୍ଭବ ନୁହଁ ।

ଶେଷରେ ଠିକ୍ ହେଲା ଗାଁ ଛାଡ଼ିବେ ସେମାନେ ।

ଗାଁ ଛାଡ଼ିବେ ତ ଯିବେ କୁଆଡ଼େ ?

ଗାଁରେ ରହିବେ ତ ଖାଇବେ କଣ ?

ସରକାର ଯୋଉ ଚାଉଳ ଦଉଚି ତାକୁ ଭରସା କରି କଣ ଘରସଂସାର କରି ଜିଇଁ ହବ ?

ନା... ।

କିନିରି ପଛକୁ ବୁଲି ବୁଲି ଚାହୁଁଥାଏ ।

କେତେ ଜାତିର ରଂଗ ମାଟିରେ ପଟିପଟି କରି କାନ୍ଥ ରଙ୍ଗ କରିଥିଲା ସେ । କୁଟା ଅଙ୍ଗାର ଗୋଳି ଚିକ୍କଣ କଳା କରି ଲିପିଥିଲା ପିଣ୍ଡା । କୁକୁଡ଼ା, ମଣିଷ, ଗଛ କେତେ ଯେ ଚିତ୍ର ଆଙ୍କିଥିଲା ସେଥିରେ ।

**ଆଜି ଛାଡ଼ି କରି ଯାଉଚି ସବୁ । ଆଉ କେବେ ଫେରିବନି ସେ ଏ ଗାଁକୁ । ସେମିତି ମୁଣ୍ଡଟେକି ଠିଆ ହେଇ ଚାହିଁଥିଲେ ଯେମିତି ଘରମାନ ତା ଭିତରେ ଏଯାଏ ରହି ଆସିଥିବା ମଣିଷମାନଙ୍କୁ । ଘର ବି କଣ ଭାବୁଥାଏ କି ତାକୁ ସଜେଇବାକୁ ସଜାଡ଼ିବାକୁ ଆଉ ଫେରିବେନି ଏ ମଣିଷମାନେ । ସେମାନଙ୍କ ହାତ ଛୁଆଁର ଅଭାବରେ ଅରକ୍ଷିତ ପରି ଦିନ କେତୁଟାରେ ମାଟିରେ ମିଶିଯିବ ସବୁକିଛି । ଆଉ ଡୁଙ୍ଗୁଡୁଙ୍ଗା କି ମାଦଲ ବାଜିବନି ଏଠି । ଜହ୍ନରାତିରେ ଆଉ ଶୁଭିବନି ନାଚଗୀତର ଲହର ।**

ଆଜି ଛାଡ଼ି କରି ଯାଉଚି ସବୁ । ଆଉ କେବେ ଫେରିବନି ସେ ଏ ଗାଁକୁ । ସେମିତି ମୁଣ୍ଡଟେକି ଠିଆ ହେଇ ଚାହିଁଥିଲେ ଯେମିତି ଘରମାନ ତା ଭିତରେ ଏଯାଏ ରହିଆସିଥିବା ମଣିଷମାନଙ୍କୁ । ଘର ବି କଣ ଭାବୁଥାଏ କି ତାକୁ ସଜେଇବାକୁ ସଜାଡ଼ିବାକୁ ଆଉ ଫେରିବେନି ଏ ମଣିଷମାନେ । ସେମାନଙ୍କ ହାତ ଛୁଆଁର ଅଭାବରେ ଅରକ୍ଷିତ ପରି ଦିନ କେତୁଟାରେ ମାଟିରେ ମିଶିଯିବ ସବୁକିଛି । ଆଉ ଡୁଙ୍ଗୁଡୁଙ୍ଗା କି ମାଦଲ ବାଜିବନି ଏଠି । ଜହ୍ନରାତିରେ ଆଉ ଶୁଭିବନି ନାଚଗୀତର ଲହର ।

ଖାଲି ପାହାଡ଼ ଧସି ଚାଷଜମି ଉଜାଡ଼ି ଦେଇ ନଥିଲା ତ ଯେମିତି ଗାଁ ସାରା ଲୋକଙ୍କ ଛାତି ଭିତରେ ମାଡ଼ି ବସିଥିଲା ବଡ଼ବଡ଼ ପଥର ଖଣ୍ଡ ।

ଛାତି ଭିତରର ସେ ପଥରକୁ ବୋହି ସେମାନେ ଏକାଠି ହେଇ ଦିନେ ଗାଁ ଛାଡ଼ିଦେଲେ ସିନା ଗାଁ ବସେଇବା ଲାଗି ସବୁ ସୁବିଧା ଥିବା ପରି ଜମି ଖଣ୍ଡେ ପାଇବା ବା କୋଉ ସହଜ ହେଇଚି !

କୋଉ ଦିନ କାହା ପେଟରେ ପେଜପାଣି ପଡ଼ିଚି ତ କୋଉଦିନ ନାହିଁ । ସେମିତି ଅଖିଆ ଅପିଆ ଖୋଜି ଖୋଜି ଦିନେ ଆସି ପହଞ୍ଚିଥିଲେ ଏଇଠି ଏଇ ଟାଙ୍ଗିଗୁଡ଼ାରେ ।

ଖୁଣ୍ଟି ପୋତିଲେ । ତାଟି ବେଢ଼େଇ ମାଟି ଛାଟି କୁଡ଼ିଆ ଖଣ୍ଡେ ଖଣ୍ଡେ ତିଆରି କଲେ । ପାଖରେ ଥିଲା କଦଳିନାଲା । କଦଳିନାଲାର ଝରପାଣିରେ ଶୋଷ ମେଣ୍ଟେଇଲେ ।

ଏଇ କଦଳିନାଲା ପାଖରେ ଆସ ଠିଆ ହୁଏ ସୁନାକର । ସୁନାକର ଆସିବ ବୋଲି ତ ଖବର ଦେଇ ନଥାଏ । ଖବର ବା ଦବ କେମିତି ଏତେ ବାଟରୁ । ସୁନାକରକୁ ଦେଖିଦେଲେ କିନିରିର ଛାତି ତଳେ ଝରଣାର ପାଣି ପରି ଛଳଛଳ ହେଇ ଧାର ଧାର ପାଣି ବହିଯାଏ । ତା ଆଖିରୁ ଲୁହ ହେଇ ସେ ପାଣି ବତୁରେଇ ଦିଏ ସୁନାକରର ଛାତି ।

ସୁନାକର କହେ, କାନିଲୋ ମୁଁ ଏତେବାଟରୁ କଣ ଏଇଥିପାଇଁ ଆସିଥିଲି ? ତୁ କାନ୍ଦିବୁ ବୋଲି !

କାନିରିର ଆଉରି ବେଶୀ କୋହ ଉଠେ । ଝରଣାର ସରୁଧାର ପରି ଥରି ଯାଉଥିବା ଦେହଖଣ୍ଡକ ଲୋଟି ପଡ଼େ ସୁନାକର ଛାତିରେ । ସୁନାକର ତା ମୁହଁକୁ ଦୁଇହାତରେ ଟେକି ଧରି ଲୁହ ପୋଛିଦିଏ ।

କହେ ଆଉ ଅଳପ କେତୁଟା ଦିନ କନି । କହୁନୁ ତୁ ନିଜେ କହ । ଯଦି କହିବୁ ଏଇ ଏବେ ତତେ ନେଇ ମୁଁ ପଳେଇବି । ହେଲେ ତୁ ତ ମନା କରୁଚୁ, ହେଲେ କାନ୍ଦୁଚୁ ପୁଣି ।

କିନିର ଭାବେ, ସୁନାକର କେମିତି ବୁଝି ପାରୁନି ତା ବିନା କିନିରି ଏତେ ଦୂରରେ କେମିତି ବଂଚିଚି ।

ବାପ ତ ବାହାଦବ ବୋଲି ତା ବଡ଼ନନୀକୁ କେତେଦିନରୁ ମନେମନେ କେତେ ସପନ ଦେଖୁଚି । ଏବେ ସୁନାକର ଡାକୁଚି ଉଦୁଲିଆ ପଳେଇବାକୁ ଯେ ବାପର ମନଦୁଃଖ ହବ କେତେ ନା କେତେ । ନିଜ ସଂସାର ଗଢ଼ିବ ବୋଲି ବାପାମା ମନରେ ଦୁଃଖ ଦେଇକି ଯିବ ? ନା, ନା । କହିଲେ ବାପ ସୁନାକରକୁ ଯୋଇଁ କରିବାକୁ ଅରାଜି ହେବନି ଜମା । ହେଲେ ଘର ଦୁଆର ଟିକେ ଥାଇତ ହେଲେ ଯାଇ ସିନା ସେ ବାପକୁ ବହିବ ନିଜ କଥା ।

ବାପର ଏ ହିନସ୍ତା ବେଳେ କେମିତି କହିବ ଯେ !

ପାହାଡ଼ର ଗାଁର ତଳେ ସୁନାକରର ଗାଁ ।

କିନିରି ଝରଣା କୁଳେ ବସି ଭାବୁଥାଏ । ସେଇ ପୁରୁଣା ଦିନ । ଯେତେ ଭାବିଲେ ବି ସରୁନଥିବା ଦିନ ।

ଝାମ୍ପୁଝାମ୍ପୁଆ ଶାଳଫୁଲର ଚଅଁରରୁ ଝଡ଼ି ପଡୁଥାଏ ଗୋଟିଏ ଗୋଟିଏ ଫୁଲ ତା ଦେହରେ । ଜଙ୍ଗଲକୁ କାଠ ଆଣି ଗଲାବେଳେ ସେଇ ଗଛର ଛାଇରେ ବସିଥାଏ ସେ । କାହିଁକି କେଜାଣି ଆଉ କୋଉ ଗଛ ନୁହଁ ସେଇ ଶାଳଗଛଟିର ଛାଇ ତାକୁ ଭାରି ଭଲ ଲାଗେ । ସେଇ ଗଛତଳେ ପବନ ତା ଦେହକୁ ଛୁଇଁ ଦେଇ ଗଲାବେଳେ ଲାଗେ ଯେମିତି ସବୁ ହାଲିଆ ପୋଛି ଦେଇ ଯାଉଚି ତା ସାଙ୍ଗରେ । ଆହା ! ଏଇ ଗଛ ସାଙ୍ଗରେ ବୋଧେ ତାର କୋଉ ଜନମରୁ ସମ୍ପର୍କ ଥିଲା ।

ସିଏ କି ଜାଣେ କାହାର ସେ ଗୋରୁ ଏପଟେ ସବୁଦିନେ କାହିଁକି ଚାଲି ଆସେ । କିନିରି ବସିଥାଏ ଶାଳଗଛ ତଳେ । ଗୋରୁ ଛେଳି ତ ଜଙ୍ଗଲରେ ଚରୁ ଚରୁ ଏଣେ ତେଣେ ଯିବେ । ଏତେ ଧିଆନ ଦେଇନଥିଲା ସେ । ହେଲେ ସବୁଦିନେ ଏଇପଟକୁ

ସେ ଗୋରୁ ଆସୁଚି ଯେ ! ଅଉ ତା ପଛେପଛେ ଯୋଉ ପିଲାଟା ଗୋରୁକୁ ହୁରୁଡ଼େଇ ନବାକୁ ଆସୁଚି କାନିରି ଆଡ଼କୁ ଭାରି କନକନ ହେଇ ଚାହୁଁଚି ସେ । ତା ଆଖିରେ ପୁଣି ମାଟିକାନ୍ଥର ଚିତ୍ର ପରି ଦିଶି ଯାଉଚି କେତେ ନା କେତେ ଚିତ୍ର । ପନ୍ଦର ଦିନ ହେଲାଣି ହେଲେ କହୁନି ତ କିଛି ।

ହଁ, କିନିରି ତ ଜାଳ ଗୋଟେଇ ଘରକୁ ଯିବା ଲୋକ । କାହାର ଛେଳି ଗୋଠରୁ ଗଲା ତ ତାର କଣ ଯାଏ ?

ଏମିତି ଭାବେ ସିନା କିନିରି ହେଲେ ରାତିରେ ଶାଳଗଛ ଉପରେ ଜହ୍ନ ଉଇଁଲେ ସେ ସେଇ ଗଛ ମଥାନକୁ ଚାହିଁ କଣ ସବୁ ଭାବିହୁଏ ।

ଦି'ଦିନ ପରେ ତ ସେଇ ଗଛ ତଳେ ବସିଥାଏ କିନିରି ।

ହୁ, ହା, ହାଁ, ହୋ ଶବଦ ଶହ ଦୂରରୁ ଶୁଭିଲା । ସେ ଆସୁଥିବାର ଶବ୍ଦ ।

କିନିରି ସେ ଶବ୍ଦକୁ ଭଲକରି ଚିହ୍ନି ଗଲାଣି ଏ ଭିତରେ । ଗୋରୁକୁ ଅଡ଼େଇବା ପାଇଁ ସେମିତି ପାଟିକରି କରି ସେ ଆସେ । ସେଇ ବାହାନାରେ ଗଛ ଆଡ଼କୁ ଥରକୁ ଥର କଣେଇ କଣେଇ ଚାହିଁ ଦିଏ । ଆଖିରେ ଆଖି ମିଶିଗଲେ ଧିରେ ହସିଦିଏ । ସେ ହସ ବି କହିଦିଏ କେତେକଥା । କିନିରିର ମୁଣ୍ଡରୁ ଗୋଡ ଯାଏ ଝାଇଁ ଝାଇଁ ହେଇ ଚାଲିଯାଏ ଯେମିତି ପାଣିସାପଟାଏ । ଛାତି ଭିତରେ ଯେମିତି ଛେନାରେଡ଼ା ବଜେଇ ଚାଲିଯାଏ ସିଏ ।

ସେଦିନ ହଠାତ୍ ତା ପାଖକୁ ଆସି ଠିଆ ହେଲା ସେ । ତା କଳା ମସମସ ଦିହରୁ ଝାଳ ବୋହି ପଡୁଥାଏ ।

– ପାଣି ମୁନ୍ଦେ ଦବୁ କି ?

କିନିରି ବୋତଲ ବଢ଼େଇ ଦେଇ ଚାହିଁଲା ତା ମୁହଁକୁ । ହଁ, ଗହରିଆ ଚକ୍‌ଚକ୍ ଆଖି । ବେଶୀ ବେଳ ଚାହିଁ ହଉନି । ସେ ପାଣି ପିଇବା ଭିତରେ ଦେଖିନେଲା କିନିରି ।

– ତୋ ନାଁ କଣ ?

– କିନିରି ।

– 'ମୋ ନାଁ ସୁନାକର । ହେଇ ପାହାଡ଼ତଳ ଶିମିଳିପଦର ଗାଁରେ ମୋ ଘର । ପାହାଡ଼ ଉପର ହେଇ ମଖାଗୁଡ଼ା ତୋର ଗାଁ ପରା !'

– 'ହଏ । ତୁ କେମିତି ଜାଣିଲୁ ।' ଆଶ୍ଚର୍ଯ୍ୟ ହେଇ ପଚାରିଲା କିନିରି ।

– 'କେତେଦିନୁ ଦେଖୁଚି ତତେ, ଆଉ ଜାଣିବିନି କେମିତି ।' ସେଇଠି ବସି ପଡ଼ିଲା ସୁନାକର । କିନିରି ପାଖରେ ।

ଏମିତି ପ୍ରତିଦିନ ଦେଖା । କେତେ ଯେ ଗପ । ହସ ଖୁସି । କେବେ ସୁନାକର କିନିରି ପାଇଁ ତୋଳି ଆଣିଥାଏ ପାଚିଲା ଚାହାର ତ କୋଉଦିନ ଜଙ୍ଗଲୀ ଫୁଲ ।

ହସିହସି ଖୁସିରେ ନାଚିଯାଏ କିନିରି ।

ଘରଲୋକଙ୍କ ପାଖକୁ ନଗଲେ କଣ ହେଲା ଦି'ଟା ମନ ଦି'ଟା ହୃଦୟ ନିଷ୍ପତ୍ତି ନେଇ ସାରିଥିଲେ ଏକାଠି ହେବେ ସେମାନେ । ସଂସାର ଗଢ଼ିବେ ।



ହେଲେ ବିଧାତା ଏ କଣ କଲା ? ପାହାଡ଼ ଧସି ନଥିଲେ ସେଇ ପାହାଡ଼ି ଗାଁରେ ଏବେ ଥାନ୍ତେ ସେମାନେ । ସୁନାକରକୁ ଭେଟ ହଉଥାନ୍ତା ସବୁଦିନ । କିଏ ବା ବୁଝିବ ସୁନାକରକୁ ନଦେଖି ତା କଥା ଭାବିଭାବି ଏବେ କେମିତି ଯେ ତା ଦିନ ରାତି ବିତୁଚି ! ଖାଲି ଜିଇ ରହିବାକୁ ଭାତ କି ପେଜ ପାଣି ଢୋକେ ଢୋକି ଦଉଚି ସିନା ନହେଲେ ପେଟକୁ ଭୋକ ଅଛି ନା ଆଖିକୁ ନିଦ !

ସୁନାକର ତ ସବୁ ହରି ନେଇଚି ।

କିଏ ବା ବୁଝିବ, କାହାକୁ ବା କହିପାରିବ ସେ ଏକଥା । ସେଇ ଦି'ମାସରେ ଚାରିମାସରେ ସୁନାକର ଆସିବ ଯେ ଚାହିଁ ବସିଥିବ ତା ବାଟକୁ । ଦିନ ସରୁ ନଥିବ ।

କିନିରିର ଛାତିକୁ ଖଣ୍ଡ ଖଣ୍ଡ କରି ଦୀର୍ଘ ନିଃଶ୍ୱାସଟିଏ ବାହାରି ମିଶିଗଲା ପବନରେ । ଛାତି ହାଲୁକା ହବ କଣ ଆଉରି ଭାରି ହେଇ ପଡ଼ିଲା ଦୁଃଖରେ ।

ଉଠିଲା ସେ । ଗୋଟିଏ ଗୋଟିଏ ଚାଲି ଗାଁରେ ଆସି ପହଞ୍ଚିଲା ।

ଗାଁ ଆଉ କଣ ?

କେତେ ଖୋଜି ଖୋଜି ଗାଁ ଯାକର ଲୋକ ଏଠି ଭୂଇଁ ଖଣ୍ଡେ ପାଇଲେ ବୋଲି କୁଡ଼ିଆ ବାନ୍ଧି ରହିଥିଲେ । ଭାବିଥିଲେ ଚାଷ କରିବାକୁ ଜମି ବାଗେଇ ଦେଲେ ଆଗ ପରି ନହେଲ ବି ଯାହି ଯେମିତି ଚାଲିବ ଜୀବନ ।

ହେଲେ ବିଧାତା ଯୋଉଠି ଦାଉ ସାଧେ ସେଠି ଆଉ କାହିଁକି ଦୟା କରିବ ଯେ !

ଏଇ ଚାରିଦିନ ତଳେ ଗୋଟାଏ ବଡ଼ ଗାଡ଼ିରେ ଆସି ପହଞ୍ଚିଲେ ଦଳେ ଲୋକ । ସରକାରୀ ଲୋକ କୁଆଡ଼େ ସେମାନେ ।

ନରି ଦାଦି, ପାଙ୍ଗି ଦାଦି ଆଉ ସବୁ ଗାଁ ଲୋକ ଯେତେ କହିଲେ ବି ଶୁଣୁ ନଥାନ୍ତି ସେ ବାବୁମାନେ । ଚାହୁଁ ଚାହୁଁ ମେସିନ୍ ଲଗେଇ ଭାଂଗି ଦେଲେ ସବୁ କୁଡ଼ିଆ । ଭୂଇଁରେ ଲୋଟି ପଡ଼ିଥାଏ ତାଟି । ଖୁଣ୍ଟଟା ମାନ ଗାଁ ଲୋକଙ୍କ ଆଡ଼କୁ ଚାହିଁ ପ୍ରଶ୍ନ ପଚାରୁଥାଏ ଯେମିତି । ବାସନକୁସନ, ଲୁଗାପଟା ଯିଏ ଯୁଆଡ଼େ ଛିନ୍‌ଛତର ହୋଇ ପଡ଼ିଥାଏ ।

କିନିରିର ମା' ପୁଲିସି ବାବୁକୁ ନେହୁରା ହଉଥାଏ ରହ ବାବୁ ଭାତଟା ହେଇଗଲାଣି ଖାଲି ଗାଳିଦିଏ ଭାଙ୍ଗିବୁ ଯେ ହେଲେ ତର ସହିଲାନି ସେ ବାବୁର । ମା'ର ଭାତହାଣ୍ଡି ଉପରେ ଅଜାଡ଼ି ପଡ଼ିଲା ଛପରଟା ।

ସରକାରୀ ବାବୁ ରଡ଼ୁଥାଏ : "ଏଇଟା ସରକାରୀ ଜାଗା ବୋଲି ଆମ ରେକର୍ଡ଼ରେ ଅଛି । ତମେ ଏଠେଇ ଘର କରି ରହିବ କେମିତି ?"

ନରୀଦାଦୀ କହିଲା- "ସତାବନ ବରଷରୁ ଏ ଆଖପାଖରେ ଆମେ ରହିଥିଲୁ । ଗାଁ ମାନ ଥିଲା । ମାଟିଅତଡ଼ା ଧସି ଜମି ଗଲା ଯେ ଆମେ ଏଠେଇ ଘର କଲୁ । ନ ହେଲେ ଆସିଥାନ୍ତୁ କି ? ହେଲେ ଜଙ୍ଗଲର ଜମିଟାକୁ ତମେ ସରକାରୀ ଜମି କେମିତି କହୁଚ ଯେ ?"

ସରକାରୀ ଲୋକ ପାଟିକଲା- "ଏ, ଏ, ଏ ସତାବନ ମସିହାରେ ତୁ ଜନମ ହେଇଥିଲୁ କି ? କହିଲା କଣ ନା... । ଆରେ ଏଇଟା ରିଜର୍ଭ ଫରେଷ୍ଟ୍ । ଏଠି ଘରଦୁଆର କରିବା ମନା । ହେଇ ତହସିଲଦାର ବାବୁ ଠିଆ ହେଇଚନ୍ତି ପଚାର୍ ପଚାର୍ ।"

ପାଙ୍ଗି ଦାଦୀ କହିଲା, "ସରକାରର ରେକର୍ଡ଼ରେ ତ ଆମର ନାଁ ଅଛିନା । ସରକାର ଆମକୁ ଚାଉଳ ପାଞ୍ଚକେଜି ନହେଲେ କେମିତି ଦଉଚି । ସରକାରର ପାଖରେ ଆମ ନାଁ ଅଛି ବୋଲେ ଆମେ ଜଙ୍ଗଲରେ ଘର କଲେ ସରକାର କାଇଁକି ଯେ ମନା କରିବ ?

ଏଇଟା ତ ଗାଁର ଜଙ୍ଗଲ ବୋଲି ବାପଦାଦି ଅମଳରୁ ଜାଣିଚୁ ଆମେ । ତମେ ଗୋଟାଏ ନୂଆ କଥା କଣ ଆସି କହୁଚ ଯେ ! ଆମର ଘର ଭାଙ୍ଗି ଦେଲ ଯେ ଆମେ ଏବେ ଫେର୍ କୁଆଡ଼େ ଯିବୁ ବତାଅ ତ ହେଲେ ।" କହୁକହୁ ରାଗରେ ପାଙ୍ଗିଦାଦି ଧଇଁସଇଁ ହେଇ ପଡୁଥାଏ ।

ସରକାରୀ ବାବୁଟା ଆଗକୁ ମାଡ଼ିଆସି କହିଲା, "ତୋର ବାପଦାଦି କହିଲେ ଏଇଟା ଗ୍ରାମ୍ୟ ଜଂଗଲ ହେଇ ଯିବନି । ସରକାରୀ ରେକର୍ଡ଼ରେ ଅଛି ଏଇଟା ରିଜର୍ଭ ଜଙ୍ଗଲ । ଯା ଭିତରକୁ ପଶିବା ମନା । ଆଉ ତମେ ଘର କରି ରହିଯିବ ? ହାଁ । କହିଲେ ବୁଝୁନ କାଇଁ ଯେ ।"

ରାଗରେ ଫଁ ଫଁ ହଉଥାଏ ପାଙ୍ଗୀଦାଦି । ସରକାରୀ ବାବୁ କହିଲା, "ତମ ପାଖେ କାଗଜପତ୍ର ଅଛି ବୋଲି ଦେଖା । ନହେଲେ ଏଠୁ ସବୁ ଉଠ ।"

"ଆମେ ତାହାଲେ କଣ କରିବୁ ବାବୁ ?" ଦୁଇ ଚାରିଜଣ ହାତଯୋଡ଼ି ଠିଆ ହେଇଗଲେ ସେ ବାବୁ ମାନଙ୍କ ଆଗରେ । ଯେମିତି ସେଇମାନେ ଅନ୍ଧାର ଭିତରେ ବାଟ ବତେଇ ପାରିବେ ନହେଲେ ଏ ଜଙ୍ଗଲର ଅନ୍ଧାର ଭିତରେ ମିଳେଇ ଯିବେ ଶହେ ଚଉଷଠି ଲୋକ ।

ସବ୍ କଲେକ୍ଟର କି କଣ ସେ ବାବୁ କହିଲା- "ଯା, ସବୁ ସରକାରକୁ ତମେ ମାଗିବ ଆମକୁ ଘର କରି ରହିବାକୁ ଜମି ଦିଅ । କାଗଜପତ୍ରରେ ଲେଖେଇ ସରକାର ତମକୁ ଦବ । ଆଉ ମନଇଚ୍ଛା ଏମିତି ଜଙ୍ଗଲ ଭିତରେ ଯୋଉଠି ମନ ସେଠି ଘର କରିଦେଲେ ହବନି ।"

ପାଙ୍ଗୀ ଦଦାର ରାଗ ଯାହା ଶାନ୍ତ ପଡ଼ିଥିଲା ଏଥର ପୁଣି ଥରେ ସାପ ପରି ସେ ଫଁ କରି ଉଠିଲା ।

"ଏ ବୁଆ, ସରକାର ବଡ଼ ଦାନୀ ତ ଲେଖିଦବ ଯା କହିଲ ଆମକୁ । ଦି' ବରଷ, ଚାରି ବରଷ କେତେ ପରଚା ଲେଖି ଦେଇଚୁ ଯେ ତାର ହିସାବ ନାହିଁ । କୋଉ ସରକାର ଆମ କଥା ବୁଝିଲା । ସେଇଥିପାଇଁ ତ ଆମେ ନିଜେ ଘର କଲୁ । ତମରି ପରି ବାବୁମାନେ ଆସିଥିଲେ ଯେ କହିଥିଲେ ଘର କରିବାକୁ ଜମି ଷୋହଳ ଲକ୍ଷ ଟଙ୍କା ସବୁ ମିଳିବ । କାଇଁ ? ଭୋଟ ବେଳେ କୋଉ ଚିହ୍ନରେ ଭୋଟ୍ ଦବ ଦେଖେଇ ଦେଇ ଗଲେ । କାଇଁ ଟଙ୍କ, କାଇଁ ଜମି । ଏମିତି ମିଛଖଚ କୁହା ସରକାର ଆମକୁ ଜମି ଲେଖି ଦବ ବୋଲି ଭରସା ନାହିଁ ଆମର । ଯ, ଯ, ଏଇ ଗଛତଳେ ରହିବୁ ଆମେ । ଘର ଭାଙ୍ଗି ଦେଲ ତ ଯ, ଏଇ ଆକାଶ ତଳେ ରହିବୁ ଆମେ । ଦରକାର ନାହିଁ ଘର କି ଛାତ । ଯ ହୋ । ହାଁ, ସେ ସରକାରକୁ କହିଦବ ଟଙ୍କାଏ ନେଇ ଯୋଉ ପାଞ୍ଚକିଲୋ ଚାଉଳ ଆଣିବାକୁ ପନ୍ଦର କିଲୋମିଟର ଯାଉଚୁ ଆମେ ଜଙ୍ଗଲ ଭିତରେ, ଆଉ ଯିବୁନେଇଁ । ତା ଚାଉଳ ଆମର ଦରକାର ନାହିଁ ।"

"ଏଇ ! ବେଶୀ କଥା କହୁଚୁ ତୁ ।" ସରକାରୀ ଲୋକ ରାଗିଯାଇ ପାଙ୍ଗୀଦଦା ଆଡ଼କୁ ମାଡ଼ି ଆସିଲା ବେଳକୁ ଗାଁ ଲୋକମାନେ ପାଙ୍ଗିଦାଦିକୁ ଏପାଖେ ଭିଡ଼ି ଆଣିଲେ । ନହେଲେ ସେ ଲୋକଟା ପିଟି ପକେଇଥାନ୍ତା କି କଣ ।

ପାଙ୍ଗିଦାଦି ଘୋଷାଡ଼ି ହେଉଥାଏ ଆଉ କହୁଥାଏ, "କୋଉ ସରକାର ଇଏ ଯେ ଜଙ୍ଗଲଟା ତାର ହେଇଗଲା ! ଆମେ କେତେ ପୁରୁଷରୁ ଏଇ ଜଙ୍ଗଲ ସାଥିରେ ଏକା ନାହିନାଡ଼ ହେଇ ରହିଲୁ ଯେ ଜଙ୍ଗଲ ଆମର ନୁହଁ ! ହାଁ ଶଳା ସରକାର ଲେଖି ଦେବ । ରଖ୍ ହୋ ତମ ସରକାର ।"

ମାଇଜିମାନେ, ପିଲାଛୁଆଟି ମାନେ ଡରିଯାଇ ଖଣ୍ଡେ ଦୂରରେ ଠିଆ ହେଇଥାନ୍ତି । ଛୁଆଟି ମାନେ ତ ଭୟରେ ମା'ମାନଙ୍କ କୋଳରେ ଲେପେଟି ଯାଇଥାନ୍ତି ପୁରାପୁରି ।

କିନିରିର ଦେହ ଯେମିତି ପଥର ଖଣ୍ଡେ ପାଲଟି ଯାଇଥାଏ । ଆଖି ଦି'ଟି ସ୍ଥିର । ହେଲେ ସେ ଆଖି ଭିତରେ କେତେ ନା କେତେ ବ୍ୟଥା । ଇତିହାସ, ବର୍ତ୍ତମାନ ଓ ଭବିଷ୍ୟତର ଜୀବନ୍ତ ଗୋଟେ କାହାଣୀର ଲେଖା ଚାଲିଚି ଯେମିତି । ଅନେକ ପ୍ରଶ୍ନବାଚୀ ଓ ଅଜସ୍ର ଅସହାୟତାର ଥରଥର ଆଖିପତାରୁ ନିଗିଡ଼ି ଆସିଲା ଦୁଇବୁନ୍ଦା ଲୁହ ।

– ଏଇଠୁ ପୁଣି କୋଉଠିକୁ ଯିବ ସେମାନେ ? ଏଠି ଘର ଭାଙ୍ଗିଦେଇ ତାଙ୍କୁ ତଡ଼ିଦେଲେ ସରକାର ଲୋକେ । ଏଠି ଆଉ ରହି ପାରିବେନି ଯଦି ସୁନାକର କେମିତି ଭେଟିବ ତାକୁ ?

– କେମିତି ଜାଣିବ ସୁନାକର କୁଆଡ଼େ ଗଲା କିନିରି ଆଉ ତା ଗାଁର ଲୋକେ ?

– ସୁନାକର କଣ ଖୋଜି ପାଇବ ପୁଣି ସେମାନଙ୍କୁ ? ହେଲେ ସୋମନେ କୋଉଠି ରହିବେ ବୋଲି ତ ଜାଣି ନାହାନ୍ତି ନା ?

ସୁନାକର କଣ ଭାବିବ କିନିରି ତା ସାଙ୍ଗେ ଧୋକା କଲା ? ହେଲେ କା ହାତରେ ସୁନାକର ପାଖକୁ କେମିତି ଖବର ପଠେଇବ ସେ । ସେ ତ ଜାଣିନି ସେ କୋଉଠି ରହିବ ? କଣ ବୋଲି ଖବର ପଠେଇବ ।

ଆଉ ଦି' ବୁନ୍ଦା ଲୁହ ଟଳମଳ ହେଲା ଆଖି କଣରେ । ଗାଲ ଦେଇ ବହି ଆସୁ ଆସୁ କିନିରି ଭାବୁଥିଲା, ଥରେ ଦଇବ ଅହନ୍ତା ସାଜିଲା ତା ସାଥିରେ, ଏବେ ସରକାର ଆସି ଭାଙ୍ଗିଦେଲା । ସତରେ କଣ ଏ ପୃଥିବୀରେ ଆଉ ଜାଗା ଅଛି ? କିଏ ଜାଣେ ! ଅଛି କି ନାହିଁ କେଜାଣି ?

ଧାରାବାହିକ
ଚରିତ-ଉପନ୍ୟାସ

# ଦାସେ ଆପଣେ



**୧୨**

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ



ଔପନ୍ୟାସିକ ପବିତ୍ର ମୋହନ ଦାଶ


'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

୯୦୪ ଶେଷ ଭାଗରେ ଉତ୍କଳ ସମ୍ମିଳନୀରେ ନିଜ ପୁସ୍ତିକା ବଣ୍ଟନ ଓ ତା ପରବର୍ତ୍ତୀ ଘଟଣାର ତୋଫାନ ଭିତରେ ବି ଗୋପ ଭୁଲି ନଥିଲେ ବର୍ଷର ଆଦ୍ୟ ଭାଗର କି ତା'ର ଅଳ୍ପ ପୂର୍ବର ଅଙ୍ଗେ ନିଭା ଦୁଃଖ ସୁଖ । ସେତେବେଳକୁ ସେ ବ୍ରାହ୍ମଣ ସମିତି ବୋଡିଂ ରେ । ଏମ.ଏ. ଆଡ଼କୁ ମନ ଥାଏ । ହେଲେ ଦେଶର ପରିସ୍ଥିତି ଦେଖି ଏମ. ଏ. ପଢ଼ା ପ୍ରତି ଆଗ୍ରହ ଏକ ବିଳାସ ପରି ମନେ ହେଉଥାଏ । ବରଂ ତାଙ୍କୁ ମୁକ୍ତିଆର ରାମଚନ୍ଦ୍ର କହିଥିବା କଥା ବେଶୀ ବାସ୍ତବ ଲାଗୁଥାଏ । ରାମଚନ୍ଦ୍ର କହିଥିଲେ 'ସମାଜ କାର୍ଯ୍ୟ ପାଇଁ ଆଇନ ପଢ଼ା ସହାୟକ ହେବ । ତେଣୁ ସେ ଆଇନ ପଢିବା କଥା ଚିନ୍ତା କରୁଥାନ୍ତି । ବାକୀ ସମୟ କଟୁଥାଏ ଛାତ୍ରମାନଙ୍କ ସହ କଥାବାର୍ତ୍ତାରେ । ଦିନେ ବୋଡିଂ ରେ ପହଞ୍ଚେ ଭାରତ ଚନ୍ଦ୍ର ।



ପଣ୍ଡିତ ନୀଳକଣ୍ଠ ଦାସ

'ଜୁହାର ଆପଣେ ।'

ଅକସ୍ମାତ ଭାରତର ଆଗମନରେ ବିସ୍ମିତ ଗୋପ କହନ୍ତି

'ଆରେ ଭାରତ ଆସ ଆସ । ହଠାତ କେମିତି ?'

'ପରୀକ୍ଷା ସରିଲା ତ । ଭାବିଲି ଆପଣମାନଙ୍କ ସାନ୍ନିଧ ଟିକେ ପାଇବି, ପ୍ରଭୁଙ୍କ ଦର୍ଶନ ମିଳିବ, ଯାଏଁ ପୁରୀ ବୁଲି ଆସେ ।'

'ଭଲ କଲ । ଆଉ କେମିତି ଅଛନ୍ତି ମୋର ଅକୃତ୍ରିମ ମିତ୍ର ବାଲୁଙ୍କେଶ୍ୱର ?'

'ଭଲ ଅଛନ୍ତି ଆଜ୍ଞା । ଆପଣଙ୍କର ସିନା ମିତ୍ର ମୋର ପରା ସିଏ ଧର୍ମ ପିତା ।'

'ଜାଣେ ଭାରତ । ସେଥିପାଇଁ ତ ତୁମେ ଅଧିକ ସ୍ନେହର ଅଧିକାରୀ' ।

'ଆପଣଙ୍କ ସ୍ନେହ ଆଉ କାହା ଲାଗି ଉଣା ଯେ ।'

'କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା କେବେ ସରିଲା ।'

'ଏଇ ତ ମାର୍ଚ୍ଚରେ ସରିଲା ।'

'ସମ୍ବଲପୁର ରେ ତ ପରୀକ୍ଷା କେନ୍ଦ୍ର ନାହିଁ । ତୁମେ କଟକରେ ପରୀକ୍ଷା ଦେଇଥିବ ।'

'ଆଜ୍ଞା ।'

'ଏ ବର୍ଷ ସମ୍ବଲପୁର ହାଇସ୍କୁଲରୁ କେତେ ଜଣ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲ ।'

'ଉଣେଇଶ ଜଣ ।'

'କଟକ ଆସିବାକୁ ବଡ଼ କଷ୍ଟ ହୋଇଥିବ ।'

'ହଁ ଆଜ୍ଞା ସମ୍ବଲପୁର ରୁ କଟକ ସଡ଼କ ପଥରେ ଶହେ ଚଉସ୍ତରି ମାଇଲ । ହେଲେ ରେଳରେ ସମ୍ବଲପୁର ରୁ ଖଡ଼ଗପୁର ହୋଇ କଟକ ଆସିବା କଥା । ତେଣୁ ଚାରି ଶହ ଷାଠିଏ ମାଇଲ ।'

'ଗାଡ଼ିରେ ବି କମ ଅସୁବିଧା ନୁହେଁ ।'

'ଆଜ୍ଞା । ଆମ ଭଳି ଥାର୍ଡ କ୍ଲାସ ଯାତ୍ରୀଙ୍କ ପାଇଁ ପାଣି କି ପାଇଖାନା ନାହିଁ । ଖାଦ୍ୟ ତ ସ୍ୱପ୍ନ ।'

'ଯାହା ହେଉ ପରୀକ୍ଷା ଭଲ କରିଛ ତ ?'

'ଆଜ୍ଞା ।'

'ହେଉ ଏବେ ଏଠି ବିଶ୍ରାମ କର । ଫଳ ବାହାରିଲେ ତ ରେଭେନ୍ସା ଆସିବ'

'ଆଜ୍ଞା ।'

ତା ପରେ ଗୋପ ଡାକ ପକାଇଲେ କଣ୍ଠଙ୍କୁ ।

'କଣ୍ଠ ଦେଖ କିଏ ଆସିଛି । ମୋର ଅଭେଦ ମିତ୍ର ବାଲୁଙ୍କେଶ୍ୱରର ଧର୍ମ ପୁତ୍ର । ତାଙ୍କୁ ବୋଡିଂ ଭିତରେ ରହିବା ଜାଗା ଦେଖାଅ ।'

ପୁଣି ଭାରତଙ୍କୁ ଚାହିଁ କହିଲେ ' କଣ୍ଠ ଆମ ସହ କଟକରେ କଲେଜିଏଟ ବୋଡିଂରେ ବର୍ଷେ ଥିଲେ । ସେଠି ସେ ବାଲୁଙ୍କେଶ୍ୱର ସହ ପରିଚିତ ।'

'ପୁରୀ ଜିଲ୍ଲା ସ୍କୁଲ ଛାଡି କଲେଜିଏଟ ସ୍କୁଲ କାହିଁକି ଯାଇଥିଲେ ?'

ଏଥର ନୀଳକଣ୍ଠ କହିବା ଆରମ୍ଭ କଲେ 'କଲିକତା ଆଡୁ ଯେଉଁମାନେ ଜଳବାୟୁ ପରିବର୍ତ୍ତନ ପାଇଁ ପୁରୀ ଆସନ୍ତି ସେମାନେ ବିଭିନ୍ନ ରୋଗ ଧରି ଆସନ୍ତି । ଏବେ ଯେମିତି ଧରି ଆସୁଛନ୍ତି ଯକ୍ଷ୍ମା । ହେଲେ ସେ ବର୍ଷ ସେମାନଙ୍କ ସହ ଆସିଥିଲା ମ୍ୟାଲେରିଆ । ସେଥିରେ ଆକ୍ରାନ୍ତ ହେଲା ପରେ ଚିକିତ୍ସା ହେଲା । ସ୍ୱାସ୍ଥ୍ୟ ଭଲ ହେବ ବୋଲି ଜଳ ବାୟୁ ପରିବର୍ତ୍ତନ ପାଇଁ ମୋତେ କୁହାଯାଇଥିଲା ଅନ୍ତତଃ ବର୍ଷେ କଟକ ଯିବା ପାଇଁ ।'

ଭାରତଙ୍କୁ ତାଙ୍କ ରହିବା ଜାଗା ଦେଖାଇବା ଭିତରେ କଥା ହେଉଥାନ୍ତି କଣ୍ଠ ।

'ବାୟୁ ପରିବର୍ତ୍ତନ କାମ ଦେଲା ?'

'ହଁ ମ୍ୟାଲେରିଆରୁ ଯାଇ ହଇଜାରେ ପଡିଲି । ଏକ ପ୍ରକାର ପ୍ରାଣ ସଂକଟ ।'

'କଣ ହୋଇଥିଲା ?'

'ସେ କଥା ପରେ ,ତୁମେ କ୍ଲାନ୍ତ ଥିବ । ଏବେ ଟିକେ ବିଶ୍ରାମ କର ।'

ଜିନିଷ ରଖି, ଦଉଡିଆ ଖଟ ଉପରେ ନିଜକୁ ଟିକେ ସହଜ କରିଥିଲେ ଭାରତ । ଅଳ୍ପ କିଛି ହାଲୁକା ଜଳଖିଆ ବି ସେବନ କଲେ । କ୍ଲାନ୍ତି ଯୋଗୁଁ ଆଖି ଲାଗି ଯାଇଥିଲା । ସଞ୍ଜ ହେଲା ।

ପରେ ଗୋପବନ୍ଧୁ ଓ ଗୋଦାବରୀଶ ପ୍ରମୁଖ ସମସ୍ତଙ୍କ ସହ ପୁଣି ଗପର ଖିଅ ଆରମ୍ଭ ହେଲା । କଚେରୀରୁ ଆସି ପହଁଚିଲେ ମୁକ୍ତିଆର ରାମଚନ୍ଦ୍ର । ଭାରତଙ୍କ ପରିଚୟ ରାମଚନ୍ଦ୍ରଙ୍କ ସହ କରାଇ ଦେଇ ଗୋପ ଆରମ୍ଭ କଲେ କଥା ।

'ଆମେ ଏଠି ଯେମିତି ଆଳାପ କରୁଛେ କଲେଜିଏଟ ବୋଡିଂ ରେ ମଧ ସେମିତି ଆଲୋଚନା ହେଉଥିଲା ।'

'ହଁ କି ସ୍କୁଲ କି କଲେଜ ବଙ୍ଗାଳୀ ପିଲାଙ୍କ ଭିଡ଼ । ସେମାନେ ଓଡ଼ିଆ ପିଲାଙ୍କୁ ବେଶ ତାଛଲ୍ୟ କରନ୍ତି । ନିଜକୁ ସବୁ ବେଳେ ସ୍ୱତନ୍ତ୍ର ମନେ କରନ୍ତି । ହେଲେ ବଙ୍ଗାଳୀ ଶିକ୍ଷକମାନେ ଥିଲେ ବେଶ ସହୃଦୟ । 'କହିଲେ କଣ୍ଠ ।'

'ତା ଭିତରେ ଅରବିନ୍ଦବାବୁଙ୍କ ଭଳି ଶିକ୍ଷକ ତ ବିରଳ ।' କହିଲେ ଗୋପ ।

'ହଁ ଆପଣେ ଯେଉଁ ଜାତୀୟ ଜାଗରଣ ପାଇଁ ଏତେ ବ୍ୟାକୁଳ ଅରବିନ୍ଦବାବୁଙ୍କ ଭଳି ଲୋକ ଥିଲେ ତାହା ସହଜ ହୁଏ । ତାଙ୍କ ଭଳି ନୈତିକତା ଅନ୍ୟତ୍ର ଦୁର୍ଲଭ । 'କହିଲେ କଣ୍ଠ ।'

'ଜାତୀୟ ଜାଗରଣ ଆସୁଛି କଣ୍ଠ । ତା'ର ବାହକ ଆମେ ସମସ୍ତେ ହେବା । ସମସ୍ତେ ସେ ସେତୁବନ୍ଧ କାମରେ ଗୁଣ୍ଡୁଚି ହେବା ।ହେଲେ ମେଦିନୀପୁରରେ ଓଡ଼ିଆଙ୍କ ସଂଖ୍ୟା କାମୁଛି । ୧୯୦୧ର ଜନଗଣନାର ଫଳାଫଳ ଭଲ ନୁହେଁ ।'

ଖେଦ କଲେ ଗୋପ ।

'ହଁ ଘୋର ପରିତାପର କଥା । ହେଲେ ଆମ ଶିକ୍ଷିତ ଲୋକଙ୍କୁ କଣ କିଛି ଲଗା ଅଛି । ସମସ୍ତେ ତ ଆପଣା ସୁଖିଆ , ସମସ୍ତେ ପାଳ ଉପରେ ଠିଆ ହୋଇ ବଡ଼ ହେବାକୁ ଚାହୁଁଛନ୍ତି ।'

ନିଜ ଅସନ୍ତୋଷ ଜଣାଇଲେ ରାମଚନ୍ଦ୍ର ।

'କାଲି ତ ଦୋଳ ମଣ୍ଡପ ସାହିରେ ସଦାଶିବ କାବ୍ୟ କଣ୍ଠଙ୍କ ଘରେ ପଡି ଥିଲା ଏ କଥା । ଆଉ କେତେ କଥା ଭିତରେ ସେ କହୁଥିଲେ ଶିକ୍ଷିତ ଲୋକେ ସ୍ୱାର୍ଥପରତା ଛାଡିବା ଆଉ ନିଜ ଭାଷା ଓ ସଂସ୍କୃତିକୁ ଭଲ ପାଇବା ଉଚିତ ।' ମନେ ପକାଇଲେ କଣ୍ଠ ।

'ହଁ ସେ ଠିକ କହୁଛନ୍ତି । ଆମର ସବୁ ଶିକ୍ଷିତ ତ ଚାହୁଁଛନ୍ତି ସାଇବ ହେବୁ । ଆଉ ସବୁ ଚୁଲୀ କୁ ଯାଉ ।' କହିଲେ ରାମଚନ୍ଦ୍ର ।

'ସମ୍ବଲପୁର କିନ୍ତୁ ହିନ୍ଦୀ ବଦଳରେ ଓଡ଼ିଆ ପ୍ରଚଳନ ପାଇଁ ଲଢ଼ିଛି , ସଫଳ ହୋଇଛି ।' କହିଲେ ଭାରତ ।



ପଠାଣି ସାମନ୍ତ

'ତାହା ଗୌରବାବହ । ତାହା ତ ଆମ ଜାତି ପାଇଁ ଯଶ' କହିଲେ ରାମଚନ୍ଦ୍ର ।

'ସମୁଦାୟ ଜୀବନ ଉତ୍ସର୍ଗ ନ କଲେ ଜାଗରଣ ଅସମ୍ଭବ ।' ମତ ଦେଲେ କଣ୍ଠ ।

'ହଁ କଣ୍ଠ ଆମେ ତ ଭାର୍ଗବୀ କୂଳେ ଜହ୍ନ ରାତିରେ ସେଇ ଶପଥ ନେଇଥାଇ ।'

ଭାରତ ଅନ୍ୟମନସ୍କ ଥିବା ଦେଖି ଗୋପ କହିଲେ 'ଭାରତ ,ସମ୍ଭବ ହେଉଛି ଯଦି ପାଖ ଆଖ ଗାଁ ବୁଲି ଆସ । ଏପଟର ସଂସ୍କୃତି ଟିକେ ଜାଣିବାକୁ ଚେଷ୍ଟା କର ।

କଣ୍ଠ ଓ ହରିହରଙ୍କ ଗାଁକୁ ଶୀତଳ ଷଷ୍ଠୀ, ଚମ୍ପକ ଦ୍ୱାଦଶୀ ବେଳେ ଯାଅ । ଶ୍ରୀ ରାମଚନ୍ଦ୍ରପୁର ଶାସନରେ ପ୍ରଥମ ଖଣ୍ଡି ଦ୍ୱିତୀୟ ଖଣ୍ଡି ଭିତରେ ହାବେଳି ପ୍ରତିଯୋଗିତା ଦେଖି ଆସ । 'କହିଲେ ଗୋପ ।'

ତହୁଁ ଆଉ ଟିକେ ହାଲୁକା କରି ରାମଚନ୍ଦ୍ର କହିଥିଲେ 'ହଁ ହାବେଳି, ଚକ୍ର, ଚମ୍ପା, ତୁମ୍ଭ, ଖଞ୍ଜା କେମିତି ଫୁଟୁଛି ଦେଖ । ଖଣ୍ଡି ଭିତରେ ବାଣ ପ୍ରତିଯୋଗିତାରେ କେମିତି ନାଲି ଗାମୁଛା ଉଡେ ଉପଭୋଗ କର ।'

'ହଁ ଆପଣେ । ମୁଁ ଏଠାକାର ଚଳଣି ଜାଣିବାକୁ ଚାହେଁ ।' କହିଲେ ଭାରତ ।

'ଶ୍ରୀ ରାମଚନ୍ଦ୍ରପୁରର ଚୂଡ଼ା ଘଷା, ଉଖୁଡ଼ା, ସୁଜି କ୍ଷୀରି, କଦଳୀ ଚକଟା ବି ଚାଖି ଆସିବ ।' କଥା ଯୋଡିଲେ ଗୋଦାବରୀଶ ।

'ଆମ ଏଠାକାର ବ୍ରାହ୍ମଣ ଶାସନର ପିଲାଏ କେବଳ ପୂଜା କି ପାଠ ଉପରେ ଦୃଷ୍ଟି ନ ରଖି ବ୍ୟବସାୟ, ଅନ୍ୟାନ୍ୟ କାମରେ ମନୋନିବେଶ କରନ୍ତୁ ବୋଲି ଥରେ ମୁଁ କହିଦେଇଥିଲି । ମୋତେ ଅନନ୍ତ କହିଲା- ଆମେମାନେ ଯଦି ଦଣ୍ଡି ଧରିବା , ବେପାର କରିବା ତେବେ ବେଦ, ଉପନିଷଦ ପାଠ କରିବ କିଏ ? ସତେ ଅବା ବେଦ ପାଠରେ ଉଛୁଳି ଉଠୁଛି ଶାସନ ସବୁ । ଅସଲରେ ଗୋରା ଶାସନରେ ବ୍ରାହ୍ମଣ ଶାସନର ସବୁ ଦର୍ପ ଖାଲି ଫୁସକି ଯାଉଥିବା ହାବେଳି ଭଳି । ଭାରତ ! କେବଳ ଶାସନ ଗାଁ ନୁହେଁ ସବୁ ପ୍ରକାରର ଲୋକ ସମୁଦାୟରୁ ଚଳଣି ଜଣାପଡେ । ' ବିଦ୍ରୂପ କରିଥିଲେ ଗୋପ ।'

'ଆମର ସଂସ୍କାର ଲୋଡ଼ା ।' କହିଥିଲେ କଣ୍ଠ

'ହଁ କଣ୍ଠ ଆମେ ତ କେତେ ଆଣ୍ଠରେ ଶପଥ ନେଇଗଲେ । ହେଲେ ଦେଶର ଯେଉଁ ଅବସ୍ଥା ତା ଭିତରେ କାମ କେବଳ ଅନ୍ଧାରରେ ଅଣ୍ଡାଳି ହେଲା ପରି କଥା ।'

ଗୋପଙ୍କର କଥା ଶୁଣି ରାମଚନ୍ଦ୍ର କହିଲେ 'ଦିନକରେ ଶପଥ ପୂର୍ଣ ହୁଏନା । ତମେମାନେ ତ ସାଧନାରେ ଅଛ ।'

'ଭାର୍ଗବୀ କୂଳର ଶପଥ କଥା ମୁଁ ବି ଶୁଣିଛି ଆପଣେ । ସେ ଦିନ ଆମେ ସିନା ନ ଥିଲୁ ହେଲେ ଆମର ବି ସେଥିରେ ବିଶ୍ୱାସ ।' କହିଥିଲେ ଗୋଦାବରୀଶ ।

'ତୁମ ବ୍ୟକ୍ତିଗତ ଜୀବନରେ ଏତେ ଦୁଃଖ ଏତେ କଷ୍ଟ । ତୁମ ଘରେ କଣ ଚାହୁଁଥିବେ ।'

'ସମୟ କହିବ । ହେଲେ ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ଆମେ ଆପଣଙ୍କ ବିଚାର ସହ ଅଛୁ ।'

କଥା ମଝିରେ ରାମଚନ୍ଦ୍ର ନିଜ ଦଇତାପଡ଼ା ସାହି ଘରକୁ ଗଲେ । ହେଲେ ଆଲୋଚନା ଜାରି ଥାଏ ।

ଭାରତ ଏ ଆଲୋଚନାକୁ ବହୁ ଦିଗରୁ କାନ ଡେରିଥାଏ । ସେ ତ ପାଠ ପଢି ସରକାରୀ ଅଧିକାରୀ ହେବା ଇଚ୍ଛା କରେ । ହେଲେ ଏ ତ୍ୟାଗର ସଂକଳ୍ପ ଶୁଣିବାକୁ ତାଙ୍କୁ ବେଶ ଭଲ ଲାଗୁଥାଏ ।

ତେବେ ଗୋପ ପୁଣି କହିବା ଆରମ୍ଭ କଲେ । 'ଶିକ୍ଷା, ସ୍ୱାସ୍ଥ୍ୟ ଆଉ ସ୍ୱାଧୀନତା ଆମର ବଡ଼ ଧେୟ । ସ୍ୱାଧୀନତା ତ ବିଦେଶୀମାନେ ଆମକୁ ଯାଚି କରି ଦେବେ ନାହିଁ । ଶିକ୍ଷା ଯାହା ବା ମିଳିବ ମିଳୁଛି ତାଙ୍କ ନମୁନା ମୁତାବକ । ହେଲେ ସ୍ୱାସ୍ଥ୍ୟ ?'

'ଡାକ୍ତରଖାନା ତ ଯଥେଷ୍ଟ ନାହିଁ ।' କହିଲେ କଣ୍ଠ ।

'ଲୋକେ ତ ରୋଗରେ ଶାଗ ପଟାଳି ପରି ମରି ଶୋଉଛନ୍ତି । କେତେବେଳେ ବସନ୍ତ କେତେବେଳେ ହଇଜା ।'

'ହଁ ଆପଣେ । କଲେଜିଏଟ ବୋଡିଂରେ ତ ମୋ କଥା ସରିଥିଲା ।'

ଗୋଦାବରୀଶ ଓ ଅନ୍ୟମାନେ ଏ କଥା ଶୁଣି ସଜାଗ ହୋଇଗଲେ । 'କଣ ହୋଇଥିଲା ?'

ତା ପରେ ଘଟଣାର ବୟାନ ଦେବା ଆରମ୍ଭ କରିଥିଲେ ଗୋପ । ଜଳବାୟୁ ପରିବର୍ତ୍ତନ ଲାଗି କଣ୍ଠ ଯାଇଥିଲେ କଟକ । ତ୍ରିବିକ୍ରମ, ସନାତନ , ବାଲୁଙ୍କେଶ୍ୱର, ହରିହର ଆଉ ମୋସହ କଲେଜିଏଟ ବୋର୍ଡିଂ ରେ ଥିଲା ବେଳ କଥା । କଣ୍ଠ ବଡ଼ ନିଷ୍ଠାର ସହ ପଢ଼ାପଢ଼ି କରୁଥିଲେ । ଭୋରରୁ ଉଠି କାଠ ଯୋଡ଼ିରେ ଗାଧୋଇ ମଠା ପିନ୍ଧି ପଢୁଥିଲେ ଗୀତା, ଉପନିଷଦ । ଡ୍ରଇଂ ମାଷ୍ଟ୍ରେ ମନ୍ମଥ ବାବୁଙ୍କ ଠାରୁ ଡ୍ରଇଂ ଶିଖି ସେ ବିଦ୍ୟାରେ ସବଳ ହେବାକୁ ଚେଷ୍ଟା କରୁଥିଲେ । ଦିନକର ସକାଳୁ ଗୁଣ୍ଡାଏ ଅଧେ ଖାଇ ମୋତେ କହିଲେ ।

-ଆପଣେ ମୋର ଆଉ ଖାଇବାରେ ରୁଚି ହେଉନାହିଁ । ଆମେ ସବୁ ନଇ ବନ୍ଧ ଆଡେ ବୁଲି ଗଲୁ । ଡାକିଲୁ ଗଲେ ନାହିଁ ।ଫେରିଲା ପରେ କହିଲେ- ବଡ଼ ଗୋଟାଏ ଝାଡା ହୋଇ ଗଲା ।

ମୁଁ ବି ଟିକେ ଉତ୍ସାହ ଦେଇ କହିଲି 'ହଁ ପେଟ ତମ୍ବା ତାର ପରି ପରିଷ୍କାର ହୋଇଗଲା । ଏଥର ଭଲ ଲାଗିବ ।'

ତା ପରେ କଳାକାଠ ପଡି ଯାଏ କଣ୍ଠର ମୁହଁ । କଲେଜିଏଟ ବୋଡିଂରେ ଚହଳ ପଡେ । ଡାକ୍ତର ଆନନ୍ଦ ଲାଲ ମିତ୍ରଙ୍କୁ ଖୋଜା ପଡେ । ଜଣାଗଲା କଣ୍ଠଙ୍କୁ ହଇଜା ହୋଇଛି ।'

'ହଁ ଆପଣେ ମୋର ଠିକ ମନେ ଅଛି ହରି ଭାଇନା ମୋ ଗୋଡ଼ ଦୁଇଟିକୁ କୋଳରେ ଧରି ଆଉଁସୁଥାଆନ୍ତି । ଆପଣ ମୁଣ୍ଡ ପାଖରେ ବସି ଲୁହ ଗଡାଉଥାନ୍ତି । ହେଲେ ମୋତେ ସବୁ କିଛି ଦିଶୁଥାଏ ଅସ୍ପଷ୍ଟ । ହରି ଭାଇନା ମୋତେ ଟେକି

ନେଇ ବାହାରେ ଝାଡା କରାଉଥାନ୍ତି । ମୁଁ ତ ବଡ଼ କଷ୍ଟରେ ଆପଣଂକୁ କହିଲି ଗୀତା ପଢନ୍ତୁ । ଆପଣ କି ହରିଭାଇନା ରାତି ସାରା ଖାଇ ନଥାନ୍ତି କି ଶୋଇ ନଥାନ୍ତି ।'

ମନେ ଅଛି ବଡ଼ କଷ୍ଟରେ ମୁଁ ପଢ଼ିଲି ଦ୍ୱିତୀୟ ଅଧ୍ୟାୟରୁ

'ଅଶୌଚ୍ୟାନନ ଶୋଚସ୍ତଂ ।'

'ହଁ ସକାଳକୁ ବାଲୁଙ୍କେଶ୍ୱର ଆଉ ତ୍ରିବିକ୍ରମ ଦେଖିବାକୁ ଆସିଲେ । ମୁଁ ସେତେବେଳେ ମରିବାକୁ ପ୍ରସ୍ତୁତ ହେଉଥାଏ । ସବୁ ଦେଖାଯାଉଥାଏ ଜାଲୁଜାଲୁଆ । ମୁଁ ଧରିନେଲି ଚରମ କ୍ଷଣ ଉପସ୍ଥିତ । ମନେ ପକାଇଲି ବାସାଂସି ଜୀର୍ଣ୍ଣାନି ।'

'ହଁ କଣ୍ଠ । ସେତିକି ବେଳେ ଡାକ୍ତର ଆନନ୍ଦ ଲାଲ ମିତ୍ର ପହଁଚିଲେ । ଆଉ ଧୀରେ ତୁମେ ସୁସ୍ଥ ହେଲ ।ଏଇ ହେଲା ଆମର ସ୍ୱାସ୍ଥ୍ୟ ସ୍ଥିତି, ଆମର ପରିମଳ ବ୍ୟବସ୍ଥା । ହୁଏତ ଆମେ ସ୍ୱାସ୍ଥ୍ୟ ସେବା ପାଖରେ ପହଁଚି ପାରୁନେ । ବା ସ୍ୱାସ୍ଥ୍ୟ ସେବା ଆମ ପାଖେ । ପରିମଳ ବ୍ୟବସ୍ଥାରେ କଣ ସମସ୍ୟା ଅଛି ଯେ ।

ହଇଜା ବ୍ୟାପୁଛି । ରଥଯାତ୍ରା ବେଳେ ତ ଏହା ନିୟମିତ କଥା ରେ ପରିଣତ ହେଲାଣି ।

ଭାରତ ମନେ ପକାଇଲେ – ନୀଳକଣ୍ଠ ତା ହେଲେ ଏଇ ପ୍ରାଣ ସଂକଟ କଥାକହୁଥିଲେ ।

ତା ପରେ ବୋର୍ଡିଂ ରେ ରାତି ଖିଆ ସରିଲା । ଯେ ଯାହାର ବିଶ୍ରାମ କରିବାକୁ ଗଲାପରେ ଗୋପଙ୍କର ମନେ ପଡ଼ିଲା ରେଭେନ୍ସା କୁ ନେଇ ଲେଖିଥିବା କବିତା । କବିତାଟି ଗତ ବର୍ଷର ଲେଖା । ରେଭେନ୍ସା କଲେଜରୁ ବିଦାୟ କବିତାଟିରେ ଗୋପ ମହାବିଦ୍ୟାଳୟ ପ୍ରତିଥିବା ସମସ୍ତ ଆବେଗ ନିଗାଡି ଦେଇଥିଲେ । ଶିକ୍ଷାନୁଷ୍ଠାନ ହେଉଛି ଜନନୀ । ସଂସାରର ଅଜ୍ଞାନତା ମଣିଷକୁ ଚଞ୍ଚଳ କରାଏ । କିନ୍ତୁ ରେଭେନ୍ସା ତାଙ୍କ ଭିତରେ ଦେଇଥିଲା ଶାନ୍ତି ଓ ଜିଜ୍ଞାସା । କବିତାରେ ରେଭେନ୍ସା ପରିସରର ଉଦ୍ୟାନ ରେ ବନ୍ଧୁମାନଙ୍କ ମେଳରେ ଚନ୍ଦ୍ରପକ୍ଷ ରାତି କଟାଇବାର ପୁଲକ ବର୍ଣିତ ହୋଇଥିଲା ପୁଣି ସେଠୁ ପାଇଥିବା ଶିକ୍ଷା ଜୀବନରେ ପ୍ରତିଫଳିତ ହେଉ ବୋଲି କାମନା କରାଯାଇଥିଲା । ଗୋପ ସେ ଧାଡ଼ିଗୁଡିକ ଆଉଥରେ ଗୁଣୁଗୁଣାଇଲେ

'ଶିଖାଇଛ ଯେଉଁ ଶିକ୍ଷା / ଦେଇଅଛ ଯେଉଁ ଦୀକ୍ଷା / ନିରନ୍ତର ପ୍ରତିଫଳୁ ତାହା ମୋ ଜୀବନେ / ଏଇ ଭିକ୍ଷା ଅକିଞ୍ଚନ କରେ ଶ୍ରୀ ଚରଣେ ।'

ଏବେ ପୁଣି ମନେ ପଡୁଥିଲା ଛବିଶ ବର୍ଷ ପୂରିଲା ବେଳେ ଲେଖିଥିବା କବିତା । ମନେ ହେଉଥିଲା ଭିତରେ ଅନେକ କଳ୍ପନାର କଢି, ହେଲେ ଗୋଟିଏ ବି ଫୁଟି ନାହିଁ । ନିରପେକ୍ଷ ନଈ ଭଳି ବହି ଯାଉଛି କାଳ । ଯୁବା ବୟସରେ ଜୀବନ ଲାଗୁଥିଲା ଦଦରା ନାଆ ପରି । ସେ କେବଳ ପ୍ରାର୍ଥନା କରୁଥିଲେ 'ଧର୍ମ ଅନୁକୂଳ ଯେବେ ମୋ କାମନା ଚୟ, ସାଧନେ ଶକତି ଦିଅ ପ୍ରଭୁ ଦୟାମୟ ।' କାଳର ଅନ୍ତଃ ସ୍ରୋତ ତାଙ୍କୁ ଯେମିତି ଘାରୁଥିଲା ତାକୁ ଧ୍ରୁବ ପ୍ରମାଣିତ କରି ଘଟୁଥିଲା ସେମିତି ଘଟଣା ।

ଏ ଭିତରେ ଘଟିଥିବା ଦୁଇଟି ମୃତ୍ୟୁ ଗୋପଙ୍କ ମନରେ ଗଭୀର ରେଖାପାତ କରିଥିଲା । ଜଣେ ହେଲେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର । ଆର ଜଣକ ତାଙ୍କ ନିଜ ଅନ୍ତରର ନିକଟତମ ଏକୋଇର ପୁଅ । ସାମନ୍ତଙ୍କ ଦେହତ୍ୟାଗ ଗୋପ ଲାଗି ଏକ ଜାତୀୟ କ୍ଷତି ଥିଲା । ଆଉ ପୁଅର ଅକାଳ ବିୟୋଗ ଥିଲା



ଗୋଦାବରୀଶ ମିଶ୍ର

ମର୍ମମନ୍ତୁନକାରୀ । ସାମନ୍ତ ଜୀବିତ ଥିଲା ବେଳେ ଗୋପ ତାଙ୍କୁ ନିବେଦିତ କରି ଲେଖିଥିଲେ ଏକ କବିତା । ତାଙ୍କୁ ଉତ୍କଳ ଭାସ୍କର, ଋଷି ପ୍ରଭ ଏହିପରି କେତେ ଭାବେ ସେ କବିତାରେ ସମ୍ବୋଧନ କରିଥିଲେ । ଅଜ୍ଞାନ ଉତ୍କଳ ରେ କେହି ତାଙ୍କ ପ୍ରତିଭା ବୁଝିଲେ ନାହିଁ , ତାଙ୍କୁ ପଢ଼ା ଖଣ୍ଡେ ସୁଦ୍ଧା କେହି ଉପହାର ଦେଲେ ନାହିଁ –କବିତାରେ ଏହିପରି ଅନେକ ଖେଦୋକ୍ତି କରାଯାଇଥିଲା । ଯୋଗେଶ ରାୟଙ୍କ ପରି ଚିହ୍ନରା ଗ୍ରାହକ ତାଙ୍କ ସିଦ୍ଧାନ୍ତ ଦର୍ପଣ ପାଇଁ ଆଗ୍ରହ ଦେଖାଇଥିବାରୁ ତାଙ୍କର ପ୍ରଶଂସା କରାଯାଇଥିଲା । ଶେଷରେ କବିତାରେ ତାଙ୍କୁ ଗୋପ ନିବେଦନ କରଥିଲେ – ସେ ସିଦ୍ଧାନ୍ତ ଦର୍ପଣରେ ସ୍ୱଦେଶର କୋଷ୍ଠୀ ଦେଖି କୁହନ୍ତୁ ଏହାର ଦୁର୍ଦ୍ଦଶା କେବେ ଶେଷ ହେବ । ଯୋଗେଶଙ୍କ ସିଦ୍ଧାନ୍ତ ଦର୍ପଣ ମୁଖବନ୍ଧ ପଢି ଅକ୍ସଫୋର୍ଡରୁ ମାକ୍ସମୁଲର ତାଙ୍କୁ ଚିଠି ଲେଖନ୍ତି–

'If the case is as you state in your preface I have little doubt that the present viceroy will feel inclined to sanction some grant to that unselfish student . ' କିନ୍ତୁ ଫଳ କିଛି ହେଲା କି ? ଗୋପବନ୍ଧୁ ସାମନ୍ତଙ୍କୁ ତାଙ୍କ ଜ୍ୟୋତିର୍ବିଜ୍ଞାନ ପାଇଁ ଯେତିକି ସମ୍ମାନ କରନ୍ତି ସେତିକି ସଂଭ୍ରମ କରନ୍ତି ତାଙ୍କ ନୈତିକ ଜୀବନ ପାଇଁ । ସେହି ସାମନ୍ତ ସିଦ୍ଧାନ୍ତ ଦର୍ପଣ ପରି ଜ୍ୟୋତିର୍ବିଜ୍ଞାନ ଗ୍ରନ୍ଥରେ ଅଧ୍ୟାୟେ କରିଛନ୍ତି ଜଗନ୍ନାଥ ସ୍ତୁତି । କ୍ଷେତ୍ରରେ ମରିବେ ବୋଲି ଆସି ରହିଥିଲେ । ସେ ତ ନିଜେ ସିଦ୍ଧାନ୍ତ ଦର୍ପଣର କାଳାଧିକାର ଉପସଂହାର ବର୍ଣ୍ଣନଂ ର ୧୫୯ ଶ୍ଳୋକାଂଶରେ ଲେଖିଥିଲେ– 'ଗାତ୍ରମ ମମ ସୁପବିତ୍ରେ ନିପତତୁ ପୁରୁଷୋତ୍ତମ କ୍ଷେତ୍ରେ ' ।ହରି ଛାଡିବେ ବୋଲି ଖଣ୍ଡପଡାରେ ହାହା କାର ପକାଇ ଆସି ରହିଲେ ମାର୍କଣ୍ଡେଶ୍ୱର ସାହିରେ ପାରିକୁଦ ରାଜାଙ୍କ ବସାରେ । ପୁଅ ସହ ନୀଳାଦ୍ରି ସିଂହଙ୍କୁ ଦର୍ଶନ କରି କହିଲେ –ଏ ଜନ୍ମ ପାଇଁ ଏଇ ଶେଷ ଭେଟ । ତା ପରେ ଜୀବ ଛାଡିବା ଯାଏଁ ନୀଳଚକ୍ରକୁ ଚାହିଁ ରହିଲେ ବସା ଘରୁ । ତାଙ୍କ ଦେହତ୍ୟାଗରେ ତାଙ୍କର ପୁରୀ ବସା ଲୋକାରଣ୍ୟ ହୋଇଥଲ । ବିରାଟ ପଟୁଆରରେ ତାଙ୍କୁ ସ୍ୱର୍ଗଦ୍ୱାର ନିଆଯାଇଥିଲା । ସେ ସମୟରେ ସାମନ୍ତଙ୍କ ଦଶାହ ପାଇଁ ଗୋପବନ୍ଧୁ ସଭା କରିବାକୁ ଚାହିଁଲେ । ଆଉ ଡ଼କରା ପଡିଲା ନୀଳକଣ୍ଠ କୁ ।

'ସାମନ୍ତେ ତ ହରି ଛାଡିଲେ । ତାଙ୍କ ଦଶାହ ପାଇଁ ସ୍ମୃତି ସଭା ହେବ ?'

'ଆଜ୍ଞା ।' ଉତ୍ତର ଦେଲେ ନୀଳକଣ୍ଠ ।

'ଆଛା କଣ୍ଠ ତାଙ୍କ ବିଷୟରେ କିଏ ଲେଖିବ ?'

ଗୋପବନ୍ଧୁଙ୍କର ଏ ପ୍ରଶ୍ନରେ କଣ୍ଠ ଓ ତା'ର ବନ୍ଧୁମାନେ ପରସ୍ପର ର ମୁହଁ ଚହାଁଚହିଁ ହେଲେ ।

ଗୋପବନ୍ଧୁ କିନ୍ତୁ ପୁଣି ନୀଳକଣ୍ଠଙ୍କ ଆଡ଼କୁ ଚାହିଁ କହିଲେ

'କଣ୍ଠ ! ପୁରୀ ଠୁ କଟକ ଯାଏଁ ଛାତ୍ରମାନଙ୍କ ସଭା କହିଲେ ତୁମ ନାଁ ଆଗ ଆସେ । କେଉଁଠି ତୁମେ ସଭାପତି କେଉଁଠି ବା ସମ୍ପାଦକ । ତୁମେ ପାରିବ । ତାଙ୍କ ର କ୍ଷୁଦ୍ର ଜୀବନୀ ସଭାରେ ପଢ଼ାହେବା ଦରକାର । ଲୋକେ ତାଙ୍କ ଜୀବନର ମହନୀୟତା ବିଷୟରେ ଜାଣିବା ଆବଶ୍ୟକ । ଲୋକେ ଖାଲି ନାମ ଜାଣନ୍ତି କାମ ଜାଣନ୍ତି ନାହିଁ ।'

'ସାମନ୍ତଙ୍କୁ ଦେଖି ଯିବି ବୋଲି କେତେ ଦିନରୁ ସିଦ୍ଧାନ୍ତ ଦର୍ପଣ ଆଣି ପାଖରେ ରଖିଥିଲି । ଏବେ ତା'ର ମୁଖବନ୍ଧ ଭରସା । କହିଥିଲେ କଣ୍ଠ ।



ଉତ୍କର୍ଷ ଆମ ମାଟିର ସ୍ୱର

'ହଁ କଣ୍ଠ ! ଯୋଗେଶ ରାୟ ଲେଖିଥିବା ଇଂରାଜୀ ମୁଖବନ୍ଧ ବେଶ ଉପଯୋଗୀ । ସେ ନଥିଲେ କେଜାଣି କଣ ହୋଇଥାନ୍ତା ସିଦ୍ଧାନ୍ତ ଦର୍ପଣର ଭାଗ୍ୟ ।'

ସତକୁ ସତ କଣ୍ଠ ସେଇ ଇଂରାଜୀ ମୁଖବନ୍ଧକୁ ଆଧାର କରି ଲେଖିଲେ ସାମନ୍ତଙ୍କ କ୍ଷୁଦ୍ର ଜୀବନୀ । ମୁକ୍ତିଆର ରାମଚନ୍ଦ୍ର ଦିନକର କଚେରୀରୁ ଫେରି ବ୍ରାହ୍ମଣ ସମିତି ଆସିଥାନ୍ତି । ଗୋପ କହିଲେ 'କଣ୍ଠ ସାମନ୍ତଙ୍କ ଉପରେ ଏଇ ପ୍ରବନ୍ଧ ରଚନା କରିଛନ୍ତି ।'

'ଭଲ କଥା । ଆମକୁ ଟିକିଏ ପଢି ଶୁଣାଅ । 'କହିଲେ ସଦା ଉତ୍ସାହୀ ରାମଚନ୍ଦ୍ର ।'

ଗୋପବନ୍ଧୁ ପଢି ଶୁଣାଇ ଥିଲେ ସଂପୂର୍ଣ୍ଣ ପ୍ରବନ୍ଧ । ତା ପରେ ରାମଚନ୍ଦ୍ର କହିଥିଲେ 'ଅତି ସୁନ୍ଦର । ଏଇଟି ଦଶାହ ଦିନ ପଢ଼ାଯାଉ ।'

ସାମନ୍ତଙ୍କ ଦଶାହ ସଭାରେ ନୀଳକଣ୍ଠ ପଢିଥିଲେ ସେ ପ୍ରବନ୍ଧ । ତାହା ସମସ୍ତଙ୍କର ହୃଦୟଗ୍ରାହୀ ହୋଇଥିଲା । ଏ ଭିତରେ ପ୍ରକୃତିର କୋପ ଆରମ୍ଭ ହୁଏ । ଆସେ ବର୍ଷା ଡାକି ଆଣେ ବଢ଼ି । ଗୋପ ପୁଣି ନିଜ ଯୁବ ବାହିନୀ ଧରି ଲାଗି ପଡନ୍ତି କାମରେ ।

ଦିନେ ଗୋପଙ୍କ ପାଖରେ ଖବର ପହଞ୍ଚେ ଗାଁରେ ତାଙ୍କର ଏକୋଇର ପୁଅ ଜ୍ୱରଅତିସାରରେ ପୀଡିତ । ମୋତି ଅତି ବିକଳ ହୋଇ କ୍ରନ୍ଦନ କରୁଛନ୍ତି ।

ଛ ବର୍ଷ ବେଳୁ ପୁଅକୁ ହୋଇଥିଲା ବସନ୍ତ । ଯାହା ଯେମିତି ଚିକିତ୍ସା ରେ ବସନ୍ତ କମି ଗଲା । ତା ପରେ ନାଳ ରକ୍ତ ଝାଡ଼ା ।

ବିଭିନ୍ନ ଆଡୁ ଚିନ୍ତିତ ଗୋପ ଗାଁ କୁ ଗଲେ । ଡାଟି ଶଗଡ଼ କରି ସ୍ତ୍ରୀ ପିଲାଙ୍କୁ ଘେନି ପହଁଚିଲେ ପୁରୀରେ ।

ଶଗଡ଼ ଭିତରେ ମୋତି ପଚାରିଲେ 'ଆମେ ପୁଅକୁ ନେଇ କେଉଁଠିକୁ ଯିବା ?'

'ଆମେ ବୋର୍ଡିଂ ରେ ଗହଳିରେ ରହିବା ନାହିଁ । ଆମ ମାର୍କେଟ ଛକ ପାଖ ଘରକୁ ଯିବା ।'

'ନିଆଁ ଲଗା ନାଳରକ୍ତ ଝାଡା କମୁନି । ମୋ ଧନର କଣ ହେବଟି ?'

'ବ୍ୟସ୍ତ ହୁଅନି । ଜଗନ୍ନାଥ ଅଛନ୍ତି । ସବୁ ଠିକ କରିଦେବେ ।'

'ଗାଁ ରେ କେତେ ଟୁଣୁକା ଟୁଣୁକି କଲି । କାହିଁରେ କମିଲାନି । ତହିଁକି ପୁଣି ଏ ଜର ।'

'ସବୁ ଈଶ୍ୱରଙ୍କ ଇଛା ।'

ଗୋପ ଓ ମୋତି ପହଁଚିବା ପରେ ରାମଚନ୍ଦ୍ର, ନୀଳକଣ୍ଠ ପ୍ରଭୃତି ପହଞ୍ଚନ୍ତି ।

' ମୁଁ ମାଗୁଣି ବ୍ରହ୍ମାଙ୍କୁ ଖବର ଦେଇଛି । ସେ ଏଇ ଆସୁଥିବେ ।'

ବିବ୍ରତ ହୋଇ କହିଲେ ରାମଚନ୍ଦ୍ର ।

'କଣ କେବଳ କବିରାଜୀ ଚିକିତ୍ସା କରିବା ? 'ପଚାରନ୍ତି ଗୋପ ।' ଆଉ ଓଢଣା ତଳୁ ଉତ୍କଣ୍ଠିତ ହୋଇ ଉତ୍ତରକୁ ଅପେକ୍ଷା କରେ ମୋତି ।

'ନା । ଡାକ୍ତରୀ ଚିକିତ୍ସା ବି ହେବ । ଡ଼ମପଡ଼ାର ଡାକ୍ତର ବାସୁଦେବ କରଙ୍କ ସହ ବି ପରାମର୍ଶ କରିବା ।'

ମୋତି ମନେ ମନେ ଆଶ୍ୱସ୍ତ ଯେ ପୁଅର ସବୁ ପ୍ରକାର ଚିକିତ୍ସା ହେବ । ଦୁଇ ଡାକ୍ତରଙ୍କ ଚିକିତ୍ସା ଆରମ୍ଭ ହୋଇଗଲା । ଛୋଟ ପିଲା କେତେ କଷ୍ଟ ବା ସହିବ ? ବାପ ମା ଦିହେଁ ଅନିଦ୍ରା ହୋଇ ପୁଅ ପାଖରେ ଜଗି ରହିଥାନ୍ତି । ଗୋପ ମଧ୍ୟ ଅନିଦ୍ରା ରହି ପୁଅକୁ ଆଉଁସି ଦେଉଥାନ୍ତି । କଣ୍ଠ ତ ପାଖେ ପାଖେ ରହିଥାନ୍ତି । ହରିହର, ଦିବାକର ଓ ରଘୁନାଥ ମଧ୍ୟ ନିୟମିତ ଆସୁଥାନ୍ତି । ସେତିକି ବେଳେ ବଢି ପରିସ୍ଥିତି ଖରାପ ହୁଏ । ଦୟା, ଭାର୍ଗବୀ,କୁଶଭଦ୍ରା କ୍ଷୁଧିତ ହୋଇ ଉଠିଥାନ୍ତି । ପୁଅର ଏ ଦୁରବସ୍ଥାରେ ମଧ୍ୟ ଗୋପ ନିଜର ସେବା ଦଳକୁ ଅଧିକରୁ ଅଧିକ କାମରେ ଲଗାଇବାକୁ ଭୁଲି ନ ଥାନ୍ତି । ହେଲେ ପୁଅର ଚିକିତ୍ସା ଚାଲିଥାଏ ଯଥାରୀତି । ପୁଅକୁ ଟିକେ ଚାହିଁ ଗୋପ ଚିନ୍ତା କରୁଥାନ୍ତି କେଉଁଠି କୁ ଚୁଡ଼ା, ଚାଉଳ ଯିବ ଆଉ କେମିତି ଯିବ ।

'ତୁମେ ଏତେ କାମରେ ମୁଣ୍ଡ ନ ଖେଳାଇ ପୁଅ କଥା ଦେଖ ।'

ଗୋପଙ୍କୁ ଟିକେ ତାଗିଦା କଲା ଭଳି କହିଥିଲେ ରାମଚନ୍ଦ୍ର । ଅବଶ୍ୟ ସେ ଜାଣିଥିଲେ ଚିକିତ୍ସା ଠିକ ଠିକ ଚାଲିଥିଲେ ମଧ୍ୟ ପୁଅର ଅବସ୍ଥାରେ ଉନ୍ନତି ହେଉ ନାହିଁ । ମୋତି ତ ପୁଅର ଦୁର୍ବଳ ଦେହକୁ ଚାହିଁ ଏକ ପ୍ରକାର ଖାଇବା ଛାଡି ଦେଇଥାନ୍ତି । ଗୋପଙ୍କ ଭିତରେ ସଂଚି ହୋଇଥାଏ ଅବରୁଦ୍ଧ କୋହ । ଦିନ କର ଗୋପ ବାହାରିଲେ ବନ୍ୟା ଅଞ୍ଚଳକୁ । ଭାରାକ୍ରାନ୍ତ ମନ ତେଣେ କିନ୍ତୁ କର୍ତ୍ତବ୍ୟର ଡାକ ।

'ଆପଣେ ପୁଅର ଏପରି ଅବସ୍ଥାରେ ତାକୁ ଛାଡି ବନ୍ୟାଞ୍ଚଳକୁ ଯାଆନ୍ତୁ ନାହିଁ । ଆମ କଥା ଘେନା କରନ୍ତୁ ।' ଅନୁରୋଧ କରିଥିଲେ ରଘୁନାଥ ।

'ଆପଣେ ରହି ଯାଆନ୍ତୁ ।' କହିଥିଲେ କଣ୍ଠ ଓ ଅନ୍ୟମାନେ ।

ଗୋପଙ୍କ ହୃଦୟରେ କୋହ ଥିଲା କିନ୍ତୁ ମନ ଥିଲା ଦୃଢ଼ 'ଈଶ୍ୱରଙ୍କ କୃପା ହେଲେ ପୁଅ ବଞ୍ଚିବ, ନୋଇଲେ ନାହିଁ । ତୁମେ ସବୁ ତ ଅଛ ମୁଁ ରହି ଅଧିକ ବା କଣ କରିପକାଇବି ?'

'ରହି ଯାଅ ଗୋପ ।' କହିଥିଲେ ରାମଚନ୍ଦ୍ର । ଗୋପ ଜାଣେ ତାଙ୍କ ସ୍ୱାସ୍ଥ୍ୟ ବି କିଛି ଭଲ ନଥିଲା ।

'ବାପ ହିସାବରେ ମୋ ହୃଦୟ ବି ବ୍ୟଥିତ । ଚାରି ଆଡ଼େ ହାହାକାର ଚାରିଆଡେ ଅନାହାର । ପୁରୀ ଠାରୁ ବନ୍ୟାଞ୍ଚଳ ବେଶୀ ଦୂର ନୁହେଁ । ମୁଁ କାମ ସାରି ଫେରି ଆସିବି ।'

ସେ ଦିନ ଗୋପ ଫେରିଲା ବେଳକୁ ଅବସ୍ଥା ଅସମ୍ଭାଳ । ଧୀରେ ଧୀରେ ପୁଅର ଅବସ୍ଥା ଆହୁରି ଖରାପ ହେଲା । ମୋତି ବଡ଼ ଅଥୟ ହେଉଥାନ୍ତି । ଘରେ କେତେ ଲୋକଙ୍କ ଗହଳି ଲାଗି ଥାଏ । ଶେଷରେ ଯାହା ଆଶଙ୍କା କରାଯାଉଥିଲା ତାହା ହେଲା । ସବୁ ଚିକିତ୍ସା କୁ ବିଫଳ ପ୍ରମାଣିତ କରି ପୁଅ ଆଖି ବୁଜିଲା । ପୁରୀ ମାର୍କେଟ ପାଖ ଗୋପବନ୍ଧୁଙ୍କ ଘରୁ ଉଠିଲା ହୃଦୟ ବିଦାରକ ହାହାକାର । ବୋର୍ଡିଂ ର ପିଲାଏ ଆସି ପହଁଚିଲେ । ସମସ୍ତେ ମିଶି ଶବ ନେଇ ଗଲେ ସ୍ୱର୍ଗଦ୍ୱାର । ମୋତିଙ୍କୁ ଘରେ ସମ୍ଭାଳିବା କଷ୍ଟକର ହେଲା । ପୁଅ ମୁହଁରେ ନିଆ ଦେଉ ଦେଉ କୋହ ଜରଜର ଗୋପ କହିଲେ

'ଯେଉଁ କୁଳ ପ୍ରଦୀପ ମୋ ମୁହଁରେ ନିଆଁ ଦେଇଥାନ୍ତା ଆଜି ମୋ କ୍ଷେତ୍ରରେ ତା'ର ବିପରୀତ ଘଟିଛି । ହେ ପରମେଶ୍ୱର ! କଣ ଆପଣଙ୍କ ଇଛା ।'

ଶ୍ମଶାନ ରୁ ଫେରି ମୋତିକୁ ସାନ୍ତ୍ୱନା ଦେବା ଭିତରେ ଗୋପ ଆହୁରି କୋହ ଜର୍ଜର ହୋଇ ପଡିଲେ । କେତେ କଷ୍ଟରେ ଏ ମର୍ମ ଦହନ ସହି ହୁଏ । ମନେ ପଡ଼ିଲା ରାମଚନ୍ଦ୍ରଙ୍କ ପୁତ୍ର ବିୟୋଗ କଥା । ସେ କେମିତି ପ୍ରାର୍ଥନା କରି ପାରିଥିଲେ ପ୍ରଭୁ ମୋତେ ଆଉ ସନ୍ତାନ ଦିଅନି କେଜାଣି । ଗୋପଙ୍କ ଭିତରର କବି ହୃଦୟ କାନ୍ଦି ଉଠୁଥିଲା କଇଁ କଇଁ ।

ଘଟଣା ଗଲାଣି କିନ୍ତୁ ଦୁଃଖ ଆଜି ବି ପାଶୋର ଯାଇନି । ଗୋପଙ୍କର ମନେ ଅଛି ସେ ଓକିଲାତି ପଢିବାକୁ କଲିକତା ଗଲା ବେଳେ ଛାଡିବାକୁ ଯାଇଥିଲେ ବୋର୍ଡିଂର ପିଲାଏ । ସେଠି ମଧ୍ୟ ଗୋପ ଲୁହ ଝରାଇ କାନ୍ଦିଥିଲେ । ଷ୍ଟେସନରେ ଥିବା ଅନ୍ୟାନ୍ୟ ଲୋକେ ବ୍ୟସ୍ତ ହୋଇ ପଚାରିଥିଲେ କଣ ହେଲା । ବୋର୍ଡିଂ ପିଲାଏ ପଚାରିଲେ ' କଣ ହେଲା ଆପଣେ ?'

ସେ କଣ କହିଥାନ୍ତେ ମନେ ପଡୁଛି ସ୍ୱର୍ଗଦ୍ୱାରେ ଜଳାଇ ଦେଇ ଆସିଥିବା ପୁଅର ମୁହଁ ? ତହୁଁ ବେଶୀ ମନେ ପଡୁଛି ଗାଁରେ ଛାଡି ଆସିଥିବା ଶୋକବିଧୁରା ମୋତି ?

ଜବାବ ଦେଲେ ' ତୁମ୍ଭମାନଙ୍କୁ ଛାଡି ଯାଉଛି । ତେଣୁ କଷ୍ଟ ହେଉଛି ।'

ଆଜି ସେସବୁ କଥା ମନେ ପଡିଲେ ଅନ୍ତର ମନ୍ଥି ହୁଏ । ଆଇନ ଅଧ୍ୟୟନ କଲା ବେଳେ ମନେ ପଡ଼ିଯାଏ ମଲା ପୁଅର ମୁହଁ ଆଉ ମୋତିର ଧାରସାର ଆଖି ।

ସ୍ମୃତି



# ଦେଉଳିର ଦମୟନ୍ତୀ

# ସାନ୍ତାଳୀ ସଂସ୍କୃତିର ଦୀପ୍ତି ଦମୟନ୍ତୀ

**ବହୁ ପ୍ରତିଭାର ଅଧିକାରିଣୀ ସେ । କବି, ପ୍ରାବନ୍ଧିକା, ଅନୁବାଦିକା, ସମ୍ପାଦିକା ତଥା ଅଧ୍ୟାପିକା ଭଳି ଅନେକ ପରିଚୟ ତାଙ୍କର । ସେ ହଲେ ସାନ୍ତାଳୀଙ୍କ ସୁନାଝିଅ : ଡକ୍ଟର ଦମୟନ୍ତୀ ବେଶ୍ରା । ସାନ୍ତାଳୀ ଭାଷା ଓ ସାହିତ୍ୟର ଜଣେ ଉଜ୍ଜ୍ୱଳ ତାରକା । ସାନ୍ତାଳୀ ସାହିତ୍ୟର ବିକାଶ ଓ ପ୍ରସାରରେ ତାଙ୍କର ଅବଦାନ ପାଇଁ ୨୦୨୦ରେ ସେ ପାଇଛନ୍ତି ଭାରତ ସରକାରଙ୍କ ତରଫରୁ 'ପଦ୍ମଶ୍ରୀ'ସମ୍ମାନ । ସାନ୍ତାଳୀ ଭାଷାରେ ପଦ୍ମଶ୍ରୀ ପାଇବାରେ ପ୍ରଥମ ମହିଳା ସେ । ଓଡ଼ିଶା ସମେତ ଜନ୍ମ ଜିଲ୍ଲା ମୟୂରଭଞ୍ଜ ପାଇଁ ସେ ଗର୍ବ ଓ ଗୌରବ ।**




**ଡକ୍ଟର କବିତା ବାରିକ**
ଗଣେଶ୍ୱରପୁର, ତେନ୍ତୁଳିଆ ଠାକୁରାଣୀ ମନ୍ଦିର ପଛ,
ଜାନୁଗଞ୍ଜ ଗୋଲେଇ, ବାଲେଶ୍ୱର-୭୫୬୦୧୯
ଫୋନ:୯୪୩୭୧୧୭୬୨୭


ଫଟୋ ସୌଜନ୍ୟ : ଲେଖିକା ଓ ଦମୟନ୍ତୀ ବେଶ୍ରା



ସଂସ୍କୃତି ହେଲା ସଭ୍ୟତାର ଦ୍ୟୋତକ । ଯାହାର ସଂସ୍କୃତି ଯେତେ ବ୍ୟାପକ, ଉନ୍ନତ ତା'ର ସଭ୍ୟତା ସେତେ ପ୍ରସାରିତ । ପ୍ରତ୍ୟେକ ଜାତି, ଭାଷାରେ ଲୋକସାହିତ୍ୟ, ସଂସ୍କୃତି ରହିଛି । ଲୋକସଂସ୍କୃତି ଲୋକସଭ୍ୟତାର ବାହକ । ସେ ଦୃଷ୍ଟିରୁ ଯଦି ମୟୂରଭଞ୍ଜ ଆଦିବାସୀ ସଂସ୍କୃତି କଥା ବିଚାରକୁ ନିଆଯାଏ ତେବେ ପ୍ରଥମେ ସ୍ୱୀକାର କରିବାକୁ ହେବ ମୟୂରଭଞ୍ଜ ଜିଲ୍ଲାଟି ହେଲା ଆଦିବାସୀ ବହୁଳ ଅଞ୍ଚଳ । ଏଠି ସାନ୍ତାଳ, କୋହ୍ଲ, ହୋ, ଭୂମିଜ, ବାଥୁରି, ଭୂୟାଁ, ଗଣ୍ଡ, କୁଡ଼ମୀ ପ୍ରଭୃତି ସଂପ୍ରଦାୟ ବାସ କରିଥାନ୍ତି । ଏପରିକି ଓଡ଼ିଶାର ୬୨ ପ୍ରକାର ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରୁ ୫୩ ପ୍ରକାରର ଆଦିବାସୀ ସଂପ୍ରଦାୟ ଏହି ଜିଲ୍ଲାରେ ବାସ କରିଥାନ୍ତି । ମୟୂରଭଞ୍ଜର ବଣ୍ୟ ପ୍ରକୃତି ମଧ୍ୟରେ ଆଦିବାସୀ ସଂସ୍କୃତି ଏକ ନିଚ୍ଛକ, ସ୍ନିଗ୍ଧ ପରମ୍ପରାର ସଂସ୍କୃତି । ଏଠି ମାଦଳର ତାଳ କଥା କହେ, ବଇଁଶୀର ସ୍ୱର ଗୀତ ଗାଏ, ଧୂମ୍‌ସା ହୃଦୟକୁ କିଣି ନିଏ । ଚାଙ୍ଗୁ ମନକୁ ଚଞ୍ଚଳ କରେ । ଆଦିବାସୀଙ୍କ ପାଦର ଛନ୍ଦ ଜୀବନକୁ ଉଲ୍ଲସିତ କରେ । ପାହାଡ଼, ଝରଣା ଭଳି ଏମାନେ ଖୋଲା, ମୁକୁଳା ଛନ୍ଦକପଟ, ହିସାବୀ ଦୁନିଆ ଠାରୁ ବହୁ ଦୂରରେ । ମହୁଲୀମଦ, ହାଣ୍ଡିଆର ନିଶା ଭିତରେ ଏମାନେ ମସ୍ତ ନାଚିବେ, ମସ୍ତ ଗାଇବେ । ଏମାନଙ୍କୁ ନେଇ ହିଁ ଶାଳବଣର ଜଙ୍ଗଲ ଭଳି ମୟୂରଭଞ୍ଜର ସଂସ୍କୃତି ଚିର ସବୁଜ, ଚିର ନୂତନ ହୋଇ ରହିଯାଉଛି ।

ଆଦିବାସୀ ଅସୁରକ୍ଷିତ ମୟୂରଭଞ୍ଜରେ ସାନ୍ତାଳମାନଙ୍କର ସଂଖ୍ୟା ସର୍ବାଗ୍ରେ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏମାନେ ଜନଜାତି ସଂପ୍ରଦାୟର । ସେମାନେ ଅଷ୍ଟ୍ରିକ ଭାଷା ପରିବାରର । ଅଷ୍ଟ୍ରୋ /ଏସିଆଟିକ୍ ଉପଭାଷା ଗୋଷ୍ଠୀ ଅନ୍ତର୍ଗତ ମୁଣ୍ଡାଭାଷା ସମୂହର ସାନ୍ତାଳୀ ଭାଷା କହୁଥିବା ଏକ ବିଶିଷ୍ଟ ସମୁଦାୟ । ସାନ୍ତାଳମାନଙ୍କର ଭାଷା, ଲିପି, ସଂସ୍କୃତି, ପରମ୍ପରା ବା ଚଳଣିରେ ସ୍ୱାତନ୍ତ୍ର୍ୟ ବାରି ହୋଇପଡ଼େ । ଗୁରୁ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସାନ୍ତାଳୀ ଲିପି 'ଅଲିଚିକି' ସୃଷ୍ଟି ହେବା ପରେ ସାନ୍ତାଳୀ ସାହିତ୍ୟ ଲିଖିତ ଭାଷା

ଭାବରେ ଜନ୍ମନିଏ । ଏ କଥା ସତ୍ୟ ଯେ ଅନ୍ୟାନ୍ୟ ଆଦିବାସୀଙ୍କ ତୁଳନାରେ ସାନ୍ତାଳୀମାନଙ୍କର ଶିକ୍ଷା, ସଂସ୍କୃତି, ଅପେକ୍ଷାକୃତ ଅଧିକ ଉନ୍ନତି । ସେମାନଙ୍କ ଜୀବନର ଧାରା, ପରିଷ୍କାର ପରିଚ୍ଛନ୍ନତା, ଦାନ, ଧର୍ମ, ସଭ୍ୟତା, ସାହିତ୍ୟ ବେଶ୍ ଉନ୍ନତ । ଏଠାରେ ଉଲ୍ଲେଖନୀୟ ସାନ୍ତାଳୀ ଅଲିଚିକି ଲିପିରେ ୩୦ଟି ବର୍ଣ୍ଣମାଳା ରହିଚି । ୨୦୦୩ ମସିହା, ଡିସେମ୍ବର ୨୨ ତାରିଖରେ ସାନ୍ତାଳୀ ଭାଷା ସାମ୍ବିଧାନିକ ସ୍ୱୀକୃତି ଲାଭ କଲା । ୨୦୦୫ ଠାରୁ ସାନ୍ତାଳୀରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଦେବାକୁ ଆରମ୍ଭ କରିଥିଲା । ପ୍ରଥମ ବିଜେତା ହେଲେ ଯଦୁମଣି ବେଶ୍ରା । ସାନ୍ତାଳୀ ସାହିତ୍ୟରେ କେନ୍ଦ୍ର ଏକାଡ଼େମୀ ପୁରସ୍କାର ପାଇଥିବା ପ୍ରଥମ ମହିଳା ହେଲେ ଡକ୍ଟର ଦମୟନ୍ତୀ ବେଶ୍ରା, ଯାହାଙ୍କ ଜୀବନର ଝଲକ ଓ ସାନ୍ତାଳୀ ସାହିତ୍ୟକୁ ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିବା ହିଁ ଏ ଲେଖାର ଉଦ୍ଦେଶ୍ୟ ।

କୁହାଯାଏ ପଙ୍କରୁ ପଦ୍ମ ଫୁଟେ । ପଦ୍ମ ପୁଣି ଆମର ଜାତୀୟ ପୁଷ୍ପ । ଦମୟନ୍ତୀ ବେଶ୍ରା ଏମିତି ପଦ୍ମ, ଯିଏ ଦାରିଦ୍ର୍ୟ ଓ ଜୀବନ ସଂଗ୍ରାମର ପଙ୍କ ଭିତରୁ ପଦ୍ମ ହୋଇ ଫୁଟିଛନ୍ତି ପୁଣି ସମଗ୍ର ଭାରତବର୍ଷରେ ସାନ୍ତାଳୀ ସାହିତ୍ୟ, ସଂସ୍କୃତି ନିମନ୍ତେ ନିଜର ଅବଦାନ ପାଇଁ ୨୦୨୦ରେ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମଶ୍ରୀ'ର ମୁକୁଟ ପିନ୍ଧି ପାରିଛନ୍ତି । ତେବେ ଏ ମୁକୁଟ ପାଖରେ ପହଞ୍ଚିବା ପାଇଁ ତାଙ୍କୁ ଜୀବନରେ ବହୁ ଅଙ୍କାବଙ୍କା ରାସ୍ତା ପାରି ହେବାକୁ ପଡ଼ିଛି । ଏ ରାସ୍ତା ବି ଏତେ ସହଜ ନଥିଲା । କେତେ ଝଡ଼ ଉଠିଛି, କେତେ ନିରାଶା ଆଉ ସଂଘର୍ଷ, ଦାରିଦ୍ର୍ୟ ଆସିଛି, ତଥାପି ସେ ହାର୍ ମାନି ନାହାନ୍ତି । ସେଥିପାଇଁ ତ ଫିରାକ୍ ଗୋରେଖପୁରୀ ଲେଖିଥିଲେ: "ହମ୍ ସଫର୍ ହୋ ଯାତାହେ ଖତମ୍ କଭି ମଞ୍ଜିଲ୍ ପେ କଭି ମଞ୍ଜିଲ୍ ସେ ପେହେଲେ.... ।" କିନ୍ତୁ ଦମୟନ୍ତୀ ବେଶ୍ରା ମଞ୍ଜିଲ୍‌ରେ ହିଁ ପହଞ୍ଚିଥିଲେ ।

ମୟୂରଭଞ୍ଜର ରାଇରଙ୍ଗପୁର ଠାରୁ ସାତ କିଲୋମିଟର ଦୂର ଦେଉଳି ଗ୍ରାମରେ ପିତା ବୁଢ଼ାନ ମାଝି ଓ ମାତା ମାନି ମାଝିଙ୍କ କୋଳ ମଣ୍ଡନ କରି ୧୯୬୨ ମସିହା ଫେବୃଆରୀ ୧୬ ତାରିଖରେ ଦମୟନ୍ତୀ ସାନ୍ତାଳୀ ସମ୍ପ୍ରଦାୟରେ ଜନ୍ମ ଗ୍ରହଣ କରିଥିଲେ । ବାପା ମାଆ ଅପାଠୁଆ ଥିଲେ । ଜେଜେମା ତାଙ୍କର ନାମ ରଖିଥିଲେ ଧିଗିଜ । ଧିଗିଜ୍ ବଡ଼ ହେଉଥିବା ଭିତରେ ଭୂଇଁ ଖଡ଼ିରେ ଗାରେଇ ପାଠପଢ଼ା ଆରମ୍ଭ କଲେ ।

ନିମାଇଁ ଭାଇ ତାକୁ ପାଠପଢ଼ିବା ପାଇଁ ପ୍ରେରଣା ଯୋଗାଇଥିଲେ । ତାଙ୍କ ଯୋଗୁଁ ସେ ଓଡ଼ିଶା ବର୍ଣ୍ଣମାଳା ଖୁବ୍ ଶୀଘ୍ର ଶିଖିଗଲେ । ଏକଥା ବଡ଼ବାପାଙ୍କ କାନରେ ପଡ଼ିଲା । ସେ ସିଲଟ, ବହି, ଖଡ଼ି ଧରି ପହଞ୍ଚିଗଲେ । ଦେଉଳିରେ ନିମ୍ନ ବିଦ୍ୟାଳୟରେ ବଡ଼ ବାପା ଓ ଶିକ୍ଷକ ମିଶି ଧିଗିଜ ନାଁଟି ପରିବର୍ତ୍ତନ କରି ଦମୟନ୍ତୀ ବୋଲି ଲେଖିଦେଲେ । ସେହିଦିନ ଠାରୁ ଧିଗିଜ ନାଁଟି ସବୁଦିନ ପାଇଁ ହଜିଗଲା । ଓ ତାରି ସ୍ଥାନରେ ରେଜିଷ୍ଟର୍‌ରେ ଚଢ଼ାଗଲା ଦମୟନ୍ତୀ ବେଶ୍ରା । ସେତେବେଳେ ଦେଉଳିର ଏହି ନିମ୍ନ ବିଦ୍ୟାଳୟଟିରେ ପ୍ରଥମରୁ ତୃତୀୟ ଶ୍ରେଣୀ ଯାଏଁ ଥିଲା । ତୃତୀୟ ଶ୍ରେଣୀ ପାର୍ କଲା ପରେ ଦମୟନ୍ତୀ ଗଲେ ଚଣ୍ଡିଦା ଗ୍ରାମକୁ ଦୁଇ କି.ମି. ଚାଲିକରି । ଚଣ୍ଡିଦା ସ୍କୁଲରେ ସେ ଚତୁର୍ଥ, ପଞ୍ଚମ ପଢ଼ିଲେ । ପଞ୍ଚମ ପଢ଼ିଲା ପରେ ଭାଳେଣି ପଡ଼ିଲା ଏହାପରେ କେଉଁଠି ସେ ପଢ଼ିବେ ? ସେତିକିବେଳେ ମୟୂରଭଞ୍ଜରୁ ଯାଇଥାନ୍ତି ମନ୍ତ୍ରୀ ହୋଇ ସୁନାରାମ ସୋରେନ । ଯେହେତୁ ସେ ନିଜେ ଆଦିବାସୀ





ମନ୍ତ୍ରୀ ଥିଲେ, ତେଣୁ ଆଦିବାସୀ ପିଲାଙ୍କ ମଙ୍ଗଳ ଓ ଶିକ୍ଷା ପାଇଁ ତାଙ୍କ ସମୟରେ ଆଶ୍ରମ ସ୍କୁଲ୍ ଖୋଲିବାର ନିଷ୍ପତ୍ତି ହେଲା । ଓଡ଼ିଶା ରାଜ୍ୟର ବିଭିନ୍ନ ସ୍ଥାନରେ କନ୍ୟାଶ୍ରମ ଖୋଲିଲା । ସେ ଦୃଷ୍ଟିରୁ ରାଇରଙ୍ଗପୁରରେ କନ୍ୟାଶ୍ରମଟିଏ ଖୋଲିଲା । ଦମୟନ୍ତୀଙ୍କର ପାଠପଢ଼ାର ସମାଧାନ ହୋଇଗଲା । ବାପାଙ୍କ ସକ୍ଷମ ନଥିଲା ଆଉ କେଉଁ ସ୍କୁଲ୍‌ରେ ହଷ୍ଟେଲ୍‌ରେ ରଖି ପଢ଼ାଇବାକୁ । ଷଷ୍ଠ ଶ୍ରେଣୀରୁ ଦମୟନ୍ତୀଙ୍କର ଆଶ୍ରମ ଜୀବନ ଆରମ୍ଭ ହେଲା । ଏଠି ସେ ଏକାଦଶ ଯାଏଁ ପଢ଼ିଲେ । ସାହିତ୍ୟରେ ସର୍ବୋଚ୍ଚ ନମ୍ବର ରହିଲା । ଆରମ୍ଭରୁ ଗଣିତ, ଇଂରାଜୀ ହେଉ ନଥିଲା । ତେବେ ସେ ଫେଲ୍ ହେଉ ନଥିଲେ । କୃତିତ୍ୱର ସହ ମେଟ୍ରିକ ପାଶ୍ କଲା ପରେ ଭୁବନେଶ୍ୱରରେ ରମାଦେବୀ ମହାବିଦ୍ୟାଳୟରେ ଆଇ.ଏ. ଓ ବି.ଏ. ପଢ଼ିଲେ ।



ଓଡ଼ିଆ ଅନର୍ସ ରଖିଲେ । ଆର୍ଥିକ ଅବସ୍ଥା ଅନୁକୂଳ ନଥିବାରୁ ହଷ୍ଟେଲ୍‌ରେ ରହିବା ତାଙ୍କର ସାମର୍ଥ୍ୟ ନଥିଲା । ତେଣୁ ରମାଦେବୀ ପଛ ଆଡ଼େ ଥିବା ପି.ଏମ୍. ହଷ୍ଟେଲ୍‌ରେ ରହିଲେ । ସେଠି ବ୍ରଜ ଦିଦି ଥିଲେ ମେଟ୍ରନ୍, ଯିଏକି ଦମୟନ୍ତୀଙ୍କ ଆର୍ଥିକ ଅବସ୍ଥା ଜାଣି ବାକି ଦେଉଥିଲେ ଖାଇବା ରହିବା ପାଇଁ । ଷ୍ଟାଇପେଣ୍ଡ୍ ପଇସା ପାଇଲେ ଦମୟନ୍ତୀ ଶୁଝି ଦେଉଥିଲେ । ପି.ଏମ୍.ହଷ୍ଟେଲ୍‌ରୁ ବାଣୀବିହାରକୁ



ଯିବା ପାଇଁ ସେତେବେଳେ ଟାଉନ୍‌ବସ୍‌ର ଭଡ଼ା ଥିଲା ପଚାଶ ପଇସା । ପ୍ରତିଦିନ ପଚାଶ ପଇସା ଦେବା ସମ୍ଭବପର ନଥିବାରୁ ଦମୟନ୍ତୀ ବାଣୀ ବିହାରକୁ ଚାଲିଚାଲି ଯାଉଥିଲେ । ବ୍ରଜଦିଦି, ସାଙ୍ଗସାଥୀମାନେ ସାହାଯ୍ୟର ହାତ ବଢ଼ାଇବାରୁ ସେ ବାଣୀ ବିହାରରେ ଓଡ଼ିଆରେ ଏମ.ଏ. ଏମ.ଫିଲ୍ ପଢ଼ିବାକୁ ସମର୍ଥ ହେଲେ । ଏହାପରେ ସେ ପାଠପଢ଼ା ପରେ କେଉଁଠି ରହିବେ, କେମିତି ଚାକିରିଟିଏ ପାଇବେ ସେହି ସନ୍ଧାନରେ ରହିଲେ । ଲେଡି ହଷ୍ଟେଲ୍‌ର ଦରଓ୍ୱାନ୍ କ୍ୱାର୍ଟର୍ସରେ ଚାକିରି ପର୍ଯ୍ୟନ୍ତ ଜଣେ ସାଙ୍ଗଙ୍କ ସହିତ ସେ ରହିଲେ, ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ୍‌ରେ ନାମ ପଞ୍ଜିକୃତ କଲେ । ଲିଖିତ, ମୌଖିକ ପରୀକ୍ଷା ଦେଇ ଚାଲିଲେ ।

ଦମୟନ୍ତୀଙ୍କ କଠିନ ପରିଶ୍ରମ, ଅଧ୍ୟବସାୟ ବ୍ୟର୍ଥ ଗଲାନି । ସେ ସମ୍ବଲପୁରରେ ଜୁନିଅର ଏମ୍ପ୍ଲୟମେଣ୍ଟ୍ ଅଫିସର୍ ଭାବେ ଯୋଗ ଦେଲେ । ମାସେ ପରେ ଭୁବନେଶ୍ୱର ଏ.ଜି. ଅଫିସ୍‌ରେ ଜୁନିଅର କ୍ଲର୍କ ଭାବରେ ଜଏନ୍ କଲେ । ତେବେ ଲକ୍ଷ୍ୟ ଥିଲା ଅଧ୍ୟାପକଟିଏ ହେବା ପାଇଁ । ସେଥିପାଇଁ ସେ ପଢ଼ା ଓ ଚେଷ୍ଟା ଅବ୍ୟାହତ ରଖିଥିଲେ । ପରିଶେଷରେ ଅଧ୍ୟାପିକା ଭାବରେ ପି.ଏସ୍.ସି. ପାଇ ବାରିପଦାରେ ଏମ୍.ପି.ସି. କଲେଜରେ ଓଡ଼ିଆ ବିଭାଗରେ ଯୋଗ ଦେଲେ ୧୯୮୭ ମସିହାରେ । ଏଇ ଅଧ୍ୟାପିକା ଜୀବନ ତାଙ୍କର ଦାରିଦ୍ର୍ୟ, ସଂଗ୍ରାମର ଜୀବନକୁ ସଂପୂର୍ଣ୍ଣ ବଦଳାଇ ଦେଲା । ଲେଖାଲେଖି ପ୍ରତି ନିଶା ବଢ଼ିଗଲା । ଗବେଷଣା ପାଇଁ ସେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ନାମ ପଞ୍ଜିକୃତ କଲେ । ସାନ୍ତାଳ ସାହିତ୍ୟ ଓ ସଂସ୍କୃତି ଉପରେ ତାଙ୍କର ଗବେଷଣା ଚାଲିଲା । ଫାଗୁନ କୟେଲ ଥିଲା ତାଙ୍କର ସାନ୍ତାଳୀ ଭାଷାରେ ଲିଖିତ ପ୍ରଥମ କବିତା । ଏହାଛଡ଼ା ସେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଉପରେ ପ୍ରବନ୍ଧଟେ ଲେଖିଲେ । ଉଭୟ କବିତା ଓ ପ୍ରବନ୍ଧ ଲେଖାରେ ମନ ଦେଲେ ସେ । ୧୯୮୧ ମସିହାରେ ବ୍ୟାଙ୍କ୍ ଅଧିକାରୀ ଗଙ୍ଗାଧର ହାଁସଦାଙ୍କ ସହ ତାଙ୍କର ବିବାହ ହୁଏ । ଗଙ୍ଗାଧର ହାଁସଦାଙ୍କ ଘର କେଉଁଝରର ଜନାର୍ଦ୍ଦନପୁର ଗ୍ରାମରେ । ସମୟ କ୍ରମେ ଅଧ୍ୟାପିକା ଦମୟନ୍ତୀ ବେଶ୍ରା ଗୋଟିଏ ପୁଅ ଓ ଗୋଟିଏ ଝିଅର ମାଆ ହେବା ସହିତ ୨୦୦୫ ମସିହାରେ ପିଏଚ୍‌ଡି ପାଇ ଡକ୍ଟର ଦମୟନ୍ତୀ ବେଶ୍ରା ନାଁରେ ପରିଚିତା ହୁଅନ୍ତି ।

ସାନ୍ତାଳୀ ସମ୍ପ୍ରଦାୟର ହୋଇଥିବାରୁ ସେ ସାନ୍ତାଳୀ ଭାଷାରେ କବିତା ପ୍ରବନ୍ଧ, ବ୍ୟାକରଣ, ଇତିହାସ ଲେଖିବା ଆରମ୍ଭ କଲେ । ପରବର୍ତ୍ତୀ ସମୟରେ ସେ ଓଡ଼ିଆରେ ପ୍ରବନ୍ଧ ଲେଖିବାରେ ହାତ ଦେଲେ । ତାଙ୍କ ଲେଖାରେ ସାନ୍ତାଳୀ ନାଟକର ଧର୍ମ, ଶିକ୍ଷା, ଭାଷା, ଦାରିଦ୍ର୍ୟ, ଗାଁର ଚିତ୍ର ଫୁଟି ଉଠିଲା । ତାଙ୍କର ସାନ୍ତାଳୀ ଭାଷାରେ ପ୍ରକାଶିତ ପୁସ୍ତକଗୁଡ଼ିକ ହେଲା 'ଜିଓ୍ୱଝାର୍ନା', 'ସାଗେନ୍



ସାଓଁହେଦ୍, କୁଇଁ ତିମିରୁ, ଗୁରୁ ଗମ୍‌କେୟାଃ ଜେନେଲ, ଆର୍ ଞାନାଲଃ, ଶାଏ ସାହେଁଦ, ରନଳ ଚୁପ୍‌ଲାଃ ପ୍ରଭୃତି । ୨୦୦୪ ମସିହାରେ ସର୍ବ ଭାରତୀୟ ଲେଖକ ସମ୍ମିଳନୀ ଦ୍ୱାରା ତାଙ୍କୁ ସାଧୁ ରାମଚନ୍ଦ୍ର ମୁର୍ମୁ ସମ୍ମାନରେ ସମ୍ମାନିତ କରାଯାଇଛି । ଏହାସହିତ ସେ ପଣ୍ଡିତ ରଘୁନାଥ ମୁର୍ମୁ ଫେଲୋସିପ୍ ମଧ୍ୟ ଲାଭ କରିଛନ୍ତି । ସାନ୍ତାଳୀ ସାହିତ୍ୟରେ ଅନର୍ସ ଓ ସ୍ନାତକୋତ୍ତର ପଢ଼ିବା ପାଇଁ ଯଥେଷ୍ଟ ପୁସ୍ତକ ନଥିବାରୁ ଦମୟନ୍ତୀ ବେଶ୍ରା ସାନ୍ତାଳୀ ସାହିତ୍ୟର ଇତିହାସ ଓ ବ୍ୟାକରଣ ରଚନା କରିଛନ୍ତି । ୨୦୦୯ ମସିହାରେ କବିତା ପୁସ୍ତକ 'ଶାଏ ସାହେଁଦ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରନ୍ତି । 'ଶାଏ ସାହେଁଦ' ଅର୍ଥ ହେଲା 'ଶହେ ନିଃଶ୍ୱାସ' । ସର୍ବଭାରତୀୟ ସ୍ତରରେ ସାନ୍ତାଳ ଭାଷାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଆଦିବାସୀ ମହିଳା ତଥା ଓଡ଼ିଶା, ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବର ସନ୍ତକ ।

ଦମୟନ୍ତୀ ବେଶ୍ରା ଅଲ୍ ଇଣ୍ଡିଆ ରାଇଟର୍ସ ଆସୋସିଏସନ୍ ତରଫରୁ ୧୯୯୪ ମସିହାରେ 'ପଏଟ୍ ଅଫ୍ ଦି ଇଅର୍' ସମ୍ମାନରେ ସମ୍ମାନିତ ହୋଇଛନ୍ତି । ପୁଣି କେନ୍ଦ୍ର ସାହିତ୍ୟ ସାନ୍ତାଳୀ ଏକାଡ଼େମୀର ସଂଯୋଜିକା ଭାବରେ ମଧ୍ୟ କାର୍ଯ୍ୟ ତୁଲାଇଛନ୍ତି । ଓଡ଼ିଆରେ ଲିଖିତ ତାଙ୍କର ଦୁଇଟି ପ୍ରବନ୍ଧ ସଂକଳନ ବେଶ୍ ନାଁ କମାଇଛି । ଏହି ଦୁଇଟି ପୁସ୍ତକ ହେଲା 'ଚାଇଚାମ୍ପାରୁ ଭଞ୍ଜ ଦିଶମ୍' ଓ 'ଦାମୋଦର ଧାରେ ଧାରେ' । ଏହାଛଡ଼ା ସାନ୍ତାଳୀ ଭାଷାରେ ଅନୁବାଦ କରିଛନ୍ତି ଜ୍ଞାନପୀଠ ବିଜେତା ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କ କବିତା ପୁସ୍ତକ 'ଶବ୍ଦର ଆକାଶ', କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ବିଜେତା କବି ଫନୀ ମହାନ୍ତିଙ୍କ କବିତା ପୁସ୍ତକ 'ମୃଗୟା', ପ୍ରତିଭା ଶତପଥୀଙ୍କ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ କବିତା ପୁସ୍ତକ 'ତନ୍ମୟଧୂଳି' ପ୍ରଭୃତି । ଅମର ଖୟାମ୍ ରୁବାୟତ (ଇଂରାଜୀ) ସେ ସାନ୍ତାଳୀ ଭାଷାରେ ମଧ୍ୟ ଅନୁବାଦ କରିଛନ୍ତି । ସାନ୍ତାଳୀ ଭାଷାରେ ସେ ଏକ ପତ୍ରିକା ମଧ୍ୟ ପ୍ରକାଶ କରିଛନ୍ତି । ଏହାର ନାଁ 'କାରାମ୍‌ଦାର୍' । ପତ୍ରିକାଟିର ସମ୍ପାଦିକା ରହିବା ସହିତ ସେ ଓଡ଼ିଆ କବିତା, ପ୍ରବନ୍ଧକୁ ନେଇ ପାଠ୍ୟକ୍ରମାନୁସାରେ ସମ୍ପାଦନା କରିଛନ୍ତି ।

ବହୁ ପ୍ରତିଭାର ଅଧିକାରିଣୀ (କବୟିତ୍ରୀ, ପ୍ରାବନ୍ଧିକା, ଅନୁବାଦିକା, ସମ୍ପାଦିକା





ତଥା ଅଧ୍ୟାପିକା) ଡକ୍ଟର ଦମୟନ୍ତୀ ବେଶ୍ରା ସାନ୍ତାଳୀ ଭାଷା ଓ ସାହିତ୍ୟର ଜଣେ ଉଜ୍ଜ୍ୱଳ ତାରକା । ତାଙ୍କର ସାନ୍ତାଳୀ ସାହିତ୍ୟର ବିକାଶ, ପ୍ରସାର, ଅବଦାନ ପାଇଁ ୨୦୨୦ ମସିହାରେ ମିଳିଛି ଭାରତ ସରକାରଙ୍କ ତରଫରୁ ପଦ୍ମଶ୍ରୀ ଉପାଧି । ଏଠାରେ ଉଲ୍ଲେଖନୀୟ, ଦମୟନ୍ତୀ ବେଶ୍ରା ସାନ୍ତାଳୀ ଭାଷାରେ ପଦ୍ମଶ୍ରୀ ପାଇବାରେ ପ୍ରଥମ ମହିଳା, ପ୍ରଥମ ବ୍ୟକ୍ତିତ୍ୱ ଯାହା ଓଡ଼ିଆ ସମେତ ଜନ୍ମ ଜିଲ୍ଲା ମୟୂରଭଞ୍ଜ ପାଇଁ ଗର୍ବ ଓ ଗୌରବର କଥା । ଦିନେ ଦାରିଦ୍ର୍ୟ ସଂଗ୍ରାମ ଭିତରେ ବଢ଼ିଥିବା ଶ୍ରୀମତୀ ବେଶ୍ରା ସତରେ ପଦ୍ମ ହୋଇ ଫୁଟିଛନ୍ତି । ଆଦିବାସୀ ମହିଳାଙ୍କର ପ୍ରେରଣା, ତଥା ଆଦର୍ଶ ପାଲଟି ଯାଇଛନ୍ତି । ପ୍ରମାଣ କରି ଦେଖାଇ ପାରିଛନ୍ତି, ଯଦି ଦୃଢ଼ ମନବଳ ଥାଏ ତେବେ ଲକ୍ଷ୍ୟ ସୁଦୂର ହୋଇ ପାରେନା । ଯେତେ ବାଧାବିଘ୍ନ ଆସିଲେ ବି ସାମ୍ନା କରିପାରିଲେ ତମେ ଦିନେନା ଦିନେ ଇପ୍‌ସିତ ସକାଳ ପାଖରେ ପହଞ୍ଚି ପାରିବ । କିଏ ବିଶ୍ୱାସ କରିବ ଦିନେ ଭୁବନେଶ୍ୱରରେ ମୁଣ୍ଡ ଗୁଞ୍ଜିବା ପାଇଁ ସେ ଲେଡି ହଷ୍ଟେଲ୍‌ର ଦରଓ୍ୱାନ କ୍ୱାର୍ଟର୍ସରେ ହଷ୍ଟେଲରୁ ବାଣୀବିହାରକୁ ଚାଲିଚାଲି ଯାଉଥିଲେ ବୋଲି ? ପଦ୍ମଶ୍ରୀ ଦମୟନ୍ତୀ ସାନ୍ତାଳୀ ଭାଷା ସାହିତ୍ୟର ପ୍ରଥମ ମହିଳା ହୋଇ ଯେମିତି ପ୍ରେରଣା ପାଲଟିଛନ୍ତି ତାଙ୍କ ସମ୍ପ୍ରଦାୟ ପାଇଁ ଏହି ପ୍ରଥମ ଶେଷ ନହେଉ । ତାଙ୍କୁ ଆଇନା ସଜାଇ ଅନେକ ଦମୟନ୍ତୀଙ୍କର ଆବିର୍ଭାବ ହେଉ, ଏହା ହିଁ କାମନା ।


କଳାହାଣ୍ଡିର


କଥା

# ପ୍ରକୃତିରାଣୀ କଳାହାଣ୍ଡି

**ସ୍ୱାଗତିକା ସେଠୀ**
କେଶରୀ ଏନ୍‌କ୍ଲେଭ୍, ଏ-୧୦୫
ୟୁନିଟ୍-୮, ନୂଆପଲ୍ଲୀ, ଭୁବନେଶ୍ୱର-୭୫୧୦୧୨
ଫୋନ୍ : ୯୪୩୭୮୧୫୫୪୦

ଫଟୋ ସୌଜନ୍ୟ : ଲେଖିକା

**ଆମେ ଓଡିଶାବାସୀ ଦେଶବିଦେଶ ଭ୍ରମଣ କରିବାକୁ ଭଲ ପାଉ । ଭ୍ରମଣ ପାଇଁ ଖୁବ୍ ଭାବିଚିନ୍ତି ସ୍ଥାନ ମଧ୍ୟ ବାଛିଥାଉ । ହେଲେ ବେଳେବେଳେ ଆମ ନିଜ ଓଡ଼ିଶା ମାଟିରେ ଥିବା ଅନେକ ପର୍ଯ୍ୟଟନ ସ୍ଥଳୀକୁ ଅଜାଣତରେ ଆମେ ଅଣଦେଖା କରି ଦେଇଥାଉ । ଏପରି ଏକ ସ୍ଥାନ ହେଲା କଳାହାଣ୍ଡି । ଏଥର କଳାହାଣ୍ଡିର କଥା କହୁଛନ୍ତି ସ୍ୱାଗତିକା ସେଠୀ ।**


ମାଣିକେଶ୍ୱରୀ ମନ୍ଦିର


◀ ଲେଖିକା ସ୍ୱାଗତିକା ସେଠୀ

କଥାରେ ଅଛି, 'ପୃଥିବୀ ଏକ ବହି । ଆଉ ଯିଏ ଭ୍ରମଣ କରେନି ସେ ବହିର ଗୋଟିଏ ପୃଷ୍ଠାକୁ ପଢିଲା ସଦୃଶ ।' ଭ୍ରମଣ ପ୍ରିୟ ମଣିଷ ଏ କଥାକୁ ମର୍ମେ ମର୍ମେ ଅନୁଭବ କରି ପାରନ୍ତି ।

କେବେ ସ୍ୱାସ୍ଥ୍ୟ ପାଇଁ, ତ କେବେ କଳା ପାଇଁ, କେବେ ଚିତ୍ତବିନୋଦନ ପାଇଁ ତ କେବେ ପୁଣି ଅପାଶୋରା ଅନୁଭୂତିକୁ ପାଶୋରିବା ପାଇଁ କିମ୍ୱା ଅନୁଭୂତିକୁ ଅପାଶୋରା କରିବା ପାଇଁ । ଏହିପରି ଆହୁରି ଅନେକ କାରଣ ପାଇଁ କରିବାକୁ ପଡ଼ିଥାଏ ଭ୍ରମଣ । ମୁଁ ମଧ୍ୟ କିଛି ନା କିଛି କାରଣ ପାଇଁ ଭ୍ରମଣ କରେ ଓ ତାହାକୁ ଉପଭୋଗ ମଧ୍ୟ କରେ ।

ଆମେ ଓଡିଶାବାସୀ ମଧ୍ୟ ଦେଶବିଦେଶ ଭ୍ରମଣ କରିବାକୁ ଭଲ ପାଉ । ଭ୍ରମଣ ପାଇଁ ଖୁବ୍ ଭାବିଚିନ୍ତି ସ୍ଥାନ ମଧ୍ୟ ବାଛିଥାଉ । ହେଲେ ବେଳେବେଳେ ଆମ ଓଡ଼ିଶା ମାଟିରେ ଥିବା ଅନେକ ପର୍ଯ୍ୟଟନ ସ୍ଥଳୀକୁ ଅଜାଣତରେ ଆମେ ଅଣଦେଖା କରି ଦେଇଥାଉ । ଏପରି ଏକ ସ୍ଥାନ ହେଲା କଳାହାଣ୍ଡି ।

ଓଡିଶାର ଦକ୍ଷିଣ ପଶ୍ଚିମ ଭାଗରେ ପ୍ରକୃତି ରାଣୀ କୋଳେଇ ଧରିଥିବା ୭୯୨୦ କି.ମି. ବର୍ଗକ୍ଷେତ୍ର କଳାହାଣ୍ଡି ନାଁରେ ଓଡିଶା ମାନଚିତ୍ରରେ ସ୍ଥାନ ଗ୍ରହଣ କରିଛି । ମୋ ସ୍ୱାମୀ ୨୦୦୯ ମସିହାରେ ଭବାନିପାଟଣାକୁ ବଦଳି ହୋଇ ଗଲେ । ଆମେ ମା' ଝିଅ ଭୁବନେଶ୍ୱରରେ ରହିଲୁ । ତାଙ୍କ ଠାରୁ ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ବିଷୟରେ ଶୁଣି ସେସବୁକୁ ନିଜେ ଅନୁଭବ କରିବାର ଇଚ୍ଛା ମନକୁ ଉଚ୍ଚାଟ କଲା । ହେଲେ ଆଜି କାଲିକା ପିଲାଙ୍କ ଯେଉଁ ପଢା ଶୈଳୀ ଓ ବିଭିନ୍ନ କାର୍ଯ୍ୟକ୍ରମ ସେଇଥିରୁ ଉପଯୁକ୍ତ ସମୟ ବାହାର କରିବା ମଧ୍ୟ ମୁସ୍କିଲ୍ । ସେ ଯାହା ହେଉ ମୋତେ ରାଜଧାନୀର ଏ କୋଳାହଳପୂର୍ଣ୍ଣ ବ୍ୟସ୍ତବହୁଳ ଜୀବନଶୈଳୀରୁ ପ୍ରକୃତି କୋଳରେ ନିଜକୁ ହଜାଇ ଦେବାର ପ୍ରଥମ ମୌକା ୨୦୧୨ରେ ମିଳିଗଲା ।



ଯଶୋଦା ଅରଫାନ୍ଏଜ୍

ବସାରୁ ବାହାରିବା ବେଳେ ଭାବିଥିଲୁ କେତୋଟି ସ୍ଥାନ ବୁଲି ଆସିବା ପାଇଁ, ହେଲେ ଫୁଲ୍‌ରି ଝରଣ୍‌ର ମନୋରମ ପରିବେଶରୁ ବାହାରିବା ପାଇଁ ମୁଁ ଓ ମୋ ଝିଅ ଅମାନିଆ ହୋଇ ପଡିଲୁ । ଛାଇ ମାଡି ଆସିଲା ପରେ ଡ୍ରାଇଭର୍ ବୁଝାଇବା ପରେ ଯାଇଁ ଆମେ ଦୁହେଁ ମାନିଲୁ । ଫେରିଲା ବାଟରେ ଭବାନିପାଟଣାର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କୁ ଦର୍ଶନ କରି ଥିଲୁ । ମନ୍ଦିରଟି ଭବାନିପାଟଣା ରାଜ ଉଆସର ଅଂଶ ବିଶେଷ । ଏହାର ଇତିହାସ ଓ ପରମ୍ପରା ବିଷୟରେ ଅବଗତ ହୋଇ ଚକିତ ହେଲି ।

ଫୁଲ୍‌ରି ଝରଣ୍ ଆମକୁ ଏମିତି ସମ୍ମୋହିତ କରିଥିଲା ଯେ ତହିଁ ପରଦିନ ପୁଣି ସେଠାକୁ ଯିବା ପାଇଁ ଆମେ ମା' ଝିଅ ଦୁହେଁ ବାହାରି ପଡିଲୁ । ମୋ ସ୍ୱାମୀ ଆମକୁ ବୁଝାଇଲେ, "କଳାହାଣ୍ଡି ଏପରି ମନୋରମ ସ୍ଥାନରେ ଭରି ରହିଛି । ଯୁଆଡେ ଯିବ ସେଇଠି ମନ ଲାଖି ରହିବ..."

ତାଙ୍କ କଥା ସମ୍ପୂର୍ଣ୍ଣ ସତ ଥିଲା । ଏହା ପରେ ଯେତେବେଳେ ବି ଆମେ ଭବାନିପାଟଣା ଯାଉ ବୁଲିବା ପାଇଁ କିଛି ଛୁଟିଦିନକୁ ଅପେକ୍ଷା କରୁନା । ବରଂ ମୋ ସ୍ୱାମୀ ଅଫିସ୍ କାମରେ ଯେ କୌଣସି ବ୍ଲକ୍ ଗଲେ ଆମେ ଦୁହେଁ ମଧ୍ୟ ତାଙ୍କ ସହ ବାହାରି ଯାଉ । ସେ ତାଙ୍କ କାମରେ ବ୍ୟସ୍ତ ରୁହନ୍ତି ଓ ଆମେ ମା' ଝିଅ ଦୁହେଁ ପ୍ରକୃତିକୁ ଉପଭୋଗ କରୁ ।

ଏମିତି ଥରେ ଯାଇଥିଲୁ ମହୁଲ୍ ପାଟଣା ଇନ୍ଦ୍ରାବତୀ ହାଇଡ୍ରୋ ପାୱାର୍ ପ୍ରୋଜେକ୍ଟ । ବାଟରେ ପଡିଲା ମର୍ଦ୍ଦିଗୁଡା । ଛୋଟିଆ ଗାଁଟେ । ଲିପାପୋଛା ହୋଇ କୁନି କୁନି କୁଡିଆଗୁଡିକ ଅପୂର୍ବ ରୂପେ ଚକ୍ ଚକ୍ କରୁଥିଲା । ଆମ ପାଇଁ ସେଇଟା ମଧ୍ୟ ଦର୍ଶନୀୟ ଥିଲା । ଝିଅ ଅଝଟ ହେଲା ସେହି ଘରେ ରହିବ । ଡୋଙ୍ଗରିଆ କନ୍ଧୁଣୀଟି ଭାରି ସରାଗରେ ଝିଅକୁ ନେଇ ଘର ଭିତରେ ବୁଲାଇ ଆଣିଲା । ମୁଁ ମଧ୍ୟ ମୌକା ହାତ ଛଡା କରି ନଥିଲି ।

ଅଫିସ୍ କାମରେ ବ୍ୟସ୍ତ ରହୁଥିବା ମୋ ସ୍ୱାମୀ ଆମକୁ ସମୟ ଦେଇ ପାରନ୍ତିନି । ଭାବିଲି ଭୁବନେଶ୍ୱରରେ ଘରେ ଥା'ନ୍ତି । ଏଇ ନୂଆ ଜାଗାରେ ମଧ୍ୟ ଘରେ ବସିଛି । ଆଉ ବୁଲା କ'ଣ ହେଲା ?

ରବିବାର ଥାଏ । ପ୍ରଥମ ଥର ପାଇଁ ଭ୍ରମଣରେ ବାହାରିଲୁ । ସ୍ଥାନଟି ଥିଲା ଫୁଲ୍‌ରି ଝରଣ୍ । ଭବାନୀପାଟଣା ଏକ ଛୋଟ ସହର ବୋଲି ଇତିମଧ୍ୟରେ ଧାରଣା ତ ହୋଇ ସାରିଥିଲା । ହେଲେ ତା'ର ଏତେ ନିକଟରେ ଏତେ ସୁନ୍ଦର ସ୍ଥାନଟିଏ ଥିବା ମୋ କଳ୍ପନା ବାହାରେ ଥିଲା । ସ୍ୱାମୀଙ୍କ ସରକାରୀ ବାସଭବନ ଠାରୁ ମାତ୍ର ୧୫/୨୦ ମିନିଟ୍‌ର ରାସ୍ତା । ଏହା କର୍ଲାପଟ୍ ଅଭୟାରଣ୍ୟ ପାହାଡ ସବୁଜିମା ଘେରା ଛୋଟ ଜଳ ପ୍ରପାତଟିଏ । ପରିବେଶ ଅବର୍ଣ୍ଣନୀୟ । ଡ୍ରାଇଭର୍‌ଙ୍କୁ ମିଶାଇ ଆମେ ଚାରି ଜଣଙ୍କ ଛଡ଼ା ସେଠାରେ ଅନ୍ୟ କେହି ବି ନଥିଲେ । ପକ୍ଷୀଙ୍କ କଳରବ ଓ ଜଳପ୍ରପାତର କଳ କଳ ଶବ୍ଦ ସହ ଆମର ବାର୍ତ୍ତାଳାପ ଅପୂର୍ବ ଐକ୍ୟତାନ ସୃଷ୍ଟି କରୁଥିଲା ।



କର୍ଲାପାଟ ଅଭୟାରଣ୍ୟ








ସିଏ ଆମକୁ ଦେଖାଇ ଦେଲା କଳାହାଣ୍ଡିର ଜୀବନରେଖା ଇନ୍ଦ୍ରାବତୀର ଉତ୍ପତ୍ତିସ୍ଥଳ । ଆମ୍ବଗଛ ମୂଳରୁ କୁଳୁ କୁଳୁ ହୋଇ ୩ଟି ସରୁ ଜଳଧାର ତଳକୁ ବୋହି ଯାଉଥିଲା । ଯାହାକୁ ସେମାନେ ଗଙ୍ଗା, ଯମୁନା, ସରସ୍ୱତୀ ନାମରେ ନାମିତ କରିଥିଲେ । ଆଶ୍ଚର୍ଯ୍ୟ ହେଲି, 'ଏତେ ବିଶାଳକାୟ ନଦୀର ଏ ପୁଣି ଏନ୍ତୁଡି ଶାଳ !'

ବାଟ ତମାମ୍ ପ୍ରତ୍ୟେକ ସ୍ଥାନ ମୋତେ ଦର୍ଶନୀୟ ଲାଗୁଥାଏ । ଲାଲ୍ ଟୁକ୍ ଟୁକ୍ ପଳାଶ ଫୁଲ ଭରା ଗଛ ଦେଖି ମୁଁ ଭାବବିହ୍ୱଳ ହୋଇ ପଡୁଥାଏ ଓ '...ଖାଲି ଏଇ ଥରକ...' ଏମିତି କହି ଗାଡି ଅଟକାଇବା ପାଇଁ ଅନୁରୋଧ କରୁଥାଏ । ଡ୍ରାଇଭର୍ କହୁଥିଲେ, "ମ୍ୟାଡାମ୍ ଏବେ ଫୁଲ ସମୟ ଗଲାଣି । ମାର୍ଚ୍ଚ ମାସ ଆରମ୍ଭରେ ଫୁଲ ଆସେ ।" ହେଲେ ମୋ ପାଇଁ ସେତିକି ଦେଖିବା, ଛୁଇଁବା ଏକ ଅପୂର୍ବ ଅନୁଭୂତି ।

ଥୁଆମୂଳ ରାମପୂର୍‌ରେ କଳାହାଣ୍ଡିର ଉଚ୍ଚତମ ସ୍ଥାନକୁ ହେଲୋ ପଏଣ୍ଟ୍ ନାମରେ ନାମିତ କରା ଯାଇଛି । କାରଣ ଏହି ସ୍ଥାନରୁ ପ୍ରାୟ ସମସ୍ତ ଟେଲିକମ୍ କମ୍ପାନୀର ସେବା ମିଳିପାରେ । ଉପରୁ ଟାଙ୍ଗରା ଜଣା ଯାଉଥିଲେ ହେଁ ଏଠାରୁ ତଳକୁ ଛନ୍ଦା ଛନ୍ଦି ହୋଇ ଓହଳି ଥିବା ପଲ୍ଲବିତ ଶିଆଳି ଲଟା ବେଶ୍ ମନମୁଗ୍ଧକର ।

ଭବାନିପାଟଣା ନିକଟରେ ଅଛି ଜାକମ୍ ଫରେଷ୍ଟ୍ ଆଇବି । ଏହାର ନିର୍ମାଣ ଶୈଳୀ ତା'ର ପ୍ରାକୃତିକ ପରିବେଶକୁ ଧ୍ୟାନରେ ରଖି କରା ଯାଇଛି । ଏହା ନିକଟରେ ଶଗଡା ନଦୀ ପଥର କାଟି ବହି ଯାଉଛି । ସବୁଜିମାଭରା ପରିବେଶ ସତରେ ଭାରି ମନମୋହକ । ଏହି ଫରେଷ୍ଟ୍ ଆଇବି ପରିସର ଭିତରେ ପ୍ରକୃତିକ ଔଷଧୀୟ ବୃକ୍ଷର ଏକ ସୁନ୍ଦର ବଗିଚା କରା ଯାଇଛି । ଏଠାରେ ପ୍ରତ୍ୟେକ ବୃକ୍ଷ ବିଷୟରେ ସବିଶେଷ ବିବରଣୀ ଦିଆ ଯାଇଛି, ଯାହାକି ସମସ୍ତଙ୍କ ପାଇଁ ଉପେଯାଗୀ ।



ଫୁଲ୍‌ରୀ ଝରଣ୍

କଳାହାଣ୍ଡିର ନର୍ଲା ବ୍ଲକ୍‌ରେ ରାବଣ ଧାରା ଓ କୋକ୍‌ସରା ବ୍ଲକ୍‌ର ଡୋକରି ଚଞ୍ଚରା ଜଳପ୍ରପାତ ବେଶ୍ ମନୋରମ । ଏଠାରେ ପିକ୍‌ନିକ୍ ଓ ଟ୍ରେକିଙ୍ଗ୍ କରିବା ପାଇଁ ଅନେକ ସୁନ୍ଦର ସ୍ଥାନ ମଧ୍ୟ ଅଛି ।

ନର୍‌ଲା ତହସିଲ୍‌ରେ ସାନ୍ଦୋଲ ନଦୀର ଅନତି ଦୂରରେ ଅବସ୍ଥିତ ଅସୁରଗଡର ଭଗ୍ନାବଶେଷ ପାହାଡି ସମ୍ରାଟର ଗୌରବ ଗାଥା ଆଜି ମଧ୍ୟ ଗାଉଛି । ଇଟା ଓ ପଥର ନିର୍ମିତ ସେଇ ଗଡ, ତା' ଚାରି ପାଖରେ ନିର୍ମିତ ଗଡଖାଇ ଓ ରାଧା ସାଗର ହ୍ରଦ ଏଠାକାର ବାସିନ୍ଦାଙ୍କ ସମୃଦ୍ଧ ଜ୍ଞାନ କୌଶଳ ଓ ଉନ୍ନତ ଜୀବନ ଶୈଳୀର ଝଲକ ମୋ ଆଖି ସାମ୍ନାରେ ଉଜ୍ଜୀବିତ ହୋଇ ମୋତେ ବିମୋହିତ ଓ ରୋମାଞ୍ଚିତ କରିଥିଲା । ସେଠାରୁ ପ୍ରାୟ ୨୫୦୦ ବର୍ଷ ପୁରୁଣା ଗୁପ୍ତ ଯୁଗୀୟ ମାଟିପାତ୍ର, ଅଳଙ୍କାର ଆଦି ମିଳିଥିବାର ସୂଚନା ପାଇଲି । ନିଜକୁ ଓଡିଆ ବୋଲି ଗର୍ବିତ କରିବା ପାଇଁ ଆଉ ଏକ ଖୋରାକ ମିଳି ଯାଇଥିଲା ।

ସାମାଜିକ କାର୍ଯ୍ୟରେ ସନ୍ତୋଷ ପାଉଥିବା ଆମ ପରିବାର ଗମ୍ଭିରୀଗୁଡା ସ୍ଥିତ ଯଶୋଦା ଅନାଥାଶ୍ରମକୁ ଯାଇଥିଲୁ । ଏହାର ପରିଚାଳକ ଓ ପ୍ରତିଷ୍ଠାତା ଶ୍ୟାମସୁନ୍ଦର ଜାଲ୍‌ଙ୍କ ବ୍ୟକ୍ତିତ୍ୱ ଦେଖି ଆଶ୍ଚର୍ଯ୍ୟ ଚକିତ ହେଲି । ସାଧାରଣ ମୂଲିଆଟିଏ ହୋଇ ମଧ୍ୟ କେଉଁ ବି ନିଷ୍ପାପକୁ ଅଲୋଡା, ଅନାଥ ହେବାକୁ ନ ଦେବାର ତାଙ୍କ ପଣ



ଭାଗିରଥୀ ପାର୍କ

ସତରେ ଅନନ୍ୟ । ନିଜେ ଭୋକରେ ରହି ଅନ୍ୟକୁ ବଞ୍ଚାଉଥିବା ମଣିଷର ସେ ନିରୋଳା ସ୍ନେହବୋଳା ହସ ଆଖିରେ ଲୁହ ଭରି ଦେଲା । ସମସ୍ତେ ନିଜ ସାଧ୍ୟମତେ ତାଙ୍କୁ ସାହାଯ୍ୟର ହାତ ବଢାଇବା ଉଚିତ୍ ।

ପ୍ରାକୃତିକ ସୌନ୍ଦର୍ଯ୍ୟଭରା କଳାହାଣ୍ଡିରେ ଛୋଟବଡ ହୋଇ ଅନେକ ମନ୍ଦିର ଅଛି । ପର୍ଯ୍ୟଟକଙ୍କ ସୁବିଧା ପାଇଁ ପର୍ଯ୍ୟଟନ ସ୍ଥଳ ନିକଟରେ ମଧ୍ୟ କିଛି ମନ୍ଦିର ଗଢି ଉଠିଛି । ଭବାନିପାଟଣା ନିକଟରେ ଭାଗିରଥୀ ନାମକ ସୁନ୍ଦର ବିଶାଳ ପାର୍କଟିଏ ଅଛି । ଏହା ପିଲା ବଡ ସମସ୍ତଙ୍କ ମନୋରଞ୍ଜନକୁ ଆଖିରେ ରଖି ତିଆରି ହୋଇଛି । ବିଭିନ୍ନ ପ୍ରକାର ଫୁଲଫଳ ଗଛ, ଖେଳକୁଦର ସରଞ୍ଜାମ, ସ୍ଥାପତ୍ୟ, ଆଧୁନିକ ସାଜସଜ୍ଜା ଏହାକୁ ମନଲୋଭା କରି ତୋଳିଛି । ଏହା ଭିତରେ ଜନଜାତିଙ୍କ ଘର ଓ ଜୀବନଶୈଳୀର ଛୋଟ ପ୍ରତିକୃତିମାନ କରା ଯାଇଛି ଯାହାକି ଏକ ନିଆରା ପ୍ରଚେଷ୍ଟା ।

ପ୍ରକୃତି ରାଣୀ କୋଳରେ ଅବସ୍ଥିତ କଳାହାଣ୍ଡି ପ୍ରକୃତି ପ୍ରେମୀଙ୍କ ପାଇଁ ସତେ ଅବା ସ୍ୱର୍ଗ । ବଣପାହାଡ ଘେରା ଏ ଇଲାକା କେଉଁଠାରେ ସବୁଜିମାରେ ଆଚ୍ଛାଦିତ ତ ଆଉ କେଉଁଠାରେ ଟାଙ୍ଗରା ଲଣ୍ଡା ପାହାଡ ଓ ଧୂସରିଆ ଭୂଇଁ । ଜଳସେଚନର ସୁବିଧା ହେତୁ ଏଠାରେ ଲୋକମାନେ ବର୍ଷ ତମାମ୍ ଫସଲ କରିଥାନ୍ତି । ରାସ୍ତା କଡରେ କେବେ କଅଁଳ ଧାନକ୍ଷେତର ସବୁଜିମା ଲହଡି ଭାଙ୍ଗେ ତ ପୁଣି କେବେ ସୂର୍ଯ୍ୟମୁଖୀ, ସୋରିଷ କ୍ଷେତର ହରିତ୍ ବର୍ଣ୍ଣ ଆଖି ଝଲସାଏ ।

ଟାଙ୍ଗରା ଭୂଇଁକୁ ପଳାଶ ଓ ଶିମିଳି ଫୁଲ ତା' ଲୋହିତ ପଣତରେ ଢାଙ୍କି ଦେଉଥାଏ । ଯୁଆଡେ ନାହିଁ ସିଆଡେ ଆମ୍ବପଣସ, ତେନ୍ତୁଳି ଗଛ ଦେଖି ଆମ ପରି ସହର ବଜାରରେ ବଢିଥିବା ଲୋକ ରଙ୍କ ପରି ହେଉଥାଏ । ମହୁଲି ଫୁଲର ମିଠା ବାସ୍ନା ମତୁଆଲା କରୁଥାଏ । ତଳେ ବିଛାଇ ହୋଇ ଯାଇଥିବା ମହୁଲ ଫୁଲକୁ ଗୋଟାଇ ଆଣି ମୁଁ ଓ ମୋ ଝିଅ ସେହି ଗଛ ତଳେ ଗଦା କରୁ ଓ ଫେରିବା ପୂର୍ବରୁ ଆମ ସହ ମହୁଲ ଗୋଟା ଥିବା ଦେଶିଆ ପିଲା ଓ ସ୍ତ୍ରୀ ଲୋକଙ୍କୁ ତାହା ଦେଇଥାଉ । ଆମର ଏ ପାଗଳାମୀ ଦେଖି ସେମାନେ ମଧ୍ୟ ଖୁବ୍ ଉପଭୋଗ କରନ୍ତି । ସେମାନଙ୍କ ହସ ଆମକୁ ଆମୋଦିତ କରେ ।


ମହୁଆ


ଡକ୍ରିଚଞ୍ଚରା

ଯଦିଓ ମୋ ସ୍ୱାମୀ ୨୦୦୯ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ ଭବାନିପାଟଣାରେ କାର୍ଯ୍ୟରତ ଥିଲେ, ତଥାପି ମୁଁ ମାତ୍ର ପାଞ୍ଚଥର କଳାହାଣ୍ଡି ଯାଇ ପାରିଛି । ମୋ ପରି ଅନ୍ତର୍ମୁଖୀ ଭାବୁକ ଲୋକଟେ ପାଇଁ ପ୍ରତ୍ୟେକ ଗସ୍ତର ଅନୁଭୂତି ଅନନ୍ୟ । କଳାହାଣ୍ଡି କେବଳ ମୋତେ ଅଭିଭୂତ କଲା, ତାହା ନୁହେଁ ଏହାର ସୌନ୍ଦର୍ଯ୍ୟ ସମସ୍ତଙ୍କୁ ନିଶ୍ଚିତ ବିମୋହିତ କରିବ । ଝିଅ ପଢା ଦାୟିତ୍ୱରୁ ମୁଁ ଏବେ ମୁକ୍ତ । ତେଣୁ ଏବେ ପୁଣି ପ୍ରକୃତି କୋଳକୁ ଫେରିବାକୁ ମନ ଉଚ୍ଚାଟ ହେଲାଣି । ଆପଣମାନେ ବି ପ୍ଲାନ୍ କରନ୍ତୁ ନା !



# ମାଘପୋଡ଼ି




# ଜୁଆଙ୍ଗ 'ମାଘପୋଡ଼ି ପର୍ବ'


**ରଞ୍ଜନ ପ୍ରଧାନ**

ଜିଲ୍ଲା ପ୍ରତିନିଧି: 'ସମ୍ବାଦ', କନ୍ଧମାଳ (ଫୁଲବାଣୀ)

ଫୋନ: ୯୪୩୭୨୧୩୮୫୪

ଫଟୋ ସୌଜନ୍ୟ : ଲେଖକ




ଓଡ଼ିଶାରେ ବସବାସ କରୁଥିବା ଆଦିବାସୀଙ୍କ ମଧ୍ୟରେ ଜୁଆଙ୍ଗ ଏକ ସ୍ୱତନ୍ତ୍ର ପୁରାତନ ଜନଜାତି ଗୋଷ୍ଠୀ । କେନ୍ଦ୍ର ସରକାର ଓଡ଼ିଶାରେ ୬୨ ପ୍ରକାର ଜନଜାତିଙ୍କୁ ଚିହ୍ନଟ କରିଛନ୍ତି । ଅନ୍ୟ ସାଧାରଣ ଜନଜାତିଙ୍କ ତୁଳନାରେ ଆର୍ଥିକ କ୍ଷେତ୍ରରେ ଦୁର୍ବଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ ଅପହଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା କିଛି ସ୍ୱତନ୍ତ୍ର ଶ୍ରେଣୀର ଆଦିବାସୀଙ୍କୁ କେନ୍ଦ୍ର ସରକାର ପୁରାତନ ଜନଜାତି (Particularly Vulnerable Tribal Group) ଭାବେ ଘୋଷଣା କରିଛନ୍ତି । ସମଗ୍ର ଦେଶରେ ମୋଟ ୭୫ ପ୍ରକାର ପିଭିଟିଜି ଜନଜାତି ଗୋଷ୍ଠୀ ଥିଲାବେଳେ ଓଡ଼ିଶାରେ ୧୩ଟି ଗୋଷ୍ଠୀଙ୍କୁ ପିଭିଟିଜି ଭାବେ ଚିହ୍ନିତ କରାଯାଇଛି । ସେମାନେ ହେଲେ- ବିର୍‌ହର, ବଣ୍ଡା, ଚକୋଟିଆ ଭୁଞ୍ଜିଆ, ଡିଡାୟୀ, ଡଙ୍ଗରିଆ କନ୍ଧ, ଜୁଆଙ୍ଗ, ଖଡ଼ିଆ, କୁଟିଆ କନ୍ଧ, ଲାଞ୍ଜିଆ ସଉରା, ଲୋଧା, ମାଙ୍କିଡ଼ିଆ, ପାଉଡ଼ି ଭୂୟାଁ, ସଉରା । ରାଜ୍ୟରେ ବସବାସ କରୁଥିବା



୧୩ଟି ପିଭିଟିଜିମାନଙ୍କ ମଧ୍ୟରୁ ଜୁଆଙ୍ଗଙ୍କ ସ୍ଥିତି ଅଧିକ ସଂକଟାପନ୍ନ ବୋଲି ବିଚାର କରାଯାଏ ।

ଜୁଆଙ୍ଗମାନେ କେନ୍ଦୁଝର ଜିଲ୍ଲାର ବାଂଶପାଳ, ହରିଚନ୍ଦନପୁର ଓ ଘଟଗାଁ ବ୍ଲକରେ ବସବାସ କରୁଥିବାବେଳେ ଆଉ କେତେକ ଜୁଆଙ୍ଗ ପଡ଼ୋଶୀ ଢେଙ୍କାନାଳ, ଅନୁଗୁଳ ଏମିତିକି ଯାଜପୁର (ନଗଡ଼ା) ଜିଲ୍ଲାର ପାର୍ବତ୍ୟାଞ୍ଚଳରେ ଦେଖା ଯାଆନ୍ତି । 'ଜୁଆଙ୍ଗ' ଶବ୍ଦର ଅର୍ଥ ହେଉଛି 'ମଣିଷ' । ଲିପି ନଥିଲେ ମଧ୍ୟ ଜୁଆଙ୍ଗମାନଙ୍କର ନିଜସ୍ୱ ଭାଷା ରହିଛି । ଜୁଆଙ୍ଗମାନଙ୍କର ଭାଷା 'ଆଷ୍ଟ୍ରୋ ଏସିଆଟିକ୍ ଭାଷା' ଅନ୍ତର୍ଗତ 'ଉତ୍ତର ମୁଣ୍ଡାରି ଭାଷାଗୋଷ୍ଠୀ'ର ଅନ୍ତର୍ଭୁକ୍ତ । ଭୌଗୋଳିକ ଅବସ୍ଥିତିକୁ ଭିତ୍ତି କରି ଜୁଆଙ୍ଗମାନଙ୍କୁ ଦୁଇଟି ଶ୍ରେଣୀଭୁକ୍ତ କରାଯାଇଛି । ୧. ଥାନିଆ, ୨. ଭାଗୁଡ଼ିଆ ।

କେନ୍ଦୁଝର ଜିଲ୍ଲାର ଗୋନାସିକା ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ମୂଳ ଜୁଆଙ୍ଗମାନଙ୍କୁ 'ଥାନିଆ' କୁହାଯାଉଥିବା ବେଳେ କେନ୍ଦୁଝରରୁ ଚାଲିଯାଇ ଢେଙ୍କାନାଳ, ଅନୁଗୁଳ (ପାଲଲହଡ଼ା)ରେ ବସବାସ କରୁଥିବା ଜୁଆଙ୍ଗମାନଙ୍କୁ 'ଭାଗୁଡ଼ିଆ' କୁହାଯାଏ ।

ଜୁଆଙ୍ଗମାନଙ୍କ ଜୀବନଧାରା ପ୍ରକୃତି ଓ ଅରଣ୍ୟ ସହିତ ଓତପ୍ରୋତ ଭାବେ ଜଡ଼ିତ । ସେମାନେ ଅରଣ୍ୟ, ବୃକ୍ଷ, ଜଙ୍ଗଲ, ନଦୀ, ଝରଣା, ସୂର୍ଯ୍ୟ, ପୃଥିବୀ, ଗ୍ରହ, ନକ୍ଷତ୍ର ଆଦି ପ୍ରାକୃତିକ ଏବଂ ସ୍ୱର୍ଗୀୟ ବସ୍ତୁକୁ ଦେବତା ରୂପେ ପୂଜା କରନ୍ତି । ଜୁଆଙ୍ଗମାନେ ବିଶ୍ୱାସ କରନ୍ତି ସେମାନଙ୍କ ଦେବଦେବୀ ଅରଣ୍ୟରେ, ପାହାଡ଼ରେ ଏବଂ ନଦୀ କିମ୍ବା ଝରଣାରେ ଅବସ୍ଥାନ କରନ୍ତି । ଜୁଆଙ୍ଗମାନେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି ।

ଗୋଷ୍ଠୀଗତ ଭାବେ ବଞ୍ଚିବା ହେଉଛି ଜୁଆଙ୍ଗ ଜୀବନର ସଫଳ ଫର୍ମୁଲା । ଯେକୌଣସି ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସେମାନେ ଗୋଷ୍ଠୀଗତ ଭାବେ ତୁଲେଇଥାନ୍ତି । ପର୍ବପର୍ବାଣି ପାଳନ ମାଧ୍ୟମରେ ସେମାନେ ଏକତ୍ରିତ ହେବାର ସୁଯୋଗଲାଭ କରିଥାନ୍ତି । ପ୍ରତ୍ୟେକ ପର୍ବପର୍ବାଣିରେ ଜୁଆଙ୍ଗମାନେ ନିଜର କର୍ମମୟ ଜଞ୍ଜାଳ ଛାଡ଼ି ଗାଁର ମଧ୍ୟସ୍ଥଳରେ ଏକଜୁଟ୍ ହୋଇଥାନ୍ତି ।

ପର୍ବପର୍ବାଣି ପାଳନ ମାଧ୍ୟମରେ ଜୁଆଙ୍ଗମାନଙ୍କର ସାମାଜିକ-ସାଂସ୍କୃତିକ ଭାବଧାରା ଏବଂ ଗୋଷ୍ଠୀଗତ ଜୀବନ ଅତ୍ୟନ୍ତ ଦୃଢ ହୋଇଥାଏ । ପର୍ବପର୍ବାଣି, ଉତ୍ସବ, ମହୋତ୍ସବ ପାଳନ କରି ପ୍ରଚୁର ଆନନ୍ଦ ଉପଭୋଗ କରିବା ଜୁଆଙ୍ଗ ଜୀବନର ପ୍ରମୁଖ ବିଭବ ।

ଜୁଆଙ୍ଗମାନଙ୍କର ପର୍ବପର୍ବାଣିମାନଙ୍କୁ ମୁଖ୍ୟତଃ ଛଅ ଭାଗରେ ବିଭକ୍ତ କରାଯାଇପାରେ ।

୧. କୃଷିଭିତ୍ତିକ ପର୍ବ
୨. ପାରମ୍ପରିକ ପର୍ବ
୩. ସାମାଜିକ ପର୍ବ
୪. ଶିକାରଭିତ୍ତିକ ପର୍ବ
୫. ରୋଗ ନିରାକରଣଭିତ୍ତିକ ପର୍ବ
୬. ଗ୍ରାମ ସଂସ୍କାର ପର୍ବ

ବର୍ଷର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସବୁ ସମୟରେ ଜୁଆଙ୍ଗ ଗାଁରେ କିଛି ନା କିଛି ପର୍ବ ପାଳିତ ହେଉଥାଏ । ଜୁଆଙ୍ଗମାନେ ମୁଖ୍ୟତଃ କୃଷି, ଶିକାର ଓ ପଶୁପାଳନ ମାଧ୍ୟମରେ ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି । ଏଣୁ ସେମାନଙ୍କର ଅଧିକାଂଶ ପର୍ବପର୍ବାଣି କୃଷିଭିତ୍ତିକ ।

'ତଇଳା' (ପାହାଡ଼ିଆ ଉଚ୍ଚ ଚାଷଭୂମି)ରେ ଭଲ ଫସଲ ହେଉ କି ଫସଲର ସୁରକ୍ଷା ପାଇଁ ଜୁଆଙ୍ଗମାନେ ଅନେକ ପର୍ବ ପାଳନ କରିଥାନ୍ତି । ସେହିଭଳି ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା ଏବଂ ନିଜ ସନ୍ତାନସନ୍ତତିଙ୍କ ସ୍ୱାସ୍ଥ୍ୟ ଓ ନିରାମୟ ଜୀବନ କାମନା ଉଦ୍ଦେଶ୍ୟରେ ଜୁଆଙ୍ଗମାନେ ଆଉ କେତେକ ପର୍ବ ପାଳନ କରିଥାନ୍ତି ।

ବର୍ଷକରେ ଥରେ ଜୁଆଙ୍ଗମାନେ ନିଜ ଗ୍ରାମକୁ ସଂସ୍କାର କରିଥାନ୍ତି । ଘରର ପୁରୁଣା ଜିନିଷପତ୍ରକୁ ବଦଳେଇ ନୂତନ ଜିନିଷପତ୍ର ଆପଣେଇଥାନ୍ତି । ପୂର୍ବେ ପ୍ରତ୍ୟେକ ଜୁଆଙ୍ଗ 'ଅଖାଣି ପର୍ବ' (ଶିକାର ଯାତ୍ରା)କୁ ଧୁମ୍‌ଧାମ୍‌ରେ ପାଳନ କରୁଥିଲେ । ଜଙ୍ଗଲରୁ ଭଲ ଶିକାର ମିଳିବା ଏବଂ ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ବସବାସ କରୁଥିବାରୁ ନିଜର ସୁରକ୍ଷା ପାଇଁ ମଧ୍ୟ ଆଉ କେତେକ ପର୍ବ ପାଳନ କରାଯାଏ ।

ଜୁଆଙ୍ଗମାନେ ନିଜନିଜର ବାଡ଼ିବଗିଚା ଏବଂ ତଇଳାରେ ଚାଷ କରିଥିବା ଶସ୍ୟ, ପନିପରିବା ଓ ଫଳମୂଳକୁ ନୂଆ କରି ଖାଇଥାନ୍ତି । ଏସବୁ ଶସ୍ୟ, ପନିପରିବାକୁ ପ୍ରଥମେ ନିଜ ପିତୃପୁରୁଷ ଓ ଦେବଦେବୀଙ୍କୁ ଅର୍ପଣ କରିବା ପରେ ନିଜେ ଭକ୍ଷଣ କରିଥାନ୍ତି । ଏହି କ୍ରମରେ ଜୁଆଙ୍ଗମାନେ ଧାନ ନୂଆଖିଆ, ଆମ୍ବ ନୂଆଖିଆ, ଶାଗ ନୂଆଖିଆ, ରୁମା ନୂଆଖିଆ, କୁସୁମ ନୂଆଖିଆ ଭଳି ଅନେକ ପର୍ବପର୍ବାଣି ପାଳନ କରିଥାନ୍ତି ।

ଜୁଆଙ୍ଗମାନେ ନିଜ ଗ୍ରାମ, ତଇଳା ଓ ସର୍ବୋପରି ନିଜ ପିଢ଼ର ସୁରକ୍ଷା ନିମନ୍ତେ 'ପିଢ଼ ପୂଜା'ର ଆୟୋଜନ କରିଥାନ୍ତି । ପିଢ଼ ପୂଜାଟି ତନ୍ତ୍ରମତେ ଅନୁଷ୍ଠିତ ହୋଇଥାଏ । ଗ୍ରାମର ଗୁଣିଆ (ରାଉଳିଆ) ଦ୍ୱାରା ପିଢ଼ ପୂଜା ପାଳିତ ହୋଇଥାଏ । ଏହାବ୍ୟତୀତ ଜୁଆଙ୍ଗମାନେ ମକର ପର୍ବ, ରଜ ପର୍ବ, ଗହ୍ମା ପୂର୍ଣ୍ଣିମା, ରକ୍ଷାବନ୍ଧନ ଉତ୍ସବ, ଲକ୍ଷ୍ମୀ ପୂଜା, ବିଷୁବ ସଂକ୍ରାନ୍ତି, ମହା ଶିବରାତ୍ରୀ ଭଳି ପର୍ବପର୍ବାଣି ପାଳନ କରିଥାନ୍ତି ।

ଡିସେମ୍ବର-ଜାନୁୟାରୀ ମାସରେ ଜୁଆଙ୍ଗମାନେ ପୁଷ୍ ପୂନେଇଁ (ମାଘପୋଡ଼ି) ପର୍ବ ପାଳନ କରୁଥିବାବେଳେ ମାର୍ଚ୍ଚ-ଏପ୍ରିଲ୍ ମାସ ବେଳକୁ 'ଆମ୍ବ ନୂଆଖିଆ' ପର୍ବ ପାଳନ କରିଥାନ୍ତି । ପୁଷ୍ ପୂନେଇଁ (ମାଘ ପୋଡ଼ି) ପର୍ବଟି ଜୁଆଙ୍ଗମାନଙ୍କର ଆଦ୍ୟ ପର୍ବ ଭାବେ ପାଳନ କରାଯାଇଥାଏ । ଏହି ପର୍ବ ପାଳନ ହେବା ପରେ ବର୍ଷର ଅନ୍ୟାନ୍ୟ ପର୍ବ ପାଳିତ ହୋଇଥାଏ ।

ଏପ୍ରିଲ୍-ମେ ମାସ ବେଳକୁ ଜୁଆଙ୍ଗମାନେ 'ଶିକାର ଯାତ୍ରା' (ଅଖାଣି ପର୍ବ) ପାଳନ କରୁଥିବାବେଳେ ମେ ମାସରେ ସେମାନେ ତିର୍ତୀୟା (ଅକ୍ଷି ତୃତୀୟା), ମଞ୍ଜିବୁଣା ପର୍ବ ପାଳନ କରିଥାନ୍ତି । ପ୍ରତିବର୍ଷ ଜୁନ୍ ମାସ ବେଳକୁ ଜୁଆଙ୍ଗମାନେ ରଜ ପର୍ବ ପାଳନ କରୁଥିବାବେଳେ ଜୁଲାଇ ମାସରେ ଆଷାଢ଼ି ପର୍ବ (ବାଙ୍ଗୁରୁ ଅବ) ଓ କୁସୁମ ନୂଆଖିଆ ପର୍ବ, ଜୁଲାଇ-ଅଗଷ୍ଟ ମାସରେ ପିଢ଼ପୂଜା ଓ ଗହ୍ମା ପୂର୍ଣ୍ଣିମା, ଅଗଷ୍ଟ-ସେପ୍ଟେମ୍ବର ମାସରେ ଧାନ ନୂଆଖିଆ ଓ ରୁମା ନୂଆଖିଆ ଏବଂ ଡିସେମ୍ବର-ଜାନୁୟାରୀ ମାସରେ ଗୁଣ୍ଡାଦିଆ ପର୍ବ ଓ ଗୁରୁବାର ଓଷା (ଲକ୍ଷ୍ମୀ ପୂଜା) ପାଳନ କରିଥାନ୍ତି ।

## ମାଘପୋଡ଼ି ପର୍ବ

'ପୁଷ୍ ପୂନେଇଁ' ପର୍ବଟି ଅନ୍ୟ ଅର୍ଥରେ 'ମାଘପୋଡ଼ି' ପର୍ବ ଭାବେ ପରିଚିତ । ଏହା ଜୁଆଙ୍ଗମାନଙ୍କ ଆଦ୍ୟ ପର୍ବ ଭାବେ ବିବେଚିତ । ଏହି ପର୍ବଟି ଧାର୍ମିକ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ ।

ଏହା ଏକ କୃଷିଭିତ୍ତିକ ପର୍ବ । ମାଘପୋଡ଼ି ପର୍ବଟି ଡିସେମ୍ବର-ଜାନୁୟାରୀ ମାସ ବେଳକୁ ବିଶେଷକରି କ୍ଷେତରୁ ଫସଲ ଅମଳ ଶେଷ ହୋଇଯିବା ପରେ



ପାଳିତ ହୋଇଥାଏ । ଏହି ପର୍ବ ପାଳନ ସହ ଜୁଆଙ୍ଗମାନଙ୍କର ନୂତନ କୃଷିବର୍ଷର ଶୁଭାରମ୍ଭ ହୋଇଥାଏ । ପରବର୍ତ୍ତୀ ବର୍ଷର କୃଷି ଯୋଜନା କିଭଳି ହେବ ତାହା ମାଘପୋଡ଼ି ପର୍ବ ପାଳନ ପରେ ହିଁ ସ୍ଥିର କରାଯାଇଥାଏ । ମାଘପୋଡ଼ି ପର୍ବ ପାଳନ ପରେ ଜୁଆଙ୍ଗମାନେ 'ତଇଳା' (ପାହାଡ଼ିଆ ଉଚ୍ଚଭୂମି) ସଫା କରି ପୋଡୁ ଚାଷ ପାଇଁ ପ୍ରସ୍ତୁତ ହୁଅନ୍ତି ।

ମାଘ ପୋଡ଼ି ପର୍ବ ପାଳନ ପରେ ପରେ ଜୁଆଙ୍ଗ ସେଲାନ୍, କଙ୍ଗେରମାନେ ଚାଙ୍ଗୁ ବାଦନ କରିଥାନ୍ତି । ମାଘପୋଡ଼ି ପର୍ବ ପାଳନ ପୂର୍ବରୁ ଜୁଆଙ୍ଗ ଗ୍ରାମମାନଙ୍କରେ ଚାଙ୍ଗୁ ନୃତ୍ୟ ଓ ଗୀତର ଆସର ହୋଇ ନଥାଏ । କ୍ଷେତରୁ ଫସଲ ଅମଳ ନ ହେବା ପର୍ଯ୍ୟନ୍ତ ଜୁଆଙ୍ଗମାନଙ୍କୁ ଚାଙ୍ଗୁ ବଜେଇବାକୁ ମନା ଥାଏ । ମାଘପୋଡ଼ି ପର୍ବ ପାଳନ ବେଳକୁ ଜମିରେ କୌଣସି ଫସଲ ନଥାଏ । ସବୁ ଫସଲ ଅମଳ ହେବା ପରେ ମାଘପୋଡ଼ି ପର୍ବ ପାଳନ ହୋଇଥାଏ । ଜାନୁୟାରୀ ମାସ ବେଳକୁ ଫସଲ ଅମଳ ହୋଇଯିବା ପରେ ଜୁଆଙ୍ଗମାନଙ୍କ ହାତରେ ବିଶେଷ କାମଧନ୍ଦା ନଥାଏ । ଏହି ସମୟ ବିଶେଷକରି ପର୍ବ ମନାଇବାର ବେଳ ହୋଇଥାଏ । ଏତିକିବେଳକୁ ଜୁଆଙ୍ଗ କଙ୍ଗେର, ସେଲାନମାନେ ହିଁ ଆନନ୍ଦରେ ମତୁଆଲା ହୋଇ ଚାଙ୍ଗୁ ମାଡ଼ କରିବା ସହ ନୃତ୍ୟଗୀତର ଆୟୋଜନ କରିଥାନ୍ତି । ଚାଙ୍ଗୁ ବାଦନ ଓ ନାଚଗୀତ ଆସନ୍ତାବର୍ଷ ଫସଲ ବୁଣାହେବା ପର୍ଯ୍ୟନ୍ତ ଜାରି ରହେ ।

ମାଘପୋଡ଼ି ପର୍ବର ଏକ ସାମାଜିକ ଗୁରୁତ୍ୱ ରହିଛି । ବର୍ଷକରେ କେବଳ ଏହି ପର୍ବ ପାଳନ ବେଳେ ହିଁ ଜୁଆଙ୍ଗମାନେ ସେମାନଙ୍କ ବାସସ୍ଥାନ ପରିବର୍ତ୍ତନ, ନୂତନ ଗୃହ ନିର୍ମାଣାଦି କାମ କରିଥାନ୍ତି । ଯେଉଁ ଜୁଆଙ୍ଗମାନେ ନିଜର ପୁରୁଣା ଗ୍ରାମ ପରିବର୍ତ୍ତନ କରି ଜଙ୍ଗଲ ମଧ୍ୟରେ ନୂତନ ଗ୍ରାମ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନେ କେବଳ ମାଘପୋଡ଼ି ପର୍ବ ବେଳେ କରିପାରିବେ । ନଚେତ୍ ସେମାନଙ୍କୁ ପୁଣି ବର୍ଷେ ଅପେକ୍ଷା କରିବାକୁ ପଡ଼ିଥାଏ ।

ମାଘପୋଡ଼ି ପର୍ବ ପାଳନ ପରେପରେ ଜୁଆଙ୍ଗ ସମାଜରେ ବିବାହ, ବ୍ରତ ଆଦିର ଶୁଭାରମ୍ଭ ହୋଇଥାଏ । ଏହା ପୂର୍ବରୁ ଜୁଆଙ୍ଗ ସମାଜରେ ବିବାହ କାର୍ଯ୍ୟକୁ ପୂରାପୂରି ବାରଣ କରାଯାଇଥାଏ । ମାଘପୋଡ଼ି ପର୍ବ ପାଳନ ପରେପରେ ଜୁଆଙ୍ଗମାନେ ବିରି, ମୁଗ, ରୁମା (ବରୁଗୁଡ଼ି) ଆଦି ଡାଲି ଜାତୀୟ ଶସ୍ୟକୁ ରଗଡ଼ି ଡାଲି କରି ଖାଆନ୍ତି । ମାଘପୋଡ଼ି ପୂର୍ବରୁ ଡାଲି ଜାତୀୟ ଶସ୍ୟ ଖାଇବା ମନା ଥାଏ । ମାଘପୋଡ଼ି ପର୍ବ ପରଠାରୁ ଜୁଆଙ୍ଗମାନେ ବିଧବଦ୍ଧ ଭାବେ ନଡ଼ାକୁଟା, ଅନ୍ୟାନ୍ୟ ଶସ୍ୟଜାତ ଶୁଷ୍କ ଗଛ (ଧାନ, ମାଣ୍ଡିଆ, ମକା, ବାଜରା, ସୁଆଁ ଘାସ) ଆଦି ଜାଳିଥାନ୍ତି ।  ମାଘପୋଡ଼ି ପର୍ବ ପୂର୍ବରୁ କୌଣସି ଜୁଆଙ୍ଗ ଏସବୁ ଶସ୍ୟଜନିତ ନଡ଼ାକୁଟା ଜାଳି ନଥାନ୍ତି । ଏହି

ମାଘପୋଡ଼ି ପର୍ବ ତିନି ଦିନ ଧରି ଚାଲେ । ପର୍ବ ପାଳନର ସପ୍ତାହେ କି ଦୁଇ ସପ୍ତାହ ପୂର୍ବରୁ ଗାଁ ମୁଖିଆ (ପଧାନ) ଓ ଧାର୍ମିକ ମଖିଆ (ନାଗମ୍)ଙ୍କ ନେତୃତ୍ୱରେ ଗାଁର ମଜାଙ୍ଗ୍ (ମଣ୍ଡଘର)ରେ ଏକ ପ୍ରସ୍ତୁତି ବୈଠକ ବସିଥାଏ । ଏଥିରେ ନାଗମ୍, ରାଉଳିଆ, ବାରଭାଇ ଏବଂ ଗ୍ରାମର ଅନ୍ୟାନ୍ୟ ପୁରୁଖା ଲୋକମାନେ ଉପସ୍ଥିତ ରହି ପର୍ବର ଦିନ ଧାର୍ଯ୍ୟ କରିଥାନ୍ତି । ପର୍ବ ପାଳନ ପାଇଁ ଗ୍ରାମର ପ୍ରତି ପରିବାରରୁ ନିର୍ଦ୍ଦିଷ୍ଟ ପରିମାଣର ଚାନ୍ଦା ମଗାଯାଇ ମଜାଙ୍ଗ୍ ପାଣ୍ଠିରେ ଦାଖଲ କରାଯାଏ ।

ଏହି ସଂଗୃହିତ ପାଣ୍ଠିକୁ ଗାଁ ମୁଖିଆ 'ପଧାନ' ନିଜ ହେପାଜତରେ ମଣ୍ଡଘରେ ସାଇତି ରଖନ୍ତି ଏବଂ ପର୍ବ ପାଳନ ପାଇଁ ଏହି ପାଣ୍ଠିରୁ ହିଁ ଖର୍ଚ୍ଚ କରାଯାଇଥାଏ । ଏହି ଅର୍ଥରେ ପୂଜାରେ 'ଛେଦ' (ବଳି) ପଡ଼ିବାକୁ ଥିବା ଛେଳି, ମେଣ୍ଢା, କୁକୁଡ଼ା, ମହୁଲି ମଦ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ କିଣାଯାଇଥାଏ । ମାଘପୋଡ଼ି ପର୍ବଟି ତିନି ଦିନ ଧରି ପାଳିତ ହୋଇଥାଏ ।

## ପ୍ରଥମ ଦିନ

ମାଘପୋଡ଼ି ପର୍ବର ପ୍ରଥମ ଦିନ ଗାଁର ପୂଜକ, ମୁଖିଆ ଓ ଅନ୍ୟାନ୍ୟ ବୟସ୍କ ବ୍ୟକ୍ତିମାନେ ସକାଳୁ ସ୍ନାନ ଓ ନିତ୍ୟକର୍ମ ସାରି ନିଷ୍ଠାର ସହ ଉପବାସ ରହିଥାନ୍ତି । ଏହାକୁ 'ବାର ରୁଆ' କୁହାଯାଇଥାଏ । ଗାଁମୁଖିଆ 'ପଧାନ', ପୂଜକ 'ନାଗମ୍', ବାରଭାଇ ଓ ଅନ୍ୟାନ୍ୟ ବୟସ୍କ ବ୍ୟକ୍ତିମାନେ ଗାଁର ମଙ୍ଗଳ ଓ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ଉପବାସ ରହିବା ସାଙ୍ଗକୁ ନିଷ୍ଠାର ସହ ବ୍ରତ ଧାରଣ କରିଥାନ୍ତି । ନାଗମ୍ ଏବଂ ପଧାନ ସକାଳୁ ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରନ୍ତି । ଜୁଆଙ୍ଗ ସ୍ତ୍ରୀଲୋକମାନେ ସ୍ନାନତର୍ପଣ ସାରି ଘରଦ୍ୱାର ଲିପାପୋଛା କରିଥାନ୍ତି । କାନ୍ଥରେ ଝୋଟି ଚିତା ପକେଇଥାନ୍ତି । ସକାଳୁ ସକାଳୁ ସେଲାନ୍ (ଯୁବତୀ)ମାନେ ଗୋବର ଓ ରଙ୍ଗୀନ୍ ମାଟିରେ ମଜାଙ୍ଗ (ମଣ୍ଡଘର)ର କାନ୍ଥ ଓ ଅଗଣାକୁ ଲିପାପୋଛା କରିବା ପରେ ଝୋଟି ଚିତା ପକେଇଥାନ୍ତି ।

ସ୍ନାନ ସାରିବା ପରେ ନାଗମ୍ ଓ ପଧାନ ନିଜ ଘରେ ଅପେକ୍ଷା କରିଥାନ୍ତି । ଗାଁର ସମସ୍ତ ପରିବାରର ପ୍ରତିନିଧିମାନେ ନିଜ ନିଜ ଘରୁ ଧାନ, ମାଣ୍ଡିଆ, ଗଙ୍ଗେଇ, କାଙ୍ଗୁ, ସୁଆଁ ଆଦି ଶସ୍ୟ ଡାଲାରେ ଭର୍ତ୍ତି କରି ନାଗମ୍ କିମ୍ବା ପଧାନଙ୍କ ଘରେ ଠୁଳ କରନ୍ତି । ସଂଗୃହୀତ ଧାନ, ଚାଉଳ, ବିରି, ମାଣ୍ଡିଆ ଆଦି ଶସ୍ୟକୁ ପୃଥକ କରି ରଖାଯାଏ । ପରେ ଏହାକୁ ଭାଗଭାଗ କରାଯାଏ ।

ଗ୍ରାମବାସୀଙ୍କ ଠାରୁ ସଂଗୃହୀତ ଶସ୍ୟକୁ ଚାରି ଭାଗ କରାଯାଏ । ଗୋଟିଏ ଭାଗ ଗାଁର ବୟସ୍କ ବ୍ୟକ୍ତି (ବାରଭାଇ)ଙ୍କୁ ପ୍ରଦାନ କରାଯାଏ । ଦ୍ୱିତୀୟ ଭାଗଟି ଗାଁର ଯୁବକ, ଯୁବତୀଙ୍କୁ, ତୃତୀୟ ଭାଗକୁ ପୂଜକ ଏବଂ ଚତୁର୍ଥ ଭାଗଟିକୁ ଗାଁ ମୁଖିଆ 'ପଧାନ'ଙ୍କୁ ପ୍ରଦାନ କରାଯାଏ । ଏହି ଚାରି ଭାଗ ଧାନ, ବିରି, ମାଣ୍ଡିଆ, ସୁଆଁ ଆଦି ଶସ୍ୟକୁ ନାଗମ୍ କିମ୍ବା ପଧାନଙ୍କ ଘରର ସ୍ତ୍ରୀଲୋକମାନେ ଶୁଖେଇ ଏଥିରୁ ଏକ ବିଶେଷ ପ୍ରକାର ଚୂନା ପ୍ରସ୍ତୁତ କରନ୍ତି । ଏହି ଚୂନାରେ ମଣ୍ଡାପିଠା ପ୍ରସ୍ତୁତ କରାଯାଇ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୂଜା କରାଯାଏ । ଏହି ପିଠାପୂଜା ତୃତୀୟ ଦିନ ହୋଇଥାଏ ।



ପ୍ରଥମ ଦିନ ନାଗମ୍ ଓ ପଧାନଙ୍କୁ ଗାଁର ଯୁବକ, ଯୁବତୀମାନେ ଶୋଭାଯାତ୍ରାରେ ମଣ୍ଡଘରକୁ ପାଛୋଟି ଆଣିଥାନ୍ତି । ନାଗମ୍ ଓ ପଧାନ ଡାଲାରେ ଅରୁଆ ଚାଉଳ, ହଳଦୀ ଗୁଣ୍ଡ, ସିନ୍ଦୁର, କଜ୍ୱଳ, ଧୂପ, ଦୀପ, ଦୁବଘାସ, ଶିଆଳି ପତ୍ର, ଲାଉ ତୁମ୍ୱାରେ ଭର୍ତ୍ତି ପବିତ୍ର ପାଣି ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ହାତରେ ଧରି ମଣ୍ଡଘର ନିକଟକୁ ଆସନ୍ତି । ଗ୍ରାମର କିଛି ଜୁଆଙ୍ଗ ବାଜା ବଜେଇ ରୋଷଣି କରି ନାଗମ୍ ଓ ପଧାନଙ୍କୁ ମଣ୍ଡଘର ନିକଟକୁ ଆଣିଥାନ୍ତି ।

ନାଗମ୍ ଓ ପଧାନ ମଣ୍ଡଘରୁ ମହୁଲି ମଦ ଆଣି ମଣ୍ଡଘର ସମ୍ମୁଖ ଭାଗରେ ଥିବା ଗ୍ରାମଶିରିଙ୍କ ନିକଟକୁ ଯାଆନ୍ତି । ସେଠାରେ ନାଗମ୍ ଓ ପଧାନ ଧରମ୍ ଦେବତା, ବସୁମତୀ ମାତା ଓ ଅନ୍ୟାନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୂଜାର୍ପଣ କରିଥାନ୍ତି । ଭୂମି ଉପରେ ମହୁଲି ମଦ ଢାଳି ନାଗମ୍, ପଧାନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି । ପ୍ରଥମ ଦିନର ପୂଜା କାର୍ଯ୍ୟ ଏଇଠୁ ଶେଷ ହୋଇଥାଏ ।

## ଦ୍ୱିତୀୟ ଦିନ

ଦ୍ୱିତୀୟ ଦିନ ମଧ୍ୟ ଗାଁର ସେଲାନ୍ (ଯୁବତୀ)ମାନେ ପୁନର୍ବାର ମଣ୍ଡଘରକୁ ଲିପାପୋଛା କରିଥାନ୍ତି । ନାଗମ୍ ଓ ପଧାନ ସ୍ନାନ ସାରି ପୂଜା ପାଇଁ ପ୍ରସ୍ତୁତ ହୁଅନ୍ତି । ପ୍ରଥମ ଦିନ ଭଳି ଦ୍ୱିତୀୟ ଦିନ ନାଗମ୍ ଓ ପଧାନଙ୍କୁ ଶୋଭାଯାତ୍ରାରେ ମଣ୍ଡଘର ନିକଟକୁ ଅଣାଯାଏ । ନାଗମ୍ ଓ ପଧାନ ଡାଲାରେ ଅରୁଆ ଚାଉଳ, ହଳଦୀ ଗୁଣ୍ଡ, ସିନ୍ଦୁର, କଜ୍ୱଳ, ଧୂପ, ଦୀପ, ଦୁବ, ଶିଆଳି ପତ୍ର ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ମଣ୍ଡଘରକୁ ଆସନ୍ତି ।

ପୂର୍ବଦିନ ଭଳି ନାଗମ୍ ଓ ପଧାନ ମଣ୍ଡଘରୁ ମହୁଲି ନେଇ ଗ୍ରାମଶିରିଙ୍କ ପାଖକୁ ଯାଆନ୍ତି । ଗ୍ରାମଶିରୀଙ୍କ ପିଣ୍ଡିରେ ଭୂମି ଉପରେ ମହୁଲି ମଦ ଢାଳି ନାଗମ୍, ପଧାନ ଧରମ୍ ଦେବତା, ବସୁମତୀ ମାତା ଓ ନିଜର ପିତୃପୁରୁଷ ଓ ଅନ୍ୟାନ୍ୟ ଦେବଦେବୀଙ୍କୁ ଆବାହନ କରନ୍ତି ।

ଏହା ପରେ ବାରଭାଇଙ୍କ ମଧ୍ୟରୁ ଜଣେ ବୟସ୍କ ବ୍ୟକ୍ତି ନାଗମ୍ ଓ ପଧାନଙ୍କ ହାତ ପାପୁଲିରେ ମହୁଲି ମଦ ଢାଳନ୍ତି । ନାଗମ୍ ଓ ପଧାନ ମହୁଲି ମଦକୁ ହାତରୁ ଭୂମି ଉପରେ ଢାଳି ଦେବଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି ।

ଗ୍ରାମଶିରିଙ୍କ ନିକଟରେ ପୂଜା କାମ ଶେଷ ହେବା ପରେ ନାଗମ୍, ପଧାନଙ୍କ ସମେତ ବାରଭାଇମାନେ ଗାଁ ମୁଣ୍ଡରେ ଥିବା 'ଶାଳଘର'କୁ ଯାଆନ୍ତି । ଗ୍ରାମଶିରିଙ୍କ ନିକଟରୁ ଶାଳ ପର୍ଯ୍ୟନ୍ତ ଜୁଆଙ୍ଗମାନେ ପଧାନ, ନାଗମ୍‌ଙ୍କୁ ବାଜା ବଜେଇ, ରୋଷଣି କରି ନେଇଥାନ୍ତି । ଶାଳଘର ନିକଟରେ ପହଞ୍ଚିବା ପରେ ସେଠାରେ ବଳକା ପୂଜା କାର୍ଯ୍ୟ ସମ୍ପନ୍ନ ହୁଏ ।

ଶାଳଘର ନିକଟରେ ନାଗମ୍ ଓ ପଧାନ ଭୂମିରେ ମାଟି ଖୋଳି ଏକ ଚୂଲି ନିର୍ମାଣ କରନ୍ତି । ଛୋଟ ଛୋଟ ଶୁଖିଲା ଶାଳକାଠ ସଂଗ୍ରହ କରନ୍ତି । ପୂର୍ବରୁ ଶାଳଘରେ ଥିବା ଏକ ଶାଳ ଗଛର କୋରଡ଼ରେ ଗୁପ୍ତରେ ଏକ ମାଟି ହାଣ୍ଡି ରଖା ଯାଇଥାଏ । ନାଗମ୍ ଗଛ କୋରଡରୁ ଏହି ମାଟି ହାଣ୍ଡିଟି ବାହାର କରି ସେଥିରେ ଗାଈ ଦୁଧ ଭର୍ତ୍ତି କରି ଶାଳଘରେ ନିର୍ମାଣ କରାଯାଇଥିବା ଚୂଲିରେ ବସାନ୍ତି । ହାଣ୍ଡିରେ ଦୁଧ ସହିତ ଅରୁଆ ଚାଉଳ ପକାଇ ପଧାନ ଓ ନାଗମ୍ ତାକୁ ସାତ ଫୁଟଣା କରନ୍ତି । ସାତଫୁଟଣା ସମୟରେ ଯେଭଳି ପେଜ ଉତୁରି ତଳେ ନ ପଡ଼େ ସେଥିପ୍ରତି ଧ୍ୟାନ ରଖିବାକୁ ପଡ଼ିଥାଏ । ପେଜ ଉତୁରି ଭୂମି ଉପରେ ପଡ଼ିଗଲେ ଗାଁ ପ୍ରତି ଅମଙ୍ଗଳ ହେବ ବୋଲି ବିଶ୍ୱାସ ରହିଛି ।

ସାତଫୁଟଣା ହୋଇଯିବା ପରେ ମାଟି ହାଣ୍ଡିକୁ ତଳକୁ ଓହ୍ଲାଇ ଖିରିକୁ ସାତଗୋଟି ଶିଆଳି ପତ୍ରରେ ଦେବଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ବାଢ଼ନ୍ତି । ଦେବଦେବୀ ଓ ପିତୃପୁରୁଷଙ୍କୁ ସମର୍ପଣ କରିବା ପରେ ମାଟି ହାଣ୍ଡିରେ ଯାହା ଖିରି ବଳିଥାଏ, ତାକୁ ସାତଗୋଟି ଶିଆଳି ପତ୍ରରେ ଗୁଡ଼େଇ ନାଗମ ଶାଳଗଛ କୋରଡ଼ରେ ଲୁକ୍କାୟିତ ଭାବେ ରଖି ଦିଅନ୍ତି ।

ମାଘପୋଡ଼ି ପର୍ବ ପରେ ଗାଁରେ ଆମ୍ବନୂଆଖିଆ ପାଳନ କରାଯାଉଥିବାବେଳେ ସେତେବେଳେ ଏହି ମାଟି ହାଣ୍ଡିକୁ ଶାଳଗଛ କୋରଡ଼ରୁ ବାହାର କରାଯାଇଥାଏ ।



ଶାଳଘରେ ପୂଜା ସମୟରେ ଦେବଦେବୀ ଓ ପିତୃପୁରୁଷଙ୍କୁ ମଦଦାନ କରାଯାଇଥାଏ । ଦେବଦେବୀ ଓ ପିତୃପୁରୁଷଙ୍କୁ ମହୁଲି ଅର୍ପଣ କରିବା ପରେ ନାଗମ, ପଧାନଙ୍କ ସମେତ ବାରଭାଇ ଓ ଅନ୍ୟାନ୍ୟ ବୟସ୍କ ଜୁଆଙ୍ଗମାନେ ଭୋଗ ଲାଗି ହୋଇଥିବା ମହୁଲି ମଦକୁ ପାନ କରିଥାନ୍ତି । ଜୁଆଙ୍ଗମାନଙ୍କର ଏହି ସମୂହ ମଦ୍ୟ ପାନକୁ 'ଜୁରିପକା' କହନ୍ତି । ଏହାପରେ ସମସ୍ତେ ଶାଳଘର ଛାଡ଼ି ପୁନର୍ବାର ଗ୍ରାମକୁ ଅର୍ଥାତ୍ ମଣ୍ଡଘରକୁ ଫେରନ୍ତି ।

## ତୃତୀୟ ଦିନ

ତୃତୀୟ ଦିନ ପିଠାଖିଆ ଅନୁଷ୍ଠିତ ହୋଇଥାଏ । ପ୍ରଥମ ଦିନ ଗାଁର ସମସ୍ତ ପରିବାରଙ୍କ ପକ୍ଷରୁ ପୂଜକ (ନାଗମ୍)ଙ୍କୁ ପ୍ରଦାନ କରାଯାଇଥିବା ବୁଆ (ଧାନ), କୁଦୁ (ମାଣ୍ଡିଆ), ରୁମା (ବରୁଗୁଡ଼ି), ଜାଲି, ଗଙ୍ଗେଇ (ବାଜରା), କାଙ୍ଗୁ (ସୁଆଁ), ଜୁଆଣି (ମକା) ଆଦି ନୂତନ ଶସ୍ୟରୁ ଚାଉଳ ପ୍ରସ୍ତୁତ କରାଯାଇ ସେଥିରୁ ଏକ ବିଶେଷ ଧରଣର ମିଶ୍ର ଚୂନା ତିଆରି ହୋଇଥାଏ । ଏହି ଚୂନାରେ ନାଗମ୍‌ଙ୍କର ଘର ଲୋକେ ପିଠା ପ୍ରସ୍ତୁତ କରନ୍ତି । ନୂଆ ମାଟି ହାଣ୍ଡିରେ ଗରମ ପାଣି ଫୁଟେଇ ସେଥିରେ ଚାଉଳ ଚୂନା ମିଶେଇ ଆଣ ପ୍ରସ୍ତୁତ କରାଯାଏ । ଏହି ଆଣକୁ ନାଗମ୍ ପରିବାରର ସଦସ୍ୟମାନେ ଗୁଳାଗୁଳା କରି ପିଠା ପ୍ରସ୍ତୁତ କରିଥାନ୍ତି । ଏହି ପିଠା ଭାରି କଠିନ ହୋଇଥାଏ । ନାଗମ୍‌ଙ୍କ ଘରେ ପିଠା ହେବା ପରେ ଗ୍ରାମର ଅନ୍ୟମାନଙ୍କ ଘରେ ପିଠା ପ୍ରସ୍ତୁତ ହୁଏ ।

ତୃତୀୟ ଦିନକୁ 'ପିଠାଖିଆ' ବୋଲି କୁହାଯାଏ । ପିଠାଖିଆ ଦିନ ଗ୍ରାମର ସମସ୍ତ ପରିବାର ପିଠା କରି ନାଗମଙ୍କ ଦ୍ୱାରକୁ ନିଅନ୍ତି । ସେଠାରେ ସମସ୍ତ ପିଠାକୁ ଏକତ୍ର କରି ଗ୍ରାମବାସୀଙ୍କ ମଧ୍ୟରେ ବଣ୍ଟନ କରାଯାଏ ।

ପୂର୍ବ ଦୁଇଦିନମାନଙ୍କ ଭଳି ସକାଳୁ ସକାଳୁ ନାଗମ୍ ଓ ପଧାନ ସ୍ନାନ ସାରି ହାତରେ ପୂଜା ସାମଗ୍ରୀ ଡାଲା ଧରି ଗ୍ରାମଶିରିଙ୍କ ନିକଟରେ ହାଜର ହୁଅନ୍ତି । ପୂର୍ବଦିନ ମାନଙ୍କ ଭଳି ବାଜା ବଜେଇ ଭୂମି ଉପରେ ପବିତ୍ର ଜଳ ସି*ନ କରି ନାଗମ ଓ ପଧାନଙ୍କୁ ସେମାନଙ୍କ ଘରୁ ମଣ୍ଡଘର (ଗ୍ରାମଶିରୀ) ନିକଟକୁ ଅଣାଯାଏ । ମଣ୍ଡଘରେ ପହି*ବା ପରେ ନାଗମ୍ ସେଠୁ ଗ୍ରାମଶିରୀଙ୍କ ନିକଟକୁ ଯାଇ ପୂଜା କାର୍ଯ୍ୟ ଆରମ୍ଭ କରନ୍ତି । ଗ୍ରାମର ଶୁଭ ମନାସି ଦେବଦେବୀଙ୍କ ଉଦ୍ଦେଶ୍ୟରେ ପୁନର୍ବାର ମଦ ଦାନ କରାଯାଏ । ଏହାପରେ ନାଗମ୍ ଓ ପଧାନଙ୍କ ସମେତ ବାରଭାଇ, ସେଲାନ୍, କଙ୍ଗେରମାନେ ଗ୍ରାମ ଉପକଣ୍ଠସ୍ଥ ଏକ ଖୋଲା ସ୍ଥାନକୁ ଯାଇ ସେଠାରେ ପୂଜାପାଠ କରନ୍ତି । ଏହାକୁ 'ଦାଣ୍ଡ ପୂଜା' କହନ୍ତି । ନାଗମ୍ ସେଠାରେ ଭୂମି ଉପରେ ଗୋବର ପାଣି ଢାଳି ଭୂମିକୁ ଲେପନ କରି ଶୁଦ୍ଧ କରନ୍ତି । ଭୂମି ସଂସ୍କାର କରିବା ପରେ ସାତଗୋଟି ଶିଆଳି ପତ୍ରରେ ଦେବଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଭୋଗ ଅର୍ପଣ କରନ୍ତି । ଏଠାରେ ମଧ୍ୟ ପୂର୍ବଦିନ ମାନଙ୍କ ଭଳି ଦେବଦେବୀ ଓ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ମହୁଲି ମଦ ଦାନ କରାଯାଏ । ଦାଣ୍ଡ ପୂଜାରେ ଏକ ଛୋଟ କୁକୁଡ଼ା ଛୁଆ ବଳି ପକାଯାଇଥାଏ ।



ପ୍ରଥମେ କୁକୁଡ଼ା ଛୁଆଟିକୁ ମନ୍ତୁରା ହଳଦି ଗୁଣ୍ଡ ଓ ଅରୁଆ ଚାଉଳ ପକାଇ ସଂସ୍କାର କରାଯାଏ । ଏହା ପରେ ନାଗମ୍ କୁକୁଡ଼ା ଛୁଆକୁ କିଛି ଅରୁଆ ଚାଉଳ ଖାଇବାକୁ ଦେଇଥାନ୍ତି । ପ୍ରତ୍ୟେକ ବଳି ବା ଛେଦ ପୂର୍ବରୁ ଜୁଆଙ୍ଗମାନେ ପଶୁପକ୍ଷୀଙ୍କୁ ଖାଇବାକୁ ଦେବାର ବିଧି ରହିଥାଏ । ଖାଇବାକୁ ଦେଇ ବଳି ପଡ଼ିବାକୁ ଥିବା ପଶୁପକ୍ଷୀମାନଙ୍କର ଆତ୍ମା ଶାନ୍ତି କରିବା ଜୁଆଙ୍ଗମାନଙ୍କର ଉଦ୍ଦେଶ୍ୟ ଥାଏ । ଯଦି କୁକୁଡ଼ା ଛୁଆଟି ଅରୁଆ ଚାଉଳ ନ ଖାଏ, ତେବେ ଏହାକୁ ଅଶୁଭ ସୂଚନା ବୋଲି ବିଚାର କରାଯାଏ । ଏଣୁ କୁକୁଡ଼ା ଛୁଆଟି କିଭଳି ଅରୁଆ ଚାଉଳ ଖାଇବା ସେଥିନେଇ ପୂଜକ ଯଥା ପ୍ରଯତ୍ନ କରିଥାନ୍ତି । ପଶୁପକ୍ଷୀମାନେ ଚାଉଳ ନ ଖାଇବା ପର୍ଯ୍ୟନ୍ତ ସେମାନଙ୍କୁ ବଳି (ଛେଦ) ପକାଯିବାର ବିଧି ନାହିଁ । ପୂଜା କାର୍ଯ୍ୟରେ ଯଦି କିଛି ତ୍ରୁଟି ରହିଯାଇଥାଏ କିମ୍ବା ପିତୃପୁରୁଷ କୋପ କରିଥାନ୍ତି ଜୁଆଙ୍ଗମାନେ ସେତେବେଳେ ପିତୃପୁରୁଷ ଓ ଦେବଦେବୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତି । ନାଗମ୍, ପଧାନ ଓ ବାରଭାଇ ମିଶି ନିଜ ଗ୍ରାମର ସୁରକ୍ଷା ଏବଂ ଗୃହପାଳିତ ପଶୁପକ୍ଷୀ ତଥା ନିଜ ପିଲାମାନଙ୍କର ସୁରକ୍ଷା ନିମନ୍ତେ ଦେବଦେବୀ ଓ ପିତୃପୁରୁଷଙ୍କୁ ପ୍ରାର୍ଥନା କରନ୍ତି । ଦାଣ୍ଡ ପୂଜା ସରିଗଲା ପରେ ନାଗମ୍, ପଧାନ, ବାରଭାଇ ପୁନର୍ବାର ମଣ୍ଡଘର (ଗ୍ରାମଶିରୀ) ନିକଟକୁ ଫେରି ଆସନ୍ତି । ସମସ୍ତେ ଗ୍ରାମଶିରୀଙ୍କ ସମ୍ମୁଖ ସଦର ଦାଣ୍ଡରେ ଏକତ୍ରିତ ହୁଅନ୍ତି । ନାଗମ ଗାଁର ମଝିଦାଣ୍ଡରେ ପୂଜାପାଠ ଆରମ୍ଭ କରନ୍ତି । ସମସ୍ତେ ପୂଜାସ୍ଥଳର ଚତୁର୍ପାର୍ଶ୍ୱରେ ଘେରି ବସନ୍ତି କିମ୍ବା ଠିଆ ହୁଅନ୍ତି । ସେଠାରେ ନାଗମ୍ ଓ ପଧାନ ଧରମ୍ ଦେବତା, ବସୁମତୀମାତାଙ୍କ ଉଦ୍ଦେଶ୍ୟରେ ପୂଜା କରନ୍ତି ।

ନଅ ଖଣ୍ଡ ସାନ ସାନ ଶୁଖିଲା ଓ କଞ୍ଚା ଫାଳିକିଆ ଶାଳକାଠିକୁ ନାଗମ୍ ଦେବତାମାନଙ୍କ ନାମ ଉଚ୍ଚାରଣ କରି ଭୂମି ଉପରେ ଫିଙ୍ଗିଥାନ୍ତି । ଏହି ଦୁଇଫାଳ କାଠିରୁ ଗୋଟିଏ ଉପରକୁ ଓ ଅନ୍ୟଟି ତଳକୁ ମୁହଁକରି ଭୂମି ଉପରେ ପଡ଼ିଲେ ଏହା ଶୁଭ ବୋଲି ବିଚାର କରାଯାଏ । ଏହାଦ୍ୱାରା ଗାଁ ରୋଗମୁକ୍ତ ହେବା ସହିତ ଜମିରେ ଭଲ ଫସଲ ଓ ଗୃହପାଳିତ ପଶୁପକ୍ଷୀ, ଶିଶୁମାନେ ନିରୋଗ ରହିଥାନ୍ତି ବୋଲି ଜୁଆଙ୍ଗମାନେ ବିଶ୍ୱାସ କରନ୍ତି । ନଅ ଖଣ୍ଡ ସାନ ସାନ ଶୁଖିଲା ଓ କଞ୍ଚା ଫାଳିକିଆ କାଠି ବ୍ୟତୀତ ସାତଗୋଟି କଞ୍ଚା ପିଜୁଳି, କଣାଯୁକ୍ତ ଏକ ଗୋଲାକୃତି ଲାଉତୁମ୍ବା, ସାତଗୋଟି ଶିଆଳି ପତ୍ର, ଧୂପ, ଦୀପ, ଅରୁଆ ଚାଉଳ, ସିନ୍ଦୁର, କଜ୍ଜ୍ୱଳ, ହଳଦୀଗୁଣ୍ଡ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଏହି ପୂଜା କାର୍ଯ୍ୟରେ ଆବଶ୍ୟକ ହୋଇଥାଏ ।

ସଦର ଦାଣ୍ଡରେ ନାଗମ୍ ପବିତ୍ର ଜଳକୁ ସିଂଚନ କରି ଗାଁ ଦାଣ୍ଡକୁ ଶୋଧନ କରି ଦିଅନ୍ତି । ଲାଉ ତୁମ୍ବାରେ ଭର୍ତ୍ତି ଥିବା ପବିତ୍ର ପାଣିକୁ ନାଗମ୍ କିମ୍ବା ପଧାନ ସେଠାରେ ସମବେତ ହୋଇଥିବା ସେଲାନ୍, କଙ୍ଗେର ଓ ଛୋଟଛୋଟ ଶିଶୁମାନଙ୍କ ଚତୁର୍ପାର୍ଶ୍ୱରେ ସାତ ଥର ପରିକ୍ରମା କରି ଭୂମି ଉପରେ ସିଂଚନ କରନ୍ତି । ଏହା ଦ୍ୱାରା ଗାଁ ଦାଣ୍ଡ ଏବଂ ଗାଁର ସମସ୍ତ ସଦସ୍ୟମାନଙ୍କୁ ଶୁଦ୍ଧ ପବିତ୍ର କରାଯାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି । ଏହାକୁ 'ଗାଁ ବନ୍ଧା' କୁହାଯାଏ । ଗାଁକୁ ସୁରକ୍ଷିତ ରଖିବା ହେଉଛି 'ଗାଁ ବନ୍ଧା'ର ଉଦ୍ଦେଶ୍ୟ ।

ଗାଁ ବନ୍ଧା କାର୍ଯ୍ୟକ୍ରମରେ ନାଗମ୍, ପଧାନ ଓ ବାରଭାଇ ନିକଟସ୍ଥ ଝରଣା କିମ୍ବା ନଦୀ କୂଳକୁ ଯାଆନ୍ତି । ସେଠାରେ ପଶୁ ବଳି ଦିଆଯାଏ । ଏହାକୁ 'ଛେଦ' କୁହାଯାଏ । ଏଠାରେ ଏକାଧିକ ଛେଳି, କୁକୁଡ଼ା, ମେଣ୍ଢାମାନଙ୍କୁ ବଳି ଦିଆଯାଇଥାଏ ।

ଛେଦ କାର୍ଯ୍ୟକ୍ରମ ପୂର୍ବରୁ ନାଗମ୍ ପ୍ରଥମେ ଝରଣା କୂଳ ଭୂମିକୁ ଗୋବରରେ ଲେପନ କରି ସଂସ୍କାର କରନ୍ତି । ଏହାକୁ 'ଭୂମି ବନ୍ଧା' କୁହାଯାଏ । ଏଠାରେ ଧରମ ଦେବତା, ବସୁମତୀ ମାତା, ପିତୃପୁରୁଷ ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଭୋଗ ଓ ମଦ ଅର୍ପଣ କରାଯାଏ । ଏହା ପରେ ପରେ ଛେଦ ପକାଯାଏ । ଛେଦ ପରେ ପଶୁପକ୍ଷୀଙ୍କ କଟା ମୁଣ୍ଡକୁ ନାଗମ୍ ଓ ପଧାନଙ୍କୁ ପ୍ରଦାନ କରାଯାଇଥାଏ । ଛେଦ ପଡ଼ିଥିବା ପଶୁପକ୍ଷୀଙ୍କ ମାଂସରେ ଏକ ଗୋଷ୍ଠୀ ଭୋଜନର ଆୟୋଜନ ହୋଇଥାଏ ।

ମାଘ ପୋଡ଼ି ପର୍ବ ପାଳନ ବେଳେ ଯୁବକ, ଯୁବତୀମାନେ ଚାଙ୍ଗୁ ବାଦ୍ୟ ବାହାର କରି ପ୍ରଥମ ଥର ପାଇଁ ବଜେଇ ଶୁଭାରମ୍ଭ କରିଥାନ୍ତି । ମାଘପୋଡ଼ି ପୂର୍ବରୁ ଚାଙ୍ଗୁ ନାଚ ଓ ଗୀତ ହୋଇ ନଥାଏ । ମାଘ ପୋଡ଼ି ପର୍ବ ପାଳନ ପରେ ହିଁ ଜୁଆଙ୍ଗମାନେ ବିଭିନ୍ନ ପ୍ରକାର ଡାଲିଜାତୀୟ ଶସ୍ୟକୁ ଖାଇବା ଆରମ୍ଭ କରନ୍ତି । ପ୍ରଥମେ ନାଗମ୍ ଖାଇବା ପରେ ଗ୍ରାମବାସୀ ଖାଆନ୍ତି ।

ତିନି ଦିନ ଧରି ପାଳନ କରାଯାଉଥିବା ମାଘପୋଡ଼ି ପର୍ବର ଉଦ୍‌ଯାପନର ପ୍ରାୟ ସପ୍ତାହ ପରେ ଗ୍ରାମର ଜୁଆଙ୍ଗମାନଙ୍କ ମଧ୍ୟରେ ଚାଷ ଜମିର ଭାଗବଣ୍ଟା



ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଦିନରେ ଗାଁ ମୁଖିଆ ପଧାନ, ପୂଜକ ନାଗମ୍, ବାରଭାଇ ଏବଂ ଅନ୍ୟାନ୍ୟ ମୁରବୀ ଶ୍ରେଣୀୟ ଜୁଆଙ୍ଗମାନେ ମଣ୍ଡଘରେ ବସି ନିଜନିଜ ମଧ୍ୟରେ ତଇଳା ଓ ଅନ୍ୟାନ୍ୟ ଭୂମି ବଣ୍ଟନ କରିଥାନ୍ତି । ଗ୍ରାମବାସୀ ନିକଟସ୍ଥ ଜଙ୍ଗଲକୁ ଯାଇ ଜଙ୍ଗଲ ସଫା କରି ନିଜନିଜର ମନ ମୁତାବକ ତଇଳା ଜମି ବାଣ୍ଟି ନେଇଥାନ୍ତି । ସମସ୍ତ ପରିବାରର ସଦସ୍ୟମାନେ ପର୍ବତ ଉପରକୁ ଯାଇ ନିରୂପଣ କରା ଯାଇଥିବା ତଇଳା ଭୂମିର ସ୍ଥାନ ଚିହ୍ନଟ କରନ୍ତି ।

ଅତୀତରେ ଜୁଆଙ୍ଗ ଗ୍ରାମଗୁଡ଼ିକର ସମସ୍ତ ଭୂମି ଅର୍ଥାତ୍ ତଇଳା ଭୂମି, ଏକାନ୍ (ଚାଷ ଜମି), ଗୋଡା ଭୂମି ଏପରିକି ଘରବାଡ଼ିମାନଙ୍କରେ ମଧ୍ୟ ଜୁଆଙ୍ଗମାନଙ୍କର ବ୍ୟକ୍ତିଗତ ମାଲିକାନା ନଥିଲା । ସମସ୍ତ ଭୂମି ଗ୍ରାମର ସାମୂହିକ ସମ୍ପତ୍ତି ଥିଲା । ଗାଁ ମୁଖିଆ (ପଧାନ), ପୁରୋହିତ (ନାଗମ୍), ବାରଭାଇ ଓ ଅନ୍ୟାନ୍ୟ ପୁରୁଖା ବ୍ୟକ୍ତିମାନେ ମାଘପୋଡ଼ି ପର୍ବରେ ଏକତ୍ରିତ ହୋଇ ପରିବାର ମଧ୍ୟରେ ଭୂମି ବଣ୍ଟନ କରୁଥିଲେ । ବସତି ଓ ଗ୍ରାମଗୁଡ଼ିକ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ଖଣ୍ଡରେ ସ୍ଥାନାନ୍ତରିତ ହେଉଥିଲା । ମାଘପୋଡ଼ି ପର୍ବ ଜୁଆଙ୍ଗମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନକୁ ସର୍ବାଧିକ ଭାବେ ପ୍ରଭାବିତ କରିଥାଏ ।


ପ୍ରଥମପୁରସ୍କାର-୧
କାନ୍ଥକଲାର କୁହୁକ



# କାନ୍ଥ କହେ କଥା ଚିତ୍ର ବହେ ଗାଥା


**ଦ୍ୱିତୀଚନ୍ଦ୍ର ସାହୁ**

ଇନ୍ଦିରା ନଗର, ଚତୁର୍ଥ ଗଳି ,
ରାୟଗଡା-୭୬୫୦୦୧
ଫୋନ : ୯୪୩୭୯୦୯୬୭୧/୯୫୫୬୨୮୭୭୭୫

ଫଟୋ ସୌଜନ୍ୟ : ଲେଖକ


**କାନ୍ଥରେ ଅନେକ ଜ୍ୟାମିତିକ ସରଳ ଚିତ୍ରର ଅଦ୍ଭୁତ ସମାହାର । ଅନେକ ସାମାଜିକ କ୍ରିୟାତ୍ମକ ଚିତ୍ରର ପ୍ରତିଫଳନ । ଶୁଦ୍ଧପୂତ ଭାବେ ଅଂକନ ହୁଏ କାନ୍ଥରେ ଚିତ୍ର । ଥରେ ଚିତ୍ର ଅଂକନ ହୋଇଗଲେ ଚିତ୍ର ସବୁ ପାଲଟି ଯାଆନ୍ତି ଇଷ୍ଟ । ଆଉ ସେଇଠୁ ପୂଜା ପାଏ କାନ୍ଥ ଚିତ୍ର । ସଉରା ଜନଜାତିଙ୍କ ପାରଂପରିକ ଚିତ୍ରକଳାକୁ ନେଇ ଦ୍ୱିତୀଚନ୍ଦ୍ର ସାହୁଙ୍କ ଗବେଷଣାତ୍ମକ ଉପସ୍ଥାପନା ।**



▶ ଲେଖକ ଦ୍ୱିତୀଚ ସାହୁ

ଶୀତୁଆ ସକାଳ । ପତ୍ରରେ ପତ୍ରରେ ଲାଖିଛି କାକର ବୁନ୍ଦା । ଚାରିଆଡେ ଧଳା ଚାଦରର ବହଳ ଆସ୍ତରଣ । ଆଲୁଅର ଉପସ୍ଥିତି ସକାଳ ହେବାର ସୂଚନା ଦେଉଥିଲେ ହେଁ ସୂର୍ଯ୍ୟ ଦେବତାଙ୍କ ତଥାପି ଦେଖା ନାହିଁ । ଶୀତରେ ଥରୁଛି ପୃଥିବୀ । ରାସ୍ତାରେ ଲୋକଙ୍କ ଉପସ୍ଥିତି କମ୍ । ସ୍ଥାନେ ସ୍ଥାନେ ନିଆଁ ଜଳାଇ ଉଷୁମ୍ ନେବାର ଉପକ୍ରମ । ନିଆଁକୁ ଘେରି ଜନଜାତିର ଲୋକ । ପ୍ରଥମ କୁକୁଡା ଡାକରୁ ଆରମ୍ଭ ହୁଏ ସେମାନଙ୍କର ସକାଳ । ଶୀତକୁ ଘଉଡାଇବା ଲାଗି କେତେ ସଜବାଜ । ବେଳ ଫିଟିଲେ ଲୋକଙ୍କ ଋହଳ ଲାଗିବ । ସକାଳୁ ସକାଳୁ ହିଁ ବାହାରି ପଡିଲୁ ଲାଂଜିଆ ଅଂଚଳକୁ । ଲାଂଜିଆ ମାନେ ବିରଳ ଜନଜାତି ଲାଂଜିଆ ସଉରା । ଏମାନେ ସଉରା ଜନଜାତିର ଏକ ଶାଖା । ସଉରାମାନେ ଅନେକ ଗୋଷ୍ଠୀରେ ବିଭକ୍ତ । ଶୁଦ୍ଧ ସଉରା, କାଂପୁ ସଉରା, ମାଳିଆ ସଉରା ଭାବେ ଚାରି ପ୍ରକାର ସଉରା ସମେତ ଯାଦୁ, ମାନେ, ରାଇକା, ଶାରଦା, କିନ୍ଦଲ, ଆର୍ସି, ଜୁଆରୀ, କାଞ୍ଚର, କୁରୁମ୍ଭ, ଲାଂଜିଆ, ଶୁଦ୍ଧ, ଜାତପୁ, ଜାରା, କା- ଏହିପରି ଦଶଟି ଶାଖା ଭିତ୍ତିରେ ସଉରାମାନେ ଓଡ଼ିଶାରେ ବସବାସ କରୁଛନ୍ତି । ଓଡ଼ିଶାର ଏକ ବହୁ ପୁରାତନ ଜାତି ରୂପେ ସଉରାମାନେ ସୁପରିଚିତ । ମହେନ୍ଦ୍ରଗିରି ଅଞ୍ଚଳରୁ ଆରମ୍ଭ କରି ଓଡ଼ିଶାରେ ସର୍ବତ୍ର ବସତି ସ୍ଥାପନ କରିଥିଲେ ସୁଦ୍ଧା ଗଜପତି ଜିଲ୍ଲା ଓ ରାୟଗଡ଼ା ଜିଲ୍ଲାର ଗୁଣପୁର ଅଞ୍ଚଳରେ ଅଧିକ ସଂଖ୍ୟାରେ ସଉରାମାନେ ବସତି ସ୍ଥାପନ କରିଛନ୍ତି । ଏହାଛଡା ଓଡ଼ିଶାର ଅବିଭକ୍ତ ଗାମ, କୋରାପୁଟ, ସମ୍ବଲପୁର ଜିଲ୍ଲାର କେତେକାଂଶରେ ମଧ୍ୟ ଏମାନେ ବସବାସ କରି ରହୁଛନ୍ତି ।

ଓଡ଼ିଶାର ଆଦିମ ସଉରା (ଶବର) ଗାମ ଜିଲ୍ଲାର ରାଗମିରି, ଉଦୟଗିରି, ପାରଳାଖେମୁଣ୍ଡି ଆଖପାଖ କେତେକାଞ୍ଚଳ ଓ ଗୁଣପୁର ଉପଖଣ୍ଡର ପୁଟ୍ଟାସିଂ ଅଞ୍ଚଳରେ ସଂପ୍ରତି ବସବାସ କରୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ଜିଲ୍ଲା ଅନୁଯାୟୀ ସ୍ଥାନ ଭିତ୍ତିରେ ଏମାନଙ୍କର ନାମ ଶଅର, ଶଉରା, ଶୟର, ସଉରା, ସୁଆର, ଶବର ପ୍ରଭୃତି ହୋଇଛି । ଓଡ଼ିଶା ବ୍ୟତୀତ ଆନ୍ଧ୍ରପ୍ରଦେଶର ବିଜୟନଗରମ୍ ଜିଲ୍ଲାରେ ବି ସଉରାମାନେ ଅଛନ୍ତି ।

ସଉରାମାନେ ଅଷ୍ଟ୍ରେଲୟଡ଼ ଭାଷା ଗୋଷ୍ଠୀ ଅନ୍ତର୍ଭୁକ୍ତ । ଏମାନେ ଦକ୍ଷିଣ ମୁଣ୍ଡାରୀ ଭାଷା କହୁଥିବାରୁ ଏମାନଙ୍କ ଭାଷା ଅଷ୍ଟ୍ରୋ-ଏସିଆଟିକ୍ ଭାଷା ଅନ୍ତର୍ଗତ । ଐତିହାସିକ ଓ ନୃତତ୍ତ୍ୱବିତ୍‌ମାନଙ୍କ ଗବେଷଣାରୁ ଜଣାଯାଏ ଯେ, ଓଡ଼ିଶାର ପ୍ରାଚୀନ ଧର୍ମ ଓ ସଂସ୍କୃତିକୁ ପ୍ରାଚୀନତମ ଆଦିବାସୀ 'ଶବର' ମାନେ ପ୍ରଭାବିତ କରିଥିଲେ ।

ପ୍ରାଚୀନ ଭାରତରେ ମୂଳତଃ ଦ୍ରାବିଡ଼ମାନେ ବସବାସ କରୁଥିଲେ । ଏକଦା ଭାରତ ମଧ୍ୟକୁ ଆର୍ଯ୍ୟମାନଙ୍କ ପ୍ରବେଶ ପରେ ଦ୍ରାବିଡ଼ମାନେ ଆର୍ଯ୍ୟମାନଙ୍କ ଦ୍ୱାରା ବିତାଡିତ ହୋଇ ଦକ୍ଷିଣ ଭାରତ ଆଡ଼କୁ ପଳାୟନ କରିଥିଲେ । ବିତାଡିତ ହେବା ପରେ ବହୁଧା ଗୋଷ୍ଠୀରେ ବିଭକ୍ତ ହୋଇଥିବା ଦ୍ରାବିଡ଼ମାନଙ୍କର ଏକ ଦଳ ଉତ୍ତର ଭାରତରୁ ଛତିଗଡ଼ ବାଟ ଦେଇ ପଶ୍ଚିମ ଓଡ଼ିଶା ବା ସମ୍ବଲପୁର ଅଞ୍ଚଳରେ ପ୍ରବେଶ କରିଥିଲେ । ସେଠାରୁ କାଳକ୍ରମେ ଓଡ଼ିଶାର ଭିତରପ୍ରାନ୍ତକୁ ମାଡ଼ି ଯାଇଥିଲେ ।

ଅନ୍ୟ ଏକ କିମ୍ବଦନ୍ତୀର ଜଣାଯାଏ ଯେ ଆର୍ଯ୍ୟମାନେ ଉତ୍ତର ଭାଗରୁ ଆସି ଓଡ଼ିଶାରେ ବସବାସ କରୁଥିବା ଅନାର୍ଯ୍ୟ ତଥା ଦ୍ରାବିଡ଼ମାନଙ୍କୁ ବିତାଡିତ କରିଥିବାର. ଦ୍ରାବିଡ଼ମାନେ ଜଙ୍ଗଲ ବା ମାଳ ଅଞ୍ଚଳରେ ଆତ୍ମଗୋପନ କରିଥିଲେ । ସମ୍ଭବତଃ ଏହି କାରଣ ଯୋଗୁଁ ଶବର ସମେତ ପ୍ରାୟ ସମସ୍ତ ଆଦିବାସୀ ଜଙ୍ଗଲ ମଧ୍ୟରେ ବସତି ସ୍ଥାପନ କରିଥିବାର ପରିଲକ୍ଷିତ ହୁଏ । ଲାଂଜି ସଉରାମାନେ ପୋଡୁଚାଷ କରନ୍ତି । ଗାମ ଜିଲ୍ଲାର ବଡ଼ଖେମୁଣ୍ଡି ଅଞ୍ଚଳରେ ବସବାସ କରୁଥିବା ଯାଦୁ ସଉରାମାନେ ଗୋମାତାର ଅବମାନନା କରୁଥିବାରୁ ଏମାନଙ୍କୁ ନିମ୍ନସ୍ତରର ବୋଲି କୁହାଯାଏ । ଯାଦୁ ଭଳି ଆର୍ସିମାନେ ମଧ୍ୟ ଗୋମାଂସ ଭକ୍ଷଣ କରୁଥିବାରୁ ସମସ୍ତଙ୍କ ଚକ୍ଷୁରେ ସେମାନେ ଘୃଣିତ ହୋଇଥାନ୍ତି । ସୁତରାଂ ଯାଦୁ ଓ ଆର୍ସି ସଉରା ଜାତିରେ ନିମ୍ନ ସ୍ତରର ଅଟନ୍ତି ।

ଗଜପତି ଜିଲ୍ଲାର ରାୟଗଡ଼ ଅଞ୍ଚଳରେ ବସବାସ କରୁଥିବା ରାଇକା ସଉରାମାନେ ପଶୁମାଂସ ଆଦୌ ସ୍ପର୍ଶ କରନ୍ତି ନାହିଁ । କିନ୍ଦଲ ସଉରା ବାଉଁଶ କାମ କରିବାରେ ବେଶ୍ ଧୁରନ୍ଧର । ଜୁଆରୀମାନେ ଖଜୁରିଗଛରୁ ରସ ସଂଗ୍ରହ କରୁଥିବାବେଳେ କାଞ୍ଚରାମାନେ ମିସ୍ତ୍ରି କାମ କରନ୍ତି । କୁରୁମମାନେ ଲିଆଙ୍କ ଭଳି ପୋଡୁଚାଷ କରନ୍ତି ।

ଶୁଦ୍ଧ ସଉରା ଓ କାଂପୁ ସଉରା ସବୁଠାରୁ ଉନ୍ନତ ଓ ଶ୍ରେଷ୍ଠ । ଏମାନେ ସମତଳ ଅଞ୍ଚଳରେ ବସବାସ କରନ୍ତି । ସମାଜର ଉନ୍ନତ ଶ୍ରେଣୀର ଲୋକଙ୍କ ସହ ସହାବସ୍ଥାନ ଫଳରେ



ଏମାନଙ୍କର ଜୀବନଶୈଳୀ ଉନ୍ନତ ଓ ପରିମାର୍ଜିତ ହୋଇପାରିଛି । ଶୁଦ୍ଧ ସଉରାମାନେ ସଉରା ଭାଷା ସହ ଓଡ଼ିଆ ଭାଷା କହିପାରୁଥିବାବେଳେ କାଂପୁ ସଉରା, ସଉରା ଭାଷା ସହ ତେଲୁଗୁ ଭାଷା କହିଥାନ୍ତି ।

ଦକ୍ଷିଣ ଓଡ଼ିଆ ଶୁଦ୍ଧ, କା, କୁଦୁମ୍ବ, ଲାଂଜିଆ, ଖୁଣ୍ଟ ଓ ଜରା ସଉରାମାନେ ବସବାସ କରନ୍ତି । ଲାଂଜିଆମାନେ ପାରଳାଖେମୁଣ୍ଡିର ଘଞ୍ଚ ଅରଣ୍ୟ ମଧ୍ୟରେ ଓ ଗୁଣପୁର ନିକଟସ୍ଥ ପୁଟ୍ଟାସି ଅଞ୍ଚଳରେ ବହୁ ସଂଖ୍ୟାରେ ବାସ କରନ୍ତି । ଶୁଦ୍ଧ ଓ କାମ୍ପ ସଉରାମାନେ ଗୁଣପୁର ଅଞ୍ଚଳରେ ରହନ୍ତି । ଜାରାମାନେ କ୍ଷତ୍ରିୟ ବେଶଭୂଷଣ ପରିଧାନ କରୁଥିବାବେଳେ ଖୁଣ୍ଟ ସଉରାମାନେ ଆଦିମ ଅବସ୍ଥାରେ ରହିଛନ୍ତି । ତେବେ କେତେକ କ୍ଷେତ୍ରରେ ସହରା ଓ ସଉରାମାନଙ୍କୁ ନେଇ ଜାତିଗତ ପ୍ରଭେଦ ସୃଷ୍ଟି କରାଯାଇଥିଲେ ମଧ୍ୟ ଗବେଷଣାରୁ ଜଣାଯାଏ ଏମାନେ ସବୁ ଗୋଟିଏ ଗୋଷ୍ଠୀରୁ ଉଦ୍ଭବ । ସାର୍ ଏଡ଼ୱାର୍ଟ୍ ଗେଟ୍ କହନ୍ତି ସହରାମାନଙ୍କଠାରୁ ସଉରାମାନେ ଅଲଗା । କିନ୍ତୁ ଓଃ ମାଲି ସାହେବ କହନ୍ତି, ଏମାନେ ଏକ ଓ ଅଭିନ୍ନ । ଯେଉଁମାନେ ସଭ୍ୟ ହିନ୍ଦୁଜାତି ସଂସ୍ପର୍ଶରେ ଆସି ନିଜର ରୀତିନୀତି ଓ ଆଚାର ବ୍ୟବହାରକୁ ମାର୍ଜିତ ଓ ରୁଚିସଂପନ୍ନ କରି ଅଛନ୍ତି, ସେମାନେ 'ସହରା' । ପୁଣି ଯେଉଁମାନେ ସହର ସଭ୍ୟତାଠାରୁ ଦୂରରେ ରହି ଆଦିମ ରୀତିରେ କାଳଯାପନ କରନ୍ତି, ସେମାନେ କୁଆଡେ 'ସଉରା' ଭାବେ ଖ୍ୟାତ ।

ସହରା ସଂସ୍କୃତିକୁ ଅବଲୋକନ କଲେ ସହରାମାନେ ପାଞ୍ଚଟି ବଂଶରେ ବିଭକ୍ତ ହୋଇଛନ୍ତି । ଜାରା ଶବର ବଂଶଜଙ୍କୁ 'ଜାରାବଂଶ', 'ବିଶ୍ୱାବସୁ ଶବରଙ୍କଠାରୁ ଉତ୍ପତ୍ତି ଶବରମାନେ 'ବସୁବଂଶ', ପତ୍ର ପରିଧାନ କରି ଯେଉଁମାନେ ଚଳପ୍ରଚଳ, ସେହିମାନଙ୍କୁ ପୁରାଣରେ 'ପତ୍ରବଂଶ'ରେ ନାମିତ କରାଯାଇଛି । ଘୁମୁରା ବାଦ୍ୟଯନ୍ତ୍ର ବଜାଉଥିବା ସଉରା 'ଘୁମୁରାବଂଶ' ଏବଂ କିରାତ ଅସୁର ବଂଶରୁ ଜାତ ସଉରମାନେ 'କିରାତ ବଂଶ' ଅନ୍ତର୍ଗତ । ଗ୍ରାମୀଣ ସଂଗଠନ କ୍ଷେତ୍ରରେ ଗ୍ରାମର ମୁଖିଆଙ୍କୁ 'ଗମାଙ୍ଗ' ବୋଲି କୁହାଯାଏ । ଗମାଙ୍ଗ କେବଳ ଗ୍ରାମର ମୁଖିଆ ନୁହେଁ, ଶବରମାନଙ୍କ ନେତା ମଧ୍ୟ । ଗ୍ରାମର ଭଲମନ୍ଦ ବିଚାର କରି ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି । ଗମାଙ୍ଗ ତଳେ ଦଳବେହେରା, ବୂୟା, ମଣ୍ଡଳ ଏବଂ ହୁଜାଦାର ମଧ୍ୟ ଥାଆନ୍ତି । ଧର୍ମୀୟ କାର୍ଯ୍ୟଗୁଡ଼ିକରେ ବୂୟା ଲାଂଜିଆ ସଉରାମାନଙ୍କର ପ୍ରତିନିଧିତ୍ୱ କରନ୍ତି । ସାମ୍ପ୍ରତିକ ସ୍ଥିତିରେ ଲାଂଜିଆ, ଜାତପୁ, ରାଇକା, ଗମାଙ୍ଗ, ଶବର ଆଦି ଜାତିର ସଉରା ବସବାସ କରୁଥିବା ଦେଖିବାକୁ ମିଳୁଛି । ଏମାନେ ଆଦିବାସୀ ଶ୍ରେଣୀରେ ଅନ୍ତର୍ଭୁକ୍ତ ।

ରାୟଗଡ ଜିଲ୍ଲା ଗୁଣୁପୁର ଉପଖଣ୍ଡ ଠାରୁ ମାତ୍ର କୋଡିଏ କିଲୋମିଟର ଦୂରରେ ପୁଟାସିଂ ଅଂଚଳ । ସଉରା ବିଦ୍ରୋହର ମୂଳ ପିଣ୍ଡ । ତଳେ ଗୁଣୁପୁର ସହର । ଉପରେ ଲାଂଜିଆ ସଉରା ଅଂଚଳ । ସମୁଦ୍ର ପତନ ଠାରୁ ପ୍ରାୟ --- – ଫୁଟ ଉଚ୍ଚରେ ବସତି । ମଝିରେ ଠିଆ ହୋଇ ରହିଛି ବିରାଟ ପାହାଡ । ସତେ ଯେମିତି ଲାଂଜିଆ ସଉରା ଜନଜାତିଙ୍କ ଲାଗି ସଜାଗ ପ୍ରହରୀ । ଘାଟି ଉଠି ଉପରକୁ ଚଢିଲେ ବିକ୍ଷିପ୍ତ ଭାବରେ ଦିଶିବ ଲାଂଜିଆଙ୍କ ବସତି । ଶୀତୁଆ ସକାଳରେ ସର୍ପିଳ ଘାଟି ରାସ୍ତାରେ ଗାଡି ଚଢିଲାବେଳେ ଅସରନ୍ତି ପୁଲକରେ ମନ ଫୁର୍ତ୍ତି ହୋଇଯାଉଥାଏ । ସଉରା ଯଦିଓ ଗୁଣୁପୁର ଉପଖଣ୍ଡରେ ଅନେକ ଗ୍ରାମରେ ବସତି ସ୍ଥାପନ କରନ୍ତି । କିନ୍ତୁ ଲାଂଜିଆ ସଉରା ଅଂଚଳ ଟିକେ ନିଆରା । ସେମାନଙ୍କ ବିକାଶ ଲାଗି ରହିଛି ଲାଂଜିଆ ସଉରା ଉନ୍ନୟନ ସଂସ୍ଥା । ଏଇକ୍ରମରେ ଅଧିକ ଜାଣିବା ଓ ଜଣେଇବାର ଅଭିପ୍ରାୟରେ ଏଇ ଯାତ୍ରା । ରାସ୍ତାରେ ଅଟକିବାକୁ ପଡିଲା । ପ୍ରକୃତି ବାଧ୍ୟ କଲା । ଘାଟିର ଠିକ ମଝାମଝି ।

ଲାଂଜିଆ ସଉରା ରହୁଥିବା ରାୟଗଡା ଜିଲ୍ଲା ପୁଟ୍ଟାସିଂ ଅଂଚଳର ଭୂରୂପକୁ ଦେଖିଲେ ସିମଲା କି ଦାର୍ଜିଲିଂର ଭ୍ରମ ସୃଷ୍ଟି କରେ । ଏଠାରେ ବସବାସ କରୁଥିବା ଲାଂଜିଆଙ୍କ ପାହାଡିଆ ଅଂଚଳର ଅପରୂପ ସୌନ୍ଦର୍ଯ୍ୟ ସଦାକାଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଆସିଛି । କିଛି ସମୟ ପାଇଁ ପର୍ଯ୍ୟଟକ ଆମ ଭଳି ଅଟକିଯାନ୍ତି ଘାଟି ତଳେ । ମନ ଭରି ଦେଖନ୍ତି ଥାକ ଥାକ ହୋଇ ଥୁଆ ହୋଇଥିବା ପଥର ପ୍ରାକୃତିକ ଶୋଭାକୁ । ଲାଂଜିଆମାନେ ପଥର ପ୍ରିୟ । ଗୁଣପୁରରୁ ପୁଟ୍ଟାସିଂ ଗଲାବେଳେ ରାସ୍ତାର ଦୁଇ କଡରେ ଥାକ ଥାକ ହୋଇ ଥୁଆ ହୋଇଥିବ ପଥର । ଏତେ ସବୁ ପଥର ଥୁଆ ହୋଇଥିବା ଦେଖିଲେ ଚକିତ ହେବ ଯେ କେହି । ଏଇ ରହସ୍ୟ ଜାଣିବାକୁ ଆଗ୍ରହ ପ୍ରକାଶ କରିବେ । ପାହାଡ – ପାହାଡ ମଧ୍ୟରେ ଥିବା ଉପତ୍ୟକା ଅଂଚଳରେ ପାହାଚ ଭଳି ଥାକ ଥାକ ହୋଇ ଥୁଆ ହୋଇଥିବ ପଥର । ମଝିରେ ମଝିରେ ଥିବ ବିଲ । ତଳ ମୁଣ୍ଡରେ ଠିଆ ହେଲେ ଏସବୁର ସୌନ୍ଦର୍ଯ୍ୟରେ ବିସ୍ମିତ ହେବେ । ଜମିରେ ଏସବୁ ହିଡ ଭଳି କାମ କରେ । ଲାଂଜିଆ ପାହାଡ ଉପରେ ରହି ଆସୁଥିବାରୁ ଏମାନଙ୍କ ଜୀବନଜୀବିକା ମୁଖ୍ୟତଃ ପାହାଡ ଉପରେ ହିଁ ନିର୍ଭର କରେ । ପାହାଡ ଉପରେ କାଜୁ, ତେନ୍ତୁଳି, ମହୁଲ, ଖଜୁରୀ ଭଳି ଗଛ ଲଗେଇଥାନ୍ତି । ଏଥିସହ ପାହାଡରେ ପାରଂପରିକ କାନ୍ଦୁଲ, ମକା, ଜହ୍ନା ଭଳି ଫସଲ କରନ୍ତ । କିନ୍ତୁ ପାହାଡ ତଳବର୍ତ୍ତୀ ଅପେକ୍ଷାକୃତ ସମତଳ ଅଂଚଳରେ ଧାନ ଚାଷ କରନ୍ତି । ଅତଏବ ଧାନ ଚାଷ ପାଇଁ ଅଧିକ ମାତ୍ରାରେ ପାଣି ଆବଶ୍ୟକ ହୁଏ । ତାଛଡା ପାହାଡ ଅତ୍ୟନ୍ତ ତୀଖ ହୋଇଥିବାରୁ ପାହାଡର ପାଣି ଦ୍ରୁତ ଗତିରେ ନିମ୍ନ ଦେଶକୁ ପ୍ରବାହିତ ହୁଏ । ଏହା ଦ୍ୱାରା ପାହାଡ ତଳବର୍ତ୍ତୀ ଜମି ଓ ତାର ଫସଲ ନଷ୍ଟ ହେବାର ସମ୍ଭାବନା ଅଧିକ । ଏଇ କାରଣରୁ ଲାଂଜିଆମାନେ ପଥରକୁ ଉପଯୁକ୍ତ ମାର୍ଗରେ ବ୍ୟବହାର କରିଛନ୍ତି । ଜଳସେଚନର ସୁବିଧା ଓ ମୃତ୍ତିକା କ୍ଷୟ ରୋକିବା ଲାଗି କୃଷି ବିଜ୍ଞାନୀ ଭଳି ପଥରର ସଦ ବିନିଯୋଗ କରିଛନ୍ତି । କୋଉ ଅନାଦି କାଳୁ କୁଶଳୀ ଲାଂଜିଆ ନିଜ ହାତରେ ପାହାଡରେ ଥିବା ପଥରକୁ ଆଣି ଥାକ ଥାକ କରି ହିଡ ତିଆରି କରିଛି । ଛୋଟ ଛୋଟ ପଥରକୁ ଥାକ ଥାକ କରି ଜମିର ସମୁଦାୟ ହିଡକୁ ପଥରରେ ତିଆରି କରିଛି । ମଣିଷର ଉଚ୍ଚତାଠାରୁ ସାମାନ୍ୟ ଉଚ୍ଚରେ ଏଇ ପଥର ହିଡ ଗୁଡିକ ତିଆରି କରାଯାଇଛି । ଏଇ ସବୁ ହିଡ ଗୁଡିକର ପଥର ଦୂରରୁ ଖୁବ ସୁନ୍ଦର ଦେଖାଯାଏ । ପଥର ହିଡ କାରଣରୁ ପାହଡର ପାଣି ରହି ରହି ତଳକୁ ଖସେ । ଯାହା ପାହାଚ ପ୍ରଣାଳୀର ଚାଷ ବୋଲି କୃଷି ବୈଜ୍ଞାନିକମାନେ ଅଭିହିତ କରିଛନ୍ତି । ତେବେ ପାହାଡିଆ ଅଂଚଳ ହୋଇଥିବାରୁ ମାଟି ସହଜରେ ମିଳେନି । ଅପରପକ୍ଷେ ଜମି ପ୍ରସ୍ତୁତ କଲାବେଳେ ସେଠାରେ ଥିବା ଛୋଟ ଛୋଟ ପଥର ଚାଷ କାମରେ ପ୍ରତିବନ୍ଧକ ସୃଷ୍ଟି କରିବାର ସମ୍ଭାବନା ରହିଥାଏ

। ଏଇ କାରଣରୁ ଲାଂଜିଆ ଜମିର ମାଟି ତାଡି ଛୋଟ ଛୋଟ ପଥର ବାହାର କରି ଜମିର ହିଡ ଭାବେ ବ୍ୟବହାର କରି ଆସିଛି ।  ଖାଲି ପାହାଡର ନିମ୍ନ ଦେଶରେ ଥିବା ବିଲ ନୁହେଁ । ପାହାଡ ଉପରେ ଥିବା କାଜୁ ଜଂଗଲକୁ ମଧ୍ୟ ପଥର ହିଡରେ ତିଆରି କରିଛି ଲାଂଜିଆ । ଏହାର ଉଚ୍ଚତା କିନ୍ତୁ ଜମିର ପଥର ହିଡ ଠାରୁ ବହୁତ ସାନ । ଏହାର ଉଚ୍ଚତା ଦୁଇ ଫୁଟରୁ ତିନି ଫୁଟ ମଧ୍ୟରେ ରହିଥାଏ । କେବଳ ନିଜର ସୀମାକୁ ଚିହ୍ନିତ କରିବା ଲାଗି ଏଭଳି କରିଥାଏ ସେ । ଡଂଗର ଉପରେ ନିଜର ମାଲିକାନା ଦର୍ଶାଇବାକୁ ଲାଂଜିଆ କାଜୁ ଜଂଗଲର ଚାରିପଟେ ଏମିତି ପଥରର ଘେର କରିଥାଏ । ଲାଂଜିଆ ସଉରାମାନେ ଏବେ ସୁଦ୍ଧା ଆଦିମ ଜୀବନଯାପନ କରନ୍ତି । ଏମାନଙ୍କୁ ସରକାରୀସ୍ତରରେ ବିରଳ ଜନଜାତି ଭାବେ ବିବେଚନା କରାଯାଉଛି । ଅନ୍ୟ ଜାତିର ସଉରାମାନେ ସେମାନଙ୍କର ବୃତି ଓ ସାମାଜିକ ଚଳଣୀକୁ ନେଇ ବିଭକ୍ତିକରଣ କରାଯାଇଥିବାବେଳେ ଲାଂଜିଆ ସଉରାମାନେ ସେମାନଙ୍କର ବେଶପୋଷାକ ଅନୁଯାୟୀ ଲାଂଜିଆ ସଉରା ନାମରେ ଅଭିହିତ ହେଉଛନ୍ତି । ଏମାନେ ପିନ୍ଧୁଥିବା ଲେଂଗୁଟିର କିଛି ଅଂଶ ଶରୀରର ଆଗ ଓ ପଛ ଭାଗରେ ଲାଂଜ ପରି ଓହଳି ରହୁଥିବାରୁ ତଦନୁଯାୟୀ ସେମାନଙ୍କ ନାମ କାଳକ୍ରମେ ଲାଂଜିଆ ସଉରା ହୋଇଥିବା ଜଣାଯାଏ । ଓଡିଶାର ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଓ ରାୟଗଡା ଜିଲ୍ଲାର ଗୁଣପୁର ଅଂଚଳରେ ବସବାସ କରୁଥିବା ଲାଂଜିଆ ସଉରାମାନେ ସାଧାରଣତଃ ଦୁର୍ଗମ ଅରଣ୍ୟ ସଂକୁଳ ପାହାଡିଆ ଅଂଚଳରେ ବସବାସ କରନ୍ତି । ଏମାନେ ମଳ ବା ପାହାଡ ଉପରେ ବସବାସ କରୁଥିବାରୁ ଲାଂଜିଅ ସଉରାମାନେ ମଳୁଆ ଭାବେ ମଧ୍ୟ ପରିଚିତ । ମହାଭାରତରେ ବର୍ଣ୍ଣିତ ଜରା ଶବରଙ୍କ ସେମାନେ ବଂଶଧର ବୋଲି ଲାଂଜିଆମାନେ ମତବ୍ୟକ୍ତ କରନ୍ତି । ଲାଂଜିଆମାନଙ୍କ ଜୀବନଧାରଣକୁ ଦେଖିଲେ ବଡ ଆଶ୍ଚର୍ଯ୍ୟ ଲାଗେ । ପ୍ରାଚୀନ ଚିନ୍ତାଧାରା,ସଂସ୍କୃତି ଓ ପରଂପରାକୁ ଛାଡିବାକୁ ଆଦୌ ପ୍ରସ୍ତୁତ ନୁହଁନ୍ତି । ଏବେ ସୁଦ୍ଧା ପୁରାତନ ପ୍ରଥା ଓ ରୂଢୀବାଦୀ ତତ୍ୱକୁ ନେଇ ଜୀନ ନିର୍ବାହ କରୁଛନ୍ତି । ସଉରାମାନଙ୍କ ସହ ଅନେକ କ୍ଷେତ୍ରରେ ସାମଞ୍ଜସ୍ୟ ରହୁଥିବାବେଳେ କେତେକ ଚଳଣୀ ଓ ପରଂପରା ଭିନ୍ନତା ପରିଲକ୍ଷିତ ହୁଏ ।



କେବଳ ଜମି ପ୍ରସ୍ତୁତରେ ଲାଂଜିଆ ପଥର ବ୍ୟବହାର କରେନି । ନିଜର ଘର ଓ ତାର ପାଚେରୀ ବ୍ୟବହାରରେ ବି ଲାଂଜିଆ ପଥରକୁ ବ୍ୟବହାର କରିଆସିଛି । ପଥରକୁ ଥାକ ଥାକ କରି ସେଥିରେ ମାଟି ଲେସି ଘରର କାନ୍ଥ ତିଆରି କରିଛି । ଅବଶ୍ୟ ପୋଡା ଇଟାରେ ଏବେ ସେମାନେ ଘର କରିବା ଶିଖି ଗଲେଣି । ତଥାପି ଘରର ଚାରିପଟେ ପାଚେରୀ ଲାଗି ଲାଂଜିଆ ପଥରକୁ ବ୍ୟବହାର କରିଛି । ଏହା ପଛରେ ଅନେକ କାରଣ ରହିଛି । ସାଧାରଣତଃ ସଉରାମାନେ ଗୋଷ୍ଠିଗତ ଜୀବନ ବିତଉଥିବାବେଳେ  ଲାଂଜିଆମାନେ ବିକ୍ଷିପ୍ତ ଭାବେ ରହିଆସିଛନ୍ତି । ନିଜର ଜମି ଓ ଡଂଗର ପାଖରେ ଘର କରି ଠାଏଁ ଠାଏଁ ସେ ରହିବା ଶିଖିଛି । ଏଇ କାରଣରୁ ବନ୍ୟଜନ୍ତୁଙ୍କ ଆଗମନର ସମ୍ଭାବନା ହେତୁ ସେମାନଙ୍କ ଆକ୍ରମଣରୁ ନିଜକୁ ତଥା ନିଜ ପରିବାରକୁ ସୁରକ୍ଷିତ ରଖିବା ଲାଗି ସେ ପଥରର ହିଡ ଘର ଚାରିପଟେ କରିଛି । ନିଜ ଘରର ପ୍ରଶସ୍ତ ପଥୁରିଆ ଅଗଣାରେ ଉତ୍ପାଦିତ ମହୁଲ, ତେନ୍ତୁଳି, ଟୋଲ, ଧାନ, କାନ୍ଦୁଲ ଇତ୍ୟାଦି ଶୁଖାଇବାକୁ ବ୍ୟବହାର କରେ । ଏଇ କାରଣରୁ ବାହାରର ପଶୁଙ୍କ ପ୍ରବେଶକୁ ରୋକିବା ଲାଗି ପଥରର ଘେର ବେଶ ସୁରକ୍ଷା ପାଚେରୀ ଭଳି କାମ କରେ । ଫଳରେ ଲାଂଜିଆ ରମଣୀ ନିର୍ବିକାର ଭାବେ ଅଗଣାରେ ଏସବୁ ଶୁଖାଇ ଅନ୍ୟ କାମରେ ନିଜକୁ ବ୍ୟସ୍ତ ରଖିପାରେ । ଲାଂଜିଆଙ୍କ ପଥର ପ୍ରିୟ ପଛର ଆଉ ଏକ ଦିଗ ହେଲା ମାଲିକାନା ଜାହିର କରିବାରେ ସହାୟକ ହୋଇଥାଏ । ଲାଂଜିଆ ଛୋଟବଡ ପଥରକୁ ନେଇ  ଯେତେ ଅଂଚଳ ବ୍ୟାପୀ ହିଡ ତିଆରି କରେ ସେହିତକ ଅଂଚଳ ସଂପୃକ୍ତ ଲାଂଜିଆ ପରିବାରର ହୋଇଥାଏ । ଏଥିପାଇଁ ଲାଂଜିଆଙ୍କୁ ରାଜସ୍ୱ ପଟ୍ଟାର ଆବଶ୍ୟକ ପଡେନି । ସେମିତି ଜମିକୁ ନେଇ ସେମାନଙ୍କ ଭିତରେ ବିବାଦ ହୁଏନି । ହାତ ତିଆରି ପଥର ପାଚେରୀ ଭିତର ଜମି ବା ଗଛ ସବୁ ନିଜ ଅକ୍ତିଆରରେ ରଖିପାରେ ଏବଂ ତାର ବ୍ୟବହାର କରେ । ତେଣୁ ଯିଏ ଯେତେ ଅଂଚଳ ପଥରର ଘେର କରିପାରିଲା ସେ ସେତିକି ଅଂଚଳର ମାଲିକ ହୋଇ ପାରିଲା । ଏସବୁ ବ୍ୟତୀତ ପଥରକୁ ନେଇ ଲାଂଜିଆଙ୍କ ଅଦ୍ଭୁତ ଧର୍ମ ବିଶ୍ୱାସ ରହିଛି । ସବୁ ଆଦିବାସୀଙ୍କ ପରି ଲାଂଜିଆ ବି ପ୍ରାକୃତିକ ଶକ୍ତି ଉପରେ ଗଭୀର ଆସ୍ଥା ରଖି ଆସିଛି । ମାଟି, ପାଣି, ପବନ, ପାହାଡ, ଗଛଲତା, ସୂର୍ଯ୍ୟ, ଚନ୍ଦ୍ର., ତାରା, କାଠ, ପଥର ଭଳି ପଦାର୍ଥ ପ୍ରତି ଅଧିକ ଧାର୍ମିକ ଆସ୍ଥା ରଖି ଆସିଛି । ପଥର ମଧ୍ୟରେ ଦେବତା ରହୁଥିବାରୁ ପଥର ପ୍ରତି ଅଧିକ ସମ୍ବେଦନଶୀଳ ଲାଂଜିଆ । ପଥରକୁ ନେଇ ଘରର କାନ୍ଥ ଓ ପାଚେରୀ କରିଥିବାରୁ ଘରେ ଦେବତା ରହିବା ସହ ବାହ୍ୟ ଅପଶକ୍ତିମାନେ ପ୍ରବେଶ କରିପାରିବେନି ବୋଲି ଗୋଟେ ବିଶ୍ୱାସ ତା ଭିତରେ ରହି ଆସିଛି । ଡୁମ୍ବା ଘର ଭିତରକୁ ପ୍ରବେଶ କରିପାରିବନି ବୋଲି ଏକପ୍ରକାର ଧାରଣା ରହିଛି । ସେଥିପାଇଁ ଲାଂଜିଆଙ୍କ ପାଇଁ ପଥରର ମୂଲ୍ୟ ଅଧିକ । ପଥରର ଚଉହଦୀ ହିଁ ତା ଜୀବନର ମୋଡ ବଦଳାଇ ଦିଏ । ସମ୍ଭବତଃ ପଥରର ଗୁରୁତ୍ୱକୁ ସେ




ଭଲ ଭାବେ ବୁଝିଛି । ଏମିତି କିଛି ଘରେ ପଶିଲୁ । ବାହାରେ ସବୁ ଘରର କାନ୍ଥରେ ଶୋଭା ପାଉଥିଲା କାନ୍ଥ ଚିତ୍ର ।

## ସଉରା ଘର


ସଉରାମାନେ ପ୍ରକୃତିପ୍ରେମୀ ଓ ସୌନ୍ଦର୍ଯ୍ୟପ୍ରିୟ । ଏମାନେ ପାହାଡ଼ର ନିମ୍ନ, ମଧ୍ୟ, ତଥା ଉପର ଅଂଶରେ ବସବାସ କରନ୍ତି । ସଉରାମାନେ ପାହାଡ଼ିଆ ଅଞ୍ଚଳରେ ରହୁଥିବା ନେଇ ସୁନ୍ଦର ଲୋକକଥା ରହିଛି ।

ସଉରାମାନଙ୍କ ମୁଖ୍ୟଦେବତା 'କେତୁ' ଏକଦା ପାହାଡ଼ରେ ଚାଷ କରୁଥିଲେ । ରାତିତମାମ ଚାଷକରି ପାହାଡ଼କୁ ସମତଳ କରିବା ଲାଗି ଚାଷ କରୁଥାନ୍ତି । ସକାଳ ହେବା ପୂର୍ବରୁ କୁଆଡେ ଚାଷକାର୍ଯ୍ୟ ଶେଷ କରି ଫେରିବାକୁ ଚାହୁଁଥିଲେ । ଏହି କ୍ରମରେ ମଧ୍ୟ ରାତ୍ରିବେଳକୁ କୁକୁଡା ରାବି ଦେଲା । 'କେତୁଂ' ଭାବିଲେ କୁକୁଡ଼ା ରାବିଦେଲା, ବୋଧେ ସକାଳ ହୋଇଆସିଲା । ସକାଳ ହେଲେ କାଳେ ତାଙ୍କୁ ଲୋକେ ଦେଖିଦେବେ ଭାବି ସେଇଠୁ ଚାଷ କାମ ଛାଡି ସ୍ୱର୍ଗକୁ ଚାଲିଗଲେ । ଜମି ଆଉ ସମତଳ ହୋଇ ପାରିଲା ନାହିଁ । ଆବୁଡ଼ା ଖାବଡ଼ା ହୋଇ ପାହାଡ଼ ସେମିତି ପଡ଼ି ରହିଲା । ସେହିଦିନୁ ସଉରାମାନେ ସେହି ପାହାଡିଆ ଜମିରେ ରହନ୍ତି ଏବଂ ଚାଷ କରନ୍ତି । 'କେତୁଂ'ର ଇଚ୍ଛା ଏପରି ଥିବାରୁ ସଉରାମାନେ କୁଆଡେ ତାଙ୍କର ଅଧଗଡ଼ା ଜମି ଉପରେ ରହି ଆସୁଛନ୍ତି ।

ସଉରାମାନେ ଦଳବଦ୍ଧ ଗୋଷ୍ଠୀଜୀବକୁ ଭଲ ପାଉଥିଲେ ହେଁ ନିଜସ୍ୱ ସୁବିଧା ସୁଯୋଗ ଚାଷ ବେଉଷଣକୁ ଭିତ୍ତିକରି ଘର ତିଆରି କରନ୍ତି । ସଉରାମାନଙ୍କ ଘର ଏଣେତେଣେ ଥିବାବେଳେ କେତେକ ସ୍ଥଳରେ ଦୁଇ ଧାଡିରେ ମୁହାଁମୁହିଁ ହୋଇଥିବା ମାଟି ଘରକୁ ନେଇ ଗ୍ରାମ ମଧ୍ୟ ଗଠିତ ହୋଇଛି ।

ଘର ତିଆରି କଲା ବେଳକୁ ସଉରାମାନେ ଧରଣୀମାତାକୁ ପ୍ରଥମେ ସନ୍ତୁଷ୍ଟ କରିଥାନ୍ତି । କୁଡ଼ାଙ୍ଗ ଆସି ପ୍ରଥମେ ଘର ତିଆରି ଲାଗି ଉପଯୁକ୍ତ ସ୍ଥାନ ଚୟନ କରେ । ପରେ ସେଠାରେ କୁକୁଡ଼ା ବଳି ସହ ମଦ ଢ଼ାଳି ଘରର ଭିତ୍ତି ସ୍ଥାପନ କରେ । ସଉରାମାନେ ପଥର ତିଆରି ଘର କରନ୍ତି । ମାଟି କାଦୁଅ ସହ ପଥର ଖା ତିଆରି କାନ୍ଥ କରନ୍ତି । ଝାଟିମାଟିରେ ବାଡ଼ ଦେଇଥାନ୍ତି । ଚାରିପଟ କାନ୍ଥ ଉଠିଲା ପରେ କାଠ ଓ ବାଉଁଶ ବିଛେଇ ଏବଂ ସେସବୁକୁ ଶିଆଳି ଲତାରେ ବାନ୍ଧି ଛପିରିଳ କରନ୍ତି । ଚାଳ ଛପର କରିବାକୁ ଜଙ୍ଗଲୀ ଘାସ, ଛଣ (ଛତିଆ ଅବା ଡାବୁ ଛଣ)କୁ ବିଛେଇ ବାଉଁଶ ଓ ଶିଆଳୀ ଲତାରେ ଛପର ସହ ଖୁବ୍ ଟାଣରେ ବାନ୍ଧିଥାନ୍ତି । ପାହାଚ ପାହାଚ ଭଳି ଦେଖାଯାଉଥିବା ଚାଳକୁ ଏପରି ଏକ ସ୍ୱତନ୍ତ୍ର ପ୍ରଣାଳୀରେ ତିଆରି କରିଥାନ୍ତି, ପ୍ରବଳ ଝଡ଼ ତୋଫାନରେ ମଧ୍ୟ ଛପରର ଯେପରି କୌଣସି କ୍ଷୟକ୍ଷତି ନ ଘଟେ । ଡଙ୍ଗର କୁପୁଲିରେ ଫସଲ କରିବାକୁ ଛୋଟ ମଞ୍ଚା ଉପରେ କୁଡିଆ କରିଥାନ୍ତି । ମାଟି ଉପରେ, ବର୍ଗାକାର ଅବା ଆୟତାକାରରେ ଚାରିମୁଣ୍ଡରେ ଚାରୋଟି ମଜଭୂତ୍ ଖୁଣ୍ଟ ପୋତି, ଖୁଣ୍ଟର ମଧ୍ୟ ଭାଗରେ କାଠ ସାହାଯ୍ୟରେ ଏକ ସମତଳରେ ମଞ୍ଚା ପ୍ରସ୍ତୁତ କରନ୍ତି । ଖୁଣ୍ଟ ଗୁଡିକର ଉପରିଭାଗରେ କାଠ ଓ ବାଉଁଶ ବିଛେଇ ପତର ଦ୍ୱାରା ଛପିରିଳ କରିଥାନ୍ତି । ପତ୍ର କୁଡିଆଟି ଏପରି ହୋଇଥାଏ ଯେ, କୁଡିଆ ଭିତରେ ବସିଲେ ଅବା ଶୋଇ ରହିଲେ କୁଡିଆ ଚାରିପଟର ସବୁ ଫସଲ ଯେପରି ସ୍ପଷ୍ଟଭାବେ ଦେଖାଯାଉଥିବ । ଅପରପକ୍ଷେ ଭୂମିଠାରୁ ଯଥେଷ୍ଟ ଉଚ୍ଚତାରେ ରହୁଥିବାରୁ ବନ୍ୟଜନ୍ତୁଙ୍କ ଆକ୍ରମଣରୁ ନିରାପଦରେ ରହିଥାଏ । ଫସଲ ମଝିରେ ଦୁଇଖଣ୍ଡ ବାଉଁଶରେ ତିଆରି ଏକ ପ୍ରକାର ଘଣ୍ଟି ରଖିଥାଏ । ଛୋଟ ବାଉଁଶର ଗୋଟିଏ ମୁଣ୍ଡରେ ସୂତା ବାନ୍ଧି ସୂତାଟିକୁ ମଞ୍ଚା ପର୍ଯ୍ୟନ୍ତ ଲମ୍ୱେଇ ଆଣିଥାଏ । ରାତ୍ରୀକାଳରେ ମଞ୍ଚାରେ ଶୋଇଥିବା ସଉରା ସମୟେ ସମୟେ ଦଉଡିକୁ ସାମାନ୍ୟ ହଲାଇଲେ ଦଉଡି ମୁଣ୍ଡରେ ଲାଗିଥିବା ଛୋଟ ବାଉଁଶ ସାମାନ୍ୟ ଉପରକୁ ଟେକି ହୋଇ ତଳେ ଥିବା ବଡ଼ ବାଉଁଶ ଦଣ୍ଡାକୁ ବାଜି ଶବ୍ଦ ସୃଷ୍ଟି କରୁଥାଏ । ମଝିରେ ମଝିରେ

ମଞ୍ଚାରେ ଥିବା ସଉରା ପାଟିରେ ମିମିକ୍ରି କରି ବିଚିତ୍ର ଶବ୍ଦ କରୁଥାଏ । ଏଭଳି ଶବ୍ଦ ଯୋଗୁଁ ଚୋର ଏବଂ ବନ୍ୟଜନ୍ତୁଙ୍କଠାରୁ ସେ ଫସଲକୁ ରକ୍ଷା କରିଥାଏ ।



ସଉରାଙ୍କ ଘର କହିଲେ ଦୁଇ ବଖରିଆ ଏକମୁହାଁ ନୁଆଁଣିଆ ଚାଳଘର । ଗୋଟିଏ ରୋଷେଇ ଘର ଏବଂ ଆଉ ଗୋଟିକ ଶୋଇବା ଘର । ଶୋଇବା ଘରେ ସେ ଶୋଇବା ସହ କାଠରେ ଭାଡି, ମଞ୍ଚା କରି ଖାଦ୍ୟସସ୍ୟ ମହଜୁଦ୍ କରି ରଖେ । କାନ୍ଥକୁ ଲାଗି ଦଉଡିରେ ତିଆରି ଶିକାରେ ମାଟି କଳସୀ ଭିତରେ ପୂର୍ବପୁରୁଷଙ୍କ ଅସ୍ଥିକୁ ଘୋଡେଇ କରି ରଖୁଥିବା ବେଳେ ଧନୁତୀର, ଛତିରୀ, ଛତା, ଲୁଗାପଟା ଦୋଳିକରି ଦଉଡି ଅବା ବାଉଁଶ ଉପରେ ଓହଳାଇ ରଖିଥାନ୍ତି ।

ଗମାଙ୍ଗମାନଙ୍କର ଘର ଆଉ ଟିକିଏ ପ୍ରଶସ୍ତ ଓ ବଡ଼ । ଘରେ ବେଶୀ ଆବଶ୍ୟକତା ଦୃଷ୍ଟି ଗମାଙ୍ଗମାନେ ଗୋଟିଏ ଦୁଇଟି ବଖରା ଆଉ ଅଧିକ ତିଆରି କରିଥାନ୍ତି । ସଉରାମାନେ ବାସନକୁସନ ବେଶୀ ବ୍ୟବହାର କରନ୍ତି ନାହିଁ । ମାଟିହାଣ୍ଡି, ଲାଉତୁମ୍ବା, ମାଟିପାତ୍ର ଆଦି ରୋଷେଇ କର୍ମରେ ବ୍ୟବହାର କରୁଥିବା ବେଳେ ଆଜିକାଲି ସିଲଭର ଓ ଆଲୁମିନିୟମ ବାସନକୁସନ ବ୍ୟବହାର କରିବା ଶିଖିଲେଣି । ସଉରାମାନେ ଇଟା ଅପେକ୍ଷା ମୁଖ୍ୟତଃ ପଥରରେ ଘର ତିଆରି କରନ୍ତି । ଇଟାରେ ଘରକଲେ ସେଥିରେ ଭୂତ ରହିବ ବୋଲି ଅଦ୍ଭୁତ ଧାରଣା ରହିଥିବାରୁ ପଥରକୁ ହିଁ ସେମାନେ ଗୃହ ନିର୍ମାଣରେ ଉପଯୋଗ କରନ୍ତି । ଘର କାନ୍ଥକୁ ଏବଂ ଚଟାଣକୁ ଗୋବରରେ ଲିପିଥାନ୍ତି ଏବଂ ରଂଗମାଟିର ଧାର ଦେଇଥାନ୍ତି । ଘର ଆଗରେ କାନ୍ଥକୁ ଲାଗି ପିଣ୍ଡା (ବାରଣ୍ଡା) ତିଆରି କରିଥାନ୍ତି । ଶ୍ରମ ଲାଘବ ପାଇଁ ସଉରା ସ୍ୱାମୀ ଓ ସ୍ତ୍ରୀ ବସିଥାନ୍ତି । ବୃଦ୍ଧବୃଦ୍ଧା ସଉରା ଦିନତମାମ ପିଣ୍ଡା ଉପରେ ବସି ଛୋଟ ଶିଶୁମାନଙ୍କ ସୁରକ୍ଷା ସହ ସମୟ ବିତାଇଥାଏ । ରୋଷେଇଘରେ ସଉରା ରମଣୀ ମାଟିରେ ସୁନ୍ଦର ଚୁଲା ପ୍ରସ୍ତୁତ କରିଥାଏ । ନୂଆଚୂଲା ତିଆରି ପରେ ତାକୁ ଲିପାପୋଛା ସହ ଅଗ୍ନିଦେବତାଙ୍କୁ ପୂଜା କରି କାଠ ଜଳାଇଥାଏ । ସଉରାମାନେ କାଠ ଓ ବଣୁଆ ଘାସରେ ତିଆରି ଦଉଡିକୁ ନେଇ ନିର୍ମିତ ଖଟରେ ଶୋଇଥାନ୍ତି । ରାତି ଶୋଇଲାବେଳେ ଶୀତ ଓ ବର୍ଷାଦିନେ ନିଆଁ ଉହ୍ମେଇକୁ ଖଟ ତଳେ ରଖି ଉଷୁମ ଟାଣିଥାନ୍ତି । ଘରର ସମ୍ମୁଖ ଦ୍ୱାରରେ ବାଉଁଶରେ ତିଆରି କବାଟ (ଡାଟି) ବ୍ୟବହାର କରିଥାନ୍ତି । ନିଜର ଗୋରୁଗାଈକୁ ଘର ଦାଣ୍ଡରେ ଖୋଲାରେ ବାନ୍ଧି ରଖୁଥିବାବେଳେ ଆଉ କେତେକ ଅଲଗାଭାବେ ଆଉ ଏକ କୁଡିଆ ଘରେ ବାନ୍ଧିଥାନ୍ତି । ସଉରା ରମଣୀ ସବୁବେଳେ ଘର ଓ ଚଟାଣକୁ ଗୋବରରେ ଲିପି ସଫା ରଖିଥାଏ ଏବଂ କାନ୍ଥରେ ଚାଉଳରେ ପ୍ରସ୍ତୁତ ଝୋଟି (ଇଡତାଲ) ଅଙ୍କନ କରିଥାଏ । ଏବେ କିନ୍ତୁ ଆଧୁନିକତାର ପରଶରେ ପକ୍କା ଘର ସବୁ ଗାଁରେ ମୁଣ୍ଡ ଟେକିଲାଣି । ସିମେଂଟ କାନ୍ଥରେ ରଂଗରେ ରଂଗାୟିତ ହେଉଛି ଇଡତାଲ ।

## କାନ୍ଥ ଚିତ୍ର : ଇଡତାଲ

ଓଡ଼ିଶାରେ ଚିତ୍ରକଳା ପରଂପରା ବହୁ ପୁରାତନ । ଓଡ଼ିଆ ଘରେ ଝୋଟି ଚିତ୍ର ପ୍ରମୁଖ ସ୍ଥାନ କରି ଆସିଛି । ଏହି ଝୋଟିଚିତ୍ରକୁ ସଉରାମାନେ ଧାର୍ମିକ ଦୃଷ୍ଟିକୋଣରୁ ବିଚାର କରନ୍ତି । ସଉରାମାନଙ୍କ ପ୍ରତିଟି ଝୋଟି ବେଶ୍ ଅର୍ଥପୂର୍ଣ୍ଣ ଏବଂ ଭାବୋଦ୍ଦୀପକ । ଏମାନଙ୍କ ଝୋଟିଚିତ୍ରର ମୂଳରେ ରହିଛି ବିଭିନ୍ନ ଦେବଦେବୀଙ୍କୁ ଆମନ୍ତ୍ରଣ କରି ଘରେ ଇଷ୍ଟ ରୂପେ ସ୍ଥାପନ କରିବା । ସଉରା ଘରେ ଅଙ୍କିତ ଚିତ୍ରକଳା ଘରର ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଅଭିପ୍ରେତ ନୁହେଁ ।

ସଉରାମାନଙ୍କ ଦୃଢ଼ ବିଶ୍ୱାସ ଯେ, ଭଗବାନଙ୍କ ଶକ୍ତି ଦ୍ୱାରା ଦୁନିଆ ପରିଚାଳିତ । ସଉରାମାନେ ପ୍ରକୃତି ଉପାସକ ଓ ଭଗବତ୍ ବିଶ୍ୱାସୀ । ପ୍ରକୃତିର ବିଭିନ୍ନ ଶକ୍ତି ରୂପେ ଦେବାଦେବୀ ବିରାଜମାନ ହୋଇଥାନ୍ତି । ଏମାନେ ମାନବ, ପ୍ରାଣୀ, ପ୍ରକୃତି ଓ ଆଲୌକିକ ସତ୍ତା ଭିତରେ ଏକ ସଂପର୍କ ସ୍ଥାପନ କରିଥାନ୍ତି । ପ୍ରାଣୀ ଓ ଅପ୍ରାଣୀ ବାଚକ ବସ୍ତୁରେ ଐଶ୍ୱରୀୟ ସତ୍ତାର ଉପଲବ୍ଧିକୁ ସ୍ୱୀକାର କରନ୍ତି । ସେଇଥିପାଇଁ ସେମାନେ ସୂର୍ଯ୍ୟ, ଚନ୍ଦ୍ର, ଗଛ, ପଥର, କାଷ୍ଠ, ଧରଣୀ, ଜଳ, ବାୟୁ ଆଦିକୁ ପୂଜା କରିଥାନ୍ତି । ମୁଖ୍ୟଦେବତା ରୂପେ 'କେତୁଂ' ଓ ପିତୃପୁରୁଷ ପୂଜାରେ 'ସୋନ୍‌ମ' ସଉରାମାନଙ୍କ ପ୍ରମୁଖ ଦେବତା । ତେବେ ସୌରାଭାଷା ଓ ସୌରା ସଂପେନ୍‌ର ଉଦ୍ଭାବନ ପରେ ସଉରା ଧର୍ମୀୟ ବିଶ୍ୱାସରେ ପରିବର୍ତ୍ତନ ଦେଖାଦେଇଛି ।

ମୃତବ୍ୟକ୍ତିର ଆତ୍ମା ସେମାନଙ୍କର ଗତିବିଧି ଉପରେ ନଜର ରଖିଥାଏ ବୋଲି ସଉରାମାନଙ୍କ ଦୃଢ଼ ବିଶ୍ୱାସ । ମନୁଷ୍ୟର ମୃତ୍ୟୁ ପରର ଜୀବନକୁ ଅଧିକ ବିଶ୍ୱାସ କରନ୍ତି । ଏଥିପାଇଁ ପୁନଃଜନ୍ମ, ପ୍ରେତାତ୍ମା (ଡୁମ୍ବା) ଯାଦୁବିଦ୍ୟା, ଗୁଣିଗାରେଡ଼ି ଉପରେ ଗଭୀର ଆସ୍ଥା ରଖି ଆସିଛନ୍ତି । ଐଶ୍ୱରିକ ଶକ୍ତି ବଳରେ ଗୁଣିଗାରେଡ଼ି ବିଦ୍ୟା ସହାୟତାରେ ଭଲମନ୍ଦ, ସୁଖଦୁଃଖ, ବିପଦ ଆପଦକୁ ନିୟନ୍ତ୍ରିତ କରାଯାଇ ପାରିବ ବୋଲି ଦୃଢ଼ବିଶ୍ୱାସ କରନ୍ତି । ପୂର୍ବପୁରୁଷ ଓ ଦେବଦେବୀଙ୍କୁ ଅବମାନନା କଲେ ଦଣ୍ଡମିଳେ ବୋଲି ବିଭିନ୍ନ ପର୍ବପର୍ବାଣୀ ଉତ୍ସବ କରି ସନ୍ତୁଷ୍ଟ କରିଥାନ୍ତି । ମୁଖ୍ୟତଃ ଏହିସବୁ ଧର୍ମବିଶ୍ୱାସ ହେତୁ ସଉରାମାନେ ଦିଶାରୀ / କୁଡ଼ାଙ୍ଗ / ଜାନୀ ଉପରେ ଅତ୍ୟନ୍ତ ନିର୍ଭରଶୀଳ । ଏହିମାନେ ଦେବଦେବୀଙ୍କ ସନ୍ତୋଷ ଅସନ୍ତୋଷକୁ ସଉରାମାନଙ୍କୁ ଜଣାଇଥାନ୍ତି ଏବଂ ବଳି ପୂଜା କରି ରୁଷ୍ଟ ପ୍ରେତାତ୍ମା ଓ ଦେବଦେବୀଙ୍କୁ ସନ୍ତୁଷ୍ଟ କରିପାରନ୍ତି ।

ସଉରାଙ୍କ ବିଶ୍ୱାସ ଭଗବାନଙ୍କ ଇଂଗିତରେ ସମସ୍ତ କାର୍ଯ୍ୟ ସଂପାଦନ ହୁଏ । ସମସ୍ତ ଦେବଦେବୀଙ୍କୁ ତୁଷ୍ଟି କରିପାରିଲେ ହିଁ ସଉରା ଶାନ୍ତିରେ ବଂଚିପାରିବ । ଦେବଦେବୀଙ୍କୁ ଅସନ୍ତୁଷ୍ଟ କଲେ ସେମାନଙ୍କର ହାନି ଘଟିବ । ଯେହେତୁ ସମାଜର ଭଲମନ୍ଦ ଦେବଦେବୀଙ୍କର ଶକ୍ତିଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ତାଙ୍କୁ ସବୁଦିନ ପୂଜା ଲାଗି ସେମାନଙ୍କ ପ୍ରତୀକଚିତ୍ର ଘରେ ଅଙ୍କନ କରିଥାନ୍ତି ।

ଝୋଟି ଚିତ୍ରକଳା ସଂପର୍କରେ ଅନୁଧ୍ୟାନ କଲେ ଲାଗେ ସଉରା ଚିତ୍ରକଳା ସବୁଠୁ ଅର୍ଥପୂର୍ଣ୍ଣ । କଳାତ୍ମକ ଅଭିବ୍ୟକ୍ତି ଅଧିକ ସୁସ୍ପଷ୍ଟ । ସଉରାମାନେ କଳା କାରିଗରୀ ବିଦ୍ୟାରେ ନିପୁଣ ହେତୁ ସେମାନଙ୍କ ଜୀବନର ପ୍ରତିଟି କାର୍ଯ୍ୟ ସହ

କଳାର ସଂପୃକ୍ତି ଦେଖିବାକୁ ମିଳେ ।

ସଉରା ଚିତ୍ରକଳାକୁ ସାଧାରଣତଃ ଇଡିତାଲ ବୋଲି ସଉରାମାନେ କହୁଥିବାବେଳେ ଅଂଚଳ ଭିତ୍ତିରେ ଏହାକୁ ଅନ୍ୟ ଅର୍ଥରେ କୁହାଯାଏ । 'ଇଡ୍'ର ଅର୍ଥ ଚିତ୍ର ଏବଂ 'ତାଲ୍' ଅର୍ଥ କାନ୍ଥ । କାନ୍ଥରେ ଏଭଳି ଚିତ୍ର କରାଯାଉଥିବାରୁ ଏହାର ନାମ୍ 'ଇଡ୍‌ତାଲ୍' ରହିଛି । ଗଜପତି ଜିଲ୍ଲାରେ ଏହାକୁ ଆମିତାଲ୍ କୁହାଯାଏ ।

ଏହି ଚିତ୍ରକଳାରେ ମଣିଷ, ପଶୁପକ୍ଷୀ, ବୃକ୍ଷଲତା, ବାଦ୍ୟ ସରଂଜାମ ସମେତ ବିଭିନ୍ନ ପ୍ରକାର ଆଧୁନିକ ଯନ୍ତ୍ରର ମଧ୍ୟ ଚିତ୍ର ସ୍ଥାନିତ କରାଯାଇଥାଏ । ତେବେ ପ୍ରତ୍ୟେକଟି ଚିତ୍ର ଅଙ୍କନର ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଚିତ୍ରଗୁଡିକ ଅତି ପ୍ରାଳ ମଧ୍ୟ । ସଉରା ଅକ୍ଷର ଅନୁସାରେ ସେମାନଙ୍କର ଦେବାଦେବୀ ଅଛନ୍ତି । ଏକ ଅଲୌକିକ ଶକ୍ତି ଭିତରେ ସଉରା ସମାଜ ପରିଚାଳିତ ଏବଂ ପରିବାରର ଭଲମନ୍ଦ ସେସବୁ ଶକ୍ତି ଦ୍ୱାରା ପରିଚାଳିତ ବୋଲି ଦୃଢ ବିଶ୍ୱାସ ରହିଛି । ପରିବାର ତଥା ସମାଜ ଯେତେବେଳେ ଦୁଃଖ, ଦୈନ୍ୟ, ଦୁର୍ବିପାକ ସହ ସମ୍ମୁଖୀନ ହେଲେ ସେତେବେଳେ ସେସବୁ ଶକ୍ତିର କୁପ୍ରଭାବରୁ ମୁକ୍ତି ଲାଗି ଏମିତି କାନ୍ଥ ଚିତ୍ର କରି ତା ନିକଟରେ ପୂଜା କରିଥାନ୍ତି ।

ସଉରାମାନେ ମୃତଲୋକ, ପିତୃପୁରୁଷଙ୍କୁ ଯଥେଷ୍ଟ ସମ୍ମାନ ଓ ଭକ୍ତି କରନ୍ତି । ମୃତଲୋକମାନେ ସେମାନଙ୍କ ଚାରିପାଖେ ସବୁବେଳେ ରହିଥାନ୍ତି । ଜୀବିତ ଲୋକମାନଙ୍କ ଗତିବିଧି ଉପରେ ସେମାନେ ତୀକ୍ଷ୍ଣ ଦୃଷ୍ଟି ରଖିଥାନ୍ତି ବୋଲି ବିଶ୍ୱାସ ହେତୁ ସେମାନଙ୍କର ଚିତ୍ର ଅଙ୍କନ କରିଥାନ୍ତି । ସେପରି ସଉରାମାନେ ପ୍ରାକୃତିକ ଶକ୍ତି ଉପରେ ମଧ୍ୟ ତାଙ୍କର ଦୃଢ଼ ବିଶ୍ୱାସ । ଭଗବାନ ସୂର୍ଯ୍ୟ, ଚନ୍ଦ୍ର, ବୃକ୍ଷଲତା, ପଶୁପକ୍ଷୀ ରୂପରେ ରହିଥାନ୍ତି । ପାହାଡ଼, ପର୍ବତ, ଜଙ୍ଗଲ, ଫଳମୂଳ ତାଙ୍କର ସୃଷ୍ଟି ହେତୁ ସେସବୁ ପ୍ରତି ସମ୍ମାନ ଦେଇ ସେଗୁଡିକର ପ୍ରତୀକ ଚିତ୍ର ଘରେ ଆଙ୍କିଥାନ୍ତି ।

କେତେକ କ୍ଷେତ୍ରରେ ସଉରାମାନେ ନିଜ ଜୀବନାଭୂତିକୁ ଚିତ୍ର ମଧ୍ୟରେ ରୂପ ଦେଇଥାନ୍ତି । ଶୀକାର କରିବା, ନୃତ୍ୟଗୀତ କିରବା, କୃଷିକାର୍ଯ୍ୟ କରିବା ଆଦି ଚିତ୍ରକୁ ଘରେ ସ୍ଥାନ ଦେଇଥାନ୍ତି । ଏହି ଚିତ୍ରଗୁଡିକ ମନଇଚ୍ଛା ଯେଣେତେଣେ ଅଙ୍କନ କରାଯାଏ ନାହିଁ । ସଉରା ନୂଆଘର ତିଆରି କଲେ କିମ୍ବା ଘରର ବଖରାକୁ ବଢ଼ାଇବାବେଳେ ଏହି ଚିତ୍ରକଳା ଅଙ୍କନ କରେ । ଏଥିପାଇଁ ତାକୁ ଏକ ଉତ୍ସବର ଆୟୋଜନ କରିବାକୁ ପଡିଥାଏ । ଏହି ଚିତ୍ରସବୁ କେବଳ 'କୁଡ଼ାଙ୍ଗ' ହିଁ ଅଙ୍କନ କରିଥାଏ । କୁଡ଼ାଙ୍ଗ୍ ସଉରାମାନଙ୍କ ମୁଖ୍ୟ ପୂଜକ । ସାଧାରଣତଃ ଏହି ଚିତ୍ରଗୁଡିକ ଫାଲ୍‌ଗୁନ ମାସ ଠାରୁ ବୈଶାଖ ମାସ ମଧ୍ୟରେ କେବଳ ଅଙ୍କନ କରାଯାଏ । ସଉରାମାନେ ଏହି ମାସଗୁଡିକରେ ହିଁ ନୂଆଘର ତିଆରି କରିଥାନ୍ତି ।

ଏ ସବୁ ଚିତ୍ର ଅଙ୍କନ ପାଇଁ ଅରୁଆ ଚାଉଳକୁ ବତୁରାଇ ତାକୁ ପିଠଉ କରାଯାଏ । ଏହି ଧଳା ବହଳିଆ ପାଣିରେ ସରୁ ବାଉଁଶ କାଠି ସାହାଯ୍ୟରେ କୁଡ଼ାଙ୍ଗ ଚିତ୍ର ଆଙ୍କିଥାଏ । ଏ ସବୁଚିତ୍ର ଘର ମଧ୍ୟରେ ହିଁ କରାଯାଇଥାଏ । ଘରର ଭିତର କାନ୍ଥରେ ଅଙ୍କନ କରାଯାଏ । ସଉରାମାନେ ବିଶ୍ୱାସ ରର୍ଖି ଯେ କୁଡ଼ାଙ୍ଗ ରାତିରେ ସ୍ୱପ୍ନ ଦେଖେ ଏବଂ ଭଗବାନ ଯେମିତି ନିର୍ଦ୍ଦେଶ ଦେଇର୍ଥା ସେହି ଅନୁସାରେ କାନ୍ଥରେ ସେ ଚିତ୍ର ଆଙ୍କି ଚାଲେ । ଚିତ୍ରଗୁଡିକ ଅଙ୍କନ କରିବା ପୂର୍ବରୁ କାନ୍ଥକୁ ଦେଖି ବର୍ଗାକାର, ଆୟତାକାର, ତ୍ରିଭୂଜ, ଗୋଲାକାର, ପଞ୍ଚଭୂଜାକାର ଆଦି ପରିଧି ଚିତ୍ର ଅଙ୍କନ କରନ୍ତି । ପରିଧି ମଧ୍ୟରେ କୁଡ଼ାଙ୍ଗ ବିଭିନ୍ନ ଚିତ୍ର ଅଙ୍କନ କରେ । ଚିତ୍ର ଅଙ୍କନ ପରେ ସେସବୁକୁ ପ୍ରତିଷ୍ଠା କରିବାକୁ ହୁଏ । ବିଭିନ୍ନ ଦେବଦେବୀଙ୍କୁ ଆବାହନ କଲାପରେ ଚିତ୍ର ନିକଟରେ କୁକୁଡ଼ାବଳି ଦିଆଯାଏ । ବଳି କୁକୁଡ଼ାର ମାଂସ ଓ ଭାତ ରାନ୍ଧି ପୂଜା ପରେ ସଉରାମାନେ ସମସ୍ତେ ପ୍ରସାଦ ରୂପେ ବାଣ୍ଟି ଖାଆନ୍ତି । ଏଥିସହ ମଦପିଇ ମଉଜ ମଜଲିସ ହୁଅନ୍ତି ।

ଏହା ପରଠାରୁ ଚିତ୍ର ଅଙ୍କିତ ସ୍ଥାନଟି ପବିତ୍ର ସ୍ଥାନ ବୋଲି ଧରାଯାଏ । ଚିତ୍ରଗୁଡିକକୁ ଇଷ୍ଟରୂପେ ପୂଜା କରାଯାଏ । କାରଣ ଚିତ୍ରରେ ଯେଉଁ ଜୀବଜନ୍ତୁଙ୍କର ପ୍ରତିକୃତି ଥାଏ ସେମାନେ ଘରର ମଂଗଳକାରକ ଓ ପରିବାରର ହିତସାଧନ କରିଥାନ୍ତି । ତେଣୁ ପରିବାର ମଧ୍ୟରେ କାହାର ଦେହ ଖରାପ ହେଲେ ସଉରାମାନେ ଘରର ସେହି ଚିତ୍ର ନିକଟରେ ଶୁଆଇ ସୁମରଣା କରନ୍ତି



। ଆବଶ୍ୟକୀୟ ପୂଜାର୍ଚ୍ଚନା ବି କରିଥାନ୍ତି । ଚାଉଳ ଧରି ଘରର ମହିଳା ସଦସ୍ୟ ପାରଂପରିକ ମନ୍ତ୍ରପାଠ କରେ । ବିଶ୍ୱାସ ଏମିତି କଲେ ତାର ଶରୀର ଆରୋଗ୍ୟ ଲାଭ କରେ । ଏହାଛଡା ଘରର ପ୍ରତ୍ୟେକ କାର୍ଯ୍ୟରେ ପ୍ରଥମେ ସଉରା ଏହି ଚିତ୍ରକଳାକୁ ସୁମରଣା କରେ । ଏପରିକି ଘରକୁ ନୂଆ ପଦାର୍ଥ, ନୂଆଶସ୍ୟ, ନୂଆ ପରିବା ଆଣିଲେ ପ୍ରଥମେ ଏଠାରେ ଅର୍ପଣ କଲାପରେ ସେ ସବୁକୁ ବ୍ୟବହାର କରାଯାଏ ।

ଉଡ଼ତାଲ୍ ଅଙ୍କନ ପଦ୍ଧତି ଅନ୍ୟାନ୍ୟ ଚିତ୍ର ଅଙ୍କନ ପଦ୍ଧତିଠାରୁ ଅଲଗା । ଚିତ୍ର ଅଙ୍କନ ଲାଗି ସ୍ୱତନ୍ତ୍ର ତାଲିମ ଆବଶ୍ୟକ ଦରକାର ହେଉଥିବାବେଳେ ଏଥିଲାଗି ସାମାନ୍ୟ ବୃଦ୍ଧି ଓ କୌଶଳ ପ୍ରୟୋଗ କଲେ ଯେ କେହି ବି ସହଜରେ ଏସବୁ ଚିତ୍ର କରିଦେଇପାରିବ । ଇଡ଼ତାଲ ଗୁଡିକୁ ଅନୁଧ୍ୟାନ କଲେ ସବୁ ଚିତ୍ର ଗୁଡିକ ସାଧାରଣତଃ ବିନ୍ଦୁ, ବୃତ୍ତ, ତ୍ରିଭୁଜ, ରେଖା, ବର୍ଗାକାର ଓ ଆୟତାକାର ଭଳି ଜ୍ୟାମିତିକ ଚିତ୍ରର ସମାହାରରେ ଅଙ୍କିତ । ଏଗୁଡିକୁ ରୈଖିକ ଚିତ୍ର ମଧ୍ୟ କୁହାଯାଇପାରେ । ମୁଖ୍ୟତଃ ଇଡତାଲର ସାମଗ୍ରୀକ ଚିତ୍ରକଳାକୁ ପାଂଚ ଭାଗରେ ବିଭକ୍ତ କରାଯାଇଛି । ସେଗୁଡିକ ହେଲା ପରିଧି ଚିତ୍ର, ମନୁଷ୍ୟ ଚିତ୍ର, ଜୀବଜନ୍ତୁ ଚିତ୍ର, ବୃକ୍ଷଲତା ଚିତ୍ର ଓ ବିବିଧ ଚିତ୍ର । ମୁଣ୍ଡଗୁଡିକୁ ବଡ଼ ବିନ୍ଦୁ ଦ୍ୱାରା, ହାତଗୋଡ଼ ଗୁଡିକୁ ରେଖାଦ୍ୱାରା, ମନୁଷ୍ୟ ଶରୀରଗୁଡିକ ପରସ୍ପର ଓଲଟା ଯୋଡି ହୋଇ ରହିଥିବାରୁ ତ୍ରିଭୁଜ ଦ୍ୱାରା, ପଶୁମାନଙ୍କ ଶରୀରକୁ ଅର୍ଦ୍ଧ ବୃତ୍ତାକାର ଦ୍ୱାରା, ଲାଙ୍ଗୁ ରେଖା ଆଦି ଦ୍ୱାରା ଚିତ୍ରିତ କରିଥାନ୍ତି ।

ଚିତ୍ର ଅଙ୍କନ ପୂର୍ବରୁ ତାର ପରିଧି ଚିତ୍ର ଅଙ୍କନ ହୁଏ । ଆୟାତକାର ଓ ବର୍ଗାକାରର ବଡ ପରିଧି ଚିତ୍ର ଅଙ୍କନ କରାଯାଏ । ତାରି ଭିତରେ ବି ଗୋଲାକାର କିମ୍ବା ତ୍ରିଭୁଜାକାର ପରିଧିର ମୂଳରୂପ ଅଙ୍କନ କରାଯାଏ । ସେସବୁ ପରିଧି ଭିତରେ ଅବଶିଷ୍ଟ ଚାରିଗୋଟି ବିଭାଗର ଚିତ୍ର ଗୁଡିକ ସଂଯୋଜିତ କରା ଯାଇଥାଏ । ଚିତ୍ର ଗୁଡିକର ଶରୀର ଭିତର ଅଂଶ ପିଠଉରେ ପୂର୍ଣ୍ଣ କରାଯାଏ । ଗେରୁ ମାଟିର କାନ୍ଥ ଉପରେ ପିଠଉର ଧଳା ରଂଗରେ ଇଡତାଳ ଚିତ୍ର ବେଶ କମନୀୟ ଦେଖାଯାଏ ।

ମନୁଷ୍ୟ ଶରୀରର ଚିତ୍ର ମୁଖ୍ୟତଃ ଦୁଇଟି ତ୍ରିଭୁଜରେ ତିଆରି । ଓଲଟା ହୋଇଥିବା ଦୁଇଟି ତ୍ରିଭୁଜ ପରସ୍ପର ଗୋଟିଏ ବିନ୍ଦୁରେ ମିଳିତ ହୋଇଥାନ୍ତି । ମୁଣ୍ଡକୁ ଗୋଲାକାରରେ ଦର୍ଶାଯାଇଥାଏ । ହାତଗୋଡ ରେଖା ଦ୍ୱାରା ଚିତ୍ରିତ ହୋଇଥାଏ । ଅନ୍ୟ ଚିତ୍ର ଭଳି ମଣିଷର ଆଖି, କାନ, ପାଟି, ନାକ, ଆଙ୍ଗୁଠି ଆଦି ଦର୍ଶାଯାଏ ନାହିଁ । ଦୁଇଟି ତ୍ରିଭୁଜର ଆକାର ଓ ଅବସ୍ଥିତିକୁ ବଦଳାଇ ମନୁଷ୍ୟର ବିଭିନ୍ନ କାର୍ଯ୍ୟାବଳୀକୁ ସହଜରେ ଦର୍ଶାଯାଇଥାଏ ।

ପଶୁପକ୍ଷୀର ମଧ୍ୟ ଆଖି, ପାଟି, ନାକ ଆଦି ଦର୍ଶାଯାଉ ନଥିବା ବେଳେ କାନକୁ ଛୋଟ ରେଖାମାନଙ୍କ ଦ୍ୱାରା ଚିତ୍ରିତ କରାଯାଇଥାଏ । ପଶୁପକ୍ଷୀର ଶରୀର ଲାଗି ତ୍ରିଭୁଜ, ଗୋଲକାର ଓ ଅର୍ଦ୍ଧ ଗୋଲାକାରର ସମ୍ମେଳନରେ ପ୍ରକଟ ହୋଇଥାଏ । ଲାଂଜ କିମ୍ବା ପରକୁ ଛୋଟ ଛୋଟ ରେଖା ଦ୍ୱାରା ଦର୍ଶାଯାଇଥାଏ ।

ବୃକ୍ଷଲତା ଗୁଡିକ ସହଜରେ ରେଖା ଓ ବିନ୍ଦୁ ଦ୍ୱାରା ଦର୍ଶାଯାଇଥାଏ । କହିବାକୁ ଗଲେ ପ୍ରତ୍ୟେକ ଚିତ୍ରର ଛାୟାରୂପ ଅଙ୍କନ କରି ସେଥିରେ ପିଠଉ ଅବା ଭିନ୍ନ ରଂଗ ବୋଳାଯାଏ । ଚିତ୍ର ଅଙ୍କନ ପରେ ଚାରିପାଖରେ ପୂର୍ବରୁ ଅଙ୍କନ କରାଯାଇଥିବା ପରିଧିଗୁଡିକୁ ବିଭିନ୍ନ ପ୍ରକାର ରେଖା, ଛକ, ଅଙ୍କାବଙ୍କା ଛୋଟ ତ୍ରିଭୁଜ ଆଦି ସହାୟତାରେ ଅଧିକ ଆକର୍ଷଣୀୟ କରାଯାଇଥାଏ ।

ମଣିଷ ଚିତ୍ରକୁ ବାଦ୍‌ଦେଲେ ମାଙ୍କଡ଼, ହାତୀ, ଘୋଡା, ଛେଳି, ବଳଦ, ଗାଈ, ବାଘ, ହରିଣ ଆଦି ପଶୁ ଏବଂ ହଂସ, ପାରା, ଶୁଆ, ମୟୂର ସହ ସାପ, ବେଙ୍ଗ, ଝିଟିପିଟି, ବୃକ୍ଷଲତା ଆଦି ଇଡତାଲରେ ସ୍ଥାନ ପାଇଥାଏ । ଏହା ବ୍ୟତୀତ ବିବିଧ ଚିତ୍ର ପର୍ଯ୍ୟାୟରେ ସଉରାମାନେ ଆଧୁନିକ ଯନ୍ତ୍ରାଂଶକୁ ନିଜ ଚିତ୍ରକଳାରେ ସ୍ଥାନ ଦେଇଥାନ୍ତି । ଏଇକ୍ରମରେ ସାଇକେଲ୍, ବସ୍, ଟ୍ରେନ୍, ଉଡ଼ାଜାହାଜ, ଶିକା, ହାଣ୍ଡି, ବାହୁଙ୍ଗି, ଧନୁତାର, ଟାଙ୍ଗିଆ, ବର୍ଚ୍ଛା, ବାଦ୍ୟଯନ୍ତ୍ର ଆଦିର ମଧ୍ୟ ଚିତ୍ର ଅଙ୍କନ କରାଯାଇଥାଏ । ଏସବୁ ତ୍ରିଭୁଜ, ବର୍ଗାକାର, ଗୋଲାକାର, ବିନ୍ଦୁ, ରେଖାକୁ ନେଇ ହିଁ ତିଆରି କରାଯାଇଥାଏ ।

ସଉରା ତା ଜୀବନଚର୍ଯ୍ୟା ଭିତରେ ଯାହା କରେ ତାକୁ ଚିତ୍ରରେ ଉତାରିଦେଇଥାଏ । ମୁଖ୍ୟତଃ କୃଷି, ଜୀବନଜୀବିକାର ଦୃଶ୍ୟ ସବୁ ଚିତ୍ରରେ ରହିଛି । ଚାଷବାସର ଦୃଶ୍ୟ, ଧାନ ଅମଳର ଦୃଶ୍ୟ, ଖଜୁରୀ ଗଛ, କୁକୁର ଓ ଗୋରୁ ସହ ସପରିବାରର ଯାଉଥିବାର ଦୃଶ୍ୟ, ବାଜା ବଜାଉଥିବାର ଦୃଶ୍ୟ, ନାଚଗୀତର ଦୃଶ୍ୟ, କାନ୍ଧରେ ଭାର ବୋହି ଆସୁଥିବାର ଦୃଶ୍ୟ, ଗାଁର ଦୃଶ୍ୟ, ପାହାଡ, ପର୍ବତ, ଝରଣା ଆଦି ଇଡତାଲ ଭିତରେ ଖୁନ୍ଦି ହୋଇ ରହିଥାଏ । ଏହାବାଦେ ଇଂରାଜୀ ଭାଷାର ୨୬ ଗୋଟି ଅକ୍ଷରକୁ ନେଇ ଯେପରି ମାତ୍ରା, ଫଳା, ଯୁକ୍ତାକ୍ଷର ସୃଷ୍ଟି, ସେପରି ସଉରା ଭାଷା ୨୫ଟି ଅକ୍ଷରକୁ ନେଇ ମାତ୍ରା, ଫଳା, ଯୁକ୍ତାକ୍ଷର ସର୍ବୋପରି ଭାଷା ଓ ଲିପିର ସୃଷ୍ଟି । ଏହାକୁ ସୌରା ସଂପେନ ବୋଲି କୁହାଯାଏ । ସେମିତି ୦ରୁ ୯ଟି କ୍ରମିକ ସଂଖ୍ୟାକୁ ନେଇ ସୌରା ଗଣନ ସଂଖ୍ୟାର ସୃଷ୍ଟି । ଏହାର ଉଦ୍ଭାବକ ସ୍ୱର୍ଗତ ମଙ୍ଗେଇ ଗମାଙ୍ଗଙ୍କ ବିଶ୍ଳେଷଣ ଅନୁଯାୟୀ ୨୫ଗୋଟି ଦେବତାଙ୍କ ନାମାନୁସାରେ ଏହି ଅକ୍ଷରଗୁଡିକ ସୃଷ୍ଟି ହୋଇଥିବାରୁ ଏହାର ପବିତ୍ରତା ରହିଛି । ପ୍ରକୃତିକୁ ନେଇ ଉପାସନା କରୁଥିବା ସଉରା ମୁଖ୍ୟତଃ ବାଟ, ଖୁଣ୍ଟି, ଟାଙ୍ଗିଆ, ହାଣ୍ଡି, ସୂର୍ଯ୍ୟ, ଚନ୍ଦ୍ର, ଗ୍ରାମଦେବୀ, ମାଟି ଇତ୍ୟାଦିକୁ ନେଇ ସଉରା ଭାଷା ସୃଷ୍ଟି ହୋଇଛି । ସୌରା ଭାଷା ଲିପି ରେ ଥିବା, ସା, ତା, ବା, ଚା, ଡ଼ା, ଗା, ମା, ଙା, ଲା, ନା, ଓ୍ୱା, ପା, ୟା, ରା, ହା, କା, ଜା, ୟା, ଆ, ଏ, ଇ, ଉ, ଅ, ଐ ଏବଂ ମ୍ରାଇ୍ ଆଦି ୨୫ଟି ଅକ୍ଷରକୁ ବିଶ୍ଳେଷଣ କଲେ ପ୍ରତିଟି ଅକ୍ଷର ମଧ୍ୟରେ ସଉରା ସଂସ୍କୃତି, ପରଂପରା, ଧର୍ମଧାରଣା ନିହିତ ରହିଛି । ସଉରା ସଂସ୍କୃତି ରକ୍ଷା ଓ ବିକାଶ ଦିଗରେ ଲିପି ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି । ସଉରା ଅକ୍ଷର ସହ ଗୋଟିଏ ଦେବତାଙ୍କ ନାମ ସଂଶ୍ଳିଷ୍ଟ ରହୁଥିବା ଆଧ୍ୟାତ୍ମିକ ତଥା ଧର୍ମଭୀରୁ ସଉରାଙ୍କ କ୍ଷେତ୍ରରେ ସଉରା ଲିପି ଗ୍ରହଣୀୟ ହୋଇପାରିଛି । ଆଉ ଏସବୁ ଦେବତାଙ୍କୁ ନେଇ ସଉରାମାନେ ଇଡତାଲ ବି ଅଙ୍କନ କରି ପୂଜା କରିଥାନ୍ତି ।

ସଉରା ଚିତ୍ରକଳା ଖୁବ ଆକର୍ଷଣୀୟ ଓ ଅଙ୍କନ କରିବା ସହଜ ହୋଇଥିବାରୁ ଏହା ବର୍ତ୍ତମାନ କେବଳ ସଉରା ଅଂଚଳ ଭିତରେ ଆଉ ସୀମିତ ହୋଇ ରହିନାହିଁ । ଏହା ବିଶ୍ୱବ୍ୟାପୀ ହୋଇପଡିଛି । ଚିତ୍ରକଳାର ମୋହରେ ପଡି ସୌନ୍ଦର୍ଯ୍ୟକରଣ ଲାଗି ବଡ ବଡ ନଗରୀମାନଙ୍କର କାନ୍ଥ ଗୁଡିକରେ ଏହା ଶୋଭା ପାଉଛି । ସେହିପରି ଏହାର ସୁରକ୍ଷା ଓ ପ୍ରଚାର ପ୍ରସାର ଲାଗି ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି । ଚିତ୍ରକଳାକୁ ପେଶା କରି ବଂଚିବା ଉଦ୍ଦେଶ୍ୟରେ ନୂଆ ରାହା ଦେଖାଇବା ଲାଗି ଭୁବନେଶ୍ୱରସ୍ଥିତ ସିଆରପି ଛକରେ ଥିବା ଏସସିଏସଟିଆରଟିଆଇ ସଂସ୍ଥା ପକ୍ଷରୁ ସଉରା ପିଲାଙ୍କୁ ଚିତ୍ରକଳାର ସ୍ୱତନ୍ତ୍ର ତାଲିମ ଦେବା ସହ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦର ବିକ୍ରିବଟା ଲାଗି ବଜାର ସୃଷ୍ଟି କରାଯାଇଛି । ବିଭିନ୍ନ ଫୋଟୋଚିତ୍ର, ଏକ୍ରିଲିକ ପେଂଟିଂ ସମେତ ସୌଖିନୀ ବସ୍ତୁ ଉପରେ ଇଡତାଲ ଚିତ୍ରକଳା ଅଙ୍କନ କରାଯାଇ ବିକ୍ରି କରିବା ଲାଗି କୌଶଳ ଶିକ୍ଷା ଦିଆଯାଉଛି । ଫଳରେ ଅନେକ ସଉରା ଯୁବକ ଇଡତାଲ ଚିତ୍ରକୁ ନିଜର ପେଶା ଭାବେ ଗ୍ରହଣ କରିଛନ୍ତି । ତେବେ ସଉରାମାନେ ଏଭଳି ଚିତ୍ର ଅଙ୍କନ କରି ଭଗବତ୍ ବିଶ୍ୱାସ ଓ ଭକ୍ତିସଉରା ଦୃଢ଼ ପରିଚୟ ଦେଇଥାନ୍ତି ।

ଅନେକ ତଥ୍ୟକୁ ସାଉଁଟି ଗାଁ ରୁ ଗାଁ ଏବଂ ଘରକୁ ଘର ବୁଲିଲା ପରେ ଫେରିବାର ବେଳ । ଘାଟି ଓହ୍ଲାଇଲା ବେଳେ ଲାଗୁଥିଲା ଏଇଠି ଏଇ କମନୀୟ ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟ ଭିତରେ ଆଉ କିଛି ସମୟ ଅଟକି ରହିବାକୁ । ଅନେକ ଉତ୍ତରଦାୟିତ୍ୱ ବାଧ୍ୟ କଲା ପଛ କରି ଫେରିବାକୁ । ଆଉ ସେଇଠୁ ଫେରିଲୁ ଓ ମିଶିଗଲୁ ନିଜ ଭିତରେ ନିଜେ ।

# ଜନଜାତି ରାନ୍ଧଣା



# ଭୂମିଜଙ୍କ ବ୍ୟଞ୍ଜନ




**ଗୀତାମଣି ସିଂ**

ୱାର୍ଡ଼ ନଂ - ୨୩, ତୁଳସୀ ଚଉରା,
ତକତପୁର, ବାରିପଦା-୭୫୭୦୦୨
ଫୋନ:୯୪୩୭୫୩୦୧୪୫


ଫଟୋ ସୌଜନ୍ୟ : ଲେଖିକା

## ଜିଲ୍ ପିଠା



**ଆବଶ୍ୟକ ସାମଗ୍ରୀ :** ୨୫୦ଗ୍ରାମ ଚାଉଳ ଚୁନି, ୨୫୦ଗ୍ରାମ ଚିକେନ ଛୋଟ ଛୋଟ କଟା ହୋଇଥିବ, କଟା ପିଆଜ ୧ଟା, ଅଦା, ରସୁଣ ପିଆଜ ଲଙ୍କାବଟା, ତେଜପତ୍ର, ହଳଦୀଗୁଣ୍ଡ, ଲୁଣ, କଞ୍ଚା ଶାଳପତ୍ର ଖଲି ୨ଟା / କଦଳୀପତ୍ର ୨ଖଣ୍ଡ, କଟା ଧନିଆପତ୍ର କିଛି, ସୋରିଷ ତେଲ, ଗରମ ମସଲା, ପିଠା କରିବା ପାଇଁ ଲୁହା ତାୱା (କଡ଼େଇ) ।

**ପ୍ରସ୍ତୁତି ପ୍ରଣାଳୀ:** ଚିକେନ୍‌କୁ ଧୋଇ ଆବଶ୍ୟକତା ଅନୁଯାୟୀ ଲୁଣ ହଳଦୀ ମିଶାଇ ୧୫ ମିନିଟ୍ ରଖି ଦିଅନ୍ତୁ । କଡ଼େଇରେ ୪ ଚାମଚ ତେଲ ପକାନ୍ତୁ, ତେଲ ଗରମ ହେଲେ କଟା ପିଆଜ ଦେଇ ହାଲ୍‌କା ଲାଲ୍ ରଙ୍ଗର ହେବା ଯାଏଁ ଭାଜନ୍ତୁ । ରସୁଣ ଅଦା ଲଙ୍କା ଗରମ ମସଲା ତେଜପତ୍ର ଦେଇ ଭଲ ଭାବରେ କଷି ନିଅନ୍ତୁ । ସେଥିରେ ଆଉ ୧ ଚାମଚ ଲୁଣ ଓ ହଳଦୀ ପକାନ୍ତୁ । ତାପରେ ମାଂସ ପକାଇ ଯେପରି ଘରେ ମାଂସ ତରକାରୀ ବନାନ୍ତି ସେହିପରି ଭଲ ଭାବରେ କଷିଲା ପରେ ୩/୪ ଗ୍ଲାସ୍ ପାଣି ଦେଇ ଘୋଡ଼ାଇ ଦିଅନ୍ତୁ । ମାଂସ ଭଲ ଭାବରେ ସିଝିଗଲେ କଟା ଧନିଆ ପତ୍ର ପକାଇ ଘାଣ୍ଟି ଦିଅନ୍ତୁ । ବର୍ତ୍ତମାନ ଗ୍ୟାସ୍‌ର ଆଞ୍ଚକୁ କମାଇ ଫୁଟୁଥିବା ମାଂସ ତରକାରୀରେ ଚାଉଳ ଚୁନା ପକାଇ ଘାଣ୍ଟି ଚାଲନ୍ତୁ ଯେମିତି ମଣ୍ଡା ପିଠା ପାଇଁ ଖଳି ପ୍ରସ୍ତୁତ କରାଯାଏ । କିନ୍ତୁ ଚୁନାଖଳି ପୁରା ନରମ ହେବା ଉଚିତ୍ ଓ ଚୁନା ମଧ୍ୟ ଭଲ ଭାବରେ ସିଝିଥିବା ଉଚିତ । ବର୍ତ୍ତମାନ ମାଂସ ପିଠା ପାଇଁ ଖଳି ପ୍ରସ୍ତୁତ ହୋଇଗଲା । ଗ୍ୟାସ୍‌ରୁ ଓହ୍ଲାଇ ଦିଅନ୍ତୁ । ଏଥର ତାୱାରେ ତଳେ କିଛି ତେଲ ଲଗାଇ ଦିଅନ୍ତୁ ତା ଉପରେ କଞ୍ଚା ଶାଳପତ୍ର ଖଲି ରଖି ଖଲିର ଭିତର ପଟେ ଭଲ ଭାବରେ ତେଲ ଲଗାଇ ତା ଉପରେ ପ୍ରସ୍ତୁତ ମାଂସ ପିଠା ଖଳିକୁ ଭଲ ଭାବରେ ହାତରେ ସାଇଜ୍ କରି ୨ ଇଞ୍ଚ୍ ସାଇଜର ଗୋଲ୍ କରି ଗଢନ୍ତୁ । ପିଠା ଉପରେ ଆଉ ୧ ଚାମଚ ତେଲ ଭଲ ଭାବେ ଲଗାଇ ତା ଉପରେ ଆଉ ଗୋଟିଏ ଖଲିପତ୍ର ଢାଙ୍କି ଦିଅନ୍ତୁ । ଏହାପରେ ଏକ ମୋଟା ଥାଳି ଘୋଡ଼ାଇ ଦିଅନ୍ତୁ । ଏହି ତାୱାକୁ ବର୍ତ୍ତମାନ ଗ୍ୟାସ୍ ଉପରେ ବସାଇ ସିମ୍ ଆଞ୍ଚରେ ସିଝିବାକୁ ଛାଡ଼ି ଦିଅନ୍ତୁ । ଗୋଟିଏ ପଟ ସିଝିଗଲେ ପିଠାଟିକୁ ଓଲଟାଇ ଦିଅନ୍ତୁ । ପିଠାଟି ସମ୍ପୂର୍ଣ୍ଣ ସିଝିଗଲେ ଗରମ୍ ଗରମ୍ ଖାଆନ୍ତୁ ।

## ଲେଠ

**ଆବଶ୍ୟକ ସାମଗ୍ରୀ :** ୨୫୦ ଗ୍ରାମ ଦେଶୀ ଅରୁଆ ଚାଉଳ, ୨୫୦ ଗ୍ରାମ୍ ଚିକେନ୍ (ଦେଶି / ବଏଲର୍ ଛୋଟ ଛୋଟ କଟା ହୋଇଥିବ), ୨ଟା ବଡ଼ ପିଆଜର ବଟା ୧ ଚାମଚ, ରସୁଣ ବଟା ୧ଚାମଚ, ଅଦା ବଟା ୧ ଚାମଚ, ଲଙ୍କା ବଟା ୧ଚାମଚ (ସ୍ୱାଦ ଅନୁଯାୟୀ) ଚିକେନ ପାଉଡ଼ର ମସଲା ୧ଚାମଚ, ଧନିଆ ପାଉଡ଼ର ଅଧା ଚାମଚ, ଜିରା ପାଉଡ଼ର ଅଧା ଚାମଚ, ହଳଦୀ ଗୁଣ୍ଡ, ଲୁଣ, ଗରମ ମସଲା ଗୁଣ୍ଡ, ସୋରିଷ ତେଲ ୩ ଚାମଚ, ତେଜପତ୍ର ୨ଟି ।

**ପ୍ରସ୍ତୁତି ପ୍ରଣାଳୀ:** ଚିକେନ୍‌କୁ ଧୋଇ ଲୁଣ ଓ ହଳଦୀ ପକାଇ ଭଲ ଭାବରେ ମିଶାଇ ଅଧଘଣ୍ଟା ଘୋଡ଼ାଇ ରଖି ଦିଅନ୍ତୁ । କଡ଼େଇରେ ତେଲ ପକାଇ ପିଆଜକୁ ହାଲ୍‌କା ଲାଲ୍ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ତାପରେ ପିଆଜ ବଟା, ଅଦା, ରସୁଣ ବଟା ଦେଇ କିଛି ସମୟ କଷିଲା ପରେ ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ୨ଟି ତେଜପତ୍ର ପକାଇ ଭଲ ଭଲ ଭାବରେ ମସଲାକୁ କଷି ନିଅନ୍ତୁ । ତାପରେ ମସଲାରେ ଚିକେନ୍‌କୁ ପକାଇ ୧୦/୧୫ ମିନିଟ୍ କଷନ୍ତୁ । ଚିକେନ୍ ଭଲ ଭାବରେ ସିଝିଗଲା ପରେ ଦୁଇ ଗ୍ଲାସ୍ ପାଣି ଦେଇ ଫୁଟିବାକୁ ଛାଡ଼ି ଦିଅନ୍ତୁ । ଚାଉଳକୁ ଧୋଇ ଚିକେନ୍ କଡ଼େଇରେ ପକାଇ ଭଲ ଭାବରେ ମିଶାଇ ଦିଅନ୍ତୁ । ଚାଉଳ ଫୁଟିଗଲା ପରେ ସ୍ୱାଦ ଅନୁଯାୟୀ ଲୁଣ ପକାନ୍ତୁ । ସବୁବେଳେ ଚାମଚ୍‌ରେ ଘାଣ୍ଟନ୍ତୁ । ଧ୍ୟାନ ରଖିଥିବେ ଯେପରି ଏହା କଡ଼େଇରେ ଲାଗି ନଥାଏ । ବେଶି ପାଣିଆ ହେବନି କି ବେଶି ଟାଣ ହେବ ନାହିଁ । ଏବେ ଉପରେ ଗରମ ମସଲା ଗୁଣ୍ଡ ଛିଞ୍ଚି ଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଲେଠ । ଏହାକୁ ଗରମ ଗରମ ଖାଆନ୍ତୁ ।



# ଲେଖକର ବାର୍‌କୋଡ୍

ସାହିତ୍ୟ ଭଳି ଏକ ସର୍ଜନାତ୍ମକ କର୍ମରେ ଲିପ୍ତ ଲେଖକଟି ଭୁଲିଯିବା ଉଚିତ ନୁହେଁ ଯେ, ସାହିତ୍ୟର ଅର୍ଥ କେବଳ ଗଳ୍ପ, କବିତା ଭଳି କିଛି ଲେଖିଯିବା । ନିଜ କଲମରୁ ନିଃସୃତ ସମସ୍ତ ଲେଖା ବି ସାହିତ୍ୟ ପଦବାଚ୍ୟ ହେବ, ଏହା ମଧ୍ୟ ଭାବିବା ଭୁଲ୍ । ସାହିତ୍ୟ ସମ୍ପୂର୍ଣ୍ଣ ରୂପେ ଏକ ସାଧନା । ସୁତରାଂ ସାଧନା ନିମନ୍ତେ ଏବଂ ସାଧନାରୁ ସିଦ୍ଧିପ୍ରାପ୍ତି ନିମନ୍ତେ ଆବଶ୍ୟକ ଯେଉଁ ଏକାଗ୍ରତା, ଯେଉଁ ନିଷ୍ଠାପରତା, ଯେଉଁପ୍ରକାର ଶୁଦ୍ଧତା, ତାହା ନିଜ ପାଖରେ ରହିବା ବାଞ୍ଛନୀୟ । କାରଣ ଏସବୁ ଗୁଣଧର୍ମ ଛଡ଼ା ସାଧନା ତ ସମ୍ଭବ ନୁହଁ, ସାହିତ୍ୟ କଥା ଆସିବ କିପରି !

ସାହିତ୍ୟକୁ ଆଜିର ସମୟରେ ଆମେ ଖୁବ୍ ଏକ ଖାମ୍‌ଖିଆଲି ଢଙ୍ଗରେ ଗ୍ରହଣ କରୁ । ଏହା ଯେପରି ଏକ ଗୁରୁତ୍ୱ ନଥିବା ପ୍ରସଙ୍ଗ- ଏପରି ହିଁ ଆମେ ଆଚରଣ କରୁ ସାହିତ୍ୟ ସହିତ । ସାହିତ୍ୟ କିନ୍ତୁ ସବୁଠୁ ବଡ଼ ଏକ ପ୍ରାପ୍ତି ଆମ ଜୀବନରେ । କାରଣ ସାହିତ୍ୟରେ ସିଦ୍ଧି ପାଇବା ଅବା ସାହିତ୍ୟ ରଚନା କ୍ଷେତ୍ରରେ ମନୋନିବେଶ କରିବାକୁ ଆଗଭର ହେଉଥିବା ଆଜିର ସମୟରେ ହରେକ୍ ମଣିଷ ଗୌଣ ନୁହଁନ୍ତି । ସେମାନଙ୍କ ଭିତରେ ସାହିତ୍ୟ ରଚନା କରିବା ଭଳି ଏକ ବିଶେଷ ଗୁଣ ଅନ୍ତର୍ନିହିତ ଅଛି, ଯାହା ଈଶ୍ୱର ଦତ୍ତ । ଆଉ ଏହି ବିଶେଷ ଗୁଣଧାରୀ ବ୍ୟକ୍ତିଟିକୁ ଆମେ 'ସାଧାରଣ' ବୋଲି କେମିତି ଧରିନେବା ? ଅସାଧାରଣତ୍ୱର ଏକ ଦେବଦୂତ ଭଳି ସେ ଜନ୍ମ ହୁଏ ଏବଂ ତା'ର ଲେଖନୀ ମୂନରେ ଯାହାସବୁ ସୃଷ୍ଟି କରେ, ସେସବୁର ରସାମୃତକୁ ପାନ କରି ବାକି ଲୋକେ କୃତାର୍ଥ ହୁଅନ୍ତି । ଯାହାକୁ ଆମେ ପାଠକ ଗୋଷ୍ଠୀ ବୋଲି କହୁ ।

ସାରସ୍ୱତ ସାଧନାରେ ନିମଗ୍ନ ଥିବା ମଣିଷକୁ ଆମେ ସାଧାରଣ ମଣିଷ ଠାରୁ ଉଚ୍ଚତର ସୋପାନରେ ରଖି ବିବେଚନା କରିବାର ଯଥାର୍ଥତା ରହିଛି । କାରଣ ସାରସ୍ୱତ ବାଣୀଭଣ୍ଡାରକୁ ସମୃଦ୍ଧ କରିବାର ଅଖଣ୍ଡ କ୍ଷମତା ଓ ବରପ୍ରାପ୍ତି କେବଳ ସେଇ 'ଅସାଧାରଣ'ଙ୍କୁ ପ୍ରାପ୍ତ ହୋଇଥାଏ, ଯେଉଁମାନେ ସାଧାରଣ ଜୀବନ ତ ଅତିବାହିତ କରନ୍ତି, ପରନ୍ତୁ 'ଅସାଧାରଣତ୍ୱ'ର ତେଜସ୍କ୍ରିୟ ଆଲୋକ ବିଚ୍ଛୁରିତ କରି ସମାଜର ସିଂହଭାଗ ଲୋକଙ୍କୁ ପଠନାମୃତର ସ୍ୱାଦ ବି ଦେଇଥାନ୍ତି ଏକା ସମୟରେ । ଏ ଏକ ମାମୁଲି କାର୍ଯ୍ୟ ନୁହେଁ । ଏ ହେଉଛି ସାଧନାର ଏକ କଷ୍ଟକର ସୋପାନ, ଯାହା ସମସ୍ତଙ୍କୁ ପ୍ରାପ୍ତ ହୋଇନଥାଏ ।

ମାୟାଧର ମାନସିଂହ ଯଥାର୍ଥରେ କହିଥିଲେ ଯେ, କବି ଓ ଲେଖକ ସମାଜର ଦଶଜଣରୁ ଜଣେ ନୁହଁନ୍ତି । ସେ ଦଶଜଣର ମୁଖପାତ୍ର । ସୁତରାଂ ଲେଖକଙ୍କୁ ଆମେ ଅସାଧାରଣ ସତ୍ତାଟିଏ ଭାବିବାରେ ଭୁଲ୍ କିଛି ନାହିଁ । ସାହିତ୍ୟ ସର୍ଜନା ପରି ଏକ ଦୁଷ୍କର କାର୍ଯ୍ୟକୁ ସାରା ଜୀବନ ସମ୍ପାଦନ କରୁଥିବା ଲେଖକଟି ତା'ର ବ୍ୟକ୍ତିଗତ ଜୀବନଚର୍ଯ୍ୟା ବାହାରେ ଏସବୁ କରିଥାଏ । ସାଧାରଣ ମଣିଷଟିଏ ତା'ର ବ୍ୟକ୍ତିଗତ ଜୀବନର ସୁଖସମୃଦ୍ଧି ବୃଦ୍ଧିରେ ଲାଗିଥିବା ବେଳେ ଲେଖକଟି ସେସବୁ ଠୁ ପ୍ରାୟ ଦୂରରେ ଥାଇ ସାହିତ୍ୟର ଶ୍ରୀବୃଦ୍ଧି ପାଇଁ ନିଜକୁ ସମର୍ପିତ କରି ଦେଇଥାଏ । ଏଥିପାଇଁ ତାକୁ ଯେ ବଡ଼ କିଛି ପ୍ରାପ୍ୟ ମିଳିଯାଏ ବା ମିଳିବାର ପ୍ରତିଶ୍ରୁତି ଥାଏ, ତାହା ନୁହେଁ । ବାସ୍, ସେ କରୁଥାଏ । ସାଧନାରେ ନଥାଏ ପାଇବାର ଆସକ୍ତି । ତେଣୁ ସାହିତ୍ୟକୁ ସାଧନା ଭାବେ ଗ୍ରହଣ କରି ଆମର ଲେଖକମାନେ ଆଗେଇ ଆସିବାର ସମୟ ଆସିଛି । କେବଳ ରାତାରାତି ଷ୍ଟାର୍ ହୋଇଯିବା ଭଳି ଏକ ସ୍ନାୟବିକ ଉତ୍ତେଜନାକୁ ପରିହାର କରି ସାହିତ୍ୟର 'ଜୟ ହୋ' ସ୍ଲୋଗାନ୍‌କୁ ଗାଇବା ଜରୁରୀ ।

ସାହିତ୍ୟ ସାଧନାରେ ନିମଗ୍ନ ଆଜିର ଲେଖକଙ୍କ ଭିତରେ ପରିଚୟ ସଂକଟର ଏକ ସଘନ ବ୍ୟାଧି ଦେଖା ଦେଇଛି । ପରିଚୟ ସଂକଟରେ ସଂକଟାପନ୍ନ ମଣିଷଟି ଲେଖକ ଭାବରେ କଦାଚିତ ପରିଗଣିତ ହୋଇପାରେନା । ପ୍ରଥମତଃ, ସେ ନିଜ ସୃଷ୍ଟି ପ୍ରତି ନୈଷ୍ଠିକ ଥାଇ ଲେଖିଯିବା ଦରକାର । ପରିଚିତି, ସ୍ୱତଃ ଆସିବ । ତାକୁ ଆବାହନ କରିବା ଦରକାର ନାହିଁ । ବରଂ ନିଜ ଲେଖାକୁ ପ୍ରାଣବନ୍ତ କରିବା ଦିଗରେ ଲେଖକଟି ସମୟ ବିନିଯୋଗ କରିବା ଉଚିତ । ପାଠକଗୋଷ୍ଠୀଟିଏ ତିଆରି କରି ପାରିବା ହିଁ ହେଉଛି ଜଣେ ଲେଖକର ସବୁଠୁ ବଡ଼ ସିଦ୍ଧି । ସୁତରାଂ ପାଠକଙ୍କ ପାଇଁ ଉତ୍ସର୍ଗୀକୃତ ହୋଇ ଲେଖିବା ବେଳେ ଜଣେ ଲେଖକଙ୍କ ମନରେ କଦାଚିତ 'ପରିଚୟ-ସଂକଟ' ଭଳି ଏକ ସଂଶୟ ଆସିବ ନାହିଁ । ପାଠକ ହିଁ ଜଣେ ଲେଖକକୁ ପରିଚୟ ଦେଇପାରେ, ଗୋଟେ କାଳଖଣ୍ଡରେ । ତେବେ ଏଇଠି ମନେରଖିବା କଥା ଯେ, ସାହିତ୍ୟର ଯଥାର୍ଥ ପାଠକ ମଧ୍ୟ ସର୍ଜନାତ୍ମକ ହେବା ଜରୁରୀ । ଯେମିତି ସବୁ ମଣିଷ ଲେଖକ ହୋଇପାରନ୍ତି ନାହିଁ, ସେମିତି ସବୁ ମଣିଷ ବି ପାଠକ ହୋଇପାରନ୍ତି ନାହିଁ । ଏ କଥା ପାଠକ ଭୁଲିଯିବା ଅନୁଚିତ ।

ଆଜିର ସମୟରେ ଲେଖକର ପରିଚୟକୁ ନେଇ ବେଶି ତୁମ୍ବିତୋଫାନ ହୋଇଥାଏ । କିଏ ବହି ପ୍ରକାଶ କରି ନିଜର ପରିଚୟ ଜାହିର୍ କରିଥାଏ ତ କିଏ ପୁଣି ପୁରସ୍କାର ଲାଭ କରି ନିଜର ପରିଚୟରେ ପକାଇଥାଏ ପ୍ରଲେପ । ଲେଖକଙ୍କ ଭିତରେ ଏ ଯେଉଁ ତନ୍ମୟତା ପରିଚୟକୁ ନେଇ, ସେତିକି ତନ୍ମୟତା କିନ୍ତୁ ନିଜ ସର୍ଜନାକୁ ନେଇ ଦୃଷ୍ଟିଗୋଚର ହୁଏ ନାହିଁ । ସେଇଥିପାଇଁ ବର୍ତ୍ତମାନ ଲେଖକଙ୍କୁ ଗୋଟିଏ ଗୋଟିଏ 'ବାର୍‌କୋଡ୍' ଦେଇଦେବାର ସମୟ ଆସିଛି । ଆଜି ଆମେ ଏମିତି ଏକ ସମୟରେ ଉପନୀତ, ଯେତେବେଳେ କି ପ୍ରତିଟି କଥା 'ସଂଖ୍ୟା' ବା 'ଡିଜିଟ୍'ରେ ହିଁ ବୁଝିବାକୁ ପଡୁଛି । ଡିଜିଟାଲ୍ ଯୁଗର ସବୁକିଛି ଡିଜିଟାଲ୍-ସର୍ବସ୍ୱ । ତେଣୁ ପ୍ରତିଟି ଲେଖକଙ୍କୁ ନିଜସ୍ୱ 'ବାର୍‌କୋଡ୍' ଦେବାର ଆବଶ୍ୟକତା ଏଇଥିପାଇଁ ଆସୁଛି କି, ଆଉ ଲେଖକଙ୍କୁ ପରିଚୟ ସଂକଟର ଆବଶ୍ୟକତା ପଡ଼ିବ ନାହିଁ । କାରଣ ବିଖ୍ୟାତ ରମାକାନ୍ତ ରଥ 'ବାର୍‌କୋଡ୍'ରେ ଯେମିତି ଦିଶିବେ, ସେମିତି ଦିଶିବେ ନୂଆ ନୂଆ ଲେଖାଲେଖି କରୁଥିବା ଯୀଶୁକ୍ରିଷ୍ଟା ଦାସ । କାରଣ 'ବାର୍‌କୋଡ୍' ଏମିତି ଏକ ପଦ୍ଧତି, ଯେଉଁଥିରେ ଆପଣଙ୍କୁ କେବଳ କିଛି 'ବାର୍' ବା 'ରେଖା' (ମୋଟା, ପତଳା ପୁଣି ରେଖା ରେଖା ଭିତରେ କମ୍ ବେଶି ବ୍ୟବଧାନ ଥିବ) ହିଁ ଦିଶିବ । ତାହା ସ୍କାନର୍ ରଶ୍ମିରେ ପକାଇଲା ମାତ୍ରେ କମ୍ପ୍ୟୁଟର୍ ପରଦାରେ ଦିଶିବ ଲେଖକଙ୍କ ନାମ, ଜାତି, ଗୋତ୍ର- ସବୁକିଛି । ଏ ହେଉଛି ବାର୍‌କୋଡ୍‌ର କମାଲ୍ । ଖୁବ୍ ଶିଘ୍ର ଏପରି ଏକ ସମୟକୁ ସାମ୍ନା କରିବାକୁ ଆସନ୍ତୁ ପ୍ରସ୍ତୁତ ହେବା ।



★★HIGHLAND★★
*A Highland Group Entity*







Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.

# HIGHLAND DE LA MER PVT. LTD

Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
**www.highlanddelamer.in**


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
sales@highlandmarine.in, + 91 - 9861201752
www.highlandmarine.in

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

**SUPRATIK INFRAVENTURES**

**BRANCH OFFICE :**
**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**
**Website : www.supratikgroup.com**

Associate editor : **Krushna Kumar Mohanty**

Editor : **Subasini Jena**